
# ତୁଙ୍ଗଭଦ୍ରା ତୀରେ



ସୁମିତ୍ରା ସାହୁ

# ତୁଙ୍ଗଭଦ୍ରା ତୀରେ

ମୂଳରଚନା : ଶରଦିନ୍ଦୁ ବନ୍ଦ୍ୟୋପାଧ୍ୟାୟ

ଅନୁବାଦ : ସୁମିତ୍ରା ସାହୁ

ବାଣୀ ପ୍ରକାଶ

D/990, ସେକ୍ଟର-୭

ମର୍କତନଗର, କଟକ-୭୫୩୦୦୨

# ତୁଙ୍ଗଭଦ୍ରା ତୀରେ

ମୂଳରଚନା : ଶରଦିନ୍ଦୁ ବନ୍ଦ୍ୟୋପାଧ୍ୟାୟ

ଅନୁବାଦ : ସୁମିତ୍ରା ସାହୁ

ପ୍ରକାଶକ : ଶ୍ରୀଧର ସାମଲ

**ବାଣୀ ବିକାଶ**

D/୨୨୦, ସେକ୍ଟର-୬, ମର୍କତନଗର, କଟକ-୭୫୩୦୦୨

ପ୍ରକାଶକାଳ : ଦୀପାବଳୀ—୧୯୯୮

ପ୍ରଚ୍ଛଦ : ପବିତ୍ରମୋହନ ଜେନା

ମୁଦ୍ରଣ : ଅରବିନ୍ଦ ଆର୍ଟ ପ୍ରେସ

ଅଲିଶା ବଜାର, କଟକ-୭୫୩୦୦୨

ମୂଲ୍ୟ : ସତୁରୀ ଟଙ୍କା

# ପଦେ କଥା

ବହୁତ ବଙ୍ଗଳା ବହି ଓଡ଼ିଆରେ ଅନୁବାଦ ହୋଇଛି । ବଙ୍ଗଳା ବହି ଓଡ଼ିଆ କରିବା ବଡ଼ ସହଜ ବୋଲି ଅନେକେ କହନ୍ତି । କିନ୍ତୁ ଅନୁବାଦକହିଁ ଜାଣେ, ମର୍ମ ରକ୍ଷା କରି ଭାଷାନ୍ତର କରିବା କେଡ଼େ କଷ୍ଟ । ସୁମିତ୍ରା ଏ ଦିଗରେ ବେଶ୍ ପରିଶ୍ରମ କରିଛନ୍ତି ।

ଏ ବହିଟିକୁ ଅନୁବାଦ କରିବା ପୂର୍ବରୁ ସେ ବହିଟିକୁ ଏକାଧିକବାର ପଢ଼ିଛନ୍ତି । ଓଡ଼ିଶାର ଐତିହ୍ୟ ପ୍ରତିଫଳନ କରିବାରେ ଗ୍ରନ୍ଥଟି ବେଶ୍ ସଫଳ ହୋଇଛି । ଅବଶ୍ୟ ଶରତଚନ୍ଦ୍ର ବାବୁଙ୍କ ଲେଖାରେ ସେ ଅଳ୍ପ ବହୁତେ ବଙ୍ଗୀୟ ଗର୍ବରେ ଅଭିଭୂତ ହୋଇ ପଡ଼ିଥିବାର ଦେଖାଯାଏ । ସେ ଲେଖାର ଢଙ୍ଗ ଓ ମର୍ମକୁ ବଙ୍ଗଳାଭାଷାର ଗ୍ରନ୍ଥରେ ପକାଇବାକୁ ଗଲାବେଳେ ଚରିତ୍ରଗୁଡ଼ିକ ଉତ୍କଳରୁ ଆବିର୍ଭୂତ ହୋଇଥିଲେ ମଧ୍ୟ ସେମାନଙ୍କୁ ବଙ୍ଗୀୟ କରି ପକାଇଛନ୍ତି, ସେମାନଙ୍କ ହାବଭାବରେ ବଙ୍ଗୀୟ ସଂସ୍କୃତି ପ୍ରଦର୍ଶନ କରିଛନ୍ତି । ଯଦି ଇତିହାସ ଦୃଷ୍ଟିରୁ ସେମାନେ ବଙ୍ଗୀୟ, ଉତ୍କଳ ରାଜାର ଅଧୀନ ଓ ସେବାରେ ବ୍ରତୀ ହୋଇଥିବାରୁ ଚରିତ୍ରଗୁଡ଼ିକ ଉତ୍କଳୀୟ ପରମ୍ପରା ପ୍ରଦର୍ଶନ କରିବା କଥା । ତାହା କରାଯାଇ ନାହିଁ ।

ତଥାପି ବହିଟି ପଞ୍ଚଦଶ ଶତାବ୍ଦୀର ଉତ୍କଳୀୟ ରାଜନୀତିର ସମ୍ୟକ୍ ଚିତ୍ର ଦେଇଥିବାରୁ ଲେଖିକା ଓଡ଼ିଆ ଭାଷୀଙ୍କ ନିକଟରେ ଏହାକୁ ପରିଚିତ କରିବାର ଧୃଷ୍ଟତା କରିଛନ୍ତି ।

ତାଙ୍କର ଏ ଉଦ୍ୟମ ପାଠକମାନଙ୍କ ନିକଟରେ ଆଦୃତ ହେବ ବୋଲି ମୋର ଆଶା ।

ସହଦେବ ସାହୁ

## ପ୍ରଥମ ସଂସ୍କରଣ-୧୯ଶ ମୁଦ୍ରଣ—ଆଷାଢ଼ ୧୩୮୭ର ମୁଖବନ୍ଧ

ଏହି କାହାଣୀର ଐତିହାସିକ ପୃଷ୍ଠଭୂମି ରବର୍ଟ ସ୍ୱେଲଙ୍କ ଏ ଫରଗଟନ୍ ଏମ୍ପାୟାର ଏବଂ କେତୋଟି ସମସାମୟିକ ପାଣ୍ଡୁଲିପିରୁ ସଂଗୃହୀତ। ସ୍ୱେଲଙ୍କ ଗ୍ରନ୍ଥଟି ୭୫ ବର୍ଷର ପୁରୁଣା। ତେଣୁ ଡକ୍ଟର ରମେଶ ମଜୁମଦାର ମହାଶୟଙ୍କ ସମ୍ପାଦିତ ଗ୍ରନ୍ଥ ଦ ଦେଲ୍ଲୀ ସୁଲ୍ଟାନେଟ୍ ପାଠ କରି ସ୍ୱେଲ୍ଙ୍କ ତଥ୍ୟଗୁଡ଼ିକୁ ସଂଶୋଧନ କରିନେଇଛି। ମୋର କାହାଣୀରେ ଐତିହାସିକ ଚରିତ୍ର ଥିଲେ ବି କାହାଣୀ ମୌଳିକ; ଘଟଣାକାଳ ଖ୍ରୀଃ ୧୪୩୦ ପାଖାପାଖି। ସେତେବେଳେ ବିଜୟନଗର ରାଜ୍ୟର ପତନ ହେବାକୁ ପ୍ରାୟ ଶହେ ବର୍ଷ ବାକି ଥିଲା।

ଅନେକଙ୍କ ଧାରଣା ପର୍ତ୍ତୁଗୀଜମାନଙ୍କ ଆଗମନ (ଖ୍ରୀ ୧୪୯୮) ପୂର୍ବରୁ ଭାରତବର୍ଷରେ ଆଗ୍ନେୟାସ୍ତ୍ରର ପ୍ରଚଳନ ନ ଥିଲା। ଏ ଏକ ଭ୍ରାନ୍ତ ଧାରଣା। କେହି କେହି ଐତିହାସିକ ଅନୁମାନ କରନ୍ତି, ସୁଲତାନ୍ ଇଲତୁତ୍‌ମିସ୍ ସମୟରେ ଭାରତରେ ଆଗ୍ନେୟାସ୍ତ୍ର ବ୍ୟବହାର ହୋଇଥିଲା। ପରବର୍ତ୍ତୀ କାଳରେ ସ୍ୱୟଂ ବାବର ଶାହ ତାଙ୍କର ଆତ୍ମଜୀବନୀରେ ଲେଖିଯାଇଛନ୍ତି ଯେ ବଙ୍ଗାଳୀ ଯୋଦ୍ଧାମାନେ ଆଗ୍ନେୟାସ୍ତ୍ର ଚାଳନାରେ ନିପୁଣ ଥିଲେ। ଏ କାହାଣୀରେ ଆଗ୍ନେୟାସ୍ତ୍ରର ଅବତାରଣା ଅଳୀକ କଳ୍ପନା ନୁହେଁ। ଅବଶ୍ୟ ବାବରଙ୍କ ଅମଳରେ କ୍ଷୁଦ୍ର ଆଗ୍ନେୟାସ୍ତ୍ରର ଆବିର୍ଭାବ ହୋଇନାହିଁ।

ଦେଶ-ମାନ ସମ୍ବନ୍ଧରେ ସେକାଳର ନାନା ମୁନିର ନାନା ମତ ଦେଖାଯାଏ। ଚାଣକ୍ୟ ଗୋଟିଏ କଥା କହନ୍ତି ତ ଅମର ସିଂହ ଆଉ ଗୋଟିଏ କଥା। ମୁଁ ମୋଟାମୋଟି ୭ ଫୁଟକୁ ୧ ଦଣ୍ଡ, ୨୦ ଗଜକୁ ଏକ ରଜ୍ଜୁ ଏବଂ ୨ ମାଇଲକୁ ୧ କୋଶ ଧରିଛି।

ପରିଶେଷରେ ବକ୍ତବ୍ୟ, ମୋର କାହାଣୀ Fictionised history ନୁହେଁ, Historical fiction.

ଶରଦିନ୍ଦୁ ବନ୍ଦ୍ୟୋପାଧ୍ୟାୟ

ଦକ୍ଷିଣ ଭାରତରେ ଗୋଟିଏ ପ୍ରବଚନ ଅଛି; ଗଙ୍ଗା ଜଳରେ ସ୍ନାନ, ତୁଙ୍ଗାର ଜଳପାନ । ଅର୍ଥାତ୍ ଗଙ୍ଗା ଜଳରେ ସ୍ନାନ କଲେ ଯେତେ ପୁଣ୍ୟ ହୁଏ, ତୁଙ୍ଗାର ଜଳ ପାନକଲେ ସେତେ ପୁଣ୍ୟ । ତୁଙ୍ଗା ଜଳ ଅମୃତତୁଲ୍ୟ, ମୃତ ସଞ୍ଜୀବନୀ ।

ସହ୍ୟାଦ୍ରିର ସୁଦୂର ଦକ୍ଷିଣ ପ୍ରାନ୍ତରୁ ଦୁଇଟି କ୍ଷୁଦ୍ରନଦୀ ବାହାରିଛି, ତୁଙ୍ଗା ଓ ଭଦ୍ରା । ଦୁଇନଦୀ ପର୍ବତରୁ କିଛି ଦୂର ଅଗ୍ରସର ହେବା ପରେ ପରସ୍ପର ମିଶିଛନ୍ତି ଏବଂ ତୁଙ୍ଗାଭଦ୍ରା ନାମ ଧାରଣକରି ପ୍ରବାହିତ ହୋଇଛନ୍ତି । ସ୍ୱଭାବତଃ ତୁଙ୍ଗଭଦ୍ରା ତୁଙ୍ଗା ବା ଭଦ୍ରା ଅପେକ୍ଷା ଗରୀୟସୀ ତା, କିନ୍ତୁ ତାର ପୁଣ୍ୟତୋୟା ଖ୍ୟାତି ନାହିଁ । ତୁଙ୍ଗଭଦ୍ରା ଅନାଦୃତା ନଦୀ ।

ତୁଙ୍ଗଭଦ୍ରାର ଯାତ୍ରାପଥ କିନ୍ତୁ ଅଳ୍ପ ନୁହେଁ । ଭାରତର ପଶ୍ଚିମ ସୀମାନ୍ତରୁ ଯାତ୍ରା ଆରମ୍ଭକରି ସେ ଭାରତର ପୂର୍ବ ସୀମାରେ ବଙ୍ଗୋପସାଗରରେ ପଡ଼ିବାକୁ ଚାହେଁ । ପଥ ତାର ଜଟିଳ, ଶିଳା-ସଙ୍କୁଳ, ନିଃସଙ୍ଗ । କଦାଚିତ୍ ଗୋଟିଏ ଦୁଇଟି କ୍ଷୀଣ ଜଳଧାରା ତା ବକ୍ଷରେ ଲମ୍ଫ ପ୍ରଦାନ କରି ନିଜକୁ ହଜେଇ ଦେଉଛନ୍ତି । ତୁଙ୍ଗଭଦ୍ରା ତରଙ୍ଗର ମଞ୍ଜୀର ବଜାଇ ସେଇ ଦୁର୍ଗମ ପଥରେ ଏକାକିନୀ ଚାଲିଛି ।

ଅର୍ଦ୍ଧାଧିକ ପଥ ଅତିକ୍ରମ କରିବା ପରେ ତୁଙ୍ଗଭଦ୍ରାକୁ ସଙ୍ଗିନୀ ମିଳିଲା । କେବଳ ସଙ୍ଗିନୀ ନୁହେଁ, ଭଗିନୀ ମଧ୍ୟ । କୃଷ୍ଣା ନଦୀ ବି ସହ୍ୟାଦ୍ରିର କନ୍ୟା, କିନ୍ତୁ ତାର ଜନ୍ମସ୍ଥାନ ତୁଙ୍ଗଭଦ୍ରାଠାରୁ ଅନେକ ଦୂରରେ, ଉତ୍ତରରେ । ଦୁଇ ଭଉଣୀ ସେଇ ଏକା ସାଗର ଉଦ୍ଦେଶ୍ୟରେ ଯାତ୍ରା କରିଥିଲେ, ରାସ୍ତାରେ ଦେଖା । ଦି-ଭଉଣୀ କୋଳାକୋଳି ହୋଇ ଏକା ସଙ୍ଗେ ଚାଲିଲେ ।

ତୁଙ୍ଗଭଦ୍ରାର ଜୀବନରେ ସେମିତି କିଛି ସ୍ମରଣୀୟ ଘଟଣା ଘଟିନାହିଁ, ତା କୂଳରେ ତୀର୍ଥ ସିଦ୍ଧାଶ୍ରମ, ମଠ-ମନ୍ଦିର ତୋଳାଯାଇ ନାହିଁ, ତା ଜଳରେ ମହାନଗରୀର ତୁଙ୍ଗ ସୌଧଚୂଡ଼ା ପ୍ରତିବିମ୍ବିତ ହୋଇନାହିଁ । କେବଳ ଥରେ ମାତ୍ର ଦୁଇଶହ ବର୍ଷ ପାଇଁ ତୁଙ୍ଗଭଦ୍ରା ଜୀବନରେ ସୌଭାଗ୍ୟର ଦିନ ଆସିଥିଲା । ତାର ଦକ୍ଷିଣରେ ବିରୂପାକ୍ଷର ପ୍ରସ୍ତର ମୂର୍ତ୍ତିକୁ ବେଢ଼ି ଏକ ବିରାଟ ଦୁର୍ଗ-ନଗରୀ ଗଢ଼ି-ଉଠିଥିଲା । ନଗରୀର ନାମ ବିଜୟନଗର । ସମସ୍ତ କ୍ରମେ ଏହି ବିଜୟନଗର ସମଗ୍ର ଦାକ୍ଷିଣାତ୍ୟକୁ ନିଜର କରଗତ କରିଥିଲା । ବେଶିଦିନ ତଳର କଥା ନୁହେଁ; ମାତ୍ର ଛଅ ଶତାବ୍ଦୀର କଥା । କିନ୍ତୁ ଇତି ମଧ୍ୟରେ ବିଜୟନଗରର ଗୌରବମୟ ସ୍ମୃତି ମଣିଷ ମନରୁ ଲିଭି ଯାଇଥିଲା । ତୁଙ୍ଗଭଦ୍ରାର ଦକ୍ଷିଣ ତୀରରେ ବିଜୟନଗରର କିଛି ବିସ୍ମୃତ ଭଗ୍ନସ୍ତୂପ ମଧ୍ୟରେ କି ପ୍ରକାର ବିଚିତ୍ର ଐତିହ୍ୟ ଲୁଚି ରହିଛି ତାହା ମଣିଷ ଭୁଲି ଯାଇଥିଲା । କେବଳ ତୁଙ୍ଗଭଦ୍ରା ଭୁଲିନାହିଁ ।

କେଉଁ ଏକ ନିସ୍ତବ୍ଧ ସନ୍ଧ୍ୟାରେ, ଆକାଶରେ ସୂର୍ଯ୍ୟ ଯେତେବେଳେ ଅସ୍ତ ଯାଇଛି କିନ୍ତୁ ନକ୍ଷତ୍ର ପରିସ୍ଫୁଟ ହୋଇନାହିଁ, ସେହି ସନ୍ଧିକ୍ଷଣରେ କୃଷ୍ଣା ଓ ତୁଙ୍ଗଭଦ୍ରାର ସଙ୍ଗମସ୍ଥଳର ତ୍ରିକୋଣଭୂମି ଉପରେ ଛିଡ଼ାହୁଅ । କାନଡେରି ଶୁଣ, ଶୁଣିବାକୁ ପାଇବ ତୁଙ୍ଗଭଦ୍ରା କୃଷ୍ଣାର କାନରେ ଚୁପିଚୁପି କହୁଛି, ନିଜର ଗୌରବମୟ ଅତୀତର ଗାଥା ଗାଉଛି । କେତେ ନାମ—ହରିହର, ବୁକ୍କା, କୁମାର କମ୍ପନ, ଦେବରାଜ, ମଲ୍ଲିକାର୍ଜୁନ—ତୁମ କାନରେ ପଡ଼ିବ । କେତେକ କୁଟିଳ ରହସ୍ୟ, କେତେ ବୀରତ୍ୱର କାହାଣୀ, କେତେ କୃତଘ୍ନତା, ବିଶ୍ୱାସଘାତକତା, ପ୍ରେମ, ବିଦ୍ୱେଷ, କୌତୁକ, କୌତୂହଳ, ଜନ୍ମମୃତ୍ୟୁର ବୃତ୍ତାନ୍ତ ଶୁଣିବାକୁ ପାଇବ ।

ତୁଙ୍ଗଭଦ୍ରାର ଏଇ ଊର୍ମିମର୍ମର ଇତିହାସ ନୁହେଁ, ସ୍ମୃତିକଥା । କିନ୍ତୁ ସବୁ ଇତିହାସ ପଛରେ ସ୍ମୃତିକଥା ଲୁଚି ରହିଛି । ଯେଉଁଠି ସ୍ମୃତି ନାହିଁ, ସେଠି ଇତିହାସ ନାହିଁ । ଆମେ ଆଜି ତୁଙ୍ଗଭଦ୍ରାର ସ୍ମୃତିସ୍ରୋତରୁ ଅଞ୍ଜୁଳାଏ ପିଇବା ଆସ ।

□□□

# ପ୍ରଥମ ପର୍ବ

— ଏକ —

କୃଷ୍ଣା ଓ ତୁଙ୍ଗଭଦ୍ରାର ସଙ୍ଗମସ୍ଥଳରେ ପ୍ରାୟ କୋଶେ ଖଣ୍ଡେ ଦୂରରେ ପାଲଟଣା ବଡ ବଡ ତିନୋଟି ନୌକା ସ୍ରୋତର ଉଜାଣିରେ ଚାଲିଛି । ସେମାନେ ବିଜୟନଗର ଅଭିମୁଖେ ଆସୁଛନ୍ତି, ସଙ୍ଗମ ପାରହୋଇ ବାମପଟେ ତୁଙ୍ଗଭଦ୍ରାରେ ପ୍ରବେଶ କରିବେ । ବିଜୟନଗର ପହଞ୍ଚିବାକୁ ଏବେ ସେମାନଙ୍କୁ କିଛି ଦିନ ଲାଗିବ, ସଙ୍ଗମଠାରୁ ବିଜୟନଗର ପ୍ରାୟ ସତୁରି କୋଶ ।

ବୈଶାଖ ମାସର ଅପରାହ୍ଣ । ୧୩୫୨ ଶକାବ୍ଦ ମାତ୍ର ଆରମ୍ଭ ହୋଇଛି ।

ନୌକା ତିନୋଟି ଆଗ ପଛ ହୋଇ ଚାଲିଛନ୍ତି । ପ୍ରଥମ ନୌକାଟି ବିଶାଳ, ଏକ ସମୁଦ୍ରଗାମୀ ବୋଇତ । ଦ୍ୱିତୀୟଟି ଅପେକ୍ଷାକୃତ କ୍ଷୁଦ୍ର ହେଲେ ହେଁ ରଣତରୀ ଆକୃତିରେ ଗଠିତ, ସଙ୍କୀର୍ଣ୍ଣ ଓ ଦ୍ରୁତଗାମୀ; ସେଥିରେ ପଚିଶ ଜଣ ଯୋଦ୍ଧା ସ୍ୱଚ୍ଛନ୍ଦରେ ରହିପାରିବେ । ତୃତୀୟ ନୌକାଟି ଭାରବାହୀ, ଗତି ତାର ମନ୍ଥର । ତେଣୁ ତା ସହିତ ତାଳ ରଖି ଅନ୍ୟ ଦୁଇଟି ବୋଇତ ଧୀର ଗତିରେ ଚାଲିଛି ।

ନୌକା ତିନୋଟି ବହୁଦୂରରୁ ଆସିଛି । ପୂର୍ବ ଦିଗର ସମୁଦ୍ର କୂଳରେ ଅବସ୍ଥିତ କଳିଙ୍ଗଦେଶର ପ୍ରଧାନ ବନ୍ଦର କଳିଙ୍ଗପଟ୍ଟନ, ସେଠାରୁ ତିନିମାସ ପୂର୍ବରୁ ସେମାନଙ୍କ ଯାତ୍ରା ଆରମ୍ଭ ହୋଇଥିଲା । ଏତେଦିନ ପରେ ସେମାନଙ୍କ ଯାତ୍ରା ଶେଷ ହେଉଛି; ଆଉ ସପ୍ତାହେ ମଧ୍ୟରେ ସେମାନେ ବିଜୟନଗରରେ ପହଞ୍ଚିବେ, ଯଦି ପବନ ଅନୁକୂଳ ଥାଏ ।

ସେ ସମୟର କାହାଣୀ । ତାହାର ସହସ୍ର ବର୍ଷ ପୂର୍ବେ ଭାରତର ପ୍ରାଚ୍ୟ ଉପକୂଳରେ ନୌବିଦ୍ୟାର ବିଶେଷ ଉତ୍କର୍ଷ ସାଧିତ ହୋଇଥିଲା । ଉତ୍ତରରେ "ନୌ-ସାଧନୋଦ୍ୟତ" ବଙ୍ଗଦେଶଠାରୁ ଦକ୍ଷିଣରେ ତେଲୁଗୁ ତାମିଲ ଦେଶ ପର୍ଯ୍ୟନ୍ତ ପ୍ରତି ବନ୍ଦରରେ ସମୁଦ୍ରଗାମୀ ବୃହତ୍ ବୋଇତ ତିଆରି ହେଉଥିଲା । ସେଗୁଡ଼ିକୁ ଧରି ଭାରତୀୟ ବଣିକମାନେ ବ୍ରହ୍ମ, ଶ୍ୟାମ, କମ୍ବୋଜ ଓ ସାଗରିକା

ଦ୍ୱୀପପୁଞ୍ଜରେ ବାଣିଜ୍ୟ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଥିଲେ; ଉପନିବେଶ ସ୍ଥାପନ କରୁଥିଲେ, ରାଜ୍ୟ ସ୍ଥାପନ କରୁଥିଲେ । ଏମିତି ବହୁ ଶତାବ୍ଦୀ ଚାଲିଆସିବା ପରେ ଏକଦା କାଳଚକ୍ରର ଝଡ଼ପରି ଆରବ ଜଳଦସ୍ୟୁଙ୍କ ଆବିର୍ଭାବ ହେଲା, ସେମାନଙ୍କ ଆକ୍ରମଣରେ ଭାରତର ଗୌରବ ବୋଇତ ସମୁଦ୍ରର ଲବଣ ଜଳରେ ନିମଗ୍ନ ହେଲା । ତଥାପି ଭାରତର ସମୁଦ୍ର କୂଳେ କୂଳେ ବୋଇତ ଯାତାୟାତ ଏକାବେଳକେ ବନ୍ଦ ହେଲା ନାହିଁ; ସମୁଦ୍ର ଉପକୂଳରେ ନୌଯୋଦ୍ଧାମାନଙ୍କ ଦ୍ୱାରା ସୁରକ୍ଷିତ ହୋଇ ବୋଇତ ଗୋଟିଏ ବନ୍ଦରରୁ ଅନ୍ୟ ବନ୍ଦରକୁ ଯିବାକୁ ଲାଗିଲା । ନଦୀ ପଥରେ ମଧ୍ୟ ନୌ-ବାଣିଜ୍ୟର ଗମନାଗମନ ଅବ୍ୟାହତ ରହିଲା ।

ନୌକା ତିନୋଟି ମଧ୍ୟରୁ ସର୍ବାଗ୍ରଗାମୀ ନୌକାଟିର ମୁଖ୍ୟ ଯାତ୍ରୀ ଥିଲେ କଳିଙ୍ଗ ରାଜକୁମାରୀ କୁମାରୀ ଭଟ୍ଟାରିକା ବିଦ୍ୟୁନ୍ମାଳା । ରାଜକୁମାରୀ ବିଜୟନଗରର ତରୁଣ ରାଜା ଦ୍ୱିତୀୟ ଦେବରାୟଙ୍କୁ ବିବାହ କରିବା ପାଇଁ ବିଜୟନଗର ଯାଉଥିଲେ ।

ପ୍ରଥମ ନୌକାଟି ମୟୂରପଙ୍ଖୀ । ତା'ର ବହୁରଙ୍ଗ ମୟୂର ପରି ଗାଢ଼ ନୀଳ ଓ ସବୁଜ ରଙ୍ଗରେ ଚିତ୍ରିତ; ପାଲରେ ମଧ୍ୟ ନୀଳ ସବୁଜର ବିଚିତ୍ର ଚିହ୍ନଣ । ଦ୍ୱିତୀୟ ନୌକାଟି ମଗରମୁଖୀ; ତହିଁରେ ବର୍ଣ୍ଣବୈଚିତ୍ର୍ୟର ସମ୍ଭାର ନାହିଁ, ଧୂସର ରଙ୍ଗର ନୌକା । ସେଥିରେ ଅଛନ୍ତି ତିରିଶ ଜଣ ନୌଯୋଦ୍ଧା, ସେମାନେ ଏହି ନୌବହରର ରକ୍ଷୀ । ଏମାନଙ୍କ ବ୍ୟତୀତ ନୌକାରେ ଅଛନ୍ତି—ପାଚକ, ସୂପକାର, ନାପିତ ଓ ଅନ୍ୟାନ୍ୟ ଭୃତ୍ୟଗଣ । ଶେଷରେ ଥିବା ନୌକାରେ ବିଭିନ୍ନ ତୈଜସପତ୍ର, ଆବଶ୍ୟକ ବସ୍ତୁ ଓ ଖାଦ୍ୟସାମଗ୍ରୀ ରହିଛି । ଏତେ ସଂଖ୍ୟାରେ ଲୋକ ଦୀର୍ଘଦିନ ଧରି ଭୋଜନ କରିବେ, ସଙ୍ଗରେ ପ୍ରଚୁର ପରିମାଣରେ ତଣ୍ଡୁଳ, ଡାଲି, ଘୃତ, ତୈଳ, ଗହମ, ତିଳ, ଗୁଡ଼, ସର୍କରା, ଲବଣ, ହଳଦି, କାଶମର୍ଦ୍ଦ ପ୍ରଭୃତି ନେଇଛନ୍ତି ।

ନୌକା ତିନୋଟିର ପଶ୍ଚାଦ୍‌ଭାଗରେ ଗୋଟିଏ ଖାଲି ଡଙ୍ଗା ବୋଇତର ଲାଞ୍ଜ ଭଳି ବନ୍ଧାହୋଇ ଅନୁସରଣ କରୁଛି । ଗୋଟିଏ ନୌକାରୁ ଅନ୍ୟ ଏକ ନୌକାକୁ ଯାତାୟାତ କରିବା ସମୟରେ ଏହାର ପ୍ରୟୋଜନ ।

ଏପରି ଭାବରେ ରାଜକୀୟ ଆଡ଼ମ୍ବର ଦ୍ୱାରା ପରିବେଷ୍ଟିତ ହୋଇ ରାଜନନ୍ଦିନୀ ବିଦ୍ୟୁନ୍ମାଳା ବିବାହ କରିବାକୁ ଯାଉଛନ୍ତି । କିନ୍ତୁ ତାଙ୍କ ମନରେ ସୁଖ ନାହିଁ ।

ସେଦିନ ଅପରାହ୍ଣରେ ସେ ନୌକ ଛାତରେ ବସି କ୍ଳାନ୍ତଚକ୍ଷୁରେ ଜଳରାଶି ଉପରେ ଦୃଷ୍ଟି ଦେଇଥିଲେ । ତାଙ୍କର ବୈମାତ୍ରୀ ଭଗିନୀ ମଣିକଙ୍କଣା ତାଙ୍କ ସଙ୍ଗରେ ଥିଲା । ମଣିକଙ୍କଣା କେବଳ ତାଙ୍କ ଭଗ୍ନୀ ନୁହେଁ, ସଖୀ ମଧ୍ୟ । ତେଣୁ ବିଦ୍ୟୁନ୍ମାଳା

ଯେତେବେଳେ ବିବାହ ପାଇଁ ଯାଉଛନ୍ତି, ସେତେବେଳେ ମଣିକଙ୍କଣା ସ୍ୱେଚ୍ଛାରେ ସଙ୍ଗରେ ଆସିଛନ୍ତି । ବର ଇଚ୍ଛାକଲେ ବଧୂ ସହ ତା'ର ଅନୂଢ଼ାଭଗ୍ନୀକୁ ମଧ୍ୟ ଗ୍ରହଣ କରିପାରେ । ଇଚ୍ଛା ନ କଲେ ପାତ୍ରକୁଳର ଅନ୍ୟ କେହି ତାକୁ ବିବାହ କରିବେ । ଏହି ପ୍ରଥା ଆବାହମାନ କାଳରୁ ପ୍ରଚଳିତ ଥିଲା ।

ମଣିକଙ୍କଣା ବିଦ୍ୟୁନ୍ମାଳାଙ୍କ ବୈମାତ୍ରୀ ଭଗ୍ନୀ, କିନ୍ତୁ ଏହା ସହିତ ଆଉ ଗୋଟିଏ ପ୍ରଭେଦ ଥିଲା । ବିଦ୍ୟୁନ୍ମାଳାଙ୍କ ମାତା ପଟ୍ଟମହିଷୀ ରୁକ୍ମିଣୀ ଦେବୀ ଥିଲେ ଆର୍ଯ୍ୟା, କିନ୍ତୁ ମଣିକଙ୍କଣର ମାତା ଚମ୍ପାଦେବୀ ଅନାର୍ଯ୍ୟା । ଆର୍ଯ୍ୟଗଣ ପ୍ରଥମେ ଦକ୍ଷିଣ ଭାରତକୁ ଆସି ଗୋଟିଏ ସୁନ୍ଦର ସ୍ୱତ ପ୍ରବର୍ତ୍ତନ କରିଥିଲେ; ଆର୍ଯ୍ୟପୁରୁଷ ବିବାହ ସମୟରେ ଆର୍ଯ୍ୟାବଧୂ ସହ ଜଣେ ଅନାର୍ଯ୍ୟା ବଧୂ ମଧ୍ୟ ଗ୍ରହଣ କରୁଥିଲେ । ବଂଶବୃଦ୍ଧି ହିଁ ପ୍ରଧାନ ଉଦ୍ଦେଶ୍ୟ, ସନ୍ଦେହ ନାହିଁ; କିନ୍ତୁ କହିବାକୁ ଗଲେ ପ୍ରଥାଟି ଲୋଭନୀୟ ହୋଇଥିବାରୁ ବୋଧହୁଏ ଅଦ୍ୟାବଧି ଚଳିଆସୁଛି । ଆର୍ଯ୍ୟାପତ୍ନୀଙ୍କ ମର୍ଯ୍ୟାଦା ଅବଶ୍ୟ ଅଧିକ ଥିଲା, କିନ୍ତୁ ଅନାର୍ଯ୍ୟା ପତ୍ନୀ ମଧ୍ୟ ମାନନୀୟା ଥିଲେ ।

ବିଦ୍ୟୁନ୍ମାଳା ଓ ମଣିକଙ୍କଣାର ବୟସ ପ୍ରାୟ ସମାନ, ଦୁଇ-ଏକ ମାସର ଜ୍ୟେଷ୍ଠ ବଡ଼ । କିନ୍ତୁ ଆକୃତି ଓ ପ୍ରକୃତିରେ ଅନେକ ତଫାତ୍ । ଅଷ୍ଟାଦଶ ବର୍ଷୀୟା ବିଦ୍ୟୁନ୍ମାଳାଙ୍କ ଆକୃତି ବର୍ଣ୍ଣନା କରିବାକୁ ହେଲେ ପ୍ରାଚୀନ ଉପମାର ସାହାଯ୍ୟ ନେବାକୁ ପଡ଼େ । ତନ୍ୱୀ, ତପ୍ତକାଞ୍ଚନବର୍ଣ୍ଣା, ପକ୍ୱବିମ୍ବାଧରୋଷ୍ଠୀ, କିନ୍ତୁ ଚକିତହରିଣୀ ପରି ଚଞ୍ଚଳନୟନା ନୁହଁ । ନବଘନ କୃଷ୍ଣବର୍ଣ୍ଣ ଚକ୍ଷୁଦ୍ୱୟ ଶାନ୍ତ ଅପ୍ରଗଲ୍ଭ; ସର୍ବାଙ୍ଗର ଉଚ୍ଛ୍ୱସିତ ଯୌବନ ଯେମିତି ଚକ୍ଷୁଦ୍ୱୟରେ ଆସି ସ୍ଥିର ନିସ୍ତରଙ୍ଗ ହୋଇଯାଇଛି । ତାଙ୍କ ସ୍ୱଭାବରେ ମଧ୍ୟ ଏକ ମଧୁର ଭାବମନ୍ଥର ଗମ୍ଭୀରତା ଅଛି ଯାହା ସହଜରେ ବିଚଳିତ ହୁଏ ନାହିଁ । ଅନ୍ତଃସଲିଳା ପ୍ରକୃତି, ବହିର୍ନିର୍ଦ୍ଦେଶରୁ ଅନ୍ତରର ପରିଚୟ ଅଳ୍ପ ହିଁ ମିଳେ ।

ମଣିକଙ୍କଣା ଠିକ୍ ଏହାର ବିପରୀତ । ସେ ତନ୍ୱୀ ନୁହଁ, ଦୀର୍ଘାଙ୍ଗୀ ନୁହଁ, ତା'ର ସୁବଳିତ ଦୃଢ଼ ସ୍ତନଯୁଗଳ ଥିବା ଶରୀରଟି ଯେମିତି ଯୌବନର ଉଦ୍‌ବେଳ ଉଚ୍ଛ୍ୱାସ ଚୁପି ରଖିପାରୁ ନାହିଁ । ଚଞ୍ଚଳ ଚକ୍ଷୁ ଦ୍ୱୟ ଖଞ୍ଜନପକ୍ଷୀ ଭଳି ସଞ୍ଚରଣଶୀଳ, ଅଧର ନବ କିଶଳୟ ସମ ରକ୍ତିମ । ଶରୀରର ବର୍ଣ୍ଣ ବିଦ୍ୟୁନ୍ମାଳାଙ୍କ ପରି ଉଜ୍ଜ୍ୱଳ ଗୌରବର୍ଣ୍ଣ ନୁହଁ, ଟିକେ ମଳିନ; ଯେମିତି ସ୍ୱର୍ଣ୍ଣକଳସ ଉପରେ କଅଁଳ ଦୁବଘାସର ଛାୟା ପଡ଼ିଛି । କିନ୍ତୁ ଦେଖିବାକୁ ଖୁବ୍ ସୁନ୍ଦର । ତା' ପ୍ରକୃତି ମଧ୍ୟ ବଡ଼ ମଧୁର, ଆଦୌ ଅନ୍ତର୍ମୁଖୀ ନୁହଁ; ବାହାର ପୃଥିବୀରେ ତା'ମନ ହଜିଯାଇଛି । ମନରେ ଚିନ୍ତା-ଭାବନା ବେଶି ନାହିଁ, କିନ୍ତୁ ସକଳକର୍ମରେ

ପକ୍ଷୀସ୍ପୃହୀ, ବିଚିତ୍ର ଏବଂ ନୂତନ ନୂତନ କାର୍ଯ୍ୟରେ ଲିପ୍ତହେବା ପାଇଁ ସେ ସର୍ବଦା ଉନ୍ମୁଖ । ପୃଥିବୀଟା ତା'ର ରଙ୍ଗକୌତୁକ ଧୂଳିଖେଳର କ୍ରୀଡ଼ାଭୂମି ।

କିନ୍ତୁ ତିନି ମାସ ନିରବଚ୍ଛିନ୍ନ ନୌକାରୋହଣ କରି ଭଗ୍ନି ଦ୍ୱୟ କ୍ଲାନ୍ତ । ପ୍ରଥମେ ପ୍ରଥମେ ସାଗରର ଶ୍ୟାମକାନ୍ତ ଦୃଶ୍ୟ ସେମାନଙ୍କୁ ମୁଗ୍ଧ କରିଥିଲା, ତାପରେ ନଦୀପଥର ଦୁଇତୀରରେ ନିତ୍ୟପରିବର୍ତ୍ତିମାନ ଚଳଛବି କିଛିଦିନ ସେମାନଙ୍କ ହୃଦୟ ଆକର୍ଷଣକରି ରଖିଥିଲା । ନଦୀକୂଳର କେତେବେଳେ ଗ୍ରାମ କେତେବେଳେ ଶସ୍ୟକ୍ଷେତ୍ର କେତେବେଳେ ଶିଳାବନ୍ଧୁର ତଟପ୍ରପାତ କେଉଁଠି ବା ଜଳର ମଧ୍ୟଭାଗରେ ମଗରାକୃତି ବାଲିଚର ବାଲିଚର ଉପରେ ବିଭିନ୍ନ ଜାତିର ଜଳଚର ପକ୍ଷୀ ସବୁ ଅତି ସୁନ୍ଦର । କିନ୍ତୁ କ୍ରମାଗତ ଗୋଟିଏ ଦୃଶ୍ୟର ପୁନରାବୃତ୍ତି ଦେଖି ଦେଖି ଆଉ ଭଲ ଲାଗୁନାହିଁ । ନୌକାର ସଙ୍କୀର୍ଣ୍ଣ ପରିସର ମଧ୍ୟରେ ସୀମାବଦ୍ଧ ଜୀବନଯାତ୍ରା ଅସହ୍ୟ ମନେହେଉଛି, ସ୍ଥଳଚର ଜୀବର ସ୍ଥଳାକାଂକ୍ଷା ଦୁର୍ବାର ହୋଇଉଠିଛି ।

ସେଦିନ ଦୁଇ ଭଗିନୀ ପାଲସ୍ତମ୍ଭରେ ଗୁଣବୃକ୍ଷ କାଣ୍ଡରେ ପିଠି ରଖି ପାଦ ଲମ୍ବାଇ ବସିଥିଲେ । ଛାତଉପରେ ଅନ୍ୟ କେହି ନାହିଁ; ନୌକାର ପଶ୍ଚାତ୍‌ଭାଗରେ ମାଝି ଏକାକୀ ହାଲ ଧରି ବସିଛି । ସେ ଛାତଉପରୁ ଦେଖିପାରୁ ନାହିଁ । ବିଦ୍ୟୁନ୍ମାଳାଙ୍କ କ୍ଲାନ୍ତ ଚକ୍ଷୁ ଜଳ ଉପରେ ନିବଦ୍ଧ, ମଣିକଙ୍କଣାର ଚକ୍ଷୁ ଦ୍ୱୟ ପିଞ୍ଜରାବଦ୍ଧ ପକ୍ଷୀ ଭଳି ଛଟପଟ କରି ଚତୁର୍ଦ୍ଦିଗରେ ଘୂରିଆସୁଛି । ମଣିକଙ୍କଣାର ମନରେ ଅନେକ ଅସନ୍ତୋଷ ଜମାହୋଇ ଉଠୁଛି । ଏହି ନୌକାଯାତ୍ରାର କି ଶେଷ ନାହିଁ ? ଆଉ ତ ସହ୍ୟ କରିହେବ ନାହିଁ । ସହସା ତା'ର ଅଧୀରତା ବାଙ୍ମୂର୍ତ୍ତି ଧାରଣପୂର୍ବକ ବାହାରି ଆସିଲା, ସେ ବିଦ୍ୟୁନ୍ମାଳା ଆଡ଼କୁ ମୁହଁ ବୁଲାଇ କହିଲା—"ଗୋଟିଏ କଥା କହ ତ ଦେଖି ମାଲା । ସବୁ କାଳରେ ବିବାହ ପାଇଁ ବର କନ୍ୟାଗୃହକୁ ଯାଏ । କିନ୍ତୁ ତୁ ବର ଘରକୁ ବିବାହ କରିବା ପାଇଁ ଯାଉଛୁ ଏ କେମିତି କଥା ?"

ସତ ତ, ଏ କେମିତି କଥା ! ଏହି ବିପରୀତ ଆଚରଣର ମୂଳ ଅନ୍ୱେଷଣ କରିବାକୁ ହେଲେ ଇତିହାସର କିଛି ଚର୍ଚ୍ଚା କରିବାକୁ ହେବ ।

— ଦୁଇ —

ସଙ୍ଗମ ବଂଶୀୟ ଦୁଇ ଭାଇ ହରିହର ଓ ବୁକ୍କା ବିଜୟନଗର ରାଜ୍ୟ ପ୍ରତିଷ୍ଠା କରିଥିଲେ । ସେମାନଙ୍କ ଜୀବନ ଚରିତ ଅତି ବିଚିତ୍ର । ଦିଲ୍ଲୀ ସୁଲତାନ ମହମ୍ମଦ ତୁଗ୍‌ଲକ ଭ୍ରାତୃଦ୍ୱୟଙ୍କ ଅସାମାନ୍ୟ ରାଜନୈତିକ ପ୍ରତିଭା ଲକ୍ଷ୍ୟକରି ସେମାନଙ୍କୁ ବଳପୂର୍ବକ ମୁସଲମାନ କରିଦେଇ ଥିଲେ । ସେ ସମୟରେ ଗୁଣୀ ଓ କର୍ମକୁଶଳ ହିନ୍ଦୁ ପାଇବା ମାତ୍ରେ ହିଁ ମୁସଲମାନ ରାଜାମାନେ ସେମାନଙ୍କୁ ବଳପୂର୍ବକ ମୁସଲମାନ କରି ସ୍ୱକାର୍ଯ୍ୟରେ ନିଯୁକ୍ତ କରୁଥିଲେ । କିନ୍ତୁ ହରିହର ଓ ବୁକ୍କା ବେଶି ଦିନ ମୁସଲମାନ ହୋଇ ରହି ନ ଥିଲେ । ସେମାନେ ପଳାୟନ କରି ଶୃଙ୍ଗେରି ଶଙ୍କରମଠର ଜନୈକ ସନ୍ନ୍ୟାସୀଙ୍କ ଶରଣାପନ୍ନ ହେଲେ । ସନ୍ନ୍ୟାସୀଙ୍କ ନାମ ବିଦ୍ୟାରଣ୍ୟ, ସେ ସେମାନଙ୍କୁ ହିନ୍ଦୁଧର୍ମରେ ପୁନର୍ଦୀକ୍ଷିତ କଲେ । ତତ୍ପରେ ଭ୍ରାତୃଦ୍ୱୟ ଗୁରୁଙ୍କ ସାହାଯ୍ୟରେ ହିନ୍ଦୁରାଜ୍ୟ ବିଜୟନଗର ସ୍ଥାପନ କଲେ । ବିଜୟନଗରର ପୁରାତନ ନାମ ବିଦ୍ୟାନଗର, ପରେ ଅପଭ୍ରଂଶ ହୋଇ ବିଜୟନଗର ନାମ ହେଲା ।

କୃଷ୍ଣାନଦୀର ଦକ୍ଷିଣରେ ଯେତେବେଳେ ହିନ୍ଦୁରାଜ୍ୟ ପ୍ରତିଷ୍ଠାହେବାକୁ ଯାଉଥିଲା, ଠିକ୍ ସେହି ସମୟରେ କୃଷ୍ଣାର ଉତ୍ତରତୀରରେ ଜନୈକ ଶକ୍ତିଶାଳୀ ମୁସଲମାନ ଦିଲ୍ଲୀର ନାଗପାଶ ଛିନ୍ନକରି ଗୋଟିଏ ସ୍ୱାଧୀନ ମୁସଲମାନ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଏହି ରାଜ୍ୟର ନାମ ବାହମନୀ ରାଜ୍ୟ । ପରବର୍ତ୍ତୀ କାଳରେ ବିଜୟନଗର ଓ ବାହମନୀ ରାଜ୍ୟ ମଧ୍ୟରେ ବାଦ-ବିସମ୍ବାଦ ଯୁଦ୍ଧ-ବିଗ୍ରହ ପ୍ରାୟ ଚିରସ୍ଥାୟୀ ହୋଇ ଦଣ୍ଡାୟମାନ ହୋଇଥିଲା । ବାହମନୀ ରାଜ୍ୟର ଚେଷ୍ଟା କୃଷ୍ଣାର ଦକ୍ଷିଣରେ ମୁସଲମାନ ଅଧିକାର ପ୍ରସାରିତ କରିବା, ବିଜୟନଗରର ପ୍ରତିଜ୍ଞା କୃଷ୍ଣାର ଦକ୍ଷିଣରେ ମୁସଲମାନମାନଙ୍କୁ ପ୍ରବେଶ କରାଇ ନ ଦେବା ।

ଅନୁମିତ ହୁଏ ରାଜ୍ୟ ପ୍ରତିଷ୍ଠାର ଶତବର୍ଷ ପରେ ଯିଏ ବିଜୟନଗରର ରାଜା ହେଲେ ତାଙ୍କ ନାମ ଦେବରାୟ । ଇତିହାସରେ ସେ ପ୍ରଥମ ଦେବରାୟ ନାମରେ ପରିଚିତ । ଦେବରାୟ ଅସାଧାରଣ ରାଜ୍ୟଶାସକ ଓ ରଣକୁଶଳୀ ଥିଲେ । ସେ ତୁରସ୍କରୁ ଧନୁର୍ଦ୍ଧାରୀ ସୈନ୍ୟ ଆଣାଇ ନିଜ ସୈନ୍ୟବାହିନୀ ଦୃଢ଼ କରାଇଥିଲେ ଏବଂ ଯୁଦ୍ଧରେ ଆଗ୍ନେୟାସ୍ତ୍ର ବ୍ୟବହାର ପ୍ରଚଳନ କରାଇଥିଲେ । ତାଙ୍କର ପଚିଶ ବର୍ଷବ୍ୟାପୀ ଶାସନକାଳରେ ସମଗ୍ର ଦାକ୍ଷିଣାତ୍ୟ ବିଜୟନଗରର ପଦାନତ ହୋଇଥିଲା, ମୁସଲମାନ ରାଜଶକ୍ତି କୃଷ୍ଣାର ଦକ୍ଷିଣରେ ପଦାର୍ପଣ କରିବାକୁ ସମର୍ଥ ହୋଇ ନ ଥିଲା ।

କିନ୍ତୁ ଦେବରାୟଙ୍କ ଦୁଇ ପୁତ୍ର ରାମଚନ୍ଦ୍ର ଓ ବିଜୟରାୟ ଥିଲେ କର୍ମବିମୁଖ ଅପଦାର୍ଥ । ସୌଭାଗ୍ୟକ୍ରମେ ବିଜୟରାୟଙ୍କ ପୁତ୍ର ଦ୍ୱିତୀୟ ଦେବରାୟ ପିତାମହଙ୍କ ସଦୃଶ ଧୀମାନ ଓ ରଣଦକ୍ଷ ଥିଲେ । ତେଣୁ ପ୍ରଥମ ଦେବରାୟ ନିଜର ମୃତ୍ୟୁ ଆସନ୍ନ ଜାଣି ପୁତ୍ରଦ୍ୱୟଙ୍କ ସହିତ ତରୁଣ ପୌତ୍ରଙ୍କୁ ମଧ୍ୟ ଯୁବରାଜପଦରେ ଅଭିଷେକ କଲେ ଏବଂ କେତେକାଂଶରେ ନିଶ୍ଚିନ୍ତ ହୃଦୟରେ ଦେହତ୍ୟାଗ କଲେ ।

ତରୁଣ ଦେବରାୟ ପିତୃବ୍ୟଙ୍କୁ ଏଡ଼ାଇ ଦେଇ ରାଜ୍ୟର ଶାସନ ଭାର ସ୍ୱହସ୍ତରେ ଗ୍ରହଣ କରିଥିଲେ । ଏହା ପରେ ଆଠ ବର୍ଷ ଅତୀତ ହୋଇଯାଇଛି । ପିତୃବ୍ୟ ରାମଚନ୍ଦ୍ର ବେଶି ଦିନ ବଞ୍ଚିଲେ ନାହିଁ, କିନ୍ତୁ ପିତା ବିଜୟ ରାୟ ଅଦ୍ୟାପି ଜୀବିତ ଅଛନ୍ତି; ରାଜା ହେବାର ଉଚ୍ଚାକାଂକ୍ଷା ତାଙ୍କର ନାହିଁ, ପ୍ରୌଢ଼ ବୟସରେ ରାଜପ୍ରାସାଦରେ ବସି ସେ ଦୁଷ୍ଟ ଶିଶୁ ପରି ବିଚିତ୍ର ଖେଳ ଖେଳୁଛନ୍ତି ।

ଦେବରାୟଙ୍କ ବୟସ ବର୍ତ୍ତମାନ ପଞ୍ଚବିଂଶ ବର୍ଷ । ତାଙ୍କ ଶରୀର ଯେପରି ଦୃଢ଼ ଓ ସୁଗଠିତ, ଚରିତ୍ର ମଧ୍ୟ ସେମିତି ବଜ୍ର କଠିନ । ଗମ୍ଭୀର, ମିତଭାଷୀ ସଙ୍କଳ୍ପବଦ୍ଧ ପୁରୁଷ । ରାଜ୍ୟ ଶାସନ ଆରମ୍ଭ କରି ସେ ଦେଖିଲେ, ମ୍ଲେଚ୍ଛ ଶତ୍ରୁ ତ ନିଶ୍ଚେଷ୍ଟ ଅଛନ୍ତି, ଅପରନ୍ତୁ ହିନ୍ଦୁ ରାଜାମାନେ ମଧ୍ୟ ନିରନ୍ତର ପରସ୍ପର ସହ ବିବାଦରତ, ସେମାନଙ୍କ ମଧ୍ୟରେ ଏକତା ନାହିଁ, ସହଧର୍ମିତା ନାହିଁ । ଅଥଚ ମ୍ଲେଚ୍ଛ ଶକ୍ତିର ଗତିରୋଧ କରିବାକୁ ହେଲେ ସଂଘବଦ୍ଧ ହେବା ଏକାନ୍ତ ପ୍ରୟୋଜନ । ଦେବରାୟ ଜଣ ଜଣ କରି ରାଜକନ୍ୟା ବିବାହ କରିବା ଆରମ୍ଭ କଲେ । ଯୁଦ୍ଧ ଦ୍ୱାରା ଯାହା ଐକ୍ୟ ସାଧନ ହୋଇ ନ ପାରେ କୁଟୁମ୍ବ ସମ୍ପର୍କ ଦ୍ୱାରା ହୋଇପାରେ । ସେ ସମୟରେ ରାଜନ୍ୟବର୍ଗ ମଧ୍ୟରେ ଏ ପ୍ରକାର ବିବାହ ବିରଳ ନ ଥିଲା, ବରଂ ରାଜନୈତିକ କୂଟକୌଶଳ ରୂପେ ପ୍ରଶଂସାର୍ହ କାର୍ଯ୍ୟ ବୋଲି ବିବେଚିତ ହେଉଥିଲା ।

ସବୁ ରାଜା ଅବଶ୍ୟ ସ୍ୱେଚ୍ଛାରେ କନ୍ୟାଦାନ କରି ନ ଥିଲେ, କାହା କାହା ଉପରେ ବଳପ୍ରୟୋଗ କରିବାକୁ ହୋଇଥିଲା । ସବୁଠାରୁ ଅଧିକ କଷ୍ଟ ଦେଇଥିଲେ କଳିଙ୍ଗର ରାଜା ଗଜପତି ଚତୁର୍ଥ ଭାନୁଦେବ ।

ଦାକ୍ଷିଣାତ୍ୟର ପୂର୍ବ ପ୍ରାନ୍ତରେ ସମୁଦ୍ର କୂଳରେ କଳିଙ୍ଗ ରାଜ୍ୟ, ବିଜୟ ନଗରଠାରୁ ବହୁ ଦୂର । ଦେବରାୟଙ୍କ ଦୂତ ବିବାହ ପ୍ରସ୍ତାବ ନେଇ ଉପସ୍ଥିତ ହେଲେ । କଳିଙ୍ଗରାଜ ଭାନୁଦେବ ଭାବିଲେ, ଏହି ବିବାହ ପ୍ରସ୍ତାବ ପ୍ରକାରାନ୍ତରେ ତାଙ୍କୁ ବିଜୟନଗରର ବଶ୍ୟତା ସ୍ୱୀକାର କରିବାର ଆମନ୍ତ୍ରଣ । ସେ ଅତ୍ୟନ୍ତ କ୍ରୁଦ୍ଧ ହୋଇ ପ୍ରତିବେଶୀ ଆନ୍ଧ୍ର ରାଜ୍ୟ ସୈନ୍ୟସାମନ୍ତ ଧରି ଆକ୍ରମଣ କଲେ, କାରଣ ଆନ୍ଧ୍ର ରାଜ୍ୟ ବିଜୟନଗରର ମିତ୍ର ।

ସମ୍ବାଦ ଅବଗତ ହୋଇ ଦେବରାୟ ସୈନ୍ୟ ପ୍ରେରଣ କଲେ । ଯୁଦ୍ଧ ହେଲା । ଯୁଦ୍ଧରେ ଭାନୁଦେବ ପରାଜିତ ହୋଇ ଶାନ୍ତି ଭିକ୍ଷା କଲେ । ଶାନ୍ତିର ସର୍ତ୍ତ ସ୍ୱରୂପ ତାଙ୍କୁ ଦେବରାୟଙ୍କ ହସ୍ତରେ ନିଜର କନ୍ୟାକୁ ସମର୍ପଣ କରିବାର ପ୍ରସ୍ତାବ ସ୍ୱୀକାର କରିବାକୁ ହେଲା । ଦେବରାୟ କିନ୍ତୁ ବିବାହ କରିବାକୁ ଶ୍ୱଶୁର ଗୃହକୁ ଆସି ପାରିବେ ନାହିଁ; କନ୍ୟାକୁ ବିଜୟନଗର ପ୍ରେରଣ କରିବାକୁ ପଡ଼ିବ, ସେଠାରେ ବିବାହ କ୍ରିୟା ସମ୍ପନ୍ନ ହେବ ।

ସେ ସମୟରେ ରାଜାମାନେ ନିଜ ଦେଶ ଛାଡ଼ି ଦୂରକୁ ଯିବା ନିରାପଦ ମଣୁ ନ ଥିଲେ । ଚତୁର୍ଦ୍ଦିଗରେ ଶତ୍ରୁ ଛକି ରହିଛନ୍ତି, ସିଂହାସନ ଶୂନ୍ୟ ଦେଖିଲା ମାତ୍ରେ ହିଁ ଝାମ୍ପ ଦେବେ । ତା ଛଡ଼ା ଗୃହ ଶତ୍ରୁ ତ ଅଛନ୍ତି ।

ଭାନୁଦେବ କନ୍ୟାକୁ ବିଜୟନଗର ପଠାଇବାର ବ୍ୟବସ୍ଥା କଲେ । ସ୍ଥଳପଥ ଅତି ଦୁର୍ଗମ ଓ ବିପଜ୍ଜନକ; କନ୍ୟା ଜଳପଥରେ ଯିବ । କଳିଙ୍ଗ ପତ୍ତନ ବନ୍ଦରରେ ଛଗୋଟି ବୋଇତ ସଜ୍ଜିତ ହେଲା । ଖାଦ୍ୟସାମଗ୍ରୀ, ଉପଢୌକନ ଓ ଜଳଯୋଦ୍ଧାଙ୍କ ଦଳ ସଙ୍ଗରେ ଥିବେ । ରାଜଦୁହିତା ବିଦ୍ୟୁନ୍ମାଳା ସଖୀ ପରିଜନ ନେଇ ନୌକା ଆରୋହଣ କଲେ । ନୌକା ଛଗୋଟି ସମୁଦ୍ର ପଥରେ ଦକ୍ଷିଣକୁ ଚାଲିଲା । ତତ୍ପରେ କୃଷ୍ଣା ନଦୀର ମୁହାଣରେ ପହଞ୍ଚି ନଦୀରେ ପ୍ରବେଶ କଲା । ସେ ପର୍ଯ୍ୟନ୍ତ ନୌକା ଛଗୋଟି ଉଜାଣିରେ ଚାଲିଛି ।

ଯାତ୍ରା ଶେଷ ହେବାକୁ ବେଶି ବିଳମ୍ବ ନାହିଁ । ଇତି ମଧ୍ୟରେ ରାଜକନ୍ୟା ବ୍ୟସ୍ତ ଅଧୀର ଓ ଉତ୍ୟକ୍ତ ହୋଇ ଉଠିଛନ୍ତି । ସଙ୍ଗରେ କନ୍ୟାକର୍ତ୍ତା ଭାବେ ଆସିଛନ୍ତି ମାତୁଳ ଚମ୍ପକ ମୂର୍ତ୍ତି ଏବଂ ରାଜକନ୍ୟାମାନଙ୍କ ଧାତ୍ରୀ ମନ୍ଦୋଦରୀ । ରାଜବୈଦ୍ୟ ରସରାଜ ମଧ୍ୟ ସଙ୍ଗରେ ଅଛନ୍ତି । ଏମାନଙ୍କ କଥା କ୍ରମଶଃ ବକ୍ତବ୍ୟ ।

—ତିନି—

ମଣିକଙ୍କଣାର କଥା ଶୁଣି କୁମାରୀ ବିଦ୍ୟୁନ୍ମାଳା ତା ଆଡ଼େ ମୁହଁ ଫେରାଇଲେ ନାହିଁ, ସାମନାକୁ ଚାହିଁ ଅଳସ କଣ୍ଠରେ କହିଲେ—"କଙ୍କଣା, ତୁ ହସେଇଲୁ । ଏଇଟା କ'ଣ ବିବାହ ! ଏ ତ ରାଜନୈତିକ ପଶାଖେଳର ଚାଲ ।"

ମଣିକଙ୍କଣା ପାଦ ସଳଖି ବିଦ୍ୟୁନ୍ମାଳା ଆଡ଼େ ଫେରି ଚାହିଁଲା, କହିଲା—"ହଉ ପଶାଖେଳର ଚାଲ । ବର ବିବାହ କରିବାକୁ ଆସିବ ନାହିଁ କାହିଁକି ?"

ସମ୍ମୁଖରେ ଅର୍ଦ୍ଧ କୋଶ ଦୂରରେ ଦୁଇ ନଦୀ ମିଶି ଯେଉଁଠି ଉଚ୍ଛ୍ୱଳ କଳଭଉଁରୀ ସୃଷ୍ଟି କରି ପ୍ରବାହିତ ହୋଇଛନ୍ତି, ସେ ଦିଗକୁ ଚାହିଁ ବିଦ୍ୟୁନ୍ମାଳାଙ୍କ ଅଧର ପ୍ରାନ୍ତରେ ଏକ ବଙ୍କିମ ହାସ୍ୟରେଖା ଫୁଟି ଉଠିଲା । ସେ କହିଲେ—"ତିନି ତିନିଟା ସ୍ତ୍ରୀ ଛାଡ଼ି ଆସିବା କ'ଣ ସହଜ କଥା ? ସେଇଥିପାଇଁ ବୋଧହୁଏ ଆସି ପାରିନି ।"

ମଣିକଙ୍କଣା ହସ ହସ ମୁହଁରେ କିଛି ସମୟ ଚାହିଁ ରହିଲା, ତାପରେ ବିଦ୍ୟୁନ୍ମାଳାଙ୍କ ବାହୁରେ ହାତ ରଖି କହିଲା—"ମହାରାଜ ଦେବରାୟଙ୍କ ତିନି ଜଣ ରାଣୀ ଅଛନ୍ତି, ତୁ ଚତୁର୍ଥୀ ହେବୁ । ସେଇଥିପାଇଁ ବୋଧହୁଏ ତୋତେ ଭଲ ଲାଗୁ ନାହିଁ ।"

ବିଦ୍ୟୁନ୍ମାଳା ଏବେ ମଣିକଙ୍କଣା ଆଡ଼େ ଆଖି ଫେରାଇଲେ—"ତୋତେ ବୋଧହୁଏ ଭଲ ଲାଗୁଛି ?"

ମଣିକଙ୍କଣା କହିଲା—"ମୋତେ ଭଲ ଲାଗୁ ନାହିଁ କି ଖରାପ ବି ଲାଗୁ ନାହିଁ । ରାଜାମାନଙ୍କର ଅନେକ ରାଣୀ ଥାଆନ୍ତି । ଜଣେ ରାଜାର ଜଣେ ରାଣୀ କେବେହେଲେ ଶୁଣିନି ।"

ବିଦ୍ୟୁନ୍ମାଳା କହିଲେ—"ମୁଁ ଶୁଣିଛି, ରାମଚନ୍ଦ୍ରଙ୍କ ଜଣେ ମାତ୍ର ସୀତା ଥିଲେ ।"

ମଣିକଙ୍କଣ ହସିଲା—"ସେ ତ ତ୍ରେତୟା ଯୁଗ କଥା । କଳିକାଳର ଝିଅ ଶସ୍ତା, ତେଣୁ ପୁରୁଷଗୁଡ଼ାକ ଯିଏ ଯେତେ ପାରେ ବିବାହ କରେ । ଯେମିତି ଅବସ୍ଥା ସେମିତି ବ୍ୟବସ୍ଥା ।"

ବିଦ୍ୟୁନ୍ମାଳାଙ୍କ କଣ୍ଠସ୍ୱର ଟିକେ ଉତ୍ତେଜିତ ଜଣାଗଲା—"କି ଅଯୌକ୍ତିକ ବ୍ୟବସ୍ଥା ? ସ୍ତ୍ରୀ ଯଦି ସମ୍ପୂର୍ଣ୍ଣଭାବେ ସ୍ୱାମୀକୁ ନ ପାଏ, ତାହେଲେ ବିବାହର କିଛି ମାନେ ହୁଏନା ।"

ମଣିକଙ୍କଣା କିଛି ସମୟ ନୀରବ ରହି କହିଲା—"ସମ୍ପୂର୍ଣ୍ଣରୂପେ ପାଇବା ତୁ କାହାକୁ କହୁଛୁ ? ସ୍ୱାମୀ ତ ଆଉ ସ୍ତ୍ରୀର ସମ୍ପତ୍ତି ନୁହେଁ ଯେ କାହାକୁ ଭାଗ ଦେବ ନାହିଁ । ବରଂ ସ୍ତ୍ରୀ ହିଁ ସ୍ୱାମୀର ସମ୍ପତ୍ତି ।"

ବିଦ୍ୟୁନ୍ମାଳାଙ୍କ ବିମ୍ବାଧର ସ୍ଫୁରିତ ହୋଇଉଠିଲା, ଚକ୍ଷୁରେ ବିଦ୍ରୋହର ଝଲକ । ସେ କହିଲେ—"ମୁଁ ମାନେ ନାହିଁ ।"

ମଣିକଙ୍କଣା ଛଳଛଳ କଣ୍ଠରେ ହସି ଉଠିଲା—"ନ ମାନିଲେ କ'ଣ ହେବ, ବିବାହ ପାଇଁ ତ ଯାଉଛୁ !"

ବିଦ୍ୟୁନ୍ମାଳା କହିଲେ "ଯାଉଛି । ପ୍ରାଣଦଣ୍ଡରେ ଦଣ୍ଡିତ ଅପରାଧୀ ମଣିଷ ଯେମିତି ଫାଶୀଖୁଣ୍ଟକୁ ଯାଏ, ମୁଁ ମଧ୍ୟ ସେମିତି ଯାଉଛି । ଯେଉଁ ସ୍ୱାମୀର ଅନେକଟି ସ୍ତ୍ରୀ ଅଛନ୍ତି ତାକୁ କେବେ ମୁଁ ଭଲପାଇ ପାରିବି ନାହିଁ ।"

ମଣିକଙ୍କଣା ବିଦ୍ୟୁନ୍ମାଳାଙ୍କ ଗଳାକୁ ବାହୁରେ ବେଷ୍ଟନୀ କରି କହିଲା—"କାହିଁକି ତୁ ମନ କଷ୍ଟ କରୁଛୁ । ଭାବି ଦେଖ, ତୋ ମା ଆଉ ମୋ ମା କଣ ମହାରାଜାଙ୍କୁ ଭଲ ପାଆନ୍ତି ନାହିଁ ? ବିବାହ ହୋଇଯାଉ, ତୁ ବି ମହାରାଜାଙ୍କୁ ଭଲପାଇ ବସିବୁ । ସେତେବେଳେ ଆଉ ସଉତୁଣୀ କଥା ମନେ ନ ଥିବ ।"

ବିଦ୍ୟୁନ୍ମାଳା କିଛି ସମୟ ବିରସ ମନରେ ଚୁପ ରହିଲେ, ତାପରେ କହିଲେ "ଅନେକର ମହାରାଜ ଦେବରାୟ ମୋ ସଙ୍ଗରେ ତୋତେ ମଧ୍ୟ ଗ୍ରହଣ କଲେ, ତୁ କ'ଣ ତାଙ୍କୁ ଭଲ ପାଇ ପାରିବୁ ?

ମଣିକଙ୍କଣା ଚକ୍ଷୁ ବିସ୍ଫାରିତ କରି କହିଲା—"ପାରିବି ନାହିଁ ! ତୁ କି କହୁଛୁ ! ତାଙ୍କୁ ଅନ୍ୟ ସ୍ତ୍ରୀମାନେ ଯେତେ ଭଲ ପାଆନ୍ତି ମୁଁ ତା'ଠାରୁ ଢେର ବେଶି ଭଲ ପାଇବି । ମୋ ହୃଦୟରେ ଭଲପାଇବା ଭରି ରହିଛି । ଯିଏ ମୋର ସ୍ୱାମୀ ହେବେ ତାଙ୍କୁ ହିଁ ମୁଁ ପ୍ରାଣଭରି ଭଲପାଇବି ।"

ବିଦ୍ୟୁନ୍ମାଳା ମଣିକଙ୍କଣାକୁ ପାଖକୁ ଟାଣି ନେଇ ତା ମୁହଁଟିକୁ ନିରେଖି ଦେଖିଲେ, ଗୋଟିଏ କ୍ଷୁଦ୍ର ନିଃଶ୍ୱାସ ତ୍ୟାଗକରି କହିଲେ—"ମୁଁ ଯଦି ତୋ ପରି ହୋଇପାରି ଥାଆନ୍ତି ! ମୋ ମନ ଖୁବ୍ ସ୍ୱାର୍ଥପର, ଯାହାକୁ ପାଏ ତାକୁ ଭାଗଦେଇ ପାରେ ନାହିଁ ।"

ମଣିକଙ୍କଣା ଆବେଗରେ ବିଦ୍ୟୁନ୍ମାଳାଙ୍କୁ ଦୁଇ ବାହୁରେ ଜଡ଼ାଇ ନେଇ କହିଲା—"ନା, ନା, କେବେ ନୁହେଁ । ତୁ ବହୁତ ବେଶି ଭାବୁଛୁ, ଏତେ ଭାବିଲେ ମୁଣ୍ଡ ଗୋଳମାଳ ହୋଇଯାଏ । ଯେତେବେଳେ ଯାହା ହେବାର ହେବ । ଏବେ ତୁ ଖାଇବୁ କି ନାହିଁ ?"

ବିଦ୍ୟୁନ୍ମାଳା ଉତ୍ତର ଦେଲେ ନାହିଁ । ଦୁଇ ଭଉଣୀ ସନ୍ତୁଷ୍ଟ ହୋଇ ନିରବରେ ବସି ରହିଲେ । ସୂର୍ଯ୍ୟ ଆରକ୍ତ ହୋଇ ଉଠିଛି, ରୌଦ୍ରର ଉତ୍ତାପ ହ୍ରାସ ପାଉଛି, ଦକ୍ଷିଣରୁ ମନ୍ଦ ମଧୁର ପବନ ବହିବାକୁ ଆରମ୍ଭ କରିଛି । ନଦୀବକ୍ଷରେ ଏହି ସମୟଟି ଅତ୍ୟନ୍ତ ମନୋରମ ।

ଛାତ ତଳେ ମଡ଼ ମଡ଼ ମଚ ମଚ ଶବ୍ଦ ଶୁଣି ଯୁବତୀ ଦ୍ୱୟଙ୍କ ଚେତା ପଶିଲା । ମଣିକଙ୍କଣା ଆଶ୍ଚର୍ଯ୍ୟ ହୋଇ ମୃଦୁ ହସି ଫୁସ୍ ଫୁସ୍ ହୋଇ କହିଲା—"ମନ୍ଦୋଦରୀର ନିଦ ଭାଙ୍ଗିଲା ।"

ଏହାପରେ ଛାତ ଉପରେ ଜନୈକ ସ୍ଥୂଳକାୟା ରମଣୀର ଆବିର୍ଭାବ ହେଲା । ଆଲୁଳାୟିତ କେଶ, ହାତରେ ଗୋଟିଏ ରୁପା ପାନବଟା, ସେ ଆସି ଖପ୍ କରି ରାଜକୁମାରୀମାନଙ୍କ ପାଖରେ ବସିଲା, ଜୋରରେ ହାତ ମାରି ଚୁଟକି ମାରିଲା, କହିଲା—"ନମୋ ଦାରୁବ୍ରହ୍ମ ।"

ମଣିକଙ୍କଣା ବିଦ୍ୟୁନ୍ମାଳାଙ୍କୁ ଆଖିରେ ଇସାରା ଦେଲା, ମନ୍ଦୋଦରୀକୁ ଚିଡ଼ାଇବାକୁ ପଡ଼ିବ । ସମୟ ଯେତେବେଳେ କଟୁ ନାହିଁ, ସେତେବେଳେ ମନ୍ଦୋଦରୀ ସଙ୍ଗରେ ଦଣ୍ଡେ ଘଡ଼ିଏ ଥଟ୍ଟା-ତାମସା କଲେ ମନ୍ଦ ହେବ ନାହିଁ ।

କଳିଙ୍ଗର ଉତ୍ତରରେ ଉଡ୍ର ଦେଶ, ମନ୍ଦୋଦରୀ ସେହି ଉଡ୍ର ଦେଶର ଝିଅ । ବୟସ ତ୍ରିଂଶ ପାଖାପାଖି, ଶରୀରର ବର୍ଣ୍ଣ ଗାଈ ଘିଅପରି, ନିଟୋଳ; ଭାଙ୍ଗ ନାହିଁ । କଳେବରଟି ଦେଖି ମନେ ହୁଏ ଗୋଟିଏ ମେଦବହୁଳ ମାଦଳ । ଶରୀରରେ ଓଜନଦାର ସ୍ୱର୍ଣ୍ଣ ଅଳଙ୍କାର, ପୂର୍ଣ୍ଣଚନ୍ଦ୍ର ସଦୃଶ ମୁଖଟି ସଦା ହସହସ । ଅଠର ବର୍ଷ ପୂର୍ବେ ସେ ବିଦ୍ୟୁନ୍ମାଳାଙ୍କ ଧାତ୍ରୀ ରୂପେ କଳିଙ୍ଗ ରାଜପରିବାରକୁ ଆଗମନ କରିଥିଲା, ଅଦ୍ୟାପି ସଗୌରବେ ସେଠାରେ ବିରାଜ କରୁଛି । ସମ୍ପ୍ରତି ସେ ଦୁଇ ରାଜକନ୍ୟାଙ୍କ ଅଭିଭାବିକା ଭାବେ ବିଜୟନଗର ଯାଉଛି । ତା'ର ତିନି କୁଳରେ କେହି ନାହିଁ, ରାଜପରିବାର ହିଁ ତା'ର ସଂସାର ।

ମଣିକଙ୍କଣା ମୁହଁ ଗମ୍ଭୀର କରି କହିଲା—"ଦାରୁବ୍ରହ୍ମ ତୋର ମଙ୍ଗଳ କରନ୍ତୁ । ଆଜି ଦିବାନିଦ୍ରାଟି କେମିତି ହେଲା" ?

ମନ୍ଦୋଦରୀ ପାନବଟା ଖୋଲୁ ଖୋଲୁ କହିଲା—"ଦିବାନିଦ୍ରା ଆଉ ହେଲା କେଉଁଠି । ଭିତରେ ଯାହା ଗରମ, ତାଳପଙ୍ଖା ବୁଲାଇ ବୁଲାଇ ସମୟ କଟିଗଲା । ଶେଷବେଳକୁ ଟିକେ ଆଖି ବୁଜି ଆସିଥିଲା" ।

ବିଦ୍ୟୁନ୍ମାଳା ଉଦ୍‌ବେଗଭରା ଚକ୍ଷୁରେ ମନ୍ଦୋଦରୀକୁ ନିରୀକ୍ଷଣ କରି କହିଲେ "ମନ୍ଦା, ଏମିତି ନ ଶୋଇ ନ ଶୋଇ କେତେଦିନ ବଞ୍ଚିବୁ । ଦିନବେଳେ

ତୋ ଆଖିରେ ନିଦ ନାହିଁ, ରାତିରେ ଜଳଦସ୍ୟୁ ଭୟରେ ତୋର ଆଖିପତା ପଡୁନି । ଦିନକୁ ଦିନ ଦେହ ଶୁଖି କାଠ ହୋଇଯାଉଛୁ ଯେ ।"

ମନ୍ଦୋଦରୀ ଗଦଗଦ୍ ହୋଇ କହିଲା—"ଯା, ଯା, ଥଟ୍ଟା କରନା । ମୁଁ ତୁମମାନଙ୍କ ଭଳି ଅକୃତଜ୍ଞ ନୁହେଁ, ଖାଇ ପିଇ ମୋଟା ହେଉଛି । ତୁମେମାନେ ଖାଉଛ ପିଉଛ କିନ୍ତୁ ଦେହ ଲାଗୁନି ।"

ପାନବଟା ଖୋଲି ମନ୍ଦୋଦରୀ ଦେଖିଲା ସେଥିରେ ଓଦା କନା ଗୁଡ଼ାହୋଇ ଦୁଇ ତିନୋଟି ପାନପତ୍ର ରହିଛି । ଏହା ବଡ଼ କଥା ନୁହେଁ, କାରଣ ଦୀର୍ଘପଥ ଆସିଥିବାରୁ ପାନପତ୍ରର ଅଭାବ ଘଟିଛି । ଗୋଟିଏ ଦୁଇଟି ନଦୀତୀରସ୍ଥ ଗ୍ରାମରେ ଡଙ୍ଗା ପଠେଇ କିଛି କିଛି ପାନ ସଂଗ୍ରହ କରାଯାଇଛି ସତ, କିନ୍ତୁ ତାହା ଯଥେଷ୍ଟ ନୁହେଁ । ଅଥଚ ପାନର ଭୋକ୍ତା ଅନେକ । ମନ୍ଦୋଦରୀ ପ୍ରଚୁର ପାନ ଖାଏ, ମାତୁଳ ଚମ୍ପିଟକ ମୂର୍ତ୍ତି ମଧ୍ୟ ତାମ୍ବୁଲ ରସିକ । ବସ୍ତୁତଃ ଯେଉଁ ପାନବଟାଟି ମନ୍ଦୋଦରୀ ସମ୍ମୁଖରେ ଦେଖାଯାଉଛି ତାହା ମାତୁଳ ମହାଶୟଙ୍କର । ମନ୍ଦୋଦରୀ ନିଜ ବରାଦିଆ ପାନ ଶେଷକରି ମାମୁଁଙ୍କ ବଟାରେ ହାତଦେଇଛି ।

ବଟାରେ ପାନ ବ୍ୟତୀତ ଚୂନ, ଗୁଆ, କଥାଖଇର, ପାନମହୁରି, ଅଲେଇଚ, ଡାଲଚିନି, ନାନାବିଧ ଉପସ୍କରମାନ ଅଛି । ମନ୍ଦୋଦରୀ ପାନ ଆଣି ପରିପାଟୀ ସହକାରେ ପାନଖଞ୍ଜିବାରେ ଲାଗିଲା ।

ଦୁଇ ଭଗିନୀ ଦେଖିଲେ ସ୍ଥୂଳତା ପ୍ରତି କଟାକ୍ଷପାତ ସତ୍ତ୍ୱେ ମନ୍ଦୋଦରୀ ଚିଡ଼ିଲା ନାହିଁ, ସେତେବେଳେ ସେମାନେ ଅନ୍ୟ ଉପାୟ କଲେ । ମଣିକଙ୍କଣା କହିଲା—"ଆଚ୍ଛା ମନ୍ଦୋଦରୀ, ତୋତେ ତ ଆମେ ଜନ୍ମରୁ ଦେଖିଆସୁଛୁ । କିନ୍ତୁ ତୋର ରାବଣକୁ ତ କେବେ ଦେଖିନୁ । ତୋ ରାବଣର କ'ଣ ହେଲା" ?

ମନ୍ଦୋଦରୀ କହିଲା—"ମୋ ରାବଣ କି ଆଉ ଅଛି, ଅନେକ ଦିନ ହେଲା ଯାଇଛି । ମୁଁ ରାଜସଭାକୁ ଆସିବା ପୂର୍ବରୁ ତାକୁ ଯମ ନେଇଯାଇଛି ।"

ବିଦ୍ୟୁନ୍ମାଳା ଆଶ୍ଚର୍ଯ୍ୟ ହୋଇ କହିଲେ—"ସତରେ ତୋ ସ୍ୱାମୀର ନାମ ରାବଣ ଥିଲା ନା କ'ଣ ? "

ମନ୍ଦୋଦରୀ ମୁଣ୍ଡ ହଲାଇ କହିଲା—"ନା, ତାର ନାମ ଥିଲା କୁମ୍ଭକର୍ଣ୍ଣ ।"

ମଣିକଙ୍କଣା ଖିଲ୍‌ଖିଲ୍ ହସି କହିଲା- "ଓ ! ଏଇକଥା, ତୋ କୁମ୍ଭକର୍ଣ୍ଣ ଯିବା ସମୟରେ ନିଦଟି ତୋତେ ଦେଇଯାଇଛି ।"

ବଦ୍ରୁନ୍ନାଲା କହିଲେ—"ତାହେଲେ ତ ଏବେ କେବଳ ବର୍ଣ୍ଣପଣ ବାକି !"

ମନ୍ଦୋଦରୀ ଆଉ ଗୋଟିଏ ନିଃଶ୍ୱାସ ମାରି କହିଲା—"ଆଉ ବର୍ଣ୍ଣପଣ ! ତୁମମାନଙ୍କ କଥା ବୁଝି ବୁଝି ବୟସ ଗଡ଼ିଗଲା, ଏବେ ଆଉ ବର୍ଣ୍ଣପଣ କେଉଁଠୁ ପାଇବି ।"

ମଣିକଙ୍କଣା ସାନ୍ତ୍ୱନା ସ୍ୱରରେ କହିଲା—"ପାଇବୁ ପାଇବୁ । କେତେ ବା ତୋର ବୟସ ହୋଇଛି । ଏଇ ଦେଖ ନା, ବିଜୟନଗର ଯାଉଛୁ, ସେଠାକାର ବ୍ରାହ୍ମଣମାନେ ତୋତେ ଦେଖିଲେ ଆଁ କରି ଦଉଡ଼ି ଆସିବେ ।"

ବଦ୍ରୁନ୍ନାଲା କହିଲେ—"କିଏ କହିପାରେ, ମ୍ଲେଚ୍ଛ ଦେଶର ଅମୀର-ଫମୀର ହୁଏତ ତୋତେ ଧରିନେଇଯାଇ ବେଗମ କରିବେ ।"

ମନ୍ଦୋଦରୀ କହିଲା—"ଇଲେ ମା ! ସେମାନେ ଯେ ଗୋରୁ ମାଂସ ଖାଆନ୍ତି ।"

ମଣିକଙ୍କଣା କହିଲା—"ତୋତେ ପାଇଲେ ସେମାନେ ଗୋରୁ ଖାଇବା ଛାଡ଼ିଦେବେ ।"

ମନ୍ଦୋଦରୀ ଜାଣିଥିଲା ଏମାନେ ପରିହାସ କରୁଛନ୍ତି; କିନ୍ତୁ ତା ଅନ୍ତରର କେଉଁ ଏକ କୋଣରେ ଗୋଟିଏ ଲୁକ୍କାୟିତ ଆକାଂକ୍ଷା ଥିଲା, ତାହା ଏହି ଧରଣର ରସିକତାରେ ତୃପ୍ତି ପାଏ । ସେ ପାନଭରି ପାଟିରେ ଦେଇ, ଧୀରେ ଧୀରେ କହିଲା— 'ସାହା କହିଲ ନା । କାହା ଭାଗ୍ୟରେ କ'ଣ ଅଛି କିଏ କହିପାରେ ? ନମୋ ଦାରୁବ୍ରହ୍ମ ।"

ଏହି ସମୟରେ ନୌକାର ତଳଦେଶରୁ ତୀକ୍ଷ୍ଣ ଚିତ୍କାରର ଶବ୍ଦ ଶୁଣାଗଲା । ଶବ୍ଦଟି ସ୍ତ୍ରୀ-କଣ୍ଠସ୍ୱର ଭଳି ମନେ ହୋଇପାରେ, କିନ୍ତୁ ବସ୍ତୁତଃ ଏହା ମାତୁଳ ଚିପିଟକମୂର୍ତ୍ତିଙ୍କ କଣ୍ଠସ୍ୱର । କୌଣସି କାରଣରୁ ତାଙ୍କର କ୍ରୋଧ ଜାତ ହୋଇଛି ।

ପରକ୍ଷଣରେ ହିଁ ତିନି ଫୁଟ ଲମ୍ବା ମାତ୍ର ଚିପିଟକମୂର୍ତ୍ତି ଛାତକୁ ଉଠି-ଆସିଲେ । ମନ୍ଦୋଦରୀ କୋଳରେ ପାନବଟା ନେଇ ବସିଥିବାର ଦେଖି ତାଙ୍କ ଚକ୍ଷୁଦ୍ୱୟ ଲାଲ୍ ହୋଇଗଲା, ସେ ଅଙ୍ଗୁଳି ନିର୍ଦ୍ଦେଶ କରି ସୂଚୀତୀକ୍ଷ୍ଣ କଣ୍ଠରେ ଗର୍ଜନ କଲେ—"ଏ ମନ୍ଦୋଦରୀ ! ମୋ ଡବା ଫେରି କରିଲୁ ।" ସେ ଲମ୍ଫ ମାରି ଡବାଟି ଛଡ଼ାଇ ନେଲେ ।

ମନ୍ଦୋଦରୀ ଗାଲରେ ହାତଦେଇ କହିଲା—"ଓ ମା ! ସେଟା କ'ଣ ତୁମର ଡବା ! ମୁଁ ଚିହ୍ନି ପାରିଲି ନାହିଁ ।"

ତପିଷ୍ଟକମୂର୍ତ୍ତି ଡବା ଖୋଲି ଦେଖିଲେ ଗୋଟିଏ ହେଲେ ପାନ ନାହିଁ, ସେ ଅଗ୍ନିଶର୍ମା ହୋଇ କହିଲେ—"ରାକ୍ଷସୀ ! ସବୁ ପାନ ଖାଇ ଦେଇଛୁ ! ରହ ଆଜି ତୋତେ ଯମାଳୟ ପଠାଇବି । ପେଲିଦେଇ ପାଣିରେ ଫୋପାଡ଼ି ଦେବି । ମଗର କୁମ୍ଭୀର ତୋ'ତେ ଚୋବେଇ ଖାଇବେ ।"

ମନ୍ଦୋଦରୀ ନିର୍ବିକାର ରହିଲା; ସେ ଜାଣେ ତାକୁ ଠେଲିଦେଇ ପାଣିରେ ଫୋପାଡ଼ି ଦେବାର ସାମର୍ଥ୍ୟ ତପିଷ୍ଟକମୂର୍ତ୍ତିଙ୍କ ନାହିଁ । ତା ଛଡ଼ା ଏମିତି ଅଳାପୁଅ ସେମାନଙ୍କ ମଧ୍ୟରେ ନିତିଦିନିଆ ଘଟଣା । ତପିଷ୍ଟକମୂର୍ତ୍ତି ମହାଶୟଙ୍କ କଣ୍ଠସ୍ୱର ଯେମିତି ସୂକ୍ଷ୍ମ, ତାଙ୍କ ଦେହଯଷ୍ଟି ମଧ୍ୟ ସେମିତି ଅତିଶୟ କ୍ଷୀଣ । ତାଙ୍କୁ ଦେଖିଲେ ଖଙ୍ଗାଳିଟିକା କଥା ମନେ ପଡ଼ିଯାଏ, ଗୋଟା ପୁଣି ଦେହଟା କେବଳ ଯୋଡ଼ାଏ ଲମ୍ବା ଗୋଡ଼ ମାତ୍ର, ଆଉ ଯାହା ଅଛି ତାହା ନାମମାତ୍ର । କିନ୍ତୁ ମାତୁଳ ମହାଶୟଙ୍କ ପୂର୍ଣ୍ଣ ପରିଚୟ ଯଥା ସମୟରେ ଦିଆଯିବ ।

ରାଜକନ୍ୟା ଦ୍ୱୟ ବାହୁରେ ବାହୁ ଛନ୍ଦି ମାତୁଳ ମହାଶୟଙ୍କ ବାହାସ୍ଫୋଟ ପରମ କୌତୁହଳରେ ଉପଭୋଗ କରୁଥିଲେ ଓ ହସ ସମ୍ବରଣ କରିବାର ଚେଷ୍ଟା କରୁଥିଲେ । ସୂର୍ଯ୍ୟ ତୁଙ୍ଗଭଦ୍ରାର ସ୍ରୋତରେ ରକ୍ତ ଉଦ୍‌ଗିରଣ କରି ଅସ୍ତ ଯାଉଥିଲା । ନୌକା ସଙ୍ଗମର ନିକଟବର୍ତ୍ତୀ ହେଉଥିଲା, ସମ୍ମିଳିତ ନଦୀର ଉଚ୍ଛଳ ତରଙ୍ଗ ଅଳ୍ପ ଅଳ୍ପ ଫୁଲି ଉଠୁଥିଲା । ନୌକାଗୁଡ଼ିକ ଦକ୍ଷିଣ ଦିଗର ତଟଭୂମି ପାଖଦେଇ ଯାଉଥିଲା । ଏହାଦ୍ୱାରା ସଙ୍ଗମର ତରଙ୍ଗକୁ ଯଥାସମ୍ଭବ ଏଡ଼ାଇ ତୁଙ୍ଗଭଦ୍ରାର ସ୍ରୋତରେ ପ୍ରବେଶ କରିହେବ । ଉତ୍ତରର ତଟଭୂମି ବେଶ ଦୂରରେ । ମଣିକଙ୍କଣାର ଚଞ୍ଚଳ ଚକ୍ଷୁ ପାଣି ଉପରେ ଇତସ୍ତତଃ ଭ୍ରମଣ କରୁ କରୁ ହଠାତ୍ ଗୋଟିଏ ସ୍ଥାନରେ ସ୍ଥିର ହୋଇଗଲା; କିଛି ସମୟ ସ୍ଥିର ଦୃଷ୍ଟିରେ ଚାହିଁ ରହି ସେ ବିଦ୍ୟୁ-ନ୍ମାଳାକୁ କହିଲା—"ମାଳା, ଦେଖ ତ—ଏଇ ପାଣି ଉପରେ କିଛି ଦେଖି ପାରୁଛୁ !" କହି ଉତ୍ତର ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କଲା ।

## —ଗହ୍ୱର—

ଦୁଇ ଭଉଣୀ ଉଠି ଛିଡ଼ାହେଲେ । ବିଦ୍ୟୁନ୍ମାଳା ଆଖି ଉପରେ ହାତ ଘୋଡ଼େଇ ଚାହିଁଲେ । ତାପରେ କହି ଉଠିଲେ—"ହଁ, ଦେଖି ପାରୁଛି । ଜଣେ ଲୋକ ଭାସି ଯାଉଛି । ଏଇ ଯେ ହାତ ଟେକିଲା,—ହାତରେ କ'ଣ ଗୋଟେ ଧରିଛି—।"

ମଣିକଙ୍କଣ ମଧ୍ୟ ଦେଖୁଥିଲା, କହିଲା—"କୃଷ୍ଣାନଦୀ ଆଡ଼ୁ ଭାସି ଆସିଛି, ବୋଧହୁଏ ଅନେକ ଦୂରରୁ ପହଁରି ପହଁରି ଆସିଛି—ଆଉ ଭାସି ରହିବା ସମ୍ଭବ ନୁହେଁ—ସଙ୍ଗମର ଭଉଁରି ମୁହଁରେ ପଡ଼ିଲା ମାତ୍ରେ ବୁଡ଼ିଯିବ ।"

ହଠାତ୍ ମଣିକଙ୍କଣ ଦ୍ରୁତପଦରେ ତଳକୁ ଓହ୍ଲାଇଗଲା । ବିଦ୍ୟୁନ୍ମାଳା ଉତ୍କଣ୍ଠିତ ହୋଇ ଦେଖୁଥିଲେ । ମାମୁଁ ମଧ୍ୟ ଯୁଦ୍ଧରୁ କ୍ଷାନ୍ତ ହୋଇ ଏପଟେ ସେପଟେ ଦେଇ ମୁହଁ ବୁଲାଉଥିଲେ । ଅନ୍ୟ ଦୁଇଟି ନୌକାର ବାହାରେ ଲୋକ-ବାକ ନାହାନ୍ତି । ଏ ବିଷୟରେ କେହି କିଛି ଲକ୍ଷ୍ୟ କରି ନାହାନ୍ତି ।

ଶଙ୍ଖଧ୍ୱନି କରି କରି ମଣିକଙ୍କଣ ଆଉଥରେ ଛାତ ଉପରକୁ ଉଠି ଆସିଲା । ସେ ଶଙ୍ଖ ଆଣିବା ପାଇଁ ତଳକୁ ଯାଇଥିଲା । ଶଙ୍ଖ ବଜାଇ ଗୋଟିଏ ନୌକାରୁ ଅନ୍ୟ ନୌକାର ଦୃଷ୍ଟି ଆକର୍ଷଣ କରିବା ଏହି ନୌ-ବହରର ସାଧାରଣ ରୀତି, କେବଳ ଆଶଙ୍କାଜନକ କିଛି ଘଟିଲେ ତୂରୀ ବାଜେ । ମଣିକଙ୍କଣ ଲଗ ଲଗ ଶଙ୍ଖ ଫୁଙ୍କିବାରେ ଲଗିଲା, ବିଦ୍ୟୁନ୍ମାଳା ଉଦ୍‌ବେଗଭରା ଚକ୍ଷୁରେ ଭାସମାନ ମନୁଷ୍ୟଟି ଆଡ଼େ ଚାହିଁ ରହିଲେ । ମଣିଷଟା ସ୍ରୋତର ପ୍ରଖର ଆକର୍ଷଣରେ ପଡ଼ିଯାଇଛି ଏବଂ ପ୍ରାଣପଣେ ଭାସି ରହିବାକୁ ଚେଷ୍ଟା କରୁଛି ।

ଶଙ୍ଖନାଦ ଶୁଣି ଦ୍ୱିତୀୟ ନୌକା ଭିତରେ ଥିବା ଲୋକେ ଚଟ୍‌ପଟ୍ କରି ବାହାରି ଆସି ପଟା ଉପରେ ଛିଡା ହେଲେ । ସମସ୍ତଙ୍କ ଦୃଷ୍ଟି ମୟୂରପଙ୍ଖୀ ଆଡ଼କୁ । ବିଦ୍ୟୁନ୍ମାଳା ଭାସମାନ ମଣିଷ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତେ ସମସ୍ତଙ୍କ ଦୃଷ୍ଟି ସେହି ଦିଗକୁ ଗଲା ।

ଘଟଣା ବୁଝିବାକୁ କାହାରି ଡେରି ହେଲା ନାହିଁ; ଜଣେ ଲୋକ ସ୍ରୋତରେ ପଡ଼ି ଅସହାୟଭାବେ ଉବୁଟୁବୁ ହେଉଛି, ବୁଡ଼ିଯିବାକୁ ବେଶୀ ଡେରି ନାହିଁ । ସେତିକିବେଳେ ଦ୍ୱିତୀୟ ନୌକାରୁ ଜଣେ ଲୋକ ପାଣିକୁ ଡେଇଁପଡ଼ିଲା, ବୁଡ଼ିଯାଉଥିବା ଲୋକଆଡ଼କୁ ଖୁବ୍ ଜୋରରେ ପହଁରିବା ଆରମ୍ଭ କଲା । ତା' ଦେଖା ଦେଖି ଆଉ ଦୁଇ ତିନିଜଣ ପାଣିକୁ ଡେଇଁପଡ଼ିଲେ ।

ମୟୂରପଙ୍ଖୀର ଭିତରେ ଛିଡ଼ାହୋଇ ଦୁଇ ରାଜକନ୍ୟା, ମନ୍ଦୋଦରୀ ଓ ମାତୁଳ ଚମ୍ପିଟକମୂର୍ତ୍ତି ଦେଖୁଥା'ନ୍ତି, ଦେଖିବାକୁ ଯେତିକି ଆଗ୍ରହ ଥାଏ, ହୃଦୟରେ ସେତିକି ଆଶଙ୍କା ଥାଏ । କିଛିସମୟ ପରେ ବୃଦ୍ଧ ରାଜବୈଦ୍ୟ ରସରାଜ ମଧ୍ୟ ସେମାନଙ୍କ ସଙ୍ଗରେ ଯୋଗଦେଲେ । ତାଙ୍କ ଦୃଷ୍ଟିଶକ୍ତି କ୍ଷୀଣ ଥିବାରୁ ମଣିକଙ୍କଣା ତାଙ୍କୁ ପରିସ୍ଥିତି ବୁଝାଇଦେଲା ।

ପ୍ରଥମ ସନ୍ତରଣକାରୀର ନାମ ବଳରାମ, ଲୋକଟା ବଳିଷ୍ଠ ଓ ଦୀର୍ଘବାହୁ । ଜୋରରେ ହସ୍ତ ସଞ୍ଚାଳନ କରି ତୀର ପରି ପାଣି କାଟି ସେ ଅଗ୍ରସର ହେଉଥାଏ; ନଦୀର ମଧ୍ୟଭାଗରେ ଉଉଁରୀ ତା' ଗତିକୁ ମନ୍ଥର କରିପାରୁ ନ ଥାଏ; ମୁମୂର୍ଷୁ ବ୍ୟକ୍ତିଟି ସ୍ରୋତମୁଖରେ ଉବୁଟବୁହୋଇ ଭାସିଚାଲିଥିବା ଜାଗାରେ ସେ ପହଞ୍ଚିଲା । ଲୋକଟି ଚାଲାକ, ବୁଡ଼ିଯାଉଥିବା ଲୋକକୁ କିପରି ଉଦ୍ଧାର କରିବାକୁ ହୁଏ ସେ ଜାଣେ । ବୁଡ଼ିଯାଉଥିବା ଲୋକର ହାତପାହାନ୍ତକୁ ଗଲେ ସେ ପାଗଳ ପରି ରକ୍ଷାକର୍ତ୍ତାକୁ ଜାବୁଡ଼ି ଧରିବ, ତେଣୁ ବଳରାମ ତା'ର ହାତପାହାନ୍ତାକୁ ନ ଯାଇ ତା' ସଙ୍ଗରେ ଭାସିଚାଲିଲା ।

ମୟୂରପଙ୍ଖୀର ଭିତରେ ଯେଉଁମାନେ ଶତଚକ୍ଷୁହୋଇ ଚାହିଁ ରହିଥିଲେ ସେମାନେ ଦେଖିଲେ, ବଳରାମ ଫେରିଆସୁଛି ଏବଂ ତାଠାରୁ ପାଞ୍ଚଛଅ ହାତ ବ୍ୟବଧାନରେ ବୁଡ଼ିଯାଉଥିବା ଲୋକଟି ଅନୁସରଣ କରୁଛି, ଯେମିତି କୌଣସି ଅଦୃଶ୍ୟ ସୂତ୍ରରେ ଦୁଇଜଣ ଆବଦ୍ଧ ରହିଛନ୍ତି । ତାପରେ ଦେଖାଗଲା, ଅଦୃଶ୍ୟ ସୂତ୍ରଟି ଖଣ୍ଡିଏ ବାଉଁଶ । ବାଉଁଶଦଣ୍ଡର ଦୁଇପ୍ରାନ୍ତକୁ ଦୁହେଁ ଧରିଛନ୍ତି । ବଳରାମ ଉକ୍ତ ବ୍ୟକ୍ତିଟିକୁ ନୌକାଆଡ଼କୁ ଟାଣିଆଣୁଛି । ଅନ୍ୟ ସନ୍ତରଣକାରୀମାନେ ମଧ୍ୟ ନିକଟକୁ ଆସିଗଲେ । ଦେଖାଗଲା, ଗୋଟିଏ ନୁହେଁ, ଦୁଇଖଣ୍ଡ ବାଉଁଶ । ସମସ୍ତେ ମିଶି ବାଉଁଶର ଗୋଟିଏପାଖ ଧରି ଲୋକଟିକୁ ଟାଣି ଆଣିବାକୁ ଲାଗିଲେ ।

ନୌକା ଉପରେ ସମସ୍ତେ ବିସ୍ମୟାଭିଭୂତ ହୋଇପଡ଼ିଥିଲେ । ଦୁଇଖଣ୍ଡ ବାଉଁଶ କେଉଁଠୁ ଆସିଲା ? ତେବେ କ'ଣ ବୁଡ଼ିଯାଉଥିବା ବ୍ୟକ୍ତି ହାତରେ ଲାଠି ଥିଲା ? କିନ୍ତୁ ଲାଠି କାହିଁକି ?

ଇତିମଧ୍ୟରେ ଦୁଇଜଣ ନାବିକ କୌଶଳକ୍ରମେ ଡଙ୍ଗାନେଇ ଘଟଣାସ୍ଥଳରେ ଉପସ୍ଥିତ ହୋଇଥିଲେ । କିନ୍ତୁ ବୁଡ଼ିଯାଉଥିବା ବ୍ୟକ୍ତିକୁ ଡଙ୍ଗାରେ ଉଠାଇବା ସମ୍ଭବ ହେଲା ନାହିଁ, ଉଦ୍ଧାରକର୍ତ୍ତା ଡଙ୍ଗାର ଗୋଟିଏପାଖ ଧରିଲା, ଡଙ୍ଗାର ନାବିକମାନେ ଦଉଡ଼ିରେ ଟାଣି ଟାଣି ସମସ୍ତଙ୍କୁ ନୌକାଆଡ଼କୁ ନେଇ ଆସିଲେ ।

ନୌକା ଉନୋଟି ପାଲ୍‌ଟାଣିବା ସତ୍ତ୍ୱେ ସ୍ରୋତ ଜୋରରେ ଅଳ୍ପ ଅଳ୍ପ ପଛକୁ ଖସିବା ଆରମ୍ଭ କରିଥିଲା, ମଣିକଙ୍କଣା ଦେଖିଲା ଡଙ୍ଗାଟି ମଝିନୌକା ଆଡ଼କୁ ଯାଉଛି, ସେ ହାତଠେକି ଡାକିଲା । ଡଙ୍ଗାଟି ଆସି ମୟୂରପଙ୍ଖୀ ଦେହରେ ଲାଗିଲା । ବଳରାମ ଓ ସନ୍ତରଣକାରୀମାନେ ନୌକାରେ ଉଠିଲେ, ବୁଡ଼ିଯାଉଥିବା ଲୋକଟିକୁ ନୌକା ଉପରକୁ ଟେକିନେଇ ତା'ର ତକ୍ତା ଉପରେ ଶୁଆଇଦେଲେ । ଲୋକଟିକୁ ଦେଖିଲେ ମୃତବୋଲି ମନେହୁଏ, କିନ୍ତୁ ସେ ଦୁଇହାତରେ ବାଉଁଶ ଦୃଢ଼ଭାବରେ ଧରିଥାଏ ।

ନୌକାର ଭିତରକୁ ସମସ୍ତେ ଦେଖିଲେ ପାଣିରୁ ଉଦ୍ଧାର କରାଯାଇଥିବା ବ୍ୟକ୍ତିଟି ବୟସରେ ଯୁବକ, ତା'ର ଦେହ ଦୀର୍ଘ ଏବଂ ଦୃଢ଼ କିନ୍ତୁ ବର୍ତ୍ତମାନ ଶିଥିଳ ହୋଇପଡ଼ିଛି । ଗୌରବର୍ଣ୍ଣ ଶରୀର ଦୀର୍ଘସମୟ ପାଣିରେ ବୁଡ଼ିରହିବା ଫଳରେ ମୃତବତ୍ ପାଣ୍ଡୁରବର୍ଣ୍ଣ ଧାରଣ କରିଛି । ବିଦ୍ୟୁନ୍ମାଳାଙ୍କ ହୃଦୟ ବ୍ୟଥାଭରା କରୁଣାରେ ପୂରିଉଠିଲା; ଆହା ! ହତଭାଗ୍ୟ ଯୁବକ କେଉଁ ଦୈବୀଦୁର୍ବିପାକରେ ଏପରି ଅବସ୍ଥାରେ ପଡ଼ିଅଛି—ବୋଧହୁଏ ବଞ୍ଚିବ ନାହିଁ—

ମଣିକଙ୍କଣା ତାଙ୍କ ମନର କଥା ପ୍ରତିଧ୍ୱନି କରି ସଂଯତ କଣ୍ଠରେ ପ୍ରଶ୍ନ କଲା—"ବଞ୍ଚିଛି କି ?"

ମାତୁଳ ଚପିଟକମୂର୍ତ୍ତି ଗ୍ରୀବା ଲମ୍ବାଇ ଦେଖୁଥାନ୍ତି, ଶିର ସଞ୍ଚାଳନକରି କହିଲେ "ମରିଯାଇଛି, ପାଣିରୁ ଉଠାଇବା ଆଗରୁ ହିଁ ମରିଯାଇଛି ।"

ବଳରାମ ସଙ୍କୋଚହୀନ ଯୁବକର ଛାତିରେ ହାତରଖି ଦେଖୁଥିଲା, ସେ ଟେରିପଡ଼ି ଛାତିଆଡ଼କୁ ଆଖି ପକାଇଲା, ସସମ୍ଭ୍ରମେ କହିଲା—"ଆଜ୍ଞା ନା, ବଞ୍ଚିଛି; ଛାତି ଧକ୍‌ଧକ୍ କରୁଛି । ରସରାଜ ମହାଶୟ ଦୟାକରି ଥରେ ନାଡ଼ିଟା ଦେଖିବେ କି ?"

କ୍ଷୀଣଦୃଷ୍ଟି ରସରାଜ ଏପର୍ଯ୍ୟନ୍ତ ସବୁ ଶୁଣୁଥିଲେ ଏବଂ ଅସ୍ପଷ୍ଟଭାବେ ଦେଖୁଥିଲେ । କିନ୍ତୁ ଭଲଭାବରେ କିଛି ଧାରଣାକରି ନ ପାରି ବ୍ୟସ୍ତ ବିବ୍ରତ ହୋଇପଡ଼ିଥିଲେ । ସେ କହିଉଠିଲେ—"ହଁ, ହଁ, ଅବଶ୍ୟ ଅବଶ୍ୟ । ମୁଁ ଯାଉଛି—ଏଇ ଯେ—"

ମଣିକଙ୍କଣା ତାଙ୍କ ହାତଧରି ପଟାଉପରୁ ତଳକୁ ଓହ୍ଲାଇଦେଲା, ରସରାଜ ସନ୍ତର୍ପଣରେଯାଇ ପ୍ରଥମେ ଯୁବକର ଶରୀରରେ ହାତଦେଇ ଦେଖିଲେ, ତାପରେ ନାଡ଼ିଟିପି ଧ୍ୟାନସ୍ଥ ହୋଇପଡ଼ିଲେ । ମଣିକଙ୍କଣା ଆସି ତାଙ୍କ ପଛରେ ଛିଡ଼ା ହୋଇଥିଲା, ଫିସ୍‌ଫିସ୍ କରି ପଚାରିଲା—"କେମିତି ଦେଖୁଛନ୍ତି ?"

ରସରାଜ ସଚେତନ ହୋଇଉଠିଲେ । କହିଲେ—"ନାଡ଼ି ଚାଲୁଛି, କିନ୍ତୁ ବଡ଼ ଦୁର୍ବଳ । ଅପେକ୍ଷା କର, ମୁଁ ଔଷଧ ଦେଉଛି ।" ସେ ରହିବା ଘରଆଡ଼େ ଚାଲିଲେ । ମଣିକଙ୍କଣା ତାଙ୍କ ପଛେ ପଛେ ଗଲା ।

ମୟୂରପଙ୍ଖୀରେ ଦୁଇଟି ରହିବା ଘର; ଗୋଟିକରେ ଦୁଇ ରାଜକନ୍ୟା ରହନ୍ତି, ଅନ୍ୟଟିରେ ମାତୁଳ ତପିଷ୍ଟକମୂର୍ତ୍ତି ଓ ରସରାଜ । ନିଜରହିବା ଘରକୁ ଯାଇ ରସରାଜ ଗୋଟିଏ ପେଟରା ଖୋଲିଲେ । ପେଟରାଟିରେ ନାନାପ୍ରକାର ଔଷଧ, ଜଡ଼ିବୁଟି ପ୍ରଭୃତି ଅଛି । ରସରାଜ ସ୍ଫଟିକର ଗୋଟିଏ ଡବା ବାହାର କଲେ, ସେଥିରେ ଜଳସଦୃଶ ବର୍ଣ୍ଣହୀନ ତରଳ ପଦାର୍ଥ ରହିଛି । ଏହି ତରଳ ପଦାର୍ଥ ତୀବ୍ର ଗନ୍ଧଯୁକ୍ତ କୋହଲ । ରସରାଜ ଗୋଟିଏ ଔଷଧପାତ୍ରରେ ଅଳ୍ପ ଜଳନେଇ ସେଥିରେ ପାଞ୍ଚଟୋପା କୋହଲ ପକାଇଲେ, ମଣିକଙ୍କଣା ହାତରେ ପାତ୍ରଟି ଦେଇ କହିଲେ "ଏଇଟା ହିଁ କାମ ଦେବ । ଯାଇ ଖୁଆଇ ଦିଅ ।"

ମଣିକଙ୍କଣା ଦ୍ରୁତପଦରେ ଉପରକୁ ଯାଇ ପାତ୍ରଟି ବଳରାମ ହାତରେ ଦେଲା, କହିଲା—"ଔଷଧ ଖୁଆଇ ଦିଅ ।"

"ଏଇ ଯେ ରାଜକୁମାରୀ !" ବଳରାମ ପାତ୍ରଟି ନେଇ ନିପୁଣଭାବେ ସଂଜ୍ଞାହୀନ ଯୁବକର ମୁହଁରେ ଔଷଧ ଢାଳିଦେଲା । ମଣିକଙ୍କଣା ସପ୍ରଶଂସଚକ୍ଷୁରେ ତା'ର କାର୍ଯ୍ୟକଳାପ ଲକ୍ଷ୍ୟ କରୁ କରୁ କହିଲା "ତୁମେ ହିଁ ନା ପ୍ରଥମେ ଯାଇ ତାକୁ ବୁଡ଼ିବାରୁ ରକ୍ଷା କରିଥିଲ ? ତୁମ ନାଁ କ'ଣ ? ମଣିକଙ୍କଣା ରାଜକନ୍ୟା ହେଲେ ମଧ୍ୟ ସବୁ ଶ୍ରେଣୀର ଲୋକଙ୍କ ସଙ୍ଗେ ସହଜଭାବେ କଥା କହିପାରେ ।

ବଳରାମ ହାତଯୋଡ଼ି କହିଲା—"ଦାସର ନାମ ବଳରାମ କର୍ମକାର । ମୁଁ ବଙ୍ଗଦେଶର ଲୋକ, ତେଣୁ ଭଲ ପହଁରି ଜାଣିଛି ।"

ମଣିକଙ୍କଣା କୌତୁହଳୀ ଆଖିରେ ବଳରାମକୁ ଚାହିଁଲା, ହସହସ ମୁହଁରେ ମୁଣ୍ଡ ହଲାଇ ତା' ପରିଚୟ ଗ୍ରହଣ କଲା, ତାପରେ ଛାତ ଉପରକୁ ଯାଇ ବିନ୍ଧ୍ୟମାଳା ପାଖରେ ବସିଲା । ରସରାଜ ମହାଶୟ ମଧ୍ୟ ଇତିମଧ୍ୟରେ ଛାତକୁ ଫେରି ଆସିଥାଆନ୍ତି । ଛାତର ପଟାଉପରୁ ବେଶୀ ଉଚ୍ଚ ନୁହଁ, ମାତ୍ର ତିନି ହାତ । ଛାତକୁ ଉଠିବା ପାଇଁ ଦୁଇ ଧାଡ଼ି ସିଡ଼ି ଅଛି । ରସରାଜ ମହାଶୟ ଅକ୍ଲେଶରେ ଛାତକୁ ଉଠିପାରନ୍ତି, କେବଳ ଓହ୍ଲାଇବା ସମୟରେ କଷ୍ଟ ।

ଏହାପରେ ପ୍ରତୀକ୍ଷା ଆରମ୍ଭ ହେଲା, ଔଷଧର କ୍ରିୟା କେତେବେଳେ ଆରମ୍ଭ ହେବ । ମାତୁଳ ଓ ରସରାଜ ନିମ୍ନସ୍ୱରରେ ବାକ୍ୟାଳାପ କରିବାକୁ ଲାଗିଲେ,

ରାଜକନ୍ୟା ଦ୍ୱୟ ପଞ୍ଜସ୍ତମ୍ଭରେ ବସି ମୃତବତ୍ ଯୁବକଟିଆଡ଼େ ଚାହିଁ ରହିଲେ; ମନ୍ଦୋଦରୀ ଗୁମମାରି ବସିରହିଥିଲା ।

ଅର୍ଦ୍ଧ ଦଣ୍ଡ ଯାଇଛି କି ନା ଯୁବକଟି ଧୀରେ ଧୀରେ ଆଖି ଖୋଲିଲା । କିଛିକ୍ଷଣ ଶୂନ୍ୟଦୃଷ୍ଟିରେ ଚାହିଁରହିବା ପରେ ଉଠିବାକୁ ଚେଷ୍ଟା କଲା । ବଳରାମ ତାକୁ ଧରି ବସାଇଦେଲା; ହସି ହସି ପଚାରିଲା—"ବର୍ତ୍ତମାନ କେମିତି ଲାଗୁଛି ?

ସମସ୍ତ ଦେଖଣାହାରୀଙ୍କ ମୁହଁରେ ଖୁସିର ହସ ଫୁଟିଉଠିଲା । ଯୁବକ ପ୍ରଶ୍ନର ଉତ୍ତର ଦେଲାନାହିଁ, ଧୀରେ ଧୀରେ ମୁଣ୍ଡବୁଲାଇ ଚାରିଆଡ଼େ ଅନେଇଲା । ବଳରାମ କହିଲା—'ତୁମେ କିଏ ? ତୁମ ଦେଶ କେଉଁଠି ? ନାମ କ'ଣ ? ନଦୀରେ ଭାସିଯାଉଥିଲ କାହିଁକି ?"

ଏଥର ବି ଯୁବକ ଉତ୍ତର ଦେଲାନାହିଁ, ଦୁଇହାତରେ ଲଥିଧରି ଛିଡ଼ା ହେବାକୁ ଚେଷ୍ଟା କଲା । ରସରାଜ ଭିତରୁ ଆସି କହିଲେ—"ଆହା, ତାକୁ ଏବେ କିଛି ପଚାର ନାହିଁ । ନିଜ ନୌକାକୁ ନେଇଯାଅ, ଆଗେ ପେଟେ ଗରମଭାତ ଖୁଆଅ । ନାଡ଼ୀ ସୁସ୍ଥହେଲେ ଯେତେ ଇଚ୍ଛା ପ୍ରଶ୍ନ କର ।"

"ଯେ ଆଜ୍ଞା ।"

ବଳରାମ ଓ ନାବିକମାନେ ଧରାଧରିକରି ଯୁବକକୁ ଡଙ୍ଗାରେ ବସାଇଲେ । ଡଙ୍ଗା ମଗରମୁଖୀ ନୌକାଆଡ଼କୁ ଚାଲିଗଲା ।

ଦିନର ଶେଷଭାନୁ ପଶ୍ଚିମ ଆକାଶକୁ ଆଚ୍ଛାଦିତ କରିଛି, ସନ୍ଧ୍ୟା ଘନେଇ ଆସିଛି । ନୌକା ତିନୋଟି ପାଲଟାଣି ପୁନର୍ବାର ଅଗ୍ରସର ହେବାକୁ ଲାଗିଲା । ଆଜି ଶୁକ୍ଳ ତ୍ରୟୋଦଶୀ, ଆକାଶରେ ଚନ୍ଦ୍ର ଅଛି । ନୌକା ତିନୋଟି ସଙ୍ଗମ ପାରହୋଇ ତୁଙ୍ଗଭଦ୍ରାରେ ପ୍ରବେଶ କରିବ, ତାପରେ ତୀରକୂଳରେ କିମ୍ବା ନଦୀପଠାରେ ନଙ୍ଗର ପକାଇବ । ନଦୀରେ ରାତିରେ ନୌକା ଚଳାଇବା ନିରାପଦ ନୁହେଁ ।

ରସରାଜ ମହାଶୟ ଉତ୍ଫୁଲ୍ଲ ସ୍ୱରରେ କହିଲେ—"କୋହଲ ଭଳି ଚେତନକ୍ଲିସ୍ଥ ଔଷଧ ଆଉ ଅଛି ! ପରିସ୍ରୁତ ସୁରାସାର— ସାକ୍ଷାତ୍ ଅମୃତ । ଟୋପାଏ ମୁହଁରେ ପଡ଼ିଲେ ତିନିଦିନର ବାସିମଡ଼ା ବିଛଣାରୁ ଉଠିବସିବ ।"

ମନ୍ଦୋଦରୀ ଗୋଟିଏ ଦୀର୍ଘନିଃଶ୍ୱାସ ଛାଡ଼ି କହିଲା— "ଜୟ ଦାରୁବ୍ରହ୍ମ ।"

ମଣିକଙ୍କଣା ହସିଉଠିଲା—"ଏତେବେଳେ ମନ୍ଦୋଦରୀର ଦାରୁବ୍ରହ୍ମଙ୍କୁ ମନେପଡ଼ୁଛି—ଚାଲ ମାଳା, ତଳକୁ ଯିବା । ଆଜି ଆଉ ଖୋସାବାନ୍ଧିବା ହେଲା ନାହିଁ ।"

## —ପାଞ୍ଚ—

ଶୁକ୍ଳ ଚତୁର୍ଦ୍ଦଶୀର ଚନ୍ଦ୍ର ମଥାଉପରକୁ ଉଠିଛି । ନୌକା ତିନୋଟି ସଙ୍ଗମ ପାରହୋଇ ତୁଙ୍ଗଭଦ୍ରାର ଧାରରେ ପ୍ରବେଶ କରିଛି ଏବଂ ଗୋଟିଏ ପଠା ପାଖରେ ପରସ୍ପରଠାରୁ ଶହେ ହାତ ବ୍ୟବଧାନରେ ଲଙ୍ଗର ପଡ଼ିଛି । ଚତୁର୍ଦ୍ଦିଗ ନିଥର, ନିସ୍ପନ୍ଦ, ବହିଯାଉଥିବା ନଦୀ ସ୍ରୋତର ମଧ୍ୟ ଶୃଙ୍ଖଳା ନାହିଁ; ସର୍ବାଙ୍ଗରେ ଜ୍ୟୋତ୍ସ୍ନାର ସୂକ୍ଷ୍ମ ଝୀନବସ୍ତ୍ର ଆବୃତ ହୋଇ ପୃଥିବୀ ଯେପରି ତନ୍ଦ୍ରାଗ୍ରସ୍ତ ଅବାସ୍ତବ ସ୍ୱପ୍ନ ଦେଖୁଛି ।

ମୟୂରପଙ୍ଖୀ ନୌକାର ଗୋଟିଏ ବାସଗୃହ ସ୍ନିଗ୍ଧ ଦୀପ ପ୍ରଭାରେ ଆଲୋକିତ । ସନ୍ଧ୍ୟା କାଳରେ ଅଗୁରୁ-ଚନ୍ଦନ ଧୂପ ଜଳାହୋଇଥିଲା, ତାର ଗନ୍ଧ ଏ ପର୍ଯ୍ୟନ୍ତ ଲିଭି ଯାଇନି । ଗୋଟିଏ ସୁପରିସର ଶଯ୍ୟା ଉପରେ ରାଜକନ୍ୟା ଦ୍ୱୟ ଶୟନ କରିଥାଆନ୍ତି । ମନ୍ଦୋଦରୀ ଦ୍ୱାର ସମ୍ମୁଖରେ ଗୋଟିଏ କଡ଼ରେ ଜଳହସ୍ତୀ ପରି ଶୋଇଥାଏ ।

ରାଜକୁମାରୀମାନଙ୍କ ଚେତନା ବାରମ୍ବାର ତନ୍ଦ୍ରା ଓ ଜାଗରଣ ମଧ୍ୟରେ ଯାତାୟାତ କରୁଥାଏ । ବୈଚିତ୍ର୍ୟହୀନ ଜଳଯାତ୍ରା ମଝିରେ ଆଜି ହଠାତ୍ ଗୋଟିଏ ଅତର୍କିତ ଘଟଣା ଘଟିଯାଇଛି; ସେଥିପାଇଁ ସେମାନଙ୍କ ଉତ୍ସୁକ ମନ ନିଦ୍ରାସୀମାରେ ପହଞ୍ଚି ଆଉ ଥରେ ଜାଗ୍ରତ ଅବସ୍ଥାକୁ ଫେରିଆସୁଛି । ଅପରାହ୍ଣର ଘଟଣାଗୁଡ଼ିକ ବିଚ୍ଛିନ୍ନ ଭାବରେ ସେମାନଙ୍କ ଚକ୍ଷୁ ସମ୍ମୁଖରେ ଭାସିଉଠୁଛି ।

ଦୁଇ ଭଉଣୀ ମୁହାଁମୁହିଁ ହୋଇ ଶୋଇଥିଲେ । ମଣିକଙ୍କଣା ଥରେ ଆଖି ଖୋଲି ଦେଖିଲା ବିଦ୍ୟୁନ୍ମାଳାଙ୍କ ଆଖି ବନ୍ଦ, ସେ ମଧ୍ୟ ଆଖି ବୁଜିଲା । କ୍ଷଣକ ପରେ ବିଦ୍ୟୁନ୍ମାଳା ଚକ୍ଷୁ ମେଲି ଦେଖିଲେ କଙ୍କଣାର ଚକ୍ଷୁ ବନ୍ଦ, ସେ ପୁଣି ଚକ୍ଷୁ ବନ୍ଦ-କଲେ । ତାପରେ ଦୁଇ ଜଣ ଏକ ସଙ୍ଗେ ଚକ୍ଷୁ ଖୋଲିଲେ ।

ଦୁଇ ଜଣଙ୍କ ମୁହଁରେ ହସ ଫୁଟିଉଠିଲା । ମଣିକଙ୍କଣା ବିଦ୍ୟୁନ୍ମାଳାଙ୍କ ମୁହଁର ଆହୁରି ପାଖକୁ ମୁହଁ ଆଣି ଶୋଇଲା । ବିଦ୍ୟୁନ୍ମାଳା ଫୁସ୍‌ଫୁସ୍ କରି କହିଲେ—"ଭାଗ୍ୟକୁ ତୁ ଦେଖିବାକୁ ପାଇଲୁ, ନହେଲେ ଲୋକଟା ଉଦ୍ଧାର ପାଇ ନ ଥାନ୍ତା ।"

ମଣିକଙ୍କଣା ମୁହଁ ହଲାଇ କହିଲା—"ମନେହୁଏ ଲୋକଟି ଉଚ୍ଚକୁଳର । ବ୍ରାହ୍ମଣ କିମ୍ବା କ୍ଷତ୍ରିୟ ।"

ବିଦ୍ୟୁନ୍ମାଳା କହିଲେ—"କିନ୍ତୁ ବେକରେ ତ ପଇତା ନ ଥିଲା ।"

ମଣିକଙ୍କଣା କହିଲା "ପଇତା ବୋଧହୁଏ ନଦୀ ଜଳରେ ଖସିଯାଇଥିବ ! କିନ୍ତୁ ହାତରେ ଲୁଠି କାହିଁକି ଭଉଣୀ ? ଲୁଠିଥିବ କେହି ତ ପାଣିରେ ପଡେ ନାହିଁ ?"

ବିଦ୍ୟୁନ୍ମାଳା ଖବୁଷବୁ କହିଲେ "ହୁଏତ ଇଚ୍ଛାକରି ଲୁଠି ନେଇ ପାଣିରେ ପଶିଥିଲା, ତେଣୁ ଖସି ରହିବା ସମ୍ଭବ ହେଲା । ବାହିଁଶର ଲୁଠି ତ, ଭସାଇ ରଖିପାରେ ।"

"ସେଇଆ ହୋଇଥିବ ।"

ତାପରେ ଆଉ କିଛି ସମୟ କଳ୍ପନା ଜଳ୍ପନା ପରେ ସେମାନଙ୍କ ଆଖିପତା ଭାରୀହୋଇ ଆସିଲା, ସେମାନେ ଧୀରେ ଧୀରେ ନିଦ୍ରା ଗଲେ ।

ମୟୂରପଙ୍ଖୀର ଯେଉଁ କକ୍ଷଟିରେ ରସରାଜ ଓ ଚପିଟକମୂର୍ତ୍ତି ରହିଛନ୍ତି ତାହା ଅନ୍ଧକାର । ଦୁହେଁ ପୃଥକ ଶଯ୍ୟାରେ ଶୟନ କରିଥାଆନ୍ତି । ରସରାଜ ମହାଶୟ ସାତ୍ତ୍ୱିକ ପ୍ରକୃତିର ଲୋକ, ସେ ନିଦ୍ରାଗ୍ରସ୍ତ । ଚପିଟକ ଅନ୍ଧକାରରେ ଚେଇଁଛନ୍ତି; ତାଙ୍କ ମୁଣ୍ଡ ଭିତରେ ନାନା ଦୁଶ୍ଚିନ୍ତା ଛଇପୋକ ଭଳି ଏଣେ ତେଣେ ଘୁରିବୁଲୁଛନ୍ତି ଯେଉଁ ଲୋକଟିକୁ ନଦୀରୁ ଉଠାଇ ଅଣାଯାଇଛି ସେ ହିନ୍ଦୁ ନା ମୁସଲମାନ ? ମୁସଲମାନ ହେଲେ ସେ ଶତ୍ରୁର ଗୁପ୍ତଚର ହୋଇପାରେ; ହିନ୍ଦୁହେଲେ ମଧ୍ୟ ହୋଇପାରେ—ଆଜିକାଲି ଶତ୍ରୁ କିଏ ମିତ୍ର କିଏ ବୁଝିବା କଷ୍ଟ । ହଠାତ୍ କିଏ ନୌକାରେ ଉଠିଛି, କି ଅଭିସନ୍ଧି ନେଇ ନୌକାରେ ଉଠିଛି କିଏ କହିପାରେ—

ଚପିଟକମୂର୍ତ୍ତିଙ୍କ ଗଙ୍ଗାଟିକା ସଦୃଶ ଶରୀରର କଥା ପୂର୍ବରୁ କୁହାଯାଇଛି । ଏବେ ତାଙ୍କ ପ୍ରକୃତିଗତ ପରିଚୟ ଦିଆଯାଉ । ମାତୁଳ ମହୋଦୟଙ୍କ ପ୍ରକୃତ ନାମ ଚପିଟକ ନୁହେଁ, ଘଟଣାକ୍ରମେ ଚପିଟକ ହୋଇଯାଇଛି । କୋଡ଼ିଏ ବର୍ଷ ପୂର୍ବେ କଳିଙ୍ଗର ଚତୁର୍ଥ ଭାନୁଦେବ ଦକ୍ଷିଣ ଦେଶର ଜନୈକ ସାମନ୍ତ ରାଜାଙ୍କ କନ୍ୟାକୁ ବିବାହ କରି ଯେତେବେଳେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ, ସେତେବେଳେ ତାଙ୍କର ଅସଂଖ୍ୟ ଶାଳକ ମଧ୍ୟରୁ ଜଣେ ଶାଳକ ସଙ୍ଗରେ ଆସିଥିଲେ । କିଛିଦିନ ଯିବାପରେ ଭାନୁଦେବ ଦେଖିଲେ, ଶାଳକର ସ୍ୱଗୃହ ପ୍ରତ୍ୟାବର୍ତ୍ତନ ଇଚ୍ଛା ନାହିଁ; ସେ ସେତେ-ବେଳେ ତାଙ୍କୁ ରାଜପରିବାରର ଭଣ୍ଡାରଘର ଦାୟିତ୍ୱରେ ନିଯୁକ୍ତ କଲେ । ରାଜଭଣ୍ଡାରରେ ବହୁ-ବିଧ ଖାଦ୍ୟସାମଗ୍ରୀ ସହିତ ରାଶି ରାଶି ଚୂଡ଼ା ଗଦା ଗଦା ହୋଇଥାଏ, ଦହି ଓ ଗୁଡ଼ ସହିତ ଏହା ହିଁ ଭୃତ୍ୟପରିଜନଙ୍କ ଜଳଖିଆ । ଶାଳକ ମହାଶୟଙ୍କ ପ୍ରଥମ ନାମ ବୋଧହୁଏ ହରିଆପ୍ପା କୃଷ୍ଣମୂର୍ତ୍ତି ଭଳି ଏମିତି କିଛି ଗୋଟେ

ନାମ ଥିଲା, କିନ୍ତୁ ଯେତେବେଳେ ଭଣ୍ଡାରର ଦାୟିତ୍ୱ ଗ୍ରହଣ କରି ମହାଆନନ୍ଦରେ ରାଜ୍ୟ ଅର୍ଥ ତ୍ରି ଚପିଟକ ବିତରଣ କରିବାକୁ ଲାଗିଲେ ସେତେବେଳେ ଦାର୍ଶୀ— ପରିଜନ ମଧ୍ୟରେ ତାଙ୍କ ନାମ ଅବିଳମ୍ବେ ଚପିଟକ ମୂର୍ତ୍ତିରେ ପରିଣତ ହେଲା । କେବଳ ଚପିଟକ ବିତରଣ ପାଇଁ ନୁହେଁ, ଶାଳକ ମହାଶୟଙ୍କ ନାକଟା ମଧ୍ୟ ଥିଲା ଚପିଟକ ପରି ଚେପଟା ।

ମଣିଷର ଚରିତ୍ର ନେଇ ପ୍ରକୃତିର ଏକ ବିଚିତ୍ର ପରିହାସ ଦେଖାଯାଏ, ଯାହାର ବୁଦ୍ଧି ଯେତେ କମ୍ ସେ ନିଜକୁ ସେତେ ବୁଦ୍ଧିମାନ ମନେକରେ, ଚପିଟକ-ମୂର୍ତ୍ତି ମହାଶୟ ପିତୃଳୟରେ ଅବସ୍ଥାନ କାଳରେ ନିଜ ଭାଇମାନଙ୍କ ପାଖରେ ନିର୍ବୁଦ୍ଧିତା ହେତୁ ବିଖ୍ୟାତ ଥିଲେ, ତେଣୁ ସୁଯୋଗ ପାଇବା ମାତ୍ରେ ସେ ଅଭିମାନ କରି ଭଗ୍ନୀପତିଙ୍କ ରାଜ୍ୟକୁ ଚାଲିଆସିଥିଲେ । ତାପରେ ରାଜଭଣ୍ଡାରର ଅଧିକର୍ତ୍ତା ପଦ ପାଇଁ ତାଙ୍କର ଧାରଣା ଜନ୍ମିଥିଲା ଯେ ଭାନୁଦେବ ତାଙ୍କ ବୁଦ୍ଧିର ମୂଲ୍ୟ ବୁଝିଛନ୍ତି । କିନ୍ତୁ ତଥାପି ତାଙ୍କ ନିଭୃତ ଅନ୍ତରରେ ଯେଉଁ ଚରମ ଆଶାଟି ଲୁଚି ରହିଥିଲା ତାହା ଅଦ୍ୟାପି ଅପୂର୍ଣ୍ଣ ରହିଛି ।

ଦାକ୍ଷିଣାତ୍ୟରେ ବସତି ସ୍ଥାପନ କରିଥିବା ଆର୍ଯ୍ୟ ଜାତି ମଧ୍ୟରେ ସମ୍ଭବତଃ ଦ୍ରାବିଡ଼ ଜାତି ସହିତ ଘନିଷ୍ଠ ସମ୍ପର୍କ ଫଳରେ ଗୋଟିଏ ବିଶେଷ ସାମାଜିକ ପ୍ରଥା ପ୍ରଚଳିତ ହୋଇଥିଲା, ମାମୁଁ ସହ ଭାଣିଜୀର ବିବାହ ପ୍ରଶଂସନୀୟ ଓ ବାଞ୍ଛିତ । ଉତ୍ତରରେ ଯେଉଁମାନେ ଏ ଜାତୀୟ ବିବାହକୁ ଘୃଣା ଚକ୍ଷୁରେ ଦେଖନ୍ତି ସେମାନେ ମଧ୍ୟ ଦାକ୍ଷିଣାତ୍ୟ ଯାଇ ଦେଶାଚାର ଓ ଲୋକାଚାର ଗ୍ରହଣ କରି ନେଇଛନ୍ତି । ଦୀର୍ଘକାଳ ଧରି ବ୍ୟବହାର ଫଳରେ ଏହା ଏକ ସହଜ ଓ ସ୍ୱାଭାବିକ ବିଧାନ ହିସାବରେ ଗଣ୍ୟ ହେଉଥିଲା । ତେଣୁ ଚପିଟକମୂର୍ତ୍ତି ଯେତେବେଳେ ଭଗ୍ନୀପତିର ପ୍ରାସାଦକୁ ଆସି ଅଧିଷ୍ଠିତ ହେଲେ ସେତେବେଳେ ତାଙ୍କ ମନରେ ସୁଦୂର ଭବିଷ୍ୟତର ଗୋଟିଏ ଆଶାବୀଜ ରୂପେ ବିରାଜମାନ କରିବାକୁ ଲାଗିଲା । ଯଥାସମୟରେ ତାଙ୍କର ଗୋଟିଏ ଭାଣିଜୀର ଆବିର୍ଭାବ ଘଟିଲା, ଚପିଟକଙ୍କ ଆଶା ଅଙ୍କୁରିତ ହେଲା, ତାପରେ ବର୍ଷ ପରେ ବର୍ଷ ବିତିଗଲା, କିନ୍ତୁ ମାତୁଳ ସହ ରାଜକନ୍ୟାର ବିବାହ ପ୍ରସଙ୍ଗ କେହି ଉତ୍ଥାପନ କଲେନାହିଁ; ଚପିଟକଙ୍କ ଆଶାର ଅଙ୍କୁର ଜଳସିଞ୍ଚନ ଅଭାବରେ ମ୍ରିୟମାଣ ହୋଇ ରହିଲା; ଶାଳକଭାବେ ରାଜପରିବାରରେ ପ୍ରବେଶ କରି ରାଜଜାମାତା ପଦକୁ ଉନ୍ନୀତ ହେବାର ଉଚ୍ଚାଶା ଫଳବତୀ ହେଲାନାହିଁ । ଚପିଟକମୂର୍ତ୍ତି ଥରେ ଭଉଣୀ ନିକଟରେ ପ୍ରସଙ୍ଗ ଉତ୍ଥାପନ କରିଥିଲେ, ରାଜମହିଷୀ ଶୁଣି ହସି ହସି ଗଡ଼ିଯାଇଥିଲେ; କହିଥିଲେ—"ଏ କଥା ଅନ୍ୟ କାହାକୁ କହିବୁ ନାହିଁ ।"

ପ୍ରକୃତ କଥା, କଳିଙ୍ଗର ସମାଜବିଧି ଠିକ୍ ଆର୍ଯ୍ୟାବର୍ତ୍ତ ପରି ନୁହେଁ, ଦକ୍ଷିଣାତ୍ୟ ପରି ମଧ୍ୟ ନୁହେଁ, ମଧ୍ୟପଥଗାମୀ । ଭାରତର ମଧ୍ୟପ୍ରଦେଶୀୟ ରାଜ୍ୟଗୁଡ଼ିକର ଅବସ୍ଥା ପ୍ରାୟ ଏକା ପ୍ରକାର; ସେମାନେ ସୁବିଧା ଅନୁଯାୟୀ ଏକୂଳ—ସେକୂଳ ଦୁଇ କୂଳରଖି ଚଳନ୍ତି । କଳିଙ୍ଗର ଲୋକେ ମାମୁଁ-ଭାଣିଜୀ ବିବାହକୁ ଘୃଣାଚକ୍ଷୁରେ ଦେଖନ୍ତି ନାହିଁ । ଅଧିକନ୍ତୁ ଅତି ମର୍ଯ୍ୟାଦାପୂର୍ଣ୍ଣ ସତ୍କାର୍ଯ୍ୟ ବୋଲି ଭାବନ୍ତି ନାହିଁ । ନାରୀମାନେ କଞ୍ଚୁମାର ଶାଢ଼ୀପିନ୍ଧିବା ପରି ଏହା ସେମାନଙ୍କ ପାଇଁ କୌତୁହଳଜନକ ବ୍ୟାପାର, ତାଠୁ ବେଶୀ ନୁହେଁ ।

ଚପିଟକ କିନ୍ତୁ ଆଶା ଛାଡ଼ି ନ ଥିଲେ, ଧୈର୍ଯ୍ୟଧରି ରହିଥିଲେ । ଭାଣିଜୀ ବିଦ୍ୟୁନ୍ମାଳା ବଡ଼ ହେଲା । ତାପରେ ଯୁକ୍ତି-ବିଗ୍ରହ ନାନା ବିପର୍ଯ୍ୟୟ ମଧ୍ୟରେ ବିଦ୍ୟୁନ୍ମାଳାର ବିବାହ ସ୍ଥିର ହେଲା ବିଜୟନଗରର ଦେବରାୟଙ୍କ ସହିତ ଏବଂ ଏମିତି ଭାଗ୍ୟର ପରିହାସ ଯେ, ଚପିଟକମୂର୍ତ୍ତି ବଧୂର ଅଭିଭାବକ ହୋଇ ତା' ସଙ୍ଗରେ ପ୍ରେରିତ ହେଲେ ।

ଆଉ ବିଶେଷ ଆଶା ନ ଥିଲା । କିନ୍ତୁ ଚପିଟକ ଛାଡ଼ିବାରପାତ୍ର ନୁହଁନ୍ତି, ସେ ନୌକାରେ ଚଢ଼ି ସଙ୍ଗରେ ଆସିଛନ୍ତି । ଯେତେବେଳଯାଏ ଶ୍ୱାସ, ସେତେବେଳ ପର୍ଯ୍ୟନ୍ତ ଆଶା ।

ସେହି ରାତିରେ ନୌକାର ଅନ୍ଧକାର କୋଠରୀରେ ଶୋଇରହି ଚପିଟକ ଚିନ୍ତା କରୁଥିଲେ—ନଦୀ ମଧ୍ୟରୁ ଉଦ୍ଧାର କରାଯାଇଥିବା ଲୋକଟା ନିଶ୍ଚୟ ମୁସଲମାନ ଏବଂ ଶତ୍ରୁର ଗୁପ୍ତଚର । କାଲି ସକାଳୁ ତାକୁ ନୌକାରୁ ଡାକି କୂଟ ପ୍ରଶ୍ନ କଲେ ଗୁପ୍ତଚରର ସ୍ୱରୂପ ଜଣାପଡ଼ିବ । ଗୁପ୍ତଚର ଯେତେ ଧୂର୍ତ୍ତ ହେଉନା-କାହିଁକି ଚପିଟକଙ୍କ ଚକ୍ଷୁରେ ଧୂଳି ଦେଇପାରିବ ନାହିଁ ।

—ଛଅ—

ଡେଙେଣ ମଗରମୁହାଁ ନୌକାରେ ସମସ୍ତେ ଶୋଇ ପଡ଼ିଥିଲେ । କେବଳ ଦୁଇ ଜଣ ଗୁଡରେ ଜଗି ବସିଥିଲେ, ଜଣେ ନୌକାର ସମ୍ମୁଖରେ ଓ ଆଉ ଜଣେ ପଛରେ । ଆଉ ଯେଉଁମାନେ ଚେଇଁ ରହିଥିଲେ ସେମାନେ ହେଲେ ବଳରାମ କର୍ମକାର ଓ ଜଳବୃତ ଯୁବକ । ଜହ୍ନ ଆଲୁଅରେ ପଟା ଉପରେ ବସି ଦୁଇଜଣ ଧୀରେ ଧୀରେ କଥାବାର୍ତ୍ତା ହେଉଥିଲେ । ଯୁବକ ପେଟେ ଭଡଲା ଭାତ ଖାଇସାରି ଦୁଇ ଦଣ୍ଡ ଶୋଇ ଯାଇଥିଲା ବୋଲି ଖୁବ୍ ସତେଜ ହୋଇ ଉଠିଛି ।

ପ୍ରଶ୍ନୋତ୍ତର ଭିତରେ ସେମାନଙ୍କ ବାକ୍ୟାଳାପ, ବଳରାମ ପ୍ରଶ୍ନ କରୁଛି, ଯୁବକ ଉତ୍ତର ଦେଉଛି । ବଳରାମ ଯେ ପ୍ରଶ୍ନ କରୁଛି ତାହା କେବଳ କୌତୁହଳ ଯୋଗୁଁ ନୁହେଁ, ଅନାହୂତ ଅତିଥିର ପ୍ରକୃତ ପରିଚୟ ସଂଗ୍ରହ କରିବା ହିଁ ତାର ମୂଳ ଉଦ୍ଦେଶ୍ୟ । ଏ ସମ୍ପର୍କରେ ବୁଦ୍ଧିହୀନ ଚପିଟକମୂର୍ତ୍ତି ଓ ବୁଦ୍ଧିମାନ ବଳରାମ ଉଭୟଙ୍କ ମନୋଭାବ ଏକ ।

ବଳରାମ କହିଲା—"ତୁମେ ଯେ ମୁସଲମାନ ନୁହଁ ତା ମୁଁ ବୁଝିଛି । ତୁମ ନାଁ କ'ଣ ?"

ଯୁବକଟି ବଳରାମ ଆଡ଼େ ଆଶ୍ଚର୍ଯ୍ୟ ହୋଇ ଚାହିଁଲା, ପଟା ଆଡ଼େ ଆଖି ବୁଲେଇ ଆଣିଲା ଏବଂ ଅସ୍ପଷ୍ଟ ସ୍ୱରରେ କହିଲା—"ମୋ ନାଁ ଅର୍ଜ୍ଜୁନ ବର୍ମା ।"

ବଳରାମ ମୁରୁକି ହସିଲା—"ଭଲ । ମୁଁ ଭାବିଥିଲି ତୁମ ନାମ ବୋଧହୁଏ ଦଣ୍ଡପାଣି ।"

ଅର୍ଜ୍ଜୁନବର୍ମା ନିକଟରେ ଦଣ୍ଡ ଦୁଇଟି ରଖା ହୋଇଥିଲା, ସେ ଥରେ ସେ ଆଡ଼କୁ ଆଖି ପକାଇ କହିଲା—"ତୁମେ ଆଜ ମୋ ପ୍ରାଣ ବଞ୍ଚାଇଛ । ଜଳୁ ଏହି ଦଣ୍ଡ ଦୁଇଟି ନ ଥିଲେ ଏତେଦୂର ଆସିପାରି ନ ଥାନ୍ତି, ଆଗରୁ ହିଁ ବୁଡ଼ି ଯାଇଥାନ୍ତି ।"

ବଳରାମ ପଚାରିଲା—"ତୁମେ କେଉଁଠୁ ଆସିଛ ?"

ଅର୍ଜ୍ଜୁନବର୍ମା ଉତ୍ତର ଦେଲା—"କୁଲବର୍ଗାରୁ ।"

ବଳରାମ କହିଲା—"କୁଲବର୍ଗା ନାଁ ଶୁଣିଛି । ଦକ୍ଷିଣରେ ଯବନମାନଙ୍କ ରାଜଧାନୀ । ସେମାନେ ବଡ଼ ଅତ୍ୟାଚାରୀ; ବର୍ବର ଜାତି । ମୁଁ ବି ସେମାନଙ୍କ ଯୋଗୁଁ

ଦେଶ ଛାଡ଼ୁଛୁ । ବଙ୍ଗଦେଶସାରା ଯବନ ମାଡ଼ି ଯାଉଛନ୍ତି । ତୁମେ ବି କ'ଣ ସେମାନଙ୍କ ଅତ୍ୟାଚାରରେ ଦେଶ ଛାଡ଼ୁଛ ?"

"ହଁ ।" ଅର୍ଜୁନବର୍ମା ଅଟକି ଅଟକି କହିବାକୁ ଲାଗିଲା—"କୁଳବର୍ଣ୍ଣା ନିକଟରେ ଭୀମା ନଦୀ– ସେମାନଙ୍କ ଅତ୍ୟାଚାରରେ ଆଜି ସକାଳେ ଭୀମା ନଦୀକୁ ଡେଇଁ ପଡ଼ିଥିଲି—ଭୀମା ଆସି କୃଷ୍ଣାରେ ମିଶିଛି—ତାର ବହୁତ ଦୂରରେ କୃଷ୍ଣା ତୁଙ୍ଗଭଦ୍ରାରେ ମିଶିଛି—ଏତେଦୂର ବୋଲି ଭାବି ନ ଥିଲି—ଲଠି ଦୁଇଟା ଥିଲା ବୋଲି କୌଣସି ପ୍ରକାରେ ଭାସି ରହିଥିଲି—ତାପରେ ତୁମେ ବଞ୍ଚେଇଲ—"

ବଲରାମ ପ୍ରଶ୍ନ କଲା—"କେଉଁଠି ଯାଉଥିଲ ?"

"ବିଜୟନଗର । ଭାବିଥିଲି ପହଁରି ପହଁରି ତୁଙ୍ଗଭଦ୍ରାର ଦକ୍ଷିଣ ତୀରକୁ ଯିବି, ତାପରେ ଚାଲି ଚାଲି ବିଜୟନଗର ଯିବି ।"

"ଭଲ କଥା । ଆମେ ମଧ୍ୟ ବିଜୟନଗର ଯାଉଛୁ । ତୁମେ ପାଦରେ ଚାଲିବା ପରିଶ୍ରମରୁ ବଞ୍ଚିଗଲ ।"

କିଛି ସମୟ ଉଭୟେ ନୀରବ ରହିଲେ । ତାପରେ ଅର୍ଜୁନବର୍ମା ପ୍ରଶ୍ନ କଲା— "ତୁମେମାନେ କେଉଁଠୁ ଆସୁଛ ?"

"କଳିଙ୍ଗରୁ । ତିନି ମାସର ରାସ୍ତା ।"

"ସମନାରେ ବଡ଼ ନୌକାରେ କେଉଁମାନେ ଯାଉଛନ୍ତି ?"

ବଲରାମ ଟିକେ ଭାବିଲା । କିନ୍ତୁ ଏବେ ସେମାନେ ତୁଙ୍ଗଭଦ୍ରାର ସ୍ରୋତରେ ପ୍ରବେଶ କରିଛନ୍ତି, ନଦୀର ଦୁଇକୂଳ ବିଜୟ ନଗରର ଅଧିନରେ, ଯବନ ରାଜ୍ୟ ଅନେକ ଦୂରରେ, କୃଷ୍ଣାର ଅପରପାଖରେ, ସୁତରାଂ ଅଧିକ ସାବଧାନତା ନିଷ୍ପ୍ରୟୋଜନ । ସେ କହିଲା—"କଳିଙ୍ଗର ଦୁଇ ରାଜକନ୍ୟା ଯାଉଛନ୍ତି । ବଡ଼ ରାଜକନ୍ୟାଙ୍କ ସହ ବିଜୟନଗରର ରାଜା ଦେବରାୟଙ୍କ ବିବାହ ହେବ ।"

ଅର୍ଜୁନବର୍ମା ଆଉ ଅଧିକ ଆଗ୍ରହ ପ୍ରକାଶ କଲାନାହିଁ, ବଲରାମ ପଟାତଟାଣରେ ଲମ୍ବମାନହୋଇ ପଡ଼ିଗଲା, କହିଲା—"ରାତି ହେଲାଣି, ଶୋଇପଡ଼ । ଏପର୍ଯ୍ୟନ୍ତ ତୁମ ଶରୀରରୁ କ୍ଳାନ୍ତି ଦୂର ହୋଇ ନ ଥିବ ।"

ଅର୍ଜୁନ ଲଠି ଦୁଇଟି ପାଖକୁ ଆଣି ଶୋଇଲା, କହିଲା—"ତୁମ ନିଜ କଥା ତ କହିଲ ନାହିଁ । ତୁମେ କଳିଙ୍ଗଦେଶର ଲୋକ, ବଙ୍ଗଦେଶ କଥା କ'ଣ କହୁଥିଲ ?

ବଳରାମ କହିଲା—"ମୁଁ କଳିଙ୍ଗଦେଶରୁ ଆସିଛି ସତ, କିନ୍ତୁ ବଙ୍ଗଦେଶର ଲୋକ । ମୋ ନାଁ ବଳରାମ, ଜାତିରେ କମାର ।

ଅର୍ଜୁନ କହିଲା "ବଙ୍ଗଦେଶ ତ ଅନେକ ଦୂର ! ତୁମେ ଦେଶ ଛାଡ଼ି ଏତେ ଦୂର ଆସିଛ !"

ବଳରାମ ଆକ୍ଷେପ କରି କହିଲା—"ବଙ୍ଗଦେଶ କି ଆଉ ବଙ୍ଗଦେଶ ହୋଇ ରହିଛି; ଶ୍ମଶାନ ହୋଇଯାଇଛି, ସେଇ ଶ୍ମଶାନରେ ବିକଟାଳ ପ୍ରେତ-ପିଶାଚ ନାଚି ବୁଲୁଛନ୍ତି । ତେଣୁ ଦେଶଛାଡ଼ି ପଳେଇ ଆସିଛି ।"

"ବଙ୍ଗଦେଶରେ ବୋଧହୁଏ ଯବନ ରାଜା ?"

"ହଁ । ମଝିରେ କିଛି ଦିନ ରାଜା ଗଣେଶ ସିଂହାସନରେ ବସିଥିଲେ, ବଙ୍ଗାଳୀ ହିନ୍ଦୁର ଭାଗ୍ୟ ଫେରିଥିଲା । ତାପରେ ପୁଣି ଯେଉଁ ନରକକୁ ସେଇ ନରକ ।"

"ସେଗୁଡ଼ାକ ବଡ଼ ଅତ୍ୟାଚାରୀ, ବଡ଼ ନୃଶଂସ"—ଅର୍ଜୁନର କଥା ଅସମାପ୍ତ ରହିଗଲା, ଯେମିତି ମନଭିତରେ ଅସଂଖ୍ୟ ଅତ୍ୟାଚାର ଓ ନୃଶଂସତାର କାହାଣୀ ଅକଥିତ ରହିଗଲା ।

ବଳରାମ ହଠାତ୍ କହିଲା—"ଭଲ କଥା । ତୁମେ ବାହା ହୋଇଛ ?"

"ନା" ଆକାଶରେ ଖସି ଆସୁଥିବା ଚନ୍ଦ୍ର ଆଡ଼େ ଚାହିଁ ଅର୍ଜୁନ କ୍ଷୀଣ କଣ୍ଠରେ କହିଲା—"ଯବନର ରାଜଧାନୀରେ ବିବାହ କଲେ ପ୍ରାଣ ପ୍ରତି ବିପଦ, ବିଶେଷତଃ ଯଦି କନ୍ୟା ସୁନ୍ଦରୀ ହୋଇଥାଏ । ଯାହା ଘରେ ସୁନ୍ଦରୀ କନ୍ୟା ଜନ୍ମହୋଇଛି, ସେମାନେ କନ୍ୟାର ବୟସ ସାତ ଆଠ ବର୍ଷ ହେଉ ନ ହେଉଣୁ ବିବାହ ଦେଇ ନିଶ୍ଚିନ୍ତ ହୁଅନ୍ତି । ଅନେକେ ଝିଅର ମୁହଁକୁ ଛୁରୀରେ ଦାଗ କାଟି କୁତ୍ସିତ କରିଦିଅନ୍ତି, ତାହେଲେ ଯବନର ନଜର ପଡ଼ିବ ନାହିଁ । ଏହା ସତ୍ତ୍ୱେ ରକ୍ଷା ନାହିଁ, ମୁସଲମାନ ସିପାହୀମାନେ ଯୁବତୀ ଝିଅ ଦେଖିଲେ ହିଁ ଧରି ନେଇଯାଆନ୍ତି, ଆଉ ସ୍ୱାମୀକୁ ଶେଷ କରିଦିଅନ୍ତି ଯେମିତି ଆପତ୍ତି କରିବାକୁ କେହି ନ ଥିବ । ଦକ୍ଷିଣ ଦେଶରେ କନ୍ୟାମାନଙ୍କର ପର୍ଦ୍ଦା ପ୍ରଥା ନ ଥିଲା, ଏବେ ସେ ଦେଶର ଝିଅମାନେ ଯବନ ଭୟରେ ବାହାରକୁ ଆସୁନାହାନ୍ତି ।"

ବଳରାମ ଉତ୍ତେଜିତ ହୋଇ ଉଠି ବସି କହିଲା—"ଯେଉଁଠି ଯବନ ସେଠି ଏହି ଦଶା । ତେବେ ମୋ ଜୀବନ କାହାଣୀ କହୁଛି ଶୁଣ । ବର୍ଦ୍ଧମାନ

ନାମ ବୋଧହୁଏ ତୁମେ ଶୁଣି ନାହଁ; ଦାମୋଦର ନଦୀ ତୀରରେ ବସ୍ଟ ନଗର । ସେଠାରେ ମୋର କମାରଶାଳ ଥିଲା, ବେଶ ବଡ଼ କମାରଶାଳ । ଦା, କୋଦାଳ, କଟୁରୀ ତିଆରି କରୁଥିଲି, ଘୋଡ଼ା ଖୁରାରେ ନାଲ ପିନ୍ଧାଉଥିଲି, ଶଗଡ଼ ଚକର ହାଲ ବସାଉଥିଲି । ଖଣ୍ଡା, ଛୁରୀ ଏପରି କି କମାଣ ପର୍ଯ୍ୟନ୍ତ ତିଆରି କରିବା ଜାଣିଛି, କିନ୍ତୁ ମୁସଲମାନ ରାଜାମାନେ ତିଆରି କରିବାକୁ ଦେଲେ ନାହିଁ, ମଝିରେ ମଝିରେ ରାଜାର ଲୋକ ଆସି ତଦାରଖ କରି ଯାଉଥିଲେ । ଆମେ ଅବଶ୍ୟ ଲୁଚେଇ ଲୁଚେଇ ଅସ୍ତ୍ରଶସ୍ତ୍ର ତିଆରି କରୁଥିଲୁ । କିନ୍ତୁ ଛାଡ଼ ସେ କଥା—

"ଥରେ ଲୁହା କିଣିବା ପାଇଁ ଆଦିବାସୀମାନଙ୍କ ଗାଁକୁ ଯାଇଥିଲି । ସେମାନେ ପାହାଡ଼ ଜଙ୍ଗଲରୁ ଲୁହାପଥର ସଂଗ୍ରହ କରି ଆଣି ତରଲାଇ ଲୁହା ତିଆରି କରନ୍ତି, ଆମେ କମାରମାନେ ଶଗଡ଼ ନେଇ ଯାଉଥିଲୁ, ସେମାନଙ୍କ ପାଖରୁ ଲୁହା କିଣି ଆଣୁଥିଲୁ । ସେଥର ଗାଁରୁ ଲୁହା କିଣି ଦୁଇ ଦିନ ପରେ ଫେରିଆସି ଦେଖିଲି, ମୁସଲମାନ ସିପାହୀମାନେ ମୋ କମାରଶାଳକୁ ଛିନ୍‌ଛତର କରି ଦେଇଛନ୍ତି, ଆଉ ମୋ ସ୍ତ୍ରୀକୁ ଧରି ନେଇ ଯାଇଛନ୍ତି " ବଳରାମ ଆଉ ଥରେ ଚଟାଣରେ ଗଡ଼ିଗଲା, କିଛି କ୍ଷଣ ଆକାଶ ଆଡ଼େ ଚାହିଁ ରହି ଗମ୍ଭୀର ଦୀର୍ଘଶ୍ୱାସ ଛାଡ଼ିଲା - "ସ୍ତ୍ରୀଟା ମୋର ମୁଖରା ଥିଲା, କିନ୍ତୁ ଦେଖିବାକୁ ଭାରି ସୁନ୍ଦର । ଯାଉ ସେ ମରୁ ସେ । ଯିଏ ଯେମିତି ଭାଗ୍ୟ ନେଇ ଆସିଛି । ମୋର ଆଉ ଦେଶରେ ମନ ଲାଗିଲା ନାହିଁ । ଭାବିଲି ଯେଉଁ ଦେଶରେ ମୁସଲମାନ ନାହାନ୍ତି ସେହି ଦେଶକୁ ଯିବି । ତାପରେ ଦିନେ ଲୁହାଦଣ୍ଡାରେ ଜଣେ ବଙ୍ଗୀ ଜବନର ମୁଣ୍ଡ ଫଟେଇ କଳିଙ୍ଗ ଦେଶକୁ ପଳେଇ ଆସିଲି ।

"କଳିଙ୍ଗ ଦେଶରେ ଏପର୍ଯ୍ୟନ୍ତ ଯବନ ପଶି ପାରିନି । କିନ୍ତୁ ପଶିବାକୁ କେତେ କ୍ଷଣ ? ମୁଁ ଏକାବେଳେକେ କଳିଙ୍ଗର ଦକ୍ଷିଣ କୋଣ କଳିଙ୍ଗ ପତ୍ତନକୁ ଆସି ନୂଆ କରି କମାରଶାଳ ବସେଇଲି । କଳିଙ୍ଗରେ ସେତେବେଳେ ଯୁଦ୍ଧ ଚାଲିଥାଏ, କମାରମାନଙ୍କ ଖୁବ୍ ଚାହିଦା । ମୁଁ ଅସ୍ତ୍ରଶସ୍ତ୍ର ତିଆରି କରିବାରେ ଲାଗିଗଲି । ରାଜାଠାରୁ ପଦାତିକ ପର୍ଯ୍ୟନ୍ତ ସମସ୍ତେ ମୋ ନାମ ଜାଣିଗଲେ । ତାପରେ ଯୁଦ୍ଧ ବନ୍ଦ ହେଲା, ବିଜୟନଗରର ରାଜାଙ୍କ ସହ କଳିଙ୍ଗ ରାଜକନ୍ୟାଙ୍କ ବିବାହ ସ୍ଥିର ହେଲା । ନୌବହର ସଜାଇ ରାଜକନ୍ୟା ବିବାହ କରିବାକୁ ଯିବେ । ମୁଁ ଭାବିଲି, ଦେଶ ଛାଡ଼ି ଯେତେବେଳେ ଏତେଦୂର ଆସିଛି ତେବେ ବିଜୟନଗର ନ ଯିବି କାହିଁକି ? ବିଜୟନଗରର ରାଜବଂଶ ବୀରବଂଶ, ତାଙ୍କ ଯୋଗୁଁ ଶତ ବର୍ଷ ଧରି ଯବନମାନେ କୃଷ୍ଣା ନଦୀ ଡେଇଁପାରି ନାହାନ୍ତି । ବର୍ତ୍ତମାନର ରାଜା କେବଳ ବୀର ନୁହନ୍ତି, ଗୁଣଗ୍ରାହୀ ମଧ୍ୟ, ଯଦି ତାଙ୍କ ଦୃଷ୍ଟିରେ ପଡ଼ିଯାଏ, ମୋ ଭାଗ୍ୟ

ଫେରି ଆସିବ । ଗଲି ନୌ-ନାୟକ ମହାଶୟଙ୍କ ପାଖକୁ । ନୌବନ୍ଦରର ଦୀର୍ଘପଥ ଯାତ୍ରା ସମୟରେ ସାଙ୍ଗରେ ଯେମିତି ବଢ଼େଇ ଦରକାର, ସେମିତି କମାର ବି ଦରକାର । ନୌ-ନାୟକ ମହାଶୟ ମୋ ନାଁ ଜାଣିଥିଲେ, ଖୁସି ହୋଇ ନୌକାରେ କାମ ଦେଲେ । ଆଜି କ, ଯନ୍ତ୍ରପାତି ନେଇ ବାହାରି ପଡ଼ିଲି । ସେଇଠୁ ଚାଲିଛି ।"

ବଲରାମର କଥା କହିବା ଭଙ୍ଗୀରୁ ମନେହୁଏ, ସେ ଜୀବନରେ ଅନେକ ଦୁଃଖ ପାଇଛି, କିନ୍ତୁ ଦୁଃଖକୁ ସେ ବେଶି ଜୋର ଦେଇନି । ଦୁଃଖ ତ ଅଛି, ଦୁଃଖ ତ ଜୀବନର ସଙ୍ଗୀ । ତାହାରି ଫାଙ୍କ ପାଙ୍କରେ ଯେତେଟା ସୁଖ ଆହରଣ କରାଯାଇ ପାରେ ତେତିକ ଲାଭ ।

ବଲରାମ ମୁହଁ ଫେରାଇ ଦେଖିଲା—ଅର୍ଜୁନବର୍ମାର ଚକ୍ଷୁ ମୁଦ୍ରିତ, ସେ ବୋଧହୁଏ ଶୋଇପଡ଼ିଛି । ତାର କ୍ଲାନ୍ତ—ଶିଥିଳ ମୁଖ ଲକ୍ଷ୍ୟ କରି ବଲରାମ ଅନ୍ତରରେ କିଞ୍ଚିତ ସ୍ନେହଭାବ ଅନୁଭବ କଲା । ଆହା, ପିଲାଟିର କେତେ ବା ବୟସ ହେବ, ଖୁବ୍ ଜୋରରେ ଏକୋଇଶ—ବାଇଶ, ବଲରାମଠୁ ଅନ୍ତତଃ ଦଶ ବର୍ଷ ସାନ । ଏ ବୟସରେ ଅଭାଗା ବହୁତ ଦୁଃଖ ପାଇଛି, ଅନେକ ଦୁଃଖ ନ ପାଇଲେ କେହି ଦେଶ ଛାଡ଼ି ପଳାଇବା ଲାଗି ନଦୀକୁ ଡେଇଁ ପଡ଼େ ନାହିଁ ।

## — ସାତ —

ତହିଁପରଦିନ ପ୍ରତ୍ୟୁଷରୁ ନୌକା ଛଅଟି ନଙ୍ଗର ଫିଟାଇ ପୁଣି ଉଜାଣିରେ ଯାତ୍ରା କଲା ।

କିନ୍ତୁ ତୁଙ୍ଗଭଦ୍ରାରେ ବଡ଼ ନୌକା ଚାଳନା ଏକ କୌଶଳସାଧ୍ୟ କାମ, ସେଥିପାଇଁ ନାବିକର ସାହାଯ୍ୟ ନେବାକୁ ହୁଏ । ନଦୀଗର୍ଭ ପୂର୍ବଭଳି ଗଭୀର ନୁହେଁ, ନଦୀର ତଳଦେଶ ଶିଳାପ୍ରସ୍ତରରେ ପୂର୍ଣ୍ଣ, ସ୍ଥାନେ ସ୍ଥାନେ ପଥର ଦ୍ୱୀପ ପାଣି ଭିତରୁ ମଥା ଟେକି ଉଠିଛି, ଅତି ସାବଧାନ ସହକାରେ ବାଉ ଲଗେଇ ପାଣିର ଗଭୀରତା ମାପି ମାପି ଅଗ୍ରସର ହେବାକୁ ପଡ଼େ । ନଦୀର ଚଉଡ଼ାମଧ୍ୟ ଅଧିକ ନୁହେଁ, ସ୍ଥାନେ ସ୍ଥାନେ ପନ୍ଦର ରଜୁ, କେଉଁଠି ବା ଆହୁରି କମ; ଦୁଇ ତୀରର ଉଚ୍ଚ ପାଷାଣ ପ୍ରାଚୀର ନଦୀଟିକୁ ସଙ୍କୀର୍ଣ୍ଣ ନାଳରେ ଆବଦ୍ଧ କରି ରଖିଛି । ନୌକା ନଦୀ ମଝିରେ ଚାଲୁଥିଲେ ହେଁ ଦୁଇ କୂଳ ପାଖାପାଖି ।

ସାଙ୍ଗରେ ଦେଶଜ ନାବିକ ଅଛି, ତା ନିର୍ଦ୍ଦେଶରେ ମଗରମୁଖୀ ନୌକାଟି ସର୍ବାଗ୍ରେ ଚାଲିଲା । ତା ପଛରେ ମୟୂରପଙ୍ଖୀ, ସର୍ବାଶେଷରେ ହୁଲ ଡଙ୍ଗା । ମଗରମୁଖୀ ନୌକା ଅପେକ୍ଷାକୃତ କ୍ଷୁଦ୍ର ଓ ହାଲୁକା, ତେଣୁ ନାବିକ ତହିଁରେ ରହି ରାସ୍ତା କଢ଼େଇ ଚାଲିଲା । କେତେବେଳେ ଦକ୍ଷିଣ ତୀରକୁ ଲାଗି ଚାଲୁଥିଲା ତ କେତେବେଳେ ଉତ୍ତର ତୀର । କେତେବେଳେ ବାଉ ମାରି ଚାଲୁଥିଲା ତ, କେତେବେଳେ ଘାଲ ଟାଣି ଚାଲୁଥିଲା । ଛଅଟିଯାକ ନୌକା ସାପ ଭଳି ଘୁଅଁକାଟି ସ୍ରୋତର ବିପରୀତ ଦିଗରେ ଅଗ୍ରସର ହେଉଥିଲା ।

ମଧ୍ୟାହ୍ନ ଭୋଜନ ସମ୍ପନ୍ନ ହେବା ପରେ ଚପିଟକମୂର୍ତ୍ତି ଆଦେଶ ଦେଲେ "ଯେଉଁ ଲୋକଟିକୁ କାଲି ନଦୀ ଜଳରୁ ଉଦ୍ଧାର କରାଯାଇଛି, ମୋର ସନ୍ଦେହ ସେ ଶତ୍ରୁର ଗୁପ୍ତଚର; ତାକୁ ଏହି ନୌକାକୁ ନେଇଆସ । ସାଙ୍ଗରେ ଯେମିତି ଦୁଇଜଣ ସଶସ୍ତ୍ର ରକ୍ଷୀ ଥିବେ ।"

ଚପିଟକମୂର୍ତ୍ତି ଯଦିଓ ସାକ୍ଷୀଗୋପାଳ, ତଥାପି ସେ ନାମକୁ ମାତ୍ର ଏହି ଅଭିଯାନର ନାୟକ, ତେଣୁକରି ତାଙ୍କର ଶ୍ରେଷ୍ଠକାଟିଆ ଆଦେଶ ସମସ୍ତେ ମାନି ଚଳନ୍ତି ।

ମଗରମୁଖୀ ନୌକାରେ ଆଦେଶ ପହଞ୍ଚିଲା । ଅର୍ଜ୍ଜୁନବର୍ମା ହାତରେ ଲାଠି ଦୁଇଟି ନେଇ ଉଠି ଛିଡ଼ାହେଲା । ବଳରାମ ହସି କହିଲା—"ଲାଠି ରଖିଦେଇ ଯାଅ । ଚପିଟକ ମାମୁଁ ପାଖକୁ ଲାଠି ନେଇଗଲେ ମାମୁଁଙ୍କ ନାଭିଶ୍ୱାସ ଉଠିବ ।"

ଅର୍ଜୁନବର୍ମା ମୁହୂର୍ତ୍ତେ ଚିନ୍ତା କରି ବଳରାମକୁ କହିଲା—"ତୁମେ ଲଠି ଦୁଇଟା ରଖିଥାଅ, ମୁଁ ଫେରିଆସି ନେବି ।"

ଅର୍ଜୁନ ଦୁଇଜଣ ସଶସ୍ତ୍ର ପ୍ରହରୀ ସହ ଛୁଲ ଡଙ୍ଗାରେ ଚଢ଼ି ମୟୂରପଙ୍ଖୀ ଡଙ୍ଗାକୁ ଚାଲିଗଲା । ବଳରାମ କୌତୁହଳ ବଶତଃ ଲଠି ଦୁଇଟିକୁ ଘୁରେଇ ଫେରେଇ ଦେଖିବାକୁ ଲାଗିଲା । ସେ ଲଠି ଦେଶର ଲୋକ, ଯେଉଁ ଦେଶରେ ବାଉଁଶ ଲଠି ହିଁ ସାଧାରଣ ଲୋକର ପ୍ରଧାନ ଅସ୍ତ୍ର ସେହି ଦେଶର ମଣିଷ । ସେ ଦେଖିଲା, ବାଉଁଶ ଲଠି ଦୁଇଟି ବଙ୍ଗଦେଶର ଲଠି ପରି, ବିଶେଷ ତଫାତ୍ ନାହିଁ; ଛଅହାତ ଲମ୍ବା, ଗଣ୍ଠି ଗୁଡ଼ିକ ପାଖାପାଖି, ଦୁଇ ମୁଣ୍ଡ ପିତଳ ତାରରେ ଶକ୍ତ ଭାବେ ବନ୍ଧା; ଯେମିତି ଦୃଢ଼ ସେମିତି ହାଲୁକା । ଏପରି ଗୋଟିଏ ଲଠି ହାତରେ ଥିଲେ ପଚିଶ ଜଣ ଶତ୍ରୁର ମୁକାବିଲା କରାଯାଇପାରେ । କିନ୍ତୁ ଦୁଇଟି ଲଠି କାହିଁକି ? ବଳରାମ ଲଠି ଦୁଇଟି ହାତରେ ତଉଲି ଦେଖିଲା; ତା ଗର୍ଭରେ ସୁନା ରୁପା ଲୁଚେଇ ରଖିଥିଲେ ଏତେ ହାଲୁକା ହୁଅନ୍ତା ନାହିଁ, ପାଣିରେ ପଡ଼ିଲେ ବୁଡ଼ି ଯାଆନ୍ତା । ତେବେ ଅର୍ଜୁନବର୍ମା ଲଠି ଦୁଇଟିକୁ ହାତଛଡ଼ା କରିବାକୁ ଚାହେଁନା କାହିଁକି ? ଭ୍ରୂକୁଞ୍ଚିତ କରି ଭାବୁଭାବୁ ହଠାତ୍ ତାର ଗୋଟିଏ କଥା ମନେପଡ଼ିଲା ସେ ପୁଣି ଥରେ ଲଠି ଦୁଇଟିକୁ ଭଲ ଭାବରେ ପରୀକ୍ଷା କଲା । ଓ—ଏଇ ବ୍ୟାପାର ! ତାର ଧାରଣା ଥିଲା ବଙ୍ଗଦେଶ ବାହାରେ ଏ କୌଶଳ ଆଉ କେହି ଜାଣି ନାହିଁ, ତା ନୁହେଁ । ବଳରାମ ମୁହଁରେ ହସ ଫୁଟି ଉଠିଲା, ସେ ବୁଝିଗଲା ଅର୍ଜୁନବର୍ମା ବୟସରେ ତରୁଣ ହେଲେ ହେଁ ଦୂରଦର୍ଶୀ ।

ତେଣେ ଅର୍ଜୁନବର୍ମା ମୟୂରପଙ୍ଖୀ ନୌକାରେ ପହଞ୍ଚି ଯାଇଥିଲା । କିନ୍ତୁ ବାହାରେ ପଟା ଉପରେ ବା ରହିବା କୋଠରୀ ଭିତରେ ପ୍ରଖର ଗରମ, ଚିପିଟକ ତାଙ୍କୁ ନିଜ କକ୍ଷକୁ ଡକାଇ ପଠାଇଲେ; କକ୍ଷଟି ଦିବା ଦ୍ୱିପ୍ରହରରେ ମଧ୍ୟ ଛାୟାଚ୍ଛନ୍ନ । କାଠ ତିଆରି କାନ୍ଥରେ ଝରକା ନାହିଁ, ଝରକା ପରିବର୍ତ୍ତେ କାନ୍ଥଯାକ ଖୋପମୟ, ସତେ ଯେପରି ଜାଲି ତିଆରି ହୋଇଛି, ଏଗୁଡ଼ିକ ଆଲୋକ ଓ ପବନର ପ୍ରବେଶ ପଥ । ଚିପିଟକ ଗୋଟିଏ ମାଦୁରି ଉପରେ ତକିଆ ଭରାଦେଇ ବସିଛନ୍ତି । ଗୋଟିଏ କୋଣରେ ବୃଦ୍ଧ ରସରାଜ ଗୋଟିଏ ପୋଥି, ବୋଧହୁଏ, ସୁଶ୍ରୁତ-ସଂହିତା, ଆଖି ପାଖକୁ ନେଇ ପଢ଼ିବାକୁ ଚେଷ୍ଟା କରୁଛନ୍ତି । ଅର୍ଜୁନବର୍ମା କୋଠରୀରେ ପ୍ରବେଶ କରି ଏକବାର ଦୁଇ ହାତ ପାପୁଲି ଯୋଡ଼ି ସମ୍ଭାଷଣ ଜଣାଇଲା, ତାପରେ ଦ୍ୱାର ପାଖରେ ବସିଲା ।

କହିବା ବାହୁଲ୍ୟ, ଅର୍ଜୁନବର୍ମାଙ୍କୁ ଯେତେବେଳେ ନୌକାକୁ ଡକା ହୋଇଥିଲା ସେତେବେଳେ ରାଜକନ୍ୟାମାନେ ଜାଣି ପାରିଥିଲେ; ସ୍ୱଭାବତଃ

ସେମାନଙ୍କର କୌତୁହଳ ଉଦ୍ରେକ ହୋଇଥିଲା । ଅର୍ଜୁନବର୍ମା ମାମୁଙ୍କ କୋଠରୀରେ ପ୍ରବେଶ କଲାକ୍ଷଣି ମଣିକଙ୍କଣା ଚୁପ୍‌ଚୁପ୍ କହିଲା—"ମାଳା, ଚାଲ, ସେ ଘରେ କି କଥାବାର୍ତ୍ତା ହେଉଛି ଶୁଣିବା ।"

ବିଦ୍ୟୁନ୍ମାଳା ଇଷତ୍ ଭ୍ରୂ କୁଞ୍ଚନ କରି କହିଲେ –"ଆମର କ'ଣ ସେ-ଘରକୁ ଯିବା ଉଚିତ୍ ହେବ ?"

ମଣିକଙ୍କଣା କହିଲା—"ସେ ଘରକୁ ଆମେ ଯିବା କାହିଁକି ? କାନ୍ଥ ଫାଙ୍କ ଦେଇ ଉଙ୍କି ମାରିବା ।"

ଦୁଇ ଭଉଣୀ ନିଜ କକ୍ଷରୁ ବାହାରିଲେ । ସନ୍ତର୍ପଣରେ କାଲି କାନ୍ଥ କଡ଼େ କଡ଼େ ଯାଇ ଝୋପରେ ଉଙ୍କି ମାରିଲେ । କୋଠରୀ ଭିତରେ ସେତେ-ବେଳେ ଖୁବ୍ ଉପଭୋଗ୍ୟ ପ୍ରହସନ ଆରମ୍ଭ ହୋଇଯାଇଥାଏ ।

ଶପିଙ୍କ ତକିଆ ଛାଡ଼ି ଟିକିଏ ମାତ୍ର ଉଠି ବସିଲେ, ଅର୍ଜୁନବର୍ମା ଆଡ଼କୁ ଅଭିଯୁକ୍ତ ଅଙ୍ଗୁଳି ନିର୍ଦ୍ଦେଶପୂର୍ବକ ରମଣୀ ସୁଲଭ କଣ୍ଠରେ ଗର୍ଜନ କଲେ—"ତୁମେ ମ୍ଲେଚ୍ଛ । ତୁମେ ମୁସଲମାନ ।"

ଅର୍ଜୁନବର୍ମାର ମେରୁଦଣ୍ଡ କଠିନ ଓ ସଳଖ ହୋଇଉଠିଲା, ଆଖିରେ ବିଜୁଳି ଖେଳିଗଲା; ସେ ମେଘମନ୍ଦ୍ର ସ୍ୱରରେ କହିଲା—"ନା, ମୁଁ ହିନ୍ଦୁ, କ୍ଷତ୍ରିୟ ।"

ଶପିଙ୍କ ତାର କଣ୍ଠସ୍ୱର ଶୁଣି ଚମକି ଉଠିଥିଲେ, ସମ୍ଭାଳି ନେଇ କହିଲେ "ଆଚ୍ଛା ! ଆଚ୍ଛା ! ତୁମେ କେମିତି କ୍ଷତ୍ରିୟ ବର୍ତ୍ତମାନ ବୁଝାଯିବ ।—ଆରେ, ଏହାର ଦେହ ଶୁଙ୍ଘି କି ଦେଖ ତ, ହିଙ୍ଗୁ-ପିଆଜ-ରସୁଣର ଗନ୍ଧ ବାହାରୁଛି କି ନାହିଁ ।"

ସିପାହୀ ଦୁଇଜଣ ଆଦେଶ ପାଇ ଅର୍ଜୁନବର୍ମାର ଦେହ ଶୁଙ୍ଘିଲେ, କହିଲେ "ଆଜ୍ଞା ନା, ପିଆଜ-ରସୁଣ-ହିଙ୍ଗୁର ଗନ୍ଧନାହିଁ ।"

ଘର କୋଣରେ ବସି ରସରାଜ ଶୁଣୁଥିଲେ, ସେ ବିରକ୍ତିସୂଚକ ଚିତ୍କାର କରିଉଠିଲେ । ଶପିଙ୍କ କିନ୍ତୁ ଦବିଗଲେ ନାହିଁ, କହିଲେ—"ହୁଁ, ଦେହର ଗନ୍ଧ ନଦୀ ଜଳରେ ଧୋଇ ଯାଇଛି ।—ତୁମ ନାଁ କ'ଣ ?"

ଅର୍ଜୁନବର୍ମା ନାଁ କହିଲା । ଶୁଣି ଶପିଙ୍କ କହିଲେ-"ଦେଖ-ଅର୍ଜୁନବର୍ମା । ଏକବାର ପୌରାଣିକ ନାଁ ! ଉତ୍ତମ, କୁହତ ଦେଖି, ଅର୍ଜୁନ କିଏ ?"

ଅର୍ଜୁନବର୍ମା ତେତେବେଳକୁ ଶପିଙ୍କ ମାମୁଁଙ୍କ ବିଦ୍ୟାବୁଦ୍ଧି ବୁଝି ପାରିଥିଲା, କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ରଙ୍ଗ କୌତୁକ କରିବାରେ ତାର ରୁଚିନାହିଁ । ସେ ଗମ୍ଭୀର ହୋଇ କହିଲା—"ପାଣ୍ଡବ ।"

"ହୁଁ, ଅର୍ଜୁନର ବାପାର ନାଁ କ'ଣ ଥିଲା ?

"ଶୁଣିଛୁ ଦେବରାଜ ଇନ୍ଦ୍ର ।"

ଚପିଟକ ଏମିତି କଳ-କୋଲାହଳ କରି ଉଠିଲେ—"ଧରିଛୁ, ଧରିଛୁ ! ଆଉ ଯିବ କେଉଁଠି ! ଯିଏ ଅର୍ଜୁନର ବାପର ନାଁ ଜାଣିନି ସେ କେବେହେଲେ ହିନ୍ଦୁ ହୋଇପାରେ ନା । ନିଶ୍ଚୟ ଯବନର ଗୁପ୍ତଚର । —ସିପାହୀ, ଏହାକୁ ବାନ୍ଧନିଅ—"

ରସରାଜ କର୍କଶ ସ୍ୱରରେ ବାଧା ଦେଲେ, କହିଲେ—"ଚପିଟକ, ତୁମେ ଚୁପ, ଚିତ୍କାର କରନା । ଅର୍ଜୁନର ପିତାର ନାମ ଏ ଠିକ୍ କହିଛୁ । ତୁମେ ବି ଅର୍ଜୁନର ପିତାର ନାମ ଜାଣ ନାହିଁ, ସୁତରାଂ ବାନ୍ଧି ରଖିବାକୁ ହେଲେ ତୁମକୁ ବି ବାନ୍ଧି ରଖିବାକୁ ହେବ ।"

ଚପିଟକ ଅତମତ ହୋଇଗଲେ, କ୍ଷୀଣ କଣ୍ଠରେ କହିଲେ—"କିନ୍ତୁ ଅର୍ଜୁନର ବାପାଙ୍କ ନାଁ ତ ପାଣ୍ଡୁ ।"

ରସରାଜ କହିଲେ "ପାଣ୍ଡୁ ନାମମାତ୍ର ବାପା, ଅସଲ ବାପା ଇନ୍ଦ୍ର ।"

ଚପିଟକ ଅଗତ୍ୟା ନୀରବ ରହିଲେ, ରସରାଜ ଶାସ୍ତ୍ରଜ୍ଞ ବ୍ୟକ୍ତି, ବେଦ-ପୁରାଣରେ ପାରଙ୍ଗମ; ତାଙ୍କ କଥା ବିରୋଧ କରିହେବ ନାହିଁ ।

ରସରାଜ ଅର୍ଜୁନକୁ ସମ୍ବୋଧନ କରି କହିଲେ—"ଅର୍ଜୁନବର୍ମା, ତୁମ ଦେହ କିପରି ଅଛି ? ବିଥା ଲାଗୁଛି କି ?"

ଅର୍ଜୁନ କହିଲା -"ସାମାନ୍ୟ । ଆପଣଙ୍କ ଔଷଧ ଗୁଣରୁ ଶରୀରର ସମସ୍ତ କ୍ଳାନ୍ତି ଦୂର ହୋଇଛି ।"

ରସରାଜ କହିଲେ—"ଭଲ ଭଲ । ତୁମେ ଯଦି ଆତ୍ମପରିଚୟ ଦବାକୁ ଚାହଁ, ଦେଇପାର, ନ ଦବାକୁ ଚାହିଁଲେ ନ ଦିଅ । ତୁମେ ଅତିଥି, ଆମେ ଆଉ ପ୍ରଶ୍ନ କରିବୁ ନାହିଁ ।"

ଅର୍ଜୁନ କହିଲା—"ମୋ ପରିଚୟ ସାମାନ୍ୟ ମାତ୍ର ।" ସେ ବଳରାମକୁ ଯାହା କହିଥିଲା ସଂକ୍ଷେପରେ ତାହା ହିଁ ପୁନରାବୃତ୍ତି କଲା ।

ରସରାଜ ନିଃଶ୍ୱାସ ଛାଡ଼ି କହିଲେ "ଯବନ ରାଜ୍ୟରେ ହିନ୍ଦୁର ଧର୍ମ, କୃଷ୍ଟି, ସ୍ୱାଧୀନତା ସବୁ ନିର୍ମୂଳ ହୋଇଯାଇଛି । ତୁମେ ପଳେଇ ଆସିଛ ଭଲ

କରିଛି । ଦକ୍ଷିଣ ଦେଶରେ ଏବେ ସ୍ୱାଧୀନତା ଅଛି, କିନ୍ତୁ କେତେ ଦିନ ତିଷ୍ଠିବ କିଏ ଜାଣେ ?—ଆଚ୍ଛା, ଆଜି ଏତିକି ଥାଉ ବାପ ।”

ଅର୍ଜ୍ଜୁନବର୍ମା ଉଠି ଠିଆହେଲା । ଚପିଷ୍ଟକ ତାଆଡ଼େ ଆଖି ପକେଇ କହିଲେ “ଆଜି ଛାଡ଼ିଦେଲି । କିନ୍ତୁ ପରେ ଯଦି ଜାଣିପାରେ ତୁମେ ଗୁପ୍ତଚର, ତାହେଲେ ତୁମ ମୁଣ୍ଡ କାଟିଦେବି ।”

ରତ୍ନରାଜ କହିଲେ—“ଚପିଷ୍ଟକ, ତୁମର ବାୟୁ ବୃଦ୍ଧି ହୋଇଛି ଆସ ଔଷଧ ଦେବି ।”

ବାହାରେ ଛିଡ଼ାହୋଇ ଦୁଇ ରାଜକନ୍ୟା ଛିଦ୍ରପଥ ଦେଇ ସବୁ ପ୍ରତ୍ୟକ୍ଷ କରୁଥିଲେ ଏବଂ ଅତି କଷ୍ଟରେ ହସ ସମ୍ଭରଣ କରି ରଖିଥିଲେ । ପାଲା ଶେଷ ହୁଅନ୍ତେ ସେମାନେ ପାଦ ଚପି ଚପି ଫେରି ଆସିଲେ ଏବଂ ଖୋଲା ଚଟାଣ ଉପରେ ଛିଡ଼ାହୋଇ ଅନ୍ୟ ନୌକା ଆଡ଼କୁ ଚାହିଁ ରହିଲେ । କ୍ଷଣକ ପରେ ଅର୍ଜ୍ଜୁନବର୍ମା ରକ୍ଷୀମାନଙ୍କ ସଙ୍ଗେ ବାହାରି ଆସିଲା, ତା ମୁହଁରେ ଗୋଟିଏ ଚାପା ହସ । ରାଜକୁମାରୀ ଦୁହିଁଙ୍କୁ ଦେଖି ସେ ସସମ୍ଭ୍ରମେ ହାତଯୋଡ଼ି ଅଭିନନ୍ଦନ କଲା, ତାପରେ ଡଙ୍ଗାରେ ଓହ୍ଲାଇ ବସିଲା । ରକ୍ଷୀ ଦୁଇଜଣ ଦାହଡ଼ି ଟାଣି ସାମନାରେ ଥିବା ମକରମୁଖୀ ନୌକା ଆଡ଼େ ଚାଲିଲେ ।

ମଣିକଙ୍କଣା ସେହି ଆଡ଼କୁ ଚାହିଁ ରହି ଧୀରେ ଧୀରେ କହିଲା—“ଅର୍ଜ୍ଜୁନବର୍ମା ! ହୁଁ ଭଉଣୀ, ସତରେ ଛଦ୍ମବେଶରେ ଦ୍ୱାପର ଯୁଗର ଅର୍ଜ୍ଜୁନ ନୁହଁ ତ !

ଚନ୍ଦ୍ରମାଳା ଈଷତ୍ ଭର୍ତ୍ସନା- ଭରା ଦୃଷ୍ଟିରେ ମଣିକଙ୍କଣାକୁ ଚାହିଁ ତାର ଉପହାସକୁ ତିରସ୍କାର କଲେ ।

ସେଦିନ ସନ୍ଧ୍ୟା ସମୟରେ ନଦୀ ମଧ୍ୟସ୍ଥ ଗୋଟିଏ ଦ୍ୱୀପର ପଥର ତୀରରେ ନୌକା ବନ୍ଧା ହେଲା । ଦିନର ଗଳଦ୍‌ଘର୍ମ ପ୍ରଖରତା ପରେ ଚନ୍ଦ୍ରମା ଶୀତଳ ରଶ୍ମି ପରମସ୍ନିଗ୍ଧ ହୁଣୀସ୍ନ ନୈଶାହାର ପରେ ଦୁଇ ରାଜକନ୍ୟା ମାଝିମାନଙ୍କୁ ଆଦେଶ ଦେଲେ ଦ୍ୱୀପକୁ ଯିବା ପାଇଁ ସେମାନେ । ନୌକାକୁ ପଟା ପକାଇ ରାସ୍ତା ବାନ୍ଧି ଦେଲେ; ରାଜକନ୍ୟା ଦ୍ୱୟ ଦ୍ୱୀପରେ ଅବତରଣ କଲେ । ନିର୍ଜ୍ଜନ ଦ୍ୱୀପ, କଠିନ କର୍କଶ ଭୂଇଁ; ତଥାପି ମାଟିତ । ଅନେକଦିନ ହେଲା ସେମାନେ ମାଟିର ସ୍ପର୍ଶ ଅନୁଭବ କରିନାହାନ୍ତି । ଦୁଇ ଭଉଣୀ ହାତ ଧରାଧରି ହୋଇ ଚନ୍ଦ୍ରାଲୋକରେ ପଦଚାରଣ କରିବାକୁ ଲାଗିଲେ ।

ନୌକା ଡେନୋଟି ପରସ୍ପର ଶତ ହସ୍ତ ବ୍ୟବଧାନରେ ଦଣ୍ଡାୟମାନ, ଯେତେ ସେମିତି ଡେନୋଟି ସାପଣଜାସ୍ପ ତଳବାନ୍ ଦ୍ୱୀପ ପ୍ରାନ୍ତରେ ହାତରେ ଅସ୍ତ୍ର ନେଇଛନ୍ତି; ପ୍ରଭାତ ହେଲେ ଲଢ଼ିବେ।

ହଠାତ୍ ମଗରମୁଖୀ ନୌକାରୁ ମୃଦଙ୍ଗ ମର୍ଦ୍ଦଳର ଧ୍ୱନି ଭାସି ଆସିଲା। ଦୁଇ ରାଜକନ୍ୟା ଚମକି ସେଆଡ଼େ ଚାହିଁଲେ। ଶତ ହସ୍ତ ଦୂରରେ ମଗରମୁଖୀ ନୌକାର ପଟା ଉପରେ କେତେ ଜଣ ଲୋକ ଗୋଲକାରରେ ବସିଛନ୍ତି। ଅସ୍ପଷ୍ଟ ଛାୟା ଭଳି ଦେଖାଉଛି ମୂର୍ତ୍ତି। ତାପରେ ମୃଦଙ୍ଗ ମର୍ଦ୍ଦଳର ତାଳେ ତାଳେ ଉଦାର ଦୃପ୍ତ କଣ୍ଠରେ ଜୟଦେବ ଗୋସ୍ୱାମୀଙ୍କ ଗୀତ ଶୁଣାଗଲା—

ମାଧବେ ମା କୁରୁ ମାନିନି ମାନମୟେ।

ବଳରାମ କାଠର କମାର ହେଲେ ହେଁ ସଙ୍ଗୀତଜ୍ଞ ଏବଂ ସୁକଣ୍ଠ। ସେ ନୌକା ଯାତ୍ରା ସମୟରେ ମୃଦଙ୍ଗ ଓ କରତାଳ ଓ ସଙ୍ଗରେ ଆଣିଥିଲା; ତାପରେ ନୌକାରେ ଆଉ ଦୁଇ ଚାରି ଜଣ ସଙ୍ଗୀତରସିକ ଜୁଟି ଯାଇଥିଲେ। ମନ ଉଚାଟ ହେଲେ ସେମାନେ ମୃଦଙ୍ଗ ମର୍ଦ୍ଦଳ ନେଇ ବସନ୍ତି। ପୂର୍ବଭାରତରେ ସେତେବେଳେ ଜୟଦେବ ଗୋସ୍ୱାମୀଙ୍କ ପଦାବଳୀ ସମସ୍ତଙ୍କ ମୁହେଁ ମୁହେଁ ଥିଲା; ଭାଷା ସଂସ୍କୃତ ହେଲେ କ'ଣ ହେଲା, ଏମିତି ମଧୁର କୋମଳକାନ୍ତ ପଦାବଳୀ ଆଉ ନାହିଁ।

ବଳରାମ ଦଳରେ ଅର୍ଜ୍ଜୁନବର୍ମା ମଧ୍ୟ ଥିଲା। ସେ ଗାଇବା ବଜାଇବା ଜାଣେ ନାହିଁ, କିନ୍ତୁ ସଙ୍ଗୀତରସ ଉପଭୋଗ କରିପାରେ। ସେଥିପାଇଁ ଆଜି ବଳରାମର ଆହ୍ୱାନ କ୍ରମେ ସେ ମଧ୍ୟ ନୈଶ ଗୋଷ୍ଠୀରେ ଯୋଗ ଦେଇଥିଲା।

ଧିକ୍ ତାନ୍ ଧିକ୍ ତାନ୍ ବଳରାମର ମୃଦଙ୍ଗ ବାଜିବାରେ ଲାଗିଲା; ଧ୍ରୁବପଦ ଆଉ ଥରେ ଆବୃତ୍ତି କରି ସେ ପାଳି ଧରିଲା—

ତାଳଫଳାଦପି ଗୁରୁମତି ସରସମ୍
କିମୁ ବିଫଳୀ କୁରୁଷେ କୁଚକଳସମ୍
ମାଧବେ ମା କୁରୁ ମାନିନି ମାନମୟେ ॥

ନିସ୍ତରଙ୍ଗ ପବନରେ ଉପର ଲହରୀ ତୋଳି ଅପୂର୍ବ ସଙ୍ଗୀତ ପ୍ରବାହିତ ହେଲା; ଦୂରରେ ଛିଡ଼ାହୋଇ ଦୁଇ ରାଜକନ୍ୟା ମୁଗ୍ଧ ହୋଇ ଶୁଣିବାକୁ ଲାଗିଲେ। ସେମାନେ କଳିଙ୍ଗ କନ୍ୟା; ଜୟଦେବଙ୍କ ପଦାବଳୀ ସେମାନଙ୍କର ଅପରିଚିତ ନୁହେଁ, କିନ୍ତୁ ଏମିତି ଅକାଳିକ ପରିବେଶ ମଧ୍ୟରେ ଏ ପ୍ରକାର ଗାନ ସେମାନେ ପୂର୍ବରୁ

କେବେ ଶୁଣି ନ ଥିଲେ । ଶୁଣୁ ଶୁଣୁ ସେମାନଙ୍କ ଦେହ ରୋମାଞ୍ଚିତ ହେଲା, ହୃଦୟ ନିବିଡ଼ ରସାବେଶରେ ଆପ୍ଲୁତ ହୋଇଗଲା ।

ସଙ୍ଗୀତ-ସଭା ଭାଙ୍ଗିଲାବେଳକୁ ମଧ୍ୟରାତ୍ରି । ରାଜକନ୍ୟା ଦୁହେଁ ନିଃଶବ୍ଦରେ ମୟୂରପଙ୍ଖୀ ନୌକାରେ ଉଠିଲେ; ରହିବା ଘରକୁ ଯାଇ ପାଖାପାଖି ଶଯ୍ୟାରେ ଶୟନ କଲେ । କଥାବାର୍ତ୍ତା ହେଲେ ନାହିଁ, କିନ୍ତୁ ଅର୍ଦ୍ଧନିମୀଳିତ ନେତ୍ରରେ ପରସ୍ପରକୁ ଚାହିଁ ଟିକିଏ ହସିଲେ, ତାପରେ ମୁଦ୍ରିତ ଚକ୍ଷୁରେ ସଙ୍ଗୀତର ମୂର୍ଚ୍ଛନା ଅନୁଭବ କରୁ କରୁ ଶୋଇ ପଡ଼ିଲେ ।

ହୃଦୟ ରସସିକ୍ତ ହେଲେ କେବେ କେବେ ନିଦ୍ରାରେ ସ୍ୱପ୍ନ ଦେଖାଯାଏ । ସମସ୍ତେ ଦେଖନ୍ତି ନାହିଁ, କେହି କେହି ଦେଖନ୍ତି । ଦୁଇ ରାଜକନ୍ୟାଙ୍କ ମଧ୍ୟରୁ ଜଣେ ସ୍ୱପ୍ନ ଦେଖିଲେ—

ସ୍ୱୟମ୍ବର ସଭା । ରାଜକୁମାରୀ ପତିବରଣ କରିବେ । ସେ ବରଣମାଳା ହାତରେ ଧରି ସଭା ମଝିରେ ଛିଡ଼ା ହୋଇଛନ୍ତି, ଚତୁର୍ଦ୍ଦିଗରେ ରାଜନ୍ୟବର୍ଗ । ଯିଏ ଜଳରେ ପ୍ରତିବିମ୍ବ ଦେଖି ଶୂନ୍ୟରେ ଥିବା ମାଛର ଆଖି ଭେଦ କରିପାରିବେ ତାଙ୍କ ଗଳାରେ ରାଜକୁମାରୀ ବରଣମାଳା ଦେବେ । ଜଣ ଜଣ ହୋଇ ରାଜାମାନେ ଶର ନିକ୍ଷେପ କଲେ, କିନ୍ତୁ କେହି ହେଲେ ଲକ୍ଷ୍ୟଭେଦ କରିପାରିଲେ ନାହିଁ । ରାଜକୁମାରୀଙ୍କ ହୃଦୟରେ ଅଭିମାନ ଜନ୍ମିଲା । ଅର୍ଜୁନ କାହିଁକି ଆସୁନାହାନ୍ତି ! ଅନ୍ୟ କେହି ଯଦି ତା' ପୂର୍ବରୁ ଲକ୍ଷ୍ୟଭେଦ କରିଦିଏ, ତାହେଲେ କ'ଣ ହେବ ! ଅବଶେଷରେ ଛଦ୍ମବେଶୀ ଅର୍ଜୁନ ଆସି ଧନୁର୍ବାଣ ଯୋଖିଲେ, ଜଳରେ ପ୍ରତିବିମ୍ବ ଦେଖି ଊର୍ଦ୍ଧ୍ୱରେ ଥିବା ମତ୍ସ୍ୟଚକ୍ଷୁ ଭେଦ କଲେ । ଅଭିମାନ ସହିତ ଆନନ୍ଦ ମିଶି ରାଜକୁମାରୀଙ୍କ ଚକ୍ଷୁରେ ଜଳ ଭରିଦେଲା । ସେ ଅର୍ଜୁନଙ୍କ ଗଳାରେ ମାଳା ଦେଲେ । ଅର୍ଜୁନ ଛଦ୍ମବେଶ ତ୍ୟାଗକରି ରାଜକୁମାରୀଙ୍କ ସମ୍ମୁଖରେ ନତଜାନୁ ହେଲେ, କହିଲେ—

ମା କୁରୁ ମାନନ ମାନମସ୍ମେ ।

## — ଆଠ —

ନୌକା ଛଗୋଟି ଚାଲିଛି ।

କ୍ରମଶଃ କୂଳ କୂଳରେ ଜନବସତି ବୃଦ୍ଧି ପାଇବାକୁ ଲାଗିଲା । ଶୁଷ୍କ ଉଷରତା ମଝିରେ ମଝିରେ ଟିକିଏ ହରିତିମା, ଗୋଟିଏ ଗୋଟିଏ ଛୋଟ ଗାଁ । ଗ୍ରାମର ପିଲାମାନେ ଅଦ୍ଭୁତକାୟ ନୌକା ଦେଖି ହୋ ହା କରି କୂଳକୁ ଦୌଡ଼ି ଆସନ୍ତି; ସ୍ତ୍ରୀଲୋକମାନେ ପାଣି ନେବାକୁ ଆସି ନୌକାଆଡ଼େ ଚାହିଁ ରହନ୍ତି, ସେମାନଙ୍କ ଆଭରଣ ବସନଦେଶର ଉଜ୍ଜ୍ୱଳତା ଚକ୍ଷୁର ସମ୍ମୁଖ ସକଳ ସୁନ୍ଦରୀ ଦ୍ୱାରା ଲୁଚିଯାଏ; ଗ୍ରାମର ବୃଦ୍ଧମାନେ ଦହି ଲହୁଣୀ ଶାଗ ଫଳମୂଳ ଆଦି ଆଣି ଉପଢୌକନ କରନ୍ତି, ନୌକା ମାଝୀମାନେ ନୌକାକୁ କୂଳ ଭିଡ଼ାଇନେଇ ତଟକା ଖାଦ୍ୟ କିଣି ଆଣନ୍ତି ।

ନଦୀ ଉପରେ ପ୍ରଭାତ ସମୟଟି ବେଶ ସ୍ନିଗ୍ଧ । କିନ୍ତୁ ବେଳ ଯେତେ ବଢ଼ିବଢ଼ି ଯାଏ ଧୂଳି ଧୂସର ପଥର ତାତିଯାଇ ବାୟୁମଣ୍ଡଳକୁ ଦୁଃସହ କରିପକାଏ । ଦ୍ୱିପ୍ରହରରେ ନୌକାଗୁଡ଼ିକର ନାବିକ ଓ ସୈନ୍ୟମାନେ ପାଣିକୁ ଡେଇଁପଡ଼ି ପହଁରିବାରେ ଲାଗନ୍ତି, ପାଣି ଫୋପଡ଼ା ଫୋପାଡ଼ି ହୁଅନ୍ତି । ସେମାନଙ୍କୁ ଦେଖି ରାଜକୁମାରମାନଙ୍କ ଲୋଭ ହୁଏ, ପାଣିରେ ଡେଇଁ ଖେଳିବେ, କିନ୍ତୁ ଅସୁନ୍ଦର ଦେଖିବ ବୋଲି ତା କରିପାରନ୍ତି ନାହିଁ, ଟେକାପାଣିରେ ଗାଧାନ୍ତି ।

ଅପରାହ୍ଣରେ ସହସା ପବନ ସ୍ଥିର ହୋଇଯାଏ । ମନେହୁଏ ପବନ ଅଭାବରେ ନିଃଶ୍ୱାସ ବନ୍ଦହୋଇ ଆସୁଛି । ନାବିକ ଉଦ୍‌ବିଗ୍ନ ଚକ୍ଷୁରେ ଆକାଶକୁ ଚାହିଁଥାଏ; କିନ୍ତୁ ମେଘଶୂନ୍ୟ ଆକାଶରେ ଆଶଙ୍କାଜନକ କୌଣସି ଲକ୍ଷଣ ଦେଖିବାକୁ ପାଏନାହିଁ । ତାପରେ ଅଗ୍ନିବର୍ଣ୍ଣ ସୂର୍ଯ୍ୟ ଅସ୍ତଯାଏ, ସନ୍ଧ୍ୟା ନଇଁଆସେ । ଧୀରେ ଧୀରେ ପୁଣି ପବନ ବହିବା ଆରମ୍ଭ କରେ ।

ଏହିଭଳି କେତେଦିନ କଟିଯାଏ । ପୂର୍ଣ୍ଣିମା ଯାଇ କୃଷ୍ଣପକ୍ଷ ଆସେ, ଆଉ ଦିନେ ଦୁଇଦିନ ଭିତରେ ହିଁ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବ । ପଥଶ୍ରାନ୍ତ ଯାତ୍ରୀମାନଙ୍କ ମନରେ ଆଉଥରେ ଆଗ୍ରହ ଜାଗିଉଠେ ।

ଏହି କେତେଦିନ ଭିତରେ ବଳରାମ ଓ ଅର୍ଜ୍ଜୁନବର୍ମା ମଧ୍ୟରେ ଘନିଷ୍ଠତା ଅତ୍ୟନ୍ତ ନିବିଡ଼ ହୋଇଛି । ସେମାନେ ଭିନ୍ନ ଦେଶର ଲୋକ, କିନ୍ତୁ ପରସ୍ପର ମଧ୍ୟରେ ମନର ଏକତା ଖୋଜି ପାଇଛନ୍ତି; ଅଧିକନ୍ତୁ ଅର୍ଜ୍ଜୁନବର୍ମା ବଳରାମ ପ୍ରତି ଖୁବ୍ କୃତଜ୍ଞ । ବିଦେଶ ଭୂଇଁରେ ଏମିତି ମର୍ମଜ୍ଞ ଓ ନିର୍ଭରଯୋଗ୍ୟ ବନ୍ଧୁ ପାଇବା

ବଡ଼ ସରଳ, ତେଣୁ ସେମାନେ କେହି କାହାର ସାଙ୍ଗ ଛାଡ଼ୁ ନ ଥାଆନ୍ତି, ଏକା ସଙ୍ଗେ ଖାଆନ୍ତି, ଏକା ସଙ୍ଗେ ଶୁଅନ୍ତି, ଉଠାବସା କରନ୍ତି । ଇତି ମଧ୍ୟରେ ମନର ଅନେକ ଗୋପନୀୟ କଥା ସେମାନଙ୍କ ମଧ୍ୟରେ ବିନିମୟ ହୋଇଛି । ଦେଶତ୍ୟାଗର ଦୁଃଖ ଏବଂ ତା' ପଛକୁ ଗମ୍ଭୀରତର ଆଘାତର ଦୁଃଖ ଦୁହିଁଙ୍କ ହୃଦୟକୁ ଘୋଟିଏ ଧରି ଦେଇଛି ।

ବିଜୟ ନଗର ଯେତେ ପାଖେଇ ଆସିଛି, ଦୁଇ ରାଜକନ୍ୟାଙ୍କ ମନରେ ଅଲକ୍ଷରେ ପରିବର୍ତ୍ତନ ଆସିଛି । ପ୍ରଥମ ନୌକାରେ ଉଠିବା ସମୟରେ ସେମାନେ ଜାଣିଥିଲେ, ଶ୍ୱଶୁରାଳୟ ଯାତ୍ରା ସମୟରେ ସବୁ ଝିଅ କାନ୍ଦନ୍ତି, ସେ ରାଜକନ୍ୟା ହେଉ ବା ସାଧାରଣ ଗୃହସ୍ଥର କନ୍ୟା ହେଉ । କିନ୍ତୁ ହଠାତ ସେମାନଙ୍କ ମନରେ ଅଜଣା ଆତଙ୍କ ପ୍ରବେଶ କରିଛି । ବିଜୟ ନଗରରେ ସମସ୍ତେ ଅପରିଚିତ, ମଣିପଦ୍ମା କେଜାଣି କେମିତି, ରାଜା ଦେବରାୟ ନ ଜାଣେ କେମିତି । ମଣିକଙ୍କଣାର ସଦା ହସ ହସ ମୁହଁଟି ମ୍ରିୟମାଣ ହୋଇପଡ଼ିଛି । ବିଦ୍ୟୁନ୍ମାଳାଙ୍କ କମଳ-ନୟନରେ ସ୍ପଷ୍ଟ ଉତ୍‌କଣ୍ଠା । ଜୀବନଟା ଏତେ ଜଟିଳ କାହିଁକି ?

ବିଜୟନଗରରେ ପହଞ୍ଚିବାର ପୂର୍ବ ରାତିରେ ଦୁଇ ରାଜକନ୍ୟା ରହିବା ଘରେ ଶୟନ କରିଥିଲେ, କିନ୍ତୁ ନିଦ ସହଜରେ ହେଉ ନ ଥିଲା । କିଛି ସମୟ ଶଯ୍ୟାରେ ଛଟ୍‌ପଟ୍ ହେବା ପରେ ମଣିକଙ୍କଣା ଉଠି ବସିଲା, କହିଲା—"ଚାଲ୍ ମାଲ, ଛାତକୁ ଯିବା । ଘର ଭିତରଟା ଗରମ ଲାଗୁଛି ।"

ବିଦ୍ୟୁନ୍ମାଳା ଉଠି ବସିଲେ—"ଚାଲ୍ ।"

ମହୋଦରୀ ଦ୍ୱାର ସାମନାରେ ଆଡ଼ ହୋଇ ଶୋଇଥିଲା, ତାକୁ ଡେଇଁ ଦୁଇ ଭଉଣୀ ଘରର ଛାତ ଉପରକୁ ଉଠିଗଲେ । ନୌକାର ରକ୍ଷୀ ଦୁଇ ଜଣ ରାଜକନ୍ୟାମାନଙ୍କ ବାହାରିବା ଜାଣିପାରିଲେ ମଧ୍ୟ ଟିକେ ହେଲେ ଶବ୍ଦ କଲେ ନାହିଁ ।

କୃଷ୍ଣପକ୍ଷର ଚନ୍ଦ୍ରମ୍ଳାନ ରାତି, ମଧ୍ୟ ରାତିରେ ଜହ୍ନ ଉଠିବ । ନୌକା ବନ୍ଧା ଅଛି, ସେହି କାରଣରୁ ବାୟୁର ପ୍ରବାହ କମ୍ । ତଥାପି ଖୋଲା ଛାତ ବେଶି ଥଣ୍ଡା, ଧୀରେ ଧୀରେ ପବନ ବହୁଛି । ଆକାଶର ନକ୍ଷତ୍ରପୁଞ୍ଜ ଯେପରି ସହସ୍ର ଚକ୍ଷୁ ମେଲି ଛାୟାଚ୍ଛନ୍ନ ପୃଥିବୀକୁ ପର୍ଯ୍ୟବେକ୍ଷଣ କରୁଛି । ଦୁଇ ଭଉଣୀ ଦେହର ବସ୍ତ୍ର ଶିଥିଳ କରି ଛାତ ଉପରେ ବସିଲେ ।

ନକ୍ଷତ୍ର ଖଚିତ ଝିଲମିଲ୍ ଅନ୍ଧକାରରେ ଦୁଇ ଜଣ ନୀରବରେ ବସି ରହିଲେ । ଥରେ ବିଦ୍ୟୁନ୍ମାଳା ନିଃଶ୍ୱାସ ମାରିଲେ । କ୍ଳାନ୍ତି ଓ ଅବସାଦର ନିଃଶ୍ୱାସ ।

ମଣିକଙ୍କଣା ପଚାରିଲା—"କ'ଣ ଖୋଜୁଛୁ ?"

ଚନ୍ଦ୍ରମାଳା କହିଲେ—"ଖୋଜୁଛି ମୁଣ୍ଡ ଉପରେ ଏକାନ୍ତ ।"

"ଭୟ କରୁଛୁ ?"

"ହଁ । ତୋତେ ଭୟ ଲାଗୁନ ?"

"ଅଳ୍ପ, ଅଳ୍ପ । କିନ୍ତୁ ମିଥ୍ୟା ଭୟ, ଘରେ ଯାଇ ପହଞ୍ଚିଗଲେ ହିଁ ଭୟ ଛାଡ଼ିଯିବ ।"

"ହୁଏତ ଭୟ ଆହୁରି ବଢ଼ିବ ।"

"ତୁ କେବଳ ଖରାପ ଦିଗଟା ଦେଖୁଛୁ ।"

"ଖରାପଟାକୁ ଯେ ବାଦ ଦେଇ ହେବନା ।"

ମଣିକଙ୍କଣା ଚନ୍ଦ୍ରମାଳାଙ୍କ କମ୍ପିତ କଣ୍ଠ ସ୍ୱର ଶୁଣି ମୁହଁ ପାଖକୁ ମୁହଁ ଆଣି ଦେଖିଲା ଚନ୍ଦ୍ରମାଳାଙ୍କ ଆଖିରେ ଲୁହ । ସେ ଧୀର କଣ୍ଠରେ ପଚାରିଲା—"ତୁ କାନ୍ଦୁଛୁ ।"

ଚନ୍ଦ୍ରମାଳା ତା' କାନ୍ଧରେ ମୁଣ୍ଡ ରଖିଥିଲେ ।

ସ୍ତ୍ରୀ ଜାତିର ସ୍ୱଭାବ ଏହି ଯେ, ଜଣଙ୍କୁ କାନ୍ଦତା ଦେଖିଲେ ଆଉ ଜଣେ ମଧ୍ୟ କାନ୍ଦ ପକାଏ । ସୁତରାଂ ମଣିକଙ୍କଣା ଚନ୍ଦ୍ରମାଳାଙ୍କ କାନ୍ଧରେ ମୁଣ୍ଡ ରଖି କାନ୍ଦିଲା ।

ମନ ହାଲୁକା ଲାଗିଲା । ଦୁଇ ଜଣ ଲୁହ ପୋଛି ପୁଣି ନୀରବରେ ବସି ରହିଲେ । ତା'ପରେ ହଠାତ୍ ମଣିକଙ୍କଣା ଈଷତ୍ ଉତ୍ତେଜିତ ସ୍ୱରରେ କହିଲା "ମାଳା, ପଶ୍ଚିମ ଦିଗକୁ ଚାହିଁ ଦେଖ—କିଛି ଦେଖି ପାରୁଛୁ ?"

ଚନ୍ଦ୍ରମାଳା ଆଶ୍ଚର୍ଯ୍ୟ ହୋଇ ପଶ୍ଚିମକୁ ମୁହଁ ବୁଲାଇଲେ । ଦୂରରେ, ଯେଉଁଠି ନଗର ଅନ୍ଧକାର ଆକାଶର ଅନ୍ଧକାର ସହିତ ମିଶିଯାଇଛି ସେଇଠି ଗୋଟିଏ ଅଗ୍ନିପିଣ୍ଡ ଜଳୁଛି, ହଠାତ୍ ଦେଖିଲେ ମନେହୁଏ ଯେ ଗୋଟିଏ ରକ୍ତବର୍ଣ୍ଣ ଚନ୍ଦ୍ର ଅସ୍ତ ଯାଉଛି । କିନ୍ତୁ କିଛି ସମୟ ଚାହିଁ ରହିଲେ ଦେଖାଯାଏ, ଆଲୋକପିଣ୍ଡଟି କେତେବେଳେ ବଢ଼ୁଛି, କେତେବେଳେ କମିଯାଉଛି, କେତେବେଳେ ଅବା ଉର୍ଦ୍ଧ୍ୱକୁ ଶିଖା ନିକ୍ଷେପ କରୁଛି । ଅନେକ ସମୟରେ ସେଆଡ଼େ ଚାହିଁ ରହି ଚନ୍ଦ୍ରମାଳା କହିଲେ—"ଅଗ୍ନିପିଣ୍ଡ ! କେଉଁଠି ଅଗ୍ନି ଜଳୁଛି ?"

ମଣିକଙ୍କଣା କହିଲା "ସେହିଆଡ଼େ ତ ବଜ୍ରସ୍ୱନଗର ! ତା'ହେଲେ ନିଶ୍ଚୟ ବଜ୍ରସ୍ୱନଗରର ଆଲୁଅ । ରହ, ମୁଁ ଖବର ନେଉଛି । —ରକ୍ଷି ।"

ଦୁଇ ଜଣ ବସ୍ତ୍ର ସମ୍ବରଣ କରି ବସିଲେ; ଜଣେ ରକ୍ଷୀ ଛାୟାମୂର୍ତ୍ତି ଧରି ପାଖକୁ ଆସି ଛିଡ଼ା ହେଲା—"ଯଥା ଆଜ୍ଞା ।"

ମଣିକଙ୍କଣା ହାତ ବଢ଼ାଇ କହିଲା—"ସେଇ ଯେ ଆଲୁଅ ଦେଖାଯାଉଛି, ସେଟା କେଉଁଠିକାର ଆଲୁଅ ଜାଣିଛୁ କି ?"

ରକ୍ଷୀ ଉତ୍ତର ଦେଲା—"ଜାଣେ ଦେବ । ଆଜି ସନ୍ଧ୍ୟାରେ ନାବିକ ମହାଶୟଙ୍କ ମୁହଁରୁ ଶୁଣିଛି । ବଜ୍ରସ୍ୱନଗରରେ ହେମକୂଟ ନାମକ ପାହାଡ଼ ଅଛି, ତା'ର ଚୂଡ଼ା ପଶ୍ଚିମ କୋଣ ଦୂରରୁ ଦେଖାଯାଏ । ପ୍ରତି ରାତିରେ ହେମକୂଟ ଚୂଡ଼ାରେ ଧୂନି ଜଳା ହୁଏ, ରାତି ସାରା ଧୂନି ଜଳେ । ସାରା ଦେଶର ସମସ୍ତ ଲୋକ ଜାଣିପାରନ୍ତି ବଜ୍ରସ୍ୱ ନଗର ଜାଗ୍ରତ ଅଛି । —ଆମେ କାଲି ବଜ୍ରସ୍ୱ-ନଗରରେ ପହଞ୍ଚିବା ।"

କିଛି ସମୟ ସ୍ତବ୍ଧ ରହି ମଣିକଙ୍କଣା କହିଲା—"ବୁଝିଲି । ଆଚ୍ଛା, ତୁ ଯା ।"

ରକ୍ଷୀ ଅପସରି ଗଲା । ଦୂରାଗତ ଆଲୋକ-ରଶ୍ମି ଆଡ଼େ ଦୁଇ ଜଣ ସ୍ଥିର ରହିଲେ । ଉତ୍ତର ଭାରତର ଦୀପପୁଞ୍ଜ ଗୋଟିଏ ପରେ ଗୋଟିଏ ଲିଭିଯାଉଛି; ନୀରନ୍ଧ୍ର ଅନ୍ଧକାରରେ ଅବସନ୍ନ ଭାରତବାସୀ ଶୋଇଛନ୍ତି; କେବଳ ଦାକ୍ଷିଣାତ୍ୟର ଏକମାତ୍ର ହିନ୍ଦୁ ରାଜ୍ୟର ଲଲାଟରେ ଅଗ୍ନି ପ୍ରଜ୍ୱଳିତ ହୋଇ ଜାଗ୍ରତ ଅଛି ।

## —ନଅ—

ପରଦିନ ଅପରାହ୍ନରେ ନୌକା ତିନୋଟି ବିଜୟନଗରର ନିକଟବର୍ତ୍ତୀ ହେଲା । ଅର୍ଦ୍ଧକୋଶ ଦୂରରୁ ସୂର୍ଯ୍ୟର ପ୍ରଖର ଆଲୋକରେ ନଗରର ପରିଦୃଶ୍ୟମାନ ଅଂଶ ପୌରୁଷ ଓ ଐଶ୍ୱର୍ଯ୍ୟର ପ୍ରାଚୁର୍ଯ୍ୟରେ ଯେପରି ଝଲମଲ କରୁଛି ।

ନଦୀର ଉତ୍ତରକୂଳରେ ଉଗ୍ର ତପସ୍ୱୀର ଉତ୍‌କ୍ଷିପ୍ତ ଧୂସର ଜଟାଜାଲ ପରି ଗିରିଚକ୍ରବେଷ୍ଟିତ ଅନେଗୁନ୍ଦୀ ଦୁର୍ଗ । ପୂର୍ବେ ଏହି ଦୁର୍ଗ ବିଜୟନଗରର ରାଜଧାନୀ ଥିଲା; ପରେ ରାଜଧାନୀ ନଦୀର ଦକ୍ଷିଣ ତୀରକୁ ସ୍ଥାନାନ୍ତରିତ ହୋଇଛି । ବର୍ତ୍ତମାନ ଅନେଗୁନ୍ଦୀ ଦୁର୍ଗଟି ନଗରରକ୍ଷକମାନଙ୍କ ଗୋଟିଏ ସୈନ୍ୟାବାସ ।

ନଦୀର ଦକ୍ଷିଣକୂଳରେ ଶତ ବର୍ଷ ଧରି ଯେଉଁ ମହାନଗରୀ ଗଢ଼ିଉଠିଛି ତାହା ଯେମିତି ଶୋଭାମୟୀ ସେମିତି ଦୁର୍ଭେଦ୍ୟ । ସମସ୍ତ ସାମୟିକ ବିଦେଶୀ ପର୍ଯ୍ୟଟକମାନଙ୍କ ଭ୍ରମଣ କାହାଣୀରେ ତା'ର ଗୌରବ-ଗରିମାର କାହାଣୀ ବିବରଣୀ ଲିପିବଦ୍ଧ ହୋଇଛି । ନଗରୀର ବହିର୍ସୀମା ଥିଲା ତିରିଶ କୋଶ । ତା'ର ବହୁ କୋଶ ଭିତରକୁ ଦ୍ୱିତୀୟ ପ୍ରାଚୀର । ତା' ଭିତରକୁ ତୃତୀୟ ପ୍ରାଚୀର । ଏହିପରି କ୍ରମରେ ଗୋଟିଏ ପରେ ଗୋଟିଏ ସାତଟି ପ୍ରାଚୀର ନଗରୀକୁ ବେଷ୍ଟନ କରିଛି । ପ୍ରାଚୀର-ମାନଙ୍କର ବ୍ୟବଧାନ ସ୍ଥଳରେ ଅସଂଖ୍ୟ ଜଳପ୍ରଣାଳୀ ତୁଙ୍ଗଭଦ୍ରାରୁ ନଗରୀ ମଧ୍ୟକୁ ଜଳଧାରା ପ୍ରବାହିତ କରାଉଛି । ନଗରୀର ଭୂମି ସର୍ବତ୍ର ସମତଳ ନୁହେଁ; କେଉଁଠି ଛୋଟ ଛୋଟ ପାହାଡ଼, କେଉଁଠି ବା ସଂକୀର୍ଣ୍ଣ ଉପତ୍ୟକା । ଉପତ୍ୟକାମାନଙ୍କରେ ଜନବସତି, ଶସ୍ୟକ୍ଷେତ୍ର, ଫୁଲଫଳ ବଗିଚା, ଧନୀ ବ୍ୟକ୍ତିମାନଙ୍କ ଉଦ୍ୟାନ-ବାଟିକା । ନଗରବୃତ୍ତର ସୀମାରୁ କେନ୍ଦ୍ରଆଡ଼କୁ ଯେତେ ଗଲେ, ଜନବସତି ସେତେ ଘନ ହୁଏ । ଅବଶେଷରେ ସପ୍ତମ ଚକ୍ରରେ ଉପସ୍ଥିତ ହେଲେ ଦୃଷ୍ଟିଗୋଚର ହୁଏ, ରାଜପୁରୀର ବିଚିତ୍ର ସୁନ୍ଦର ହର୍ମ୍ୟମାଳା, ସହସ୍ର ପଦ୍ମର ମଧ୍ୟବର୍ତ୍ତୀ ସ୍ୱର୍ଣ୍ଣକେଶର ଭଳି ଶୋଭା ପାଉଛି ।

ନଦୀ ମଧ୍ୟସ୍ଥ ନୌକାରୁ ସମଗ୍ର ନଗର ଦେଖାଯାଏ ନାହିଁ, ନଗରର ଯେଉଁ ଅଂଶ ନଦୀକୂଳକୁ ମାଡ଼ିଆସିଛି ତାହା ହିଁ ଦୃଷ୍ଟିରେ ପଡ଼େ । ମନେହୁଏ, ଦୁଇ କୋଶ ଦୀର୍ଘ ଏହି କୂଳ ମଣିମେଖଳା ସଦୃଶ ବକ୍ର, ତହିଁରେ ଧାଡ଼ି ଧାଡ଼ି ସୌଧ, ଉଦ୍ୟାନ, ଘାଟ, ମନ୍ଦିର ସ୍ୱର୍ଣ୍ଣ-ମୁକ୍ତା-ମାଣିକ୍ୟ ଭଳି ଗୁନ୍ଥା ହୋଇଛି ।

ନଗର ସଂଲଗ୍ନ ଏହି ତୀରରେଖାର ପୂର୍ବ ସୀମାନ୍ତରେ ବିସ୍ତୀର୍ଣ୍ଣ ଘାଟ । ବଡ଼ ବଡ଼ ଚତୁଷ୍କୋଣ ପଥର ନିର୍ମିତ ଏହି ଘାଟର ନାମ କଲ୍ଲିଘାଟ; କେବଳ ସ୍ନାନଘାଟ

ନୁହେଁ, ଯାତାୟାତ ଘାଟ ମଧ୍ୟ । ଏହି ଘାଟରୁ ସିଧା ଉତ୍ତରରେ ଅନେଗୁନ୍ଦି ଦୁର୍ଗକୁ ପାରଉତ୍ତରଣ କରାଯାଏ । ଏହି ଘାଟରେ ଆଜି ବିପୁଳ ସମାବେଶ ।

କଳିଙ୍ଗ ରାଜକୁମାରୀମାନଙ୍କୁ ପରିବହନ କରି ଆଣୁଥିବା ନୌ-ବହର ବହିଲଣି, ଆଜି ଅପରାହ୍ଣରେ ହିଁ ଆସି ପହଞ୍ଚିବ, ଏ ସମ୍ବାଦ ମହାରାଜ ଦେବରାୟ ପ୍ରଭାତରେ ପାଇଥିଲେ । ଅତିଥିମାନଙ୍କ ଅଭ୍ୟର୍ଥନା ପାଇଁ ସେ ବହୁସଂଖ୍ୟକ ହସ୍ତୀ ଅଶ୍ୱସଚର ଓ ପଦାତିକ ସୈନ୍ୟ କଲ୍ଲାଘାଟକୁ ପଠାଇ ଦେଇଥିଲେ । କଲ୍ଲାଘାଟକୁ ପଠାଇବାର କାରଣ, ଏହି ଘାଟ ଉପରକୁ ଗ୍ରୀଷ୍ମକାଳୀନ ତୁଙ୍ଗଭଦ୍ରା ଆହୁରି କ୍ଷୀଣ, ବଡ଼ ନୌକା ଯିବ କି ନ ଯିବ । ରାଜପ୍ରାସାଦରୁ କଲ୍ଲାଘାଟ ମାତ୍ର କୋଶେ ଦୂର, ସୁତରାଂ ରାଜକୁମାରୀମାନେ କଲ୍ଲାଘାଟରେ ଅବତରଣ କରି ସବାରି ବା ହସ୍ତୀପୃଷ୍ଠରେ ରାଜଭବନକୁ ଯାଇପାରିବେ, କିଛି ଅସୁବିଧା ନାହିଁ । ବରଂ ନଗରବାସୀମାନେ ବଧୂ-ସମାଗମ ଶୋଭାଯାତ୍ରା ଦେଖି ଆନନ୍ଦିତ ହେବେ ।

ସ୍ୱୟଂ ରାଜା କଲ୍ଲାଘାଟକୁ ଆସିନାହାନ୍ତି । କନିଷ୍ଠ ଭ୍ରାତା କୁମାର କମ୍ପନଦେବଙ୍କୁ ପ୍ରତିନିଧି ସ୍ୱରୂପ ପଠାଇଛନ୍ତି । କୁମାର କମ୍ପନ ରାଜାଙ୍କଠାରୁ ବୟସରେ ଅନେକ ଛୋଟ, ସମ୍ପ୍ରତି ଯୌବନପ୍ରାପ୍ତ ହୋଇଛନ୍ତି, ଅତି ସୁନ୍ଦର କାନ୍ତି ନବ-ଯୁବକ । ରାଜା ଏହି ଭ୍ରାତାଙ୍କୁ ଅତ୍ୟଧିକ ସ୍ନେହ କରନ୍ତି, ତେଣୁ ନିଜେ ନ ଆସି ବଧୂ-ସମ୍ଭାଷଣ ପାଇଁ ଭ୍ରାତାଙ୍କୁ ପଠାଇଛନ୍ତି ।

କଲ୍ଲାଘାଟର ଉଚ୍ଚତମ ସୋପାନରେ କୁମାର କମ୍ପନ ଅଶ୍ୱପୃଷ୍ଠରେ ବସି ନୌକାଦଳକୁ ଚାହିଁଛନ୍ତି । ତାଙ୍କ ପଶ୍ଚାତ୍ ଭାଗରେ ପାଞ୍ଚଟି ସଜ୍ଜିତ ହସ୍ତୀ, ହସ୍ତୀମାନଙ୍କ ଉଭୟ ପାର୍ଶ୍ୱରେ ଭଲ୍ଲଧାରୀ ଅଶ୍ୱାରୋହୀଙ୍କ ପଙ୍କ୍ତି । ସେମାନଙ୍କ ପଶ୍ଚାତ୍‌ରେ ନୂତନ ବସ୍ତ୍ରପରିହିତ ଧନୁର୍ଦ୍ଧର ପଦାତିକ ସୈନ୍ୟ ଦଳ । ସର୍ବଶେଷରେ ଘାଟର ପ୍ରବେଶପଥରେ ନାନା ବର୍ଣ୍ଣାଢ୍ୟ ବସ୍ତ୍ରନିର୍ମିତ ଦ୍ୱିଭୂମକ ତୋରଣ, ତୋରଣର ଦୁଇ ସ୍ତମ୍ଭରେ ଉପବିଷ୍ଟ ଦୁଇ ଦଳ ଯନ୍ତ୍ରବାଦକ ମୁରଜମୁରଳୀ ବଜାଉଛନ୍ତି । ବଡ଼ ସୁଲଳିତ ମନ-ଜିଣା ଏହି ଆଗମନୀ ସ୍ୱର ।

ତେଣେ ଅଗ୍ରସର ହେଉଥିବା ନୌକା ଢନୋଟିରେ ପ୍ରବଳ ଆଗ୍ରହ ଓ ଉତ୍ତେଜନା ସୃଷ୍ଟି ହୋଇଥିଲା । ଆରୋହୀମାନେ ନୌକାର ଧାରକୁ ଆସି ଘାଟର ଦୃଶ୍ୟ ଦେଖୁଥିଲେ । ମୟୂରପଙ୍ଖୀ ନୌକାର ଛାତ ଉପରେ ବିଦ୍ୟୁନ୍ମାଳା ମଣିକଙ୍କଣା ମନ୍ଦୋଦରୀ ଓ ମାତୁଳ ଚିପିଟକମୂର୍ତ୍ତି ଉପସ୍ଥିତ ଥିଲେ । ସମସ୍ତଙ୍କ ଦୃଷ୍ଟି ଘାଟଆଡ଼କୁ । ତୋରଣଶୀର୍ଷରେ ନାନା ରଙ୍ଗର ପତାକା ଉଡ଼ୁଛି, ଘାଟ ସମ୍ମୁଖରେ କେତୋଟି ଗୋଲାକୃତି କ୍ଷୁଦ୍ର ନୌକା ଅକାରଣ ଆନନ୍ଦରେ ଇତସ୍ତତଃ ହେଉଛି । ଘାଟସ୍ଥ ଅସ୍ତ୍ରଧାରୀମାନେ ଚିତ୍ରାର୍ପିତ ଭଳି ଛିଡ଼ା ହୋଇଛନ୍ତି । ସର୍ବାଗ୍ରେ ଅଶ୍ୱାରୂଢ଼ ପୁରୁଷଟି

କିଏ ? ଦୂରରୁ ମୁଖାବୟବ ଭଲଭାବରେ ଦେଖାଯାଉ ନାହିଁ । ସେହି କ'ଣ ମହାରାଜ ଦେବଗୁପ୍ତ ?

ନୌକାଗୁଡ଼ିକ ଯେତେ ପାଖ ହେଉଥାଏ ମୁରଜମୁରଳୀର ସ୍ୱର ସେତେ ସ୍ପଷ୍ଟ ହେଉଥାଏ, ଦୁଇ ଦଳର ଦୃଷ୍ଟି ପରସ୍ପର ଉପରେ ନିବଦ୍ଧ । ଆକାଶଆଡ଼କୁ କାହାର ଦୃଷ୍ଟି ନ ଥାଏ ।

ନୌକା ତିନୋଟି ଘାଟରୁ ଦଶ ରଜ୍ଜୁ ଦୂରରେ ଥାଏ । ମଣିକଙ୍କଣା ବିଦ୍ୟୁନ୍ମାଳା ଛାତ ଉପରୁ ଓହ୍ଲାଇ ଘର ଭିତରେ ପ୍ରବେଶ କଲେ । ଘାଟରେ ଅବତରଣ ପୂର୍ବରୁ ବେଶବାସ ପରିବର୍ତ୍ତନ, ଯଥାଯଥ ଅଳଙ୍କାର ଧାରଣ ଓ ପ୍ରସାଧନ କରିବାକୁ ହେବ । ମନ୍ଦୋଦରୀଙ୍କୁ ଡାକିଲେ ସେ ସାହାଯ୍ୟ କରିପାରନ୍ତେ; କିନ୍ତୁ ମନ୍ଦୋଦରୀ ଘାଟର ଦୃଶ୍ୟ ଦେଖିବାରେ ମଗ୍ନ, ରାଜକନ୍ୟା ଦ୍ୱୟ ତାଙ୍କୁ ଡାକିଲେ ନାହିଁ ।

ଦୁଇ ଭଉଣୀ ଗର୍ଭର କବାଟରେ ମହାର୍ଘ ସ୍ୱର୍ଣ୍ଣଚିତ୍ରଖଚିତ ଶାଢ଼ୀ ଓ କଞ୍ଚୁଳି ପରିଧାନ କଲେ, ପରସ୍ପରକୁ ମଣିମାଣିକ୍ୟ ଖଚିତ ଅଳଙ୍କାର ପିନ୍ଧାଇଦେଲେ । ତାପରେ ବିଦ୍ୟୁନ୍ମାଳା ଗମନୋଦ୍ୟତ ହୁଅନ୍ତେ ମଣିକଙ୍କଣା ପଚାରିଲା—"ଅଳତା କଜଳ ଲଗାଇବୁନି ?"

ବିଦ୍ୟୁନ୍ମାଳା କହିଲେ—"ନା, ଥାଉ ।"

ସେ ଉପରକୁ ଚାଲିଗଲେ । ମଣିକଙ୍କଣା ମୁହୂର୍ତ୍ତେ ଇତସ୍ତତଃ ହେଲା, ତାପରେ କଜଳପାତି ଲକ୍ଷାରସର ଅଳତା ଓ ସ୍ୱର୍ଣ୍ଣଦର୍ପଣ ଧରି ବସିଲା ।

ବିଦ୍ୟୁନ୍ମାଳା ଛାତର ଚଟାଣ ଉପରକୁ ଆସି ଚାରିଆଡେ ଚାହିଁଲେ । ତାଙ୍କର ମନେହେଲା ଏହି ଅଳ୍ପ ସମୟ ମଧ୍ୟରେ ଆକାଶର ଆଲୋକ ଅନେକଟା କମିଯାଇଛି । ସେ ଚକିତ ହୋଇ ଆକାଶକୁ ଅନାଇଲେ । ଦକ୍ଷିଣରୁ ଗୋଟିଏ ଧୂମ୍ରବର୍ଣ୍ଣ ରାକ୍ଷସ ଛୁଟି ଆସୁଥିଲା, ବିଦ୍ୟୁନ୍ମାଳାଙ୍କ ଦୃଷ୍ଟି ପଡ଼ିବାମାତ୍ରେ ଯେପରି ଉନ୍ମତ୍ତ କ୍ରୋଧରେ ବିକଟ ଚିତ୍କାର କରି ନଦୀକୁ ଡେଇଁପଡ଼ିଲା । ନିମିଷେକ ମଧ୍ୟରେ ସବୁ ଲଣ୍ଡଭଣ୍ଡ ହୋଇଗଲା ।

ଦାକ୍ଷିଣାତ୍ୟର ଶିଳାବନ୍ଧୁର ମାଳଭୂମିରେ ଗ୍ରୀଷ୍ମକାଳରେ ମଝିରେ ମଝିରେ ଅତର୍କିତ ଝଡ଼ ଆସେ । ଦିନ ପରେ ଦିନ ଉତ୍ତପ୍ତ ସଞ୍ଚିତ ହୋଇ ହୋଇ ଦିନେ ହଠାତ୍ ବିସ୍ଫୋରକ ଭଳି ଫାଟିଯାଏ । ଝଡ଼ ବେଶୀକ୍ଷଣ ସ୍ଥାୟୀ ହୋଇ ରହେନା, ବଡ଼ ଜୋର ଦୁଇ-ତିନି ଦଣ୍ଡ; କିନ୍ତୁ ତାର ଯାତ୍ରାପଥରେ ଯାହା କିଛି ପଡ଼େ ସବୁ ଛାରଖାର କରିଦେଇ ଚାଲିଯାଏ ।

ଏହି ଝଡ଼ର ଆବିର୍ଭାବ ଏତେ ଆକସ୍ମିକ ଯେ ଚିନ୍ତା କରିବାର ଅବକାଶ ନଥାଏ, ସତର୍କ ହେବାର ଶକ୍ତି ମଧ୍ୟ ଲୁପ୍ତ ହୋଇଯାଏ । ନୌକା ତିନୋଟି ପରସ୍ପର ପାଖାପାଖି ଚାଲୁଥିଲା, ଘାଟ ପାଖରୁ ସେମାନଙ୍କ ଦୂରତ୍ୱ ପାଞ୍ଚ-ଛଅ ରଜ୍ଜୁରୁ ବେଶି ନୁହେଁ, ହଠାତ୍ ଝଡ଼ର ସମ୍ମୁଖୀନ ହୋଇ ସେମାନେ ଛିନ୍ନ ହୋଇଗଲେ । ମୟୂରପଙ୍ଖୀ ନୌକା ଛାତରେ ମନ୍ଦୋଦରୀ ଓ ଚମ୍ପିକାଙ୍କ ମୂର୍ତ୍ତି ଥିଲେ, ଛିଟିକିଯାଇ ନଦୀରେ ପଡ଼ିଲେ । ପଟା ଚଟାଣ ଉପରୁ ବିଦ୍ୟୁନ୍ମାଳା ଶୂନ୍ୟରେ ଛୁଆଡ଼ି ହୋଇ ଉତ୍ତାଳ ଜଳରାଶି ମଧ୍ୟରେ ଅଦୃଶ୍ୟ ହୋଇଗଲେ !

ମଗରମୁଖୀ ନୌକାରୁ କେତେ ଜଣ ନାବିକ ଓ ସୈନିକ ପାଣିକୁ ଛିଟିକି ପଡ଼ିଥିଲେ, ସେମାନଙ୍କ ମଧ୍ୟରେ ଅର୍ଜୁନବର୍ମା ଜଣେ । ଯେତେବେଳେ ନୌକା ଝଡ଼ର ସମ୍ମୁଖୀନ ହେଲା ସେତେବେଳେ ସେ ମଗରମୁଖୀ ନୌକାଧାରରେ ଠିଆ ହୋଇ ମୟୂରପଙ୍ଖୀ ନୌକା ଆଡ଼କୁ ଚାହିଁଥିଲା; ନିଜେ ପାଣିରେ ପଡ଼ୁ ପଡ଼ୁ ଦେଖିଲା ରାଜକୁମାରୀ ବୁଡ଼ିଗଲେ । ସେ ପାଣିରେ ପଡ଼ିବାମାତ୍ରେ ତୀର ବେଗରେ ପହଁରି ଚାଲିଲା ।

ଆକାଶର ଆଲୁଅ ଲିଭିଯାଇଛି, ନୌକାଗୁଡ଼ିକ ଝଡ଼ ପ୍ରଭାବରେ କିଏ କୁଆଡ଼େ ଗଲେ କିଛି ଦେଖାଯାଉ ନାହିଁ । କେବଳ ନଦୀର ଉନ୍ମତ୍ତ ତରଙ୍ଗମାଳା ଚାରିଆଡ଼େ ବାଡ଼େଇ ହେଉଛି । ତାପରେ ଖୁବ୍ ଜୋରରେ ବର୍ଷା ହେଲା । ଚସ୍ତରେ ଆକାଶ-ପାତାଳ ଏକାକାର ହୋଇଗଲା ।

ବିଦ୍ୟୁନ୍ମାଳା ତଳ ଧରିଯାଇଥିଲେ, ପାଣି ଭିତରେ ତରଙ୍ଗର ଆକର୍ଷଣ-ବିକର୍ଷଣ ଫଳରେ ଆଉ ଥରେ ଉପରକୁ ଭାସିଉଠିଲେ । କିଛିକ୍ଷଣ ତରଙ୍ଗ ଶୀର୍ଷରେ ଇତସ୍ତତଃ ବିକ୍ଷିପ୍ତ ହେବା ପରେ ତାଙ୍କର ଅର୍ଦ୍ଧଚେତନ ଶରୀର ପୁଣି ଥରେ ବୁଡ଼ିଯିବାକୁ ଲାଗିଲା ।

ନିପଟ-କୃଷ୍ଣ ଅନ୍ଧକାରରେ ଝଡ଼ର ତାଣ୍ଡବଲୀଳା ଚାଲିଛି । ମଝିରେ ମଝିରେ ବିଦ୍ୟୁତ୍‌ର ଝଲକ, ମେଘର ହୁଙ୍କାର; ତାପରେ ସୁ ସୁ କଳ କଳ ଶବ୍ଦ । ଜଳ ଓ ବତାସର ମରଣାତ୍ମକ ସଂଗ୍ରାମ ।

ବିଦ୍ୟୁନ୍ମାଳା ପାଣି ଭିତରେ ବୁଡ଼ି ଯାଉ ଯାଉ ଅସ୍ପଷ୍ଟ ଭାବେ ଅନୁଭବ କଲେ, କିଏ ଯେପରି ତାଙ୍କୁ ଆକର୍ଷଣ କରି ପୁଣି ଉପରକୁ ଟାଣି ନେଉଛି । ସେ ସମ୍ପୂର୍ଣ୍ଣ ନିଶ୍ଚେଷ୍ଟ ରହିଲେ; ଶରୀର ଅବଶ, ବଞ୍ଚିରହିବାର ଯେଉଁ ଦୁରନ୍ତ ପ୍ରୟାସ ଜୀବମାନଙ୍କର ହିଁ ସ୍ୱାଭାବିକ ତାହା ଆଉ ନାହିଁ । ଜୀବନ ଓ ମୃତ୍ୟୁର ବ୍ୟବଧାନ ଘୁଞ୍ଚିଯାଇଛି । କ୍ରମେ ତାଙ୍କର ଯେଉଁ ଟିକକ ଚେତା ଅବଶିଷ୍ଟ ଥିଲା ତାହା ମଧ୍ୟ ଲୁପ୍ତ ହେଲା ।

ଝଡ଼ କମିଯାଇଛି ।

ମେଘର ଅନ୍ଧକାର ଅପସାରିତ ହେବା ପୂର୍ବରୁ ହିଁ ରାତ୍ରିର ଅନ୍ଧକାର ନଇଁ ଆସିଛି । ବର୍ଷାଧୌତ ଆକାଶରେ ତାରାଗୁଡ଼ିକ ଉଜ୍ଜ୍ୱଳ; ତୁଙ୍ଗଭଦ୍ରାର ସ୍ରୋତ ଏଥର ଶାନ୍ତ । ତୀରବର୍ତ୍ତୀ ପ୍ରାସାଦମାନଙ୍କରୁ ଦୀପଶିଖା ନଦୀ ଜଳରେ ପ୍ରତିଫଳିତ ହୋଇ ଦୋହଲୁଛି । କେବଳ ହେମକୂଟ ଶିଖରରେ ଏପର୍ଯ୍ୟନ୍ତ ଅଗ୍ନିସ୍ତମ୍ଭ ପ୍ରଜ୍ୱଳିତ ହୋଇନାହିଁ ।

ଏହି ଅବକାଶରେ ବାତ୍ୟାହତ ଲୋକଙ୍କ ତ୍ତ୍ୱାବ ନିଆଯାଇପାରେ ।

ଭଲ୍ଲାଘାଟରେ ଅତିଥି ସମ୍ବର୍ଦ୍ଧନା ପାଇଁ ଯେଉଁମାନେ ଉପସ୍ଥିତ ଥିଲେ ସେମାନେ ମଧ୍ୟ ଝଡ଼ ପ୍ରକୋପରେ ଲପର୍ଯ୍ୟସ୍ତ ହୋଇଥିଲେ । ବସ୍ତ୍ରତୋରଣ ଉଡ଼ିଯାଇ ନଦୀ ଜଳରେ ପଡ଼ିଥିଲା; ହାତୀମାନେ ଭୟତ୍ରସ୍ତ ହୋଇ ଏଣେତେଣେ ଦୌଡ଼ାଦୌଡ଼ି କରିଥିଲେ; ଫଳରେ କେତେଜଣ ସୈନିକଙ୍କର ହାତଗୋଡ଼ ଜଖମ ହୋଇଥିଲା; ଆଉ ବିଶେଷ କିଛି ଅନିଷ୍ଟ ହୋଇନାହିଁ । ଝଡ଼ ଅପସରି ଯିବା ପରେ କୁମାର କମ୍ପନ ନୌକା ଉଇଟିର ନିରାପତ୍ତା ସମ୍ବନ୍ଧରେ ଅନୁସନ୍ଧାନ କରିବାର ଚେଷ୍ଟା କଲେ; କିନ୍ତୁ ରାତ୍ରି ଅନ୍ଧକାର, ତରଙ୍ଗ ଶୋଳକୃତ ଛୁଦ୍ର ନୌକାଗୁଡ଼ିକ କୁଆଡ଼େ ଭସିଯାଇଥିଲା । କୁମାର କମ୍ପନ କୌଣସି ସନ୍ଧାନ ପାଇଲେ ନାହିଁ । ସେ ସୈନ୍ୟମାନଙ୍କୁ ଘାଟରେ ଜଗାଇ ଅଶ୍ୱପୃଷ୍ଠରେ ରାଜଭବନକୁ ଫେରିଗଲେ । ରାଜାଙ୍କୁ ସମ୍ବାଦ ଦେଇ ପରଦିନ ସୂର୍ଯ୍ୟୋଦୟରୁ ସେ ଅଭିଯାନରେ ଆସିବେ ।

ଝଡ଼ ଆଘାତରେ ନୌକା ଉଇଟି ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିଥିଲା । କିନ୍ତୁ ବୁଡ଼ି ଯାଇ ନଥିଲା; ଅଗଭୀର ଜଳରେ ବା ନଦୀ ମଧ୍ୟସ୍ଥ ଦ୍ୱୀପର ଶିଳାସୈକତରେ ଅଟକି ଯାଇଥିଲା । ନାବିକ ଓ ସୈନ୍ୟମାନଙ୍କ ମଧ୍ୟରୁ ଯେଉଁମାନେ ଛିଟିକି ପାଣିରେ ପଡ଼ିଥିଲେ ସେମାନେ ମଧ୍ୟ କେହି ବୁଡ଼ି ମରି ନଥିଲେ, ଝଡ଼ ଓ ତରଙ୍ଗ ତାଡ଼ନାରେ କେଉଁଠି ନା କେଉଁଠି ଡଙ୍ଗାରେ ଆଶ୍ରୟ ପାଇଥିଲେ । ମୟୂରପଙ୍ଖୀ ନୌକାରେ ମଣିକଙ୍କଣା ଓ ବୃଦ୍ଧ ରସରାଜ ଅଟକି ଯାଇଥିଲେ । ସେମାନଙ୍କ ଜୀବନ ପ୍ରତି ଆଶଙ୍କା ନଥିଲା ସତ, କିନ୍ତୁ ବିଦ୍ୟୁନ୍ମାଳା, ଚିପିଟକ ଓ ମନ୍ଦୋଦରୀ ପାଇଁ ସେମାନେ ବହୁତ ଚିନ୍ତିତ ଥିଲେ, ମଣିକଙ୍କଣା ବ୍ୟାକୁଳଭାବେ କାନ୍ଦି କାନ୍ଦି କହୁଥିଲା—"କୁଆଡ଼େ ଗଲା ବିଦ୍ୟୁନ୍ମାଳା ? ମାମୁଁ ଓ ମନ୍ଦୋଦରୀର କ'ଣ ହେଲା ? ସେମାନେ ସମସ୍ତେ କ'ଣ ବୁଡ଼ିଗଲେ ?" ରସରାଜ ମଣିକଙ୍କଣାକୁ ସାନ୍ତ୍ୱନା ଦେବା ଅବସରରେ ପ୍ରାଣପଣେ ଇଷ୍ଟ ମନ୍ତ୍ର ଜପ କରୁଥିଲେ ।

ମାମୁଁ ଓ ମନ୍ଦୋଦରୀ ବୁଡ଼ିଯାଇ ନ ଥିଲେ । ଦୁଇ ଜଣ ଏକାସଙ୍ଗରେ ପାଣିରେ ପଡ଼ିଯାଇଥିଲେ । କେହି ପହଁରି ଜାଣିନାହାନ୍ତି, ମାମୁଁଙ୍କ ବଗ ଭଳି ସବୁ ଦେହଟି ବୁଡ଼ିସିବାର ଉପକ୍ରମ କଲା; କିନ୍ତୁ ମନ୍ଦୋଦରୀର ବୁଡ଼ିଯିବାର କୌଣସି ଲକ୍ଷଣ ଦେଖାଗଲା ନାହିଁ, ତା'ର ସ୍ଥୂଳ ବପୁ ତରଙ୍ଗମାଳା ଉପରେ ଶୂନ୍ୟକଳସୀ ଭଳି ନାଚି ନାଚି ଭାସିବାକୁ ଲାଗିଲା । ମାମୁଁ ବୁଡ଼ିଯାଉଁ ଯାଉଁ ମନ୍ଦୋଦରୀର ଗୋଟିଏ ପାଦ ହାତପାଆନ୍ତାରେ ପାଇଲାକ୍ଷଣି ତାକୁ ଜାବୁଡ଼ି ଧରିଲେ । ଢେଉର ଝିଙ୍କାଝିଙ୍କି ତାଙ୍କ ବଜ୍ରମୁଷ୍ଟିକୁ ଶିଥିଳ କରିପାରି ନ ଥିଲା । କିନ୍ତୁ ତପିନ୍ଦ୍ର ଓ ମନ୍ଦୋଦରୀ ପ୍ରସଙ୍ଗ ବର୍ତ୍ତମାନ ପାଇଁ ଥାଉ ।

ବୃହନ୍ନଳା ନଦୀମଧ୍ୟସ୍ଥ ଗୋଟିଏ ଦ୍ୱୀପର ସିକ୍ତ ସୈକତରେ ଶୋଇଥିଲେ, ଚେତନା ଫେରିପାଇ ଅନୁଭବ କଲେ ଯେ ତାଙ୍କ ବସନ ଆର୍ଦ୍ର । ମନେପଡ଼ିଗଲା ସେ ନଦୀରେ ବୁଡ଼ି ଯାଉଥିଲେ । ତାପରେ ବିଜୁଳି ଚମକ ଭଳି ସମ୍ପୂର୍ଣ୍ଣ ସ୍ମୃତି ଫେରିଆସିଲା । ସେ ଧୀରେ ଧୀରେ ଆଖି ଖୋଲିଲେ ।

ଆଖି ଖୋଲି ପ୍ରଥମେ ସେ କିଛି ଦେଖିପାରିଲେ ନାହିଁ, ଭିତର ଓ ବାହାରର ଅନ୍ଧକାର ପ୍ରାୟ ସମାନ ଥିଲା । କ୍ରମେ ସୂଚୀ ଭଳି ସୂକ୍ଷ୍ମ ଆଲୋକରଶ୍ମି ତାଙ୍କ ଆଖିରେ ପଡ଼ିଲା । ଆକାଶର ତାରା କି ? ଆଖପାଖରେ ଆଉ କିଛି ଦେଖାଯାଉ ନାହିଁ । ସେତେବେଳେ ସେ ନିଃଶ୍ୱାସ ତ୍ୟାଗକରି ସନ୍ତର୍ପଣରେ ଉଠି ବସିବାକୁ ଉପକ୍ରମ କଲେ ।

କିଏ ଯେପରି ମୁଣ୍ଡପାଖରେ ବସି ତାଙ୍କ ମୁହଁଆଡ଼କୁ ଚାହିଁଥିଲା, ଧୀରେ ଧୀରେ କହିଲା—'ଏବେ ବେଶ୍ ସୁସ୍ଥ ମନେହେଉଛୁ ତ ?'

ବୃହନ୍ନଳା ଚକ୍ଷୁ ବିସ୍ଫାରିତ କରି ଚାହିଁଲେ; କିନ୍ତୁ କାହାକୁ ଦେଖିବାକୁ ପାଇଲେ ନାହିଁ; ଅନ୍ଧକାର ମଧ୍ୟରେ ଗାଢ଼ତର ଅନ୍ଧକାରର ଗୋଟିଏ ପିଣ୍ଡ ରହିଥିବା ପରି ମନେହେଲା । ସେ ଡରି ଡରି ପଚାରିଲେ—'କିଏ ?'

ଶାନ୍ତ ଆଶ୍ୱାସନାଭରା ଉତ୍ତର ଆସିଲା—'ମୁଁ ଅର୍ଜୁନ ବର୍ମା ।'

କିଛିକ୍ଷଣ ନିସ୍ତବ୍ଧ ନୀରବ । ତାପରେ ବୃହନ୍ନଳା କ୍ଷୀଣ କଣ୍ଠସ୍ୱର ସହିତ ପଚାରିଲେ—'ଅର୍ଜୁନ ବର୍ମା—ମୁଁ ଢେଉ ଧକ୍କାରେ ପାଣିରେ ପଡ଼ିଯାଇଥିଲି—କିଛିକ୍ଷଣ ପାଇଁ ବୋଧହୁଏ ନିଃଶ୍ୱାସ ବନ୍ଦ ହୋଇଯାଇଥିଲା—ତାପରେ କିଏ ଯେମିତି ମୋତେ ଟାଣି ଟାଣି ନେଇଗଲା—ଆଉ କିଛି ମନେନାହିଁ । —ଏ କେଉଁ ସ୍ଥାନ ?'

ଅର୍ଜୁନ କହିଲା—'ବୋଧହୁଏ ନଦୀମଧ୍ୟସ୍ଥ ଗୋଟିଏ ଦ୍ୱୀପ । ଆପଣ ଶରୀରରେ କୌଣସି ବ୍ୟଥା ଅନୁଭବ କରୁଛନ୍ତି କି ?'

ବଦ୍ୟୁନ୍ମାଳା ନଡ଼ଚଡ଼ ହୋଇ ଉଠିବସିଲେ । କହିଲେ—'ନା । କିନ୍ତୁ ମୁଁ ଆଖିରେ କିଛି ଦେଖିପାରୁ ନାହିଁ ।''

ଅର୍ଜୁନ କହିଲା—'ଅନ୍ଧାର ରାତି, ତେଣୁ କିଛି ଦେଖିପାରୁ ନାହାନ୍ତି । ଆକାଶଆଡ଼େ ଦେଖନ୍ତୁ, ତାରା ଦେଖିବାକୁ ପାଇବେ ।'

ବଦ୍ୟୁନ୍ମାଳା ଉପରକୁ ଅନାଇଲେ । ହଁ । ସେଗୁଡ଼ିକ ତ ତାରକାପୁଞ୍ଜ ! ପ୍ରଥମେ ଚକ୍ଷୁଖୋଲି ସେଗୁଡ଼ିକୁ ଦେଖିଥିଲେ, ବର୍ତ୍ତମାନ ସେଗୁଡ଼ିକ ଆହୁରି ଉଜ୍ଜ୍ୱଳ ଦିଶୁଛନ୍ତି ।

ଅର୍ଜୁନବର୍ମା କହିଲା—''ପଛଆଡ଼କୁ ବୁଲି ଦେଖନ୍ତୁ, ହେମକୂଟ ଚୂଡ଼ାରେ ଧୂନି ଜଳୁଛି ।''

ହେମକୂଟ ଚୂଡ଼ାରେ ପ୍ରତ୍ୟହ ସୂର୍ଯ୍ୟାସ୍ତ ପରେ ଧୂନି ଜଳେ; ଆଜି ବର୍ଷାରେ ଇନ୍ଧନ ଭିଜି ଯାଇଥିବାରୁ ଧୂନି ଜଳିବାକୁ ବିଳମ୍ବ ହୋଇଛି । ବଦ୍ୟୁନ୍ମାଳା ଦେଖିଲେ, ଦୂର ଗିରିଚୂଡ଼ାରେ ଧୂମଜାଲ ଭେଦକରି ଅଗ୍ନିଶିଖା ଉପରକୁ ଉଠୁଛି ।

ସେଆଡ଼କୁ ଦୃଷ୍ଟି ଫେରାଇ ବଦ୍ୟୁନ୍ମାଳା ଅର୍ଜୁନବର୍ମା ଆଡ଼େ ଚାହିଁଲେ, ମନେହେଲା ଯେପରି ସୁଦୂର ଧୂନିର ଆଲୋକରେ ଅର୍ଜୁନବର୍ମାର ଅସ୍ପଷ୍ଟ ଛାୟା ଭଳି ଦେଖାଯାଉଛି । ଏପର୍ଯ୍ୟନ୍ତ ବଦ୍ୟୁନ୍ମାଳାଙ୍କ ଅନ୍ତରର ସମସ୍ତ ଆବେଗ ଯେପରି ମୂର୍ଚ୍ଛିତ ହୋଇଥିଲା, ବର୍ତ୍ତମାନ ସ୍ଫୁଲିଙ୍ଗ ଭଳି ଟିକିଏ ଆନନ୍ଦ ସ୍ଫୁରିତ ହେଲା—'ଅର୍ଜୁନବର୍ମା ! ଆପଣଙ୍କୁ ମୁଁ ଦେଖିପାରୁଛି ।' ଏତିକି କହି ତାଙ୍କର ଆନନ୍ଦ ଟିକିକ ବୁଡ଼ିଗଲା, ସେ ଶଙ୍କିତ କଣ୍ଠରେ ପଚାରିଲେ —'କିନ୍ତୁ କଙ୍କଣା କେଉଁଠି ? ମନ୍ଦୋଦରୀ କାହିଁ'

ଅର୍ଜୁନ କହିଲା—'କିଏ କେଉଁଠି ଅଛି ସୂର୍ଯ୍ୟୋଦୟ ପୂର୍ବରୁ ତାହା ଜାଣିହେବ ନାହିଁ ।'

'ଆଜି କ'ଣ ଜହ୍ନ ଉଠିବ ନାହିଁ ?'

'ଉଠିବ, ମଧ୍ୟରାତ୍ରି ପରେ ।'

'ବର୍ତ୍ତମାନ ରାତ୍ରି କେତେ ?'

"ବୋଧହୁଏ ପ୍ରଥମ ପ୍ରହର ଶେଷ ହୋଇଛି । —ରାଜକୁମାରୀ ଆପଣଙ୍କ ଶରୀର ଦୁର୍ବଳ, ଆପଣ ଶୋଇଯାଆନ୍ତୁ । ବେଶି ଚିନ୍ତା କରନ୍ତୁ ନାହିଁ । ଦୁର୍ବଳ ଶରୀରରେ ଚିନ୍ତା କଲେ ଦେହ ଆହୁରି ନିସ୍ତେଜ ହୋଇପଡ଼ିବ ।"

'ଆଉ ଆପଣ ?'

'ମୁଁ ପହରା ଦେବି ।'

ଏହି ଅସହାୟ ଅବସ୍ଥାରେ ବିଦ୍ୟୁନ୍ମାଳା ପରମ ଆଶ୍ୱାସନା ପାଇଲେ । ଦୁଇ-ପଦିଟି କଥା କହି ତାଙ୍କ ଶରୀରର ଅବଶିଷ୍ଟ ଶକ୍ତି ନିଃଶେଷିତ ହୋଇଯାଇଥିଲା, ସେ ପୁଣି ଥରେ ବାଲୁକାଶଯ୍ୟାରେ ଶୟନ କଲେ । କିଛିକ୍ଷଣ ଚକ୍ଷୁ ବନ୍ଦକରି ଶୋଇ ରହିବା ପରେ ତାଙ୍କ କ୍ଳାନ୍ତ ଚେତନା ଆଉ ଥରେ ସୁପ୍ତିର ଅତଳ ଗହ୍ୱରରେ ବୁଡ଼ିଗଲା ।

ବିଦ୍ୟୁନ୍ମାଳାଙ୍କ ଚେତନା ସୁସୁପ୍ତିର ପାତାଳ ସ୍ପର୍ଶକରି ପୁଣି ଧୀରେ ଧୀରେ ସ୍ୱପ୍ନଲୋକରେ ଅବଚେତନ ସ୍ତରକୁ ଉଠିଆସିଲା । ସେ ସ୍ୱପ୍ନ ଦେଖିଲେ, ସେହି ସ୍ୱପ୍ନ ଯାହା ପୂର୍ବରୁ ଥରେ ଦେଖିଥିଲେ । ସ୍ୱୟମ୍ବର ସଭାରେ ଅର୍ଜୁନ ମତ୍ସ୍ୟଚକ୍ଷୁ ବିଦ୍ଧକରି ରାଜକୁମାରୀଙ୍କ ସମ୍ମୁଖରେ ନତଜାନୁ ହେଲେ । କହିଲେ—"ରାଜକୁମାରୀ, ଦେଖନ୍ତୁ ଜହ୍ନ ଉଠିଲାଣି ।"

ବିଦ୍ୟୁନ୍ମାଳା ଚକ୍ଷୁଖୋଲି ଦେଖିଲେ ଅର୍ଜୁନବର୍ମା ତାଙ୍କ ମୁହଁ ଉପରେ ଝୁଙ୍କିପଡ଼ି କହୁଛି —'ରାଜକୁମାରୀ, ଦେଖନ୍ତୁ ଜହ୍ନ ଉଠିଲାଣି ।' ସ୍ୱପ୍ନର ଅର୍ଜୁନ ଓ ପ୍ରତ୍ୟକ୍ଷ ଅର୍ଜୁନବର୍ମା ମଧ୍ୟରେ ଆକୃତିଗତ କୌଣସି ପ୍ରଭେଦ ନାହିଁ ।

ଜହ୍ନ ଅବଶ୍ୟ ଅନେକ ଆଗରୁ ଉଦୟ ହୋଇଥିଲା, ଉଦୟାଚଳରୁ ପ୍ରାୟ ଏକ ରଶି ଉଚ୍ଚକୁ ଉଠିଥିଲା । କୃଷ୍ଣପକ୍ଷର କ୍ଷୟମାଣ ଚନ୍ଦ୍ର, କିନ୍ତୁ ସ୍ୱର୍ଣ୍ଣଫଳକ ଭଳି ଉଜ୍ଜ୍ୱଳ, ସେ ଆଲୋକରେ ବିଦ୍ୟୁନ୍ମାଳାଙ୍କ ସୁମନ୍ତ ମୁଖମଣ୍ଡଳ ପରିସ୍ଫୁଟ ହୋଇ-ଉଠିଥିଲା । ମୁକ୍ତବେଣୀର କେଶରାଶି ବିପର୍ଯ୍ୟସ୍ତ ହୋଇ ମୁଖମଣ୍ଡଳକୁ ଘୋଡ଼ାଇ ରଖିଥିଲା, ମହାର୍ଘ ବସ୍ତ୍ରଟି ବାଲୁକାଲିପ୍ତ ଅବସ୍ଥାରେ ନିଦ୍ରାଶୀତଳ ଶରୀରଟିକୁ ଅଯତ୍ନ ଭାବରେ ଆବୃତ କରି ରଖିଥିଲା । ସବୁ ମିଶି ଯେପରି ଗୋଟିଏ ଶୈବାଳଲଗ୍ନ କୁମୁଦିନୀ, ଝଡ଼ର ଆନ୍ଦୋଳନରେ ଉନ୍ମୂଳିତ ହୋଇ ତଟପ୍ରାନ୍ତରେ ନିକ୍ଷିପ୍ତ ହୋଇଛି ।

ଅର୍ଜୁନବର୍ମା ମୋହାଚ୍ଛନ୍ନ ଚକ୍ଷୁରେ ଏହି ମୁଖଟିକୁ ଚାହିଁ ରହିଥିଲା । ତାର ଦୃଷ୍ଟିରେ ଲୁବ୍ଧତା ନଥିଲା, ମନରେ କୌଣସି ଚିନ୍ତା ନଥିଲା; ରମଣୀ ଦେଖି ପୁରୁଷ-

ମନ ଯେମିତି ଅଜ୍ଞାତପୂର୍ବ ସ୍ମୃତି-ଜାଲରେ ବଦ୍ଧ ହୋଇଯାଏ, ଅର୍ଜ୍ଜୁନବର୍ମାର ମନ ମଧ୍ୟ ସେମିତି ନିଗୂଢ଼ ସ୍ୱପ୍ନଜାଲରେ ଆଚ୍ଛନ୍ନ ହୋଇ ପଡ଼ିଥିଲା । ଆଲୋଡ଼ିତ ଜଳରାଶିରୁ ରାଜକନ୍ୟାଙ୍କ ଅବଚେତନ ଶରୀରଟିକୁ ଟେକି ଆଣିବାର ସ୍ମୃତି ଅସଂଲଗ୍ନ ଭାବରେ ମନ ଭିତରେ ଉଙ୍କି ମାରୁଥିଲା ।

ଅନେକ ସମୟ ଧରି ବିଦ୍ୟୁନ୍ମାଳାଙ୍କ ମୁହଁ ଆଡ଼େ ଚାହିଁ ରହିବା ପରେ ତାର ମୋହ ଭାଙ୍ଗିଲା । ଘୁମନ୍ତ ରାଜକନ୍ୟାଙ୍କ ଅନାବୃତ ମୁଖକୁ ଚାହିଁ ରହିବାର ରୂଢ଼ ଧୃଷ୍ଟତା ଯୋଗୁଁ ଲଜ୍ଜିତ ହୋଇ ସେ ଚମକି ପଡ଼ି ଠିଆହେଲା । ଜ୍ୟୋତ୍ସ୍ନାର କୁହେଳିକାରେ ନିମଗ୍ନ ପ୍ରକୃତି ବାଷ୍ପଛନ୍ନ ଚକ୍ଷୁର ଦୃଷ୍ଟି ଭଳି ଅସ୍ପଷ୍ଟ ହୋଇପଡ଼ିଛି । ଅର୍ଜ୍ଜୁନ ଚତୁର୍ଦ୍ଦିଗକୁ ଦୃଷ୍ଟି ପକାଇଲା, ତାପରେ ନିଃଶବ୍ଦରେ ସେଠାରୁ ଦୂରେଇ ଯାଇ ଦ୍ୱୀପ ସୀମାରେ ପରିଭ୍ରମଣ କରିବାରେ ଲାଗିଲା । ଚିରସଙ୍ଗୀ ଲଠି ଦୁଇଟି ଆଜି ତା ପାଖରେ ନାହିଁ, ନୌକାରୁ ପାଣିରେ ପଡ଼ିବା ସମୟରେ ନୌକାରେ ହିଁ ରହି ଯାଇଥିଲା । ବଳରାମ ଯଦି ବଞ୍ଚି ରହିଥାଏ ହୁଏତ ଲଠି ଦୁଇଟିକୁ ଯତ୍ନ କରି ରଖିଥିବ ।

ଦ୍ୱୀପଟି ଛୋଟ, ପ୍ରାୟ ଗୋଲାକୃତି; ତୀରରେ ଗୋଡ଼ି-ପଥରର ବାଲିବେଳା, ମଝିରେ ବଡ଼ ବଡ଼ ପଥରର ଉଚ୍ଚ ଚଟାଣ । ଅର୍ଜ୍ଜୁନବର୍ମା କୂଳାଧରି ଭ୍ରମଣ କରୁ କରୁ ନାନା ଅସଂଲଗ୍ନ କଥା ଚିନ୍ତା କରିବାକୁ ଲାଗିଲା, କିନ୍ତୁ ତାର ଉଦ୍‌ଭ୍ରାନ୍ତ କଳ୍ପନା-ଜଳ୍ପନା ଭିତରେ ମନର ନିଭୃତ କୋଉଁ ଏକ ଅଂଶ ରାଜକନ୍ୟା ପାଖରେ ରହି ଯାଇଥିଲା । ରାଜକୁମାରୀ ଏକାକିନୀ ଶୋଇଛନ୍ତି । ଯଦି ହଠାତ୍ ନିଦରୁ ଉଠି ତାକୁ ନ ଦେଖି ଡରିଯାଆନ୍ତି ! ଯଦି ଦ୍ୱୀପରେ ଶୃଗାଳ ବା ବଣବିରାଡ଼ି ଜାତୀୟ ଜନ୍ତୁ ଲୁଚି ରହିଥାଏ— !

ଦ୍ୱୀପରେ ଜନ୍ତୁ ହିଂସ୍ରଜନ୍ତୁ ନଥିଲେ । ଅର୍ଜ୍ଜୁନବର୍ମା ଗୋଟିଏ ସ୍ଥାନରେ ଉପସ୍ଥିତ ହୋଇ ଦେଖିଲା ତୀରତଟର କେତୋଟି କ୍ଷୁଦ୍ର ପକ୍ଷୀ ଜଳାଧାରରେ ଜଡ଼ସଡ଼ ହୋଇ ଠିଆ ହୋଇଛନ୍ତି, ତା ପାଦ ଶବ୍ଦରେ ଟିଁ ଟିଁ ଟିଁ ଟିଁ ଶବ୍ଦ କରି ଉଡ଼ିଗଲେ । ଟିଟିଭ ପକ୍ଷୀ ।

ବିଦ୍ୟୁନ୍ମାଳାଙ୍କ ନିକଟକୁ ଫେରି ଅର୍ଜ୍ଜୁନବର୍ମା ଦେଖିଲା ସେ ଯେମିତି ଶୋଇଥିଲେ ସେମିତି ଶୋଇଛନ୍ତି, ଟିକେ ହେଲେ କଡ଼ ଲେଉଟାଇ ନାହାନ୍ତି । ଅହେତୁକ ଉଦ୍‌ବେଗରେ ଅର୍ଜ୍ଜୁନ ମନରେ ଶଙ୍କା ପଶିଲା, ସେ ତାଙ୍କ ମୁଣ୍ଡ ପାଖରେ ନତଜାନୁ ହୋଇ ମୁହଁ ପାଖକୁ ମୁହଁ ନୁଆଁଇଆଣି ଦେଖିଲା ।

ନା, ଆଶଙ୍କାର କୌଣସି କାରଣ ନାହିଁ । କ୍ଳାନ୍ତି ଜନିତ ବିବଶ ଜଡ଼ତା କଟିଯାଇଛି, ରାଜକୁମାରୀ ସ୍ୱପ୍ନ ଦେଖୁଛନ୍ତି । ସ୍ୱପ୍ନରେ ବିଭୋର ହୋଇ ତାଙ୍କ ଭ୍ରୂ

କେତେବେଳେ କୁଞ୍ଚିତ ହୋଇଉଠୁଛି, କେତେବେଳେ ଅବା ଅଧରରେ ଟିକେ ହସର ଆଭାସ ଦେଖାଦେଇ ମିଳେଇ ଯାଉଛି ।

ସ୍ୱପ୍ନଲୋକରେ କି ବଚନ ଦୃଶ୍ୟ ଅଭିନୀତ ହେଉଛି କିଏ ଜାଣେ । ଅର୍ଜୁନଦମୀ ମନେ ମନେ ଟିକିଏ ଆଗ୍ରହାନ୍ୱିତ ହୋଇଉଠିଲା; ସେ ଥରେ ଜହ୍ନଆଡ଼େ ଚାହିଁଲା, ଥରେ ବିଦ୍ୟୁନ୍ମାଳାଙ୍କ ସ୍ୱପ୍ନମୁଗ୍ଧ ମୁହଁଟିକୁ ଚାହିଁଲା, ତାପରେ ମୃଦୁ ସ୍ୱରରେ କହିଲା —
‘‘ରାଜକୁମାରୀ, ଦେଖନ୍ତୁ ଜହ୍ନ ଉଠିଲାଣି ।’’

## — ଏଗାର —

ଚନ୍ଦ୍ରୟନ୍ତୀମାଳା ଚେତନାପ୍ରାପ୍ତ ହୋଇ ଉଠି ବସିଲେ, ଅର୍ଜୁନବର୍ମା ବିସ୍ଫାରିତ ଚକ୍ଷୁରେ ଚାହିଁରହିଲେ । ସ୍ୱପ୍ନ ଓ ଜାଗରଣର ଗଣ୍ଡି ଫିଟିବାକୁ କିଛି ସମୟ ଲାଗିଲା । ତାପରେ ସେ କ୍ଷୀଣ କଣ୍ଠରେ ପଚାରିଲେ—"ଆପଣ କିଛି କହିଲେ ?"

ଅର୍ଜୁନ ଅପ୍ରତିଭ ହୋଇପଡ଼ିଲା, କହିଲା—"ଆପଣ ବୋଧହୁଏ ଖୁବ୍ ସୁନ୍ଦର ସ୍ୱପ୍ନ ଦେଖୁଥିଲେ । ମୁଁ ଭାଙ୍ଗିଦେଲି ।"

ଚନ୍ଦ୍ରୟନ୍ତୀମାଳା ଜହ୍ନ ଆଡ଼େ ଚାହିଁଲେ, ମନେ ମନେ ଭାବିଲେ ଏବେ ମଧ୍ୟ ସ୍ୱପ୍ନ ଭାଙ୍ଗିନାହିଁ ।

ଅର୍ଜୁନବର୍ମା ସଙ୍କୁଚିତ ହୋଇ ଟିକେ ଦୂରେଇ ବସିଲା, ପଚାରିଲା—"ରାଜକୁମାରୀ, ଆପଣଙ୍କ ଶରୀରର ସମସ୍ତ କ୍ଳାନ୍ତି ଦୂର ହୋଇଛି ତ ?"

ଜହ୍ନ ଆଡ଼େ ଚାହିଁ ରହି ଚନ୍ଦ୍ରୟନ୍ତୀମାଳା କହିଲେ—"ହଁ, ଏବେ ବେଶ ସ୍ୱଚ୍ଛନ୍ଦ ମନେ ହେଉଛି । —ରାତି କେତେ ?"

ହେମକୂଟ ଶିଖରରେ ଅଗ୍ନିସ୍ତମ୍ଭର ଧୂମମ୍ଳାନ ଶିଖା ପ୍ରଜ୍ୱଳିତ ହେଉଛି, ନଦୀକୂଳସ୍ଥ ଗୃହମାନଙ୍କରେ ଦୀପ ଲିଭିଯାଇଛି । ଅର୍ଜୁନ କହିଲା—'ତୃତୀୟ ପ୍ରହର ।'

ବର୍ତ୍ତମାନ ରାତି ଶେଷ ହେବାକୁ ଡେରି ଅଛି । ଯେ ପର୍ଯ୍ୟନ୍ତ ସୂର୍ଯ୍ୟୋଦୟ ହୋଇନାହିଁ, ସେପର୍ଯ୍ୟନ୍ତ ସ୍ୱପ୍ନକୁ ବିଦାୟ ଦେବାର ପ୍ରୟୋଜନ ନାହିଁ ।

ରାଜକୁମାରୀ ଯେପରି ମନେ ମନେ କିଛି କଳ୍ପନା କରୁଥିଲେ । ତାପରେ ମନ ସ୍ଥିର କରି ଅର୍ଜୁନବର୍ମା ଆଡ଼କୁ ବୁଲିପଡ଼ିଲେ, କହିଲେ—"ଭଦ୍ର, ଆଜି ଆପଣ ମୋ ଜୀବନ ରକ୍ଷା କରିଛନ୍ତି ।"

ଅର୍ଜୁନ କଣ୍ଠରୁ କ୍ଷୀଣ ଶବ୍ଦ ଶୁଭିଲା, ଉତ୍ତର ମିଳିଲା ନାହିଁ । ଚନ୍ଦ୍ରୟନ୍ତୀମାଳା କହିଲେ—"ଆପଣଙ୍କ ପରିଚୟ ମୁଁ କିଛି ଜାଣି ନାହିଁ, କିନ୍ତୁ ମୋ ପ୍ରାଣଦାତାର ପରିଚୟ ମୁଁ ଜାଣିବାକୁ ଚାହେଁ । ଆପଣ ବିସ୍ତୃତଭାବେ ଆପଣଙ୍କ ଜୀବନୀ ମୋତେ କହନ୍ତୁ, ମୁଁ ଶୁଣିବି ।"

ଅର୍ଜୁନ ବିହ୍ୱଳ ହୋଇ କହିଲା—"ଦେବୀ, ମୁଁ ଜଣେ ଅତି ନଗଣ୍ୟ ବ୍ୟକ୍ତି, ମୋ ପରିଚୟ କିଛି ନାହିଁ ।"

ବୃହନ୍ନଳା କହିଲେ—"କ'ଣ ହେଲା ! ଆପଣ ତ ନିଜ କାର୍ଯ୍ୟ ଦ୍ୱାରା କିଛି ଆତ୍ମପରିଚୟ ଦେଇଛନ୍ତି, କିନ୍ତୁ ତାହା ସମ୍ପୂର୍ଣ୍ଣ ନୁହେଁ । ଆପଣଙ୍କ ସମ୍ପୂର୍ଣ୍ଣ ପରିଚୟ ମୁଁ ଜାଣିବାକୁ ଚାହୁଁଛି ।

ଅର୍ଜ୍ଜୁନ ଦ୍ୱିଧାଗ୍ରସ୍ତ ହୋଇ ନତମୁଖରେ ନୀରବ ରହିଲା । ଉତ୍ତର ନପାଇ ବୃହନ୍ନଳା ଟିକେ ହସିଲେ, କହିଲେ—"ଅବଶ୍ୟ ଆପଣ କ୍ଳାନ୍ତ, ଏହି ଦୁର୍ଯ୍ୟୋଗ ପରେ ମୁହୂର୍ତ୍ତିକ ପାଇଁ ମଧ୍ୟ ବିଶ୍ରାମ କରିନାହାନ୍ତି । ଆପଣ ଯଦି କ୍ଳାନ୍ତିବଶତଃ କାହାଣୀ କହିବାକୁ ନଚାହାନ୍ତି, ତାହେଲେ ଥାଉ, ବରଂ ନିଦ୍ରା ଯାଆନ୍ତୁ । ମୁଁ ତ ବର୍ତ୍ତମାନ ସୁସ୍ଥ ହେଲିଣି, ମୁଁ ଚେଇଁ ରହି ପହରା ଦେବ ।"

ଅର୍ଜ୍ଜୁନ କହିଲା—"ନା ନା, ମୋର ନିଦ ଦରକାର ନାହିଁ ! ଆପଣ ଯେତେବେଳେ ଶୁଣିବାକୁ ଚାହୁଁଛନ୍ତି, ମୋ ଜୀବନ କାହାଣୀ କହୁଛି । ରାତି ଶେଷ ନ ହେବା ପର୍ଯ୍ୟନ୍ତ ଆଉ ତ କିଛି କରିବାର ନାହିଁ ।"

ବୃହନ୍ନଳା କହିଲେ—"ତାହାଲେ ଆରମ୍ଭ କରନ୍ତୁ ।"

ଅର୍ଜ୍ଜୁନ କିଛି ସମୟ ମୁହଁ ତଳକୁ କରି ନୀରବ ରହିଲା, ତାପରେ ଧୀରେ ଧୀରେ କହିବାକୁ ଆରମ୍ଭ କଲା—

"ମୋର ପିତାଙ୍କ ନାମ ହେମବର୍ମା । ମୁଁ ଯାଦବ ବଂଶୀୟ କ୍ଷତ୍ରିୟ । ମୋର ପୂର୍ବପୁରୁଷମାନେ ବହୁ ଶତାବ୍ଦୀ ପୂର୍ବେ ଉତ୍ତରରୁ ଆସି କୃଷ୍ଣା ନଦୀ କୂଳରେ ବସବାସ କରିଥିଲେ । ଉତ୍ତରରେ ଯେତେବେଳେ ଯବନର ଆବିର୍ଭାବ ହୋଇଥାଏ । ମଣିଷ ମନରେ ସୁଖ ଶାନ୍ତି ନ ଥାଏ । ଦାକ୍ଷିଣାତ୍ୟକୁ ଆସି ମଧ୍ୟ ମୋର ପୂର୍ବପୁରୁଷମାନେ ବେଶି ଦିନ ସୁଖଶାନ୍ତି ଭୋଗ କରିପାରିଲେ ନାହିଁ, ପଛେ ପଛେ ଯବନମାନେ ଆସି ଉପସ୍ଥିତ ହେଲେ । ଉତ୍ତର ଦେଶରେ ଯେଉଁ ଦୁରବସ୍ଥା ହୋଇଥିଲା ଦାକ୍ଷିଣାତ୍ୟରେ ମଧ୍ୟ ସେହି ଅବସ୍ଥା ହେଲା । ତାପରେ ଏବେଠାରୁ ପ୍ରାୟ ଶହେ ବର୍ଷ ପୂର୍ବେ ବିଜୟନଗରରେ ହିନ୍ଦୁରାଜ୍ୟ ସ୍ଥାପିତ ହେଲା, ଯବନମାନେ କୃଷ୍ଣା ନଦୀର ଦକ୍ଷିଣରୁ ବିତାଡ଼ିତ ହେଲେ । ମୋ ପୂର୍ବପୁରୁଷମାନେ କୃଷ୍ଣାର ଉତ୍ତରରେ ବସତି ସ୍ଥାପନ କରିଥିଲେ, ସେମାନେ ଯବନ ଅଧୀନରେ ରହିଲେ । ଦାକ୍ଷିଣାତ୍ୟର ଯବନମାନେ ଦିଲ୍ଲୀ ଆଧିପତ୍ୟ ଛିନ୍ନ କରି ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କରିଥିଲେ, ତାର ନାମ ବାହ୍ମନୀ ରାଜ୍ୟ; ତାର ରାଜଧାନୀ କୁଲବର୍ଗା ।

ମୋର ପୂର୍ବପୁରୁଷମାନେ ଯୋଦ୍ଧା ଥିଲେ, କୁଲବର୍ଗା ଉପକଣ୍ଠରେ ଜମିଜମା ବାସଗୃହ କରିଥିଲେ । ଯେତେବେଳେ ଯବନ ଆସି କୁଲବର୍ଗାରେ ରାଜଧାନୀ

ସ୍ଥାପନ କଲା, ସେତେବେଳେ ସେମାନେ ଯୁଦ୍ଧବୃତ୍ତି ତ୍ୟାଗ କଲେ; କାରଣ ଯୁଦ୍ଧ କରିବାକୁ ହେଲେ ଯବନପକ୍ଷରେ ସ୍ୱଜାତି ବିରୁଦ୍ଧରେ ଯୁଦ୍ଧ କରିବାକୁ ପଡ଼ିବ । ସେମାନେ ଅସ୍ତ୍ର ତ୍ୟାଗକରି ଶାସ୍ତ୍ରଚର୍ଚ୍ଚାରେ ନିଯୁକ୍ତ ହେଲେ ।

ଏସବୁ କଥା ମୁଁ ମୋ ବାପାଙ୍କ ମୁହଁରୁ ଶୁଣିଛି ।

ସେହି ଦିନଠାରୁ ଆମ ବଂଶରେ ବିଦ୍ୟାଚର୍ଚ୍ଚା ପ୍ରଚଳିତ ହୋଇଛି, କେବଳ ମୁଁ ତାର ବ୍ୟତିକ୍ରମ । କିନ୍ତୁ ନିଜ କଥା ପରେ କହିବି, ଆଗେ ପିତାଙ୍କ କଥା କହେ ।

ମୋ ପିତା ଜୀବିତ ଥିବାର ମୁଁ ଦେଖିଅଛି, କିନ୍ତୁ ଏତେଦିନ ହେଲାଣି, ସେ ବୋଧହୁଏ ଆଉ ଜୀବିତ ନ ଥିବେ । ସେ ଯୁଦ୍ଧବୃତ୍ତି ତ୍ୟାଗ କରିଥିଲେ ସତ; କିନ୍ତୁ ହୃଦୟରେ ସେ ଯୋଦ୍ଧା ଥିଲେ । କେବେହେଲେ ଯବନ ପାଖରେ ମୁଣ୍ଡ ନୁଆଁଇ ନ ଥିଲେ । ଘରେ ବସି ସେ ବିଦ୍ୟାଚର୍ଚ୍ଚା କରନ୍ତି, ଜ୍ୟୋତିଷ ଏବଂ ଗଣିତଶାସ୍ତ୍ରରେ ତାଙ୍କର ପାରଦର୍ଶିତା ଥିଲା । ବିଶେଷତଃ ହିସାବ-ନିକାଶ କାମ ପାଇଁ ସେ କୁଳବର୍ଗାରେ ବିଖ୍ୟାତ ଥିଲେ । ମୁଁ ପିଲାବେଳୁ ଦେଖି ଆସିଛି, କୁଳବର୍ଗାର ବଡ଼ ବଡ଼ ବ୍ୟବହାରୀ ନିଜ ନିଜ ବ୍ୟବସାୟର ହିସାବପତ୍ର ବୁଝିବା ପାଇଁ ତାଙ୍କ ପାଖକୁ ଆସନ୍ତି । ଏଥିରୁ ପିତାଙ୍କ ଯଥେଷ୍ଟ ଅର୍ଥ ହେଉଥିଲା ।

ମୋତେ ଯେତେବେଳେ ଦଶ ବର୍ଷ ବୟସ ମୋ' ମା'ଙ୍କ ମୃତ୍ୟୁ ହେଲା । ପିତା ଆଉ ବିବାହ କଲେ ନାହିଁ । ମୁଁ ଏବଂ ପିତାଙ୍କ ବ୍ୟତୀତ ଆମ ଘରେ ଆଉ କେହି ନ ଥିଲେ ।

ମୋର କିନ୍ତୁ ପାଠପଢ଼ାରେ ମନ ନ ଥିଲା । ବଂଶର ସହଜାତ ସଂସ୍କାର ମୋ ରକ୍ତରେ ଦେଣୀ ଅଛି; ପିଲାବେଳଠୁଁ ମୁଁ ଖେଳାବୁଲା, ଅସ୍ତ୍ରଚାଳନା, ସନ୍ତରଣ, ମଲ୍ଲଯୁଦ୍ଧ—ଏହି ସବୁଥିରେ ମଜ୍ଜି ଯାଉଥିଲି । ପିଲେ ବାରବୁଲିଙ୍କଠାରୁ ଗୋଟିଏ ଗୁପ୍ତବିଦ୍ୟା ଶିଖିଥିଲି, ଯାହା ବଳରେ ଦଣ୍ଡକରେ ତିନି କୋଶ ପଥ ଅତିକ୍ରମ କରିପାରେ । ପିତା ମୋ ମନର ପ୍ରବଣତା ଦେଖି ମଝିରେ ମଝିରେ କହୁଥିଲେ—"ଅର୍ଜୁନ, ତୋ ଧାତୁ-ପ୍ରକୃତିରେ ରୋହ ପ୍ରଭାବ ବଡ଼ ପ୍ରବଳ, ତୋ କୋଷ୍ଠି ମଧ୍ୟ ଯୋଦ୍ଧାର କୋଷ୍ଠି । ତୁ ବିଜୟନଗର ଯାଇ ହିନ୍ଦୁ ରାଜାଙ୍କ ଅଧୀନରେ ସୈନିକବୃତ୍ତି ଗ୍ରହଣ କର ।" ମୁଁ କହୁଥିଲି—'ପିତା, ଆପଣ ମଧ୍ୟ ଚାଲନ୍ତୁ ।' ସେ କହୁଥିଲେ—'ସାତ ପୁରୁଷର ଭିଟାମାଟି ଛାଡ଼ି ମୁଁ ଯିବି କିପରି ? ଘରେ ସନ୍ଧ୍ୟାବତୀ ଜଳିବ ନାହିଁ, ଯବନମାନେ ସବୁ ଲୁଟପାଟ କରିନେବେ । ତୁ ଯା, ହିନ୍ଦୁରାଜ୍ୟରେ ନିଃଶଙ୍କରେ

ବସବାସ କରିପାରିବୁ ।' କିନ୍ତୁ ମୁଁ ଯାଇପାରୁ ନ ଥିଲି । ପିତାଙ୍କୁ ଛାଡ଼ି ଏକଲା ଯିବାକୁ ମନ ବଳୁଁ ନ ଥିଲା ।

ଏଇ ଭାବରେ ଜୀବନ କଟି ଯାଉଥିଲା; ଜୀବନରେ ଖୁବ୍ ବେଶି ସୁଖ ନ ଥିଲା, କି ଖୁବ୍ ବେଶି ଦୁଃଖ ନ ଥିଲା । ତାପରେ ଅଜକୁ ଦଶ-ବାର ଦିନ ହେବ ରାତି ଦ୍ୱିପ୍ରହରରେ ପିତାଙ୍କର ଜଣେ ବନ୍ଧୁ ଆସିଲେ । ଐଶ୍ୱର୍ଯ୍ୟଶାଳୀ ବଣିକ, ସୁଲତାନ ଅହମ୍ମଦ ଶାହଙ୍କ ରାଜଦରବାରକୁ ଯାତାୟାତ ଅଛି, ସେ ଚୁପ୍‌ଚାପ୍ ଆସି କହିଗଲେ—"ଅହମ୍ମଦ ଶାହ ସ୍ଥିର କରିଛି ତୁମକୁ ଓ ତୁମ ପୁଅକୁ ଗୋରୁ ଖୁଆଇ ମୁସଲମାନ କରିବ, ତାପରେ ତୁମକୁ ତାର ଦପ୍ତରକୁ ନେଇଯିବ । କାଲି ସକାଳେ ହିଁ ସୁଲତାନର ସିପାହୀମାନେ ଆସିବେ ତୁମମାନଙ୍କୁ ଧରି ନେଇଯିବେ ।"

ପିତାଙ୍କ ମଥାରେ ବଜ୍ର ପଡ଼ିଲା । ସମ୍ବାଦଦାତା ଯେପରି ଗୋପନରେ ଆସିଥିଲେ ସେପରି ଚାଲିଗଲେ । ଆମେ ଦୁଇ ପିତା-ପୁତ୍ର ହତାଶ ପରସ୍ପର ମୁହଁକୁ ଚାହିଁ ବସି ରହିଲୁ ।

ମୁସଲମାନମାନେ ଦୁର୍ଦ୍ଧର୍ଷ ଯୋଦ୍ଧା, ସେମାନଙ୍କର ଜୀବନକୁ ଭୟ ନାହିଁ । କିନ୍ତୁ ସେମାନେ ଦସ୍ୟୁ ରୂପରେ ଭାରତବର୍ଷରେ ପ୍ରବେଶ କରିଥିଲେ, ସେହି ଦସ୍ୟୁବୃତ୍ତି ଏବେ ବି ତ୍ୟାଗକରି ପାରିନାହାନ୍ତି । ସେମାନେ ଲୁଟିକରି ଜାଣନ୍ତି, କିନ୍ତୁ ରାଜ୍ୟ ଚଳେଇବା ଜାଣନ୍ତି ନାହିଁ; ଅର୍ଥ-ବ୍ୟୟର ହିସାବ ରଖିବା ଜାଣନ୍ତି ନାହିଁ । ତେଣୁ ସେମାନେ କର୍ମକୁଶଳ ହିନ୍ଦୁ ଦେଖିଲାକ୍ଷଣି ଜୋରକରି ସେମାନଙ୍କୁ ମୁସଲମାନ କରେଇ ନିଜ ଦଳକୁ ଟାଣି ନିଅନ୍ତି । ପିତାଙ୍କୁ ମଧ୍ୟ ଗୋରୁ ଖୁଆଇ ନିଜ ଦଳରେ ମିଶାଇବାକୁ ଚାହାନ୍ତି । ତା'ସଙ୍ଗରେ ମୋତେ ବି ।

ରାତି ଯେତେବେଳେ ଶେଷ ହୋଇ ଆସୁଛି ସେତେବେଳେ ପିତା କହିଲେ—"ଅର୍ଜୁନ, ମୋତେ ପଚାଶ ବର୍ଷ ହେଲାଣି, କୋଷ୍ଠି ଗଣନାକରି ଦେଖିଛି ମୋ ଆୟୁ ଶେଷ ହୋଇଆସୁଛି । ମ୍ଳେଚ୍ଛମାନେ ଯଦି ଜୋରକରି ମୋର ଧର୍ମନାଶ କରନ୍ତି ମୁଁ ଅନଶନ କରି ଦେହତ୍ୟାଗ କରିବି । କିନ୍ତୁ ତୁ ପଳାଇ ଯା, ତୋ ଜୀବନରେ ବର୍ତ୍ତମାନ ସବୁ କିଛି ବାକି ଅଛି । ନଦୀ ପାରହୋଇ ତୁ ହିନ୍ଦୁରାଜ୍ୟକୁ ଚାଲିଯା' ।"

ମୁଁ ପିତାଙ୍କ ପାଦଧରି କାନ୍ଦିବାକୁ ଲାଗିଲି । ପିତା କହିଲେ—"କାନ୍ଦ ନା । ଆମେ ଯାଦବ-ବଂଶୀ କ୍ଷତ୍ରିୟ, ସ୍ୱୟଂ ଶ୍ରୀକୃଷ୍ଣ ଆମମାନଙ୍କ ପୂର୍ବପୁରୁଷ । ତାଙ୍କୁ ମଧ୍ୟ ଦିନେ ଜରାସନ୍ଧର ଅତ୍ୟାଚାରରେ ମଥୁରା ଛାଡ଼ି ଦ୍ୱାରକା ଚାଲିଯିବାକୁ ପଡ଼ିଥିଲା । ତୁ ବିଜୟନଗର ଚାଲିଯା, ଭଗବାନ ଶ୍ରୀକୃଷ୍ଣ ତୋତେ ରକ୍ଷାକରିବେ ।"

ବାହାରେ ସେତେବେଳେ କାହ୍ନି କୋଇଲି ଡାକିବା ଆରମ୍ଭ କରିଛନ୍ତି । ମୁଁ ଘର ଛାଡ଼ି ଯାହା କଲି । ମୋ ସାଙ୍ଗରେ ମାତ୍ର ସୋଢ଼ିଏ ଲଠି । ବାରବୁଲାମାନେ ମୋତେ ଯେଉଁ ଲଠିରେ ଚଢ଼ି ବୁଲିବା ଶିଖାଇଥିଲେ ସେହି ଲଠି । ଏ ଲଠି ଏକାଧାରରେ ଅସ୍ତ୍ର ଏବଂ ଯାନବାହନ ।

ଦୂରୁ ବାହାରୁଛି, ଶୁଣିବାକୁ ପାଇଲି—ଘୋଡ଼ାର ଟାପୁ ଶବ୍ଦ । ଚାରିଜଣ ଅଶ୍ୱାରୋହୀ ଆମକୁ ଧରି ନେଇଯିବାକୁ ଆସୁଛନ୍ତି । ମୁଁ ଆଉ ବିଳମ୍ବ କଲିନାହିଁ, ଲଠି ଚଢ଼ି ନଦୀ ଆଡ଼କୁ ଛୁଟିଲି । ଘୋଡ଼ାସବାରମାନେ ମୋତେ ଦେଖି ସାରିଥିଲେ, ସେମାନେ ମୋ ପଛରେ ଦୌଡ଼ିଲେ । କିନ୍ତୁ ଧରି ପାରିଲେ ନାହିଁ । ଆମ ଘରଠାରୁ ନଦୀ ପ୍ରାୟ ଅର୍ଦ୍ଧ କୋଶ ଦୂର, ମୁଁ ଯାଇ ଲଠି ସହିତ ନଦୀକୁ ଡେଇଁ ପଡ଼ିଲି । ଅଶ୍ୱାରୋହୀମାନେ ମୋତେ ଆଉ ଅନୁସରଣ କରିପାରିଲେ ନାହିଁ ।

ସାରାଦିନ ନଦୀସ୍ରୋତରେ ଭାସି ଭାସି କୃଷ୍ଣା ଓ ତୁଙ୍ଗଭଦ୍ରାର ସଙ୍ଗମରେ ଆସି ପହଞ୍ଚିଲି । ତାପରେ—ତାପରେ ଯାହା ଘଟିଲି ସେସବୁ ଆପଣ ଜାଣନ୍ତି ।"

ଅର୍ଜୁନ ନୀରବ ରହିଲା । ବିଦ୍ୟୁନ୍ମାଳା ନତମୁଖରେ ଶୁଣୁଥିଲେ, ଆଖିଟେକି ସମ୍ମୁଖକୁ ଚାହିଁଲେ । ଚନ୍ଦ୍ରର ପ୍ରଭା ମ୍ଳାନ ହୋଇଯାଇଛି, ପୂର୍ବାକାଶରେ ଶୁକ୍ରତାରା ଦପ୍ ଦପ୍ କରୁଛି ।

# ଦ୍ୱିତୀୟ ପର୍ବ

—ଏକ—

ସୂର୍ଯ୍ୟ ଫାଟିବା ସଙ୍ଗେ ସଙ୍ଗେ ଜଳାଘାଟରେ ଖୁବ୍ ହୈ-ଚୈ ଲାଗିଯାଇଛି । କୁମାର କର୍ମନ ଫେରି ଆସିଛନ୍ତି । ଉଦାରକାଶି ଗୋଲାକୃତି ଡଙ୍ଗାଗୁଡ଼ିକ ଝଡ଼ର ତାଡ଼ନାରେ ଛନ୍ନଭଙ୍ଗ ହୋଇଯାଇଥିଲା, କିନ୍ତୁ ବୁଡ଼ିଯାଇ ନ ଥିଲା; ସେଗୁଡ଼ିକ ଘାଟକୁ ଫେରିଆସିଛି । ଏହି ବିଚିତ୍ର ଗଠନର ଡଙ୍ଗାଗୁଡ଼ିକ ତୁଙ୍ଗଭଦ୍ରାର ନିଜସ୍ୱ, ଭାରତର ଅନ୍ୟ କେଉଁଠି ଦେଖାଯାଏ ନାହିଁ । କେତକିଙ୍କ ଉପର ଗୁଣ୍ଡପତ୍ରି ଚମଡ଼ାର ଆବରଣ ଦେଇ ଏହି ଡଙ୍ଗାଗୁଡ଼ିକ ତିଆରି, ତେବେ ଆୟତନରେ ସେଙ୍ଗୁଡ଼ି ତୁଳନାରେ ଅନେକ ବଡ଼, ଦଶ-ବାର ଜଣ ଲୋକ ଅସବାବପତ୍ର ଧରି ଅନାୟାସରେ ବସିପାରିବେ । ଏ ଜାତୀୟ ଜଳଯାନ ପ୍ରାଚୀନ କାଳରୁ ଆରବ ଦେଶରେ ପ୍ରଚଳିତ ଥିଲା, ଦକ୍ଷିଣ ଭାରତକୁ କିପରି ଆସିଲା କହିବା ସହଜ ନୁହେଁ । ବୋଧହୁଏ ମୋପଲାମାନେ ଯେତେବେଳେ ଆରବ ଦେଶରୁ ଆସି ଦାକ୍ଷିଣାତ୍ୟରେ ଉପନିବେଶ ସ୍ଥାପନ କଲେ, ସେତେବେଳେ ସେମାନେ ହିଁ ଏହି ଜାତୀୟ ନୌକା ପ୍ରବର୍ତ୍ତନ କରିଥିଲେ ।

କୁମାର କର୍ମନଦେବ ଘାଟରେ ଛିଡ଼ାହୋଇ ଦେଖୁଥିଲେ, କଳଙ୍ଗର ତିନୋଟି ବୋଇତ ନଦୀମଧ୍ୟସ୍ଥ ବିଭିନ୍ନ ସ୍ଥାନରେ ଅଟକି ଅସମ୍ଭାଳ ଭଙ୍ଗୀରେ ଠିଆହୋଇଛି; ଯଦିଓ ଲୋକଗୁଡ଼ାକ ଦେଖାଯାଉ ନାହାନ୍ତି, ତଥାପି ସେମାନେ ବଞ୍ଚିବାର ଆଶା କରିଯାଏ । ଯଦି ବଞ୍ଚିଥାଆନ୍ତି ସେମାନଙ୍କୁ ଉଦ୍ଧାର କରିବା ଦରକାର; ପ୍ରଥମେ କଳଙ୍ଗର ରାଜକନ୍ୟା ଦ୍ୱୟଙ୍କ ସନ୍ଧାନ ନେବା କର୍ତ୍ତବ୍ୟ । କର୍ମନଦେବ ଆଦେଶ ଦେଲେ, ଚକାକୃତି ଡଙ୍ଗାଗୁଡ଼ିକୁ ନେଇ ମାଝିମାନେ ଅର୍ଦ୍ଧମଗ୍ନ ବୋଇତ ତିନୋଟି-ଆଡ଼େ ଗଲେ । ସର୍ବଶେଷ ଡଙ୍ଗାଟିରେ ସ୍ୱୟଂ କର୍ମନଦେବ ଉଠିଲେ ।

ଏ ପର୍ଯ୍ୟନ୍ତ ସୂର୍ଯ୍ୟୋଦୟ ହୋଇନାହିଁ, କିନ୍ତୁ ପୂର୍ବଦିଗନ୍ତ ଆସନ୍ନ ସୂର୍ଯ୍ୟର ଛଟାରେ ସ୍ୱର୍ଣ୍ଣାଭ ହୋଇଉଠିଛି । ଡଙ୍ଗାଗୁଡ଼ିକ ସେଆଡ଼େ ଗଲା । କାରଣ ବୋଇତ ତିନୋଟି ସେହି ଦିଗରେ ହିଁ ପରସ୍ପରଠାରୁ ଦୁଇ ତିନ ରଜ୍ଜୁ ଦୂରରେ ଅଟକି ରହିଛି ।

ସମସ୍ତଙ୍କ ପଛରେ କର୍ମନଦେବଙ୍କ ଡଙ୍ଗା ଯାଉଥିଲା । ସେ ଡଙ୍ଗାର ମଧ୍ୟସ୍ଥଳରେ ଦଣ୍ଡାୟମାନ ହୋଇ ଏଦିଗ ସେଦିଗ ନିରୀକ୍ଷଣ କରୁଥିଲେ; ସହସା ତାଙ୍କର ଦୃଷ୍ଟିରେ ପଡ଼ିଲା—ନିକଟରେ ଏକ ଦ୍ୱୀପାକୃତି ଚଢ଼ାରେ ଦୁଇଟି ମନୁଷ୍ୟମୂର୍ତ୍ତି

ଚଳିଅଛି । ସେ ଆଗ୍ରହରେ ଭଲକରି ଦେଖିଲେ, ହଁ, ସେ କେତ ମ୍ଳାନ ମନୁଷ୍ୟ ଦେହ ନିଶ୍ଚୟ । କିନ୍ତୁ ଜୀବିତ କି ମୃତ କହିହେବ ନାହିଁ । ଜଣକ ଦେହରେ ବାଲି-କାଦୁଅ ବୋଳା ଲୁଗାବସ୍ତ୍ର ଦେଖି ମନେ ହେଉଥିଲା ସେ ନାରୀ । କର୍ମନଦେବ ମାଝିଙ୍କୁ ସେଇଆଡ଼େ ଡଙ୍ଗା ନେବାକୁ କହିଲେ ।

ଦ୍ୱୀପରେ ଅବତରଣ କରି କର୍ମନଦେବ କ୍ଷଣକରେ ଭୂ-ଶାୟିତ ମୂର୍ତ୍ତି ଦୁଇଟିର ନିକଟବର୍ତ୍ତୀ ହେଲେ । ଜଣେ ନାରୀ, ଅନ୍ୟଟି ପୁରୁଷ; ପରସ୍ପରଠାରୁ ତିନି ଦୁଇହାତ ବ୍ୟବଧାନରେ ଶୋଇଛନ୍ତି । କିନ୍ତୁ ମୃତ ନୁହନ୍ତି, ନିଃଶ୍ୱାସ-ପ୍ରଶ୍ୱାସର ଛନ୍ଦରେ ଶରୀରର ସଞ୍ଚାଳନ ଲକ୍ଷିତ ହୁଏ । ହୁଏତ ମୂର୍ଚ୍ଛିତ, କିମ୍ବା ନିଦ୍ରିତ ।

କର୍ମନଦେବଙ୍କ ଦୃଷ୍ଟି ଯୁବତୀଟିର ମୁଖମଣ୍ଡଳରୁ ପୁରୁଷର ପ୍ରତି ଏବଂ ପୁରୁଷର ମୁଖରୁ ଯୁବତୀର ମୁଖମଣ୍ଡଳକୁ କେତେବାର ଦ୍ରୁତ ଯାତାୟାତ କଲା, ତାପରେ ଯୁବତୀର ମୁଖମଣ୍ଡଳ ଉପରେ ସ୍ଥିର ରହିଲା । ଏହି ସମୟରେ ସୂର୍ଯ୍ୟବିମ୍ବ ଚକ୍ରବାଳ ଉପରକୁ ମଥା ଟେକିକ ଚତୁର୍ଦ୍ଦିଗରେ ଅରୁଣଛଟା ବିଛାଇ ଦେଲା । ଯୁବତୀର ମୁଖରେ ବାଳାର୍କ କୁଙ୍କୁମର ସ୍ପର୍ଶ ଲାଗିଲା ।

କର୍ମନଦେବ ନିଷ୍ପଲକ ନେତ୍ରରେ ଯୁବତୀର ଘୁମନ୍ତ ମୁଖମଣ୍ଡଳକୁ ଚାହିଁ-ରହିଲେ । ସେ ରାଜପୁତ୍ର, ସୁନ୍ଦରୀ ଯୁବତୀ ତାଙ୍କ ପାଖରେ ନୂଆ କଥା ନୁହେଁ । କିନ୍ତୁ ଏହି ଭୂ-ଶାୟୀ ଯୁବତୀଟିର ମୁଖରେ ଏପରି ଏକ ଦୁର୍ନିବାର ଚୁମ୍ବକଶକ୍ତି ଅଛି ଯେ ବିମୂଢ଼ ହୋଇ ଚାହିଁ ରହିବାକୁ ଇଚ୍ଛା ହୁଏ । କର୍ମନଦେବ ଯୁବତୀ ପ୍ରତି ଦୃଷ୍ଟି ରଖି ମନେ ମନେ ବିଚାର କଲେ—ଏ ନିଶ୍ଚୟ କଳିଙ୍ଗର ପ୍ରଧାନ ରାଜକନ୍ୟା, ବିଜୟନଗରର ଭାବୀ ରାଜବଧୂ । କର୍ମନଦେବ ବୋଧହୁଏ କଳିଙ୍ଗ ଦେଶୀୟା ବରାଙ୍ଗନାମାନଙ୍କ କୁହୁକଭରା ରୂପଲାବଣ୍ୟ ସହିତ ଇତିପୂର୍ବରୁ ପରିଚିତ ନ ଥିଲେ, ତାଙ୍କ ସର୍ବାଙ୍ଗରେ ଈର୍ଷାମିଶ୍ରିତ ଅଭିପ୍ସାର ଶିହରଣ ଖେଳିଗଲା ।

ଆଉ କିଛିକ୍ଷଣ ନିଦ୍ରିତାଙ୍କୁ ପର୍ଯ୍ୟବେକ୍ଷଣ କରି ସେ ଗଳାରେ ଶବ୍ଦ କଲେ, ଏହାଦ୍ୱାରା ବିଦ୍ୟୁନ୍ମାଳାଙ୍କ ଚକ୍ଷୁ ଦୁଇଟି ଖୋଲିଗଲା, ଅପରିଚିତ ପୁରୁଷ ଦେଖି ସେ ବସ୍ତ୍ରସମ୍ବରଣ ପୂର୍ବକ ଉଠି ବସିଲେ । ଉଷା କାଳରେ ସେ ପୁଣି ଥରେ ତନ୍ଦ୍ରାଚ୍ଛନ୍ନ ହୋଇପଡ଼ିଥିଲେ । ଅର୍ଜୁନ ମଧ୍ୟ ଶୋଇ ପଡ଼ିଥିଲା । ଅର୍ଜୁନର ନିଦ କିନ୍ତୁ ଭାଙ୍ଗିଲା ନାହିଁ, ସାରା ରାତ୍ରି ଜାଗରଣ ପରେ ସେ ଗଭୀର ନିଦରେ ଶୋଇ ପଡ଼ିଛି ।

ବିଦ୍ୟୁନ୍ମାଳା ଥରେ କୁମାର କର୍ମନଦେବଙ୍କ ଆଡ଼କୁ ଦୃଷ୍ଟି ତୋଳି ପୁଣି ଚକ୍ଷୁ ନତ କଲେ । ଏହି ପରମ କାନ୍ତିମାନ ଯୁବକଟିର ଦୃଷ୍ଟି ଭଲ ମନେ ହେଉ ନାହିଁ, ବିଦ୍ୟୁନ୍ମାଳା ଈଷତ୍ ଉଦ୍‌ବିଗ୍ନ କଣ୍ଠରେ ପ୍ରଶ୍ନ କଲେ—"ଆପଣ କିଏ ?"

କମ୍ପନଦେବ କହିଲେ—"ମୁଁ ରାଜଭ୍ରାତା କୁମାର କମ୍ପନ ଦେବ । ଝଞ୍ଜାବିଧ୍ୱସ୍ତମାନଙ୍କ ଉଦ୍ଧାର ପାଇଁ ଆସିଛୁ । ଆପଣ—?"

"ମୁଁ କଳିଙ୍ଗ ରାଜକନ୍ୟା ବିଦ୍ୟୁନ୍ମାଳା ।"

କମ୍ପନଦେବ ଅର୍ଜୁନ ପ୍ରତି କଟାକ୍ଷପାତ କରି ପଚାରିଲେ "ଏ ବ୍ୟକ୍ତି କିଏ ?"

ବିଦ୍ୟୁନ୍ମାଳା କହିଲେ—"ମୁଁ ଝଡ଼ ଆଘାତରେ ନୌକାରୁ ନଦୀ ମଝିକୁ ଖସି ପଡ଼ିଥିଲି, ବୁଡ଼ି ଯାଉଥିଲି, ସେ ମୋତେ ଉଦ୍ଧାର କରିଛନ୍ତି । ତାଙ୍କ ନାମ ଅର୍ଜୁନ ବର୍ମା ।"

ତନ୍ଦ୍ରାଗ୍ରସ୍ତ ଥିଲେ ହେଁ ନିଜର ନାମ ଅର୍ଜୁନର କର୍ଣ୍ଣରେ ପ୍ରବେଶ କରିବା ମାତ୍ରେ ସେ ହଠାତ୍ ଉଠିପଡ଼ି ଠିଆ ହୋଇଗଲା; କମ୍ପନଦେବଙ୍କୁ ଦେଖି କହିଲା—"କିଏ ?"

କମ୍ପନଦେବ ଭ୍ରୂକୁଞ୍ଚନ କରି ତାକୁ କିଛିକ୍ଷଣ ନିରୀକ୍ଷଣ କଲେ, ଉତ୍ତର ଦେଲେ ନାହିଁ, ତା'ପରେ ବିଦ୍ୟୁନ୍ମାଳା ଆଡ଼େ ଚାହିଁଲେ—"ସାରା ରାତି ଆପଣ ଏବଂ ଏହି ବ୍ୟକ୍ତି ଦ୍ୱୀପରେ ଥିଲେ ?"

"ହଁ" ।

"ବେଶ । ଚାଲନ୍ତୁ । ଏଥର ଡଙ୍ଗାକୁ ଉଠନ୍ତୁ ।"

ବିଦ୍ୟୁନ୍ମାଳା ଉଠି ଛିଡ଼ାହେଲେ । ତାଙ୍କ ଚକ୍ଷୁରେ ସହସା ବ୍ୟାକୁଳତା ଦେଖାଗଲା, ସେ ପଚାରିଲେ—"କାହିଁ କଙ୍କଣା ? ଆମ ନୌକା କ'ଣ ବୁଡ଼ି-ଯାଇଛି ?"

କମ୍ପନଦେବ କହିଲେ—"ନା, ଗୋଟିଏ ହେଲେ ନୌକା ବୁଡ଼ିଯାଇନି । କଙ୍କଣା କିଏ ?"

"ମୋ ଭଉଣୀ ମଣିକଙ୍କଣା ।"

"ସେ ନିଶ୍ଚୟ ମୟୂରପଙ୍ଖୀ ନୌକାରେ ଅଛନ୍ତି । ଆସନ୍ତୁ, ପ୍ରଥମେ ଆପଣଙ୍କୁ ନେଇ ସେଠାରେ ପହଞ୍ଚାଇ ଦିଏ ।"

ବିଦ୍ୟୁନ୍ମାଳା ଡଙ୍ଗାରେ ଉଠିଲେ । କୁମାର କମ୍ପନ ଟିକେ ଚିନ୍ତା କରି ଅର୍ଜୁନ ଆଡ଼େ ମୁଣ୍ଡ ହଲାଇଲେ । ଅର୍ଜୁନ ଡଙ୍ଗାରେ ଚଢ଼ିଲା । ସେତେବେଳେ କମ୍ପନଦେବ

ସ୍ୱୟଂ ଡଙ୍ଗାରେ ଆରୋହଣ କରି ସ୍ରୋତ ମୁହଁରେ ନୌକା ଚଳାଇବାକୁ ଆଦେଶ ଦେଲେ ।

ସୂର୍ଯ୍ୟ ଆହୁରି ଉପରକୁ ଉଠିଛି । ନଦୀ ବକ୍ଷରେ ଯେଉଁ ସାମାନ୍ୟ କୁହୁଡ଼ି ଜମିଯାଇଥିଲା ତାହା ଅନ୍ତର୍ହିତ ହୋଇଯାଇଛି, ନୌକା ତିନୋଟି ସ୍ପଷ୍ଟ ଦେଖାଯାଉଛି । ପ୍ରଥମେ ମୟୂର ପଙ୍ଖୀ ନୌକା, ନିମଜ୍ଜିତ ପଥରରେ ଅବରୁଦ୍ଧ ହୋଇ ଉତ୍କଣ୍ଠିତ ମୟୂର ଭଳି ଠିଆହୋଇଛି । ଚାରିଆଡ଼େ ପାଣି । ଇତ୍ୟବସରରେ ଗୋଟିଏ ଡଙ୍ଗା ତା ପାଖରେ ପହଞ୍ଚିଛି, କିନ୍ତୁ ମୟୂରପଙ୍ଖୀର ଚଟାଣରେ ମଣିଷ ଦେଖାଯାଉ ନାହାନ୍ତି ।

କୁମାର କମ୍ପନଙ୍କ ଡଙ୍ଗା ଯାଇ ମୟୂରପଙ୍ଖୀ ନିକଟରେ ପହଞ୍ଚିଲା । କୁମାରୀ ବିଦ୍ୟୁନ୍ମାଳା ଶୀର୍ଣ୍ଣ କଣ୍ଠରେ ଡାକିଲେ—"କଙ୍କଣା !"

ଅଲୁଳାୟିତ ବେଶରେ ମଣିକଙ୍କଣା ଭିତରୁ ବାହାରି ଆସିଲା । ବିଦ୍ୟୁନ୍ମାଳାକୁ ଦେଖି ଦୁଇବାହୁ ପ୍ରସାରିତ କରି ଚିତ୍କାର କରି ଉଠିଲା—"ମାଳା ! ତୁ ବଞ୍ଚିଛୁ !"

ବିଦ୍ୟୁନ୍ମାଳା ଟଳି ଟଳି ମୟୂରପଙ୍ଖୀର ଚଟାଣ ଉପରକୁ ଉଠିଲେ, ଦୁଇ ଭଉଣୀ କୋଳାକୋଳି ହେଲେ । ତାପରେ ସଜଳ ନେତ୍ରରେ ବାସଗୃହକୁ ଓହ୍ଲାଇଗଲେ । ରାଜପୁରୀକୁ ଯିବାକୁ ହେବ, ଆଉଥରେ ବେଶବାସ ପରିବର୍ତ୍ତନ କରି ରାଜକନ୍ୟାର ଉପଯୋଗୀ ସାଜସଜ୍ଜା ହେବା ଦରକାର ।

ନୌକାରେ ଦଣ୍ଡାୟମାନ ହୋଇ କୁମାର କମ୍ପନ ଗଳା କଣରେ ଅଙ୍ଗୁଳି ଚଳାଉଥିଲେ । ଅର୍ଜ୍ଜୁନ ଅପାଙ୍ଗ ଦୃଷ୍ଟିରେ ତାଙ୍କୁ ଦେଖୁଥିଲା, ତାଙ୍କର ମନୋଭାବ ବୁଝିବାକୁ କଷ୍ଟ ହେଲା ନାହିଁ । ରାଜପୁଣି ରୂପ ଦେଖି ମଜ୍ଜି ଯାଇଛନ୍ତି ।

ଶୋଭାଯାତ୍ରା କରି ରାଜକନ୍ୟାମାନେ କଣ୍ଟାଘାଟ ହୋଇ ରାଜଭବନ ଅଭିମୁଖେ ଯାତ୍ରା କଲେ ।

ରାଜକୁମାରୀମାନଙ୍କୁ ହସ୍ତୀପୃଷ୍ଠରେ ଆରୋହଣ କରିବାକୁ ଅନୁରୋଧ କରାଯାଇଥିଲା; ସେମାନେ ଆରୋହଣ କଲେ ନାହିଁ । ଦୁଇ ଭଉଣୀ ପାଖାପାଖି ସବାରୀରେ ବସିଛନ୍ତି । କୁମାର କମ୍ପନ ଅଶ୍ୱପୃଷ୍ଠରେ ବସି ସବାରି ପାଖେ ପାଖେ ଚାଲିଛନ୍ତି । ତାଙ୍କ ଦୃଷ୍ଟି ମୁହୁର୍ମୁହୁ ରାଜକନ୍ୟାଙ୍କ ଦିଗକୁ ଯାଉଥାଏ; ରହସ୍ୟମୟ ଦୃଷ୍ଟି, ତାଙ୍କର ଅନ୍ତରରେ କଳ୍ପନା କେହି ଅନୁମାନ କରି ପାରେନା ।

ସବାରି ପଛରେ ଆଉ ଗୋଟିଏ ଦୋଳାରେ ରାଜବୈଦ୍ୟ ବୃଦ୍ଧ ରଙ୍ଗନାଥ ଔଷଧ ପେଟରା ନେଇ ବସିଛନ୍ତି । ଦୃଶ୍ୟତଃ ତାଙ୍କ ଶରୀର ଅକ୍ଷତ ଅଛି, କିନ୍ତୁ ଅବସ୍ଥା ଚକ୍ରରେ ପଡ଼ି ସେ ଯେମିତି ଟିକେ ଉଦ୍‌ଗ୍ରସ୍ତ ହୋଇ ପଡ଼ିଛନ୍ତି ।

ରସରାଜଙ୍କ ପଛକୁ ନୌବାର ନାବିକ ଓ ସୈନ୍ୟଦଳ ପାଦରେ ଚାଲିଛନ୍ତି । ସେମାନଙ୍କ ସଙ୍ଗରେ ଅର୍ଜୁନ ବର୍ମା ମଧ୍ୟ ଅଛି । ସେ ଚାଲୁ ଚାଲୁ ମୁହଁ ଫେରାଇ ଏପଟ-ସେପଟ ଦେଖୁଛି; ସମସ୍ତେ ପରିଚିତ, କିନ୍ତୁ ବଳରାମର ଦେଖା ନାହିଁ । ଅର୍ଜୁନ ପାଖରେ ଥିବା ଲୋକଟି ବୁଝି କହିଲା—"ବଳରାମ କର୍ମକାରକୁ ଖୋଜୁଛ ? ସେ ଆସି ନାହିଁ । ନୌକା ଜଖମ ହୋଇଯାଇଛି, ତେଣୁ ମରାମତି ପାଇଁ ବଳରାମ ଓ ଆଉ କେତେଜଣ ପଛ ନୌକାରେ ଅଛନ୍ତି ।" ଅର୍ଜୁନ ନିଶ୍ଚିନ୍ତ ହେଲା, ବିଚିତ୍ର ନଗରଶୋଭା ଦେଖି ଦେଖି ଚାଲିଲା ।

ଶୋଭାଯାତ୍ରା ମନ୍ଥର ଥିଲା; ସମ୍ମୁଖରେ ପାଞ୍ଚଟି ହାତୀ ଓ ପଶ୍ଚାତ୍‌ରେ ଅଶ୍ୱାରୋହୀଙ୍କ ଦଳ ଶୋଭାଯାତ୍ରାର ବେଗକୁ ସଂଯତ କରି ରଖିଛି । ଆଜି ଆଉ ମୃଦଙ୍ଗମୁରଳୀ ବାଜୁ ନାହିଁ, ରହି ରହି ପ୍ରଚଣ୍ଡ ଶବ୍ଦ କରି ତୂରୀ ଓ ଭେରୀ ଧ୍ୱନିତ ହେଉଛି; ଯେପରି ବିଜୟୀ ସୈନ୍ୟଦଳ ଡଙ୍କା ବଜାଇ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ।

ଏହି ବିଶାଳ ନଗରର ଅକୃତ୍ରିମ ପ୍ରକୃତି ବାସ୍ତବରେ ବଡ଼ ବିଚିତ୍ର । ସାତଟି ପ୍ରାଚୀର ବେଷ୍ଟନୀ ମଧ୍ୟରୁ ଛଅଟି ପଛରେ ରହିଗଲାଣି, ତଥାପି ନଗର ଏ ପର୍ଯ୍ୟନ୍ତ ତାଦୃଶ ଜନାକୀର୍ଣ୍ଣ ନୁହେଁ । ଭୂମି କେଉଁଠି ସମତଳ ନୁହେଁ, କଙ୍କାଳ ପଥ କେତେବେଳେ ଉଚ୍ଚ ହୋଇଉଠିଛି ତ କେତେବେଳେ ଖାଲ, କେଉଁଠି ମଗରାକୃତି ଅନୁଚ୍ଚ ଗିରି ଶ୍ରେଣୀକୁ କଟାଇ ଯାଇଛି । କେଉଁଠି ଅବା ଅଗଭୀର ସଂକୀର୍ଣ୍ଣ ପାଣିନାଳ ରାସ୍ତାଟିକୁ କାଟି ଦେଇଛି, ଅଣ୍ଟୁ ପର୍ଯ୍ୟନ୍ତ ଜଳ ଅତିକ୍ରମ କରି ଯିବାକୁ ପଡ଼େ । ଯେଉଁଠି ଜମି ଟିକେ ସମତଳ ସେଇଠି ପଥ ପାର୍ଶ୍ୱରେ ପଥର ତିଆରି ଘର, ଫୁଲ ବଗିଚା, ଆମ୍ବ ତୋଟା, ଆଖୁ କ୍ଷେତ । ଶୋଭାଯାତ୍ରା ଦେଖିବା ପାଇଁ ବହୁ ନରନାରୀ ପଥ ପାର୍ଶ୍ୱରେ ଧାଡ଼ି ବାନ୍ଧି ଛିଡ଼ା ହୋଇଛନ୍ତି, ହାସ୍ୟମୁଖୀ ଯୁବତୀମାନେ ସବାରି ଆଡ଼କୁ ସଲଜ୍ଜ ଦୃଷ୍ଟି ନିକ୍ଷେପ କରୁଛନ୍ତି ।

ତା'ପରେ ପୁଣି ଅସମତଳ ଶିଳାବନ୍ଧୁର ଭୂମି, ସ୍ୱଳ୍ପ ସେଚନପୁଷ୍ଟ ଯଅ-ବାଜରାର କଣ୍ଟକିତ କ୍ଷେତ । ଉପରକୁ ଅନାଇଲେ ଦେଖାଯାଏ, ଦୂରରେ ତିନୋଟି ସ୍ତୂପାକାର ଗିରିଶୃଙ୍ଗ—ହେମକୂଟ, ମତଙ୍ଗ ଓ ମାଲ୍ୟବନ୍ତ ଆକାଶକୁ ମଥା ଟେକି ଯେପରି ଦୂରବର୍ତ୍ତୀ ଶତ୍ରୁ ପ୍ରତି ଲକ୍ଷ୍ୟ ରଖିଛନ୍ତି ।

ଦିନ ଦ୍ୱିତୀୟ ପ୍ରହରର ଆରମ୍ଭରେ ଶୋଭାଯାତ୍ରା ଏକ ଉତ୍ତୁଙ୍ଗ ସିଂହଦ୍ୱାର ସମ୍ମୁଖରେ ଉପସ୍ଥିତ ହେଲା । ଏହାହିଁ ଶେଷ ତୋରଣ, ତୋରଣର ଦୁଇ ପାର୍ଶ୍ୱରୁ

ଛଅ ପଥର ପ୍ରାଚୀର ତାହାର ଅନ୍ତର୍ଭୁକ୍ତ ଭୂମିକୁ ବେଷ୍ଟନ କରିଛି । ବସ୍ତିଶ୍ରୀ ନଗରଚତ୍ୱର ଏହାହିଁ କେନ୍ଦ୍ରବିନ୍ଦୁ ।

ତୋରଣର ପ୍ରହରୀମାନେ ରାସ୍ତା ଛାଡ଼ିଦେଲେ, ଶୋଭାଯାତ୍ରା ସପ୍ତମ ଚକ୍ରରେ ପ୍ରବେଶ କଲା । ସାତ ଚକ୍ର ମଧ୍ୟରୁ ଏହା ଗୋଟିଏ ଚକ୍ର । ଏହାର ବ୍ୟାସ ସ୍ୱଳ୍ପକୋଶ; ଏହା ମଧ୍ୟରେ ଚତୁର୍ଦ୍ଦଶଟି ପ୍ରଶସ୍ତ ରାଜପଥ ଅଛି, ସେଥିମଧ୍ୟରୁ ପ୍ରଧାନ ରାଜପଥର ନାମ ଗୁଆ-ପାନ ରାସ୍ତା । ନାମ ଗୁଆ ପାନ ରାସ୍ତା ହେଲେହେଁ ଅସଲରେ ଏହା ସୁନା-ରୁପା ହୀରା-ମଣିକର ବଜାର । ଏହି ମଣି-ମାଣିକ୍ୟ ବଜାରର ମଧ୍ୟସ୍ଥଳରେ ରାଜଭବନର ଅସଂଖ୍ୟ ହର୍ମ୍ୟରାଜି ।

ଶୋଭାଯାତ୍ରା ସେହି ପଥରେ ଚାଲିଲା । ଗମ୍ଭୀର ଶବ୍ଦରେ ଡଙ୍କା ଓ ଭେରୀ ବାଜୁଛି । ରାସ୍ତା ଲୋକାରଣ୍ୟ, ପଥପାର୍ଶ୍ୱସ୍ଥ ଅଟ୍ଟାଳିକା ଗୁଡ଼ିକର ଅଳିନ୍ଦରେ ବାତାୟନରେ ଓ ଛାତରେ ଭିଡ଼; ଦୁଇ ସୁନ୍ଦରୀ ରାଜକନ୍ୟାଙ୍କୁ ଦେଖି ସମସ୍ତେ ଜୟଜୟକାର କରୁଛନ୍ତି । ମଣିକଙ୍କଣା ଓ ବିଦ୍ୟୁନ୍ମାଳା ସବାରିରେ ପାଖାପାଖି ବସିଛନ୍ତି । ମଣିକଙ୍କଣା ସହାସିନୀ, କିନ୍ତୁ ତାର ହୃଦୟ ମଧ୍ୟ ମଝିରେ ମଝିରେ ଦୁରୁଦୁରୁ କରି ଉଠୁଛି । ବିଦ୍ୟୁନ୍ମାଳାଙ୍କ ଅପଲକ ଚକ୍ଷୁ ସମ୍ମୁଖକୁ ପ୍ରସାରିତ, କିନ୍ତୁ ତାଙ୍କ ମନ ନିଜର ଅତଳ ଗମ୍ଭୀରତାରେ ବୁଡ଼ି ରହିଛି । ସେ ଭାବୁଛନ୍ତି—ଜୀବନ ଏତେ ଜଟିଳ କାହିଁକି ?

ଦିନ ଦ୍ୱିପ୍ରହରରେ ମଧ୍ୟାହ୍ନର ସୂର୍ଯ୍ୟକୁ ମୁଣ୍ଡ ଉପରେ ରଖି ଶୋଭାଯାତ୍ରା ରାଜଭବନ ସମ୍ମୁଖରେ ପହଞ୍ଚିଲା ।

— ଦୁଇ —

ରାଜପୁରୀର ସାତ ଶହ ପ୍ରତିହାରିଣୀ ଓ ପରିଚାରିକା ସଭାଗୃହ ସମ୍ମୁଖରେ ଧାଡ଼ି କରି ଛିଡ଼ା ହୋଇଛନ୍ତି । ସେମାନଙ୍କ ବାମ ହସ୍ତରେ ଢାଲ, ଡାହାଣ ହସ୍ତରେ ମୁକ୍ତ ତରବାରି । ସମସ୍ତେ ଦୃଢ଼ାଙ୍ଗୀ, ସୁବଶା, ସୁଦର୍ଶନା । ସେମାନଙ୍କ ଭିତରେ ଅଳ୍ପ ସଂଖ୍ୟକ ମଙ୍ଗୋଲୀୟ ଯୁବତୀ ଅଛନ୍ତି, ପିଙ୍ଗଳ କେଶ ଓ ନୀଳ ନୟନ ଦେଖି ଚିହ୍ନି ହେବ । ରାଜପୁରୀରେ ସଭାଗୃହ ବ୍ୟତୀତ ଅନ୍ୟତ୍ର ପୁରୁଷମାନଙ୍କ ପ୍ରବେଶ ନିଷେଧ, ଏହି ନାରୀବାହିନୀ ରାଜପୁରୀ ରକ୍ଷା କରନ୍ତି ଓ ପୌରଜନଙ୍କ ସେବା କରନ୍ତି ।

ସବାରି ରାଜସଭାର ଶୋଭିତ ସ୍ତମ୍ଭ ଦ୍ୱାର ସମ୍ମୁଖରେ ଅଟକି ଥିଲା । କୁମାର କମ୍ପନ ଅଶ୍ୱପୃଷ୍ଠରୁ ଅବତରଣ କଲେ । ବାଦ୍ୟବାଦନ ତୁମୁଳ ହୋଇଉଠିଲା । ତା'ପରେ ସଭାଗୃହରୁ ମହାରାଜ ଦେବରାୟ ଆବିର୍ଭାବ ହେଲେ । ତପ୍ତକାଞ୍ଚନ ଶରୀର, ମୁଖମଣ୍ଡଳରେ ସୌମ୍ୟ ପ୍ରଶାନ୍ତ ଗାମ୍ଭୀର୍ଯ୍ୟ, ପରିଧାନ ପଟ୍ଟବସ୍ତ୍ର ଓ ଉତ୍ତରୀୟ, କର୍ଣ୍ଣରେ ମଣିମୟ କୁଣ୍ଡଳ, ବାହୁରେ ଅଙ୍ଗଦ । ଯୌବନର ମଧ୍ୟାହ୍ନରେ ମହାରାଜ ଦେବରାୟଙ୍କ ଶରୀର ଯେପରି ଲାବଣ୍ୟଚ୍ଛଟା ବିକୀର୍ଣ୍ଣ କରୁଛି ।

ସେ ଗୋଟିଏ ହସ୍ତ ଉପରକୁ ଉଠାଇଲେ, ଏହାଦ୍ୱାରା ବାଦ୍ୟବାଦନ ବନ୍ଦ ହେଲା । କୁମାର କମ୍ପନ କହିଲେ—"ମହାରାଜ, ଏହି ନିଅନ୍ତୁ, କଳିଙ୍ଗର ଦୁଇ ଦେବୀଙ୍କୁ ନଦୀରୁ ଉଦ୍ଧାର କରିଆଣିଛୁ ।"

ଦୁଇ ରାଜକନ୍ୟା ସବାରିରୁ ଓହ୍ଲାଇ ରାଜାଙ୍କ ସମ୍ମୁଖରେ ଯୁକ୍ତହସ୍ତା ହେଲେ । ରାଜାଙ୍କୁ ଦେଖି ମଣିକଙ୍କଣାର ସମସ୍ତ ଭୟ ଦୂର ହୋଇଯାଇଥିଲା, ସେ ହର୍ଷୋତ୍ଫୁଲ୍ଲ ନେତ୍ରରେ ଚାହିଁଲା, ବିଦ୍ୟୁନ୍ମାଳାଙ୍କ ମୁହଁ ଦେଖି କିନ୍ତୁ ମନକଥା ବୁଝାହେଲା ନାହିଁ । ରାଜା ପୂର୍ବରୁ କଳିଙ୍ଗ-କନ୍ୟାମାନଙ୍କୁ ଦେଖି ନ ଥିଲେ । ଭାଟ ମଧ୍ୟସ୍ଥଭାବରେ ବିବାହ ସ୍ଥିର ହୋଇଥିଲା । ସେ ଜଣ ଜଣ କରି ଦୁଇ ରାଜକନ୍ୟାଙ୍କୁ ଦେଖିଲେ । ତାଙ୍କ ମୁହଁର ପ୍ରସନ୍ନତା ଅଧିକ ଗଭୀର ହେଲା । ଆଶୀର୍ବାଦ ଭଙ୍ଗିରେ କରତଳ ଟେକି ସେ କହିଲେ—"ସ୍ୱସ୍ତି ।"

ରସରାଜ ମଧ୍ୟ ନିଜ ଦୋଳାରୁ ଓହ୍ଲାଇ ଆସିଲେ, ଏହି ସମୟରେ ସେ ଆସି ରାଜାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ କହିଲେ—"ଜୟୋସ୍ତୁ ମହାରାଜ । ମୁଁ କଳିଙ୍ଗର ରାଜବୈଦ୍ୟ ରସରାଜ, କୁମାରୀମାନଙ୍କ ସଙ୍ଗରେ ଆସିଛି । କୁମାରୀମାନଙ୍କ ମାତୁଳ ଅଭିଭାବକ ରୂପେ ଏମାନଙ୍କ ସଙ୍ଗରେ ଆସିଥିଲେ, କିନ୍ତୁ ସେ ବୁଡ଼ି ଯାଇଛନ୍ତି । ତେଣୁ ମୁଁ ହିଁ ଆପଣଙ୍କୁ କନ୍ୟାମାନଙ୍କ ପରିଚୟ ଦେଉଛି । ଏ କୁମାରୀ ଭଟ୍ଟାରିକା

ବିଦ୍ୟୁନ୍ମାଳା, ସ୍ୱର୍ଗୀ ରାଜବଧୂ ଆଉ ଏ ରାଜକୁମାରୀ ମଣିକଙ୍କଣା—ସ୍ୱର୍ଗୀ ରାଜବଧୂଙ୍କ ସଙ୍ଗିନୀ ରୂପେ ଆସିଛନ୍ତି ।"

ରାଜା କହିଲେ—"ଧନ୍ୟ । ମାତୁଳ ମହାଶୟଙ୍କ କଷ୍ଟସ୍ୱ ଖୋଜ ପାଇବା । ଆପାତତଃ—"

ରାଜା କଡ଼କୁ ଚାହିଁଲେ । ଇତି ମଧ୍ୟରେ ଧନ୍ୱାସ୍ୱକ ଲକ୍ଷ୍ମଣ ମଲ୍ଲପ ଆସି ରାଜାଙ୍କ ପାଖରେ ଟିକେ ପଛକୁ ଛିଡ଼ା ହୋଇଥିଲେ । ସେ ଏକାଧାରରେ ରାଜ୍ୟର ପ୍ରଧାନ ସେନାପତି ଓ ମହାମନ୍ତ୍ରୀ । ପଚାଶ ବର୍ଷ ବୟସ୍କ ଦୃଢ଼ ଶରୀର ପୁରୁଷ, ଅତ୍ୟନ୍ତ ସାଧାସିଧା ବେଶବାସ, ମୁଖ ଦେଖି ବିଦ୍ୟାବୁଦ୍ଧି ବା ପଦମର୍ଯ୍ୟାଦାର କୌଣସି ପରିଚୟ ମିଳେ ନାହିଁ ।

ରାଜା ତାଙ୍କୁ କହିଲେ—"ଆର୍ଯ୍ୟ ଲକ୍ଷ୍ମଣ, ମାନ୍ୟ ଅତିଥିମାନଙ୍କ ପରିଚର୍ଯ୍ୟାର ବ୍ୟବସ୍ଥା କରନ୍ତୁ । ଏମାନେ ଆମ କୁଟୁମ୍ବ, ଅତିଥି-ଭବନକୁ ନେଇଯାଇ ଏମାନଙ୍କ ସମୁଚିତ ପାନାହାର ବିଶ୍ରାମର ଆୟୋଜନ କରନ୍ତୁ ।"

"ଯଥା ଆଜ୍ଞା ଆର୍ଯ୍ୟ ।" ଲକ୍ଷ୍ମଣ ମଲ୍ଲପ ଯୋଡ଼ହସ୍ତ ହୋଇ ଅତିଥିମାନଙ୍କୁ ସମ୍ବୋଧନ କଲେ—"ମୋ ସହିତ ଆସିବା ହୁଅନ୍ତୁ । ଅତିଥି-ଭବନ ନିକଟରେ, ସେଠାରେ ଆପଣମାନଙ୍କର ସ୍ନାନ ପାନ ଆହାର ବିଶ୍ରାମର ଆୟୋଜନ କରି ରଖିଛୁ ।

ଲକ୍ଷ୍ମଣ ମଲ୍ଲପ ଲକ୍ଷ୍ୟ କରିଥିଲେ ଯେ ରସବଳଙ୍କ ଦୃଷ୍ଟିଶକ୍ତି କ୍ଷୀଣ, ସେ ତାଙ୍କ ହାତ ଧରି ଆଗେ ଆଗେ ଚାଲିଲେ, ଅତିଥିବର୍ଗ ସେମାନଙ୍କ ପଛରେ ଚାଲିଲେ । ରାଜସଭାଠାରୁ ଶହେ ହାତ ଦୂରରେ ରାଜକୀୟ ଟଙ୍କାଶାଳା ପାଖରେ ବିରାଟ ଦ୍ୱିତଳ ଅତିଥି-ଭବନ । ସେଠାରେ ପାଞ୍ଚ ଶହ ଅତିଥି ଏକା ସମୟରେ ବାସ କରି ପାରିବେ ।

ଇତ୍ୟବସରରେ ରାଜପୁରରୁ ଜଣେ ଶକ୍ତସମର୍ଥା ଦାସୀ ସ୍ୱର୍ଣ୍ଣକଳସରେ ଜଳ ଆଣି ରାଜକୁମାରୀମାନଙ୍କ ପାଦ ପ୍ରକ୍ଷାଳନ କରି ସାରିଥିଲା । ଏହି ଦାସୀ ବିପୁଳ ରାଜପରିବାରରେ ଗୃହିଣୀ, ସାତ ଶହ ପ୍ରତିହାରିଣୀଙ୍କ ମୁଖ୍ୟ ନାୟିକା, ନାମ ପିଙ୍ଗଳା । ରାଜା ତାଙ୍କୁ ସମ୍ବୋଧନ କରି କହିଲେ—"ପିଙ୍ଗଳେ, କଳିଙ୍ଗ-ରାଜକୁମାରୀଙ୍କ ପାଇଁ ନୂଆ ପ୍ରାସାଦ ତିଆରି ଚାଲିଛି, ଏପର୍ଯ୍ୟନ୍ତ ବାସୋପଯୋଗୀ ହୋଇନାହିଁ । ତୁମେ ଆପାତତଃ ଏମାନଙ୍କୁ ରାଜ-ସଭାଗୃହର ଦ୍ୱିତୀୟ ମହଲକୁ ନେଇଯାଅ, ସମ୍ପ୍ରତି ସେଠାରେ ହିଁ ଏମାନେ ରହିବେ ।"

ପିଙ୍ଗଳା ଟିକେ ହସି କହିଲା—"ଯଥା ଆଜ୍ଞା ଆର୍ଯ୍ୟ ।"

ପିଙ୍ଗଳାକୁ ନୂଆ କରି କହିବା ପ୍ରୟୋଜନ ନଥିଲା, କାରଣ ଏହା ପୂର୍ବରୁ ରାଜାଙ୍କ ଆଦେଶରେ ସେ ସପ୍ତଗୃହସ୍ଥ ଦ୍ୱିତୀୟ ମହଲକୁ ରାଜକୁମାରୀମାନଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ ସଜାଇ ରଖିଥିଲା, ରାଜା ବୋଧହୁଏ କୁମାରୀମାନଙ୍କୁ ଶୁଣାଇବା ଉଦ୍ଦେଶ୍ୟରେ ଏ କଥା କହିଥିଲେ । ରାଜକୀୟ ସପ୍ତଗୃହଟି ଦ୍ୱିତଳ ପ୍ରାସାଦ, ତଳ ମହଲରେ ସଭା ହୁଏ, ଦ୍ୱିତୀୟ ମହଲରେ ତିନୋଟି ମହଲ । ଗୋଟିକରେ ମହାରାଜ ଦିବାକାଳରେ ବିଶ୍ରାମ ନିଅନ୍ତି, ଦ୍ୱିତୀୟଟି ରାଜାଙ୍କ ପାକଶାଳା, ସେଠାରେ ଦଶ ଜଣ ପାଚକ ରାଜାଙ୍କ ପାଇଁ ରନ୍ଧନ କରନ୍ତି, ନପୁଂସକ କଞ୍ଚୁକୀ ପାକଶାଳ ଦ୍ୱାର ନିକଟରେ ବସି ପହରା ଦିଏ । ତୃତୀୟ ମହଲଟି ଏତେ ଦିନ ଶୂନ୍ୟ ପଡ଼ିଥିଲା । ବର୍ତ୍ତମାନ ସାମୟିକ ଭାବେ ନବାଗତାମାନଙ୍କର ବାସସ୍ଥାନ ନିର୍ଦ୍ଦିଷ୍ଟ ହୋଇଛି ।

ରାଜା ପୁନଶ୍ଚ କହିଲେ—"ଏମାନଙ୍କୁ ନେଇଯାଅ, ଯଥୋଚିତ ସେବା କର । ଦେଖ, ଯେମିତି ସେବାରେ ତ୍ରୁଟି ନ ହୁଏ ।"

ପିଙ୍ଗଳା କହିଲା—"ତ୍ରୁଟି ହେବ ନାହିଁ ମହାରାଜ । ମୁଁ ନିଜେ ଏମାନଙ୍କ ସେବା କରିବି ।"

"ଉତ୍ତମ ।"

ପିଙ୍ଗଳା ରାଜକୁମାରୀମାନଙ୍କୁ ସ୍ୱାଗତ ସମ୍ଭାଷଣ କରି ନେଇଗଲା । ମହାରାଜ ଭ୍ରାତାଙ୍କୁ ଚାହିଁ ସସ୍ନେହରେ ତାଙ୍କ କାନ୍ଧରେ ହାତ ରଖିଲେ—"କମନ, କାଲିଠାରୁ ତୁମେ ଅନେକ ପରିଶ୍ରମ କଲଣି । ଯାଅ, ନିଜ ଗୃହରେ ଯାଇ ବିଶ୍ରାମ କର ।"

କର୍ମନଦେବ ହ୍ରସ୍ୱ କଣ୍ଠରେ କହିଲେ—"ଆର୍ଯ୍ୟ, ମୋର କିଛି ନିବେଦନ ଅଛି ।"

ରାଜା ସପ୍ରଶ୍ନ ଦୃଷ୍ଟିରେ ଭ୍ରାତାଙ୍କ ଆଡ଼େ ଚାହିଁଲେ, ତା'ପରେ କହିଲେ—"ଆସ ।"

ଦୁଇ ଭ୍ରାତା ସଭା ଗୃହରେ ପ୍ରବେଶ କଲେ ।

ବହୁ ସ୍ତମ୍ଭଯୁକ୍ତ ରାଜସଭାର ଆକୃତି ନାଟ୍ୟମଣ୍ଡପ ପରି, ତିନି ଭାଗରେ ସଭାସଦ୍‌ବର୍ଗଙ୍କ ଆସନ, ଚତୁର୍ଥ ଭାଗରେ ଅପେକ୍ଷାକୃତ ଉଚ୍ଚ ମଣ୍ଡପ ଉପରେ ସିଂହାସନ । ପଥର ନିର୍ମିତ ହର୍ମ୍ୟ, କିନ୍ତୁ ପଥର ଦିଶେ ନାହିଁ, କାନ୍ଥ ଓ ସ୍ତମ୍ଭର ମଝେ ମଝେ ସ୍ୱର୍ଣ୍ଣ ଆବରଣ । ମଣିମାଣିକ୍ୟ ଖଚିତ ସିଂହାସନଟି ଆୟତନରେ ବୃହତ୍ ଯେ ଦୁଇଜଣ ସ୍ୱଚ୍ଛନ୍ଦରେ ପାଖାପାଖି ଉପବେଶନ କରିପାରିବେ । ସିଂହାସନ

ନିକଟରେ ସୁନାର ଦୀପଦଣ୍ଡ, ସୁନାର ପେଟିକା, ସୁନାର ଭୃଙ୍ଗାର । ଯୁଆଡ଼େ ସୁନା ହିଁ ସୁନା । ସେକାଳରେ ବୋଧହୁଏ ଏତେ ସୁନା ଭାରତର ଅନ୍ୟ କେଉଁଠି ନ ଥିଲା ।

ଦ୍ୱିପହରରେ ସଭାଗୃହ ଶୂନ୍ୟ, ସଭାସଦ୍‌ବର୍ଗ ସ୍ୱ ସ୍ୱ ଗୃହକୁ ପ୍ରସ୍ଥାନ କରିଥିଲେ । ରାଜା ଦେବରାୟ ଆସି ସିଂହାସନ ଉପରେ ଜରିଲଗା ଆସନରେ ବସିଲେ, ତାଙ୍କ ଇଙ୍ଗିତ ପାଇ କୁମାର କମ୍ପନ ପାଖରେ ବସିଲେ । ଦୁଇଜଣ ପାଖାପାଖି ବସିବାରୁ ଦେଖାଗଲା ସେମାନଙ୍କ ଆକୃତି ପ୍ରାୟ ସମାନ, ଦଶବର୍ଷ ବୟସର ପାର୍ଥକ୍ୟରେ ଯାହା କିଛି ପ୍ରଭେଦ ଥାଏ, ତାହା ହିଁ ଅଛି । ଏହି ସାଦୃଶ୍ୟର ସୁଯୋଗ ନେଇ ମହାରାଜ ଦେବରାୟ ଟିକେ କୌତୁକ କରନ୍ତି; ବିଦେଶରୁ କୌଣସି ନବାଗତ ରାଷ୍ଟ୍ରଦୂତ ଆସିଲେ ସେ ନିଜେ ସଭାକୁ ନ ଆସି ଭାଇକୁ ପଠାଇ ଦିଅନ୍ତି । ରାଷ୍ଟ୍ରଦୂତମାନେ ଆଖିରେ ନ ଦେଖିଲେ ମଧ୍ୟ ରାଜାଙ୍କ କୀର୍ତ୍ତିକଳାପ କଥା ଶୁଣି-ଥାଆନ୍ତି । ସେମାନେ କୁମାର କମ୍ପନଙ୍କୁ ରାଜା ମନେ କରି ବିସ୍ମିତ ହୁଅନ୍ତି, ଭାବନ୍ତି— ଏତେ ଅଳ୍ପ ବୟସର ରାଜା ଏପରି କୀର୍ତ୍ତିମାନ । ରାଜା ଏହି ତୁଚ୍ଛ କପଟରେ ଆମୋଦ ଅନୁଭବ କରନ୍ତି ସତ୍ୟ, କିନ୍ତୁ ଭିତରେ ଭିତରେ ଅସ୍ୱସ୍ତି ହେବାକୁ ଲାଗିଥିଲା, କୁମାର କମ୍ପନଙ୍କ ମନରେ ସିଂହାସନ ପ୍ରତି ଲୋଭ ଜନ୍ମି ଥିଲା ।

ଉଭୟେ ଉପବିଷ୍ଟ ହେବା ପରେ ରାଜା ଭ୍ରୂ ଉତ୍ତୋଳନ କରି ଭ୍ରାତାଙ୍କୁ ପ୍ରଶ୍ନ କଲେ । କୁମାର କମ୍ପନ ସେତେବେଳେ ଧୀରେ ଧୀରେ ବିଦ୍ୟୁନ୍ମାଳା ଓ ଅର୍ଜୁନବର୍ମା କଥା କହିବାକୁ ଆରମ୍ଭ କଲେ । ଅର୍ଜୁନବର୍ମା ନଦୀରୁ ବିଦ୍ୟୁନ୍ମାଳାଙ୍କୁ ଉଦ୍ଧାର କରିଥିଲା, ଦୁଇଜଣ ନିର୍ଜନ ଦ୍ୱୀପରେ ରାତି କଟାଇଛନ୍ତି, ପାଖାପାଖି ଶୋଇଛନ୍ତି । କୁମାର କମ୍ପନ କିଛି ଶ୍ଳେଷ କିଛି ରଙ୍ଗ ଦେଇ ସବୁକଥା କହିବାକୁ ଲାଗିଲେ; ଶୁଣୁଶୁଣୁ ରାଜାଙ୍କ ଲଲାଟ ମେଘାଚ୍ଛନ୍ନ ହେଲା ।

ଦର୍ଶନୀ ମଣ୍ଡିରେ ଲକ୍ଷ୍ମଣ ମଲ୍ଲପ ଆସି ସିଂହାସନ ପାଦଦେଶରେ ପାରସ୍ୟ ଗାଲିଚା ଉପରେ ବସିଲେ ଏବଂ କୌଣସି କଥା ନ କହି ନତମସ୍ତକରେ କୁମାର କମ୍ପନଙ୍କ କଥା ଶୁଣିବାକୁ ଲାଗିଲେ । କୁମାର କମ୍ପନ ତାଙ୍କ ଆବିର୍ଭାବରେ ଟିକେ ଇତସ୍ତତଃ ହୋଇଯାଇ ପୁଣି କହି ଚାଲିଲେ । ଲକ୍ଷ୍ମଣ ମଲ୍ଲପ ଓ କୁମାର କମ୍ପନଙ୍କ ମଧ୍ୟରେ ଭଲ ସମ୍ପର୍କ ନାହିଁ, ଉଭୟେ ଉଭୟଙ୍କୁ ଆଡ଼ ଚକ୍ଷୁରେ ଦେଖନ୍ତି । କିନ୍ତୁ ଲକ୍ଷ୍ମଣ ମଲ୍ଲପ ରାଜ୍ୟର ମହାମନ୍ତ୍ରୀ, ତାଙ୍କ ପାଖରେ ରାଜକାର୍ଯ୍ୟ କୌଣସି କଥା ଗୋପନୀୟ ନୁହେଁ ।

କୁମାର କର୍ମନ ବୃତ୍ତାନ୍ତ ଶେଷ କରି କହିଲେ—"ମହାରାଜ ମୋର ବାର୍ତ୍ତା ନିବେଦନ କଲି, ଏବେ ଆପଣଙ୍କ ଅଭିରୁଚି।" ତାପରେ ଲକ୍ଷ୍ମଣ ମଲ୍ଲପ ଆଡ଼େ ବକ୍ର କଟାକ୍ଷପାତ କରି କହିଲେ—"ମୋ ବିବେଚନାରେ ଏ କନ୍ୟା ବିଜୟନଗରର ରାଜବଧୂ ହେବାର ଯୋଗ୍ୟା ନୁହେଁ।"

ରାଜା ଅଳ୍ପ ସମୟ ନୀରବ ରହି କହିଲେ—"ତୁମେ ଯାଅ ବିଶ୍ରାମ କର।"

କୁମାର କର୍ମନ ଅଭିବାଦନ କରି ପ୍ରସ୍ଥାନ କଲେ। ନିଜର ମନୋଗତ ଅଭିପ୍ରାୟ ନ ଜଣାଇ ଯେତେଟା କୁହାଯାଇପାରେ ତାହା କୁହାଯାଇଛି। ଆପାତତଃ ଏତିକିରେ ଥାଉ।

ରାଜା ଓ ମନ୍ତ୍ରୀ ପରସ୍ପର ପରସ୍ପରଙ୍କ ମୁହଁକୁ ମୁହଁ ଚାହିଁ କିଛିକ୍ଷଣ ବସି-ରହିଲେ। ତାପରେ ରାଜା କହିଲେ—"ଆପଣ ବୋଧହୁଏ କର୍ମନର କଥା ସବୁ ଶୁଣି ନାହାନ୍ତି।"

ଲକ୍ଷ୍ମଣ ମଲ୍ଲପ କହିଲେ—"ନ ଶୁଣିଲେ ହେଁ ଅନୁମାନ କରିପାରୁଛି।"

"ଆପଣ କ'ଣ ମନେ କରୁଛନ୍ତି ?

ଲକ୍ଷ୍ମଣ ମଲ୍ଲପ କହିଲେ—"ଘଟଣା ସତ ବୋଲି ମନେହୁଏ, କିନ୍ତୁ ଇଙ୍ଗିତଟା ଅମୂଳକ। ମୁଁ ରାଜକନ୍ୟାଙ୍କୁ ଦେଖିଛି। ମୋ ମନରେ କୌଣସି ସନ୍ଦେହ ନାହିଁ।"

"କିନ୍ତୁ—" ରାଜା ଅଟକିଗଲେ।

ଲକ୍ଷ୍ମଣ ମଲ୍ଲପ କହିଲେ—"ଅର୍ଜୁନବର୍ମା ନିଶ୍ଚୟ ଦଳରେ ଆସିଛି। ତାକୁ ପ୍ରଶ୍ନ କରାଯାଇପାରେ।

ରାଜା କହିଲେ—"ଠିକ୍ କହିଛନ୍ତି। ତାକୁ ଡକେଇ ପଠାନ୍ତୁ। ମୁଁ ତାକୁ ପଚାରିବି। ଆପଣ ତାର ହାବଭାବ ଲକ୍ଷ୍ୟ କରିବେ।

ଲକ୍ଷ୍ମଣ ମଲ୍ଲପ ମୁଣ୍ଡ ହଲାଇ ସମ୍ମତି ଦେଲେ, ତାପରେ ବାମ ହସ୍ତରେ ଦକ୍ଷିଣ କରତଳରେ ତାଳି ମାରିଲେ। ସଙ୍ଗେ ସଙ୍ଗେ ମଞ୍ଚପାର୍ଶ୍ୱରୁ ଜଣେ ପ୍ରହରୀ ଆସି ସିଂହାସନ ସମ୍ମୁଖରେ ରୂପାର ଭଲ୍ଲ ନୁଆଁଇ ନତଜାନୁ ହେଲା।

ମନ୍ତ୍ରୀ କହିଲେ—"ରାଜକନ୍ୟାମାନଙ୍କ ସଙ୍ଗରେ ଯେଉଁମାନେ ଆସିଛନ୍ତି ସେମାନଙ୍କ ମଧ୍ୟରୁ ଜଣକ ନାମ ଅର୍ଜୁନ ବର୍ମା । ଅତିଥିଶାଳାରୁ ତାଙ୍କୁ ଏଠାକୁ ନେଇଆସ ।"

ଭଲ୍ଲହସ୍ତେ ରକ୍ଷୀ ଦଣ୍ଡାୟମାନ ହେଲା । ମନ୍ତ୍ରୀ ପୁନଶ୍ଚ କହିଲେ—"ବାନ୍ଧିବାକୁ ପଡ଼ିବ ନାହିଁ, ସମାଦର କରି ନେଇ ଆସିବ ।"

ରକ୍ଷୀ କହିଲା—"ଯଥା ଆଜ୍ଞା ଆର୍ଯ୍ୟ ।"

ରାଜା କହିଲେ—"ମୁଁ ବିଶ୍ରାମ-କକ୍ଷକୁ ଯାଉଛି, ତାଙ୍କୁ ସେଠି ପଠାଇ ଦେବ ।"

ରକ୍ଷୀ କହିଲା—"ଯଥା ଆଜ୍ଞା ମହାରାଜ ।"

## —ତିନି—

ଅତିଥି-ଭବନରେ ବହୁସଂଖ୍ୟକ ପରିଚାରକ ନବାଗତଙ୍କ ସେବାର ଭାର ନେଇଥିଲେ । ପ୍ରଥମେ ଅତିଥିମାନେ ଶୀତଳ ତକ୍ର (ଘୋଳଦହି) ପାନକରି ପଥଶ୍ରାନ୍ତି ଦୂର କରିଥିଲେ, ତାପରେ ସ୍ନାନାହାର । ଅଧିକାଂଶ ଅତିଥି ଆମିଷାଶୀ, ବହୁବିଧ ମତ୍ସ୍ୟ ଓ ମାଂସାଦି ସହଯୋଗରେ ଯବରର ରୋଟିକା ଓ ଘୃତପକ୍ୱ ତଣ୍ଡୁଳ ଗ୍ରହଣ କରିଥିଲେ । ଋଷଭଜ ନିରାମିଷ । ତାଙ୍କ ପାଇଁ ବିଶେଷ ବ୍ୟବସ୍ଥା ହୋଇଥିଲା, ଦଧିମଣ୍ଡ, କ୍ଷୀର, ଫଳମୂଳ ଓ ମିଷ୍ଟାନ୍ନ ଭାଗ ହିଁ ଅଧିକ ।

ପ୍ରଚୁର ଆହାର ପରେ ସୁବାସିତ ତାମ୍ବୁଳ ଚର୍ବଣ କରି କରି ସମସ୍ତେ ଅତିଥି ଭବନର ଦ୍ୱିତୀୟ ମହଲରେ ଉପନୀତ ହେଲେ । ସେଠାରେ ଧାଡ଼ି ଧାଡ଼ି ଅସଂଖ୍ୟ ପ୍ରକୋଷ୍ଠ, ପ୍ରକୋଷ୍ଠଗୁଡ଼ିକରେ ଶୁଭ୍ର ଶଯ୍ୟା ପ୍ରସ୍ତୁତ । ଅତିଥିବୃନ୍ଦ ପରମ ସନ୍ତୋଷରେ ସୁକୋମଳ ଶଯ୍ୟାରେ ଲମ୍ବମାନ ହୋଇଗଲେ ।

ଅର୍ଜ୍ଜୁନ ବର୍ମା ଗୋଟିଏ ପ୍ରକୋଷ୍ଠରେ ମୁଣ୍ଡ ତଳେ ତକିଆ ଦେଇ ଶୋଇଥିଲା । ତକିଆରୁ ସ୍ନିଗ୍ଧ-ଶୀତଳ ବେଣାଚେରର ମହକ ନାକକୁ ଆସୁଥିଲା । ତୃପ୍ତିଦାୟକ ଖାଦ୍ୟ ପାନୀୟରେ ପେଟ ଭର୍ତ୍ତି, ନୂତନ କୌଣସି ଚିନ୍ତା ମୁଣ୍ଡରେ ନାହିଁ, ଅର୍ଜ୍ଜୁନ ବର୍ମା ଚକ୍ଷୁ ମୁଦ୍ରିତ କରି ରହିଲା । କ୍ରମେ କ୍ରମେ ସେ ନିଦ୍ରାଭିଭୂତ ହୋଇଗଲା ।

ସହସା ନିଦ୍ରା ମଧ୍ୟରେ ନିଜର ନାମ ଶୁଣି ଅର୍ଜ୍ଜୁନର ନିଦ୍ରା ନିଶା ଭାଙ୍ଗିଗଲା । ସେ ଚକ୍ଷୁ ଖୋଲି ଦେଖିଲା, ପ୍ରକୋଷ୍ଠର ଦ୍ୱାରଦେଶରେ ଭଲ୍ଲଧାରୀ ଜଣେ ପ୍ରହରୀ ଛିଡ଼ା ହୋଇଛି । ଅର୍ଜ୍ଜୁନ ବର୍ମା ଶୀଘ୍ର ଉଠିବସିଲା ।

ରକ୍ଷୀ ହାସ୍ୟ ପ୍ରକାଶ କରି ପ୍ରଶ୍ନ କଲା ମହାଶୟଙ୍କ ନାମ ଅର୍ଜ୍ଜୁନବର୍ମା କି ?

ଅର୍ଜ୍ଜୁନ କହିଲା —"ହଁ, କି ଦରକାର ?"

ରକ୍ଷୀ କହିଲା—"ଶ୍ରୀମାନ୍ ମହାରାଜ ଆପଣଙ୍କୁ ସ୍ମରଣ କରୁଛନ୍ତି । ଆସିବାକୁ ଆଜ୍ଞା ହେଉ ।"

ଅର୍ଜ୍ଜୁନ ବିସ୍ମିତ ହେଲା, ମହାରାଜ ତାପରି ନଗଣ୍ୟ ବ୍ୟକ୍ତିକୁ କାହିଁକି ସ୍ମରଣ କଲେ ଭାବି ପାରିଲା ନାହିଁ । ସେ ଛିଡ଼ା ହୋଇପଡ଼ି କହିଲା—"ଚାଲ ।"

ଅତିଥିଶାଳାରୁ ଓହ୍ଲାଇ ଅର୍ଜ୍ଜୁନ ରକ୍ଷୀ ସଙ୍ଗରେ ରାଜସଭା ଆଡ଼କୁ ଚାଲିଲା । ଆକାଶରେ ବର୍ତ୍ତମାନ ସୂର୍ଯ୍ୟ ପଶ୍ଚିମକୁ ଢଳିଛି, କିନ୍ତୁ ଏ ପର୍ଯ୍ୟନ୍ତ ବାୟୁମଣ୍ଡଳ ଉତ୍ତପ୍ତ,

ପୌରଜନ ଗୃହସ୍ଥା ତ୍ୟାଗକରି ବାହାରି ନାହାନ୍ତି । ଜନଶୂନ୍ୟ ପୁରଭୂମି ଦେଇ ଯାଉ ଯାଉ ରକ୍ଷୀ ପ୍ରଶ୍ନ କଲା—"ରାଜାଙ୍କୁ କିପରି ରୀତିରେ ଅଭିବାଦନ କରିବାକୁ ହୁଏ ଆପଣ ଜାଣିଛନ୍ତି ତ ?"

ଅର୍ଜୁନ ଅଟକି ଗଲା । ସେ କେବେ ରାଜଦରବାରକୁ ଯାଇ ନାହିଁ, ମୃଦୁ ହସିଲ କହିଲା—"ନା, ଜାଣେ ନାହିଁ ।"

ରକ୍ଷୀ କହିଲା "ଚିନ୍ତା ନାହିଁ, ମୁଁ ଶିଖେଇ ଦେଉଛି ।"

ସେ ଭୂଇଁରେ ଉଭା ରକ୍ଷୀ ରାଜ-ବନ୍ଦନାର ପ୍ରକ୍ରିୟା ଦେଖାଇଲା । ଦୁଇ ହାତ ଯୋଡ଼ି ମଥା ଉପରକୁ ଟେକିଲା, ଅଣ୍ଟାର ଉର୍ଦ୍ଧ୍ୱ ଅଂଶ ସମ୍ମୁଖକୁ ଝୁଙ୍କାଇଲା, ତାପରେ ଛିଡ଼ାହୋଇ ହାତ ତଳକୁ କଲା । କହିଲା—"ରାଜାଙ୍କୁ ଏମିତି ଅଭିବାଦନ କରିବାକୁ ହୁଏ । ପାରିବେ ?

ଅର୍ଜୁନ ଅନୁରୂପ ପ୍ରକ୍ରିୟା କରି ଦେଖାଇଲା । ନୂତନତ୍ୱ ଥିଲେ ହେଁ ଏପରି କିଛି କଷ୍ଟକର ନୁହେଁ । ରକ୍ଷୀ ଖୁସି ହୋଇ କହିଲା "ହଁ ଏଥିରେ ଚଳିବ ।"

ସଭାମଣ୍ଡପରେ ଦ୍ୱିତଳକୁ ଉଠିବାର ସୋପାନ-ମୂଳରେ ଶସ୍ତ୍ର-ଧାରିଣୀ ଦୁଇଜଣ ତରୁଣୀ ପ୍ରହରିଣୀ ଦଣ୍ଡାୟମାନ । ପୁରୁଷ ପ୍ରହରୀମାନଙ୍କ ଅଧିକାର ଶେଷହୋଇ ଏଇଠାରୁ ନାରୀ ପ୍ରହରୀଙ୍କ ଇଲାକା ଆରମ୍ଭ ହୋଇଛି । ପ୍ରହରିଣୀ ଦ୍ୱୟ ଅର୍ଜୁନ ବର୍ମାକୁ ଭଲ ଭାବରେ ନିରୀକ୍ଷଣ କରି ରକ୍ଷୀକୁ ପ୍ରଶ୍ନ କଲେ, ତାପରେ ରାସ୍ତା ଛାଡ଼ିଦେଲେ । ରକ୍ଷୀ ତଳେ ରହିଲା, ଅର୍ଜୁନବର୍ମା ସଂକୀର୍ଣ୍ଣ ସୋପାନ ଦେଇ ଉପରକୁ ଉଠିବାକୁ ଲାଗିଲା । ସୋପାନର ମଝିରେ ମୋଡ଼, ମୋଡ଼ କୋଣରେ ଅନ୍ୟଜଣେ ପ୍ରହରିଣୀ । ତାଙ୍କୁ ଅତିକ୍ରମ କରି ଅର୍ଜୁନବର୍ମା ଦ୍ୱିତଳକୁ ଉଠିଲା । ଏଠାରେ ଆଉ ଦୁଇଜଣ ପ୍ରହରିଣୀ । ସେମାନେ ଜାଣିଥିଲେ ଅର୍ଜୁନବର୍ମା ନାମକ ଜଣେ ବ୍ୟକ୍ତିକୁ ରାଜା ଡକେଇଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଅର୍ଜୁନକୁ ରାଜାଙ୍କ ସମୀପରେ ହାଜର କରାଇଲା ।

ରାଜକକ୍ଷଟି ଆକାରରେ ଖୁବ୍ ବୃହତ୍, ଉଚ୍ଚ ଛାତଟି ଗୋଲାକୃତ, ଇସଲାମୀୟ ସ୍ଥାପତ୍ୟର ପ୍ରଭାବରେ ଭବନର ଛାତ ଗମ୍ବୁଜାକୃତ । କାନ୍ଥଗୁଡ଼ିକ ରେଶମ କନା ଦ୍ୱାରା ଆବୃତ, ତା'ଫଳରେ କକ୍ଷଟି ଦ୍ୱିପ୍ରହରରେ ମଧ୍ୟ ସାମାନ୍ୟ ଛାୟାଚ୍ଛନ୍ନ ଓ ଶୀତଳ ହୋଇଅଛି । କକ୍ଷର ମଧ୍ୟସ୍ଥଳରେ ମଣିମୁକ୍ତା ଖଚିତ ଶଙ୍ଖ-ମର୍ମର ପଲଙ୍କରେ ମହାରାଜ ଦେବରାୟ ଅର୍ଦ୍ଧଶାୟିତ ରହିଛନ୍ତି । ତାଙ୍କ ମୁଣ୍ଡ ଆଡ଼କୁ ମସୃଣ ଶିଳାସନରେ ଉପବିଷ୍ଟ ହୋଇ ମନ୍ତ୍ରୀ ଲକ୍ଷ୍ମଣ ମଲ୍ଲପ କୌଣସି ଦୁରୂହ ଚିନ୍ତାରେ ନିମଗ୍ନ ଅଛନ୍ତି ।

ପାଦ ଆଣ୍ଠେଇ ଭୂମି ଉପରେ ବସି ପିଙ୍ଗଳା ପାନ ସଜାଡ଼ୁଛି ଏବଂ ମୃଦୁ କଣ୍ଠରେ ରାଜାଙ୍କୁ ନବାଗତା କଳିଙ୍ଗକୁମାରୀ ମାନଙ୍କ କଥା ଶୁଣାଉଛି । ···ରାଜକୁମାରୀମାନେ ସ୍ନାନାହାର ସମାପନ କରି ବିଶ୍ରାମ କରୁଛନ୍ତି···କନ୍ୟା ଦୁଇଟି ଯେପରି ସୁନ୍ଦରୀ ସେପରି ଗୁଣସମ୍ପନ୍ନା···ପ୍ରଥମଟି ସାମାନ୍ୟ ଗମ୍ଭୀର ପ୍ରକୃତିର, ଦ୍ୱିତୀୟଟି ସରଳା ହାସ୍ୟମୟୀ···

ପିଙ୍ଗଳା ସୁନାର ପାନପାତ୍ର ଦୁଇ ହାତରେ ରାଜାଙ୍କ ସମ୍ମୁଖରେ ଧରିଲା । ରାଜା ଗୋଟିଏ ପାନ ନେଇ ପାଟିରେ ଦେଲେ, କହିଲେ—"ତୁମେ ପାନ ନିଅ, ଆର୍ଯ୍ୟ ଲକ୍ଷ୍ମଣଙ୍କୁ ବି ଦିଅ ।"

ରାଜାଙ୍କ ସମ୍ମୁଖରେ ତାମ୍ବୂଳ ଚର୍ବଣ ପୁରୁଷମାନଙ୍କ ପକ୍ଷେ ନିଷିଦ୍ଧ ଥିଲା, ତଥାପି ରାଜାଙ୍କ ଅନୁମତିରେ ଏହା ଚଳୁଥିଲା । ସ୍ତ୍ରୀମାନଙ୍କ ପକ୍ଷରେ କୌଣସି ବାରଣ ନ ଥିଲା, ଏପରିକି ନର୍ତ୍ତକୀମାନେ ମଧ୍ୟ ରାଜାଙ୍କ ସମ୍ମୁଖରେ ପାନ ଖାଆନ୍ତି ।

ଲକ୍ଷ୍ମଣ ମଲ୍ଲପ ପାନବଟା ନେଇ ନିଜ ସମ୍ମୁଖରେ ରଖିଲେ, ତାପରେ ଗୁଆକାତି ଆଣି ନିପୁଣ ହସ୍ତରେ ଗୁଆ କାଟିବାକୁ ଲାଗିଲେ । ପିଙ୍ଗଳା ବଟାରୁ ଗୋଟେ ପାନ ନେଇ ପାଟିରେ ପୂରାଇଲା ।

ଏହି ସମୟରେ ଅର୍ଜ୍ଜୁନ ବର୍ମା ଆସି ଦ୍ୱାର ନିକଟରେ ଛିଡ଼ାହେଲା ଏବଂ ଶିକ୍ଷାନୁଯାୟୀ ମୁଣ୍ଡ ବାହୁ ତୋଳି ରାଜାଙ୍କୁ ଅଭିବାଦନ ଜଣାଇଲା । ରାଜା ତାକୁ କକ୍ଷ ମଧ୍ୟକୁ ଆହ୍ୱାନ କଲେ, ସେ ଆସି ପଲଙ୍କ ନିକଟରେ ଭୂମି ଉପରେ ଚକାମାଡ଼ି ବସିଲା । ତାର ମେରୁଦଣ୍ଡ ସିଧା ହୋଇ ରହିଲା, ଦେହ ଭଙ୍ଗୀରେ ଦୀନତା ନାହିଁ, କି ଔଦ୍ଧତ୍ୟ ବି ନାହିଁ।

ରାଜା ପିଙ୍ଗଳାକୁ ଇଙ୍ଗିତ ଦେଲେ, ସେ ପାଖରେ ପର୍ଦ୍ଦାଦିଆ ଗୋଟିଏ ଦ୍ୱାର ବାଟେ ବାହାରକୁ ଚାଲିଗଲା । କକ୍ଷରେ ରହିଲେ ରାଜା, ଲକ୍ଷ୍ମଣ ମଲ୍ଲପ ଏବଂ ଅର୍ଜ୍ଜୁନ ବର୍ମା ।

ଲକ୍ଷ୍ମଣ ମଲ୍ଲପ ଗୁଆକାତିରେ କଚ୍‌କଚ୍ ଶବ୍ଦ କରି ଗୁଆ କାଟୁଥାଆନ୍ତି, ସତେ ଯେପରି ଅନ୍ୟ କୌଣସିଥିରେ ତାଙ୍କର ମନ ନାହିଁ । ରାଜା ନିବଦ୍ଧ ଚକ୍ଷୁରେ ଅର୍ଜ୍ଜୁନକୁ ଦେଖିଲେ, ତା'ପରେ ଶାନ୍ତ କଣ୍ଠରେ କହିଲେ—"ତୁମ ନାମ ଅର୍ଜ୍ଜୁନ ବର୍ମା ?"

ଅର୍ଜ୍ଜୁନ ଇତିପୂର୍ବରୁ ମହାରାଜ ଦେବରାୟଙ୍କୁ ଦୂରରୁ ଥରେ ଦେଖିଥିଲା, ବର୍ତ୍ତମାନ ମୁହାଁମୁହିଁ ବସି ସେ ତାଙ୍କ ପରିପୂର୍ଣ୍ଣ ପରିପ୍ରକାଶ ଉପଲବ୍ଧି

କଲା । ରାଜା ଦେଖିବାକୁ ଶାନ୍ତଶିଷ୍ଟ, କିନ୍ତୁ ତାଙ୍କର ଗୋଟିଏ ବଜ୍ରକଠିନ ବ୍ୟକ୍ତିତ୍ୱ ଅଛି, ତାହାର ସମ୍ମୁଖୀନ ହେଲେ ଅଭିଭୂତ ହେବାକୁ ପଡ଼େ । ଅର୍ଜୁନ ଯୋଡ଼ ହସ୍ତରେ କହିଲା—"ଆଜ୍ଞା ମହାରାଜ ।"

ରାଜା କହିଲେ—"ତୁମେ କ୍ଷତ୍ରିୟ । ରାଜକନ୍ୟାମାନଙ୍କ ନୌକାରେ ଯୋଦ୍ଧା ରୂପେ ଆସିଥିଲ ?"

ଅର୍ଜୁନ କହିଲା—"ମୁଁ ରାଜକନ୍ୟାମାନଙ୍କ ସଙ୍ଗରେ କଳିଙ୍ଗରୁ ଆସି ନାହିଁ ମହାରାଜ ।"

ରାଜା ସାମାନ୍ୟ ବିସ୍ମୟ ପ୍ରକାଶ କରି କହିଲେ—"ତାହା କିପରି ସମ୍ଭବ ?"

ଅର୍ଜୁନ ସେତେବେଳେ କୁଳବର୍ମା ପରିତ୍ୟାଗ କାହାଣୀ କହିଲା । ରାଜା ଶୁଣିଲେ, ଲକ୍ଷ୍ମଣ ମଲ୍ଲପ ମୁଖାକାଂକ୍ଷା ବନ୍ଦ କରି ଅର୍ଜୁନ ପ୍ରତି ଏକାଗ୍ର ଦୃଷ୍ଟି ନିକ୍ଷେପ କଲେ । ବିବୃତି ଶେଷ ହେବା ପରେ ରାଜା କହିଲେ—"ଚମତ୍କାର କାହାଣୀ ! ତୁମ ପିତାଙ୍କ ନାମ କ'ଣ ?"

ଅର୍ଜୁନ କହିଲା—"ମୋ ପିତାଙ୍କ ନାମ ରାମ ବର୍ମା ।"

ରାଜା ଥରେ ଅଳସଭାବେ ମନ୍ତ୍ରୀଙ୍କ ଆଡ଼େ ଦୃଷ୍ଟି ଫେରାଇଲେ, ଲକ୍ଷ୍ମଣ ମଲ୍ଲପଙ୍କ ମୁଖାକୃତି ଆହୁରି ଥରେ ସଚଳ ହେଲା ।

ରାଜା କହିଲେ—"ଉତ୍ତମ । —ସମ୍ବାଦ ପାଇଛୁ କାଲିର ଝଡ଼ରେ ତୁମେ ରାଜକନ୍ୟାଙ୍କୁ ଉଦ୍ଧାର କରିଥିଲ । ତୁମେ ଦକ୍ଷ ସନ୍ତରଣକାରୀ, କି ଭାବରେ ରାଜକୁମାରୀଙ୍କୁ ଉଦ୍ଧାର କଲ ଆମକୁ ଶୁଣାଅ ।"

ରାଜାଙ୍କ ଏହି ପ୍ରଶ୍ନ ମଧ୍ୟରେ ଅର୍ଜୁନ କୌଣସି କପଟ ଉଦ୍ଦେଶ୍ୟ ଥିବାର ମନେକଲା ନାହିଁ, ସେ ସରଳଭାବେ ରାଜକନ୍ୟା ଉଦ୍ଧାର ବୃତ୍ତାନ୍ତ କହିଲା । ତା ମନରେ ପାପ ନ ଥିଲା, ତେଣୁ କୌଣସି କଥା ଗୋପନ ରଖିଲା ନାହିଁ, ନିଜ କୃତିତ୍ୱ ଯଥାସମ୍ଭବ ଲଘୁ କରି କହିଲା । ରାଜା ଓ ମନ୍ତ୍ରୀ ତା' ଉପରେ ନିଶ୍ଚଳ ଦୃଷ୍ଟି ରଖି ଶୁଣୁଥିଲେ ।

ବୃତ୍ତାନ୍ତ ଶେଷ ହେଲାରୁ ରାଜା କିଛିକ୍ଷଣ ସହାସ୍ୟ ବଦନରେ ନିଜ କର୍ଣ୍ଣର ମଣିକୁଣ୍ଡଳ ଧରି ହଲାହଲ କଲେ, ତା'ପରେ କହିଲେ—"ତୁମ କାହାଣୀ ଶୁଣି ଖୁସି ହୋଇଛୁ । ତୁମର ସତ୍‌ସାହସ ଅଛି, ବିପଦର ସମ୍ମୁଖୀନ ହୋଇ ତୁମର ବୁଦ୍ଧି ବିକ୍ଷିପ୍ତ

ହୋଇନାହିଁ । ତୁମେ ବିଜୟନଗରରେ ବସବାସ କରିବାକୁ ଚାହୁଁ, ଭଲକଥା । କି କାମ କରିବାକୁ ଚାହୁଁ ?”

ଅର୍ଜ୍ଜୁନ ଯୋଡ଼ହସ୍ତରେ କହିଲା—“ମହାରାଜ, ମୁଁ କ୍ଷତ୍ରିୟ, ମୋତେ ଆପଣଙ୍କ ବିପୁଳ ବାହିନୀରେ ଅନ୍ତର୍ଭୁକ୍ତ କରି ନିଅନ୍ତୁ ।”

ରାଜା କହିଲେ—“ସୈନ୍ୟବାହିନୀରେ ଯୋଗ ଦେବାକୁ ଚାହଁ ? ଭଲ ଭଲ —କିନ୍ତୁ ବର୍ତ୍ତମାନ ତୁମେ କଳିଙ୍ଗ—ସମାଗତ ଅତିଥିମାନଙ୍କ ମଧ୍ୟରୁ ଅନ୍ୟତମ । ଆପାତତଃ ବିଜୟନଗରର ରାଜ—ଆତିଥ୍ୟ ଗ୍ରହଣ କରି ଅାହାର-ବିହାର କର । ତାପରେ ତୁମ ବ୍ୟବସ୍ଥା କରାଯିବ । ଏଇ ସ୍ୱର୍ଣ୍ଣମୁଦ୍ରା ନିଅ । ତୁମେ ରାଜକୁମାରୀଙ୍କ ପ୍ରାଣରକ୍ଷା କରିଛ । ତୁମ ପ୍ରତି ମୁଁ ପ୍ରସନ୍ନ ହୋଇଛି ।”

ରାଜାଙ୍କ ପଲଙ୍କ ଉପରେ ତକିଆ ପାର୍ଶ୍ୱରେ ମୁଠାଏ ସ୍ୱର୍ଣ୍ଣମୁଦ୍ରା ରଖାଯାଇଥିଲା, ଶ୍ରେଷ୍ଠ ବଡ଼ ଅନେକଗୁଡ଼ିଏ ସ୍ୱର୍ଣ୍ଣମୁଦ୍ରା । ରାଜା ଗୋଟିଏ ବଡ଼ ମୁଦ୍ରା ଆଣି ଅର୍ଜ୍ଜୁନକୁ ଦେଲେ, ଅର୍ଜ୍ଜୁନ ଦୁଇ ହସ୍ତରେ ଗ୍ରହଣ କଲା ।

ରାଜା କହିଲେ—“ଆର୍ଯ୍ୟ ଲକ୍ଷ୍ମଣ, ଅର୍ଜ୍ଜୁନ ବର୍ମାକୁ ପାନ ଦିଅନ୍ତୁ ।”

ଲକ୍ଷ୍ମଣ ମଲ୍ଲପ ବଟାରୁ ଅର୍ଜ୍ଜୁନକୁ ପାନ ଦେଲେ । ଅର୍ଜ୍ଜୁନକୁ ଜଣାନାହିଁ ଯେ ପାନ ଦେବା ଅର୍ଥ ବିଦାୟ ଦେବା ସେ ପାଟିରେ ପାନ ପୂରି ଇତସ୍ତତଃ ହେବାକୁ ଲାଗିଲା, ସ୍ୱତଃପ୍ରବୃତ୍ତ ହୋଇ ରାଜାଙ୍କ ପାଖରୁ ଚାଲିଯିବା ଉଚିତ ହେବ କି ନା ଭାବିବାକୁ ଲାଗିଲା । ଲକ୍ଷ୍ମଣ ମଲ୍ଲପ ତାହା ବୁଝିପାରି ହାତରେ ତାଳି ବଜାଇଲେ । ପ୍ରହରିଣୀ ଦ୍ୱାର ସମ୍ମୁଖରେ ଆସି ଛିଡ଼ାହେଲା ।

ମନ୍ତ୍ରୀ କହିଲେ—ଅର୍ଜ୍ଜୁନ ବର୍ମାକୁ ରାସ୍ତା ଦେଖାଇ ଦିଅ ।”

ଅର୍ଜ୍ଜୁନ ସଙ୍ଗେ ସଙ୍ଗେ ଉଠି ଠିଆହେଲା । ପୂର୍ବପରି ଊର୍ଦ୍ଧ୍ୱବାହୁ ହୋଇ ପ୍ରଣାମ କରି ପ୍ରହରିଣୀ ସାଙ୍ଗରେ ଚାଲିଗଲା ।

ରାଜା ଓ ମନ୍ତ୍ରୀ କିଛି ସମୟ ଆତ୍ମସ୍ଥ ହୋଇ ବସି ରହିଲେ, କେବଳ ମନ୍ତ୍ରୀଙ୍କ ହାତର ଯନ୍ତ୍ରଟି କୁଟ୍‌କୁଟ୍ ଶବ୍ଦ କରି ଚାଲିଲା ।

ଅବଶେଷରେ ରାଜା ଲକ୍ଷ୍ମଣ ମଲ୍ଲପଙ୍କ ଆଡ଼କୁ ସପ୍ରଶ୍ନ ଦୃଷ୍ଟିପାତ କଲେ । ଲକ୍ଷ୍ମଣ ମଲ୍ଲପ ମଥା ହଲାଇ କହିଲେ—“କୁମାର କମ୍ପନ ଠିକକୁ ଭଲ କରିଛନ୍ତି । ଅର୍ଜ୍ଜୁନ ବର୍ମାର ମନ ନିଷ୍ପାପ, ସୁତରାଂ ରାଜକନ୍ୟା ମଧ୍ୟ ନିଷ୍ପାପ ।”

ରାଜା କହିଲେ—"ଆପଣ ଠିକ୍ କହୁଛନ୍ତି, ମୋର ମଧ୍ୟ ସେୟା ମନେହୁଏ। କମ୍ପନ ପିଲାଲୋକ, ଦଉଡ଼ିକୁ ସାପ ବୋଲି ଭାବିଛି। କିନ୍ତୁ ତଥାପି ବିବାହୋନ୍ମୁଖୀ କନ୍ୟାକୁ ପରପୁରୁଷ ସ୍ପର୍ଶ କରିଛି, ଏ ବିଷୟରେ ଶାସ୍ତ୍ରର ବିଧାନ ଯଦି କିଛି ଥାଏ—"

ମନ୍ତ୍ରୀ କହିଲେ—"ଉତ୍ତମ କଥା। ଗୁରୁଦେବଙ୍କ ଉପଦେଶ ନିଆଯାଉ।"

ଅତଏବ ରାଜଗୁରୁ ଆର୍ଯ୍ୟ କୂର୍ମଦେବଙ୍କୁ ରାଜାଙ୍କ ପ୍ରଣାମ ପଠାଗଲା। କୂର୍ମଦେବ ହସ୍ତରେ ଗୋଟିଏ କୁଶାସନ ନେଇ ଉପସ୍ଥିତ ହେଲେ। ଶୀର୍ଣ୍ଣକାୟ ପଳିତଶୀର୍ଷ ବ୍ରାହ୍ମଣ, ରାଜା ତାଙ୍କୁ ଦଣ୍ଡବତ ହେଲେ। କୂର୍ମଦେବ ସ୍ୱସ୍ତିବାଚକ ଉଚ୍ଚାରଣ କରି ଶିଳାସନ ଉପରେ କୁଶାସନ ପକାଇ ଉପବିଷ୍ଟ ହେଲେ। ରାଜା ମଧ୍ୟ ଭୂମି ଉପରେ ବସିଲେ।

ସମସ୍ୟା କଥା ଶୁଣି କୂର୍ମଦେବ କିଛି ସମୟ ଆଖି ବନ୍ଦ କରି ମୌନଭାବେ ରହିଲେ। ଶାସ୍ତ୍ରଜ୍ଞ ପ୍ରବୀଣ ବ୍ୟକ୍ତି ହେଲେ ହେଁ ସେ ଶାସ୍ତ୍ରକୁ ଶସ୍ତ୍ର ପରି ବ୍ୟବହାର କରନ୍ତି ନାହିଁ, ଲଘୁ ପାପର ଗୁରୁଦଣ୍ଡ ବ୍ୟବସ୍ଥା କରନ୍ତି ନାହିଁ। ସେ ଚକ୍ଷୁ ଖୋଲି କହିଲେ—"ଦୋଷ ହୋଇଛି, କିନ୍ତୁ ଗୁରୁତର ନୁହେଁ। ବିବାହୋନ୍ମୁଖୀ କନ୍ୟାକୁ ସାଧୁ ଉଦ୍ଦେଶ୍ୟରେ ପରପୁରୁଷ ସ୍ପର୍ଶ କଲେ ସେମିତି କିଛି ଦୋଷ ହୁଏ ନାହିଁ। ତେବେ ପ୍ରାୟଶ୍ଚିତ କରିବାକୁ ହେବ। ବିବାହ ତିନି ଋତୁକାଳ ବନ୍ଦ ରହିବ। ଏହି ତିନିମାସ କନ୍ୟା ପ୍ରତ୍ୟହ ପ୍ରଭାତରେ ଅବଗାହନ ସ୍ନାନ କରି ପର୍ଣ୍ଣାପତି ମନ୍ଦିରରେ ସ୍ୱହସ୍ତରେ ପୂଜା ଦେବେ। ତାହାହେଲେ ତାଙ୍କର ପାପ-ମୁକ୍ତି ହେବ। ସେତେବେଳେ ବିବାହ ହୋଇପାରିବ। ଶ୍ରାବଣ ମାସରେ ମୁଁ ବିବାହର ତିଥି ନକ୍ଷତ୍ର ଦେଖି ରଖିବି।

ଗୁରୁଙ୍କ ବ୍ୟବସ୍ଥା ରାଜାଙ୍କ ମନଃପୂତ ହେଲା। ବିବାହ ତିନି ମାସ ପରେ ହେଲେ କ୍ଷତି ବା କ'ଣ ? ବରଂ ଏହି ଅବସରରେ ସ୍ୱାମୀ ବଧୂ ସହ ମାନସିକ ପରିଚୟର ସୁଯୋଗ ମିଳିବ। ଇତି ମଧ୍ୟରେ କନ୍ୟାପିତା ଗଜପତି ଭାନୁଦେବଙ୍କୁ ସମ୍ବାଦଟା ଜଣାଇଦେଲେ ଚଳିବ।

ରାଜା କହିଲେ—"ଯଥା ଆଜ୍ଞା ଗୁରୁଦେବ।"

ଦୁଇ ଦଣ୍ଡ ପରେ ଗୁରୁଦେବ ବିଦାୟ ନେଲେ। ସେତେବେଳେ ରାଜା ଓ ମନ୍ତ୍ରୀ ନିଭୃତରେ ମନ୍ତ୍ରଣା କରି ବସିଲେ।

— ଚାରି —

ଅର୍ଜୁନ ବର୍ମା ହସ୍ତୀ ଗୃହରୁ ବାହାରି ଅତିଥି-ଭବନକୁ ଫେରି ଆସିଲା । ରାଜାଙ୍କ ପ୍ରସନ୍ନତା ଲାଭ କରି ତା ହୃଦୟ ଆନନ୍ଦରେ ପୂର୍ଣ୍ଣ; ସେ ନିଜ ପ୍ରକୋଷ୍ଠକୁ ଫେରିଆସି ଆଳସ୍ୟରେ ଶଯ୍ୟାରେ ଶୟନ କଲା । ରାଜଦତ୍ତ ପାନଟି ପାଟିରେ ମିଳାଇ ଯାଇଛି, କେବଳ ଏକ ଅପୂର୍ବ ସ୍ୱାଦ ମୁହଁରେ ରହିଯାଇଛି । ମନ ନିରୁଦ୍‌ବେଗ, ରାଜା ତାକୁ ସୈନ୍ୟଦଳରେ ଗ୍ରହଣ କରିବେ, ବିଦେଶରେ ତାର ଗ୍ରାସାଚ୍ଛାଦନର ଚିନ୍ତା ରହିବ ନାହିଁ । ଶୋଇ ଶୋଇ ଅର୍ଜୁନର ଦେହମନ ମଧୁର ଜଡ଼ିମାରେ ଅଚ୍ଛନ୍ନ ହୋଇପଡ଼ିଲା ।

ଦୁଇଦଣ୍ଡ ପରେ ତନ୍ଦ୍ରା-ଜଡ଼ିମା କଟିଯିବାରୁ ସେ ବିଛଣାରେ ଉଠିବସି ଅ[illegible] ଭାଙ୍ଗିଲା । ଦେଖିଲା, ପରିଚାରକ କେତେବେଳେ ତା ଶଯ୍ୟା ପାଖରେ ଖଣ୍ଡିଏ ନୂତନ ବସ୍ତ୍ର ଓ ଉତ୍ତରୀୟ ରଖିଯାଇଛି । ଏପଟେ ଦିନର ଉତ୍ତାପ ଅନେକଟା କମିଯାଇଛି, ଅପରାହ୍ନ ସମାଗତ । ଅର୍ଜୁନ ନବବସ୍ତ୍ର ପରିଧାନ କରି ରାଜ-ଉପହାର ସ୍ୱର୍ଣ୍ଣ ମୁଦ୍ରାଟି ଉତ୍ତରୀୟ ପ୍ରାନ୍ତରେ ବାନ୍ଧିଲା, କାନ୍ଧରେ ଉତ୍ତରୀୟ ପକାଇ ନଗର ପରିଭ୍ରମଣରେ ବାହାରିଲା ।

ରାଜ-ପୁରଭୂମିର ଉତ୍ତରରେ ରାଜକୀୟ ହସ୍ତିଶାଳା ପାଖ ଦେଇ ଗୁଆ-ପାନ ରାସ୍ତା ଆରମ୍ଭ ହୋଇ ସିଧା ପୂର୍ବ ଦିଗକୁ ଯାଇଛି । ଏହି ରାସ୍ତା ପ୍ରସ୍ଥରେ ଚାଳିଶ ହାତ, ଦୈର୍ଘ୍ୟ ଚାରି ହାତ । ଏହାହିଁ ବିଜୟନଗରର ସର୍ବଶ୍ରେଷ୍ଠ ରାଜପଥ । ଗୁଆ-ପାନ ରାସ୍ତା ନାମ ହେଲେ ହେଁ ଗୁଆ-ପାନ ଦୋକାନର ସଂଖ୍ୟା କମ୍ । ଏହି ରାସ୍ତାର ଦୁଇ-ପାର୍ଶ୍ୱରେ ଅଛି ସୁନା-ରୂପା, ହୀରା-ଜହରତର ଦୋକାନ, ମୁଖ୍ୟ ରାଜପୁରୁଷମାନଙ୍କ ଅଟ୍ଟାଳିକା, ନଗର-ବିଳାସିନୀମାନଙ୍କ ରଙ୍ଗ ମହଲ । ଫାଙ୍କେ ଫାଙ୍କେ ମଧ୍ୟରେ ଅଛି ମିଠା ଦୋକାନ, ଫୁଲ ଦୋକାନ ଓ ସରବତ ଦୋକାନ ।

ସନ୍ଧ୍ୟା ସମୟରେ ଗୁଆ-ପାନ ରାସ୍ତାରେ ସମ୍ଭ୍ରାନ୍ତ ଶ୍ରେଣୀର ନରନାରୀଙ୍କ ଗମ ଗମ ହେଉଛି । ଯାନବାହନ ବେଶି ନାହିଁ, ପଦଚାରୀଙ୍କ ସଂଖ୍ୟା ଅଧିକ । ସମସ୍ତଙ୍କ ପରିଧାନରେ ବିଚିତ୍ର ସୁନ୍ଦର ବସ୍ତ୍ର ଓ ଅଳଙ୍କାର । ସେମାନଙ୍କ ଗତିରେ ଚଞ୍ଚଳତା ନାହିଁ, ସମସ୍ତେ ମନ୍ଥର ପାଦରେ ଚାଲିଛନ୍ତି । କେହି ପାନଦୋକାନରୁ ପାନ କିଣି ଖାଉଛି, କେହି ପାନଶାଳାରେ ଶୀତଳ ପାନୀୟ ସେବନ କରୁଛି, ସ୍ତ୍ରୀମାନେ ଫୁଲ କିଣି ଗଳାରେ କବରୀରେ ଲଗାଉଛନ୍ତି । ବିଳାସିନୀମାନଙ୍କ ଗୃହ ସମ୍ମୁଖରେ ଯୁବକଙ୍କ ଯାତାୟାତ ଟିକେ ବେଶି । ବିଳାସିନୀମାନେ ଗୃହ ସମ୍ମୁଖରେ ଉଚ୍ଚ ଚବୁତରାରେ କାଷ୍ଠାସନ ଉପରେ ବସିଛନ୍ତି, ସେମାନଙ୍କ ଦେହର ଉଚ୍ଛଳିତ ଯୌବନ

ସୂକ୍ଷ୍ମ ଝୀନବସ୍ତ୍ରରେ ଈଷତ୍ ଅବୃତ । କାହା କବରୀରେ ବାସୀ ଚମ୍ପା ଫୁଲର ମାଳା ଝୁଲେଇ ଦେଉଛି, କେହି ତାମ୍ବୁଳ ରାଗରେ ଅଧର ଲାଲ କରି ପରିଚାରିକାମାନଙ୍କ ସହିତ ରଙ୍ଗ-ରସିକତା କରୁଛି । ବିଜୁଳି ଝଲକ ଭଳି ସେମାନଙ୍କ ହାସ୍ୟ କଟାକ୍ଷ ମୁଗ୍ଧ ପଥଚାରୀମାନଙ୍କ ଚକ୍ଷୁକୁ ବାନ୍ଧି ରଖୁଛି ।

ଅର୍ଜୁନ ନର୍ମୀ ଅଳସ ପଦରେ ବୁଲୁଥିଲା । ବୁଲୁ ବୁଲୁ କେତେଗୁଡ଼ିଏ ବିଷୟ ତା' ଦୃଷ୍ଟିରେ ପଡ଼ିଲା । ବିଜୟନଗରର ଅଧିବାସୀମାନଙ୍କ ମଧ୍ୟରେ ଗାଢ଼ କୃଷ୍ଣବର୍ଣ୍ଣ ମଣିଷ ବେଶି କେହି ନାହାନ୍ତି । ସମସ୍ତଙ୍କ ଦେହର ରଙ୍ଗ ଅରୁଣାଭ ଗୌରଠାରୁ ଆରମ୍ଭ କରି କୋମଳ ରମ୍ଭାପତ୍ରଭଳି ହରିତ୍ ପାଂଶୁଳ । ସ୍ତ୍ରୀମାନେ ସୁଗଠନା ଓ ଲାବଣ୍ୟବତୀ । ଏ ଦେଶରେ ସ୍ତ୍ରୀ-ପୁରୁଷ କେହି ପାଦୁକା ପରିଧାନ କରନ୍ତି ନାହିଁ, ଏପରିକି ରାଜା ଯେତେ ସମସ୍ତ ରାଜପୁରୀ ମଧ୍ୟରେ ଥାଆନ୍ତି ସେ ମଧ୍ୟ ପାଦୁକା ଧାରଣ କରନ୍ତି ନାହିଁ । କୁଳବର୍ଗୀୟ ମୁସଲମାନମାନେ ଚମଡ଼ା ତିଆରି ମୋଜାଆ ନାଗରା ପିନ୍ଧନ୍ତି, ଦେଖାଦେଖି ଉଚ୍ଚ ଶ୍ରେଣୀର ହିନ୍ଦୁମାନେ ନାଗରା ପିନ୍ଧନ୍ତି । ଏ ଦେଶରେ କେବଳ ଦ୍ୱାରପାଳମାନେ ସ୍ଥୂଳ ବୃଷ ଚର୍ମର ଫୌଜି ଜୋତା ପିନ୍ଧନ୍ତି । ଏଠାରେ ମଥାରେ ଟୋପି ବା ପଗଡ଼ି ପିନ୍ଧିବାର ପ୍ରଥା ନାହିଁ, କେବଳ ଦ୍ୱାରପାଳମାନେ ପିନ୍ଧନ୍ତି, ଅନ୍ୟମାନେ ନଗ୍ନଶିର । ଏଠାରେ ନାରୀମାନଙ୍କ ପର୍ଦ୍ଦା ବା ଅବଗୁଣ୍ଠନ ନାହିଁ । ସେମାନେ ସହଜ ସ୍ୱଚ୍ଛନ୍ଦରେ ବାହାରକୁ ଆସନ୍ତି । ସେମାନଙ୍କ ଚକ୍ଷୁର ଦୃଷ୍ଟି ନମ୍ର ଅଥଚ ନିଃସଙ୍କୋଚ । ସେମାନେ ପୁରୁଷମାନଙ୍କୁ ଦେଖି ଡରିଯାଆନ୍ତି ନାହିଁ । ଅର୍ଜୁନକୁ ବଡ଼ ଭଲ ଲାଗିଲା ।

ଫୁଲର ମିଶ୍ର ସୁଗନ୍ଧରେ ଆକୃଷ୍ଟ ହୋଇ ଅର୍ଜୁନ ଗୋଟିଏ ଫୁଲ ଦୋକାନରେ ଉପସ୍ଥିତ ହେଲା । ଗୋଟିଏ ଗୃହର ସମ୍ମୁଖ ଦ୍ୱାରରେ ମାଳିନୀ ପ୍ରଶସ୍ତ ବାତାୟନ ଭଳି ଏକ ସ୍ଥାନରେ ବସି ଫୁଲ ବନ୍ଦସ୍ତ କରୁଛି । ଗ୍ରୀଷ୍ମ କାଳରେ ବିଭିନ୍ନ ରକମ ଫୁଲର ଅଭାବ । ବିଜୟ ନଗର ଗୋଲାପ ଫୁଲ ପାଇଁ ବିଖ୍ୟାତ, ସେହି ଗୋଲାପ ଫୁଲର ଋତୁ ଶେଷ ହୋଇଯାଇଛି, ତଥାପି ଦୁଇ ଚାରିଟି ରକ୍ତବର୍ଣ୍ଣ ଗୋଲାପ ଦୋକାନରେ ଅଛି । ସ୍ତୂପିକୃତ ସ୍ୱର୍ଣ୍ଣବର୍ଣ୍ଣ ଚମ୍ପା ଫୁଲ ଅଛି, ଆଉ ଅଛି ଯାଇଜୁଈ, କାଞ୍ଚନ, ଅଶୋକଫୁଲ । ବାତାୟନ ତୋରଣରୁ ଧାଡ଼ିଧାଡ଼ି ମଲ୍ଲି ମାଳ ଝୁଲୁଛି । ମାଳିନୀ ବସି ମାଳା ଗୁନ୍ଥୁଛି, ଅର୍ଜୁନ ବାତାୟନ ନିକଟକୁ ଯାଇ ଛିଡ଼ାହୋଇଥିଲେ ମାଳିନୀ ମୁହଁ ଉଠାଇ ଦେଖିଲା । ଅର୍ଜୁନ କହିଲା—"ମାଳା ଦରକାର ।"

ମାଳିନୀ ଟିକିଏ ପ୍ରଗଲ୍‌ଭା, ମୁରୁକି ହସି କହିଲା "କାହା ପାଇଁ ମାଳା ଦରକାର ? ନିଜ ପାଇଁ ନା ବାନ୍ଧବୀ ପାଇଁ ।"

ଅର୍ଜୁନ ବି ହସିଲା । କହିଲା—"ମୁଁ ବିଦେଶୀ, ବାନ୍ଧବୀ କେଉଁଠୁ ପାଇବି ! ନିଜ ପାଇଁ ମାଳା ।"

ମାଳିନୀ ବେକ ସିଧା କରି ଅର୍ଜ୍ଜୁନକୁ ଚାହିଁଲା । କହିଲା - ବିଜୟନଗରରେ ବାନ୍ଧିବାର ଅଭାବ ନାହିଁ । ତୁମ ଅଣ୍ଟାରେ ଟଙ୍କା ଅଛି ତ ?"

ଉତ୍ତରୀୟର ଗଣ୍ଠିରୁ ସ୍ୱର୍ଣ୍ଣମୁଦ୍ରା ଖୋଲି ଅର୍ଜ୍ଜୁନ ଦେଖାଇଲା—"ଏଇ ଅଛି ।"

ଦେଖି ମାଳିନୀର ଚକ୍ଷୁ ଟିକେ ବିସ୍ଫାରିତ ହୋଇଗଲା, ସେ କହିଲା— "ତେବେ ତୁମର ଆଉ କ ଭାବନା, ଏହା ଦେଇ ସବୁ କିଣିପାରିବ । କ'ଣ ଲୋଡ଼ା ।"

ଅର୍ଜ୍ଜୁନ କହିଲା—"ଆପାତତଃ ଗୋଟିଏ ମାଳା ହେଲେ ଚଳିବ ।"

ମାଳିନୀ ଝୁଲୁଥିବା ମାଳାଗୁଡ଼ିକରୁ ଗୋଟିଏ ମାଳା ଆଣି ଅର୍ଜ୍ଜୁନକୁ ଦେଖାଇଲା । ଯୁଇ ଓ ଅଶୋକ ଫୁଲର ମାଳା; ମାଳିନୀ କହିଲା—"ଏଇଟା ଚଳିବ ? ଏହାର ଦାମ ତିନ ଦ୍ରମ୍ମ । ଏହାଠାରୁ ଭଲ ମାଳା ମୋ ଦୋକାନରେ ନାହିଁ ।"

ଅର୍ଜ୍ଜୁନ କହିଲା—"ହଁ ଚଳିବ ।"

ମାଳିନୀ ଲମ୍ବାମାଳାଟିର ଦୁଇ ପ୍ରାନ୍ତକୁ ଦୁଇ ହାତରେ ଧରି କହିଲା—"ଆସ ଗଳାରେ ପିନ୍ଧାଇ ଦିଏ ।

ଅର୍ଜ୍ଜୁନ ମାଳିନୀ ନିକଟରେ ବେକ ଦେଖାଇଦେଲା, ମାଳିନୀ ମାଳା ଗୋଲ କରି ତା ବେକ ପଛରେ ବାନ୍ଧିଦେଲା । ତାପରେ ପଛକୁ ହଟିଯାଇ ଅର୍ଜ୍ଜୁନକୁ ନିରୀକ୍ଷଣ କରି କହିଲା—"ବେଶ୍ ମାନୁଛି ।"

ଅପରିଚିତା ଯୁବତୀ ସହିତ ଏ ରକମର ଲଘୁ ହାସ୍ୟାଳାପ ଅର୍ଜ୍ଜୁନ ଜୀବନରେ ଏହା ପ୍ରଥମ । ସେ ହସ ହସ ମୁହଁରେ ମାଳିନୀକୁ ସ୍ୱର୍ଣ୍ଣମୁଦ୍ରା ଦେଲା । ମାଳିନୀ ତା ଆସନ ତଳୁ ମୁଠେ ରୁପା ଓ ତମ୍ବା ମୁଦ୍ରା ଆଣି ହିସାବ କରି ଅର୍ଜ୍ଜୁନକୁ ଫେରାଇ ଦେଲା, କହିଲା—"ଗଣିନିଅ" ।

ଅର୍ଜ୍ଜୁନ ମୁଣ୍ଡ ହଲାଇଲା । ଏ ଦେଶର ମୁଦ୍ରାମାନ ସମ୍ବନ୍ଧରେ ତାର କୌଣସି ଧାରଣା ନାହିଁ । ସେ ମୁଦ୍ରାମାନଙ୍କର ମୁଦ୍ରାଗୁଡ଼ିକୁ ଭିତର କାନରେ ବାନ୍ଧିଲା । ମାଳିନୀ ମଧୁର ହସି କହିଲା—"ଆଉଥରେ ଆସିବ ।"

ଅର୍ଜ୍ଜୁନ ଫେରିପଡ଼ିବା ବେଳକୁ ଗୋଟିଏ ଲୋକ ସଙ୍ଗରେ ତାର ମୁହାଁମୁହିଁ ହୋଇଗଲା । ଶୀର୍ଣ୍ଣ ଆକୃତି, ବୈଶିଷ୍ଟ୍ୟହୀନ ମୁଖ, ବୋଧହୁଏ ଫୁଲ କିଣିବାକୁ ଆସିଛି ।

ଅର୍ଜୁନ ତାଙ୍କୁ ପାର ହୋଇ ରାସ୍ତାରେ ପହଞ୍ଚିଲା ଏବଂ ପୂର୍ବମୁହାଁ ଚାଲିବାକୁ ଲାଗିଲା ।

କିଛିଦୂର ଅଗ୍ରସର ହୋଇ ଅର୍ଜୁନ ଦେଖିଲା, ରାସ୍ତା କଡ଼ରେ କିଛି ଲୋକ ଜମା ହୋଇଛନ୍ତି, ସେମାନଙ୍କ ମଝିରେ ଜଣେ କସରତବେଶୀ ମଣିଷ । କସରତର ମଥାରେ ଜରିର ଟୋପି, ବାଁ ହାତ ମଣିବନ୍ଧରେ ଗୋଟିଏ ଉଗ୍ରମୂର୍ତ୍ତି ବାଜପକ୍ଷୀ ବସିଛି, ଡାହାଣ ହାତରେ ପିଞ୍ଜରା ଭିତରେ ଗୋଟିଏ ପାରିଶିଆ ପାରା । ଲୋକଟି ସ୍ୱର ଲମ୍ବେଇ କହୁଛି—"ମୋର ବାଜପକ୍ଷୀ ମୋ ପାରାଟିକୁ ଖୁବ୍ ଭଲପାଏ । ପାରା ବାଜପକ୍ଷୀର ବନ୍ଧୁ । କିନ୍ତୁ ବନ୍ଧୁଟିର ସ୍ୱଭାବ ଭଲ ନୁହେଁ, ସେ ମଝିରେ ମଝିରେ ଘର ଛାଡ଼ି ପଳାଇଯାଏ । ବାଜପକ୍ଷୀ ସେତେବେଳେ ବନ୍ଧୁକୁ ଖୋଜିବାକୁ ବାହାରେ । ଦେଖିବେ ? ଦେଖନ୍ତୁ, ଦେଖନ୍ତୁ, ମଜାର ଖେଳ ଦେଖନ୍ତୁ ।"

ଇତିମଧ୍ୟରେ ଆହୁରି ଦୁଇ ଚାରିଜଣ ଦର୍ଶକ ଆସି ଜୁଟିଗଲେ । କସରତ ପିଞ୍ଜରା ଖୋଲି ପାରାଟିକୁ ଉଡ଼ାଇ ଦେଲା, ପାରା ଫଡ଼୍ ଫଡ଼୍ ଶବ୍ଦ କରି ଆକାଶକୁ ଉଠି ପଶ୍ଚିମ ଦିଗକୁ ଉଡ଼ିଯିବାକୁ ଲାଗିଲା । ସେତେବେଳେ କସରତ ବାଜପକ୍ଷୀର ଜଞ୍ଜିର ଖୋଲି ତାକୁ ମଧ୍ୟ ଛାଡ଼ିଦେଲା । ବାଜପକ୍ଷୀ ଆତସବାଜି ଭଳି ସିଧା ଶୂନ୍ୟକୁ ଉଠିଗଲା, ରକ୍ତଚକ୍ଷୁ ବୁଲାଇ ଆଣି ଦୂରରେ ପଳାୟମାନ ପାରାକୁ ଦେଖିଲା, ତାପରେ ବଡ଼ ବେଗରେ ତାର ଅନୁସରଣ କଲା ।

ଦର୍ଶକମାନେ ଉପରକୁ ଚାହିଁ ଏହି ଆକାଶ ଯୁଦ୍ଧ ଦେଖିବାକୁ ଲାଗିଲେ । ପାରା ପଳେଇ ଯାଉଛି, କିନ୍ତୁ ବାଜପକ୍ଷୀର ଗତିବେଗ ତାର ଚାରିଗୁଣ, ଅଚିରେ ବାଜପକ୍ଷୀ ପାରା ନିକଟରେ ପହଞ୍ଚିଗଲା । ପାରା ଅଙ୍କେଇ ବଙ୍କେଇ ବିଭିନ୍ନ ପ୍ରକାରରେ ଉଡ଼ି ପଳାଇବାକୁ ଚେଷ୍ଟା କଲା, କିନ୍ତୁ ପାରିଲା ନାହିଁ । ବାଜ ପକ୍ଷୀ ତା ଉପରେ ଛଡ଼ି ଛଡ଼ି ଦୁଇପାଦ ବଢ଼ାଇ ତାକୁ ନଖରେ ଚାପିଧରିଲା, ତାପରେ ଅପେକ୍ଷାକୃତ ମନ୍ଥର ଗତିରେ ନିର୍ଜୀବ ପାରାଟିକୁ କସରତ ପାଖକୁ ଫେରାଇ ଆଣିଲା । କସରତ ଉତ୍ତେଜିତ କଣ୍ଠରେ କହିବାକୁ ଲାଗିଲା—"ଦେଖିଲେ, ଦେଖିଲେ ? ମୋର ବାଜପକ୍ଷୀ ଦୁଷ୍ଟଚରିତ୍ରା ବନ୍ଧୁକୁ କେତେ ଭଲପାଏ ! ଦେଖନ୍ତୁ ବନ୍ଧୁ ଦେହରେ ନଖ ଆଞ୍ଚୁଡ଼ା ଚିହ୍ନ ପର୍ଯ୍ୟନ୍ତ ଲାଗି ନାହିଁ ।"

ସମସ୍ତେ ହସି ଉଠିଲେ । ଅର୍ଜୁନ ଖେଳ ଦେଖି ଆନନ୍ଦିତ ହୋଇଥିଲା, ସେ କସରତ ଆଗରେ ଗୋଟିଏ ତାମ୍ରମୁଦ୍ରା ପକେଇ ଦେଇ ପଛକୁ ଫେରିଲା ।

ଏହି ସମୟରେ ସେହି ଶୀର୍ଣ୍ଣକାୟ ଲୋକଟି ସଙ୍ଗରେ ତା'ର ଆଉଥରେ ମୁହାଁମୁହିଁ ହୋଇଗଲା । ଲୋକଟି ଅଲକ୍ଷ୍ୟରେ ଆସି ତା ପଛରେ ଛିଡ଼ା ହୋଇଥିଲା ।

ଅର୍ଜୁନ ମନେ ମନେ ଟିକେ ଆଶ୍ଚର୍ଯ୍ୟ ହେଲା । ଫୁଲ ଦୋକାନରେ ତା ସହିତ ଦେଖା ହୋଇଥିଲା, ପୁଣି ଏଠି ଦେଖା । ଲୋକଟି କଣ ତା ପରି ନିରୁଦ୍ଦେଶ ଘୂରି ବୁଲୁଛି !

ଅର୍ଜୁନ ପୁଣି ପୂର୍ବ ଦିଗକୁ ଚାଲିଲା । ତାର ଇଚ୍ଛା କଲ୍ଲାଘାଟ ଯାଇ ଦେଖିଆସିବ ବଳରାମ କର୍ମକାର ଭଙ୍ଗା ଡୋଙ୍ଗା ନେଇ କ'ଣ କରୁଛି । କିନ୍ତୁ ଏଣେ ଦିନ ସରିଆସୁଛି, କଲ୍ଲାଘାଟରେ ପହଞ୍ଚୁ ପହଞ୍ଚୁ ରାତି ହୋଇଯିବ । ସେତେବେଳେ ଫେରିବାର ଆଉ ଉପାୟ ନଥିବ । ଆହା ଯଦି ଏଠି ଦୁଇଟି ଥାଆନ୍ତା । ଗୁଡ଼ କାଲି ପ୍ରଭାତରେ ସେ ବଳରାମଙ୍କୁ ଦେଖିବାକୁ ଯିବ ।

କ୍ରମେ ଅର୍ଜୁନ ଗୁଆ-ପାନ ରାସ୍ତାର ପୂର୍ବ ସୀମାରେ ଆସି ପହଞ୍ଚିଲା । ଏଠାରୁ ସାଧାରଣ ଲୋକାଳୟ ଆରମ୍ଭ, ଘରଗୁଡ଼ିକ ଉତ୍ତମ ସତ, କିନ୍ତୁ ଗୁଆ-ପାନ ରାସ୍ତା ଭଳି ନୁହଁ, ରାସ୍ତା ମଧ୍ୟ ଅପେକ୍ଷାକୃତ ସଙ୍କୀର୍ଣ୍ଣ । ଦକ୍ଷିଣ ଦିଗରୁ ଅନ୍ୟ ଗୋଟିଏ ରାସ୍ତା ଆସି ଏଠାରେ ତିଛକ ରଚନା କରିଛି । ତାପରେ କଲ୍ଲାଘାଟ ଦେଇ ଚାଲିଯାଇଛି ।

ଅର୍ଜୁନ ଏହି ରାସ୍ତାରେ କିଛି ଦୂର ଅଗ୍ରସର ହେଲା । କିନ୍ତୁ ସନ୍ଧ୍ୟା ଘନୀଭୂତ ହେଉଛି, ସେ ଆଉ ବେଶି ଦୂର ନ ଯାଇ ସେଇଠାରୁ ଫେରିଲା । ଅନ୍ଧକାର ହେବା ପୂର୍ବରୁ ହିଁ ଅତିଥି ଭବନକୁ ଫେରିବାକୁ ପଡ଼ିବ ।

ଏହି ସ୍ଥାନରେ ତୃତୀୟ ଥର ପାଇଁ ସେହି ଶୀର୍ଣ୍ଣ ଲୋକଟି ସଙ୍ଗରେ ତାର ଦେଖାହେଲା । ଲୋକଟି ଅର୍ଜୁନର ପଛେ ପଛେ କିଛି ଦୂର ଆସିଥିଲା, ଅର୍ଜୁନ ଫେରିବାରୁ ସେ ବି ଫେରିପଡ଼ି ଆଗେ ଆଗେ ଚାଲିବାକୁ ଆରମ୍ଭ କଲା, ଅର୍ଜୁନ ଆଶ୍ଚର୍ଯ୍ୟ ହୋଇ ଭାବିଲା -- କଥା କଣ ! ଏ ଲୋକଟାକୁ ବାରମ୍ବାର ଦେଖୁଛି କାହିଁକି ? ତେବେ କି ଲୋକଟି ମୋ ପିଛା କରିଛି ? କିନ୍ତୁ କାହିଁକି ?

ତିଛକ ପାଖାପାଖି ଫେରିଆସି ଅର୍ଜୁନ ଦେଖିଲା, ଇତି ମଧ୍ୟରେ ସେଠାରେ ଏକ ପ୍ରକାଣ୍ଡ ହାତୀକୁ ଘେରି ଭିଡ଼ ଜମିଛି, ହାତୀ ପିଠିରେ ମାହୁନ୍ତ ବସିଛି । ଲୋକଟି ଭିଡ଼ ମଧ୍ୟରେ ମିଶିଗଲା । ଅର୍ଜୁନ ମଧ୍ୟ ଜନଗହଳି ଧାରରେ ଉପସ୍ଥିତ ହୋଇଅଛି, ଏହି ସମୟରେ ଭିତରୁ ଚଡ଼ଚଡ଼ ହୋଇ ଦୁନ୍ଦୁଭି ଶବ୍ଦ ଶୁଭିଲା । ତାପରେ ପୁରୁଷ କଣ୍ଠସ୍ୱର ଶୁଣାଗଲା—"ବିଜୟ ନଗରରେ ଶତ୍ରୁର ଗୁପ୍ତଚର ଧରାପଡ଼ିଛି—ରାଜାଦେଶ ତାକୁ ପ୍ରାଣଦଣ୍ଡ ଦିଆଯିବ—ବିଜୟନଗରରେ ଶତ୍ରୁର ଗୁପ୍ତଚରର କି ଦୁର୍ଦ୍ଦଶା ହୁଏ ତୁମେମାନେ ପ୍ରତ୍ୟକ୍ଷ କର ।

ଅର୍ଜୁନ ମୁଣ୍ଡଟେକି ଦେଖିଲା । ଚନ୍ଦ୍ରବ୍ୟୂହର ମଝିରେ ହାତଗୋଡ଼ ବନ୍ଧାହୋଇ ଗୋଟିଏ ମଣିଷ ଚିତ୍ ହୋଇ ପଡ଼ି ଁ ଁ ଶବ୍ଦ କରୁଛି । ବାଦ୍ୟକାରୀ ଘୋଷକ ହାତୀର ମାହୁନ୍ତକୁ ଇସାରା ଦେଲା, ମାହୁନ୍ତ ହାତୀ ଚଳେଇଲା । ହାତୀ ଆସି ଭୂପତିତ ଲୋକଟିର ଛାତିରେ ପାଦ ଥାପିଦେଲା ।

ଅର୍ଜୁନ ଆଉ ସେଠାରେ ରହିପାରିଲା ନାହିଁ, ଦ୍ରୁତ ପାଦରେ ସ୍ଥାନ ପରିତ୍ୟାଗ କଲା । ଏରୂପ ଦୃଶ୍ୟ କଳିଙ୍ଗରେ ସେ ଅନେକ ଦେଖିଛି । ବିଜୟନଗର ଓ ବାହ୍ମନୀ ରାଜ୍ୟ ମଧ୍ୟରେ ବର୍ତ୍ତମାନ ଶାନ୍ତି ସ୍ଥାପିତ ହୋଇଛି ସତ, କିନ୍ତୁ ଉଭୟ ପକ୍ଷ ଶତ୍ରୁ ସମ୍ବନ୍ଧରେ ସମ୍ବାଦ ସଂଗ୍ରହ କରିବାରେ ତତ୍ପର । ଗୁପ୍ତଚର ଯେତେବେଳେ ଧରାପଡ଼େ ସେତେବେଳେ ଏହି ଭୟଙ୍କର ଶାସ୍ତି ହିଁ ତା'ର ପ୍ରାପ୍ୟ ।

ରାଜପୁରୀ ନିକଟରେ ପହଞ୍ଚି ଅର୍ଜୁନ କ୍ଳାନ୍ତି ବୋଧକଲା । ପାଖରେ ଗୋଟିଏ ପାନଶାଳା । ସେ ଗ୍ରାମୁଣ୍ଡିଆ ଭଳି ଉପସ୍ଥିତ ହୋଇ ପାଳିକାକୁ କହିଲା—"ଥଣ୍ଡା ଚହ୍ଲା ଦିଅ, ଲୁଣ ଦେବ ।"

ଦୋକାନ ମାଲିକାଣୀ ଯୁବତୀ । ଏଠାରେ ପାନ ଦୋକାନରେ, ଫୁଲ ଦୋକାନରେ, ପାନଶାଳା ଇତ୍ୟାଦି ବହୁତ ଛୋଟ ଦୋକାନମାନଙ୍କରେ ଯୁବତୀମାନେ ହିଁ ବ୍ୟବସାୟ କରନ୍ତି । ଯୁବତୀଟି ଅର୍ଜୁନକୁ ଟିକେ ନିଘେଇ ଦେଖିଲା, ତାପରେ ମାଟି ପାତ୍ରରେ ଲବଣମିଶା ଗନ୍ଧିଅ ବାସନାଦିଆ ଘୋଳ ଦହି ପିଇବାକୁ ଦେଲା ।

ଘୋଳଦହି ପାନକରି ଅର୍ଜୁନର ଶରୀର ଓ ମନ ଉଭୟ ଶାନ୍ତ ହେଲା । ଖାଲି ମାଟିପାତ୍ରଟିକୁ ଫେରାଇ ଦେଇ ସେ ଯୁବତୀକୁ ପଚାରିଲା—"କେତେ ଦାମ୍" ?

ଯୁବତୀ ଅର୍ଜୁନକୁ ଲକ୍ଷ୍ୟ କରୁଥିଲା । ବୋଧହୁଏ ତାର ବେଶବାସରେ କିଛି ବିଶେଷତା ଦେଖିଥିବ । ସେ କହିଲା—"ତୁମେ ବିଦେଶୀ, ଆଜି କଣ ତୁମେ କଳିଙ୍ଗ ରାଜକନ୍ୟାମାନଙ୍କ ସଙ୍ଗରେ ଆସିଛ ?

ଅର୍ଜୁନ କହିଲା—"ହଁ ।"

ଯୁବତୀ ମଥା ହଲାଇ କହିଲା—"ତାହେଲେ ଦାମ ନେବି ନାହିଁ । ତୁମେ ଆଜି ଆମର ଅତିଥି ।"

ଅର୍ଜୁନ କିଛି ସମୟ ଚାହିଁ ରହିଲା, ତାପରେ ସ୍ମିତ ହସି ଧନ୍ୟବାଦ ଦେଇ ବାହାରିଗଲା ।

ଆକାଶରେ ରାତ୍ରିର ପଥଗ୍ରସ୍ତା ପଡ଼ୁଅଛି । ପଥର ଦୁଇ ପାର୍ଶ୍ୱରେ ଭବନ-ଚୂଡ଼ାଙ୍କରେ ସନ୍ଧ୍ୟାଦୀପ ପ୍ରଜ୍ୱଳିତ ହେବା ଆରମ୍ଭ ହୋଇଛି । ଝୁଲୁ ଝୁଲୁ ଅର୍ଜୁନ ଆଖି ଟେକି ଦେଖିଲା, ଦୂରରେ ପଶ୍ଚିମ ଦିଗରେ ହେମକୂଟ ପର୍ବତ ଶିଖରରେ ଅଗ୍ନିସ୍ତମ୍ଭ ଜଳି ଉଠିଲା ।

ଆଉ କିଛି ଦୂର ଯାଇ ସେ ସହସା ଛିଡ଼ା ହୋଇଗଲା; ତାର ଦେହ ରୋମାଞ୍ଚିତ ହୋଇ ଉଠିଲା । ଏପରି ଅନୁଭୂତି ସେ ପୂର୍ବେ କେବେ ପାଇ ନାହିଁ । ତାର ମନେହେଲା, ଏତେଦିନ ପରେ ସେ ନିଜ ଦେଶ ଖୋଜି ପାଇଛି । ଏହି ବିଜୟନଗର ହିଁ ତାର ସ୍ୱଦେଶ, ତା'ର ସ୍ୱର୍ଗାଦପି ଗରୀୟସୀ ମାତୃଭୂମି । ହେମକୂଟର ଅଗ୍ନିଶୀର୍ଷ ଆଡ଼େ ଚାହିଁ ତାର ଚକ୍ଷୁ ବାଷ୍ପାକୁଳ ହୋଇଉଠିଲା ।

ଅର୍ଜୁନ ଜାଣି ନ ଥିଲା ଯେ, ମାତୃଭୂମି ବୋଲି କୌଣସି ବିଶେଷ ଭୂଖଣ୍ଡ ନାହିଁ । ମନୁଷ୍ୟର ସହଜାତ ସଂସ୍କୃତିର କେନ୍ଦ୍ର ଯେଉଁଠି, ମାତୃଭୂମି ହିଁ ସେଇଠି ।

## — ପାଞ୍ଚ —

ରାଜପୁରୀରେ ଦିବା ଶେଷ ପ୍ରହର ଘଣ୍ଟି ବାଜିବାରୁ ମହାରାଜ ଦେବରାୟ ଅପରାହ୍ଣର ସଭାଭଙ୍ଗ କରି ଦଣ୍ଡାୟମାନ ହେଲେ । ସଭାରେ ପାତ୍ରଅମାତ୍ୟ ସଭାସଦଙ୍କ ବ୍ୟତୀତ ଇରାନ ଦେଶର ରାଜଦୂତ ଆବଦର ରଜାକ ଥିଲେ । ଆଉ କେତେଜଣ ରାଷ୍ଟ୍ରଦୂତ ଉପସ୍ଥିତ ଥିଲେ, କିନ୍ତୁ କୌଣସି ରାଜକାର୍ଯ୍ୟ ହେଉ ନ ଥିଲା । ରାଜସଭାରେ କେବଳ ରାଜନୀତି ଆଲୋଚନା ହୁଏ ନାହିଁ, ହାସ୍ୟ-ପରିହାସ ଗଳ୍ପ ଗୁଜବ ମଧ୍ୟ ହୁଏ । ସମସ୍ତେ ରାଜାଙ୍କୁ ଅଭିବାଦନ କରି ବିଦାୟ ନେଲେ ।

ଦ୍ୱିତଳର ବିଶ୍ରାମ ମନ୍ଦିରକୁ ଯାଇ ରାଜା ପ୍ରଥମେ କେତକୀ-ସୁରଭିତ ଜଳରେ ସ୍ନାନ କଲେ । ତାପରେ ଆହାରରେ ବସିଲେ । କିଙ୍କରୀମାନେ କକ୍ଷରେ ଅସଂଖ୍ୟ ଘୃତ-ଦୀପ ଓ ଅଗୁରୁ ଚନ୍ଦନ ଜାଳିଦେଲେ । ତିନିଜଣ କିଙ୍କରୀ ଅଢ଼ଧାର୍ଦ୍ଧ ଦୁଇ ହାତର କାଠ ପିଢ଼ାଟିଏ ଧରି ମହାରାଜଙ୍କ ପଲଙ୍କ ପାଖରେ ରଖିଲେ । ଅନୁଚ୍ଚ ପିଢ଼ା ଉପରେ ବୃହତ୍ ଏକ ସୁବର୍ଣ୍ଣ ଥାଳି; ଥାଳି ଉପରେ ଅଗଣିତ ସୁନାପାତ୍ରରେ ବିବିଧ ଅନ୍ନ ବ୍ୟଞ୍ଜନ । ମହାରାଜ ଆଚମନ ସାରି ଆହାରରେ ମନୋନିବେଶ କଲେ । ପିଙ୍ଗଳା ମୟୂରପଂଖା ଚଳାଇଲା । କଞ୍ଚୁକୀ ବେତହସ୍ତ ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ହୋଇ ଲକ୍ଷ୍ୟ କରିବାକୁ ଲାଗିଲା ।

ଆହାର କରୁ କରୁ ଦେବରାୟ ପିଙ୍ଗଳା ଆଡ଼କୁ ଚକ୍ଷୁ ଉଠାଇଲେ—"କଳିଙ୍ଗ କୁମାରୀମାନଙ୍କ ଭୋଜନ ସରିଛି ?"

ପିଙ୍ଗଳା ପଂଖା କରୁ କରୁ କହିଲା—"ନା, ଆର୍ଯ୍ୟ । ସେମାନେ ମଧ୍ୟ ଅନ୍ୟ ରାଣୀମାନଙ୍କ ଭଳି ମହାରାଜଙ୍କ ଆହାର ଶେଷ ହେଲେ ଭୋଜନରେ ବସିବେ ।"

ମହାରାଜ ଆଉ କିଛି କହିଲେ ନାହିଁ ।

ଆହାରାନ୍ତେ ଗୋଟିଏ ଦାସୀ ଜଳଭୃଙ୍ଗାରରୁ ମହାରାଜଙ୍କ ହାତରେ ଜଳ ଢାଳିଦେଲା, ମହାରାଜ ହସ୍ତମୁଖ ପ୍ରକ୍ଷାଳନ କଲେ ।

ଅତଃପର କଞ୍ଚୁକୀ ଓ ଦାସୀ କିଙ୍କରୀମାନେ ରାଜାଙ୍କୁ ପ୍ରଣାମ କରି ପ୍ରସ୍ଥାନ କଲେ । କେବଳ ପିଙ୍ଗଳା ରହିଲା ।

ପିଙ୍ଗଳା ହାତରୁ ପାନନେଇ ଦେବରାୟ ଶଯ୍ୟାରେ ଅର୍ଦ୍ଧଶାୟିତ ହୋଇ କହିଲେ—"ପିଙ୍ଗଳେ, ତୁମେ ଦେବୀମାନଙ୍କୁ ସମ୍ବାଦ ପଠାଇଦିଅ ଯେ, ମୋର ନୈଶାହାର ଶେଷ ହୋଇଛି ।"

"ଆଜ୍ଞା ମହାରାଜ ।"

"ଆଉ ଦେଖ ପଦ୍ମାଳୟାଙ୍କୁ ଜଣାଇ ଦିଅ ଯେ, ଆଜି ରାତିରେ ମୁଁ ତାଙ୍କ ଅତିଥି ହେବି ।"

ପିଙ୍ଗଳା ଅସ୍ଫୁଟ ସ୍ୱରରେ ସମ୍ମତି ଜଣାଇଲା, ତାପରେ ମହାରାଜଙ୍କ ପାଦସ୍ପର୍ଶ କରି ପ୍ରଣାମ କଲା ଏବଂ ସେଦିନ ରାତି ପାଇଁ ବିଦାୟ ନେଲା ।

ରାଜା କେବେ କେଉଁ ରାଣୀମହଲରେ ରାତିବାସ କରିବେ ତାହା ଅତ୍ୟନ୍ତ ଗୋପନୀୟ କଥା, ପୂର୍ବରୁ କାହାକୁ ଜଣା ନ ଥାଏ । ଶେଷ ମୁହୂର୍ତ୍ତରେ ରାଜା ଅନ୍ତରଙ୍ଗଙ୍କୁ ଜଣାଇ ଦିଅନ୍ତି । ରାଜାମାନଙ୍କ ଜୀବନ ସର୍ବଦା ବିପଦସଙ୍କୁଳ, ବିଶେଷତଃ ରାତିକାଳରେ ଗୁପ୍ତଘାତକର ଆଶଙ୍କା ଅଧିକ; ତେଣୁ ରାଜା କେଉଁଠାରେ ରାତିଯାପନ କରିବେ ତାହା ଯଥାସମ୍ଭବ ଗୋପନ ରଖିବାକୁ ହୁଏ ।

ରାଜାଙ୍କ ମହଲରୁ ବାହାରି ପିଙ୍ଗଳା ପାକଶାଳା ଅତିକ୍ରମପୂର୍ବକ କଳିଙ୍ଗ କୁମାରୀମାନଙ୍କ ମହଲରେ ଉପସ୍ଥିତ ହେଲା । ଏହି ମହଲରେ ଗମ୍ବୁଜଶୀର୍ଷ ବୃହତ୍ ଏକ କକ୍ଷକୁ ଘେରି ଅପେକ୍ଷାକୃତ କ୍ଷୁଦ୍ର କେତୋଟି ପ୍ରକୋଷ୍ଠ ଅଛି । ଗୋଟିଏ ପ୍ରକୋଷ୍ଠରେ ରାଜକନ୍ୟାମାନଙ୍କ ନୈଶାହାରର ଆୟୋଜନ ହୋଇଛି । କେତେଜଣ ଦାସୀ କାଠପିଢ଼ା ଉପରେ ଅନ୍ନବ୍ୟଞ୍ଜନ ସଜାଇ ଅପେକ୍ଷା କରିଛନ୍ତି । ରାଜକୁମାରୀ ଦୁହେଁ ବଡ଼ଘରେ ଅଛନ୍ତି । ପିଙ୍ଗଳା ସେଠାକୁ ଯାଇ ଯୋଡ଼ହସ୍ତ ହୋଇ କହିଲା— "ମହାରାଜଙ୍କ ନୈଶାହାର ସମ୍ପୂର୍ଣ୍ଣ ହୋଇଛି, ଏଥର ଆପଣମାନେ ବସନ୍ତୁ ।"

ଦୁଇ ରାଜକନ୍ୟା ଭୋଜନକକ୍ଷକୁ ଗମନ କଲେ । କାଠପିଢ଼ାର ଦୁଇ ପାଖରେ ରେଶମର ଆସନ ପକାଯାଇଛି । ରାଜକନ୍ୟାମାନେ ତହିଁରେ ବସିଲେ । ଦୁଇଜଣ ପରିଚାରିକା ସେମାନଙ୍କ ପରିଚର୍ଯ୍ୟା କରିବାରେ ଲାଗିଲେ । ପିଙ୍ଗଳା କିଛିକ୍ଷଣ ଛିଡ଼ାହୋଇ ତଦାରଖ କଲା, ତାପରେ କହିଲା— "ଅନୁମତି ଦିଅନ୍ତୁ, ମୁଁ ଅନ୍ୟ ରାଣୀମାନଙ୍କୁ ସମ୍ବାଦ ଦେଇଆସେ । ସମ୍ବାଦ ନ ପାଇବା ପର୍ଯ୍ୟନ୍ତ ସେମାନେ ଆହାରରେ ବସିବେ ନାହିଁ ।"

ବିଦ୍ୟୁନ୍ମାଳା ଉଦାସ ମୁଖରେ ନୀରବ ରହିଲେ, ମଣିକଙ୍କଣା ମୃଦୁ ହସି କହିଲା— "ହଉ ଆସ ।"

"ଏହି ଦାସୀମାନେ ଆପଣମାନଙ୍କ ସେବା କରିବେ; କାଲି ପ୍ରତ୍ୟୁଷରେ ମୁଁ ପୁଣି ଆସିବି ।" ପିଙ୍ଗଳା ଯୋଡ଼ହସ୍ତ ହୋଇ ପ୍ରଣାମ କରି ଚାଲିଗଲା ।

ଦୁଇ ଭଗ୍ନୀ ନୀରବରେ ଆହାର କରିବାକୁ ଲାଗିଲେ । ବୃହନ୍ନଳା ନାମମାତ୍ର ଆହାର କଲେ, ମଣିକଙ୍କଣା ପ୍ରତ୍ୟେକଟି ବ୍ୟଞ୍ଜନର ସ୍ୱାଦ ଖୁସି ଖାଇଲା । ଦୁଇଜଣଙ୍କ ମନର ଗତି ଭିନ୍ନମୁଖୀ । ବୃହନ୍ନଳାଙ୍କ ମନରେ ସୁଖ ନାହିଁ; ମହାରାଜ ଦେବବ୍ରତଙ୍କ ସୁନ୍ଦର କାନ୍ତି ଏବଂ ସଦୟ ବ୍ୟବହାର ଦେଖି ତାଙ୍କ ମନ ଆତୁର ବିକଳ ହୋଇଉଠିଛି । ଭାଗ୍ୟବିଧାତା ଯେପରି ଗୋଟିଏ ହାତରେ ସବୁ ଦେଇ ଅନ୍ୟ ହାତରେ ସବୁ ହରଣ କରିନେଇଛନ୍ତି । ମଣିକଙ୍କଣାର ମନରେ କିନ୍ତୁ ବସନ୍ତର ବତାସ ବହୁଛି । ଆଶଙ୍କାର ଝଡ଼-ବାଦଲ ଅପସୃତ ହୋଇ ହୃଦୟାକାଶରେ ପୂର୍ଣ୍ଣିମାର ଜହ୍ନ ଉଠିଛି ।

ଦାସୀମାନଙ୍କ ସମ୍ମୁଖରେ ସେମାନେ ଚୁପ୍‌ଚାପ୍ ରହିଲେ । ଆହାର ଶେଷକରି ରାଜକନ୍ୟା ଦୁହେଁ ଶୟନକକ୍ଷକୁ ଗଲେ । କକ୍ଷଟିର ଦୁଇ ପାର୍ଶ୍ୱରେ ପ୍ରକାଣ୍ଡ ଦୁଇଟି ପଲଙ୍କ ଉପରେ ଶଯ୍ୟା, ଶଯ୍ୟା ଉପରେ ଜାତିପୁଷ୍ପ ବିକୀର୍ଣ୍ଣ। କସ୍ତୁରୀ ଗନ୍ଧରେ କକ୍ଷ ଆମୋଦିତ । ମଣିକଙ୍କଣା ଦାସୀମାନଙ୍କୁ କହିଲା—"ତୁମେମାନେ ଯାଅ, ଆଉ ତୁମମାନଙ୍କ ପ୍ରୟୋଜନ ନାହିଁ ।"

ଜଣେ ଦାସୀ କହିଲା—"ଯେ ଆଜ୍ଞା, ରାଜକୁମାରୀ । ଦ୍ୱାର ବାହାରେ ପ୍ରତିହାରିଣୀମାନେ ପହରା ଦେଉଛନ୍ତି, ଯଦି ଦରକାର ପଡ଼େ ହାତତାଳି ମାରିବେ ।"

ଦାସୀମାନେ ପ୍ରସ୍ଥାନ କଲା ଉତ୍ତାରୁ ମଣିକଙ୍କଣା କହିଲା—"ମାଳା, ତୁ କେଉଁ ପଲଙ୍କରେ ଶୋଇବୁ ?"

ବୃହନ୍ନଳା କହିଲେ—"ଦୁଇ ପଲଙ୍କ ତ ସମାନ, ଯେଉଁଥିରେ ହେଉ ଶୋଇଲେ ଚଳିବ । ଚାଲ, ଦୁଇଜଣ ଗୋଟିଏ ପଲଙ୍କରେ ଶୋଇବା ।"

"ଭଲ କଥା । ନୌକାରେ ଏକୁଟିଆ ଶୋଇବା ଅଭ୍ୟାସ ଛାଡ଼ିଯାଇଛି ।"

ଦୁଇଜଣ ଏକସଙ୍ଗରେ ଶୟନ କଲେ । ମଣିକଙ୍କଣା ଭଉଣୀଆଡ଼େ ଚାହିଁ କହିଲା—"ତୋତେ କ'ଣ ଏଠି କିଛି ଭଲ ଲାଗୁନାହିଁ ! ଏମିତି ମନମାରି ହୋଇ ରହିଛୁ କାହିଁକି ?"

ଅସଲ କଥା ମଣିକଙ୍କଣାକୁ ମଧ୍ୟ କହିବାର ନୁହେଁ, ବୃହନ୍ନଳା ନିଃଶ୍ୱାସ ଛାଡ଼ି କହିଲେ—"ମାମୁଁ ଓ ସହୋଦରଙ୍କ କଥା ମନେପଡ଼ୁଛି । କିଏ ଜାଣେ ସେମାନେ ବଞ୍ଚିଛନ୍ତି କି ନା ।"

ତପିଟକ ଓ ମନ୍ଦୋଦରୀ କଥା ମଣିକଙ୍କଣା ଭୁଲି ଯାଇଥିଲା । ହଠାତ୍ ସ୍ମରଣ କରାଇ ଦେବାରୁ ସେ ଅତମତ ହୋଇ ଚୁପ୍ ରହିଲା, ତାପରେ କ୍ଷୀଣ କଣ୍ଠରେ କହିଲା "ସତେ ତ, ସେମାନେ କ'ଣ ବୁଡ଼ି ଯାଇଛନ୍ତି ! ହୁଏତ ବଞ୍ଚିଥିବେ, କାଲି ଖବର ମିଳିବ ।"

ତପିଟକ ଓ ମନ୍ଦୋଦରୀ ବଞ୍ଚିଥିଲେ । ରାଜଭୃତ୍ୟମାନେ ଅନେକ ଖୋଜାଖୋଜି କରି ମଧ୍ୟ ସେମାନଙ୍କୁ ପାଇନାହାନ୍ତି । ପାଇବାର କଥା ବି ନୁହେଁ ।

ଝଡ଼ ଆରମ୍ଭରେ ନୌକା ମଧ୍ୟରୁ ପାଣିରେ ଡୁବିବାମାତ୍ରେ ତପିଟକ ମନ୍ଦୋଦରୀର ପାଦ ଜାବୁଡ଼ି ଧରିଥିଲେ । ତାପରେ ଝଡ଼ର ପ୍ରଳୟଙ୍କରୀ ପ୍ରଭାବରେ ପୃଥିବୀ ଲଣ୍ଡଭଣ୍ଡ ହୋଇଯାଇଥିଲା, କିନ୍ତୁ ତପିଟକ ମନ୍ଦୋଦରୀର ପାଦ ଛାଡ଼ି ନ ଥିଲେ । ସେ ବୁଝିଥିଲେ, ମନ୍ଦୋଦରୀର ପାଦ ଛଡ଼ା ତାଙ୍କର ଅନ୍ୟ ଗତି ନାହିଁ । ମନ୍ଦୋଦରୀ ବୁଡ଼ିଲା ନାହିଁ, ତପିଟକଙ୍କ ନାକ ମୁହଁରେ ପାଣି ପଶିଯାଇଥିଲେ ହେଁ ସେ ଭାସି ରହିଥିଲେ ।

ତାପରେ ଯୁଗ କଟିଯାଇଛି, ନିବିଡ଼ ଅନ୍ଧକାରରେ ସେମାନେ କେଉଁଆଡ଼େ ଚାଲିଛନ୍ତି କିଛି ଜ୍ଞାନ ନାହିଁ । କ୍ରମେ ଝଡ଼ର ପ୍ରକୋପ କମିବାକୁ ଲାଗିଲା । ବର୍ଷା ବନ୍ଦ ହେଲା । ମେଘ ଛାଡ଼ିଗଲା । ଶେଷରେ ନଦୀର ଉଚ୍ଚ ତରଙ୍ଗ ମଧ୍ୟ କମିଗଲା, ତୁଙ୍ଗଭଦ୍ରାର ସ୍ରୋତ ପୁଣି ସ୍ୱାଭାବିକ ଗତିରେ ବହିଚାଲିଲା । କିନ୍ତୁ ଅନ୍ଧକାର ଦିଗନ୍ତବ୍ୟାପୀ; ତପିଟକ ମନ୍ଦୋଦରୀର ପାଦ ଜାବୁଡ଼ି ଭାସି ଚାଲିଛନ୍ତି, ଗୋଟିଏ ହାତ ଅବଶ ହୋଇ ପଡ଼ିଲେ ଅନ୍ୟ ହାତରେ ପାଦ ଧରୁଛନ୍ତି । ମନ୍ଦୋଦରୀର ସାଡ଼ାଶବ୍ଦ ନାହିଁ । ସେ କେବଳ ଭାସିଚାଲିଛି ।

ଅନେକ ସମୟ କଟିଯିବା ପରେ ତପିଟକଙ୍କ ଟିକେ ସନ୍ଦେହ ହେଲା, ସେ ପ୍ରଶ୍ନ କଲେ—"ମନ୍ଦୋଦରୀ ବଞ୍ଚିଛୁ ତ ?

ମନ୍ଦୋଦରୀ ଢୋକେ ପାଣି ପିଇ କହିଲା—"ବଞ୍ଚିଛି । ଜୟ ଦାରୁବ୍ରହ୍ମ !

ଆଉ କଥା ବାହାରିଲା ନାହିଁ, କଥା ବାହାରିବାର ସାମର୍ଥ୍ୟ ବେଶି ନ ଥିଲା । କୁଟାଖଣ୍ଡ ଭଳି ସେମାନେ ସ୍ରୋତ ମୁଖରେ ନିରୁପାୟ ହୋଇ ଭାସିଚାଲିଲେ ।

କିନ୍ତୁ ସେମାନଙ୍କର ଏହି ଭାସିଚାଲିବା କାହାଣୀ ଦୀର୍ଘ କରିବାରେ ଲାଭ ନାହିଁ । ରାତି ଯେତେବେଳେ ଶେଷ ହୋଇ ଆସୁଛି ସେତେବେଳେ ମନ୍ଦୋଦରୀର ଦେହ ମାଟି ଛୁଇଁଲା । ସେ ଅଣ୍ଟାଳି ଅଣ୍ଟାଳି କାଦୁଅ ଚକଟି ଶୁଖିଲା ଭୁଇଁରେ ଉଠିଲା,

ଚପିଟଙ୍କ ତା ପଛେ ପଛେ ଉଠିଲେ । ଆଖିକୁ କିଛି ଦେଖାଯାଉ ନ ଥିଲା, ଅନୁଭବରେ ବୁଝିଲେ ନଦୀକୂଳ ଭଳି ଗୋଟିଏ ସ୍ଥାନ, କିମ୍ବା ନଦୀ ମଧ୍ୟସ୍ଥ ଦ୍ୱୀପ ବି ହୋଇପାରେ ।

କିନ୍ତୁ ଏସବୁ କଥା ବିବେଚନା କରିବାର ଶକ୍ତି ସେମାନଙ୍କର ନଥିଲା, ମତି ଭୁଲିଛନ୍ତି । ନିଦ୍ରା ହିଁ ସେମାନଙ୍କ ପକ୍ଷରେ ଯଥେଷ୍ଟ । ସେମାନେ ଯେମିତି ଥିଲେ ସେଇ ଅବସ୍ଥାରେ ତୋଷକବସ୍ତ୍ର ମାଟି ଉପରେ କଡ଼େଇ ନିଦରେ ଶୋଇଗଲେ ।

ପ୍ରଥମେ ନିଦ ଭାଙ୍ଗିଲା ମନ୍ଦୋଦରୀର । ସେ ଆଖି ଖୋଲି ଦେଖିଲା ପ୍ରଭାତ ହୋଇଛି । ଦଳେ ସ୍ତ୍ରୀଲୋକ ତା' ଚାରିପଟେ ଠିଆହୋଇ ଖିଲଖିଲ ହସୁଛନ୍ତି । ମନ୍ଦୋଦରୀର ସର୍ବାଙ୍ଗରେ ସ୍ୱର୍ଣ୍ଣଅଲଙ୍କାର କିନ୍ତୁ ବସ୍ତ୍ର ନାମମାତ୍ର । ଭାଗ୍ୟକୁ ପରିଧେୟ ଶାଢ଼ୀଟି ଅଣ୍ଟାରେ ଗଣ୍ଠି ଦେଇ ବନ୍ଧା ହୋଇଥିଲା । ତେଣୁ ସେତକ ଅବଶିଷ୍ଟ ଅଛି, କାଞ୍ଚୁଲି ଊର୍ଦ୍ଧ୍ୱବସ୍ତ୍ର ଆଦି ତୁଙ୍ଗଭଦ୍ରା କାଢ଼ି ନେଇଛି । ଶାଢ଼ୀଟି ମଧ୍ୟ ତା' ଦେହରେ ନାହିଁ, ଛିନ୍ନ ପତାକା ଭଳି ମାଟିରେ ଲୋଟୁଛି ।

ମନ୍ଦୋଦରୀ କୌଣସି ମତେ ଲଜ୍ଜା ନିବାରଣ କରି ଉଠିବସିଲା, ବିହ୍ୱଳ ଚକ୍ଷୁରେ ସ୍ତ୍ରୀଲୋକମାନଙ୍କ ଆଡ଼େ ଚାହିଁ କହିଲା—"ତୁମେ ସବୁ କିଏ ଗୋ ?

ରମଣୀମାନେ କଳକଣ୍ଠରେ ଉତ୍ତର ଦେଲେ, କିନ୍ତୁ ମନ୍ଦୋଦରୀ କିଛି ବୁଝିଲା ନାହିଁ । ଏମାନଙ୍କର ଭାଷା ଗ୍ରାମ୍ୟ, ମନ୍ଦୋଦରୀ ଏ ଦେଶର ନାଗରିକ ଭାଷା ବୁଝେ ନାହିଁ, ଗ୍ରାମ୍ୟ ଭାଷା ବୁଝିବ କେମିତି ?

ଏଣେ ମାତୁଳ ଚପିଟଙ୍କଙ୍କ ଅବସ୍ଥା ଅନୁରୂପ । ସେ ମଧ୍ୟ ଏକରକମ ଦିଗମ୍ବର, କେବଳ କଟି ସଲଗ୍ନ ଅନ୍ତର୍ବାସ କୌପୀନଟିକକ ଅଛି । ନିଦରୁ ଉଠି ସେ ଦେଖିଲେ, ଲାଠି ହାତରେ ଦଳେ ପୁରୁଷ ତାଙ୍କୁ ଘେରି ଛିଡ଼ା ହୋଇଛନ୍ତି । ତାଙ୍କର ଭ୍ରମ ହେଲା ସେ ବୁଡ଼ି ମରିଯାଇଛନ୍ତି, ତାଙ୍କୁ ଯମଦୂତମାନେ ନେବାକୁ ଆସିଛନ୍ତି । ସେ ଭେଁ କରି କାନ୍ଦିଉଠିଲେ—"ମୁଁ କିଛି ଜାଣି ନାହିଁରେ ବାବା ।"

ଯାହାହେଉ, ଅଳ୍ପ ସମୟ ମଧ୍ୟରେ ସେ ନିଜ ଭୁଲ ବୁଝିପାରିଲେ । ଗ୍ରାମ୍ୟ-ପୁରୁଷମାନଙ୍କ ସହ କଥାବାର୍ତ୍ତା ହେଲା । ମାମୁଁ ଦକ୍ଷିଣ ଦେଶର ଲୋକ, ଏମାନଙ୍କ ଭାଷା କୌଣସିମତେ ବୁଝିନେଲେ ।—

ନଦୀର ଅନତି ଦୂରରେ ଦକ୍ଷିଣକୁ ପାହାଡ଼ ପରିବେଷ୍ଟିତ ଗୋଟିଏ ମାତ୍ର ଗ୍ରାମ ଅଛି । ଆଜି ପ୍ରାତରେ ଗ୍ରାମର କେତୋଟି ଝିଅ ଜଳ ନେବାପାଇଁ ନଦୀକୁ

ଆସିଥିଲେ । ସେମାନେ ଦେଖିଲେ କୂଳର ଗୋଡ଼ିବାଲିରେ ଦୁଇଟି ନରନାରୀ-ମୂର୍ତ୍ତି ପଡ଼ିଛି । ସେମାନେ ଦୌଡ଼ିଯାଇ ଗାଁରେ ଖବର ଦେଇଥିଲେ; ସେତେବେଳେ ଗ୍ରାମରୁ ଅନେକ ଲୋକ ଆସି ମୂର୍ତ୍ତି ଦୁଇଟିକୁ ଘେରି ଯାଇଥିଲେ । ସେମାନଙ୍କୁ ବୁଝିବାକୁ ବାକି ରହିଲା ନାହିଁ ଯେ, ଗତ ରାତିର ଝଡ଼ବାତ୍ୟାରେ ନଦୀରେ ପଡ଼ି ଏମାନେ ଭାସି ଆସିଛନ୍ତି ।

ମାମୁଁ କାତର କଣ୍ଠରେ କହିଲେ—"ବର୍ତ୍ତମାନ କ'ଣ ହେବ !"

ଗାଁର ପୁରୁଷମାନେ ନିଜ ମଧ୍ୟରେ ପରାମର୍ଶ କଲେ । ସେମାନଙ୍କ ଜୀବନ ବହିର୍ଜଗତଠାରୁ ପ୍ରାୟ ବିଚ୍ଛିନ୍ନ; ନୂଆ ଲୋକ ସେମାନେ ପ୍ରାୟ ଦେଖିବାକୁ ପାଆନ୍ତି ନାହିଁ, ତେଣୁ ଏ ଦୁଇଜଣଙ୍କୁ ପାଇ ସେମାନେ ପରମ ଆନନ୍ଦିତ ହୋଇଛନ୍ତି । ସେମାନଙ୍କ ଭିତରୁ ଜଣେ ବୟସ୍କ ବ୍ୟକ୍ତି ଅତିଥିଙ୍କୁ କହିଲା –"ଚାଲ ଆମ ଗାଁରେ ରହିବ ।"

ସେମାନେ ପୁରୁଷ-ସ୍ତ୍ରୀ ଦୁଇଜଣଙ୍କୁ ଧରାଧରି କରି ଗାଁ ଭିତରକୁ ନେଇଗଲେ ।

ନଦୀର ପ୍ରସ୍ତରମୟ ତଟରୁ ଗାଁକୁ ସଙ୍କୀର୍ଣ୍ଣ ଗଳି ରାସ୍ତା ଯାଇଛି, ସେହି ରାସ୍ତାରେ କୋଶେ ବାଟ ଗଲାପରେ ଗାଁ । ହଜାର ହଜାର ବର୍ଷ ପୂର୍ବେ ଏହି ସ୍ଥାନରେ ବୋଧହୁଏ ଗୋଟିଏ ହ୍ରଦ ଥିଲା, କ୍ରମେ ହ୍ରଦ ଶୁଖି ପଟୁମାଟି ଉପରେ ଗଛପତ୍ର ଜନ୍ମିଲା, ତାପରେ ମଣିଷ ଆସି ଏହି ପାହାଡ଼ ପରିବେଷ୍ଟିତ ସ୍ଥାନଟିକୁ ଆବାଦ କରିଛି । ଫଳ ଫଳେଇଛି, ଫସଲ ଉପୁଜାଇଛି, ଗୋ ଛାଗଳାଦି ପାଳନ କରି ଶାନ୍ତିରେ ବାସ କରିଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ କୁଡ଼ିଆ ଘରେ ବାସକରନ୍ତି, କିନ୍ତୁ ଏପର୍ଯ୍ୟନ୍ତ ଅଳ୍ପସଂଖ୍ୟକ ଲୋକ ପୁରୁଣା ଅଭ୍ୟାସ ଛାଡ଼ିପାରି ନାହାନ୍ତି, ସେମାନେ ବର୍ତ୍ତମାନ ବି ଗୁମ୍ଫାବାସୀ । ଏହି ପର୍ବତଚକ୍ରର ବାହାରେ ବିସ୍ତୀର୍ଣ୍ଣ ଦେଶ ସହିତ ସେମାନଙ୍କର ସମ୍ପର୍କ ଅତି କମ୍; କେବେ କେମିତି ନଗରରୁ ନୌକାଯୋଗେ ବଣିକମାନେ ଆସି ଲୁଗାପଟା ଏବଂ ସ୍ତ୍ରୀମାନଙ୍କ ପାଇଁ ତମ୍ବା ଓ ଲୁହାର ଗହଣା ବିକିଯାଆନ୍ତି, ବଦଳରେ ନଡ଼ିଆ ଗୁଆ ଛେଳି ଚମଡ଼ା ପ୍ରଭୃତି ନେଇଯାଆନ୍ତି ।

ଦେଖାଗଲା ଗାଁର ଲୋକଗୁଡ଼ା ଅର୍ଦ୍ଧ-ବନ୍ୟ ହେଲେ ହେଁ ଅତିଶୟ ଅତିଥି ବତ୍ସଳ । ସେମାନେ ଅତିଥିମାନଙ୍କୁ ଗୋଟିଏ ଗଛ ଛାଇରେ ବସାଇ ଖୀର ଖାଇବାକୁ ଦେଲେ, ପାଚିଲା ଆମ୍ବ ଓ କଦଳୀ ଦେଲେ । ଦୁଇ ବୁଭୁକ୍ଷୁ ଅତିଥି ପେଟଭରି ଖାଇଲେ । ତାପରେ ଗ୍ରାମବାସୀମାନେ ସେମାନଙ୍କୁ ପାନ ଗୁଆ ଦେଇ ଚର୍ଚ୍ଚା କଲେ । ଏମାନେ ଯୁବ-ବାଳକଙ୍କ ସହ ପାନ ଗୁଆ ମଧ୍ୟ ଭୋଗ କରନ୍ତି, ଜଙ୍ଗଲରେ

ଝଡ଼ର ଚଢ଼ ଅଛୁ, ଏମାନେ ନଦୀ ଘରରୁ ଚୂନଶାମୁକା ଗୋଟେଇ ତାଙ୍କୁ ପୋଡ଼ି ଚୂନ ତିଆରି କରନ୍ତି । ପାନ ପାଇ ମନ୍ଦୋଦରୀ ଓ ଚମ୍ପିଚନ୍ଦଙ୍କ ଆନନ୍ଦ କହିଲେ ନସରେ ।

ଇତ୍ୟବସରରେ ଗାଁର ସବୁ ସ୍ତ୍ରୀଲୋକ ଆସି ମନ୍ଦୋଦରୀଙ୍କୁ ଘେରି ଯାଇଥିଲେ, ମନ୍ଦୋଦରୀଙ୍କୁ ଦେଖିବା ପାଇଁ ନୁହେଁ, ତାର ଗହଣା ଦେଖିବା ପାଇଁ । ମନ୍ଦୋଦରୀର ଗଳାରେ ଥିଲା ମୁକ୍ତାର ହାଁସୁଲି, ହାତରେ ବାଜୁବନ୍ଧ ଓ କଙ୍କଣ, ଅଣ୍ଟାରେ ଚନ୍ଦ୍ରହାର ପାଦ ଅଙ୍ଗୁଳିରେ ରୁପାର ଝୁଣ୍ଟିଆ । ଗାଁର ସ୍ତ୍ରୀମାନେ ଆଗରୁ କେବେ ଏପରି ଅପରୂପ ଗହଣା ଦେଖି ନାହାନ୍ତି । ସେମାନେ କଳକଣ୍ଠରେ ନିଜ ନିଜ ଭିତରେ କଥା ହେଉ ହେଉ ମନ୍ଦୋଦରୀର ଦେହକୁ ଅଣ୍ଡାଳିବାରେ ଲଗିଲେ ।

ତେତେଣେ ଚମ୍ପିଚନ୍ଦ ପାନ ଖାଉ ଖାଉ ଗାଁ ମୁଖିଆକୁ କହିଲେ—"ତୁମମାନଙ୍କ ଆତିଥ୍ୟରେ ଆପ୍ୟାୟିତ ହୋଇଛୁ । ବର୍ତ୍ତମାନ ବିଜୟନଗର ଫେରିବାର ଉପାୟ କୁହ ।"

ମୁଖିଆ ମଥା ହଲାଇ କହିଲା—"ବିଜୟନଗରକୁ ଯିବାର ରାସ୍ତା ନାହିଁ । ଚାରିଆଡ଼େ ପାହାଡ଼ ।

"ଏଁ ! ଏ କି କଥା ! ଆମକୁ ଯେ ବିଜୟନଗର ଫେରିବାକୁ ପଡ଼ିବ ।"

"ତୁମେ କି ବିଜୟନଗରର ଲୋକ ?

"ନା, ମୁଁ କଳିଙ୍ଗରାଜ୍ୟର ଜଣେ ଅମାତ୍ୟ, ଗୁରୁତର ରାଜକାର୍ଯ୍ୟରେ ବିଜୟନଗର ଯାଉଥିଲି—ଆଚ୍ଛା ନଦୀପଥରେ ବିଜୟନଗର ଯିବା ତ ସମ୍ଭବ ।"

"ସମ୍ଭବ—କିନ୍ତୁ ଆମର ନୌକା ନାହିଁ ।"

ଚମ୍ପିଚନ୍ଦଙ୍କ ମୁଣ୍ଡରେ ଆକାଶ ଭାଙ୍ଗି ପଡ଼ିଲା—"ତେବେ ଉପାୟ ? ଆମେ ଯିବୁ କେମିତି ?

ମୁଖିଆ ହସି କହିଲା—"ଯିବା ଦରକାର କ'ଣ ? ଆମ ଗାଁରେ ରୁହ ।"

କି ସର୍ବନାଶ ! ଏହି ପାହାଡ଼ ମଝିରେ ଜଙ୍ଗଲିମାନଙ୍କ ଭିତରେ ସାରାଜୀବନ କଟାଇବାକୁ ହେବ । ତାଙ୍କର ତୀକ୍ଷ୍ଣ କଣ୍ଠସ୍ୱର ଉଚ୍ଚତର ହେଲା—"ଏଁ ନା ନା, ଆମେ ନଗରବାସୀ ଏ ଜଙ୍ଗଲରେ ରହିପାରିବୁ ନାହିଁ । ପାହାଡ଼-ଜଙ୍ଗଲରେ ବାଘ, ଭାଲୁ ଥାଆନ୍ତି—ଆରେ ବାପରେ ଆମକୁ ଖାଇଦେବେ ।"

ମୁଖିଆ ସାନ୍ତ୍ୱନା ଦେଇ କହିଲା—"କିଛି ଭୟ ନାହିଁ । ବଘ ଭାଲୁ ଆମ ଗାଁକୁ ଆସନ୍ତି ନାହିଁ । ମଝିରେ ମଝିରେ ଦୁଇ ଚାରିଟି ହନୁମାନଙ୍କ ଆସନ୍ତି । ସେମାନେ ମଣିଷ ମାରନ୍ତି ନାହିଁ । ତୁମେମାନେ ନିର୍ଭୟରେ ରୁହ । ଆମେ ତୁମମାନଙ୍କ ରହିବାର ଉପଯୁକ୍ତ ବ୍ୟବସ୍ଥା କରିଦେବୁ, ତୁମେମାନେ ପରମ ସୁଖରେ ରହିବ ।"

ଚପିଟକ ବିକ୍ଷୁବ୍ଧ ସ୍ୱରରେ କହିଲେ—"କେଉଁଠି ମନ ସୁଖରେ ରହିବ ? ଏଇ କୁଟୀରରେ ?"

ମୁଖିଆ ମଥା ଝୁଙ୍କାଇ କହିଲା– "ଗୋଟିଏ ହେଲେ କୁଟୀର ଖାଲି ନାହିଁ । କିନ୍ତୁ ତୁମେମାନେ ଯଦି କୁଟୀରରେ ବାସ କରିବାକୁ ଚାହଁ, ଆମେ ତୁମ ପାଇଁ କୁଟୀର ତିଆରି କରିଦେବୁ । ଆପାତତଃ ଗୋଟିଏ ସୁନ୍ଦର ଗୁହା ଖାଲି ଅଛି, ସେଇଠି ତୁମେମାନେ ରହିବ ।"

ଚପିଟକଙ୍କ ଆଖି କପାଳରେ ଖୋସି ହୋଇଗଲା । ଶେଷରେ ଗୁହା ! ଏହା ହିଁ କ'ଣ ଭାଗ୍ୟରେ ଥିଲା । ଅତି କଷ୍ଟରେ ଜିଭର ଜଡ଼ତା ଦୂରକରି ଚପିଟକ କହିଲେ—"ବଣିକମାନେ ଆସନ୍ତି କହୁଥିଲ, ସେମାନେ କଣ ଆସିବେ ନାହିଁ ?"

ମୁଖିଆ କହିଲା—"ସେମାନେ ଦୁଇ ଚାରିଦିନ ଆଗରୁ ଆସିଥିଲେ, ପୁଣି ବର୍ଷକ ପରେ ଆସିବେ ।"

ଚପିଟକଙ୍କ କଣ୍ଠରୁଦ୍ଧ ହୋଇଗଲା । ତେଣେ ଗାଁର ସ୍ତ୍ରୀମାନେ ମନ୍ଦୋଦରୀ ସହିତ ସଦ୍‌ଭାବ ସ୍ଥାପନ କରି ପକେଇଲେଣି, ଭାଷା ନ ବୁଝିଲେ ମଧ୍ୟ ଭାବର ଆଦାନ ପ୍ରଦାନ ଚାଲିଛି । ଏ ଗାଁର ସ୍ତ୍ରୀମାନେ କେବଳମାତ୍ର ଅଣ୍ଟାଠାରୁ ଆଣ୍ଠୁ ପର୍ଯ୍ୟନ୍ତ ଲୁଗା ପିନ୍ଧନ୍ତି, ବକ୍ଷ ଅନାବୃତ, ତେବେ ଗହଣା ପ୍ରତି ସେମାନଙ୍କର ଯଥେଷ୍ଟ ଆସକ୍ତି ଅଛି । ମନ୍ଦୋଦରୀର ଗହଣା ଦେଖି ସେମାନେ ସ୍ୱଭାବତଃ ଅତ୍ୟଧିକ ଆକୃଷ୍ଟ ହୋଇଥିଲେ । ସେମାନେ ମନ୍ଦୋଦରୀଙ୍କୁ ଦୁଇ ହାତରେ ଧରି ଟାଣିଲେ, କହିଲେ—"ଚାଲ । ମୁଖିଆ କହୁଛି ତୁମେ ଗୁହାରେ ରହିବ, ତୁମକୁ ଗୁହାକୁ ନେଇଯିବା । କି ସୁନ୍ଦର ଗୁହା ! ତୁମେ ଦୁଇଜଣ ମନ ଆନନ୍ଦରେ ରହିବ ।"

ମୁଖିଆ ଚପିଟକଙ୍କୁ କହିଲା—"ଆସ ଗୁହା ଦେଖିବ । ଏତେ ବଢ଼ିଆ ଗୁହା ଏଠାରେ ଆଉ ନାହିଁ । ପୁରୁଣା ମୁଖିଆ ଏଇ ଗୁହାରେ ରହୁଥିଲା, ତେୟାନବେ ବର୍ଷ ବୟସରେ ମରିଗଲା । ତେଣୁ ଗୁହାଟା ଖାଲି ପଡ଼ିଛି । ମୁଁ ବର୍ତ୍ତମାନ ମୁଖିଆ, ଭାବିଥିଲି ମୁଁ ଯାଇ ରହିବି, କିନ୍ତୁ ମୋ ସ୍ତ୍ରୀ-ପୁତ୍ର କନ୍ୟା ଅନେକ, ଏ ଗୁହାଟି ଅଣ୍ଟିବ ନାହିଁ । ତୁମେମାନେ ଅତିଥି ଆସିଛ, ତୁମେମାନେ ହିଁ ରୁହ ।"

ସମସ୍ତେ ଗୁହା ପାଖରେ ପହଞ୍ଚିଲେ । ଗାଁ ବାହାରେ ପର୍ବତକନ୍ଦର ଗୋଟିଏ ସ୍ଥାନରେ ଏହି ଗୁହାଟି । ଗୁହାର ପ୍ରବେଶପଥ ଅତି କ୍ଷୁଦ୍ର, ଆଣ୍ଠେଇ ଆଣ୍ଠେଇ ପ୍ରବେଶ କରିବାକୁ ପଡ଼େ । ଚପିଟକଙ୍କ ପକ୍ଷରେ ପ୍ରବେଶ କରିବା ବିଶେଷ କଷ୍ଟକର ନୁହେଁ, କିନ୍ତୁ ମନ୍ଦୋଦରୀକୁ ଠେଲାପେଲା ହୋଇ ପଶିବାକୁ ପଡ଼ିବ । ତଥାପି ଗୁହାର ଅଭ୍ୟନ୍ତର ବେଶ୍ ପ୍ରଶସ୍ତ । ମନ୍ଦୋଦରୀ ଗୁହାରେ ପଶିବାକୁ କୌଣସି ଆପତ୍ତି କଲା ନାହିଁ । ସେ ହାମୁଡ଼େଇ ଗୁମ୍ଫାରେ ପଶିଲା । ମୁଖିଆ ସେତେବେଳେ ଚପିଟକଙ୍କୁ କହିଲା—"ତୁମେ କିଛି ସମୟ ଗୁମ୍ଫା ଭିତରେ ଯାଇ ବିଶ୍ରାମ କର । ଗୁମ୍ଫାରେ ତୃଣ ମୁଖିଆର ବିଛଣା ଅଛି, ସେଇଥିରେ ତୁମ ଦୁଇ ସ୍ୱାମୀ-ସ୍ତ୍ରୀଙ୍କ ଚଳିଯିବ ।"

ଏତେବେଳେ ଚପିଟକଙ୍କ ହୋସ ଆସିଲା, ଏମାନେ ତାଙ୍କୁ ମନ୍ଦୋଦରୀର ସ୍ୱାମୀ ଭାବୁଛନ୍ତି । ସେ ରାଗରେ ଚହିଁକ ଉଠି ପ୍ରତିବାଦ କରିବାକୁ ଯାଉଥିଲେ, ହଠାତ୍ ଅଟକି ଗଲେ । ଏମାନେ ବନ୍ୟବର୍ବର ଲୋକ, ମନ୍ଦୋଦରୀ ତାଙ୍କ ସ୍ତ୍ରୀ ନୁହେଁ ଜାଣିପାରିଲେ କ'ଣ କରିବେ କିଛି କହିହେବ ନାହିଁ । ହୁଏତ ପୁଣି ଟାଣିନେଇ ନଦୀରେ ଫୋପାଡ଼ି ଦେବେ । ଏମାନଙ୍କ ପାଖରେ ଖୋଲତାଣ୍ଡ଼ ଲାଭ ନାହିଁ । ଆତ୍ମଗ୍ଲାନି ଗଳାଧଃକରଣ କରି ଚପିଟକ ଆଣ୍ଠେଇ ଗୁମ୍ଫା ଭିତରେ ପ୍ରବେଶ କଲେ ।

## — ଛଅ —

ପରଦିନ ପ୍ରଭାତରେ ବିଜୟନଗରର ରାଜପୁରୀ ଜାଗିଉଠିଲା । ରାଜା ଉଠିଲେ, ରାଣୀମାନେ ଉଠିଲେ, ପୌର-ପରିଜନ ସମସ୍ତେ ଉଠିଲେ । ବିଦ୍ୟୁନ୍ମାଳା ଓ ମଣିକଙ୍କଣାର ନିଦ ଭାଙ୍ଗିଲା ।

ସୂର୍ଯ୍ୟୋଦୟ ହେଲା କି ନାହିଁ ପିଙ୍ଗଳା ମଲ୍ଲଗୃହସ୍ଥ ଦ୍ୱିତଳରେ ଆସି ହାଜର ହେଲା । ସେ ରାତିରେ ରାଜପୁରୀରେ ହିଁ କେଉଁଠି ରହେ, ତା'ପାଇଁ ସ୍ୱତନ୍ତ୍ର କକ୍ଷ ନାହିଁ । ଶୁଣାଯାଏ ତାର ଜଣେ ଗୁପ୍ତ ପ୍ରେମିକ ଅଛି; ମାସରେ ଦୁଇ-ତିନି ଥର ନିଶାର୍ଦ୍ଧରେ ସେ ଚୁପ୍ ଚୁପ୍ ପ୍ରେମିକ ପାଖକୁ ଯାଏ । ସେଠି ରାତି କଟାଇ ପ୍ରଭାତରେ ରାଜପୁରୀକୁ ଫେରିଆସେ । ଅନ୍ୟଥା ରାଜପୁରୀ ଛାଡ଼ି ସେ କେଉଁଠିକି ଯାଏ ନାହିଁ । ରାଜପୁରୀରେ ତାର ଅହର୍ନିଶି କାମ ।

ରାଜକୁମାରୀମାନଙ୍କ ନିକଟରେ ଉପସ୍ଥିତ ହୋଇ ପିଙ୍ଗଳା କହିଲା— "ରାଜଗୁରୁ କୂର୍ମଦେବ ସମ୍ବାଦ ପଠାଇଛନ୍ତି, ସେ ବର୍ତ୍ତମାନ ଆପଣମାନଙ୍କୁ ଆଶୀର୍ବାଦ ଦେବାକୁ ଆସିବେ ।"

ରାଜକୁମାରୀମାନେ ପ୍ରସ୍ତୁତ ହୋଇ ରହିଲେ । ଦୁଇଦଣ୍ଡ ପରେ ଗୁରୁଦେବ ଆସିଲେ, ରାଜକୁମାରୀମାନେ ତାଙ୍କ ଚରଣରେ ପ୍ରଣାମ କଲେ । ପିଙ୍ଗଳା ଉପସ୍ଥିତ ଥିଲା, ସେ ବିଦ୍ୟୁନ୍ମାଳାଙ୍କ ପରିଚୟ ଦେଲା ।

କୂର୍ମଦେବ ଭାବୀ ରାଜବଧୂଙ୍କୁ ସ୍ୱଚକ୍ଷୁରେ ଦେଖିବାକୁ ଆସିଥିଲେ, ଦେଖି ସନ୍ତୁଷ୍ଟ ହେଲେ; ମନେ ମନେ କହିଲେ—"କନ୍ୟା ସୁଲକ୍ଷଣା ଓ ଶୁଦ୍ଧଚରିତ୍ରା, ଅନ୍ୟ କନ୍ୟାଟି ମଧ୍ୟ ସେହିପରି । ଦୁଇ ଜଣଯାକ ବିଜୟ ନଗରର ରାଜବଧୂ ହେବା ପାଇଁ ଯୋଗ୍ୟ । ସେ ବିଦ୍ୟୁନ୍ମାଳାଙ୍କୁ କହିଲେ "ମା, ଶାସ୍ତ୍ରୀୟ କାରଣରୁ ବିବାହ ତିନି ମାସ ସ୍ଥଗିତ ରହିବ । ଏହି ତିନି ମାସ ତୁମକୁ ଗୋଟିଏ ବ୍ରତ ପାଳନ କରିବାକୁ ହେବ । ପ୍ରତ୍ୟହ ପ୍ରଭାତରେ ତୁମେ ପମ୍ପାପତିଙ୍କ ମନ୍ଦିରକୁ ଯିବ । ପମ୍ପାପତିଙ୍କ ମନ୍ଦିର ବେଶୀ ଦୂର ନୁହେଁ, ତୁମେ ପାଦରେ ଯିବ । ସେଠାରେ ପମ୍ପା ସରୋବରରେ ଅବଗାହନ ସ୍ନାନ କରିବ, ସରୋବରର ପଦ୍ମ ତୋଳି ପମ୍ପାପତିଙ୍କ ପୂଜା କରିବ, ତାପରେ ଫେରି ଆସିବ । ତିନି ମାସ ଏହି ଭାବରେ କଟାଇଲା ପରେ ବିବାହ ହେବ ।"

ବିଦ୍ୟୁନ୍ମାଳା ମନେ ମନେ ସ୍ୱସ୍ତିରେ ନିଶ୍ୱାସ ମାରିଲେ । ମୁଣ୍ଡ ଉପରେ ବୋଝ ଥିଲା, ଏବେ ଅନ୍ତତଃ ତିନି ମାସ ପାଇଁ ପରିତ୍ରାଣ । ସେ ମସ୍ତକ ଅବନତ

କରି ସ୍ୱୀକୃତି ଜଣାଇଲେ । ପିଙ୍ଗଳା କହିଲା—"ଗୁରୁଦେବ, କେବେଠାରୁ ବ୍ରତ ଆରମ୍ଭ ହେବ ?"

କୁର୍ମଦେବ କହିଲେ—"ଆଜଠାରୁ ଆରମ୍ଭ ହେଉ-ନା । ଶୁଭସ୍ୟ ଶୀଘ୍ରମ୍ ।"

ରାଜପୁରରୁ ପ୍ରସ୍ଥାନ କଲାପରେ ପମ୍ପା ପତିଙ୍କ ମନ୍ଦିରକୁ ଯିବାପାଇଁ ସାଜ-ସଜା ଆରମ୍ଭ ହୋଇଗଲା । ପିଙ୍ଗଳା ନକେ ସାଙ୍ଗରେ ଯିବ ନାହିଁ, କିନ୍ତୁ ସେ ସମସ୍ତ ବ୍ୟବସ୍ଥା କଲା । ରାଜାଙ୍କ ପାଖକୁ ସମ୍ବାଦ ଗଲା, ପମ୍ପାପତିଙ୍କ ମନ୍ଦିରକୁ ଅନ୍ତଦୂର ପ୍ରେରିତ ହେଲା । ତାପରେ ପାଟବସ୍ତ୍ର ପରିଧାନ କରି ଦୁଇ ରାଜକନ୍ୟା ବାହାରି ହେଲେ । ସମ୍ମୁଖରେ ଅସି ହସ୍ତରେ ଦୁଇ ଜଣ ପ୍ରତିହାରିଣୀ, ପଛରେ ଆଉ ଦଶ ଜଣ । ପଥ ଆଲୋକିତ କରି ସୁନ୍ଦରୀଙ୍କ ଦଳ ଅଗ୍ରସର ହେଲା ।

ପମ୍ପାପତିଙ୍କ ମନ୍ଦିର ରାଜପୁରର ବାୟୁକୋଣରେ ପ୍ରାୟ ଏକ କୋଶ ଦୂରରେ ଅବସ୍ଥିତ । ମନ୍ଦିରର ଉତ୍ତରରେ ତୁଙ୍ଗଭଦ୍ରା, ଡାହାଣ-ବାମରେ ପମ୍ପା ସରୋବର ଓ ହେମକୂଟ ପର୍ବତ । ତ୍ରେତୟା ଯୁଗରେ ଏହି ପମ୍ପା ସରୋବରରେ ସୀତା ସ୍ନାନ କରିଥିଲେ, ରାମ-ଲକ୍ଷ୍ମଣ ତା' ତଟରେ ପରମ ଧାର୍ମିକ ବକପକ୍ଷୀ ଦେଖି ହାସ୍ୟ-ପରିହାସ କରିଥିଲେ ।

ରାଜକନ୍ୟାମାନେ ସବାଗୃହରୁ କିଛି ଦୂର ଯାଇଛନ୍ତି, ପଥପାର୍ଶ୍ୱରେ ଅତିଥି-ଭବନ । ଜଣେକ ଯୁବକ ଅତିଥି-ଭବନରୁ ବାହାରି ଆସି ସମ୍ମୁଖରେ ଯୁବତୀ-ପ୍ରବାହ ଦେଖି ଅଟକିଗଲା । ତାପରେ ସେ ଯୁବତୀମାନଙ୍କ ଭିତରେ ରାଜକନ୍ୟା ଦୁହିଁଙ୍କୁ ଦେଖିବାକୁ ପାଇଲା ।

ରାଜକନ୍ୟାମାନେ ମଧ୍ୟ ଯୁବକକୁ ଦେଖିଥିଲେ ଏବଂ ଚିହ୍ନି ପାରିଥିଲେ । ଅର୍ଜୁନବର୍ମା । ସେ ସମ୍ଭ୍ରମ ସହକାରେ ଦୁଇ ହାତ ଯୋଡ଼ିଲା । ରାଜକନ୍ୟାମାନଙ୍କ ଗତି ସ୍ଥଗିତ ହେଲା ନାହିଁ; କିନ୍ତୁ ମଣିକଙ୍କଣା ଅଶ୍ରୁପର୍ଣ ହୋଇ ଟିକିଏ ହସିଦେଲା । ବିଦ୍ୟୁନ୍ମାଳା ହସିଲେ ନାହିଁ, ମାତ୍ର ତାଙ୍କ ମୁଖମଣ୍ଡଳ ରକ୍ତିମ ହୋଇଉଠିଲା । କେହି ଜାଣିଲେ ନାହିଁ ଯେ ତାଙ୍କ ହୃତ୍ପିଣ୍ଡ ମୁହୂର୍ତ୍ତିକ ପାଇଁ ଦୁକଦୁକ କରିଉଠିଥିଲା ।

ଅର୍ଜୁନ ଛିଡ଼ାହୋଇ ରହିଲା, ସ୍ନାନାର୍ଥୀମାନେ ଚାଲିଗଲେ । ଅର୍ଜୁନ ଟିକେ ଇତସ୍ତତଃ ହେଲା, ତାର ଇଚ୍ଛା ହେଲା ଦୂରେ ରାଜକୁମାରୀମାନଙ୍କୁ ଅନୁସରଣ କରନ୍ତା, ସେମାନେ ପ୍ରତିହାରିଣୀ ପରିବେଷ୍ଟିତା ହୋଇ କେଉଁଠିକି ଯାଉଛନ୍ତି ଦେଖି ଆସନ୍ତା । କିନ୍ତୁ ନା, ତାହା ଶୋଭନୀୟ ନୁହେଁ । ସେ ଦ୍ରୁତପାଦରେ ଅନ୍ୟ ରାସ୍ତାରେ ଚାଲିଗଲା ।

ଆଜି ସକାଳେ ସେ ତଳବ୍ରମଳକୁ ଦେଖିବାକୁ ଯିବ ବୋଲି ଚାହୁଁଥିଲା । ରାସ୍ତାକୁ ଓହ୍ଲାଇବା ମାତ୍ରେ ରାଜକୁମାରୀମାନଙ୍କ ସହ ସାକ୍ଷାତ । ସେ କ୍ଷଣକ ପାଇଁ ଆନମନା ହୋଇପଡ଼ିଥିଲା, ବର୍ତ୍ତମାନ ସେ ମନ ସଂଯତକରି କଲ୍ଲାଘାଟ ଆଡ଼େ ଅଗ୍ରସର ହେଲା ।

ପ୍ରଭାତରେ ନଗରୀର ରୂପ ଅନ୍ୟ ପ୍ରକାର; ଯେପରି ସଦ୍ୟ ନିଦ ଭାଙ୍ଗିଥିବା ଆଳସ୍ୟ-ଜଡ଼ିତ ରୂପ । ଗୁଆ-ପାନ ରାସ୍ତାରେ ଲୋକ ଚଳାଚଳ ବେଶି ନାହିଁ । ଦୋକାନ-ବଜାର ଧୀରେ ସୁସ୍ଥେ ଖୋଲୁଛି ।

କିଛି ଦୂର ଚାଲିବା ପରେ ଅର୍ଜୁନ ବିନା କାରଣରେ ଥରେ ପଛକୁ ଫେରି ଚାହିଁଲା । ସେହି ଶୀର୍ଣ୍ଣ ଲୋକଟି ତା' ପଛରେ ଅଛି, ନିଜର ମୁଖାବୟବ ଘୋଡ଼ାଇ ରଖିବା ପାଇଁ ବୋଧହୁଏ ମୁଣ୍ଡରେ ଗୋଟିଏ ପଗଡ଼ି ବାନ୍ଧିଛି । କିନ୍ତୁ ତାହାରେ ତାର ସ୍ୱରୂପ ଲୁଚି ଯାଉନାହିଁ ।

ଅର୍ଜୁନକୁ ଟିକେ ବିରକ୍ତ ଲାଗିଲା । କ'ଣ ଚାହେଁ ଲୋକଟା ? ତାର ଗୋଟେ ଉଦ୍ଦେଶ୍ୟ ଅଛି, ସନ୍ଦେହ ନାହିଁ; କିନ୍ତୁ କ'ଣ ସେ ଉଦ୍ଦେଶ୍ୟ ? ଅର୍ଜୁନର ଇଚ୍ଛା ହେଲା ଫେରିଯାଇ ଥରେ ଲୋକଟାକୁ ଅଟକାଇ ପଚାରିବ କ'ଣ ଚାହଁ ତୁମେ ? କିନ୍ତୁ ତାହାରେ ଶାନ୍ତିଭଙ୍ଗର ସମ୍ଭାବନା ଅଛି; ଅର୍ଜୁନ ଏ ଦେଶରେ ନବାଗତ, କାହାରି ସହିତ କଳହ କରିବାକୁ ଚାହେଁନା । ସେ ଲୋକଟିକୁ ମନରୁ ପୋଛିଦେଇ ଅନ୍ୟ କଥା ଭାବି ଭାବି ରାସ୍ତାରେ ଆଗେଇଲା ।

ଭାବିବା ପାଇଁ ବିଷୟବସ୍ତୁର ଅଭାବ ନ ଥିଲା । ପିତା ସୁଦୂର କୁଳବର୍ଗାରେ କ'ଣ କରୁଥିବେ; ସତରେ କ'ଣ ସୁଲତାନ ତାଙ୍କୁ ଧରିନେଇ ଯାଇଛନ୍ତି; ପିତା କ'ଣ ଅନଶନରେ ପ୍ରାଣତ୍ୟାଗ କରିଛନ୍ତି ?... ଏହି ଦେଶଟା ତାକୁ ଭଲ ଲାଗୁଛି; ଏହି ଦେଶକୁ ନିଜ ଦେଶ ଭାବି ସେ ସୁଖୀ ହୋଇଛି; ସେ କ'ଣ ଦେଶସେବା କରିପାରିବ ? ରାଜା କ'ଣ ତାଙ୍କୁ ସୈନିକ କାର୍ଯ୍ୟ ଦେବେ ? —ଏ ସମସ୍ତ ଚିନ୍ତାକୁ ଭାଙ୍ଗି ମଝିରେ ମଝିରେ ରାଜକୁମାରୀ ବିଦ୍ୟୁନ୍ମାଳାଙ୍କ ସ୍ନିଗ୍ଧ ଗମ୍ଭୀର ମୁଖମଣ୍ଡଳଟି ତାର ମାନସପଟରେ ଫୁଟି ଉଠିବାକୁ ଲାଗିଲା । ରାଜକୁମାରୀଙ୍କ ମନରେ ଅଭିମାନ ନାହିଁ, ଅର୍ଜୁନ ଭଳି ସାମାନ୍ୟ ବ୍ୟକ୍ତିର ଜୀବନ କାହାଣୀ ଶୁଣିବାକୁ ତାଙ୍କର ଆଗ୍ରହ । ଈଶ୍ୱରଙ୍କ କୃପାରୁ ସେ ରାଜେନ୍ଦ୍ରାଣୀ ହୋଇ ସୁଖରେ ରହନ୍ତୁ—

ଯେତେବେଳେ ଅର୍ଜୁନ କଲ୍ଲାଘାଟରେ ପହଞ୍ଚିଲା ସେତେବେଳେ ଦ୍ୱିପ୍ରହର ହେବାକୁ ଡେରି ନାହିଁ । ଘାଟରେ ଦୁଇ-ତିନୋଟି ଗୋଲାକୃତି ଖେଳ-ଡଙ୍ଗା

ଥିଲା, ସେ ସେଠିକି ଏ ଭଡ଼ାରେ ନେଇ ଯାଉଥିବା ବୋଇତଗୁଡ଼ିକ ଆଡ଼େ ଚାଲିଲା। ବୋଇତ ଯେମିତି ଥିଲା ସେମିତି ରହିଛି। ପ୍ରଥମଟିର ନିକଟକୁ ଯାଇ ଅର୍ଜୁନ ତା'ଭିତରୁ କୌଣସି ସାଡ଼ାଶବ୍ଦ ପାଇଲା ନାହିଁ। ତାପରେ ସେ ଦ୍ୱିତୀୟଟି ପାଖକୁ ଗଲା। ଏହି ବୋଇତଟି ଭିତରୁ ଠକ୍‌ଠାକ୍ ଶବ୍ଦ ଆସୁଛି। ସେ ବୋଇତ ଦେହରେ ଡଙ୍ଗା ଭିଡ଼ି ଉଚ୍ଚ ସ୍ୱରରେ ଡାକିଲା—"ବଳରାମ।"

ଠକ୍‌ଠାକ୍ ଶବ୍ଦ ବନ୍ଦ ହେଲା। ମୁହୂର୍ତ୍ତକ ପରେ ବୋଇତ ଭିତରୁ ବଳରାମ କର୍ମକାର ଚଟାଣ ଉପରକୁ ଉଠି ଆସିଲା, ଅର୍ଜୁନକୁ ଦେଖି ଠୋ ଠୋ ହସିଲା—"ଆସ ଆସ, ବନ୍ଧୁ, ଆସ। ରଙ୍ଗକ୍ଷେତ୍ର ଡୁଙ୍ଗା ଚଳେଇ ଆସିଲ ଯେ!"

"ତୁମକୁ ଦେଖିବାକୁ ଆସିଲି।" ଅର୍ଜୁନ ବୋଇତ ଧାରରେ ଡଙ୍ଗା ବାନ୍ଧି ପଟା ଉପରକୁ ଉଠିଲା—"ମୋର ଲାଠି ଦୁଇଟି ଅଛି ତ?"

"ଅଛି। ମୁଁ ଯତ୍ନ କରି ରଖିଛି। ଚାଲ, ତଳକୁ ଯିବା, ଏଠାରେ ଖୁବ୍ ଖରା।"

ଦୁଇଜଣ ଏପିଟକ ମାମୁଁଙ୍କ କକ୍ଷରେ ବସିଲେ। ମାମୁଁଙ୍କ ଜିନିଷପତ୍ର ସବୁ ରହିଛି, କେବଳ ମାମୁଁ ନାହାନ୍ତି। ଦୁଇଜଣ ଯାକ ସମସ୍ତ ଝଡ଼ସନ୍ଧ୍ୟା ଜମସ୍ତର ସମ୍ମତ କନମସ୍କ କଲେ, ଶେଷରେ ଅର୍ଜୁନ କହିଲା—"ବୋଇତ କ'ଣ ବେଶି ଜଖମ ହୋଇଛି?"

ବଳରାମ କହିଲା—"ଜଖମ ବେଶି ହୋଇନି, ଯାହା କିଛି ହୋଇଛି ତାହା ବଢ଼େଇମାନେ ମରାମତି କରିପାରିବେ। କିନ୍ତୁ ଭେନୋଟିଯାକ ବୋଇତ ପଠାରେ ଅଟକି ଯାଇଛି, ଯେତେଦିନ ପର୍ଯ୍ୟନ୍ତ ବର୍ଷା ହୋଇ ନଦୀ ନ ବଢ଼ିଛି ସେତେଦିନ ପର୍ଯ୍ୟନ୍ତ ଏଗୁଡ଼ିକୁ ଭସାଯାଇ ପାରିବ ନାହିଁ।

"ତୁମ କାମ ସରିଲାଣି?"

"ମୋ କାମ ବେଶି ନ ଥିଲା। କେଇଟା ଲୁହା କଣ୍ଟା ତିଆରି କରିଦେଇଛି, ବାକି କାମ ବଢ଼େଇମାନେ କରିବେ।"

"ତାହେଲେ ତୁମେ ମୋ ସଙ୍ଗରେ ବିଜୟନଗର ଚାଲନା।"

"ବେଶ ଚାଲ। କିନ୍ତୁ ଏଠି ଖାଇବା ତିଆରି ହୋଇସାରିଛି, ଖାଇନେଇ ବାହାରିବା। ରନ୍ଧା ଅବଶ୍ୟ ବେଶି କୁହଁ, ଭାତ ଆଉ ମାଛର ବେସର-ଝୋଳ।"

"ମାଛ କେଉଁଠୁ ପାଇଲ ?"

"ତୁଙ୍ଗଭଦ୍ରାରେ ମାଛ ଅସ୍ତବ ! ବନ୍ଶୀ ପକାଇ ଧରୁଛୁ । ମାଛର ସ୍ୱାଦ ଜମା ଭଲ ନୁହେଁ, ବଙ୍ଗଦେଶ ପରି ନୁହେଁ । କାଲି ଖାଇଥିଲି ।"

ଦୁଇଜଣ ନୌକା ଭିତରକୁ ଯାଇ ଖାଇ ବସିଲେ । ଖାଉ ଖାଉ କଥା ହେବାକୁ ଲାଗିଲେ—"ରାଜାଙ୍କୁ ଦେଖିଛ ? ରାଜା କେମିତି ?"

"ରାଜା ମୋତେ ଡାକିଥିଲେ, ମୁଁ ତାଙ୍କ ପାଖକୁ ଯାଇଥିଲି । ରାଜା ଭଲ ଲୋକ । ମୋତେ ତାଙ୍କ ସୈନ୍ୟଦଳରେ ନେବେ କହୁଛନ୍ତି ।"

ଅର୍ଜୁନ ରାଜଦର୍ଶନର ଆଖ୍ୟାନ ବିସ୍ତାରିତ କରି ବର୍ଣ୍ଣନା କଲା । ଶୁଣି ବଲରାମ କହିଲା -"ତାହାହେଲେ ଏମିତି କଥା ! ତୁମ ଭାଗ୍ୟ ଭଲ । ମୁଁ ବି ରାଜାଙ୍କ ଶ୍ରୀଚରଣ ଦର୍ଶନ କରିବାକୁ ଆଗ୍ରହୀ, ବିଶେଷ ପ୍ରୟୋଜନ ଅଛି । ତୁମେ ଭାଇ ଥରେ ଚେଷ୍ଟା କର ।"

"ନିଶ୍ଚୟ କରିବି । ମୋର ଯଥାସାଧ୍ୟ କରିବି ।"

ଆହାର ଶେଷରେ କିଛି ସମୟ ବିଶ୍ରାମ କରି ଦୁଇବନ୍ଧୁ ଉଠିଲେ । ବଲରାମ ଗୋଟିଏ ପାଟ ଥଳୀରେ କିଛି ଲୁହା ଲତା ଧରି କାନ୍ଧରେ ପକାଇଲା । ଅର୍ଜୁନ ନିଜ ଲଠି ଦୁଇଟି ହାତରେ ନେଲା ।

ଗୋଲ ନୌକାରେ ଚଢ଼ି ସେମାନେ ଘାଟରେ ଓହ୍ଲାଇଲେ । ଅର୍ଜୁନ ଦେଖିଲା, ନିର୍ଜନ ଘାଟର ଗୋଟିଏ କୋଣରେ ଶୀର୍ଣ୍ଣକାୟ ଲୋକଟି ବସିଛି । ମୁଣ୍ଡରେ ପଗଡ଼ି ଥିବା ସତ୍ତ୍ୱେ ପ୍ରଚଣ୍ଡ ଖରାରେ ତା ଅବସ୍ଥା କରୁଣ । ଅର୍ଜୁନ ବଲରାମ ରାସ୍ତାରେ ଚାଲିବା ଆରମ୍ଭ କଲେ, ସେ ମଧ୍ୟ ପଛେ ପଛେ ଚାଲିଲା ।

ଅର୍ଜୁନ ଚାଲୁ ଚାଲୁ ବଲରାମକୁ ନିମ୍ନ ସ୍ୱରରେ ଶୀର୍ଣ୍ଣ ଲୋକଟି କଥା କହିଲା । ବଲରାମ ଥରେ ମୁଣ୍ଡ ବୁଲାଇ ପଶ୍ଚ ହାଲ ଦୂରରେ ଥିବା ଲୋକଟିକୁ ଦେଖିଲା, ତାପରେ କିଛି ସମୟ ଚିନ୍ତା କରି କହିଲା—"ରାଜାଙ୍କ ଗୁପ୍ତଚର ହୋଇପାରେ ।"

ଅର୍ଜୁନ ଆଶ୍ଚର୍ଯ୍ୟ ହୋଇ କହିଲା —"ରାଜାଙ୍କ ଗୁପ୍ତଚର – ।

ବଲରାମ କହିଲା—"ରାଜାମାନେ କାହାକୁ ବିଶ୍ୱାସ କରନ୍ତି ନାହିଁ । ବିଶ୍ୱାସ କଲେ ସେମାନେ ଚଳିପାରିବେ ନାହିଁ । ତୁମେ ତ ନୂଆ ଲୋକ ବୁଲିବାକୁ ଆସିଛ,

କେଶ୍ ତୁମ ପଛରେ ଗୁପ୍ତଚର ଲଗିଛି । ଭଲ ରାଜା, ବିଚକ୍ଷଣ ରାଜା ! କିନ୍ତୁ ତୁମ ମନରେ ତ ପାପ ନାହିଁ, ତୁମେ ଡରୁଛ କାହିଁକି ?"

ଅର୍ଜୁନ ଅନେକକ୍ଷଣ ହତବାକ୍ ହୋଇ ରହିଲେ । ରାଜନୀତି ସହ ତାର ପରିଚୟ ନାହିଁ; ଯେଉଁ ଲୋକ ପ୍ରସନ୍ନ ବଦନରେ ତା ସହିତ ବାକ୍ୟାଳାପ କରି ପ୍ରୀତିର ନିଦର୍ଶନ ସ୍ୱରୂପ ସ୍ୱର୍ଣ୍ଣମୁଦ୍ରା ଦାନ କରେ, ସେ ପୁଣି ତା ପଛରେ ଗୁପ୍ତଚର ଲଗାଇ ପାରେ ଏକଥା ବିଶ୍ୱାସ ହୁଏନା । କିନ୍ତୁ ବଲରାମର କଥା ହିଁ ସତ, ରାଜାମାନଙ୍କୁ ସର୍ବଦା ସତର୍କ ରହିବାକୁ ପଡ଼େ ।

ଗୁଆ ପାନ ରାସ୍ତା ଦେଖି ବଲରାମର ଆଖି ଖୋସି ହୋଇଗଲା । ଦୀର୍ଘ ପଥ ଚାଲି ଚାଲି ସେମାନେ କ୍ଲାନ୍ତ ହୋଇ ପଡ଼ିଥିଲେ, ଚହ୍ଲାଦୋକାନକୁ ଯାଇ ଆକଣ୍ଠ ଶୀତଳ ଚହ୍ଲାପାନ କଲେ । ଆଜ ଆଉ ଚହ୍ଲାବାଲା ମୁଦ୍ରା ଦାମ ନବାକୁ ଅସ୍ୱୀକାର କଲା ନାହିଁ ।

ସନ୍ଧ୍ୟା ଆଗମନରେ ଦୁଇଜଣ ଅତିଥି-ଭବନରେ ପ୍ରବେଶ କଲେ, ବଲରାମର ପରିଚୟ ପାଇ ପରିଚାରକମାନେ ତାଙ୍କୁ ଅର୍ଜୁନର ପାଖ ଗୋଟିଏ ପ୍ରକୋଷ୍ଠରେ ରହିବାକୁ ଦେଲେ ।

—ସାତ—

ପରଦିନ ପ୍ରଭାତରେ ବିଜୟନଗର ପରିଦର୍ଶନରେ ବାହାରିଲେ । ଏହା ପୂର୍ବରୁ ବଳରାମ ଏପରି ବିସ୍ତୀର୍ଣ୍ଣ ଶୋଭାମୟ ନଗର ଦେଖିନାହିଁ, ବର୍ତ୍ତମାନ ଏହା ତୁଳନାରେ ଗଣ୍ଡଗ୍ରାମ । ଅର୍ଜ୍ଜୁନ ମଧ୍ୟ ଇନ୍ଦ୍ରପ୍ରସ୍ଥନଗରର ସାମାନ୍ୟ ଅଂଶ ଦେଖିଛି । ତେଣୁ ସେମାନେ ଆଗ୍ରହ ସହକାରେ ନଗର ଦର୍ଶନରେ ବାହାରିଲେ । ଆଜି ସେମାନେ ସାରା ଦିନ ଯଥେଚ୍ଛ ଘୂରି ବୁଲିବେ, ହ୍ରଦରେ ସ୍ନାନ କରିବେ, ମିଷ୍ଟାନ୍ନ ଦୋକାନରୁ ବିଭିନ୍ନ ଖାଦ୍ୟ ସଂଗ୍ରହ କରିନେବେ । ତାପରେ ସନ୍ଧ୍ୟାରେ ଫେରି ଆସିବେ ।

ଅତିଥି-ଭବନରୁ ବାହାରିଆସି ଆଜି ମଧ୍ୟ ରାଜକନ୍ୟାମାନଙ୍କ ସଙ୍ଗରେ ଦେଖାହୋଇଗଲା । ସେମାନେ ପ୍ରହରିଣୀ ପରିବେଷ୍ଟିତା ହୋଇ ପମ୍ପାପତିଙ୍କ ମନ୍ଦିରକୁ ଯାଉଛନ୍ତି । ଅର୍ଜ୍ଜୁନ ଓ ବଳରାମ ରାସ୍ତା କଡ଼ରେ ଠିଆହୋଇଗଲେ । ମଣିକଙ୍କଣା ଆଜି ମଧ୍ୟ ମିଷ୍ଟ ହାସ୍ୟ ପ୍ରକାଶ କଲା, ଚନ୍ଦ୍ରମାଲାଙ୍କ ଗଣ୍ଡଦେଶରେ ଯେପରି ସିନ୍ଦୂର ବୋଳି ହୋଇଗଲା । ସେମାନେ ଚାଲିଗଲା ପରେ ବଳରାମ ଅର୍ଜ୍ଜୁନକୁ ପଚାରିଲା—"ଏମାନେ କୁଆଡ଼େ ଯାଉଛନ୍ତି ?"

ଅର୍ଜ୍ଜୁନ କହିଲା - "ଜାଣେ ନାହିଁ । କାଲି ମଧ୍ୟ ଯାଉଥିଲେ ।"

"ଚାଲ, ଖବର ନେବା ।"

ଖୋଜିବାକୁ ପଡ଼ିଲା ନାହିଁ, ଗୋଟିଏ ପାନ ଦୋକାନରୁ ସେମାନେ ପ୍ରକୃତ ତଥ୍ୟ ପାଇଗଲେ । ଇତି ମଧ୍ୟରେ ସମ୍ବାଦଟି ନଗରସାରା ବ୍ୟାପ୍ତ ହୋଇଯାଇଛି । ରାଜଗୁରୁଙ୍କ ଆଦେଶରେ କନ୍ୟାଙ୍କ କୁମାରୀ ତିନି ମାସ ବ୍ରତ ପାଳନ କରିବେ, ପ୍ରତ୍ୟହ ପମ୍ପା ସରୋବରରେ ସ୍ନାନ କରି ମନ୍ଦିରରେ ଦେବାର୍ଚ୍ଚନା କରିବେ । ବ୍ରତ ଉଦ୍ଯାପନ ପରେ ବିବାହ ହେବ ।

ଏହାପରେ ସେମାନେ ନଗରର ଚାରିଆଡ଼େ ମନଇଚ୍ଛା ଘୂରି ବୁଲିଲେ । କହିବା ବାହୁଲ୍ୟ, ଶାର୍ଙ୍ଗୀ ଗୁପ୍ତଚରଟି ସେମାନଙ୍କ ପଛେ ପଛେ ଥିଲା ।

ନଗରରେ ଅଗଣିତ ସୁନ୍ଦର ଦେବମନ୍ଦିର କେଉଁ ମନ୍ଦିର ବୀରଭଦ୍ରଙ୍କ କେଉଁ ମନ୍ଦିର ରାମସ୍ୱାମୀଙ୍କ, କେଉଁ ମନ୍ଦିର ଅବା ମଲ୍ଲିକାର୍ଜ୍ଜୁନଙ୍କ । ମନ୍ଦିର ସଂଲଗ୍ନ ଭବନ ବହୁସଂଖ୍ୟକ ଦେବଦାସୀଙ୍କ ବାସଭବନ । ଚମ୍ପକବର୍ଣ୍ଣା ଏହି ସୁନ୍ଦରୀ ଦେବଦାସୀମାନେ ବିବାହ କରନ୍ତି ନାହିଁ; ଏମାନେ ନୃତ୍ୟ-ଗୀତ ଦ୍ୱାରା ଦେବତାଙ୍କ ସେବା କରି ଯୌବନ କାଳ ଯାପନ କରନ୍ତି । ଦେବତାମାନେ ହିଁ ସେମାନଙ୍କ ସ୍ୱାମୀ ।

ନଗରର ପଶ୍ଚିମ ଭିତରେ ଅନେକ ଛୋଟ ଛୋଟ ପାହାଡ଼ ଅଛି, ପାହାଡ଼ରେ କେଉଁଠି କେଉଁଠି ଗୁମ୍ଫା ଅଛି । ଏସବୁ ଗୁମ୍ଫାରେ କେହି ବାସ କରନ୍ତି ନାହିଁ, କଦାଚିତ ମନୁଷ୍ୟ-ପୀଡ଼ିତ ସାଧକ-ସାଧିକା ଏହି ପ୍ରାକୃତିକ ସଙ୍କେତ ଗୁହାରେ କୈଣ-ଅବସାର କରନ୍ତି, ପ୍ରଶସ୍ତିର ଅପରିଣାମଦର୍ଶିତା ଯୋଗୁଁ ନିଜ ନିଜ ନାମ ଗୁମ୍ଫା ଗାତ୍ରରେ ଲେଖି ରଖି ଯାଆନ୍ତି । ଦ୍ୱିପ୍ରହରରେ ଏହି ଗୁମ୍ଫା ଗୁଡ଼ିରେ ଗୋପାଳ ବାଳକ ରଖାଳ ନିଦ୍ରା ଯାଏ । ପାହାଡ଼ ବ୍ୟାପୀ ସୁନ୍ଦରଗଛର ଅନେକ ଜଳ ସ୍ରୋତ ଅଛି, ପ୍ରକାଣ୍ଡ ପ୍ରକାଣ୍ଡ ସରୋବର ଅଛି । ଅର୍ଜୁନ ଓ ବଳରାମ ସରୋବରରେ ସ୍ନାନ କଲେ, ସଙ୍ଗରେ ନେଇଥିବା ଖାଦ୍ୟପଦାର୍ଥ ବୃକ୍ଷ ଛାୟାରେ ବସି ଭୋଜନ କଲେ, ତାପରେ ଗୋଟିଏ ଗୁମ୍ଫାର ସ୍ନିଗ୍ଧ ଅନ୍ଧକାର ଗର୍ଭରେ ଶୋଇଗଲେ ।

ଅପରାହ୍ଣରେ ସୂର୍ଯ୍ୟଙ୍କ ତେଜ କମିବାରୁ ଦୁଇଜଣ ଗୁମ୍ଫାରୁ ବାହାରିଲେ । ଗୁପ୍ତଚର ଗୁମ୍ଫାମୁହଁଠାରୁ କିଛି ଦୂରରେ ବୃକ୍ଷ ଛାୟାରେ ବସି ଛୋଲାଭଜା ଚୋବାଉ-ଥିଲା । ସେ ମଧ୍ୟ ଉଠିଲା ।

ବଳରାମ ତାକୁ ଦେଖି ଅର୍ଜୁନକୁ କହିଲା—"ଆସ, ଲୋକଟିକୁ ନେଇ ଟିକେ ମଜା କରିବା ।"

ଦୁଇଜଣ ଅଳ୍ପ କ୍ଷଣରେ ପରାମର୍ଶ କଲେ, ତାପରେ ବଳରାମ ପୁଣି ଗୁମ୍ଫା ଭିତରେ ପଶିଲା, ଅର୍ଜୁନ ଜନଶୂନ୍ୟ ରାସ୍ତାରେ ରାଜପୁରୀ ଆଡ଼କୁ ଚାଲିଲା । ରାଜପୁରୀ ଏଠାରୁ ଅନୁମାନ କୋଶେ ଦୂର ।

ଗୁପ୍ତଚର ଗଛତଳେ ଛିଡ଼ାହୋଇ ମୁହୂର୍ତ୍ତେ ଇତସ୍ତତଃ ହେଲା, ତାପରେ ଅର୍ଜୁନକୁ ଅନୁସରଣ କଲା । ସ୍ପଷ୍ଟ ବୁଝାଗଲା ଅର୍ଜୁନ ହିଁ ତାର ପ୍ରଧାନ ଲକ୍ଷ୍ୟ ।

ସେ ଗୁମ୍ଫା ଆଡ଼କୁ ଫେରି ଦେଖିଲା । ବଳରାମ ଗୁମ୍ଫାରୁ ବାହାରି ତା ପିଛା ଧରିଛି । ଏଣେ ଅର୍ଜୁନ କିଛି ଦୂର ଅଗ୍ରସର ହୋଇ ହଠାତ୍ ଫେରିବାକୁ ଲାଗିଲା । ଦୁଇଜଣଙ୍କ ମଝିରେ ପଡ଼ି ଗୁପ୍ତଚର ଆଉ ପଳାଇବାର ପଥ ପାଇଲା ନାହିଁ । ସେ ନ ଯଯୌ ନ ତସ୍ଥୌ ଅବସ୍ଥାରେ ଠିଆ ହୋଇଗଲା ।

ବଳରାମ ଆସି ଗୁପ୍ତଚରର କାନ୍ଧରେ ହାତ ରଖି କହିଲା—"ବାବା, ତୁମ ନାମ କ'ଣ ?"

ଗୁପ୍ତଚର ଅନ୍ୟଆଡ଼େ ମୁହଁ ବୁଲାଇ ଦେଖିଲା, ଅର୍ଜୁନ ଛିଡ଼ା ହୋଇଛି । ତା ମୁଖର ଭାବ ପରିବର୍ତ୍ତିତ ହେଲା, ବୋକା ଅର୍ଦ୍ଧ-ପାଗଳ ଭଳି ମୁହଁ କରି ସେ କହିଲା—ମୋର ନାମ ବେଙ୍କଟାପ୍ପା ।"

ବଳରାମ କହିଲା—"ବାଃ ! ବଢିଆ କାମ ତ ! ତୁମେ କ'ଣ କାମ କର"।

"କାମ !" ଭେଙ୍କଟପ୍ପା ବଲବଲ କରି ଚାହିଁ କହିଲା—"ମୁଁ କିଛି କାମ କରେ ନାହିଁ, କେବଳ ରାସ୍ତା ଘାଟରେ ଘୂରିବୁଲେ ।"

"ସତେ ! କିନ୍ତୁ ପେଟ ଚଳେ କିପରି ?

"ପେଟ ! ପେଟ ତ ଚଳେନା, ମୁଁ ଚଳେ ।"

"ମୁଁ କହୁଛି ଖାଅ କଣ ?"

"ଯାହା ପାଏ ତାହା ଖାଏ ।"

"ରାସ୍ତା ଘାଟରେ ଘୂରିବୁଲ, ରୋଜଗାର କରନା, ତୁମର ଖାଇବା ବ୍ୟବସ୍ଥା କିଏ କରେ ?"

ମୁହୂର୍ତ୍ତେ ନୀରବ ରହି ଭେଙ୍କଟାପ୍ପା ଆକାଶକୁ ତର୍ଜନୀ ଦେଖାଇ କହିଲା—"ସେଇଠି ଭଗବାନ ଅଛନ୍ତି, ସେ ମୋର ଖାଇବା ବ୍ୟବସ୍ଥା କରନ୍ତି ।"

"ବାସ୍ତ ଭେଙ୍କଟାପ୍ପା, ତୁମେ ତ ଭାରି ଚତୁର ଲୋକ, ଭଗବାନଙ୍କ ଉପରେ ଖାଇବା ଭାର ଟେକି ଦେଇଛ । କିନ୍ତୁ ଆମ ପଛରେ କାହିଁକି ଲାଗିଛ ?"

ଭେଙ୍କଟପ୍ପା ହାଁ କରି ଚାହିଁ ରହିଲା, କହିଲା—"ପଛରେ ଲାଗିବା କାହାକୁ କହନ୍ତି ?"

"ତା ବି ଜାଣନା ? ଭାରି ବୋକା ତୁମେ !" ବଳରାମ ତାର ବାହୁ ଧରି କହିଲା—"ଚାଲ ତୁମେ ଆମ ସଙ୍ଗରେ, ପଛରେ ଲାଗିବା କାହାକୁ କହନ୍ତି ବୁଝେଇ ଦେବୁ ।"

ଭେଙ୍କଟପ୍ପା ହାତ ଛଡ଼େଇ ନେଇ କହିଲା—"ନାଁ, ମୁଁ ତୁମମାନଙ୍କ ସଙ୍ଗରେ ଯିବି ନାହିଁ ।"

ବଳରାମ କହିଲା—"ବେଶ ପଛରେ ଲୁଚ ଛପ ନାହିଁ, କିନ୍ତୁ ବେଶି ପାଖକୁ ଆସ ନା । ଆମ ବନ୍ଧୁଙ୍କ ହାତରେ ଲାଠି ଦେଖିଛ ତ ?"

ଭେଙ୍କଟାପ୍ପା ଏଆଡ଼େ ସେଆଡ଼େ ଚାହିଁ ହଠାତ୍ ପଛକୁ ଦଉଡ଼ିଲା । ବଳରାମ ଠୋ ଠୋ ହସି ଉଠିଲା, କହିଲା—"ଭେଙ୍କଟାପ୍ପାକୁ ଆଜି ଆଉ ଦେଖିବାକୁ ମିଳିବ ନାହିଁ । ଚାଲ, ଅତିଥି-ଭବନକୁ ଫେରିଯିବା ।"

ଅର୍ଜୁନ କହିଲେ—"ବର୍ତ୍ତମାନ ବେଳ ଅଛି । ପମ୍ପା ସରୋବର ଦେଖିବାକୁ ଯିବ ?"

"ହଁ ହଁ, ସେଠିକି ଚାଲ ।"

ସୂର୍ଯ୍ୟାସ୍ତ ସମୟରେ ସେମାନେ ପମ୍ପା ନିକଟରେ ପହଞ୍ଚିଲେ । ସ୍ଥାନଟି ଶାନ୍ତ ସରସ, ପର୍ବତ, ସରୋବର ଓ ମନ୍ଦିର ମିଶି ତପୋବନର ପରିବେଶ ସୃଷ୍ଟି କରିଛି । ମନ୍ଦିର ସମ୍ମୁଖରେ ବହୁ ବିସ୍ତୃତ ପାଷାଣ-ଚତ୍ୱର । ପଶ୍ଚାତ୍ ଭାଗରେ ଓ ପାର୍ଶ୍ୱରେ ଦେବଦାସୀଙ୍କ ବାସସ୍ଥାନ । ଚତ୍ୱର ଉପରେ ତିନିଜଣ ପ୍ରୌଢ଼ ବ୍ରାହ୍ମଣ ବସିଛନ୍ତି । ପୂଜାର୍ଥୀଙ୍କ ଭିଡ଼ ନାହିଁ ।

ଅର୍ଜୁନ ଓ ବଳରାମ ଦୂରରୁ ମନ୍ଦିରସ୍ଥ ବିଗ୍ରହଙ୍କୁ ପ୍ରଣାମ କଲେ, ତାପରେ ସରୋବର ଆଡ଼କୁ ଚାଲିଲେ ।

ମନ୍ଦିର ସଂଲଗ୍ନ ଘାଟରୁ ପମ୍ପାର ଦୃଶ୍ୟ ଅତ୍ୟନ୍ତ ମନୋହର । ଦୂର ପ୍ରସାରିତ ଗୋଲାକୃତି ହ୍ରଦର ତୀର ଘନ ତରୁଶ୍ରେଣୀ ଦ୍ୱାରା ପରିବେଷ୍ଟିତ । ତା ଫାଙ୍କ ଦେଇ ଜଳ ଉପରେ ସନ୍ଧ୍ୟା ସୁଲଭ ବର୍ଣ୍ଣମାଳା ପ୍ରତିଫଳିତ ହେଉଅଛି । ନୀଳାଭ ଜଳରେ ଇତସ୍ତତଃ ବିକ୍ଷିପ୍ତ ପଦ୍ମ ଓ କୁମୁଦର ଗୁଚ୍ଛ । ପଦ୍ମ ମୁଦିତ ହେଉଅଛି, କୁମୁଦ ଧୀରେ ଧୀରେ ଉନ୍ମିଳିତ ହେଉଅଛି । ଏହିପରି ଯୁଗଯୁଗାନ୍ତ ଧରି ସେମାନେ ପାଳି କରି ଦିବାନିଶି ଜନକ-ତନୟାଙ୍କ ସ୍ନାନ-ପୁଣ୍ୟ ସରୋବରକୁ ପହରା ଦେଉଛନ୍ତି ।

ଦୁଇବନ୍ଧୁ ଘାଟ ପୀଠରେ ବସି ପମ୍ପାର ଜଳ ମଥାରେ ଦେଲେ, ତାପରେ ମୁଗ୍ଧ ନୟନରେ ଚାରିଆଡ଼େ ଚାହିଁବାକୁ ଲାଗିଲେ । ମୃଦୁମନ୍ଦ ବାୟୁ ପ୍ରବାହରେ ସରୋବରର ଜଳ ଊର୍ମିଳ ହୋଇଉଠିଛି, ଶୁଭ୍ର ସ୍ନିଗ୍ଧ କମଳଗନ୍ଧ ବିକୀର୍ଣ୍ଣ ହେଉଛି । ତୀରର ଜଳରେଖା ଛୁଇଁ ବକପକ୍ଷୀମାନେ ସଞ୍ଚରଣ କରୁଛନ୍ତି, କେତୋଟି ବକ ଉଡ଼ି ଯାଇ ରାତ୍ରୀ ପାଇଁ ବୃକ୍ଷ ଶାଖାରେ ବସିଲେ । ରାମଚନ୍ଦ୍ର ଯେଉଁ ବକପକ୍ଷୀ ଦେଖିଥିଲେ ଏମାନେ କ'ଣ ସେମାନଙ୍କ ବଂଶଧର ?

ଅର୍ଜୁନ ଓ ବଳରାମ ଶାନ୍ତ ତୃପ୍ତ ମନରେ ବସି ରହିଲେ । କ୍ରମେ ସନ୍ଧ୍ୟା ଘନେଇ ଆସିଲା, ସେତିକିବେଳେ ହଠାତ୍ ମନ୍ଦିର ପ୍ରାଙ୍ଗଣରେ ମୃଦଙ୍ଗର ତାଳ ଉତ୍ଥିତ ହେଲା । ଅର୍ଜୁନ ଓ ବଳରାମ ଶୀଘ୍ର ଉଠି ମନ୍ଦିର ସମ୍ମୁଖରେ ଯାଇ ଠିଆ ହେଲେ ।

ମନ୍ଦିର ଭିତରେ ଓ ବାହାରେ ଅସଂଖ୍ୟ ଦୀପ ଜଳୁଅଛି । ତଳେ ଦେବଦାସୀ ଅପୂର୍ବ ବେଶରେ ସଜ୍ଜିତ ହୋଇ ଯୋଡ଼ ହସ୍ତରେ ମନ୍ଦିରର ଦ୍ୱାର ସମ୍ମୁଖରେ ଦଣ୍ଡାୟମାନା । ତିନିଜଣ ପ୍ରୌଢ଼ଙ୍କ ମଧ୍ୟରୁ ଜଣେ ମନ୍ଦିରର ପୂଜାରୀ, ସେ ମନ୍ଦିର

ଅଭ୍ୟନ୍ତରର ଦେବତାଙ୍କ ପୁରୋଭାଗରେ ପଞ୍ଚପ୍ରଦୀପ ହସ୍ତରେ ନେଇ ଛିଡ଼ା ହୋଇଛନ୍ତି । ଅନ୍ୟ ଦୁଇଜଣ ପ୍ରୌଢ଼ ପ୍ରାଙ୍ଗଣରେ ଛିଡ଼ା ହୋଇ ମୃଦଙ୍ଗ ଓ ମଞ୍ଜୀର ବଜାଉଛନ୍ତି । ଦର୍ଶକଙ୍କ ସଂଖ୍ୟା ବେଶି ନୁହେଁ, ଅର୍ଜୁନ ଓ ବଳରାମ ଯାଇ ସେମାନଙ୍କ ସଙ୍ଗରେ ଅଞ୍ଜଳି ବଦ୍ଧ ହସ୍ତରେ ଦଣ୍ଡାୟମାନ ହେଲେ ।

ଆରତି ଆରମ୍ଭ ହେଲା । ସଙ୍ଗେ ସଙ୍ଗେ ଦେବଦାସୀମାନଙ୍କ ସୁଠାମ ଦେହ ନୃତ୍ୟର ତାଳେ ତାଳେ ଛନ୍ଦାୟିତ ହୋଇ ଉଠିଲା । ମୃଦଙ୍ଗ ମଞ୍ଜୀରର ଧ୍ୱନି ସହ ନୂପୁର ଓ କଙ୍କଣ କିଙ୍କିଣୀର ନିକ୍ୱଣ ମିଶିଗଲା । ଦଶଟି ଦେହ ଏକ ସଙ୍ଗରେ ଲୀଳାୟିତ ହେଉଛି, ଦଶଯୋଡ଼ା ନୂପୁର ଏକସଙ୍ଗେ ଝଙ୍କୃତ ହେଉଛି, କୋମଳ ବାହୁ-ମୃଣାଳ ଏକସଙ୍ଗେ ବିସର୍ପିତ ହେଉଛି । ନର୍ତ୍ତକୀମାନଙ୍କ ମୁଖର ଭାବ ଉଦ୍‌ଗତ, ଚକ୍ଷୁ ଅର୍ଦ୍ଧ ନିମୀଳିତ ସେମାନଙ୍କ ଅନ୍ତଶ୍ଚେତନା ଯେପରି ଊର୍ଦ୍ଧ୍ୱଲୋକରେ ସାକ୍ଷାତ୍ ନଟରାଜଙ୍କ ସନ୍ନିଧାନରେ ଉପନୀତ ହୋଇଅଛି ।

ତାପରେ ନୃତ୍ୟ ସହିତ ଗୋଟିଏ ଉଦାତ୍ତ କଣ୍ଠସ୍ୱର ମିଶିଲା । ଯେ ମଞ୍ଜୀର ବଜାଉଥିଲେ ସେ ଜୟମଙ୍ଗଳା ରାଗରେ ସ୍ୱର ଧରିଲେ । କଣ୍ଠସ୍ୱର ଗମ୍ଭୀର କିନ୍ତୁ ତରଳ ଦ୍ରୁତ । ଏହି ଗାନର ସ୍ପର୍ଶରେ ନର୍ତ୍ତକୀମାନେ ଯେପରି ମାତି ଉଠିଲେ । ସେମାନଙ୍କ ଦେହ ଆନ୍ଦୋଳିତ କରି ନୃତ୍ୟର ଘୂର୍ଣ୍ଣାବର୍ତ୍ତ ଉଦ୍‌ବେଳିତ ହୋଇଉଠିଲା । ଦର୍ଶକ-ମାନଙ୍କ ଇନ୍ଦ୍ରିୟ ଉପରେ ଯେପରି ଉଲ୍ଲାସର ଏକ ଝଡ଼ ବହିଗଲା ।

ଚୋଳଦେଶ ହିଁ ଦକ୍ଷିଣାତ୍ୟ ଦେଶ ନୃତ୍ୟ ଗୀତାଦି କଳାରେ ପାରଦର୍ଶୀ । ସେ କାଳରେ ଛଅ ରାଗ ଛତିଶ ରାଗିଣୀ ସହ କର୍ଣ୍ଣାଟକୀ ରାଗ ଦେଶୀୟ ରାଗ ଗୁର୍ଜରୀ ରାଗ ଏବଂ ଜୟମଙ୍ଗଳା ରାଗର ବିଶେଷ ସମାଦର ଥିଲା ।

ଦୁଇଦଣ୍ଡ ପରେ ଆରତି ଶେଷ ହେଲା । ଦେବଦାସୀମାନେ ମନ୍ଦିର ପରିକ୍ରମା କରି ସ୍ୱପ୍ନଦୃଷ୍ଟା ଅପ୍‌ସରା ସମ ଅଦୃଶ୍ୟ ହୋଇଗଲେ । ପୂଜାରୀ ଭକ୍ତବୃନ୍ଦଙ୍କୁ ପ୍ରସାଦ ବିତରଣ କଲେ ।

ରାତି ହୋଇଯାଇଛି । ଅର୍ଜୁନ ଓ ବଳରାମ ଫେରିଆସିଲେ । କୃଷ୍ଣପକ୍ଷ ରାତି, ତେବେ ଅଦୂରର ହେମକୂଟ ଚୂଡ଼ାର ଅଗ୍ନିସ୍ତମ୍ଭରୁ ଆଲୋକର ପ୍ରଭା ରହିରହି ଅନ୍ଧକାରକୁ ଇତସ୍ତତଃ ସ୍ୱଚ୍ଛ କରିଦେଉଛି । ଦୁଇଜଣ ନୀରବରେ ଚାଲିଛନ୍ତି । ସେମାନଙ୍କ ମନରେ ଯେଉଁ ଗଭୀର ଅନୁଭୂତି ଜାଗିଛି ତାହା ପ୍ରକାଶ କରିବାର ଭାଷା ସେମାନଙ୍କର ନାହିଁ । ଏହା ଗୋଟିଏ ଦିଗରେ ଯେପରି ନୂତନ ଅନ୍ୟ ଦିଗରେ ସେପରି ଚିର ପୁରାତନ, ସେମାନଙ୍କ ରକ୍ତ ସହ ମିଶିଯାଇଛି । ସେମାନେ ଜାଣନ୍ତି ନାହିଁ ଯେ ଆଜି ସେମାନେ ଯାହା ପ୍ରତ୍ୟକ୍ଷ କଲେ ତାହା ସେମାନଙ୍କ ଅପୌରୁଷେୟ ସଂସ୍କୃତିର ସ୍ୱତଃସ୍ଫୂର୍ତ୍ତ ଉଚ୍ଛ୍ୱାସ ।

ତାପରେ ଶୋଭିତ ପରେ ଗୋଟିଏ ଗ୍ରୀଷ୍ମର ଅଳସ ମନ୍ଥର ଦିନଗୁଡ଼ିକୁ କାଟିବାକୁ ଲାଗିଲା । କଳିଙ୍ଗରୁ ଆଗତ ଅତିଥିବୃନ୍ଦ ମନ ଆନନ୍ଦରେ ଥାଆନ୍ତି, ସେମାନେ ଖାଆନ୍ତି ପିଅନ୍ତି, ନଗରରେ ଘୂରି ବୁଲନ୍ତି, ଗଳାରେ ଫୁଲମାଳ ଲମ୍ବାଇ, କଣରେ ଅତର ମାରି ନଗରବାସିନୀ ଯୁବତୀମାନଙ୍କ ସହ ଥଟ୍ଟା-ପରିହାସ କରନ୍ତି । କାହାରି କୌଣସି ଚିନ୍ତା ନ ଥାଏ, ଏଇ ଭାବରେ ଦିନଗୁଡ଼ିକ କଟିଯାଏ ।

ରାଜବୈଦ୍ୟ ରସରାଜ ଅତିଥି-ଭବନରେ ଅଧିଷ୍ଠିତ ହୋଇ ପ୍ରଥମ ଦିନ ଟିକିଏ ସାଥିହୀନ ହୋଇ ପଡ଼ିଥିଲେ, ତହିଁ ପରଦିନ ସନ୍ଧ୍ୟାରେ ବିଜୟ ନଗରର ରାଜବୈଦ୍ୟ ଦାମୋଦର ସ୍ୱାମୀ ଆସିଲେ, ପ୍ରକୋଷ୍ଠରେ ପ୍ରବେଶ କରି ସାଦର ସମ୍ଭାଷଣ ଭଙ୍ଗୀରେ ଦୁଇବାହୁ ପ୍ରସାରିତ କରି ପ୍ରକାଣ୍ଡ ଗୋଟିଏ ସଂସ୍କୃତ ବଚନ କହିଦେଲେ । ରସରାଜ ନିର୍ଜ୍ଜନ ସ୍ଥଳେ ଏକାକୀ ବସିଥିଲେ; ପୁଲକିତ ହୋଇଉଠି ଛିଡ଼ା ହେଲେ ଏବଂ ତତୋଧିକ ପ୍ରକାଣ୍ଡ ଗୋଟିଏ ଶ୍ଳୋକ ଝାଡ଼ିଦେଲେ । ବୟସ ଓ ପାଣ୍ଡିତ୍ୟରେ ଉଭୟେ ସମକକ୍ଷ ସୁତରାଂ ଅବିଳମ୍ବେ ବନ୍ଧୁତ୍ୱ ଜମିଗଲା । ଦୁଇଜଣ ନିଦାନ ଶାସ୍ତ୍ର ବିଷୟରେ ଆଲୋଚନା କରି ମହାଆନନ୍ଦରେ ସନ୍ଧ୍ୟା ଅତିବାହିତ କଲେ ।

ଏହାପରେ ପ୍ରତ୍ୟହ ଦୁଇ ରାଜବୈଦ୍ୟଙ୍କ ସଙ୍ଗ ବସିବାକୁ ଲାଗିଲା । ନାନା ପ୍ରସଙ୍ଗର ଅବତାରଣା ହୁଏ, ରାଜପରିବାରର ବିବିଧ ରୋଗ ଚୁପଚୁପ ଆଲୋଚନା ହୁଏ । ଜଣେ କହନ୍ତି ରାଜାମାନଙ୍କ ଅଧିକ ରୋଗ ମୁଣ୍ଡରେ, ମୁଣ୍ଡ ଥଣ୍ଡା ରଖିପାରିଲେ ଆଉ କୌଣସି ଗଣ୍ଡଗୋଳ ରହେ ନାହିଁ । ଅନ୍ୟ ଜଣକ କହନ୍ତି ରାଜାମାନଙ୍କ ସବୁ ରୋଗର ଉତ୍ପତ୍ତି ପେଟରେ ଯଦି ପାକସ୍ଥଳୀ ସୁବ୍ୟବସ୍ଥିତରୂପେ ସଚଳ ରହେ ତାହେଲେ ମସ୍ତିଷ୍କ ଆପେ ଥଣ୍ଡା ହୋଇଯାଏ, କୌଣସି ଗୋଳମାଳର ସମ୍ଭାବନା ରହେନାହିଁ । କିନ୍ତୁ ରାଣୀମାନଙ୍କ ସମସ୍ୟା ଅନ୍ୟ ପ୍ରକାର—

ଦିନେ କଥା ପ୍ରସଙ୍ଗରେ ରସରାଜ କହିଲେ—"ମୋ ପାଖରେ ଥିବ କୋହଲ ସମକକ୍ଷ ଆଉ କୋହଲ ଭାରତ-ଭୂଖଣ୍ଡରେ ନାହିଁ ।"

ଦାମୋଦର ସ୍ୱାମୀ ବି ପଛେଇବା ପାତ୍ର ନୁହନ୍ତି, ସେ କହିଲେ—"ମୋ ପାଖରେ ଯେଉଁ କୋହଲ ଅଛି ଟୋପାଏ ପାନ କଲେ ସ୍ୱୟଂ ଦେବରାଜ ଇନ୍ଦ୍ର ଐରାବତ ପୃଷ୍ଠରୁ ଗଡ଼ି ଭୂଇଁରେ ପଡ଼ିଯିବେ ।"

କିଛି ସମୟ ଦୁଇପକ୍ଷ ନିଜ ନିଜ କୋହଲର ଉଚ୍ଚରୁ ଉଚ୍ଚତର ପ୍ରଶଂସାରେ ପଞ୍ଚମୁଖ ହୋଇଉଠିଲେ । କିନ୍ତୁ କେବଳ ଆତ୍ମଶ୍ଳାଘାରେ ତର୍କର ନିଷ୍ପତ୍ତି କରାଯାଇ ନ

ପାରେ । ଉପସ୍ୱକ କହିଲେ—"ଅବଶ୍ୟ, ପରୀକ୍ଷା କରି ଦେଖାଯାଉ । ଆପଣ ମୋ କୋହଳ ଦଶକନ୍ଧ୍ ସେବନ କରନ୍ତୁ, ମୁଁ ଆପଣଙ୍କ କୋହଳ ଦଶକନ୍ଧ୍ ସେବନ କରିବି । ଫଳାଫଳ ପରେ ସ୍ପଷ୍ଟ ।"

"ଉତ୍ତମ କଥା ।" ତାପରେ ସ୍ୱାମୀ ଘରକୁ ଯାଇ ନିଜ କୋହଳ ନେଇ ଆସିଲେ । ଦୁଇ ବନ୍ଧୁ ପରସ୍ପରର କୋହଳ ପାନ କଲେ । ତାପରେ ଅର୍ଦ୍ଧ ଦଣ୍ଡ କଟିଛି କି ନ କଟିଛି ସେମାନେ ଶଯ୍ୟାରେ ହାତଗୋଡ଼ ମେଲାଇ ନିଦ୍ରା ଗଲେ ।

କେଇ ଘଣ୍ଟାରେ ତାପୋଦର ସ୍ୱାମୀଙ୍କ ନିଦ ଭାଙ୍ଗିଲା, ସେ ଉଠି ଚାଲି ଚାଲି ଘରକୁ ଗଲେ । ଉପସ୍ୱକଙ୍କ ନିଦ୍ରା ସେ ରାତିରେ ଭାଙ୍ଗିଲା ନାହିଁ ।

ବିଦ୍ୟୁନ୍ମାଳା ଓ ମଣିକଙ୍କଣା ସ୍ୱ ସ୍ୱ ଗୃହର ଦ୍ୱିତଳରେ ଅବସ୍ଥାନ କରୁଥାଆନ୍ତି । ସେମାନଙ୍କ ଜୀବନଧାରା ଆଜି ଅତି ସ୍ୱାଭାବିକ ଛନ୍ଦରେ ପ୍ରବାହିତ ହେଉଥାଏ । କିନ୍ତୁ ଗୃହରେ ସେମାନେ ଯେମିତି ଥିଲେ, ଏଠାକାର ଜୀବନଯାତ୍ରା ତାହାଠାରୁ ବିଶେଷ ପୃଥକ ନୁହଁ ।

କିନ୍ତୁ ଗୋଟିଏ ସରୋବରରେ ବାସ କଲେ ଦୁଇଟି ମୀନର ମତଗତି ଏକ ପ୍ରକାର ହୋଇ ନପାରେ । ଦୁଇ ରାଜକନ୍ୟାଙ୍କ ପ୍ରକୃତି ମୂଳତଃ ଭିନ୍ନ ନୂତନ ପରିସ୍ଥିତିର ସମ୍ମୁଖୀନ ହୋଇ ସେମାନଙ୍କ ମନ ଭିନ୍ନ ପଥରେ ଚାଲୁଥାଏ । କିନ୍ତୁ ସେହି କାରଣରୁ ସେମାନଙ୍କର ସ୍ନେହ-ସୌହାର୍ଦ୍ଦ୍ୟର ଅମୃତ ଉତ୍ସମୁଖ କ୍ଷୁଣ୍ଣ ହୋଇ ନଥାଏ ।

ମଣିକଙ୍କଣାର ମନ ସ୍ଫଟିକ ତୁଲ୍ୟ ସ୍ୱଚ୍ଛ ତହିଁରେ ଜଟିଳତା କୁଟିଳତା ନଥାଏ, ସାମାଜିକ ବିଧିବ୍ୟବସ୍ଥା ପ୍ରତି ବିଦ୍ରୋହ ନଥାଏ । ସେ ମହାରାଜ ଦେବରାୟଙ୍କୁ ଦେଖି ପଲକ ମଧ୍ୟରେ ହୃଦୟ ହରାଇ ଦେଇଛି ଏବଂ ହୃଦୟ ହରାଇ ଦେବା ଆନନ୍ଦରେ ପାଗଳ ହୋଇ ଉଠିଛି । ମହାରାଜଙ୍କ କେତୋଟି ମହିଷୀ, ସେ ତାକୁ ବିବାହ ହେବେ କି ନ, ଏ ସମସ୍ତ ପ୍ରଶ୍ନ ତା ପାଖରେ ନିତାନ୍ତ ଅବାନ୍ତର । ମହାରାଜ ଯଦି ତାକୁ ବିବାହ ନ କରନ୍ତି, ସେ ଚିରଦିନ କୁମାରୀ ଭାବରେ ତାଙ୍କ ପାଖେ ପାଖେ ରହି ତାଙ୍କ ସେବା କରିବ; ଏହାଠାରୁ ଅଧିକ ଆଉ କିଛି ସେ ଚାହେଁ ନାହିଁ । ତା ମନରେ ଏକଲା ଏକ ଅସ୍ୱଚ୍ଛଳ ଅବସ୍ଥା ।

ବିଦ୍ୟୁନ୍ମାଳାଙ୍କ ମନ କିନ୍ତୁ ଶାନ୍ତ ନ ଥାଏ, ପଷାଣ ବନ୍ଧନରେ ପ୍ରତିହତ ଜଳ ପ୍ରବାହ ଭଳି ସର୍ବଦା ଆଲୋଡ଼ିତ ହେଉଥାଏ । ଯାହା ପାଖରେ ଶ୍ରୀ ରାମଚନ୍ଦ୍ର ହିଁ ଏକମାତ୍ର ଆଦର୍ଶ ସ୍ୱାମୀ, ବହୁ ପତ୍ନୀକ ଦେବରାୟଙ୍କ ସହିତ ବିବାହ ତାର ପ୍ରୀତିପଦ ହୋଇପାରେ ନା । ମୂଳରୁ ଏହି ବିବାହ ପ୍ରତି ତାଙ୍କ ମନ ବିମୁଖ ହୋଇଥିଲା । କିନ୍ତୁ

ରାଜକନ୍ୟାମାନଙ୍କ ଇଚ୍ଛା-ଅନିଚ୍ଛା ଉପରେ ରାଜନୈତିକ କାର୍ଯ୍ୟକଳାପ ନିର୍ଭର କରେ ନାହିଁ; ବିଦ୍ୟୁନ୍ମାଳା ବିରୂପ ମନ ନେଇ ବିବାହ କରିବାକୁ ଅପିଆଆନ୍ତି ।

ତାପରେ ନଦୀ ଗର୍ଭରୁ ଉଠି ଆସିଲା ଏକ ଅଜ୍ଞାତ ଅଖ୍ୟାତନାମା ଯୁବକ । ରାଜକୁମାରୀଙ୍କ ମନ ସ୍ୱପ୍ନସଙ୍କୁଳ ହୋଇଉଠିଲା । ହୁଏତ ସ୍ୱପ୍ନ ଦିନେ ଅଳୀକ କଳ୍ପନା ବିଳାସ ପରି ମିଳେଇ ଯାଇଥାନ୍ତା, କିନ୍ତୁ ଝଡ଼ ଆସି ସବୁ ଓଲଟ-ପାଲଟ କରିଦେଲା; ନଦୀ ମଧ୍ୟରୁ ଉଦ୍ଧାର ଏବଂ ଦ୍ୱୀପ ଉପରେ ସେହି ନିଭୃତ ରାତିଟି ଚିରସ୍ମରଣୀୟ ହୋଇ ରହିଲା । ବିଦ୍ୟୁନ୍ମାଳା ନିଜ ହୃଦୟର ପ୍ରଚ୍ଛନ୍ନ କଥାଟି ଜାଣିପାରିଲେ । ରାଜକନ୍ୟା ଜଣେ ଅତି ସାଧାରଣ ଯୁବକ ପ୍ରତି ଆସକ୍ତ ହୋଇପଡ଼ିଛନ୍ତି ।

ମହାରାଜ ଦେବରାୟଙ୍କୁ ଦେଖି ବିଦ୍ୟୁନ୍ମାଳାଙ୍କ ହୃଦୟ ବିଚଳିତ ହେଲା ନାହିଁ, କିନ୍ତୁ ସେ ବୁଦ୍ଧିମତୀ, ବୁଝିଲେ ରାଜା ନାରୀ ଲୋଲୁପ ଅଗ୍ନିବର୍ମା ନୁହନ୍ତି, ସେ ସ୍ଥିରବୁଦ୍ଧି ଅଚଳ ପ୍ରତିଷ୍ଠ ରାଜା । ତାଙ୍କ ହୃଦୟ ରାଜ୍ୟରେ ନାରୀର ସ୍ଥାନ ସ୍ୱଳ୍ପ ।

ବିବାହ ସ୍ଥଗିତ ରହିଲା, ପମ୍ପାପତି ସ୍ୱାମୀଙ୍କ ପୂଜା ଆରମ୍ଭ ହେଲା । ପ୍ରଥମ ଦିନ ହିଁ ବିଦ୍ୟୁନ୍ମାଳା ଅର୍ଜୁନବର୍ମାକୁ ପଥ ପାର୍ଶ୍ୱରେ ଦେଖିଲେ ତାପରେ ପ୍ରାୟ ପ୍ରତ୍ୟହ ଦେଖାହେଲା । ମଝିରେ ଦିନେ ଦେଖା ପଡ଼ିଗଲେ ବିଦ୍ୟୁନ୍ମାଳା ସାରାଦିନ ଉତ୍କଣ୍ଠାରେ ଛଟପଟ କରନ୍ତି । ଭୁଲିଯିବାର ରାସ୍ତା ନ ଥିଲା ।

ଦିନେ ପୂର୍ବାହ୍ନରେ ପମ୍ପାପତିଙ୍କ ମନ୍ଦିରରୁ ଫେରିବା ପରେ ମଣିକଙ୍କଣା କହିଲା—"ଚାଲ ମାଳା, ଅନ୍ୟ ରାଣୀମାନଙ୍କ ସଙ୍ଗରେ ଖେଳ ଜମେଇବା ।"

ବିଦ୍ୟୁନ୍ମାଳାଙ୍କ ମନ ଆଜି ବିକ୍ଷିପ୍ତ, ସେ ଅର୍ଜୁନକୁ ପଥ ପାର୍ଶ୍ୱରେ ଦେଖିବାକୁ ପାଇନାହାନ୍ତି । ଉଦାସ ଭାବେ ଶଯ୍ୟାରେ ଶୋଇ ରହି କହିଲେ—"ତୁ ଯା କଙ୍କା, ମୋର କେଉଁଠିକୁ ଯିବାକୁ ଇଚ୍ଛା ହେଉନାହିଁ । ମୁଁ ଟିକେ ଶୋଇ ରହେ ।"

ସମ୍ପୂର୍ଣ୍ଣ ମଣିକଙ୍କଣା ନିଜ ଭାବନାରେ ବୁଡ଼ିଯାଇଥିଲା, ବିଦ୍ୟୁନ୍ମାଳାଙ୍କ ମନର ଗତି କେଉଁଆଡ଼େ ତାହା ସେ ଲକ୍ଷ୍ୟ କରି ନାହିଁ । ସେ କହିଲା—"ତାହାଲେ ଠିକ୍ ଅଛି । ତୁ ଟିକେ କ୍ଲାନ୍ତ ଜଣାପଡ଼ୁଛୁ । ମୁଁ ଏକା ଯାଉଛି । ଲୋକପୂଜା କେମିତି, ଜାଣିବା ଦରକାର ।"

ମଣିକଙ୍କଣା ପିଙ୍ଗଳାକୁ ତାଙ୍କ ଉଦ୍ଦେଶ୍ୟ ଜଣାଇଲା । ପିଙ୍ଗଳା କହିଲା—"ଯଥା ଆଜ୍ଞା । ମହାରାଜଙ୍କ ଆଦେଶ ଅଛି, ଯେଉଁଠି ଯିବାକୁ ଚାହିଁବେ ସେଠି ନେଇଯିବି । ମଧ୍ୟମା ଦେବୀ ସଙ୍କଟା କିନ୍ତୁ କାହା ସଙ୍ଗରେ ଦେଖା କରନ୍ତି ନାହିଁ, ତାଙ୍କ ମହଲରେ ମହାରାଜଙ୍କ ବ୍ୟତୀତ ଅନ୍ୟ କାହାର ପ୍ରବେଶ ଅଧିକାର ନାହିଁ ।"

ମଣିକଙ୍କଣା କହିଲା "ସେତେ ନା କ'ଣ ! ଦେଖିବାକୁ କୁତ୍ସିତ କି ?"

ପିଙ୍ଗଳା ମୁହଁ ଚିପି ହସିଲା, କହିଲା "ମଧ୍ୟମା ରାଣୀଙ୍କୁ ଆମେ କେହି ଦେଖି ନାହୁଁ । ତାଙ୍କ ପିତାଳୟରୁ ଯେଉଁମାନେ ଦାସୀ ଆସିଥିଲେ ସେହିମାନେ ହିଁ ତାଙ୍କୁ ଘେର-ଘେର ରହିଥାନ୍ତି । ଚାଲନ୍ତୁ, ଆଗେ ଜ୍ୟେଷ୍ଠା ରାଣୀ ବଲ୍ଲେଲା ଦେବୀଙ୍କ ପାଖକୁ ନେଇଯାଏ, ତାପରେ ପାଟରାଣୀ ପଦ୍ମାଲକ୍ଷ୍ମାମ୍ବିକାଙ୍କ ମହଲକୁ ନେଇଯିବି ।"

ମଣିକଙ୍କଣା ଟିକେ ବିସ୍ମୟାନ୍ୱିତ ହୋଇ କହିଲା—"ପାଟରାଣୀଙ୍କ ନାମ କ'ଣ କହିଲ ? ପ-ଦ୍ମା-ଲ-କ୍ଷ୍ମା-ମ୍ବି-କା ।"

ପିଙ୍ଗଳା କହିଲା—"ତାଙ୍କ ନାମ ପଦ୍ମାଲକ୍ଷ୍ମୀ । କିନ୍ତୁ ସେ ଯୁବରାଜ ମଲ୍ଲି-କାର୍ଜୁନଙ୍କୁ ଗର୍ଭରେ ଧାରଣ କରିଛନ୍ତି । ରାଜବଂଶର ନିୟମ ଯେଉଁ ରାଣୀ ପୁତ୍ରବତୀ ହେବେ ତାଙ୍କ ନାଁ ସହିତ "ଅମ୍ବିକା" ଶବ୍ଦ ଯୋଡ଼ି ଦିଆଯିବ ।"

ଏହାପରେ ପିଙ୍ଗଳା ଓ ଅନ୍ୟ କେତେଜଣ ପ୍ରତିହାରିଣୀଙ୍କୁ ସଙ୍ଗରେ ନେଇ ମଣିକଙ୍କଣା ବାହାରିଲା ।

ସମୁଦ୍ରର ବନ୍ଦରରେ ଯେମିତି ଅସଂଖ୍ୟ ଡଙ୍ଗା ବନ୍ଧା ହୋଇଥାଏ, ରାଜପ୍ରାସାଦର ଆବେଷ୍ଟନୀ ମଧ୍ୟରେ ସେମିତି ଅସଂଖ୍ୟ ପୃଥକ ପ୍ରାସାଦ । ଦ୍ୱିତଳ, ତ୍ରିତଳ, ପଞ୍ଚତଳ ପ୍ରାସାଦ, ଅଧିକାଂଶ ଆକାରରେ ବିରାଟ । ଗୋଟିଏ ଦୁଇଟି ଶ୍ରେଷ୍ଠ ପ୍ରାସାଦ ମଧ୍ୟ ଅଛି । ଦୁଇଟି ନୂତନ ପ୍ରାସାଦ ନିର୍ମିତ ହେଉଛି ଗୋଟିଏ ବିଦ୍ୟୁନ୍ମାଲାଙ୍କ ପାଇଁ ଅନ୍ୟଟି କୁମାର କମ୍ପଣଦେବ ନିଜ ପାଇଁ ନିର୍ମାଣ କରାଉଛନ୍ତି । ସେ ବର୍ତ୍ତମାନ ତାଙ୍କ ଦୁଇ ସ୍ତ୍ରୀଙ୍କୁ ନେଇ ଯେଉଁ ପ୍ରାସାଦରେ ବାସ କରୁଛନ୍ତି ତାହା ଅପେକ୍ଷାକୃତ କ୍ଷୁଦ୍ର ହୋଇଥିବାରୁ ସେ ନିଜ ମର୍ଯ୍ୟାଦାର ଉପଯୋଗୀ ମନେ କରନ୍ତି ନାହିଁ, କେଣୁ ଉଚ୍ଚତର ଏବଂ ବୃହତ୍ତର ପ୍ରାସାଦ ନିର୍ମାଣ କରାଉଛନ୍ତି । ରାଜସୌଧରୁ ଅନତି ଦୂରରେ ଗୋଟିଏ କ୍ଷୁଦ୍ର ପ୍ରାସାଦରେ ରାଜପିତା ବଳସ୍ୱ ଦେବ ବାସ କରନ୍ତି । ସେ ଅଦ୍ୟାପି ଜୀବିତ ଅଛନ୍ତି ।

ମଣିକଙ୍କଣା ଜ୍ୟେଷ୍ଠା ରାଣୀଙ୍କ ତୋରଣ ସମ୍ମୁଖରେ ପହଞ୍ଚିବା ପୂର୍ବରୁ ହିଁ ସମ୍ବାଦ ଯାଇଥିଲା । ମଣିକଙ୍କଣା ଦେହଲିରେ ପଦାର୍ପଣ କରି ଦେଖିଲା, ଦ୍ୱିତଳରୁ ସୋପାନ ଶ୍ରେଣୀ ଦେଇ ଜଳପ୍ରପାତ ଭଳି ଦଳେ ଯୁବତୀ ତଳକୁ ଓହ୍ଲାଇ ଆସୁଛନ୍ତି । ସର୍ବାଗ୍ରେ ଦେବୀ ବଲ୍ଲେଲା ପଛରେ ସଖୀବୃନ୍ଦ ।

ଜ୍ୟେଷ୍ଠାରାଣୀ ବଲ୍ଲେଲାଙ୍କୁ ଦେଖିଲେ ପନ୍ଦର ବର୍ଷ ବୟସର କିଶୋରୀ କନ୍ୟା ପରି ମନେ ହୁଏ । ଖର୍ବାକୃତି ନିଟୋଳ ପରିପୁଷ୍ଟ ଗଠନ ସଦ୍ୟ ପ୍ରସ୍ଫୁଟିତ ମଲ୍ଲୀ ଫୁଲ ଭଳି

ହାସ୍ୟଭରା ମୁଖ, ସେ ଆସି ମଣିକଙ୍କଣାର ସମ୍ମୁଖରେ ଛିଡ଼ା ହେଲେ. ଖିଲ୍‌ଖିଲ୍ ହସି କହିଲେ—"ତୁମେ ବୋଧହୁଏ ନୁଆ ଶ୍ରେଷ୍ଠୀ ଘରଣୀ ହେବ ?"

ମଣିକଙ୍କଣାକୁ ବଲ୍ଲେଲା ଭଲ ଲାଗିଲା । ସେ ଦେଖିଲା, ବଲ୍ଲେଲା ତାକୁ ଅବିବାହିତା ବୋଲି ଭ୍ରମ କରୁଛନ୍ତି । ସେ ଭୁଲ ସଂଶୋଧନ କଲା ନାହିଁ, ଟିକେ ମୁହଁ ହଲାଇ ହସିଲା, କହିଲା—"ତା କେମିତି ଜାଣିଲ ?"

ବଲ୍ଲେଲା କହିଲେ—"ଶୁଣିଛି, ବିବାହ ହେବାର ଅଛି । ଥାଉ ସେ କଥା । ଆଜି ମୋର ଜଣେଇ ବାହାଘର, ତୁମକୁ ନିମନ୍ତ୍ରଣ ରହିଲା । ଚାଲ, ବିବାହ ଦେଖିବ ।"

ମଣିକଙ୍କଣାର ହାତ ଧରି ବଲ୍ଲେଲା ଭିତରକୁ ନେଇଗଲେ । ଏ ଭିତରର ବଡ଼ଟ କକ୍ଷରେ ବିବାହ-ବାସର । ସୁନାର ବର ଓ ରୁପାର କନ୍ୟା ପାଖାପାଖି ସିଂହାସନରେ ବସିଛନ୍ତି । ଦୁଇଟି ଶ୍ରେଷ୍ଠ ବାଳିକା ଚାମର ଢାଳୁଛନ୍ତି । ବରକନ୍ୟା ସମ୍ମୁଖରେ ଶତ ଶତ ସୁସଜ୍ଜିତ ପୁତ୍ତଳିକା ନାନାବିଧ ଉପଢୌକନ ନେଇ ଦଣ୍ଡାୟମାନ । ଚତୁର୍ଦ୍ଦିଗରେ ବିଭିନ୍ନ କର୍ମରତ ଅସଂଖ୍ୟ ପୁତ୍ତଳିକାର ଭିଡ଼ ।

ବଲ୍ଲେଲା କକ୍ଷ ମଧ୍ୟରେ ପ୍ରବେଶ କରି କହିଲେ—"କାହିଁ, ବାଜା ବାଜୁନାହିଁ କାହିଁକି ?"

ଏହାପରେ କକ୍ଷର ଗୋଟିଏ କୋଣରୁ ବେଣୁ ବୀଣା ଓ କରତାଳ ବାଜି ଉଠିଲା । କକ୍ଷର ସଜ୍ଜିତ ଏକ କୋଣରେ କେତେଜଣ ଯନ୍ତ୍ର-ବାଦକ ବସିଥିଲେ, ସେମାନଙ୍କ ବାଦ୍ୟଯନ୍ତ୍ରର ମଧୁର ସ୍ୱନରେ କକ୍ଷଟି ଭରିଉଠିଲା ।

ବଲ୍ଲେଲା ପ୍ରଶ୍ନ କଲେ—"ବରକନ୍ୟା କେମିତି ?"

ମଣିକଙ୍କଣା କହିଲା —"ଚମତ୍କାର । ଯେମିତି ବର ସେମିତି କନ୍ୟା । କିନ୍ତୁ ମୋତେ ତ ଜଣା ନଥିଲା, ଏମାନଙ୍କ ପାଇଁ ଯୌତୁକ ଆଣି ନାହିଁ ।"

ବଲ୍ଲେଲା କହିଲେ –"ପରେ ପଠାଇଦେବ । ଏଥର ବସ । ମୁହଁ ମିଠା କରିବାକୁ ହେବ । — ଆରେ, ଅତିଥି ପାଇଁ ମିଷ୍ଟାନ୍ନ ନେଇ ଆସ ।"

ଦୁଇଦଣ୍ଡ ପରେ ମଣିକଙ୍କଣା ଆନନ୍ଦ ମନରେ ବଲ୍ଲେଲା ନିକଟରୁ ବିଦାୟ ନେଲା । ବଲ୍ଲେଲା କହିଲେ—"ଆଉ ଥରେ ଆସିବ ।"

ଏହାପରେ ମହାଦେବୀ ପଦ୍ମାଲୟାମ୍ବିକାଙ୍କ ଭବନ ।

ସେ ହେଉଛନ୍ତି ପଟ୍ଟମହଷୀ, ଏକମାତ୍ର ରାଜପୁତ୍ର ମଲ୍ଲିକାର୍ଜୁନଙ୍କ ଜନନୀ । ପଦ୍ମାଳସ୍ମା ପ୍ରଗାଢ଼ ଯୌବନା, ବୟସ ପଚିଶ ବର୍ଷ, ରୂପ ଦେଖି କାଳସର୍ପ ମଧ୍ୟ ମଥା ନୁଆଁଇ ଦିଏ । ତାଙ୍କ ପ୍ରକୃତିରେ କିନ୍ତୁ ଚପଳତା ବା ପିଲାଳିଆଭାବ ନାହିଁ, ସବୁ ଅବସ୍ଥାରେ ଗୋଟିଏ ଅବିଚଳିତ ଧୈର୍ଯ୍ୟ ସ୍ୱାଭିମାନ । ଚକ୍ଷୁଦ୍ୱୟରେ ଶାନ୍ତ ମନସ୍ୱୀ ଭାବ ପ୍ରଭା ; ଗମ୍ଭୀର ମୁଖମଣ୍ଡଳରେ ସୁଦୂର ଏକ ପ୍ରସନ୍ନତାର ଅଭାସ ଲାଗିରହିଛି ।

ତାଙ୍କୁ ଦେଖି ମଣିକଙ୍କଣାର ଚକ୍ଷୁ ସସମ୍ଭ୍ରମରେ ଜଳି ଉଠିଲା, ସେ ନଇଁ ପଡ଼ି ତାଙ୍କ ପାଦସ୍ପର୍ଶ କରି ପ୍ରଣାମ କଲା । ପଦ୍ମାଳସ୍ମା ହାତ ଧରି ତାକୁ ଉଠାଇଲେ ସ୍ମିତ ମୁଖରେ କହିଲେ—"ଆସ ଭଉଣୀ ।"

ପାଲଙ୍କ ଉପରେ ବସି ଦୁଇ-ଚାରିଟି କଥା ହେଲେ, ସ୍ନିଗ୍ଧ-କୋମଳ ପ୍ରଶ୍ନ, ଶ୍ରଦ୍ଧା-ବିଗଳିତ ଉତ୍ତର । ପଦ୍ମାଳସ୍ମା ମଣିକଙ୍କଣାର ପ୍ରକୃତି ବୁଝିଗଲେ, ଧାତ୍ରୀକୁ ଡାକି କହିଲେ—"ମଧୁରା, ମଲ୍ଲିକାର୍ଜୁନକୁ ଆଣିଲୁ ।"

ଅଦୂରରେ ଉନ୍ମୁକ୍ତ ଅଳନ୍ଦରେ କେତେଜଣ ଧାତ୍ରୀଙ୍କ ଗହଣରେ ସପ୍ତବର୍ଷ ବୟସର ଗୋଟିଏ ବାଳକ ଧନୁ-ଶର ନେଇ ଖେଳୁଥିଲା । ବେତଡ଼ାଳର କ୍ଷୁଦ୍ର ଧନୁରେ କାଉଁରିଆ କାଠିର ବାଣ ଲଗାଇ ଏଣେ-ତେଣେ ଫୋପାଡ଼ୁ ଥିଲା । ବନବାସୀ ରାମଚନ୍ଦ୍ରଙ୍କ ଭଳି ବେଶ ମଥାରେ ବାଳ ଗୋଛା କରି ବନ୍ଧା ହୋଇଛି । ମା'ଙ୍କ ଡାକ ଶୁଣି ମଲ୍ଲିକାର୍ଜୁନ ଧନୁ କାନ୍ଧରେ ରଖିଲା, ତାପରେ ସୈନିକ ପରି ଦୃଢ଼ ପଦରେ ମା'ଙ୍କ ସମ୍ମୁଖରେ ଆସି ଠିଆ ହେଲା ।

ପଦ୍ମାଳସ୍ମା କହିଲେ—"ଏ ମୋର ଭଉଣୀ, ଏଙ୍କୁ ନମସ୍କାର କର ।"

ମଲ୍ଲିକାର୍ଜୁନ ଯୋଡ଼ହସ୍ତ ହୋଇ ମୁଣ୍ଡ ନୁଆଁଇଲା ।

ବାଳକ ମଲ୍ଲିକାର୍ଜୁନର ସ୍ନିଗ୍ଧ-କୋମଳ କାନ୍ତି ଓ ମଧୁର ଭାବଭଙ୍ଗୀ ଦେଖି ମଣିକଙ୍କଣା ମୁଗ୍ଧ ହୋଇଯାଇଥିଲା, ସେ ମଲ୍ଲିକାର୍ଜୁନ ସମ୍ମୁଖରେ ନତଜାନୁ ହୋଇ ତାକୁ କୋଳକୁ ନେଲା, ସ୍ନେହ-ଗଦ ଗଦ କଣ୍ଠରେ କହିଲା - "କି ସୁନ୍ଦର ଆମ ପୁଅ ! ଦେଈ, ମୁଁ ଯଦି ମଝିରେ ମଝିରେ ଆସି ଏହାକୁ ଦେଖିଯାଏ ତାହାଲେ ଆପଣ ରାଗିବେ ନାହିଁ ତ ?"

ପଦ୍ମାଳସ୍ମା ଦେଖିଲେ, ମଣିକଙ୍କଣାର ମନ ବାତ୍ସଲ୍ୟରସରେ ଆର୍ଦ୍ର ହୋଇଛି । ସେ ସ୍ମିତ ହସି କହିଲେ—"ଯେତେବେଳେ ଇଚ୍ଛା ଆସ ।"

ମହାରାଜ ଦେବଦତ୍ତଙ୍କ ହୃଦୟ ସ୍ନେହଭରା । ତାଙ୍କ କର୍ମବହୁଳ ଘଟନାବହୁଳ ଜୀବନର କେନ୍ଦ୍ରସ୍ଥଳରେ ଅଧିଷ୍ଠିତ ଥିଲା ଏହି ସ୍ନେହ ବସ୍ତୁଟି ।

ବିଜୟନଗରର ରାଜ୍ୟ ତାଙ୍କର ସବୁ ପ୍ରଧାନ ପ୍ରେମାସ୍ପଦ ଥିଲା । ସେ ଯୁଦ୍ଧ କରିବାକୁ ଭଲପାଉନ୍ତି; କିନ୍ତୁ କେବଳ ଯୁଦ୍ଧ ପାଇଁ ହିଁ ଯୁଦ୍ଧ କରନ୍ତି ନାହିଁ, ରାଜ୍ୟର ସୁଖସ୍ୱାଚ୍ଛନ୍ଦ୍ୟ ନିମନ୍ତେ ଯୁଦ୍ଧଯାତ୍ରା ଆରମ୍ଭ କରିଛନ୍ତି । ପ୍ରଜାମାନଙ୍କ ପ୍ରତି ଯାହାର ଆନ୍ତରିକ ପ୍ରୀତି ନାହିଁ ସେ କେବେହେଲେ ଆଦର୍ଶ ରାଜା ହୋଇନପାରେ । ଦେବରାୟ ପ୍ରଜାମାନଙ୍କୁ ପ୍ରାଣାଧିକ ଭଲ ପାଆନ୍ତି ।

ବ୍ୟକ୍ତିଗତ ଜୀବନରେ ତାଙ୍କର ସ୍ନେହାସ୍ପଦ ପାର୍ଶ୍ୱପାର୍ଶ୍ୱୀ ଥିଲେ ଅସଂଖ୍ୟ । ଯେଉଁ ସମସ୍ତ ନରନାରୀ ତାଙ୍କର ସେବା କରୁଥିଲେ ସେମାନଙ୍କୁ ସେ ସର୍ବଦା ସ୍ନେହ ଚକ୍ଷୁରେ ଦେଖୁଥିଲେ । ଲକ୍ଷ୍ମଣ ଦଣ୍ଡପ ପ୍ରମୁଖ ମନ୍ତ୍ରୀଗଣ ଅନେକ ବିଶ୍ୱାସଭାଜନ ହୋଇପାରିଲେ ଆଉ କେବେହେଲେ ତାଙ୍କ ସ୍ନେହରୁ ବଞ୍ଚିତ ହୁଅନ୍ତି ନାହିଁ । ଏତଦ୍‌ବ୍ୟତୀତ ତାଙ୍କର ନିକଟତମ ପାରିବାରିକ ଜଗତରେ ଥିଲେ ପିତା ବିଜୟରାୟ, ଦୁଇ ଭ୍ରାତା, ବିଜୟବୁକ୍କ ଓ କମ୍ପନ ରାୟ, ରାଜରାଣୀ ଏବଂ ପୁତ୍ର ମଲ୍ଲିକାର୍ଜୁନ ।

ପିତାଙ୍କ ସହିତ ମହାରାଜ ଦେବରାୟଙ୍କ ସମ୍ପର୍କ ବିଚିତ୍ର ଥିଲା । ବୀରବିଜୟ ନିର୍ଲିପ୍ତ ସ୍ୱଭାବର ଲୋକ ଥିଲେ, ସେ ନାନା ପ୍ରକାର ଅନ୍ନବ୍ୟଞ୍ଜନ ରନ୍ଧନ କରିବାକୁ ଭଲ ପାଉଥିଲେ । ସେ ବ୍ୟତୀତ ଏହା ହିଁ ତାଙ୍କ ଜୀବନର ଏକମାତ୍ର ବିଳାସ ଥିଲା । ଛଅ ମାସ ରାଜତ୍ୱ କରିବା ପରେ ସେ ଦେଖିଲେ ରନ୍ଧନ କାର୍ଯ୍ୟରେ ବିଶେଷ ଅସୁବିଧା ଘଟୁଛି, ସେ ଜ୍ୟେଷ୍ଠ ପୁତ୍ର ଦେବରାୟଙ୍କୁ ସିଂହାସନରେ ବସାଇ ନିଜେ ରନ୍ଧନକାର୍ଯ୍ୟରେ ମନୋନିବେଶ କଲେ । ଦେବରାୟଙ୍କୁ ସେ ଭଲ ପାଉଥିଲେ, ଦ୍ୱିତୀୟ ପୁତ୍ର ବିଜୟଙ୍କ ପ୍ରତି ତାଙ୍କ ମନୋଭାବ ନିରପେକ୍ଷ ଥିଲା, ଏବଂ କନିଷ୍ଠ ପୁତ୍ର କମ୍ପନଙ୍କୁ ସେ ଭୀଷଣ ଘୃଣା କରୁଥିଲେ । ପୌରଜନ ପଛରେ ତାଙ୍କୁ ପାଗଳାପ୍ପା ବା ପାଗଳା-ବାବା କହୁଥିଲେ । ମହାରାଜ ଦେବରାୟ ପିତୃଦେବଙ୍କୁ ବିଶେଷ ଭକ୍ତି ଶ୍ରଦ୍ଧା କରୁ ନ ଥିଲେ ସତ, କିନ୍ତୁ ଭଲ ପାଉଥିଲେ । ବୀରବିଜୟ ମଝିରେ ମଝିରେ ପୁତ୍ରଙ୍କ ଭବନରେ ଆବିର୍ଭୂତ ହୋଇ ପୁତ୍ରଙ୍କୁ ସ୍ୱହସ୍ତ ପ୍ରସ୍ତୁତ ମିଷ୍ଟାନ୍ନ ଖୁଆଇ ଦେଉଥିଲେ, କିଛି ଜ୍ଞାନ ଗର୍ଭକ ଉପଦେଶ ଦେଉଥିଲେ ଏବଂ କନିଷ୍ଠ ଭ୍ରାତାର ନାନା ଦୁରଭିସନ୍ଧି ସମ୍ପର୍କରେ ସତର୍କ କରାଇ ଦେଉଥିଲେ । ରାଜା ଉଦଗତ ଭାବରେ ପିତୃବାକ୍ୟ ଶ୍ରବଣ କରୁଥିଲେ ଏବଂ ମନେ ମନେ ହସୁଥିଲେ ।

ରାଜାଙ୍କ ମଧ୍ୟମ ଭ୍ରାତା ବିଜୟରାୟ ଥିଲେ ଅଭିମିତ୍ର ଯୋଦ୍ଧା । ପ୍ରସଙ୍ଗ କ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବିଜୟନଗରର ରାଜପରିବାରରେ ନାମର ବୈଚିତ୍ର୍ୟ ନ ଥିଲା, ଗୋଟିଏ ହିଁ ନାମ—ହରିହର, ବୁକ୍କା, କମ୍ପନ, ବିଜୟ, ଦେବରାୟ ବାରମ୍ବାର ବ୍ୟବହାର ହୋଇଥାଏ । ପ୍ରଭେଦ ଦେଖାଇବା ପାଇଁ ଐତିହାସିକମାନେ

"ପ୍ରଥମ" "ଦ୍ୱିତୀୟ" ଆଦି ଉପସର୍ଗ ବ୍ୟବହାର କରନ୍ତି । ରାଜଶ୍ରୀ ତ. ଜ୍ୟେଷ୍ଠ ପୁତ୍ର କରିବାକୁ ଭଲପାଉଥିଲେ ଏବଂ ଅତି ସେବାପରାୟଣ ଥିଲେ । ଅବଶ୍ୟ ତାଙ୍କର ଜଣେ ପତ୍ନୀ ଥିଲେ, କିନ୍ତୁ ପତ୍ନୀଙ୍କୁ ରାଜଶୃଙ୍ଖଳାରେ ରଖି ସେ କେଉଁଠି ଦେଶାନ୍ତରେ ସୈନ୍ୟବାହିନୀ ନେଇ ଯୁଦ୍ଧ କରୁଥିଲେ, କଦାଚିତ ରାଜଧାନୀକୁ ଫେରି ଦୁଇ ସୁନ୍ଦର ପତ୍ନୀ ସହିତ କଟାଇ ପୁଣି ବାହାରି ପଡୁଥିଲେ । ମହାରାଜ ଦେବରାୟ ଏହି ଭ୍ରାତାଙ୍କୁ କେବଳ ଯେ ଭଲ ପାଆନ୍ତି ତା ନୁହେଁ, ଶ୍ରଦ୍ଧା ମଧ୍ୟ କରନ୍ତି । ଏମିତି ଅନନ୍ୟମନା ଏକନିଷ୍ଠ ଯୋଦ୍ଧାଙ୍କୁ ଶ୍ରଦ୍ଧା ନ କରି ଉପାୟ ନାହିଁ ।

ବସ୍ତୁତଃ ବର୍ତ୍ତମାନ ରାଜ୍ୟର ଦକ୍ଷିଣ ସୀମାରେ କେତେକ ବିଦ୍ରୋହୀ ହିନ୍ଦୁ ସାମନ୍ତ ରାଜାଙ୍କୁ ଦମନ କରିବାପାଇଁ ବାହାରି ଅଛନ୍ତି । ଏହି ଯୁଦ୍ଧ ସ୍ଥଳରେ ଦୁଇ ଦିନ ଅନ୍ତର ଅଶ୍ୱାରୋହୀ ବାର୍ତ୍ତାବହ ଆସି ରାଜାଙ୍କୁ ଯୁଦ୍ଧ ସମ୍ବାଦ ଦେଇଯାଏ । ରାଜା ମଧ୍ୟ ବାର୍ତ୍ତା ପ୍ରେରଣ କରନ୍ତି । ରାଜଧାନୀରୁ ଯୁଦ୍ଧକ୍ଷେତ୍ର ଅଶ୍ୱପୃଷ୍ଠରେ ଦୁଇ ଦିନର ବାଟ । ଯିବାକୁ ଦିନେ ଆସିବାକୁ ଦିନେ ।

କନିଷ୍ଠ ଭ୍ରାତା କମ୍ପନଦେବଙ୍କ ପ୍ରତି ମହାରାଜାଙ୍କ ସ୍ନେହ ଅନ୍ତଃସଳିଳବତ । ଏଇ ସ୍ନେହ ହୃଦୟ ବାହାରେ ପର୍ଯ୍ୟନ୍ତରେ ଯାଇ ପହଞ୍ଚୁଛି । ପିତାଙ୍କ ବିଶ୍ୱସ୍ତ ପ୍ରବର୍ତ୍ତ-ମାନୀ ଏବଂ ମନ୍ତ୍ରୀ ଲକ୍ଷ୍ମଣ ମଲ୍ଲପଙ୍କ ନୀରବ ଅସମର୍ଥନ ରାଜାଙ୍କ ମୋହଭଙ୍ଗ କରିପାରି ନାହିଁ ।

ତିନି ରାଣୀଙ୍କ ପ୍ରତି ତାଙ୍କର ପ୍ରେମ ସମ୍ପୂର୍ଣ୍ଣ ପକ୍ଷପାତ ଶୂନ୍ୟ, ପୁତ୍ରସ୍ନେହର ଅଭାବ ନାହିଁ । ପୁତ୍ର ମଲ୍ଲିକାର୍ଜୁନ ତାଙ୍କ ନୟନମଣି ।

ଏହି ସ୍ନେହ ସର୍ବସ୍ୱ ଅଥଚ ତଥାପି କଠୋର ରାଜାଙ୍କୁ ପ୍ରଜାମାନେ ଯେପରି ଭଲପାଆନ୍ତି, ଶତ୍ରୁମାନେ ସେପରି ଭୟ କରନ୍ତି ।

ବିଜୟନଗର ରାଜ୍ୟରେ କେବଳ ଜଣେ ମହାରାଜ ଦେବରାୟଙ୍କୁ ଭଲପାଉ ନ ଥିଲେ, ତାଙ୍କର ନାମ କୁମାର କମ୍ପନଦେବ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ । ଦେବରାୟ କନିଷ୍ଠ ଭ୍ରାତାଙ୍କୁ ଭଲପାଆନ୍ତି ବୋଲି କନିଷ୍ଠ ଭ୍ରାତା ତାଙ୍କୁ ଭଲପାଇବେ ଏମିତି କୌଣସି ବାଧ୍ୟବାଧକତା ନାହିଁ । ସ୍ୱଭାବତଃ ସ୍ନେହ ସ୍ୱଭାବତଃ ନିମ୍ନଗାମୀ ତାହା ଊର୍ଦ୍ଧ୍ୱଗାମୀ ହେବା ବିଶେଷ ଭାବେ ଦେଖାଯାଏ ନାହିଁ ।

କମ୍ପନଦେବଙ୍କ ପ୍ରକୃତି ଥିଲା ଲୋଭୀ କୁଟିଳ ଉଚ୍ଚାକାଂକ୍ଷୀ, ତଦୁପରି ରାଜାଙ୍କ ଅତ୍ୟଧିକ ଆଦର ପାଇ ସେ ଅତିମାତ୍ରାରେ ଅହଂକାରୀ ହୋଇ ଉଠିଥିଲେ । କିନ୍ତୁ ତାଙ୍କ ଅହଙ୍କାର କଥା ବା ବ୍ୟବହାରରେ ପ୍ରକାଶ ପାଉନଥିଲା, ରାଜାଙ୍କ ପ୍ରତି ମଧୁର ଓ ସହୃଦୟ ବ୍ୟବହାର ଦ୍ୱାରା ସେ ତାଙ୍କୁ ବଶୀଭୂତ କରିଥିଲେ । ମନେ ମନେ

ସିଂହାସନ ପ୍ରତି ତାଙ୍କର ଲୋଭ ଥିଲା, କିନ୍ତୁ ସେ ଲୋଭ ଇଙ୍ଗିତରେ ପ୍ରକାଶ କରୁନଥିଲେ, ରାଜାଙ୍କ ଅନୁଗ୍ରହ ଲାଭ ବ୍ୟତୀତ ତାଙ୍କର ଅନ୍ତରଙ୍ଗ କେହି ନ ଥିଲେ । ତଦ୍ବ୍ୟତୀତ ତରୁଣ ହେଲେ ହେଁ ମନୋଗତ ଅଭିପ୍ରାୟ ଗୋପନ ରଖିବାର ଦକ୍ଷତା ତାଙ୍କର ଥିଲା ।

କର୍ମାନଦେବଙ୍କ ଦୁଇ ପତ୍ନୀ—କୃଷ୍ଣା ଦେବୀ ଓ ଶିଙ୍ଗଳା ଦେବୀ, ଦୁହେଁ ହିଁ ସୁନ୍ଦରୀ ଓ ରାଜକୁଳସମ୍ଭୂତା । କର୍ମାନଦେବ ଇଚ୍ଛା କଲେ ଆହୁରି ଦଶ ଜଣଙ୍କୁ ବିବାହ କରି ପାରିଥାଆନ୍ତେ, କେହି ବାଧା ଦେଇ ନାହିଁ । ରାଜାଙ୍କ ଅସୀମ ପ୍ରସାଦ ତାଙ୍କ ଉପରେ ସର୍ବଦା ବର୍ଷିତ ହେଉଅଛି । ତଥାପି ତାଙ୍କ ମନରେ ତୃପ୍ତି ନାହିଁ । ତାଙ୍କ ଦୁରାଶା କୌଣସି ବାଟରେ ପଥ ନ ପାଇ ଶେଷରେ ତାଙ୍କୁ ଏକ ନୂତନ କାର୍ଯ୍ୟରେ ପ୍ରବୃତ୍ତ କରାଇଲା, ସେ ଏପରି ଗୋଟିଏ ଭବନ ନିର୍ମାଣ କରିବେ ଯାହା ଦୈର୍ଘ୍ୟ ପ୍ରସ୍ଥ ଉଚ୍ଚତାରେ ରାଜଭବନ ଅପେକ୍ଷା ଗରିୟାନ ହେବ । ରାଜାଙ୍କ ଅନୁମତି ପାଇ କୁମାର କର୍ମାନ ନୂତନ ଅଟ୍ଟାଳିକା ନିର୍ମାଣରେ ମନୋନିବେଶ କଲେ ।

ନୂତନ ଅଟ୍ଟାଳିକାରେ ଗୃହ ପ୍ରବେଶ ଦିନ ଆସନ୍ନ ହୋଇଅଛି, ଏପରି ସମୟରେ ଗୋଟିଏ ଘଟଣା ଘଟିଲା । କର୍ମାନଦେବ ଚନ୍ଦ୍ରମାଳାଙ୍କୁ ଦେଖିଦେଲେ । ତାପରେ ମଣିକଙ୍କଣାଙ୍କୁ ଦେଖିଲେ । କଳିଙ୍ଗର ରାଜକନ୍ୟା ଦ୍ୱୟ କେବଳ ଅନିନ୍ଦ୍ୟ ସୁନ୍ଦରୀ ନୁହନ୍ତି, ସେମାନଙ୍କ ଆକୃତିରେ ଅପୂର୍ବ ସମ୍ମୋହନ, ଦୁର୍ନିବାର ଅନଙ୍ଗଶ୍ରୀ । କେତେବେଳେ କର୍ମାନଦେବଙ୍କ ଅନ୍ତର ଲାଳାୟିତ ହୋଇଉଠିଲା । ତାଙ୍କର ବିବେକହୀନ ଲାଳସା ବାକ୍ୟରେ କେବେ ପ୍ରକଟିତ ହେଲା ନାହିଁ, କିନ୍ତୁ ସେ ମନେ ମନେ ସଂକଳ୍ପ କଲେ, ଯେପରି ହେଉନା କାହିଁକି ସେ ଏହି ସୁନ୍ଦରୀ ଦୁଇଟିଙ୍କୁ ଅଙ୍କଶାୟିନୀ କରିବେ । କିନ୍ତୁ ବଳପ୍ରୟୋଗ ଚଳିବ ନାହିଁ, କୂଟକୌଶଳ ଅବଲମ୍ବନ କରିବାକୁ ହେବ ।

କର୍ମାନଦେବଙ୍କ କଳାକୌଶଳ କିନ୍ତୁ ସଫଳ ହେଲାନାହିଁ । ଚନ୍ଦ୍ରମାଳାଙ୍କ ଚରିତ୍ରରେ ସନ୍ଦେହ ଆରୋପର ଚେଷ୍ଟା ବ୍ୟର୍ଥ ହେଲା । କର୍ମାନଦେବଙ୍କ ସହାୟକ ବନ୍ଧୁ କେହି ନ ଥିଲେ, କେବଳ ଥିଲେ କେତୋଟି ଅନୁଗତ ଭୃତ୍ୟ ଏବଂ ମୁଷ୍ଟିମେୟ ଦାସୀ ସ୍ତ୍ରୀଲୋକ, ତେଣୁ ତାଙ୍କ ମୁଣ୍ଡରେ ଅନେକ ପ୍ରକାର କୁବୁଦ୍ଧି ଖେଳିଲେ ହେଁ ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଉପଯୁକ୍ତ ଲୋକ କେହି ନ ଥିଲେ । ସେ ସମ୍ବାଦ ପାଇଲେ ରାଜା ଚନ୍ଦ୍ରମାଳାଙ୍କୁ ହିଁ ବିବାହ କରିବେ, ସୁତରାଂ ସେ ଦିଗରେ କୌଣସି ଆଶା ନାହିଁ । ମଣିକଙ୍କଣା ପାଇଁ ରାଜା ଉପଯୁକ୍ତ ପାତ୍ର ଚିନ୍ତା କରୁଛନ୍ତି । ମଧ୍ୟମ ଭ୍ରାତା ଜୟସିଂହଙ୍କ କେବଳ ଗୋଟିଏ ସ୍ତ୍ରୀ ମଣିକଙ୍କଣା ସମ୍ଭବତଃ ତାଙ୍କ ଭାଗ୍ୟରେ ପଡ଼ିବ । କର୍ମାନଦେବଙ୍କ ଅସନ୍ତୋଷ ଏତେ ଦିନ ତୁଷାନଳ ଭଳି ଧିକିଧିକି ଜଳୁଥିଲା, ଏବେ ଦାବାନଳ ପରି ହୁ ହୁ କରି ଜଳି ଉଠିଲା । ରାଜା ହୋଇ ବସି ନ ପାରିଲେ ଜୀବନରେ ସୁଖ ନାହିଁ ।

—ନଅ—

ବୈଠକ ପରେ ଗୋଟିଏ ହୋଇ ଦଶ ଦିନ କଟିଗଲାଣି । କିନ୍ତୁ ଅର୍ଜୁନଙ୍କୁ ମହାରାଜଙ୍କ ନିକଟରୁ ଡକରା ଆସିଲା ନାହିଁ । ଯେତେଦିନ କଟିଯାଉଛି ଅର୍ଜୁନ ସେତେ ହତାଶ ହୋଇପଡୁଛନ୍ତି । ରାଜା କ'ଣ ତାଙ୍କୁ ମନେ ରଖିଥିବେ ! ରାଜାଙ୍କ ସହସ୍ର କାମ, ସହସ୍ର ଭାବନା, ତା ଭିତରେ ସାମାନ୍ୟ ଜଣେ ସୈନିକ-ପଦ ପ୍ରାର୍ଥୀର କଥା ତାଙ୍କର ମନେ ରହିବ ଏ ପ୍ରକାର ଆଶା କରିବା ଅନ୍ୟାୟ । ରାଜାଙ୍କୁ ଏହି ସାମାନ୍ୟ କଥା ସ୍ମରଣ କରାଇ ଦେବାକୁ ଯିବା ମଧ୍ୟ ଧୃଷ୍ଟତା ।

ତେବେ ବର୍ତ୍ତମାନ ସେ କରିବେ କ'ଣ ? ଏ ଦେଶ ଏ ଦେଶର ଲୋକ ତାଙ୍କୁ ଭଲ ଲାଗିଛନ୍ତି; ଏ ଦେଶକୁ ସେ ମାତୃଭୂମି ରୂପେ ହୃଦୟରେ ଗ୍ରହଣ କରିନେଇଛନ୍ତି । ବର୍ତ୍ତମାନ ସେ କେଉଁଠିକି ଯିବେ ? କେଉଁ ବୃତ୍ତି ଅବଲମ୍ବନ କରି ଜୀବନଧାରଣ କରିବେ ?

ଗତ ଦଶଦିନ ଧରି ସେ ବଳରାମଙ୍କୁ ସଙ୍ଗରେ ନେଇ ବିଜୟ ନଗରର ସର୍ବତ୍ର ଘୂରି ବୁଲିଛନ୍ତି, ଏ ଦେଶ ଲୋକଙ୍କ ସ୍ୱଚ୍ଛନ୍ଦ ନିରୁଦ୍‌ବେଗ ଜୀବନଯାତ୍ରାର ଯେଉଁ ଚିତ୍ର ଦେଖିଛନ୍ତି ତହିଁରେ ଆନନ୍ଦ ପାଇଛନ୍ତି । କିନ୍ତୁ ଯେତେ ଦିନ ବିତୁଛି, ନିଜ ଭବିଷ୍ୟତ କଥା ଭାବି ସେ ସେତେ ଉଦ୍‌ବିଗ୍ନ ହୋଇଉଠୁଛନ୍ତି । ନଗରରେ ଯଦି ସ୍ଥାୟୀ ଭାବରେ ରହି ନ ପାରିଲା, ତେବେ ଦୁଇ ଦିନର ଅତିଥି ହୋଇ ଲାଭ କ'ଣ ?

ସେଦିନ ସେମାନେ ନଗର ଭ୍ରମଣରେ ଗଲେ ନାହିଁ, ଅତିଥି-ଭବନରେ ନୀରସ ମନରେ ବସିଥିଲେ । ବାକ୍ୟାଳାପର ସ୍ରୋତ ମାନ୍ଦା ପଡ଼ିଯାଇଛି; ବଳରାମ ଖୁବ କଥା କହିପାରେ, କିନ୍ତୁ ଆଜି ତାର ବାକ୍-ଯନ୍ତ୍ର ନିସ୍ତେଜ । ମଝିରେ ମଝିରେ ଗୋଟିଏ ଅଧେ ଅସଂଲଗ୍ନ କଥା କହି ସେ ଚୁପ୍ ହୋଇଯାଉଛି ।

ଆଜି ଚନ୍ଦ୍ରମାଳା ଓ ମଣିକଙ୍କଣା କେତେବେଳେ ପମ୍ପାପତି ମନ୍ଦିରକୁ ଗଲେ, ଭେଟ ହୋଇନାହିଁ ।

ଦ୍ୱିପ୍ରହରରେ ସେମାନେ ମଧ୍ୟାହ୍ନାହାର କରିବାକୁ ଗଲେ । ଅନ୍ୟ ସହଯାତ୍ରୀ ଅତିଥିମାନଙ୍କ ସଙ୍ଗରେ ବସି ଭୋଜନ କଲେ । ସମସ୍ତେ ନିଜ ନିଜ ଭିତରେ ଗପସପ କରି ଭୋଜନ କରୁଛନ୍ତି; କେହି ଘୋଡ଼ା ଭଲ ହେଲା ଦେଖିଛି, ତାର ଉଦ୍ରେକଜତ ବର୍ଣ୍ଣନା କରୁଛି; କେହି ତୁରସ୍କ ସୈନ୍ୟମାନଙ୍କ ସହିତ ଆଳାପ କରିଛି, ସେମାନଙ୍କ ଭାଷା ଓ ଅଙ୍ଗଭଙ୍ଗୀ ଅନୁକରଣ କରି ଦେଖାଉଛି । ସମସ୍ତଙ୍କ ମନ ସ୍ୱପନ ସ୍ରୋତ ଏଣେ ରାଜକାର୍ଯ୍ୟ ଓ.ନ ଦକ୍ଷିଣର କୁଆର ପୂର୍ଣ୍ଣ ବେଗରେ ପ୍ରବାହିତ ହେଉଛି, ଭିତର

ଚୌର୍ଯ୍ୟର ଲକ୍ଷଣ ନାହିଁ । ଅର୍ଜୁନ ଓ ବଳରାମ ନୀରବରେ ଭୋଜନ ଶେଷ କରି ଉଠି-ଆସିଲେ ।

କକ୍ଷକୁ ଫେରି ବଳରାମ ଶଯ୍ୟାରେ ନିଜକୁ ଲମ୍ବାଇ ଦେଲେ, ଅର୍ଜୁନ କାନ୍ଥରେ ଡେରି ଦେଇ ବସିଲେ ।

ଦୁଇ ଦଣ୍ଡ ଏହିପରି ଭାବରେ କଟିଯିବା ପରେ ବଳରାମ ହଠାତ୍ ହାଇ ମାରି କହିଲେ—"ଶୀତ ଲାଗୁଛି । ତୁଙ୍ଗଭଦ୍ରା ଭଲ ଦିଶୁଛି । ଚାଲ, ନୌକାଘାଟକୁ ଦେଖି ଆସିବା ।"

ଦଶ ଦିନ ଭିତରେ ସେମାନେ ଅନେକ କୁଳାଘାଟକୁ ଯାଇ ନୌକାଘାଟକୁ ଦେଖି ଆସିଛନ୍ତି । ଅର୍ଜୁନ ଧୀର କଣ୍ଠରେ କହିଲେ—"ଚାଲ ।"

ବଳରାମ ଉଠି ବସିବାକୁ ଉପକ୍ରମ କରୁଛନ୍ତି ଏହି ସମୟରେ ଦ୍ୱାର ପାଖରେ ଗୋଟିଏ ମୂର୍ତ୍ତି ଆସି ଛିଡ଼ା ହେଲା । ତାକୁ ଦେଖି ବଳରାମ ଝଡ଼ପଡ଼ କରି ଉଠି ବସିଲେ । "ଏ କ'ଣ, ଭେଙ୍କଟାପ୍ପା ଯେ ! ତାପରେ, ଖବର କ'ଣ ? ଅନେକ ଦିନରୁ ତୁମକୁ ଦେଖିନି ।"

ଦ୍ୱାର ନିକଟରେ ଠିଆ ହୋଇ ଭେଙ୍କଟାପ୍ପା ସଲଜ୍ଜ ହସିଲା । ତା ମୁହଁରେ ବୋକାମିର ଛାପ ଆଉ ନାହିଁ, ସେ କହିଲା "ମୁଁ ଆପଣମାନଙ୍କ ପଛେ ପଛେ ଥିଲି, ଆପଣମାନେ ଦେଖିପାରି ନାହାନ୍ତି ।" ତାପରେ ଅର୍ଜୁନଙ୍କୁ ଲକ୍ଷ୍ୟ କରି କହିଲା—"ଆପଣଙ୍କୁ ମହାରାଜ ସ୍ମରଣ କରିଛନ୍ତି ।"

ଅର୍ଜୁନ ବିଦ୍ୟୁତ୍ ବେଗରେ ଉଠି ଛିଡ଼ା ହେଲେ—"ମହାରାଜ ମୋତେ ସ୍ମରଣ କରିଛନ୍ତି" !

ଭେଙ୍କଟାପ୍ପା କହିଲା—"ହଁ, ମହାରାଜ ବିଶ୍ରାମ କକ୍ଷରେ ଆପଣଙ୍କୁ ଦର୍ଶନ ଦେବେ । ଆପଣ ମୋ ସହିତ ଆସନ୍ତୁ ।"

ଅତର୍କିତ ପରିସ୍ଥିତିରେ ପଡ଼ି ଅର୍ଜୁନ ହଠାତ୍ ବିହ୍ୱଳ ହୋଇ ପଡ଼ିଥିଲା, ବଳରାମ ଭେଙ୍କଟାପ୍ପାକୁ କହିଲା—"ଭଲ ଭଲ । ଆମେ ଯାହା ଅନୁମାନ କରିଥିଲୁ ତାହା ମିଛ ନୁହେଁ । ଭାଇ ଭେଙ୍କଟାପ୍ପା, ତୁମେ ସତରେ ଜଣେ ରାଜପୁରୁଷ, ଭିକାରୀ ନୁହଁ ।"

ଭେଙ୍କଟାପ୍ପା ଆଉ ଥରେ ସଲଜ୍ଜ ହସିଲା । ଅର୍ଜୁନ କହିଲା— "ତୁମେ ଟିକେ ଅପେକ୍ଷା କର, ମୁଁ ଏବେ ପ୍ରସ୍ତୁତ ହୋଇ ଆସୁଛି ।"

ଭେଙ୍କଟପ୍ପା ଦ୍ୱାର ପାଖକୁ ଆଗେଇ ଗଲା । ଅର୍ଜୁନ ଖୁବ୍ ଶୀଘ୍ର ବସ୍ତ୍ର ପରିବର୍ତ୍ତନ କରି ଉଷ୍ଣୀଷ ମୁଣ୍ଡରେ ପକାଇଲା । ଘର କୋଣରେ ଲାଠି ଦୁଇଟି ଠେସ୍ ହୋଇଥିଲା, ସେହି ଦୁଇଟିକୁ ହାତରେ ଧରି ଦ୍ୱାର ଆଡ଼େ ଅଗ୍ରସର ହେଲା । ଭେଙ୍କୁ ବିକ୍ରମ ତା ପାଖକୁ ଆସି ନମ୍ର ସ୍ୱରରେ କହିଲା –"ଲାଠି ନେଇ ଯାଉଛ ଯାଅ, କିନ୍ତୁ ରାଜାଙ୍କ ନିକଟକୁ କୌଣସି ଲାଠି ନେଇ ଯିବାକୁ ଅନୁମତି ମିଳିବ ନାହିଁ । —ସେ ଯାହା ହେଉ, ରାଜାଙ୍କ କୃପା ଯଦି ମିଳେ, ଭାଇ ମୋ କଥା ଯେମିତି ଭୁଲି ନ ଯାଅ ।"

ଅର୍ଜୁନ କହିଲା—"ଭୁଲିବି ନାହିଁ । ଆଗେ ଦେଖେ ରାଜା କାହିଁକି ଡକାଇଛନ୍ତି ।"

ସମୃଦ୍ଧ ଦ୍ୱିତଳରେ ମହାରାଜ ଦେବରାୟ ପଲଙ୍କ ଉପରେ ଅର୍ଦ୍ଧଶାୟିତ ହୋଇ ଅଳସ ମନ୍ଥର ଭାବେ ତାମ୍ବୁଳ ଚର୍ବଣ କରୁଥିଲେ । ପଲଙ୍କ ପାଖରେ ଉଚ୍ଚ ଆସନ ପାରି ବସି ଲକ୍ଷ୍ମଣ ମଲ୍ଲପ ନିର୍ବିକାର ଭଙ୍ଗୀରେ ଗୁଆ କାଟୁଥିଲେ ଏବଂ ମଝିରେ ମଝିରେ ଗୁଆ ଟୁକୁରା ମୁହଁରେ ପକାଉଥିଲେ । କକ୍ଷଟି ଶୀତଳ ଓ ଛାୟାଚ୍ଛନ୍ନ, ଅନ୍ୟ କେହି ଉପସ୍ଥିତ ନାହାନ୍ତି । କେବଳ ଦ୍ୱାର ବାହାରେ ପ୍ରତିହାରିଣୀ ଅଛି ।

ରାଜା ଓ ମନ୍ତ୍ରୀଙ୍କ ଭିତରେ ବାର୍ତ୍ତାଳାପ ହେଉଥିଲା ।

ରାଜା କହିଲେ "ଅଶ୍ୱପତି ଶାହା ଅନେକ ଦିନରୁ ଚୁପ୍ ଅଛି । ମୋ ମନ କହୁଛି ତାର ମତଲବ ଭଲ ନୁହେଁ । ଏତେ ଦିନ ଧରି ଚୁପ୍ ହୋଇ ବସିରହିବା ଲୋକ ସେ ନୁହେଁ ।"

ଲକ୍ଷ୍ମଣ ମଲ୍ଲପ ପାନବଟାରୁ ଖଣ୍ଡିଏ ଗୁଆକଡ଼ା ବାଛି ପାଟିରେ ପୂରାଇଲେ, କହିଲେ—"ତା ସତ; କିନ୍ତୁ ବାହ୍ମନୀ ରାଜ୍ୟରେ ଆମର ଯେଉଁ ଗୁପ୍ତଚର ଅଛି, ସେ ଜଣାଇଛି ସେଠାରେ ଯୁଦ୍ଧର କୌଣସି ଆୟୋଜନ କରାଯାଉ ନାହିଁ । ସୈନ୍ୟମାନେ ଛାଉଣୀରେ ବସି ସେକା-ରୋଟି ଖାଉଛନ୍ତି ଆଉ ମଉଜକରି ବୁଲୁଛନ୍ତି ।

ଦେବରାୟ କହିଲେ –"ସେମାନେ ଧୂର୍ତ୍ତ ଓ ଶଠ; କପଟତା ହିଁ ସେମାନଙ୍କର ପ୍ରଧାନ ଅସ୍ତ୍ର । ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ହେଲେ ଆମକୁ ମଧ୍ୟ କପଟ ଏବଂ ଶଠ ହେବାକୁ ପଡ଼ିବ; ଧର୍ମଯୁଦ୍ଧ ଚଳିବ ନାହିଁ । ଯୁଦ୍ଧରେ ପୁଣି ଧର୍ମ କ'ଣ ? ଯୁଦ୍ଧ କାମନା ହିଁ ଅଧର୍ମ । ଧର୍ମଯୁଦ୍ଧ କରିବାକୁ ଯାଇ ହିଁ ଭାରତବର୍ଷ ଉଚ୍ଛନ୍ନ ହେଲା ।"

ମନ୍ତ୍ରୀ କହିଲେ—"ସତ କଥା । ଛଳେ ବଳେ କୌଶଳେ ଜୟଲାଭ କରିବା ହିଁ ଯୁଦ୍ଧର ଧର୍ମ, ଅନ୍ୟ ଧର୍ମ ସେଠି ଅଚଳ । ମୁସଲମାନମାନେ ଏହି ମୂଳ

ଯଥାର୍ଥ ଜାଣନ୍ତୁ ବୋଲି ହିଁ ବାରମ୍ବାର ଦୂତମାନଙ୍କୁ ମୁକଳେ ପରାସ୍ତ କରୁଛନ୍ତି ।"

ରାଜା କହିଲେ—"ମୋର ବିଶ୍ୱାସ ଅହମ୍ମଦ ଶାହା ଆମ ଗୁପ୍ତଚର ଆଖିରେ ଧୂଳି ଦେଇ ଚୁପ୍ ଚୁପ୍ ଗୁପ୍ତ-ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି ।"

ଲକ୍ଷ୍ମଣ ମଲ୍ଲପ ଉତ୍ତର ଦେଲେ—"ଆମେ ପ୍ରସ୍ତୁତ ଅଛୁ । ଆମର ଏଗାର ଲକ୍ଷ ସୈନ୍ୟଙ୍କ ମଧ୍ୟରୁ ସାଢ଼େ ଚାରି ହଜାର ସୈନ୍ୟ କୁମାର କମ୍ପନଙ୍କ ସଙ୍ଗରେ ଦକ୍ଷିଣରେ ଅଛନ୍ତି, ଅବଶିଷ୍ଟ ସବୁ ତୁଙ୍ଗଭଦ୍ରାର ଶହେ କୋଶ ବ୍ୟାପୀ ତୀର ସୀମାରେ ପହରା ଦେଇ ବସିଛନ୍ତି । ଯବନର ସାଧ୍ୟ ନାହିଁ ସେମାନଙ୍କୁ ଭେଦ କରି ରାଜ୍ୟ ଆକ୍ରମଣ କରିବା ।"

ରାଜା ଈଷତ୍ ହସିଲେ—"ମୁଁ ଜାଣେ ଆମେ ପ୍ରସ୍ତୁତ ଅଛୁ । ତେବେ ସତର୍କତା ଶିଥିଳ କରିଲେ ଚଳିବ ନାହିଁ । ପ୍ରସ୍ତୁତ ଥିବା ଅବସ୍ଥାରେ ହିଁ ନିଶ୍ଚିନ୍ତତା ଆସେ । ଆଉ ଦୁଇ ଦିନ ଭିତରେ ମୁଁ ଉତ୍ତର ସୀମାନ୍ତକୁ ସେନା ପରିଦର୍ଶନରେ ଯିବି ।"

ଏହି ସମୟରେ କକ୍ଷ ଦ୍ୱାରସ୍ଥ ପ୍ରହରିଣୀ ଦ୍ୱାର ମୁହଁରେ ଠିଆ ହୋଇ ଜଣାଇଲା ଯେ, ଅର୍ଜୁନ ବର୍ମା ଆସିଛି ।

ରାଜା କହିଲେ—"ପଠେଇ ଦିଅ ।"

ଅର୍ଜୁନ ପ୍ରବେଶ କରି ଯଥାସମ୍ଭବ ଉର୍ଦ୍ଧ୍ୱବାହୁ ହୋଇ ପ୍ରଣାମ କଲା । କହିବା ବାହୁଲ୍ୟ, କଟି ଦୁଇଟିକୁ ସେ ବାହାରେ ରଖି ଆସିବାକୁ ବାଧ୍ୟ ହୋଇଥିଲା । ରାଜାଙ୍କ ପାଖକୁ ଅସ୍ତ୍ର ନେଇ ଆସିବା ନିଷିଦ୍ଧ ।

ଦେବରାୟ ଅର୍ଜୁନକୁ ବସିବାକୁ ଇଙ୍ଗିତ ଦେଲେ, ସେ ପଲଙ୍କ ପାଦ ଦେଶରେ ଭୂଇଁ ଉପରେ ବସିଲା । ରାଜା ସ୍ନିଗ୍ଧ ହସି କହିଲେ—"ଅତିଥିଶାଳାରେ ଭଲରେ ଅଛ ?"

ଅର୍ଜୁନ କହିଲା— "ଭଲ ଅଛି ମହାରାଜ ।"

ରାଜା କହିଲେ—"ଶୁଣିଲି ନଗର ପରିଭ୍ରମଣ କରିଛ । କେମିତି ଲାଗିଲା ?"

ଅର୍ଜୁନ ଉଚ୍ଛ୍ୱସିତ ହୋଇ ନଗରର ପ୍ରଶଂସା କରିବାକୁ ଚାହିଁଲା, କିନ୍ତୁ ଉଚ୍ଛ୍ୱାସ ତା କଣ୍ଠରୁ ବାହାରିଲା ନାହିଁ । ସେ କ୍ଷୀଣ ସ୍ୱରରେ କହିଲା—"ଭଲ ମହାରାଜ ।"

"ଯେଉଁ ଲୋକଟି ତୁମ ସଙ୍ଗରେ ପୂଛୁଥିଲେ ସେ କିଏ ?"

ଅର୍ଜ୍ଜୁନ ଦେଖିଲେ ଭେଙ୍କଟାପ୍ପାର କୃପାରୁ ତାର ଗତିବିଧି କିଛି ରାଜାଙ୍କୁ ଅଗୋଚର ନାହିଁ; ସେ କହିଲେ—"ବଳରାମ କର୍ମକାର, ବଙ୍ଗଦେଶର ଲୋକ । ରାଜକୁମାରୀମାନଙ୍କ ସହିତ ନୌକାରେ ଆସିଛି । ମୋ ସଙ୍ଗରେ ବନ୍ଧୁତା ହୋଇଛି ।"

ରାଜା ସେତେବେଳେ କହିଲେ —"ସେ କଥା ଥାଉ । ତୁମେ ମୋ ସୈନ୍ୟ ବାହିନୀରେ ଯୋଗ ଦେବାକୁ ଚାହଁ । ଆଗରୁ କେବେ ଯୁଦ୍ଧ କରିଛ ?"

"ଜୀ ଆଜ୍ଞେ । କାହା ପକ୍ଷରେ ଯୁଦ୍ଧ କରିଛ ?"

"ଯବନ ସୈନ୍ୟ ବାହିନୀରେ ହିନ୍ଦୁ ସୈନିକ ବି ଅଛନ୍ତି । —ତୁମେ ତ ଭଲ୍ଲ ଓ ଅସି ଚାଳନା ଜାଣିଛ । ମୋର ପଦାତିକ ଏବଂ ଅଶ୍ୱାରୋହୀ ଦୁଇ ଶ୍ରେଣୀର ସୈନ୍ୟବାହିନୀ ଅଛନ୍ତି । ତୁମେ କେଉଁ ବାହିନୀରେ ଯୋଗ ଦେବାକୁ ଚାହଁ ?"

ଅର୍ଜ୍ଜୁନ ଯୋଡ଼ହସ୍ତ ହୋଇ କହିଲେ—"ମହାରାଜଙ୍କ ଯାହା ଇଚ୍ଛା । ମୁଁ ଅଶ୍ୱାରୋହଣ ଜାଣେ, କିନ୍ତୁ ମୁଁ ଆଉ ଗୋଟିଏ ବିଦ୍ୟା ଜାଣେ ମହାରାଜ, ଯାହା ବଳରେ ଘୋଡ଼ାଠାରୁ ଶୀଘ୍ର ଯାଇପାରେ ।"

ଲକ୍ଷ୍ମଣ ମଲ୍ଲପ ମୁହଁ ହଟାଇଲେ । ରାଜା ଈଷତ୍ ଭ୍ରୂକୁଞ୍ଚିତ କରି କହିଲେ—"ସେଟା କ'ଣ ?"

ଅର୍ଜ୍ଜୁନ କହିଲେ—"ଦୁଇଟି ଲଠି ଉପରେ ଭର ଦେଇ ମୁଁ ଦ୍ରୁତତମ ଅଶ୍ୱକୁ ମଧ୍ୟ ପଛରେ ପକାଇ ଦେଇପାରେ ।"

ରାଜା ଉଠିବସିଲେ- " ଲଠି ଉପରେ ଭର ଦେଇ ! ଏ କେମିତି ବିଦ୍ୟା ମୋତେ ଦେଖାଇ ପାରିବ ?"

ଅର୍ଜ୍ଜୁନ କହିଲେ—"ଆଜ୍ଞା ବର୍ତ୍ତମାନ ଦେଖାଇ ପାରିବ । ମୋର ଲଠି ଦୁଇଟି ସାଙ୍ଗରେ ଆଣିଥିଲି । କିନ୍ତୁ ପ୍ରତିହାରୀ ରଖିନେଇଛି ।"

ରାଜା ତାଳି ମାରିଲେ, ପ୍ରତିହାରୀ ଦ୍ୱାର ସମ୍ମୁଖରେ ଉପସ୍ଥିତ ହେଲା ।

ରାଜା କହିଲେ—"ଅର୍ଜ୍ଜୁନ ବର୍ମାଙ୍କ ଲଠି ନେଇ ଆସ ।"

ଅଳ୍ପକ୍ଷଣେ ପ୍ରତିହାରୀ ଲଠି ନେଇ ଫେରି ଆସିଲା, ଅର୍ଜ୍ଜୁନ ହାତରେ ଦେଇ ପ୍ରସ୍ଥାନ କଲା ।

ରାଜା କହିଲେ—"ବର୍ତ୍ତମାନ ଦେଖାଅ ।"

ଅର୍ଜ୍ଜୁନ ଲୌହସ୍ତମ୍ଭଗୁଡ଼ିକୁ ବାହୁରୁ ନେଇ ଅଣ୍ଟାରେ ଭିଡ଼ିଲା, ଦୃଢ଼ବଦ୍ଧ ଛନ୍ଦିତ ବକ୍ଷ ଅନାବୃତ ହେଲା । ତାପରେ ଦୁଇ ଶଣ୍ଢି ଶଣ୍ଢିଆ ଲମ୍ବା ବାଉଁଶ ଦୁଇଟିକୁ ଦୁଇ ହାତରେ ଧରି ଦୁଇ ପାଦ ସମ୍ମୁଖରେ ଠିଆ କରାଇଲା । ଡାହାଣ ପାଦ ବୁଢ଼ା ଅଙ୍ଗୁଳି ହାତରେ ବାଉଁଶଟିର ଗୋଟିଏ ଗଣ୍ଠିକୁ ଚୁପି ଧରି କ୍ଷିପ୍ର ଗତିରେ ବାଉଁଶ ଉପରକୁ ଉଠିଗଲା, ତା'ପରେ ଅନ୍ୟ ବାଉଁଶଟିକୁ ବାମ ପାଦରେ ଚୁପି ଧରିଲା । ଏହିପରି କ୍ରମରେ ଅର୍ଜ୍ଜୁନ ଦୁଇ ବାଉଁଶଦଣ୍ଡ ଦ୍ୱାରା ପାଦ ଦୁଇଟିକୁ ଲମ୍ବମାନ କରି ଦୀର୍ଘ ପାଦ ବିଶିଷ୍ଟ ପକ୍ଷୀ ପରି ବୃହତ୍ କକ୍ଷଟିରେ ଘୂରି ବୁଲିଲା ।

ରାଜା ଖୁବ ଜୋରରେ ହସି ଉଠିଲେ । ଲକ୍ଷ୍ମଣ ମଲ୍ଲ ମଧ୍ୟ ହସିଲେ । ବ୍ୟାପାରଟି ସୁନ୍ଦର ହାସ୍ୟ ଓ କୌତୁକ ଉତ୍ପାଦକ । ଅର୍ଜ୍ଜୁନ ଯଷ୍ଟିଦଣ୍ଡକୁ ଅବଲମ୍ବନ କରି ରାଜାଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲା ।

ରାଜା କହିଲେ—"ତୁମେ ଏହି ଲାଠି ଚଢ଼ି ଘୋଡ଼ାଠାରୁ ଜୋରରେ ଦଉଡ଼ି ପାରିବ ?"

ଅର୍ଜ୍ଜୁନ ବେଶ୍ ଦୃଢ଼ତାରେ କହିଲା—"ପାରେ ମହାରାଜ ।"

"ଚମତ୍କାର !" ମହାରାଜଙ୍କ ଚକ୍ଷୁରେ ଉତ୍ସାହର ଛାୟା ପଡ଼ିଲା; ସେ କିଛି ସମୟ ଅର୍ଜ୍ଜୁନର ମୁହଁ ଉପରେ ଆଖି ରଖି ଚିନ୍ତା କଲେ, ଶେଷରେ କହିଲେ—ପରୀକ୍ଷା କରିବା ପ୍ରୟୋଜନ । ଅର୍ଜ୍ଜୁନ ଏବେ, ତୁମେ ଆଜି ଯାଅ, କାଲି ପ୍ରଭାତରେ ସୂର୍ଯ୍ୟୋଦୟ ପୂର୍ବରୁ ଏଠାକୁ ଆସି ମୋ ସଙ୍ଗରେ ସାକ୍ଷାତ କରିବ । ତୁମକୁ ଗୋଟିଏ ବିଶେଷ କାର୍ଯ୍ୟରେ ପଠାଇବି ।"

ହର୍ଷିତ ହୋଇ ଅର୍ଜ୍ଜୁନ କହିଲା—"ଯଥା ଆଜ୍ଞା ମହାରାଜ ।"

ଦୁଇପାଦ ଯାଇ ପୁଣି ରାଜାଙ୍କ ପାଖକୁ ଫେରିଆସିଲା, କୁଣ୍ଠିତ ହୋଇ କହିଲା—"ଆଜ୍ଞା, କ୍ଷମା କରିବେ । ମୋତେ ଯେତେବେଳେ ଅନୁଗ୍ରହ କରିଛନ୍ତି ସେତେବେଳେ ମୋ ବନ୍ଧୁ ବଳରାମର କଥା କହିବାକୁ ସାହସ ପାଉଛି । ବଳରାମ କଥା ଆପଣଙ୍କୁ କହୁଛି; ସେ ଲୌହ କର୍ମରେ ନିପୁଣ । ସେ ମଧ୍ୟ କିଛି ଯୁଦ୍ଧବିଦ୍ୟା ଜାଣିଛି, ମହାରାଜଙ୍କୁ ନିବେଦନ କରିବାକୁ ଚାହେଁ ।"

ରାଜା କହିଲେ—"ଉତ୍ତମ ଉତ୍ତମ, ତୁମ ବନ୍ଧୁର ନିବେଦନ ପରେ ଶୁଣିବି । ତୁମେ କାଲି ପ୍ରତ୍ୟୁଷରେ ଲାଠି ନେଇ ଆସିବ ।"

"ଆଜ୍ଞା ଆସିବି ।"

ଅର୍ଜୁନଙ୍କ ପ୍ରସ୍ଥାନ ପରେ ରାଜା ଓ ମନ୍ତ୍ରୀ ଦୃଷ୍ଟି ବିନିମୟ କଲେ । ରାଜା କହିଲେ—"ଅର୍ଜୁନ ବର୍ମା ଯଦି କାଠି ଚଢ଼ି ଘୋଡ଼ା ଅପେକ୍ଷା ଦ୍ରୁତ ଯାଇପାରେ ତାହାହେଲେ ତାଙ୍କୁ ନେଇ ଦୂତ—କାମ ଅଧିକ ଭଲ ଭାବରେ ହେବ । ଏମିତିଆ ତାଙ୍କ ଉଦାହରଣରେ ଦଣ୍ଡ'ଦେଶୀ ଦୂତଦଳ ଗଠନ କରାଯାଇ ପାରେ ।"

"ଆଜ୍ଞା ମୁଁ ମଧ୍ୟ ସେଆ କହୁଥିଲି ।" ଲକ୍ଷ୍ମଣ ମଲ୍ଲପ ମୁହୂର୍ତ୍ତେ ମୌନ ରହି କହିଲେ—କୁଳବର୍ଗାର ସମ୍ବାଦ ଅର୍ଜୁନ ବର୍ମାଙ୍କୁ କୁହାହୋଇ ନାହିଁ ।"

ଦେବରାୟଙ୍କ ମୁହଁ ଗମ୍ଭୀର ହୋଇଉଠିଲା, ସେ କହିଲେ—"କହିବା ଉଚିତ ଥିଲା ତାଙ୍କୁ ଡାକିଥିଲି, କିନ୍ତୁ କହିପାରିଲି ନାହିଁ, ମାୟା ହେଲା । କାଲି ତାଙ୍କୁ ଦକ୍ଷିଣରେ କାଳସ୍ଥ ନାକଟଙ୍କୁ ପଠାଇବି । ସେଠାରୁ ଫେରିଆସୁ, ତାପରେ କୁଳବର୍ଗା ଖବର କହିବି ।"

କହିବା ବାହୁଲ୍ୟ, ଏହି ଘଟଣାର ଦେବରାୟ ନିର୍ଦ୍ଦିଷ୍ଟ ନ ଥିଲେ, କୁଳବର୍ଗାକୁ ଗୁପ୍ତଚର ପଠାଇ ଅର୍ଜୁନ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଥିଲେ, ତାପରେ ତାଙ୍କୁ ଡକାଇ ପଠାଇ ଥିଲେ । ଅର୍ଜୁନ ଯାହା କହିଥିଲା ସବୁ ସତ ।

ସେଦିନ ସନ୍ଧ୍ୟାରେ ଦୁଇ ବନ୍ଧୁ ସଜବାଜ ହୋଇ ନଗର ପରିଭ୍ରମଣରେ ବାହାରିଲେ । ଜଣେ ରାଜ-ଅନୁଗ୍ରହ ଲାଭ କରିଛି, ଅନ୍ୟ ଜଣକ ଶୀଘ୍ର କରିବ । ଆନନ୍ଦରେ ଦୁଇଜଣଙ୍କ ହୃଦୟ ଉଲ୍ଲସିତ ।

ଗୁଆ-ପାନ ରାସ୍ତା ବୁଲି ସେମାନେ ନଗର ପାଟଣାରେ ଉପସ୍ଥିତ ହେଲେ । ଏଠାରେ ଫୁଲ ଦୋକାନରୁ ମାଳା କିଣି ଗଳାରେ ଲମ୍ବାଇଲେ, କର୍ପୂର ଦିଆ ଘୋଳ ଦହି ପାନ କଲେ, ପାନ ଦୋକାନକୁ ଯାଇ ପାନ ମାଗିଲେ ।

ପାନ ଦୋକାନ ଆଗରେ ଛିଡ଼ା ହୋଇ ତିନୋଟି ତରୁଣ ଯୁବକ ନିଜ ନିଜ ଭିତରେ ହାସ୍ୟ-ପରିହାସ କରୁଥିଲେ । ଏମାନେ ବିଳାସୀ ନାଗରିକ ନୁହନ୍ତି, ମଧ୍ୟମ ଶ୍ରେଣୀୟ ଗୃହସ୍ଥ ପର୍ଯ୍ୟାୟର ଲୋକ । ଅର୍ଜୁନ ଓ ବଳରାମ ଦୋକାନରେ ଉପସ୍ଥିତ ହେବା ପରେ ଆଉ ଜଣେ ଯୁବକ ଆସି ପୂର୍ବୋକ୍ତ ଯୁବକମାନଙ୍କ ସଙ୍ଗରେ ଯୋଗ ଦେଲା । ଉତ୍ତେଜିତ କଣ୍ଠରେ କହିଲା—"ଶୀଘ୍ର ପାନ ଖାଇନିଅ । ବଡ଼ ବିପଦରେ ପଡ଼ିଛୁ ।"

ତିନିଜଣ ସମସ୍ୱରରେ କହିଲେ—"କ'ଣ ହୋଇଛି ?"

ନବାଗତ ଯୁବକ କହିଲା—"ବାମନଦେବ ଦୈବଜ୍ଞଙ୍କ ନିକଟକୁ ହାତ ଦେଖାଇବାକୁ ଯାଇଥିଲି । ହାତ ଦେଖି କ'ଣ କହିଲେ, ଜାଣ ? କହିଲେ, ମୁଁ ସାତ-ଜଣଙ୍କୁ ବିବାହ କରିବି ଅଥଚ ପଚିଶଣ୍ଟା ଝିଅ ହେବ । ପୁଅ ଗୋଟେ ହେଲେ ହେବ ନାହିଁ । ମୁଁ ବର୍ତ୍ତମାନ କରେ କ'ଣ ?"

ସମସ୍ତେ ହସି ଉଠିଲେ । ପାନବାଲା ଛପନ୍ତି ଯୁବକଟିକୁ ପାନ ଦେଇ ହସ ହସ ମୁହଁରେ କହିଲା -"ଶିଖିଧ୍ୱଜ ମନ୍ଦିରରେ ପୂଜା ଦିଅ, ତାହାଲେ ପୁଅ ହେବ ।"

ଯୁବକ ପାଟିରେ ପାନ ପୂରାଇ କହିଲା—"ତାଙ୍କ କଥା ବୁଝୁ ନାହିଁ । ମୁଁ ଏପର୍ଯ୍ୟନ୍ତ ଥରେ ମଧ୍ୟ ବିବାହ କରିନି, ପୁଅ ହେବ କେଉଁଠି ?"

ହାସ-କୌତୁକ ଭିତରେ ବଳରାମ ଜାଣିବାକୁ ଚାହିଁଲା "ବାମନଦେବ ଦୈବଜ୍ଞ କେଉଁଠି ରହନ୍ତି ?"

ଯୁବକ ଅଙ୍ଗୁଳି ଦେଖାଇ କହିଲା—"ସେଇ ଯେ ରାମସ୍ୱାମୀ ମନ୍ଦିର, ତା ପାଖରେ ହିଁ ପଣ୍ଡିତଙ୍କ ବସା । ଆପଣ ବି କ'ଣ ଜାଣିବାକୁ ଚାହାନ୍ତି କେତୋଟି ଝିଅ ହେବ ?"

"ଆଗେ ଦେଖେ କେତେଟା ବାହା ହେବ ।" ବଳରାମ ପାନ ନେଲା, ଅର୍ଜୁନକୁ ଟାଣି ନେଇ ଚାଲିଗଲା ।

ଅର୍ଜୁନ ପଚାରିଲା—"ସତରେ ହାତ ଦେଖାଇବ ନା କ'ଣ ?'

ବଳରାମ କହିଲା—"ଦୋଷ କ'ଣ ! ଗୋଟେ କିଛି ନୂଆ କରାଯାଉ ।"

ବାମନ ପଣ୍ଡିତ ନିଜ ଘରର ବାହାର ଅଗଣାରେ ଅଜିନାସନ ପକାଇ ବସି-ଥିଲେ । ସ୍ଥୂଳକାୟ ପ୍ରୌଢ଼ ବ୍ୟକ୍ତି, କନ୍ଧରେ ଉପବୀତ, ମୁଣ୍ଡିତ ମୁଖରେ ତୀକ୍ଷ୍ଣୋଜ୍ଜ୍ୱଳ ଚକ୍ଷୁ, ମଥାର ଗୁରୁପଟ୍ଟ ଶୋଭିତ, ମଝିରେ ଅଛି କେବଳ ଚୁଟିକା ।

ବଳରାମ ଓ ଅର୍ଜୁନ ତାଙ୍କ ସାମନାରେ ଛିଡ଼ାହୋଇ ହାତ ଯୋଡ଼ିଲେ; ପଣ୍ଡିତ କଣ କଣ କରି ସେମାନଙ୍କୁ ନିରୀକ୍ଷଣ କରି କହିଲେ—"ଦେଖୁଛି, ତୁମେମାନେ ଭାଗ୍ୟାନ୍ୱେଷୀ ବିଦେଶୀ । ହାତକୋଷ୍ଠି ଦେଖାଇବାକୁ ଚାହୁଁ ?"

"ଆଜ୍ଞା ।"

ଦୈବଜ୍ଞ ପ୍ରଥମେ ଅର୍ଜୁନର ହାତ ଟାଣି ନେଇ ହସ୍ତରେଖା ପରୀକ୍ଷା କଲେ, ବେଶ କିଛି ସମୟ ଅନୁଧ୍ୟାନ କଲେ, ବିସ୍ମୟ ପ୍ରକାଶିଲେ । ତାପରେ ହାତ ଛାଡ଼ି ଦେଇ

କହିଲେ—"ବୁଡ଼ିଯିବା ଯୋଗଥିଲା, କଟିଯାଇଛି । ତୁମ ଜୀବନ ବର୍ତ୍ତମାନ ଏକ ସଙ୍କଟମୟ ଦଶା ଭିତରେ ଗତି କରୁଛି । ପଛରେ ବିପଦ, ଆଗରେ ବିପଦ, କି ହେବ କୁହାଯାଇ ନପାରେ । ତୁମେ ଆସନ୍ତା ଶ୍ରାବଣ ଅମାବାସ୍ୟା ପରେ ମୋ ପାଖକୁ ଆସ, ସେତେବେଳେ ପୁଣି ହାତ ଦେଖିବି ।"

ଅର୍ଜୁନ ମନ ଦୁଃଖରେ ବଳରାମ ଆଡ଼େ ଚାହିଁଲା । ବଳରାମ ହଠାତ୍ ଦୈବଜ୍ଞଙ୍କ ଆଡ଼େ ହାତ ବଢ଼ାଇ ଦେଇ କହିଲା—"ମୋ ହାତଟା ବି ଥରେ ଦେଖନ୍ତୁ । ଆମେ ଦୁଇଜଣ ବନ୍ଧୁ ।"

ବାମନଦେବ ହାତ ଦେଖି କହିଲେ—"ତୁମ ହାତ ମନ୍ଦ ନୁହେଁ, ଦୁଃଖ କଷ୍ଟ ଅନେକଟା କଟେଇ ସାରିଛ, ତେବେ ସ୍ୱଦେଶକୁ ଆଉ କେବେ ହେଲେ ଫେରିପାରିବ ନାହିଁ, ବିଦେଶରେ ଧନ-ସମ୍ପତ୍ତି ସ୍ତ୍ରୀ-ପୁତ୍ର ଲାଭ କରିବ । ତୁମେ ଦୁଇଜଣ ବନ୍ଧୁ ? ତାହାଲେ ଗୋଟିଏ କଥା କହି ରଖେ - ତୁମେ ଦୁଇଜଣ ଯଦି ଏକା ସଙ୍ଗରେ ରୁହ ତାହାହେଲେ ତୁମ ବନ୍ଧୁର ଅନେକ କଷ୍ଟ କଟିଯିବ । କିନ୍ତୁ ତୁମର କିଛି ଅନିଷ୍ଟ ହୋଇ-ପାରେ । ବର୍ତ୍ତମାନ ଆଉ କିଛି କହିବି ନାହିଁ, ଶ୍ରାବଣ ମାସରେ ଆଉ ଥରେ ଆସ ।"

ବଳରାମ ପ୍ରଣାମୀ ଦବାକୁ ଗଲା, କିନ୍ତୁ ବାମନଦେବ ନେଲେ ନାହିଁ, କହିଲେ—"ଶ୍ରାବଣ ମାସରେ ପ୍ରଣାମୀ ନେବି ।"

ଦୁଇବନ୍ଧୁ ବିମର୍ଷ ମନରେ ଫେରିଲେ । ବଳରାମ ମନରେ ଅନୁତାପ ହେଲା, ହାଲୁକା ମନ ନେଇ ଦୈବଜ୍ଞଙ୍କ ପାଖକୁ ନ ଯାଇଥିଲେ ଭଲ ହୋଇଥାଆନ୍ତା । କିନ୍ତୁ ତାହା ବା କାହିଁକି ? ବିପଦ କଥା ପୂର୍ବରୁ ଜାଣିଥିଲେ ସାବଧାନ ରହିହେବ ।

ଝୁଲୁ ଝୁଲୁ ଥରେ ଅର୍ଜୁନ କହିଲା—"ମୋ ସାଙ୍ଗରେ ରହିଲେ ତୁମର ଅନିଷ୍ଟ ହୋଇପାରେ ।"

ବଳରାମ କହିଲା—"କିନ୍ତୁ ତୁମ କଷ୍ଟ କଟିଯିବ । ତେଣୁ ତୁମ ସଙ୍ଗ ଛାଡ଼ିବି ନାହିଁ ।"

# ତୃତୀୟ ପର୍ବ

## —ଏକ—

ପରଦିନ ଅତି ପ୍ରତ୍ୟୁଷରୁ ଅର୍ଜୁନ ଲୁଗାପଟା ବାନ୍ଧିଲା, କଟି ହାତରେ ଧରି ବଳରାମଙ୍କୁ କହିଲା—"ମୁଁ ଗଲି। କେଉଁଠି ଯାଉଛି, କେବେ ଫେରିବି କିଛି ଜାଣି ନାହିଁ।"

ବଳରାମ କହିଲା—"ଦୁର୍ଗା, ଦୁର୍ଗା ! ମୁଁ ସଙ୍ଗରେ ଯାଇଥିଲେ ଭଲ ହୋଇଥାଆନ୍ତା। ଯାଉଛୁ, ସାବଧାନରେ ରହିବ। ଦୁର୍ଗା ଦୁର୍ଗା।"

ସେତେବେଳକୁ ବାହାରେ ଘଡର ଅଭାବ ଘଟି ନାହିଁ। ରାଜଗୃହ ସମ୍ମୁଖରେ ଉପସ୍ଥିତ ହୋଇ ଅର୍ଜୁନ ଦେଖିଲା—ସେଠାରେ ଲୋକବାକ କେହି ନାହାନ୍ତି, କେବଳ ଦୁଇଟି ଘୋଡ଼ା ପାଖାପାଖି ବନ୍ଧା ହୋଇଛି। ରାଜମନ୍ଦୁରାର ତେଜସ୍ୱୀ ଅଶ୍ୱ, ପାଚିଲା ତେନ୍ତୁଳିଫଳ ଭଳି ବର୍ଣ୍ଣ, ପିଠିରେ କମ୍ବଳ ଆସନ, ମୁଖରେ ବଲ୍‌ଗା। ଘୋଡ଼ା ଦୁଇଟି ନିଶ୍ଚଳ ହୋଇ ଠିଆ ହୋଇଛନ୍ତି, କେବଳ ସେମାନଙ୍କ କର୍ଣ୍ଣ ପଛକୁ ଓ ଆଗକୁ ହଲୁଛି। ଅର୍ଜୁନକୁ ସେମାନେ ବଙ୍କେଇ ଚାହିଁଲେ ଓ ଅଳ୍ପ ନାସାଧ୍ୱନି କଲେ।

ଅର୍ଜୁନ ଛିଡ଼ାହୋଇ ରହିଲା। ରାଜଗୃହରେ ସାଡ଼ାଶବ୍ଦ ନାହିଁ। କିଛି ସମୟ ପରେ ତାହାର ଆଡ଼କୁ ଗୋଟିଏ ମଣିଷ ମୂର୍ତ୍ତି ଦେଖାଗଲା। କ୍ଷୀଣ ଖର୍ବାକୃତି ମଣିଷଟି, ମଥାରେ ବୃହତ୍ ପଗଡ଼ି, କମରରେ ତରବାରି, ବୟସ ଅର୍ଜୁନ ଅପେକ୍ଷା ଛଅ-ସାତ ବର୍ଷ ବଡ଼। ସେ ନିକଟକୁ ଆସି ଅର୍ଜୁନକୁ ସନ୍ଦିଗ୍ଧ ଅପାଙ୍ଗ ଦୃଷ୍ଟିରେ ନିରୀକ୍ଷଣ କରିବାକୁ ଲାଗିଲା।

ତାପରେ ରାଜଗୃହର ଦ୍ୱିତଳରୁ ପିଙ୍ଗଳା ଆସି ଜଣାଇଲା, ମହାରାଜ ଉଭୟଙ୍କୁ ଡକାଇଛନ୍ତି।

ଇତିମଧ୍ୟରେ ମହାରାଜ ଦେବରାୟ ପ୍ରାତଃସ୍ନାନପୂର୍ବକ ଦେବପୂଜା ସମାପନ କରିଛନ୍ତି; ସୂର୍ଯ୍ୟୋଦୟ ପୂର୍ବରୁ ହିଁ ରାଜକାର୍ଯ୍ୟ ଆରମ୍ଭ ହୋଇଯାଇଛି।

ଅର୍ଜୁନ ଓ ଦ୍ୱିତୀୟ ବ୍ୟକ୍ତି ଜଣକ ରାଜାଙ୍କ ବିଶ୍ରାମକକ୍ଷରେ ଉପସ୍ଥିତ ହୋଇ ଦେଖିଲେ, ମହାରାଜ ପଲଙ୍କ ଉପରେ ଉପବେଶନ କରିଛନ୍ତି, ତାଙ୍କ ସମ୍ମୁଖରେ

କୁଣ୍ଡଳାଡ କଭୁମୁଦ୍ରାଙ୍କିତ ଦୁଇଟି ପତ୍ର । ଦୁଇ ଜଣ ଯଥାରୀତି ପ୍ରଣାମ କରି ରାଜାଙ୍କ ସମ୍ମୁଖରେ ଛିଡ଼ାହେଲେ । କହିବା ବାହୁଲ୍ୟ, ଅର୍ଜୁନର କଟି ଓ ଦ୍ୱିତୀୟ ବ୍ୟକ୍ତିର ତରବାରି ସୁଦୃଢ଼ାବରଣୀ ନିକଟରେ ଗଚ୍ଛିତ ରଖିବାକୁ ପଡ଼ିଥିଲା ।

ରାଜା କହିଲେ—"ସ୍ୱସ୍ତି । ତୁମ ଦୁଇ ଜଣଙ୍କୁ ଏକ ସଙ୍ଗରେ କୁମାର ବିଜୟ ରାୟ ପାଖକୁ ଦୂତଭାବେ ପଠାଉଛୁ । ଅବ୍ଦୁଲ, ତୁମେ ରାସ୍ତା ଜାଣ, ତୁମେ ଅର୍ଜୁନକୁ ରାସ୍ତା କଢ଼େଇ ନେଇଯିବ । ରାସ୍ତାରେ ଚଟିଘରେ ଘୋଡ଼ା ବଦଳ କରିବ । ଏଇ ନିଅ, ଦୁଇ ଜଣ ଦୁଇଟି ପତ୍ର, ସ୍କନ୍ଧାବାରରେ ପହଞ୍ଚି କୁମାର ବିଜୟଙ୍କ ହାତରେ ପତ୍ର ଦେବ । ଯଦିଓ ଦୁଇଟିଯାକ ପତ୍ରର ମର୍ମ ଏକା, ତଥାପି ଦୁଇ ଜଣ କୁମାର ବିଜୟଙ୍କୁ ପତ୍ର ଦେବ । ହୁଏତ ସେ ତୁମ ଦୁହିଁଙ୍କୁ ପୃଥକ୍ ପତ୍ର ଦେବେ । ସେହି ପତ୍ର ନେଇ ତୁମେମାନେ ଫେରି ଆସିବ । ଏକସଙ୍ଗରେ ଆସିବା ଦରକାର ନାହିଁ, ଯେ ଯେତେ ଶୀଘ୍ର ପାରିବ ଫେରି ଆସିବ । ଆଶୁକର୍ମରେ ତୁମମାନଙ୍କୁ ପଠାଉଛୁ । ମନେରଖ, ବିଳମ୍ବରେ କର୍ମହାନିର ସମ୍ଭାବନା ।"

ଅବ୍ଦୁଲ ରାଜାଙ୍କ ହାତରୁ ଚିଠି ନେଇ ପଗଡ଼ି ଭିତରେ ରଖିଦେଲା, ତା'ର ଦେଖାଦେଖି ଅର୍ଜୁନ ମଧ୍ୟ ଚିଠି ପଗଡ଼ି ଭିତରେ ରଖିଲା ।

ରାଜା କହିଲେ—"ଏଇ ନିଅ, କିଛି ସ୍ୱର୍ଣ୍ଣମୁଦ୍ରା ପାଖରେ ରଖିଥାଅ, ଦରକାର ହୋଇପାରେ । ଦକ୍ଷିଣ ଦିଗର ତୋରଣ-ରକ୍ଷୀଙ୍କୁ କୁହାହୋଇଛି, କେହି ତୁମକୁ ବାଧା ଦେବେ ନାହିଁ । ବର୍ତ୍ତମାନ ଯାତ୍ରା ଆରମ୍ଭ କର । ଶୁଭମସ୍ତୁ ।"

ରାଜାଙ୍କ ପାଖରୁ ବିଦାୟ ନେଇ ଦୁଇ ଜଣ ଅସ୍ୱାଦ ହଜାର କରି ତଳକୁ ଓହ୍ଲାଇଲେ । ଘୋଡ଼ା ଦୁଇଟି ପୂର୍ବରୁ ଛିଡ଼ା ହୋଇଥିଲେ, ସେମାନଙ୍କ ପୃଷ୍ଠରେ ଆରୋହଣ କରି ଘୋଡ଼ା ଛୁଟେଇ ଦେଲେ ।

ସେମାନେ ଲକ୍ଷ୍ୟ କଲେ ନାହିଁ, ଏହି ସମୟରେ ସୌଧଗୃହର ଦ୍ୱିତଳର ଗୋଟିଏ ଗବାକ୍ଷ ଦେଇ ଯୋଡ଼ିଏ ସଦ୍ୟ-ନିଦ୍ରା-ଭଙ୍ଗା ରମଣୀର ଚକ୍ଷୁଯୁଗଳ ଚାହିଁ ରହିଥିଲା । ଚକ୍ଷୁ ଦ୍ୱୟ ଖୁବ୍ ସୁନ୍ଦର, ମୁଖମଣ୍ଡଳର ତୁଳନା ନାହିଁ । ଅଶ୍ୱାରୋହୀ ଦ୍ୱୟ ଅନ୍ତର୍ହିତ ହେଲାକ୍ଷଣି କୁମାରୀ ଚନ୍ଦ୍ରମାଳାଙ୍କ ଦୁଇ ଭ୍ରୂମଧ୍ୟରେ ଗୋଟିଏ ଭ୍ରୂକୁଟିର ଚିହ୍ନ ଦେଖାଗଲା । ସେ ଅର୍ଜୁନଦେବଙ୍କୁ ଚିହ୍ନି ପାରିଥିଲେ । ଭାବିଲେ, ଅର୍ଜୁନଦେବ ! କେଉଁଠି ଯାଉଛନ୍ତି !

ଆଜି ନିଦ ଭାଙ୍ଗିବାରୁ ଚନ୍ଦ୍ରମାଳା ଉଠି ଅଳସ ଅର୍ଦ୍ଧ-ତନ୍ଦ୍ରାଜଡ଼ିତ ମନରେ ମହଲର ବାତାୟନ ପାର୍ଶ୍ୱରେ ପଦଚାରଣ କରୁଥିଲେ, ହଠାତ୍ ଗୋଟିଏ ବାତାୟନ

ଦେଇ ଜଳର ଦୁଣ୍ୟ ଆଖିରେ ପଡ଼ିଲା । ତାଙ୍କର ସମସ୍ତ ଚେତନା ସଜାଗ ଓ ଉଦ୍‌ବୁଦ୍ଧ ହୋଇଉଠିଲା । କିନ୍ତୁ ସେ କାହାକୁ କୌଣସି ପ୍ରଶ୍ନ ପଚାରି ପାରିଲେ ନାହିଁ; ପ୍ରଶ୍ନଗୁଡ଼ିକ ମନ ଭିତରେ ହିଁ ରହିଗଲା । ତାପରେ ଯଥା ସମୟରେ ସେ ପମ୍ପାପତିଙ୍କ ମନ୍ଦିରକୁ ଗଲେ । ସାରାଦିନ ମନଟା ଉଦାସ ବିଭ୍ରାନ୍ତ ହୋଇ ରହିଲା ।

ଦିନର ପ୍ରଥମ ପ୍ରହର ଗଡ଼ିଗଲାଣି । ନଗରର ସାତଟି ପ୍ରାଚୀର ପାରିହୋଇ ଅର୍ଜୁନ ଓ ଅନିରୁଦ୍ଧ ଖୋଲାରାସ୍ତାରେ ଧାଉଁଛନ୍ତି । ଘୋଡ଼ା ଦୁଇଟି ମୁକ୍ତ ତୀର ଭଳି ପାଖାପାଖି ଛୁଟିଛନ୍ତି, କେହି କାହାକୁ ଅତିକ୍ରମ କରି ଯାଇପାରୁ ନାହିଁ ।

ପଥ ଅଶ୍ମାଚ୍ଛାଦିତ, ଶିଳାବନ୍ଧୁର । ନଗର ସୀମା ବାହାରେ ମଧ୍ୟ ଲୋକାଳୟ ଅଛି, ଉର୍ମିଳ ପର୍ବତଶ୍ରେଣୀ ଫାଙ୍କରେ ଗୋଟେ ଗୋଟେ ଗାଁ ଦେଖାଯାଏ । ପଥର ଦୁଇ ପାର୍ଶ୍ୱରେ ତୃଣ-କୁଶ ବୁଦାବୁଦା ଜଙ୍ଗଲ; ଯେମିତି ପଥର ରାଜ୍ୟରେ ଉଦ୍ଭିଦ ଅନଧିକାର ପ୍ରବେଶ ପାଇଁ ଚେଷ୍ଟା କରି ହତାଶ ହୋଇପଡ଼ିଛି ।

ମୁଣ୍ଡ ଉପରେ ପ୍ରଖର ସୂର୍ଯ୍ୟକିରଣ ସତ୍ତ୍ୱେ ଅଶ୍ୱାରୋହୀମାନେ ବିଶେଷ ତାପକଷ୍ଟ ପାଉନାହାନ୍ତି । ମୁଣ୍ଡରେ ପଗଡ଼ି ଅଛି, ଅଧିକନ୍ତୁ ଅଶ୍ୱମାନଙ୍କ ଧାବନ-ଜନିତ ବାୟୁପ୍ରବାହ ସେମାନଙ୍କ ଶରୀରକୁ ଶୀତଳ କରୁଛି ।

ଦୁଇଜଣ ପାଖାପାଖି ଚାଲୁଛନ୍ତି ସତ, କିନ୍ତୁ ବାକ୍ୟାଳାପ ବେଶି ହେଉ ନାହିଁ । ଅନିରୁଦ୍ଧର ମନ ଖୁବ୍ ସରଳ ନୁହେଁ, ତାର ସନ୍ଦେହ ହୋଇଛି ରାଜା ତାକୁ ତଡ଼ି ଦେଇ ଅର୍ଜୁନଙ୍କୁ ନିଯୁକ୍ତ କରିବାକୁ ଚାହାଁନ୍ତି, ତେଣୁ ଅର୍ଜୁନ ପ୍ରତି ତା ମନ ବିମୁଖ ହୋଇ ପଡ଼ିଛି । ଅର୍ଜୁନ ତାହା ବୁଝିଛି, ସେମାନଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତାର ପ୍ରଚ୍ଛନ୍ନ ବିରୋଧ ଦେଖା ଦେଇଛି ।

ଥରେ ଅନିରୁଦ୍ଧ କହିଲା—"ତୁମ ନାମ ଅର୍ଜୁନ । ତୁମକୁ ଆଗରୁ କେବେ ଦେଖି ନାହିଁ ।"

ଅର୍ଜୁନ ନିଜ ପରିଚୟ ଦେଇ କହିଲା—"ତୁମକୁ ମଧ୍ୟ ମୁଁ ଦେଖିନାହିଁ ।"

ଅନିରୁଦ୍ଧ ଉଦ୍ଧୀପ୍ତ କଣ୍ଠରେ କହିଲା—"ତୁମେ ନବାଗତ, ତେଣୁ କରି ମୋ ନାଁ ଶୁଣି ନାହଁ ।"

ମୁଁ ହେଉଛି ଅନିରୁଦ୍ଧ, ବିଜୟ ନଗରର ପ୍ରଧାନ ରାଜଦୂତ । ଦଶ ବର୍ଷ ହେଲା ଏହି କାମ କରୁଛି । ଅଶ୍ୱ ଦୌତ୍ୟ କାର୍ଯ୍ୟରେ ମୋ ସମକକ୍ଷ ଆଉ କେହି ନାହାନ୍ତି ।"

ବିରସସ୍ୱରେ ଅର୍ଜୁନ କହିଲା—"ଭଲ । ମୋର ସୌଭାଗ୍ୟ ଯେ ରାଜା ତୁମକୁ ମୋ ସହିତ ପଠାଇଛନ୍ତି ।"

କିନ୍ତୁ କଥାବାର୍ତ୍ତାରେ ଅର୍ଜୁନର ମନ ନାହିଁ, ତାର ମନ ଓ ଚକ୍ଷୁ ରାସ୍ତା ଆଖ ପାଖର ଚିହ୍ନ ଅନୁସନ୍ଧାନ କରି ବୁଲୁଛି । କେଉଁଠି ଗିରିଶୃଙ୍ଗ ବିଚିତ୍ର ଭଙ୍ଗୀରେ ଠିଆ ହୋଇଛି, କେଉଁଠି ରାସ୍ତା ଉପର ଦେଇ କ୍ଷୀଣ ଜଳଧାରା ବହିଯାଉଛି । ଅଦୂରରେ ସେଇ ଭଗ୍ନପ୍ରାୟ ପଥର ନିର୍ମିତ ମନ୍ଦିର ପାଖ ଦେଇ ରାସ୍ତା ଦୁଇ ଭାଗ ହୋଇଯାଇଛି । ଅର୍ଜୁନ ମନେ ମନେ ସ୍ଥାନଗୁଡ଼ିକୁ ଚିହ୍ନିତ କରି ରଖିବାକୁ ଲାଗିଲା । ଏହି ରାସ୍ତାରେ ହିଁ ତାକୁ ଫେରିବାକୁ ପଡ଼ିବ ।

"ତୁମ ହାତରେ ଲାଠି କାହିଁକି ?"

"ଯାହାର ଯେପରି ଅସ୍ତ୍ର. ତୁମର ତରବାରି, ମୋର ଲାଠି ।"

"କିନ୍ତୁ ଦୁଇଟା ଲାଠି କ'ଣ ଦରକାର ?"

ଅର୍ଜୁନ ଟିକେ ହସିଲା—"ଗୋଟିଏ ଲାଠିରେ ଲଢ଼ିବି, ସେଟା ଭାଙ୍ଗିଗଲେ ଅନ୍ୟ ଲାଠି ସାହାଯ୍ୟରେ ଲଢ଼େଇ କରିବି ।"

ଅନିରୁଦ୍ଧର ମନ ସନ୍ତୁଷ୍ଟ ହେଲା ନାହିଁ । ତାର ସନ୍ଦେହ ହେଲା, ଲାଠି ଦୁଇଟିର ଅନ୍ୟ କୌଣସି ତାତ୍ପର୍ଯ୍ୟ ଅଛି ।

ଦ୍ୱିପ୍ରହର ବେଳକୁ ସେମାନେ ଗୋଟିଏ ପାନ୍ଥଶାଳାରେ ପହଞ୍ଚିଲେ । ରାସ୍ତା ଧାରରେ ଗୋଟିଏ ଶ୍ରେଷ୍ଠ ପଥର ନିର୍ମିତ ଘର ତା ପାଖରେ ଛାୟା ଶୀତଳ ଗୋଟିଏ ବୃହତ୍ ବରଗଛ । ଗଛ ଗୁଣ୍ଡିରେ ଦୁଇଟି ଘୋଡ଼ା ବନ୍ଧା ହୋଇ ରହିଛି ।

ଜଣେ ମଧ୍ୟ ବୟସ୍କ ଶିଖାଧାରୀ ଲୋକ ଘର ଭିତରୁ ବାହାରି ଆସିଲା, କହିଲା—"ଘୋଡ଼ା ପ୍ରସ୍ତୁତ, ଆହାର ପ୍ରସ୍ତୁତ । ଆସ, ବସି ଯାଅ ।" ଲୋକଟି ଅନିରୁଦ୍ଧକୁ ଚିହ୍ନେ ।

ଦୁଇଜଣ ଘୋଡ଼ାରୁ ଓହ୍ଲାଇ ଘର ଭିତରେ ପଶିଲେ । ଘରେ ପିଢ଼ା ଉପରେ ଆହାର ଥାଳି, ଜଳଘଟି, କ୍ଷୁଧାର୍ତ୍ତ ତୃଷାର୍ତ୍ତ ଦୁଇଜଣ ବିନା ବାକ୍ୟ ବ୍ୟୟରେ ବସିଗଲେ ।

ଅର୍ଦ୍ଧ ଦଣ୍ଡ ମଧ୍ୟରେ ଭୋଜନ ସମାପ୍ତ କରି ସେମାନେ ନୂଆ ଘୋଡ଼ା ଚଢ଼ି ବାହାରିଲେ । ପ୍ରୌଢ଼ ବ୍ୟକ୍ତି କହିଲା—"ସୈନ୍ୟ ଛାଉଣୀ ଅନ୍ତର ସୂର୍ଯ୍ୟକୁ ପୃଷ୍ଠ

ଯାଉଛି । ସନ୍ଧ୍ୟା ପୂର୍ବରୁ ପହଞ୍ଚିଲେ ଦୂରରୁ ଧୂଆଁ ଦେଖିପାରିବ, ରାତିରେ ପହଞ୍ଚିଲେ ନିଆଁ ଦେଖାଯିବ । ଏଠାରୁ ଉତ୍ତର କୋଣ ବାଟ ଅଛି ।"

ପୁଣି ସେମାନେ ବାହାରି ପଡ଼ିଲେ ।

ପୁଣି ଅଶ୍ୱାରୋହୀ ଯେତେବେଳେ କୁମାର ବିଜୟଙ୍କ ସ୍କନ୍ଧାବାରରେ ପହଞ୍ଚିଲେ ସେତେବେଳକୁ ସୂର୍ଯ୍ୟାସ୍ତ ହୋଇଯାଇଛି । ଗୋଧୂଳିର ଆଲୋକରେ ସୈନ୍ୟ ଛାଉଣିଟି ଗୋଟିଏ ବିରାଟ ଗୋ-ଶାଳା ପରି ଦେଖାଯାଉଛି । ଅସଂଖ୍ୟ ଶଗଡ଼ ପାଖାପାଖି ସଜାଇ ଗୋଟିଏ ବର୍ତ୍ତୁଳାକୃତି ଚକ୍ର-ବ୍ୟୂହ ରଚନା କରାଯାଇଛି, ତା ଭିତରେ ତାଲପତ୍ରର ଛପରାକୃତି ଅସଂଖ୍ୟ ଛାଉଣୀ । ମଧ୍ୟ ସ୍ଥଳରେ ସେନାପତି ପାଇଁ ବସ୍ତ୍ରନିର୍ମିତ ଉଚ୍ଚ ଶିବିର ।

ଶଗଡ଼-ବ୍ୟୂହର ଏକ ସ୍ଥାନରେ ଟିକିଏ ଫାଙ୍କ ଅଛି; ଏହି ପ୍ରବେଶ ଦ୍ୱାର ନିକଟରେ ସଶସ୍ତ୍ର ରକ୍ଷୀ ପହରା ଦେଉଛନ୍ତି, ଅଧିକନ୍ତୁ ଦଳେ ରକ୍ଷୀ ଶଗଡ଼ ବେଷ୍ଟନୀ ବାହାରେ ପରିକ୍ରମଣ କରୁଛନ୍ତି । କାଳେ ଶତ୍ରୁସୈନ୍ୟ ରାତିରେ ଆକ୍ରମଣ କରିପାରନ୍ତି । ତେଣୁ ସତର୍କତା ।

ଅନିରୁଦ୍ଧ ଓ ଅର୍ଜୁନ ସ୍କନ୍ଧାବାରରେ ଉପସ୍ଥିତ ହେବା ମାତ୍ରେ ସେନାପତିଙ୍କ ନିକଟକୁ ନିଆଗଲେ । ବିଜୟଭାସ୍କର ସେତେବେଳେ ଭୋଜନରେ ବସିଥିଲେ । କିନ୍ତୁ ରାଜଦୂତ ଯେଉଁ ସମୟରେ ଆସୁନା କାହିଁକି ତତ୍‌କ୍ଷଣାତ୍ ତା ସହିତ ସାକ୍ଷାତ କରିବାକୁ ପଡ଼ିବ, ଏହା ହିଁ ରାଜକୀୟ ନିୟମ ।

ବସ୍ତ୍ରାବୃତ ଗୋଟିଏ ବୃହତ୍ କକ୍ଷରେ ବିଜୟଭାସ୍କର ଭୋଜନରେ ବସିଥିଲେ । ପିଢ଼ା ସମ୍ମୁଖରେ ଆଠ-ଦଶଟି ଥାଳି, ଥାଳିଗୁଡ଼ିକୁ ବେଢ଼ି ଦଶ ବାରଟି ତେଲ ଦୀପ । ସମ୍ମୁଖରେ ଓ ପଶ୍ଚାତ ସ୍ଥାନରେ ଦଣ୍ଡାୟମାନ ଛଅଜଣ ପରିଚାରକ ପାର୍ଶ୍ୱରକ୍ଷୀ ପହରା ଦେଉଛନ୍ତି; ସେମାନଙ୍କ କଟିରେ ଛୁରିକା ।

ବିଜୟଭାସ୍କରଙ୍କ ଖାଦ୍ୟବସ୍ତୁର ପରିମାଣ ଯେପରି ପ୍ରଚୁର, ସେପରି ଅଧିକାଂଶ ଆମିଷ । ତା ସହିତ କିଛି ଘୃତପକ୍ୱ ଅନ୍ନ ଓ ଏକ ଭୃଙ୍ଗାର ଦ୍ରାକ୍ଷାସାର । ବିଜୟଭାସ୍କର ମ୍ଳେଚ୍ଛ ଯବନ ପଦ୍ଧତିର ପକ୍ଷପାତୀ ଥିଲେ, ତେଣୁ ତାଙ୍କ ଭୋଜନପାତ୍ର ଗୁଡ଼ିକରେ ଶୋଭା ପାଉଥିଲା ମେଷ ମାଂସର କୋଫ୍‌ତା, କାଲିଆ, ସେକ୍‌ଚ, ଡାଲ୍‌ମା, ସମୋସା ଇତ୍ୟାଦି । ଗୋଟିଏ ସ୍ଫଟିକ ପାତ୍ରରେ ସ୍ତୂପୀକୃତ ଅଙ୍ଗୁରଫଳ ।

ବିଜୟଭାସ୍କରଙ୍କ ଚେହେରା ମଧ୍ୟମ ପାଣ୍ଡବ ଭଳି, ବର୍ତ୍ତୁଳକାୟ ଗଜସ୍କନ୍ଧ । ଜ୍ୟେଷ୍ଠ ଦେବଭାସ୍କର ଓ କନିଷ୍ଠ ଭାନୁଙ୍କ ସହିତ ତାଙ୍କ ଆକୃତିର ସାମଞ୍ଜସ୍ୟ ବହୁତ

ନାମ୍ । ସଙ୍ଗମ ବଂଶର ପ୍ରତିଷ୍ଠାତା ହରିହର ଓ ବୁକ୍କାରାୟ ସବୁ ବିଷୟରେ ଅଭେଦ ଆତ୍ମା ଥିଲେ କିନ୍ତୁ ସେମାନଙ୍କ ଆକୃତି ସମ୍ପୂର୍ଣ୍ଣ ବିପରୀତ ଥିଲା । ଭୀମ ଅର୍ଜୁନଙ୍କ ଆକୃତିରେ ଯେଉଁ ତଫାତ୍ ହରିହର ଓ ବୁକ୍କାରାୟର ଚେହେରାରେ ସେହିପରି ପାର୍ଥକ୍ୟ ଥିଲା, ଜଣେ ସିଂହ ଅନ୍ୟଜଣକ ହସ୍ତୀ । ତାପରେ ପୁରୁଷାନୁକ୍ରମେ ଏହି ଦ୍ୱିବିଧ ଆକୃତି ବାରମ୍ବାର ଏ ବଂଶରେ ଦେଖାଦେଇଛି । ରାଜ୍ୟର ଲୋକେ ହରିହରରାୟ ଓ ବୁକ୍କାରାୟଙ୍କୁ ଶ୍ରଦ୍ଧାରେ ହୁକ୍କା-ବୁକ୍କା କହି ଉଲ୍ଲେଖ କରନ୍ତି । ଦେବରାୟ ଓ ବିଜୟ ରାୟଙ୍କୁ ଦେଖି ସେମାନେ ମନ ଭିତରେ ଗର୍ବର ସହ କୁହାକୁହି ହୁଅନ୍ତି—ହୁକ୍କା-ବୁକ୍କା ପୁଣି ଥରେ ଦୁଇ ଭାଇ ଭାବରେ ପୁନର୍ଜନ୍ମ ଗ୍ରହଣ କରିଛନ୍ତି ।

ଅନିରୁଦ୍ଧ ଓ ଅର୍ଜୁନ ବିଜୟରାୟଙ୍କ ସମ୍ମୁଖରେ ଉପସ୍ଥିତ ହେବାରୁ ସେ ବିଶାଳ ଚକ୍ଷୁ ମେଲି ସେମାନଙ୍କୁ ନିରୀକ୍ଷଣ କଲେ, ତାପରେ ବାମ ହସ୍ତ ପ୍ରସାରିତ କରି ପତ୍ର ଦୁଇଟି ଗ୍ରହଣ କଲେ, ପତ୍ରର ଜତୁମୁଦ ଠିକ୍ ଅଛି ପରୀକ୍ଷା କରି ସେ ପତ୍ର ଦୁଇଟିକୁ ମୁଣ୍ଡରେ ଛୁଇଁଲେ, ତାପରେ ଜଣେ ପତ୍ରସ୍ତୁରକ ଆଡ଼େ ଅନେଇଲେ । ପତ୍ରସ୍ତୁରକ ଆସି ଗୋଟି ଗୋଟି କରି ପତ୍ର ଦୁଇଟିର ଜତୁମୁଦ ଭାଙ୍ଗି ବିଜୟରାୟଙ୍କ ଆଖି ଆଗରେ ମେଲି ଧରିଲା । ସେ ଭ୍ରୂକୁଞ୍ଚନ କରୁ କରୁ ପଢ଼ିଲେ ।

ପତ୍ରରେ ଦୂତମାନଙ୍କ ସମ୍ବନ୍ଧରେ ବୋଧହୁଏ କିଛି ଲେଖା ଥିଲା । ଚିଠି ପଢ଼ି-ସାରି ବିଜୟରାୟ ପୁନରାୟ ଉଭୟଙ୍କ ପ୍ରତି ଦୃଷ୍ଟିପାତ କଲେ, ବିଶେଷତଃ ଅର୍ଜୁନଙ୍କୁ ଭଲ ଭାବରେ ନିରୀକ୍ଷଣ କଲେ । ତା'ପରେ ମେଘମନ୍ଦ୍ର ସ୍ୱରରେ କହିଲେ—"ତୁମ-ମାନେ ପାନାହାର କରିନିଅ, ଦୁଇ ଦଣ୍ଡ ମଧ୍ୟରେ ପତ୍ରର ଉତ୍ତର ପାଇବ । ମହାରାଜଙ୍କ ଆଜ୍ଞା, ଯେତେ ଶୀଘ୍ର ସମ୍ଭବ ବାର୍ତ୍ତା ନେଇ ଫେରିଯିବ ।"

ଅନିରୁଦ୍ଧ କହିଲା—"ଆର୍ଯ୍ୟ, ମୁଁ ଆଜି ରାତିରେ ଫେରିଯାଇ ପାରନ୍ତି, କିନ୍ତୁ ଅନ୍ଧକାର ରାତିରେ ଘୋଡ଼ା ଚାଲିବ ନାହିଁ । କାଲି ପ୍ରତ୍ୟୁଷରେ ସିଂହଦ୍ୱାର ଫିଟିବା ସଙ୍ଗେ ସଙ୍ଗେ ଯାତ୍ରା କରିବି ।"

ବିଜୟରାୟ ଗୋଟିଏ ସମୋସା ପାଟିରେ ପୂରାଇ ମୁଣ୍ଡ ହଲାଇଲେ । ଅନିରୁଦ୍ଧ ଓ ଅର୍ଜୁନ ଶିବିର ବାହାରକୁ ଆସିଲେ ।

ସେତେବେଳେ ବାହାରେ ମଶାଲ ଜଳୁଛି । କେଉଁଠି ଚଳମାନ ଆଲୋକପିଣ୍ଡ ଘୂରିବୁଲୁଛି, କେଉଁଠି ସ୍ଥିର ହୋଇ ରହିଛି । ଦୂରଆରେ ଯେପରି ଭୌତିକ ଦୀପାବଳୀ ଉତ୍ସବ ଚାଲିଛି ।

ରାଜଦୂତମାନେ ପ୍ରାଙ୍ଗଣରେ ଉତ୍ତମ ଖାଦ୍ୟପେୟ ପାଇଲେ । ଗୋଟିଏ ହୁଡ଼ା ଛଇ ତଳେ ଶୁଷ୍କ ତୃଣଶଯ୍ୟାରେ ଶୟନ କଲେ । ଛଟାବାସ ପ୍ରାନ୍ତର ରାତିବାସ

ପାଇଁ ଉଦ୍ଦିଷ୍ଟ ନୁହଁ, ଅଧିକାଂଶ ସୈନ୍ୟ ମୁକ୍ତ ଅବକାଶ ତଳେ କଡ଼ା ପକାଇ ଶୁଅନ୍ତି । ଦିନବେଳା ପ୍ରଚଣ୍ଡ ସୂର୍ଯ୍ୟର ଦହନରୁ ରକ୍ଷା ନିମନ୍ତେ ଛାଉଣିଗୁଡ଼ିକ ପ୍ରୟୋଜନ ହୁଏ ।

ଦୁଇଜଣ ଶଯ୍ୟାଶାୟୀ ହୋଇଛନ୍ତି, ଏହି ସମୟରେ ସେନାପତିଙ୍କ ଜଣେ ପରିଚାରକ ଆସି ଦୁଇଜଣଙ୍କୁ ଦୁଇଟି ପଣ ଦେଇଗଲା । ଅର୍ଜୁନ ନିଜ ଚଟି ଅଣ୍ଟାରେ ଗେଞ୍ଜିଦେଲା ।

ବାକ୍ୟାଳାପ ବିଶେଷ ହେଲା ନାହିଁ । ଅନିରୁଦ୍ଧ ଭାବୁଛି ମାଲିକ, ଅର୍ଜୁନ ଭାବି ପାରିଲା । ଦୁଇଜଣଙ୍କ ମୁଣ୍ଡରେ ଗୋଟିଏ ପ୍ରକାର ଚିନ୍ତା ଘୂରୁଛି—କି ଉପାୟରେ ଅନ୍ୟକୁ ପଛରେ ପକାଇ ପ୍ରଥମେ ରାଜାଙ୍କ ପାଖରେ ପହଞ୍ଚିବି ।

ଉଭୟେ କ୍ଳାନ୍ତ ଥିଲେ । ଅନିରୁଦ୍ଧ ଶୋଇବାର ଚେଷ୍ଟା କରିବାକୁ ଲାଗିଲା । ଅର୍ଜୁନ ଲାଠି ଦୁଇଟିକୁ ଆଲିଙ୍ଗନ କରି ଶୋଇ ରହିଲା ଏବଂ ଅଧିକ ଚିନ୍ତା କରିବା ପୂର୍ବରୁ ହିଁ ଶୋଇ ପଡ଼ିଲା ।

କ୍ରମେ ସ୍କନ୍ଧାବାରର ମଶାଲଗୁଡ଼ିକ ଗୋଟି ଗୋଟି ହୋଇ ଲିଭିବାକୁ ଲାଗିଲା । ତାପରେ ନିରନ୍ଧ୍ର ଅନ୍ଧକାରରେ ଚରାଚର ବ୍ୟାପ୍ତ ହେଲା । ଏହି ଅନ୍ଧକାରରେ କ୍ୱଚିତ୍ ପ୍ରହରୀମାନଙ୍କ ଡାକହାକ ଓ ଅଶ୍ୱର ଝଣତ୍କାର ଶୁଣା ଯାଉଥିଲା ।

ରାତିର ମଧ୍ୟ ଯାମରେ ଦୂରାଗତ ଶୃଗାଳଙ୍କ ସମବେତ ଡାକ ଶୁଣି ଅର୍ଜୁନର ନିଦ ଭାଙ୍ଗିଗଲା । ଆଖି ନ ଖୋଲି ମଧ୍ୟ ସେ ଅନୁଭବ କଲା ତା ଦେହର କ୍ଳାନ୍ତି ଦୂର ହୋଇ ଯାଇଛି । ସେ ଚକ୍ଷୁ ଖୋଲିଲା ।

ଛାଉଣି ବାହାରେ ତରଳ ଅସ୍ଫୁଟ ଆଲୋକ ଦେଖି ସେ ଚମକି ଉଠିଲା । ତେବେ କ'ଣ ସକାଳ ହୋଇଗଲାଣି ! ସେ ଉତ୍କର୍ଣ୍ଣ ହୋଇ ଆଖି ବୁଲାଇ ଦେଖିଲା, ଅନିରୁଦ୍ଧ ଏବେ ବି ଶୋଇଛି ।

ଟିକେ ଆଶ୍ୱସ୍ତ ହୋଇ ସେ ପୁଣି ବାହାରକୁ ଅନୁସନ୍ଧିତ୍ସୁ ଦୃଷ୍ଟିରେ ଦେଖିଲା ନା, ଏହା ସୂର୍ଯ୍ୟର ଆଲୋକ ନୁହେଁ, ଚନ୍ଦ୍ର ଆଲୋକ । ମଧ୍ୟ ରାତିରେ କୃଷ୍ଣ ପକ୍ଷର ଚନ୍ଦ୍ର ଉଠିଛି । ଛାଉଣୀ ସୁଷୁପ୍ତ । ଅର୍ଜୁନ ନିଃଶବ୍ଦରେ ଉଠି ବ୍ୟୂହଦ୍ୱାରରେ ଉପସ୍ଥିତ ହେଲା ।

ପ୍ରଧାନ ପ୍ରହରୀ ପଚାରିଲା—"କିଏ ଯାଉଛି ?"

ଅର୍ଜୁନ ତା ପାଖକୁ ଯାଇ କହିଲା—"ଚୁପ୍ ଚୁପ୍ । ମୁଁ ରାଜଦୂତ । ବର୍ତ୍ତମାନ ମୋତେ ରାଜଧାନୀକୁ ଫେରିବାକୁ ହେବ ।"

ପ୍ରହରୀ କହିଲା—"ବେଶ ଭଲ । କାଲୁ ଘୋଡ଼ା ସହିତ । ତୁମ ଘୋଡ଼ା କେଉଁଠି ?"

"ଘୋଡ଼ା ଦରକାର ନାହିଁ । ଏଇ ମୋର ଘୋଡ଼ା—" କହି ଅର୍ଜୁନ ଲମ୍ଫ ମାରି ଲାଠି ଉପରେ ଆରୋହଣ କଲା, ତା ପରେ ଦୀର୍ଘ ପଦକ୍ଷେପରେ ଉତ୍ତର ଦିଗ ଅଭିମୁଖେ ଚାଲିଲା । ହତବୁଦ୍ଧି ପ୍ରହରୀମାନେ ଆଁ କରି ରହିଗଲେ ।

ସ୍କନ୍ଧାବାର ପାଖରେ ସୁନିର୍ଦ୍ଦିଷ୍ଟ ପଥ ନାହିଁ, ପଡ଼ିଆ ମଝିରେ ଅସ୍ଥାୟୀ ଶିବିର ନିକଟରେ ରାସ୍ତା ବା କାହିଁକି ରହିବ ! ଅର୍ଜୁନ କୃଷ୍ଣପକ୍ଷର ଅର୍ଦ୍ଧଭଗ୍ନ ଜହ୍ନକୁ ଦକ୍ଷିଣ ପଟକୁ ରଖି ଚାଲିଲା । କୋଶେ ଖଣ୍ଡେ ଚାଲିବା ପରେ ରାସ୍ତା ମିଳିଲା । ଚନ୍ଦ୍ରାଲୋକର ଅସ୍ପଷ୍ଟ ରେଖା, ତଥାପି ରାସ୍ତା ବୋଲି ଚିହ୍ନି ହେଉଥାଏ ।

ଚିହ୍ନି ହେଉଥିଲେ ହେଁ ସାବଧାନତା ଦରକାର । ରାସ୍ତା ସିଧା ନୁହେଁ, ବୁଲି ବଙ୍କେଇ ଖାଲ-ଢିପ ପାର ହୋଇ ଚାଲିଛି, କେଉଁଠି ଦୁଇ ଭାଗ ହୋଇ-ଯାଇଛି ; ଏସବୁ ଜାଗାରେ ଅସଲ ରାସ୍ତାଟି ଚିହ୍ନି ନେବାକୁ ହେବ । ରାସ୍ତା ଆଡ଼କୁ ଦୃଷ୍ଟି ରଖି ଚାଲୁ ଚାଲୁ ଅର୍ଜୁନର ମୁହଁରେ ଟିକିଏ ହସ ଦେଖାଦେଲା । ସ୍କନ୍ଧାବାର କେତେବେଳୁ ପଛରେ ଅଦୃଶ୍ୟ ହୋଇଗଲାଣି, କେଉଁଠି ଜନପ୍ରାଣୀ ନାହାନ୍ତି ; ଭାଗ୍ୟକୁ ଏହି ସମୟରେ ତାକୁ କେହି ଦେଖି ପାରି ନାହାଁନ୍ତି, ଦେଖିଥିଲେ ଭାବନ୍ତେ, ଗୋଟିଏ ଦୀର୍ଘ ଶୀର୍ଣ୍ଣକାୟ ପ୍ରେତ ଚନ୍ଦ୍ରାଲୋକରେ ଛୁଟି ଚାଲିଛି ।

ଗୋଟିଏ ଭୁଙ୍ଗାର ପାର ହୋଇ ଅର୍ଜୁନର ରାସ୍ତା ଭୁଲିବାର ଆଶଙ୍କା ଦୂର ହେଲା । ସମ୍ମୁଖରେ ବହୁ ଦୂରରେ ଗୋଟିଏ ରକ୍ତାଭ ଆଲୋକ ବିନ୍ଦୁ ଦେଖା ଯାଉଛି । ହେମକୂଟ ପର୍ବତର ଅଗ୍ନି । ଆଉ ପଥଭ୍ରଷ୍ଟ ହେବାର ଭୟ ନାହିଁ, ସେହି ଆଲୋକ ବିନ୍ଦୁକୁ ସମ୍ମୁଖରେ ରଖି ଚାଲିଲେ ବିଜୟପୁର ନଗରରେ ପହଞ୍ଚି ଯାଇ ପାରେ । ଅର୍ଜୁନ ଆନନ୍ଦରେ ଦୀର୍ଘ ପାଦ ଦୁଇଟିକୁ କ୍ଷିପ୍ରତର କଲା ।

ପୂର୍ବ ଫାଟିଛି କି ନାହିଁ, ପଶ୍ଚିମ ଆକାଶରେ ଚନ୍ଦ୍ର ଲୁଚିଯାଇଛି । ରାଜହର୍ମ୍ୟ—ଗୃହର ଅନ୍ଧକାର ମୂର୍ତ୍ତି ଧୀରେ ଧୀରେ ପରିସ୍ଫୁଟ ହୋଇ ଉଠୁଛି । ଦାସୀ ପିଙ୍ଗଳା ଅଭିସାରରେ ଯାଉଥିଲା, ବାହୁଡ଼ି ଫେରି ଆସି ଦେଖିଲା, ସିଂହଦ୍ୱାରର ସମ୍ମୁଖ ପ୍ରାଙ୍ଗଣରେ ଆଣ୍ଠୁ ଉପରେ ମଥା ରଖି ଜଣେ ବସିଛି । ପିଙ୍ଗଳା ପାଖକୁ ଯାଇ ଭଲ କରି ଦେଖିଲା ଅର୍ଜୁନବର୍ମା ! ବିସ୍ମୟ ହେଲାରେ ଦୌଡ଼ି ଦୌଡ଼ି ସେ ରାଜାଙ୍କୁ ସମ୍ବାଦ ଦେବାକୁ ଗଲା ।

— ଦୁଇ —

ରାଜା କହିଲେ—"ଅର୍ଜୁନବର୍ମା, ଆଜିଠାରୁ ତୁମେ ଆମର ଅତିଥି ନୁହଁ, ତୁମେ ମୋର ଭୃତ୍ୟ, ତୁମକୁ ଅତ୍ୟନ୍ତ ଦୁରୂହ କାମ ଦେବି, ଏହା ମଧ୍ୟ ସମ୍ମାନର କାର୍ଯ୍ୟ । ତୁମର ଯୁଦ୍ଧବିଦ୍ୟା ରାଜନୀତି କ୍ଷେତ୍ରରେ ଖୁବ୍ ମୂଲ୍ୟବାନ ବିଦ୍ୟା; ଏ ବିଦ୍ୟା ଗୋପନୀୟ ରଖିବା ଦରକାର । କେବଳ ମୁଷ୍ଟିମେୟ ଲୋକଙ୍କୁ ତୁମେ ଏ ବିଦ୍ୟା ଶିକ୍ଷାଦେବ । କିନ୍ତୁ ସେ ପର କଥା—ଆର୍ଯ୍ୟ ଲକ୍ଷ୍ମଣ ଅର୍ଜୁନବର୍ମାର ବାସସ୍ଥାନ ନିର୍ଦ୍ଦେଶ କରନ୍ତୁ, ରାଜପୁରୀ ପାଖରେ ହେବ, ଅଥଚ ସ୍ଥାନଟି ଗୋପନୀୟ ହେବା ଉଚିତ୍ । ଅର୍ଜୁନବର୍ମା ରାଜକାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି ଏ କଥା ଅପ୍ରକାଶ ରହିବା ବାଞ୍ଛନୀୟ ।"

ଲକ୍ଷ୍ମଣ ମଲ୍ଲପ କେବଳ ମୁଣ୍ଡ ହଲାଇଲେ । ଅର୍ଜୁନ ସୋତ୍ସାହରେ କହିଲା—"ଧନ୍ୟ ମହାରାଜ । ଯେଉଁଠି ମୋର ବାସସ୍ଥାନ ନିର୍ଦ୍ଦେଶ କରନ୍ତେ, ସେହିଠି ହିଁ ରହିବି । ଯଦି ଅନୁମତି ଦିଅନ୍ତି, ମୋର ବନ୍ଧୁ ବଳରାମ ମଧ୍ୟ ମୋ ସଙ୍ଗରେ ରହିବ । ବଳରାମ କଥା କ'ଣ ଆପଣଙ୍କର ସ୍ମରଣ ଅଛି ମହାରାଜ ?"

ରାଜା କହିଲେ "ଅଛି । ଆଜି ମୋର ସନ୍ଧ୍ୟାକାର୍ଯ୍ୟ ସମସ୍ତ ହୋଇଗଲାଣି, ତୁମେ ଯାଅ । ସାରାଦିନ ଅଶ୍ୱାରୋହଣ ଲାଗି ବିଶ୍ରାମ କର । ସନ୍ଧ୍ୟା ପରେ ତୁମ ବନ୍ଧୁଙ୍କୁ ନେଇ ଆସ । ଦେଖିବି କେମିତି ତା ର ଯୁଦ୍ଧବିଦ୍ୟା ।"

ସୂର୍ଯ୍ୟୋଦୟ ହେଲାଣି । ମନ୍ତ୍ରଣାଗୃହରୁ ବାହାରି ଅର୍ଜୁନ ଅଶ୍ୱଶାଳା ଆଡ଼େ ଗଲା । ଶରୀରର ମାଂସପେଶୀ ଅବଶ କିନ୍ତୁ ହୃଦୟ ମଧ୍ୟରେ ଅପୂର୍ବ ଉଲ୍ଲାସ ଉଚ୍ଛଳିତ ହେଉଥାଏ ।

ଦାସୀ ପିଙ୍ଗଳା ଏହି କେତେଦିନ ଭିତରେ ବକୁଳମାଳା ଓ ମଣିକଙ୍କଣା ସହିତ ଅନ୍ତରଙ୍ଗ ହୋଇପଡ଼ିଛି; ଟିକେ ଫୁରସତ ପାଇଲେ ସେମାନଙ୍କ ପାଖକୁ ଆସି ବସେ, ରାଜ୍ୟର ଗପ କହେ । ରାଜାଙ୍କ ଇଙ୍ଗିତରେ ରାଜକୁମାରୀମାନଙ୍କ ମନୋରଞ୍ଜନ କରିବା ତାର ଗୋଟିଏ କର୍ତ୍ତବ୍ୟ ହୋଇପଡ଼ିଛି । ତେଣୁ ସେଦିନ କୁମାରୀମାନେ ଦେବୀଙ୍କ ମନ୍ଦିରରୁ ଫେରିବା ପରେ ସେ ସେମାନଙ୍କ ମହଲକୁ ଆସି ଚଟାଣ ଉପରେ ଗୋଡ଼ ଲମ୍ବାଇ ବସିଲା । ଗୋଟିଏ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲା—"ବାବାଃ ! ଅର୍ଜୁନବର୍ମା ମଣିଷ ନୁହଁ, ବାଜପକ୍ଷୀ ।"

ରାଜକନ୍ୟା ଦୁହେଁ ଆଶ୍ଚର୍ଯ୍ୟ ହୋଇ ମୁହଁ ଫେରାଇଲେ । ମଣିକଙ୍କଣା କହିଲା —"କିଏ ବାଜପକ୍ଷୀ-ଅର୍ଜୁନବର୍ମା !"

ପିଙ୍ଗଳା କହିଲା—"ହଁ ଗୋ, ରାଜକୁମାରୀ, ସିଏ ତୁମମାନଙ୍କ ସଙ୍ଗରେ ଆସିଛନ୍ତି ।"

ଚନ୍ଦ୍ରୋନ୍ମାଲାଙ୍କ ହୃତ୍ପିଣ୍ଡ ଥରି ଉଠିଲା । ମଣିକଙ୍କଣା କହିଲା—"ଓ ମା, ସେ ଉଡ଼ି ବି ଜାଣନ୍ତି । ଆମେ ତ ଜାଣୁ ସେ ମାତ୍ର ପର ପଢ଼ି ପାରନ୍ତି । ତେବେ ସେ କେଉଁଠି ଉଡ଼ି ବୁଲୁଛନ୍ତି ?"

ପିଙ୍ଗଳା ଗଳା ଟିକିଏ ଧୀର କରି କହିଲା—"ରାଜକୁମାରୀ କ'ଣ କହିବି ? ସେ ଗୋଟିଏ ଆଶ୍ଚର୍ଯ୍ୟ ବ୍ୟାପାର ! ମହାରାଜ କାଲି ସକାଳେ ତାଙ୍କୁ ଦୂତ କର୍ମରେ ପଠାଇଥିଲେ ଷାଠିଏ କୋଶ ଦୂରକୁ । ଆଜି ସକାଳେ ସେ କାମ ସାରି ଫେରି ଆସିଛନ୍ତି । କହିଲୁ ଦେଖି ରାଜକୁମାରୀ, ଏହା କ'ଣ ମଣିଷ ପାରେ !"

ମଣିକଙ୍କଣା କହିଲା—"ଅମାନୁଷିକ କାର୍ଯ୍ୟ ନିଶ୍ଚୟ । ସେ କ'ଣ ଏକୁଟିଆ ଯାଇଥିଲେ ?"

ପିଙ୍ଗଳା ହସିଉଠିଲା—"ଏକୁଟିଆ କାହିଁକି, ସାଙ୍ଗରେ ଅନିରୁଦ୍ଧ ଥିଲା, ରାଜ୍ୟର କ୍ଷିପ୍ରତମ ଦୂତ ! ଅନିରୁଦ୍ଧ ଏ ପର୍ଯ୍ୟନ୍ତ ଫେରିନି । ହୁଏତ ସନ୍ଧ୍ୟାରେ ଧଇଁ ସଇଁ ହୋଇ ଫେରିବ ।"

ଚନ୍ଦ୍ରୋନ୍ମାଲାଙ୍କ ହୃତ୍ପିଣ୍ଡ ଯେ ଅସ୍ୱାଭାବିକ ଭାବେ ପ୍ରସାରିତ ଓ ସଙ୍କୁଚିତ ହେଉଛି, ସେ ନିଃଶ୍ୱାସ ଅଟକାଇଛନ୍ତି ତାହା କେହି ଜାଣି ପାରିଲେ ନାହିଁ । ପିଙ୍ଗଳା ଆଉ କିଛି ସମୟ ଅର୍ଜୁନବର୍ମା ର ପରାକ୍ରମ କଥା ଆଲୋଚନା କରି ଚାଲିଗଲା ।

ମଣିକଙ୍କଣା ମଧ୍ୟ କିଛି ସମୟ ପରେ ଉଠିଗଲା, ରାଜାଙ୍କ ବିଶ୍ରାମ କକ୍ଷରେ ଝୁଙ୍କି ମାରି ଦେଖିବାକୁ ଗଲା ରାଜା ସଭାରୁ ଫେରିଲେଣି କି ନା । ସେ ସୁଯୋଗ ପାଇଲେ ରାଜାଙ୍କ ବିଶ୍ରାମକକ୍ଷ ଆଡ଼େ ଯାଇ ଉହାଡ଼ରୁ ଝୁଙ୍କି ମାରେ । ଚନ୍ଦ୍ରୋନ୍ମାଲା ଏକାକିନୀ ବସିରହିଲେ; ତାଙ୍କ ହୃଦୟରେ ଆଶା ଓ ଆକାଂକ୍ଷାର ଗଣ୍ଠି ଜଟିଳ ହେବାକୁ ଲାଗିଲା ।

ସନ୍ଧ୍ୟା ପରେ ରାଜାଙ୍କ ବିଶ୍ରାମକକ୍ଷରେ ଦୀପାବଳୀ ଜଳୁଥାଏ । ମହାରାଜ ପଲଙ୍କରେ ଆସୀନ, ସମ୍ମୁଖରେ ଭୂଇଁ ଉପରେ ଅର୍ଜୁନ ଓ ବଳରାମ । ଆଜି ଲକ୍ଷ୍ମଣ ମଲ୍ଲପ ଉପସ୍ଥିତ ନାହାନ୍ତି, ସମ୍ଭବତଃ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି । ପିଙ୍ଗଳା ଏପର୍ଯ୍ୟନ୍ତ କକ୍ଷରେ ଥିଲା, ରାଜାଙ୍କ ଇଙ୍ଗିତରେ ଚାଲିଗଲାଣି ।

ରାଜା କହିଲେ—"ବଳରାମ, ତୁମେ ବଙ୍ଗଦେଶର ଲୋକ ?"

ବଳରାମ ହାତ ଯୋଡ଼ି କହିଲା -"ଆଜ୍ଞା, ଏ ଣ୍ଡି ବଙ୍ଗଦେଶ—ବର୍ଦ୍ଧମାନ ଅନ୍ତର୍ଗତ ନଗର ବର୍ଦ୍ଧମାନ ।"

ରାଜା ପଚାରିଲେ—"ବଙ୍ଗଦେଶରେ ମୁସଲମାନ ରାଜା । ସେମାନେ ଅତ୍ୟାଚାର କରନ୍ତି ?"

ବଳରାମ ଉତ୍ତର ଦେଲା—"କରନ୍ତି ମହାରାଜ । ଯେଉଁମାନେ ଦୁଷ୍ଟ ସେମାନେ ସ୍ୱଭାବତଃ ଅତ୍ୟାଚାର କରନ୍ତି, ଆଉ ଯେଉଁମାନେ ଶିଷ୍ଟ ସେମାନେ ଅତ୍ୟାଚାର କରନ୍ତି ଭୟରେ ।"

"ଭୟରେ ଅତ୍ୟାଚାର କରନ୍ତି !"

"ହଁ ମହାରାଜ । ମୁସଲମାନମାନଙ୍କ ସଂଖ୍ୟା ମୁଷ୍ଟିମେୟ, ହିନ୍ଦୁଙ୍କ ସଂଖ୍ୟା ଏମାନଙ୍କ ଶହେ ଗୁଣ । ତେଣୁ ସେମାନେ ମନେ ମନେ ଭୟ କରନ୍ତି ଏବଂ ସେହି ଭୟକୁ ଲୁଚେଇବା ପାଇଁ ଅତ୍ୟାଚାର କରନ୍ତି ।"

"ତୁମେ ଠିକ୍ କହୁଛ । ସବୁ ଅତ୍ୟାଚାର ମୂଳରେ ଅଛି ଷଡ଼ଯନ୍ତ୍ର ଓ ଭୟ । ଦେଖୁଛି ତୁମେ ବିଚକ୍ଷଣ ବ୍ୟକ୍ତି । ତୁମର ବୃତ୍ତିବିଦ୍ୟା କ ପ୍ରକାର ମୋତେ କୁହ ।"

"ମହାରାଜ, ମୁଁ କମାର, ଲୁହା କାମ କରେ । ସବୁ ପ୍ରକାର ଲୁହା କାମ ଜାଣେ, ଏମିତି କି କମାଣ ପର୍ଯ୍ୟନ୍ତ ତିଆରି କରିପାରେ ।"

"ସେଇଟା ଆଉ ନୂଆ କ'ଣ ! ବିଜୟନଗରର ଶହ ଶହ କମାର କମାଣ ତିଆରି ପାଇଁ ନିଯୁକ୍ତ ଅଛନ୍ତି ।"

"ଯଥାର୍ଥ ମହାରାଜ । କମାଣ ସବୁଠି ତିଆରି ହୁଏ, ତହିଁରେ ନୂତନତ୍ୱ କିଛି ନାହିଁ । କିନ୍ତୁ ଯଦି ଏମିତି ଏକ କମାଣ ତିଆରି କରାଯାଏ ଯାହା ଜଣେ ମଣିଷ ଅବଲୀଳା କ୍ରମେ ବହନ କରିନେଇ ଯାଇ ପାରେ ?"

ମହାରାଜ କିଛି ସମୟ ସ୍ଥିର ରହିଲେ—"ତା କିପରି ସମ୍ଭବ ?"

ବଳରାମ କହିଲା—"ଆର୍ଯ୍ୟ, ଯୁଦ୍ଧ ପାଇଁ ଯେଉଁ କମାଣ ତିଆରି ହୁଏ ତାହା ଅତି ଓଜନଦାର, ତାକୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ନେଇଯିବା ବଡ଼ ଶ୍ରମସାଧ୍ୟ ବ୍ୟାପାର ; ପଚାଶଜଣ ଲୋକ ମିଶି ଶଗଡ଼ରେ ଲଦି ତାକୁ ନେଇଥାଆନ୍ତି । ବିଜୟନଗର ପରି ପାର୍ବତ୍ୟ ରାଜ୍ୟରେ ଯୁଦ୍ଧକ୍ଷେତ୍ରକୁ କମାଣ ବୋହିନେବା ଆହୁରି କଷ୍ଟକର କାର୍ଯ୍ୟ । ତେଣୁ ଏପରି କମାଣ ଦରକାର ଯାହା ପ୍ରତ୍ୟେକ ସୈନ୍ୟ ଭଲି ଭଲି ହାତରେ ନେଇ ଯାଇ ପାରିବ ।"

ରାଜା କହିଲେ—"କିନ୍ତୁ ସେ ପ୍ରକାର କମାଣ କ'ଣ ପାଇଁ ତିଆରି କରାଯାଏ ! ବଡ଼ କମାଣ ଢାଳେଇ କରାଯାଏ, ମଧ୍ୟମ ଧରଣର ପିତଳ କମାଣ ମଧ୍ୟ ଢାଳେଇ ହୁଏ. କିନ୍ତୁ ଜଣେ ଲୋକ ବୋହି ନେଇ ଯାଇ ପାରେ ଏମିତି କମାଣ କଥା ଶୁଣି ନାହିଁ ।"

ବଳରାମ କହିଲା—"ଆଜ୍ଞା, କମାଣର ରହସ୍ୟ ତାର ନଳୀ ଭିତରେ ବଡ଼ ନଳୀ ଢାଳେଇ କରିବା ସହଜ କିନ୍ତୁ ଅତି କ୍ଷୁଦ୍ର ଏବଂ ହାଲୁକା ନଳୀ ତିଆରି କରିବା କଠିନ । କଠିନ, କିନ୍ତୁ ଅସମ୍ଭବ ନୁହେଁ ମହାରାଜ ।"

"ଯଦି ସମ୍ଭବ ହୁଏ ତାହାହେଲେ ଅଧୁନାତନ ଯୁଦ୍ଧର ଧାରା ଏକାବେଳକେ ପରିବର୍ତ୍ତିତ ହୋଇଯିବ, ତୀରନ୍ଦାଜ ସୈନ୍ୟ ଦରକାର ହେବ ନାହିଁ ।—ତୁମେ ଦେଖାଇ ପାରିବ ?"

"ପାରିବି ମହାରାଜ । ଦ୍ୱାରର ପ୍ରହରୀ ମୋର ଥଳି ରଖିଦେଇଛି, ଆଜ୍ଞା ଦିଅନ୍ତୁ ଥଳିଟା ନେଇ ଆସୁ ।"

ରାଜାଙ୍କ ଆଦେଶରେ ପ୍ରହରୀ ବଳରାମର ଥଳି ଦେଇଗଲା । ବଳରାମ ଥଳିରୁ ଗୋଟିଏ ଲୁହାବାଡ଼ି ବାହାର କରି ରାଜାଙ୍କ ହାତରେ ଦେଲା । ରାଜା ମନୋଯୋଗ ଦେଇ ସେଇଟା ବୁଲାଇ-ବୁଲାଇ ଦେଖିଲେ ; ଗୋଟିଏ ବାହୁର ଦୈର୍ଘ୍ୟ, ବଂଶୀ ଭଳି ଗୋଲାକୃତ ଲୁହାର ଦଣ୍ଡ । କିନ୍ତୁ ବାଡ଼ି ନୁହେଁ, ନଳୀ ; ତାର ଭିତର ଶୂନ୍ୟ ଓ ମସୃଣ । ରାଜା ଆଶ୍ଚର୍ଯ୍ୟ ହୋଇ କହିଲେ—"ମୁଁ ଯାହା ଦେଖୁଛି ଏ ଗୋଟିଏ ଲୁହା ନଳୀ ! ଏତେ ସରୁ ନଳୀ ତୁମେ ତିଆରି କଲ କେମିତି ?"

ବଳରାମ ସ୍ମିତ ହସି ମୁଖର ହୋଇ କହିଲା—"ଆଜ୍ଞା, ଏଇଠାରେ ହିଁ ମୋର ଗୁପ୍ତବିଦ୍ୟା । ମୁଁ ସରୁ ନଳ ତିଆରି କରିବା କୌଶଳ ଉଦ୍ଭାବନ କରିଛି ।"

ରାଜା ନଳଟିକୁ ଆଉ କିଛି ସମୟ ଦେଖିଲେ, କହିଲେ—"ତାପରେ କୁହ ।"

ବଳରାମ କହିଲା—"ଶ୍ରୀମାନ, କମାଣ ନିର୍ମାଣର ମୂଳ ରହସ୍ୟ ନଳୀ ନିର୍ମାଣ ; ନଳୀ ତିଆରି ହୋଇଗଲେ ଅନ୍ୟ ସବୁ ଉପକରଣ ଅତି ସହଜ । ଦେଖନ୍ତୁ, ଏହି ନଳୀ ଦେଇ ଖୁବ୍ ଅନାୟାସରେ ଶ୍ରେଷ୍ଠ କମାଣ ଚଳାହୋଇ ପାରିବ । ପ୍ରଥମେ ନଳୀର ଗୋଟିଏ ପ୍ରାନ୍ତ ଲୁହା ଆବରଣ ଦେଇ ବନ୍ଦ କରି ଦେବ, ତହିଁରେ କେବଳ ଗୋଟିଏ ସୂକ୍ଷ୍ମ ପ୍ରମାଣ ଛିଦ୍ର ରହିବ । ତା ପରେ ନଳ ଭିତରେ ବାରୁଦ ଭର୍ତ୍ତି କରିବ, ପଛର ଛିଦ୍ର ଦେଇ ବାରୁଦ ଟିକିଏ ବାହାରି ଆସିବ । ସେତେବେଳେ ସେହି ଛିଦ୍ରରୁ ବାହାରିଥିବା ବାରୁଦରେ ଅଗ୍ନିସଂଯୋଗ କଲେ କମାଣ ଫୁଟିବ । ପ୍ରକ୍ରିୟା ବୁଝେଇ ଦେଲି ତ, ମହାରାଜ ?"

ରାଜା ଆଉ କିଛି ସମୟ ନଳୀଟି ବୁଲେଇ-ବାଲେଇ କହିଲେ—"ହୁଁ ଠିକ୍ ! କିନ୍ତୁ ସମ୍ପୂର୍ଣ୍ଣ ଯନ୍ତ୍ରଟି କିପରି ହେବ ବର୍ତ୍ତମାନ ଧାରଣା କରିପାରୁ ନାହିଁ । ତୁମେ ତିଆରି କରି ମୋତେ ଦେଖାଇ ପାରିବ ?"

"ପାରିବି ମହାରାଜ । ଦୁଇ ଚାରି ଦିନ ସମୟ ଲାଗିବ ।"

"କ୍ଷତି ନାହିଁ । ତୁମେ ଯନ୍ତ୍ର ପ୍ରସ୍ତୁତ କର । ଯଦି ସମ୍ପୂର୍ଣ୍ଣ ଯନ୍ତ୍ରଟି ଯୁଦ୍ଧରେ ବ୍ୟବହାର ଉପଯୋଗୀ ହୁଏ—"

ଏହି ସମୟରେ ଧନାଧ୍ୟକ୍ଷ ଲକ୍ଷ୍ମଣ ଉପସ୍ଥିତ ହେଲେ । ରାଜା ତାଙ୍କୁ କହିଲେ —"ଆର୍ଯ୍ୟ ଲକ୍ଷ୍ମଣ, ଏମାନଙ୍କ ବାସସ୍ଥାନ ପାଇଁ କି ବ୍ୟବସ୍ଥା କରିଛନ୍ତି ?"

ଲକ୍ଷ୍ମଣ ମଲ୍ଲପ କହିଲେ—"ପୁରଭୂମି ଭିତରେ ଘର ନାହିଁ, ଏମାନଙ୍କ ପାଇଁ ଗୁମ୍ଫାରେ ରହିବା ବ୍ୟବସ୍ଥା କରିଛୁ ।"

"ଗୁମ୍ଫାରେ ? କେଉଁ ଗୁମ୍ଫାରେ ?"

ଲକ୍ଷ୍ମଣ ମଲ୍ଲପ କହିଲେ—"ନିକଟରେ ଗୋଟିଏ ଗୁମ୍ଫା ଅଛି । ସେହିଠାରେ ସେମାନଙ୍କ ବାସସ୍ଥାନ ଠିକ୍ କରିଛୁ । ଗୁମ୍ଫାଟି ନିର୍ଜନ, ସେଆଡ଼େ ଲୋକ-ବାକ ଚଳ-ପ୍ରଚଳ ନାହିଁ ; ସେମାନେ ଆରାମରେ ରହିବେ, ରାଜାଙ୍କ ହାତ ପାହାନ୍ତାରେ ରହିବେ, ଅଥଚ ବାହାର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବେ ନାହିଁ ।"

ରାଜା କହିଲେ—"ଉତ୍ତମ, ଆଜିଠାରୁ ଏମାନେ ଗୁମ୍ଫାବାସୀ ହୁଅନ୍ତୁ, କିନ୍ତୁ ଘରର ଆରାମରୁ ଯେପରି ବଞ୍ଚିତ ନ ହୁଅନ୍ତି ।—ବୋଧହୁଏ ବଳରାମର କିଛି ଯନ୍ତ୍ରପାତି ଦରକାର ହେବ—"

ବଳରାମ କହିଲା—"ଅନ୍ୟ ସବୁ ଯନ୍ତ୍ରପାତି ମୋର ଅଛି ମହାରାଜ, କେବଳ ଗୋଟିଏ ଲାଢ ହେଲେ ଚଳିବ ।"

ଲକ୍ଷ୍ମଣ ମଲ୍ଲପ ସାମ୍ପ୍ରତିକ ଘଟଣା ଜାଣନ୍ତି ନାହିଁ, ସେ ବଳରାମ ଆଡ଼େ କୌତୂହଳୀ ଦୃଷ୍ଟି ନିକ୍ଷେପ କରି କହିଲେ—"ଲାଢ ପାଇବ ।—ବର୍ତ୍ତମାନ ଅନୁମତି ଦିଅନ୍ତୁ ମହାରାଜ, ଏମାନଙ୍କୁ ଗୁମ୍ଫାରେ ପହଞ୍ଚାଇ ଦିଏ ।"

ରାଜା ଲୁହାନଳୀଟି ବଳରାମଙ୍କୁ ପ୍ରତ୍ୟର୍ପଣ କରି କହିଲେ—"ଆପଣ ବଳରାମଙ୍କୁ ନେଇ ଯାଆନ୍ତୁ, ଅର୍ଜୁନବର୍ମା ସାଙ୍ଗରେ ମୋର ଟିକେ କଥା ଅଛି ।"

ଜଳସମକୁ ନେଇ ମନ୍ତ୍ରୀ ଚାଲିଗଲେ । ରାଜା ଅର୍ଜ୍ଜୁନ ଆଡ଼େ ଗମ୍ଭୀର ଦୃଷ୍ଟିରେ ଚାହିଁ କହିଲେ—"ଅର୍ଜ୍ଜୁନବର୍ମା, ଗୋଟିଏ ଦୁଃସମ୍ବାଦ ଅଛି । ତୁମ ପିତାଙ୍କ ମୃତ୍ୟୁ ହୋଇଛି ।"

ଅର୍ଜ୍ଜୁନ ସ୍ତବ୍ଧ ହୋଇଥିଲା, ଧୀରେ ଧୀରେ ବସିପଡ଼ିଲା । ସମ୍ବାଦ କିଛି ଅପ୍ରତ୍ୟାଶିତ ନୁହଁ, ଏହି ଆଶଙ୍କା ହିଁ ସେ ଗୃହତ୍ୟାଗ ଦିନରୁ ମନ ମଧ୍ୟରେ ପୋଷଣ କରି ଆସିଥିଲା ; ତଥାପି ତା ଗଳାରେ ସ୍ନାୟୁମଣ୍ଡଳୀ ସଙ୍କୁଚିତ ହୋଇ ତାର କଣ୍ଠରୋଧର ଉପକ୍ରମ କଲା, ହୃତ୍‌ପିଣ୍ଡ ପଞ୍ଜରା ହାଡ଼ ଭିତରେ ଧଡ଼୍ ଧଡ଼୍ କରିବାକୁ ଲାଗିଲା । କ୍ଷଣକ ପାଇଁ ଚିନ୍ତାଶକ୍ତି ଲୋପ ପାଇଗଲା, କେବଳ ମସ୍ତିଷ୍କ ମଧ୍ୟରୁ ଗୋଟିଏ ଆର୍ତ୍ତ-ଚିତ୍କାର ଧ୍ୱନିତ ହେବାକୁ ଲାଗିଲା ପିତା ! ପିତା !

ରାଜା ତା ଅବସ୍ଥା ଦେଖି ସଦୟ କଣ୍ଠରେ କହିଲେ—"ଅର୍ଜ୍ଜୁନବର୍ମା, ତୁମ ପିତା କ୍ଷତ୍ରିୟ ଥିଲେ, ସେ ଗୌରବମୟ ମୃତ୍ୟୁବରଣ କରିଛନ୍ତି, ଧର୍ମ ପାଇଁ ପ୍ରାଣ ଦେଇଛନ୍ତି ।"

ଏଥର ଅର୍ଜ୍ଜୁନର ଦୁଇ ଚକ୍ଷୁ ଦେଇ ଅଶ୍ରୁଧାରା ବହିଲା, ସେ ରୁଦ୍ଧ କଣ୍ଠରେ କେବଳ ଗୋଟିଏ ଶବ୍ଦ ଉଚ୍ଚାରଣ କଲା—"କେବେ ?"

ରାଜା କହିଲେ—"ଏଗାର ଦିନ ହେଲା । ମ୍ଲେଚ୍ଛମାନେ ତାଙ୍କୁ ଗୋମାଂସ ଖୁଆଇ ଧର୍ମନଷ୍ଟ କରିବାର ଚେଷ୍ଟା କରିଥିଲେ, ସେ ଅନଶନ କରି ପ୍ରାଣତ୍ୟାଗ କରିଛନ୍ତି ।—ତୁମେ ବର୍ତ୍ତମାନ ଯାଅ, ଆଜି ରାତିଟା ଅତିଥିଶାଳାରେ ରୁହ, ରାତିରେ ପିତାଙ୍କୁ ପ୍ରାଣଭରି ସ୍ମରଣ କର । କାଲି ତୁମ ପିତୃଶ୍ରାଦ୍ଧର ଆୟୋଜନ ମୁଁ କରିବି । ଆସ ବତ୍ସ ।"

ଅର୍ଜ୍ଜୁନ ଯେତେବେଳେ ସଭାଗୃହ ପ୍ରାଙ୍ଗଣରେ ଆସି ଛିଡ଼ାହେଲା ସେତେବେଳକୁ ଚତୁର୍ଦ୍ଦିଗରେ ଅନ୍ଧକାର ଜମାଟ ବାନ୍ଧିଯାଇଛି, ନଗର ପ୍ରାୟ ନିଷ୍ପ୍ରଦୀପ । ବାଷ୍ପାକୁଳ ଚକ୍ଷୁରେ ଆକାଶକୁ ଚାହିଁ ତାର ମନେହେଲା ସେ ପୃଥିବୀରେ ଏକା, ନିଃସଙ୍ଗ, ତାର ହୃଦୟ ମଧ୍ୟ ଶୂନ୍ୟ ହୋଇଯାଇଛି ।

ଦୁଇ ଦିନ ପରେ ମହାରାଜ ଦେବରାୟ ସୀମାନ୍ତସେନା ପରିଦର୍ଶନରେ ବାହାରିଲେ । ସଙ୍ଗରେ ପିଙ୍ଗଳା ଏବଂ ପାଞ୍ଚଜଣ ପାଚକ । ଦେହରକ୍ଷୀ ଭାବେ ଚାଲିଲେ ଏକ ସହସ୍ର ତୁରଗୀ ଧନୁର୍ଦ୍ଧାରୀ । ରାଜା ରାଜ୍ୟର ଉତ୍ତର ସୀମାନ୍ତର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ପରିଦର୍ଶନ କରିବେ, ଉଣା ଅଧିକେ ଗୋଟିଏ ପକ୍ଷ ସମୟ ଲାଗିବ । ଇତି

ମଧ୍ୟରେ ଧନୁ ସ୍ୱଚ ଲକ୍ଷଣ ମଣ୍ଡିତ ଏକାନ୍ତ ନିରାଡ଼ମ୍ବର ସ୍ୱଭାବରେ ରାଜ୍ୟ ପରିଚାଳନା ଭାର ନିଜ ହାତକୁ ନେଇଛନ୍ତି ।

କୁମାର କର୍ମନଦେବଙ୍କ ଇଚ୍ଛା ଥିଲା, ରାଜାଙ୍କ ଅନୁପସ୍ଥିତି ସମୟରେ ସେ ହିଁ ରାଜପ୍ରତିନିଧି ହୋଇ ରାଜକାର୍ଯ୍ୟ ଚଳାଇବେ । କିନ୍ତୁ ରାଜା ତାଙ୍କୁ ଆମନ୍ତ୍ରଣ କଲେ ନାହିଁ ; ଏତେ ଅଳ୍ପ ଦିନ ପାଇଁ ଶୂନ୍ୟପାଳ ନିଯୁକ୍ତିର ପ୍ରୟୋଜନ ହୁଏ ନାହିଁ, ମନ୍ତ୍ରୀ ହିଁ କାମ ଚଳାଇ ନେଇ ପାରନ୍ତି । କୁମାର କର୍ମନଙ୍କ ବୟସ୍ୟ ଜର୍ଜଙ୍କ ମନ ଆହୁରି ବିଷାକ୍ତ ହୋଇ ଉଠିଲା ।

କୁମାର କର୍ମନଙ୍କ ନୂତନ ଗୃହ ସମ୍ପୂର୍ଣ୍ଣ ହୋଇଯାଇଛି, ତହିଁରେ ନାନା ପ୍ରକାର ମହାର୍ଘ ସାଜସଜ୍ଜା ଲାଗି ଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ସେ ଗୃହ ପ୍ରବେଶ କରି ନାହାନ୍ତି । ତାଙ୍କର ପ୍ରକାଶ୍ୟ ଅଭିପ୍ରାୟ, ରାଜା ପ୍ରତ୍ୟାଗମନ କରିବା ପରେ ରାଜାଙ୍କୁ ଏବଂ ରାଜ୍ୟର ଗଣ୍ୟମାନ୍ୟ ରାଜପୁରୁଷଙ୍କୁ ଭୋଜି ଦେଇ ଗୃହ ପ୍ରବେଶ କରିବେ । ଏହି ଅଭିପ୍ରାୟର ପଶ୍ଚାତ୍‌ରେ ଯେଉଁ କୁଟିଳ ଏବଂ ଦୁଃସାହସିକ ଅଭିସନ୍ଧି ଅଛି ତାହା ସେ ହାସ୍ୟ ମୁଖରେ ଆବୃତ କରି ରଖିଅଛନ୍ତି ।

ଅର୍ଜୁନ ଓ ବଳରାମ ଗୁମ୍ଫା ଭିତରେ ବସବାସ କରୁଛନ୍ତି । କିନ୍ତୁ ଅତିଥି ଶାଳାରୁ ଗୁମ୍ଫାକୁ ସ୍ଥାନାନ୍ତରିତ ହୋଇ ମଧ୍ୟ ସେମାନଙ୍କ ସୁଖ-ସ୍ୱାଚ୍ଛନ୍ଦ୍ୟରେ ତିଳେମାତ୍ର ହ୍ରାସ ହୋଇ ନାହିଁ ।

ବିଜୟନଗରର ସର୍ବତ୍ର, ତଥା ରାଜପୁରଭୂମି ମଧ୍ୟରେ ଛୋଟ ଛୋଟ ପାହାଡ଼ ଅଛି ; ପାହାଡ଼ ନ କହି ସେଗୁଡ଼ିକୁ ଶିଳା ସ୍ତୂପ କହିଲେ ଭଲ ହେବ । ସର୍ବତ୍ର ଦେଖାଯାଉ ଥିବାରୁ ଏଗୁଡ଼ିକୁ କେହି ବିଶେଷ ଭାବେ ଲକ୍ଷ୍ୟ କରନ୍ତି ନାହିଁ । ଅନେକ ଶିଳାସ୍ତୂପର ଅଭ୍ୟନ୍ତରରେ ନୈସର୍ଗିକ କନ୍ଦର ରହିଛି । ଅର୍ଜୁନ ଓ ବଳରାମ ଯେଉଁ ଗୁମ୍ଫାଟିରେ ଆଶ୍ରୟ ପାଇଥିଲେ, ତାହା ମଧ୍ୟ ଏହିପରି ଏକ ଗୁମ୍ଫା । ଇତସ୍ତତଃ ବିକ୍ଷିପ୍ତ ବଡ଼ ବଡ଼ ଶିଳାଖଣ୍ଡର ସମଷ୍ଟିରେ ଜନ୍ମୋଚ ସ୍ତୁନଇବ ଗୋଟିଏ ସ୍ତୂପ, ଏହି ଶିଳାସ୍ତବକ ମଧ୍ୟରେ ଗୁମ୍ଫା । ଗୁମ୍ଫାଟି ସୁବିସ୍ତୃତ, କିନ୍ତୁ ଅଧିକ ଉଚ୍ଚ ନୁହେଁ ; ଏପରି ଭାବରେ ତାର ଗଠନ ଯେ ତାକୁ ଅନାୟାସରେ ଦୁଇ ଭାଗ କରି ଦୁଇଟି ପ୍ରକୋଷ୍ଠରେ ପରିଣତ କରାଯାଇ ପାରେ । ଛାତ ପଟ ଗମ୍ବୁଜର ଏକ ଅଂଶରୁ କିଛି ପଥର ଖସି ଗୋଟିଏ ନାତି ବୃହତ୍ ଛିଦ୍ର ସୃଷ୍ଟି ହୋଇଛି, ସେହି ଛିଦ୍ର ଦେଇ ପ୍ରଚୁର ଆଲୋକ ଓ ବାୟୁ ପ୍ରବେଶ କରେ ।

ମନ୍ତ୍ରୀ ମହାଶୟ ଯତ୍ନରେ ତ୍ରୁଟି କରି ନାହାନ୍ତି । କୋମଳ ଶଯ୍ୟା, ଉପବେଶନ ପାଇଁ ପୀଠିକା, ଜଳକୁମ୍ଭ, ଦୀପଦଣ୍ଡ ଓ ଅନ୍ୟାନ୍ୟ ଉପକରଣ ଦେଇ ଗୁମ୍ଫାର ଶ୍ରୀବୃଦ୍ଧି

ସାଧନା କରୁଛନ୍ତି । ରାଜପୁରୀର ରନ୍ଧନଶାଳାରୁ ପ୍ରତିଦିନ ଜଣେ ଦାସୀ ଆସି ରାଜଯୋଗ୍ୟ ଖାଦ୍ୟ ପାନୀୟ ଦେଇଯାଏ । ବଲରାମ ଓ ଅର୍ଜୁନ ଦୁହେଁ ବୋଇତକୁ ଯାଇ ବଲରାମର ଲୁହାଲଉଡ଼ି ଓ ଯନ୍ତ୍ରପାତି ନେଇ ଆସିଛନ୍ତି, ସେମାନେ ମୃଦଙ୍ଗ ଆଦି ବାଦ୍ୟ ଆଣିବାକୁ ଭୁଲି ନାହାନ୍ତି । ଦୂର ବନ୍ଦର ଅନ୍ତରରେ ନିରାଳୟ ସଂସାର ପାତି ବସିଛନ୍ତି ।

ପିତାର ଶ୍ରାଦ୍ଧଶାନ୍ତି ପରେ ଅର୍ଜୁନ ଧୀରେ ଧୀରେ ପୁଣି ସୁସ୍ଥ ହୋଇଉଠିଛି । ଅସହାୟ ବିହ୍ୱଳ ଭାବ ତାର କଟି ଯାଇଛି ; ଯେଉଁ ବୈରାଗ୍ୟ ଓ ନିସ୍ପୃହତା ଭାବ ବର୍ତ୍ତମାନ ତା' ହୃଦୟକୁ ଅଧିକାର କରିଛି ତାହା ମଧ୍ୟ କ୍ରମେ କଟିଯିବ । ଯୌବନର ମନଃପୀଡ଼ା ଅତି ତୀବ୍ର ହୋଇଥାଏ, କିନ୍ତୁ ବେଶି ଦିନ ସ୍ଥାୟୀ ହୁଏ ନାହିଁ । କ୍ଷତ ଶୀଘ୍ର ଶୁଖିଯାଏ ଏବ ଅଚିରେ ନିଶ୍ଚିହ୍ନ ହୋଇଯାଏ ।

ବଲରାମ ହୃଦୟର ପ୍ରୀତି ଓ ସହାନୁଭୂତି ଦେଇ ଅର୍ଜୁନକୁ ଜଡ଼େଇ ରଖିଛି । ସେ ନିଜେ ଜୀବନରେ ଅନେକ ଦୁଃଖ ପାଇଛି, ଦୁଃଖର ମୂଲ୍ୟ ବୁଝେ ; ତେଣୁ ଶୀଘ୍ର ଅର୍ଜୁନର ଶୋକ ଭୁଲେଇବାର ଚେଷ୍ଟା କରେନା, ବରଂ ଦୁଃଖରେ ଭାଗ ନେଇ ଦୁଃଖ ଲାଘବ କରିବାର ଚେଷ୍ଟା କରେ । କେବେ କେବେ ଅତୀତ କାହାଣୀ କହେ, କେବେ ଅବା ସନ୍ଧ୍ୟା ପରେ ପ୍ରଦୀପ ଜଳିଲେ ମୃଦଙ୍ଗ ନେଇ ଗାନ କରେ—ଶ୍ରିତ-କମଳାକୁଚ ମଣ୍ଡଳ ଧୃତକୁଣ୍ଡଳ କଳିତଲଲିତ ବନମାଳ ଜୟ ଜୟ ଦେବ ହରେ ।

ଗୁମ୍ଫାର ଯେଉଁ ଅଂଶରେ ଗ୍ରାବଳର ଛିଦ୍ର, ବଲରାମ ଆଜି ସେଇଠି ଭାଟି ବସାଇଛି । ସକାଳବେଳା ଚୁଲିରେ ନିଆଁ ଧରାଇ ସେ କାମରେ ଲାଗିଯାଏ ; ଅର୍ଜୁନ ତାର ଯନ୍ତ୍ରର ପବନ ଟାଣେ । ଲୁହାଖଣ୍ଡ ତାତି ଲାଲ୍ ଟକଟକ ହୋଇଗଲେ ବଲରାମ ତାକୁ ହାତୁଡ଼ିରେ ପିଟି ଇଚ୍ଛା ମତେ ରୂପ ଦିଏ । କାମ ସାଙ୍ଗେ ସାଙ୍ଗେ ଗପ ହୁଏ ; ବଲରାମ ହିଁ ବେଶି କଥା କହେ, ଅର୍ଜୁନ କେତେବେଳେ କେମିତି ମୁଣ୍ଡ ହଲାଏ, ଗୋଟିଏ ଅଧେ କଥା କହେ । ବଲରାମ କହେ—"ଏ ଗୁମ୍ଫାଟି ବଢ଼ିଆ, ଏହାର ସଙ୍କେତ-ଗୁମ୍ଫା ନାମ ସାର୍ଥକ । ଆମେ ଏଠି ଆସିବା ଫଳରେ କିନ୍ତୁ ଅନେକ ଅଭି-ସାରିକାଙ୍କ ହୃଦୟରେ ବ୍ୟଥା ଲାଗିଛି ।"

ଅର୍ଜୁନର ସପ୍ରଶ୍ନ ଦୃଷ୍ଟିର ଉତ୍ତରରେ ବଲରାମ ମୃଦୁ ହସି ହସି କହେ—"ଏହି ସ୍ଥାନଟି ରାଜପୁରୀର ମଂତ୍ରୀ ଦାସୀ-କିଙ୍କରୀମାନଙ୍କ ଗୁପ୍ତ ବିହାରସ୍ଥଳୀ ; ଅଭିସାରିକାମାନେ ଅନ୍ଧକାର ରାତିରେ ଲୁଚିଛପି ଆସନ୍ତି, ପ୍ରେମିକମାନେ ମଧ୍ୟ ଆସନ୍ତି । ଗୁମ୍ଫାର ଅନ୍ଧକାରରେ କ୍ଷୀଣ ଦୀପଶିଖା ଜଳେ । ଅଗ୍ନି ଜଳେ ମଦନାନଳ ।"

ଅର୍ଜୁନ କହେ—"ତୁମେ କେମିତି ଜାଣିଲ ?"

ବଲରାମ ଉତ୍ତର ଦିଏ—"ତୁମେ ଦେଖି ନାହଁ ! ଗୁମ୍ଫା କାନ୍ଥରେ ଯୋଡ଼ି ଯୋଡ଼ି ନାମ ଲେଖା ଅଛି । କେଉଁଠି ଖଡ଼ିରେ ଲେଖା—ରତ୍ନମାଳା-ଦେବଦତ୍ତ ;

କେତୋଟି ପାହୁଡ଼ିଆ ମାଟିରେ ଲେଖା—ଚନ୍ଦ୍ରଚୂଡ଼-ତଲ୍ଲଜ୍ଜ । କେତେକଗୁଡ଼ିଏ ନାମ ନୂଆ, କେତେକର ନାମ ଅନେକ ଦିନର ପୁରୁଣା, ସ୍ପଷ୍ଟ ଲିଭି ଆସିଛି, ଭଲ ଭାବରେ ପଢ଼ି ହେଉନାହିଁ । ଏମାନେ ସମସ୍ତେ ଏଠାକୁ ଆସନ୍ତି । କିନ୍ତୁ ମନ୍ତ୍ରୀ ମହାଶୟ ବାଡ଼ ବାନ୍ଧିଲେ, ଆମକୁ ଆଣି ଏଠାରେ ବସାଇ ଦେଲେ । ଏମାନଙ୍କ ମନରେ କେତେ ଦୁଃଖ କୁହ ଦେଖି ! ପୁଣି ଦମ୍ଭା ଘୁମ୍ଭା ଖୋଜିବାକୁ ହେବ ।" କହି ବଳରାମ ଅନେକ ସମୟ ଧରି ହୋ ହୋ କରି ହସେ । ଅର୍ଜୁନର ଅଧରରେ ମଧ୍ୟ ଟିକିଏ ହସ ଖେଳିଯାଏ ।

ପୁଣି କେତେବେଳେ ବଳରାମ କହେ—"ଅଜି ଆଉ କମାଣ ତିଆରି କରିବାକୁ ଭଲ ଲାଗୁ ନାହିଁ । ଆସ, ତୁମ ଲାଠି ପାଇଁ ଦୁଇଟି ଫୁଲ ତିଆରି କରିଦିଏ । ଲାଠି ଅଗରେ ବସେଇ ଦେଲେ ବଲମରେ ପରିଣତ ହୋଇଯିବ ।"

ଅର୍ଜୁନ କହେ—"ସେଥିରେ ଲାଭ କ'ଣ ?"

ବଳରାମ କହେ—"ଲାଭ ହେବ ନାହିଁ ! ଏହାଧାରରେ ଘୋଡ଼ା ଓ ବଲମ ପାଇବ । ଭାବ ଦେଖ, ତୁମେ ରାଜଦୂତ, ତୁମକୁ କେବେକେବେ ପାହାଡ଼ ଜଙ୍ଗଲ ଦେଇ ଦୂର-ଦୂରାନ୍ତରେ ଯିବାକୁ ପଡ଼ିବ । ଯଦି ହଠାତ୍ ଅଶ୍ୱାରୋହୀ ଆତତାୟୀ ଆକ୍ରମଣ କରେ ! ତୁମେ ସେତେବେଳେ କ'ଣ କରିବ ? ଲାଠି ଦ୍ୱାରା କେତେ ଲଢ଼ିବ ! ସେତେବେଳେ ଏଇ ଅସ୍ତ୍ରଟି କାମରେ ଆସିବ । ତୁମେ ଝଟ୍‌କରି ଲାଠିରୁ ଓହ୍ଲାଇ ବଲମ ଦ୍ୱାରା ଶତ୍ରୁର ପେଟ ଫୁଟାଇ ଦେବ ।"

"ତା ସତ ।"

ବଳରାମ ଲୁହାର ଦୁଇଟି ଫୁଲ୍ ତିଆରି କରି ଲାଠି ଅଗରେ ଆଣ୍ଠେଇ ବସାଇ ଦେଲା । ଦୁଇ ବନ୍ଧୁ ଦୁହିଁଟି ଭଲ୍ଲ ଧରି କରୁ ସମସ୍ତ କୌତୁକ ମୁକ୍ତ କରନ୍ତି । ତାଙ୍କ କୌତୁକରେ ଅର୍ଜୁନର ମନ ହାଲୁକା ହୁଏ ।

ଦ୍ୱିପ୍ରହରର କିଛି ପୂର୍ବରୁ ରାଜପ୍ରାସାଦର ଦାସୀ ଖାଇବା ନେଇ ଆସେ । ତାର ଆସିବା ଦୂରରୁ ଦେଖାଯାଏ । ମୁଣ୍ଡ ଉପରେ ଗୋଟିଏ ବାସନ ଥାଳ, ଯହିଁରେ ଅନ୍ନ-ବ୍ୟଞ୍ଜନ । ତା ଉପରେ ଆଉ ଏକ ଅନ୍ନ-ବ୍ୟଞ୍ଜନପୂର୍ଣ୍ଣ ଥାଳ । ସବୁଠାରୁ ଉପରେ ଗୋଟିଏ ଖାଲି ଥାଳ ଘୋଡ଼ା ହୋଇଥାଏ । କାଖରେ ଗୋଟିଏ କ୍ଷୁଦ୍ର ଜଳପୂର୍ଣ୍ଣ କଳସୀ । ତା ଶାଢ଼ୀର ରଙ୍ଗ କେଉଁଠିକ ଚମ୍ପା ଫୁଲ ଭଳି ତ, ଆଉ କେଉଁଠି ପଳାଶ ଫୁଲ ଭଳି । ଗତିଭଙ୍ଗୀ ରାଜହଂସ ପରି । ତାକୁ ଆସୁଥିବାର ଦେଖିଲେ ମନେହୁଏ ସ୍ୱର୍ଗରୁ ମୁକ୍ତ କି ଅପ୍‌ସରା ଆସୁଛି ।

ସେ ଦୃଷ୍ଟିଗୋଚର ହେଲେ ବଳରାମ ନାମ ଶୁଣି ଉଠିବସେ, କହେ—"ଭାଇ ଅର୍ଜ୍ଜୁନ, ଚାଲ ଚାଲ, ସ୍ନାନ କରି ଆସିବା । ମଧ୍ୟାହ୍ନ ଭୋଜନ ଆସୁଛି ।"

କୁଟୀରଠାରୁ ଚାରି-ପାଞ୍ଚ ରଜ୍ଜୁ ଦୂରରେ ପୌରଭୂମିର ଦକ୍ଷିଣ ଦିଗକୁ ବୃହତ୍ କମଳା ସରୋବର ; ଦୈର୍ଘ୍ୟ ପ୍ରସ୍ଥରେ ପ୍ରାୟ ଏକ କୋଶ ବ୍ୟାପି ଜଳ ସ୍ଫଟିକ ଭଳି ଝଲମଲ କରୁଛି । ଦୂରରେ ପୂର୍ବ ଦିଗକୁ କମଳାପୁରମର ଘାଟ ଦେଖାଯାଏ । କିନ୍ତୁ ଅର୍ଜ୍ଜୁନ ଓ ବଳରାମ ଘାଟରେ ସ୍ନାନ କରନ୍ତି ନାହିଁ । ନିକଟରେ ଅଘାଟରେ ସ୍ନାନ କରି ଫେରି ଆସନ୍ତି ।

କୁଟୀରକୁ ଫେରି ଦେଖନ୍ତି, ଦାସୀ ପିଢ଼ା ସାମ୍ନାରେ ଆହାର୍ଯ୍ୟ ସଜାଇ ବସିଛି । ସେମାନେ ଭୋଜନରେ ବସି ଯାଆନ୍ତି । ଭୋଜନ ଶେଷ ହେଲେ ଦାସୀ ଉଚ୍ଛିଷ୍ଟ ପାତ୍ରଗୁଡ଼ିକୁ ନେଇ ଚାଲିଯାଏ ।

ପ୍ରଥମ ଦୁଇ-ତିନି ଦିନ ସେମାନେ ଦାସୀକୁ ଭଲ ଭାବରେ ଲକ୍ଷ୍ୟ କରି ନାହାନ୍ତି । ଦିନେ ଖାଇ ବସି ବଳରାମର ଜିଜ୍ଞାସୁ ଚକ୍ଷୁ ତା ଉପରେ ପଡ଼ିଲା । ଝିଅଟି ଗୋଡ଼ ଭାଙ୍ଗି ଟିକିଏ ଦୂରରେ ବସିଛି । ଅନୁମାନ ତାର ବୟସ କୋଡ଼ିଏ-ଏକୋଇଶ ; କଅଁଳିଆ କଦଳୀପଣ ଭଳି ସ୍ନିଗ୍ଧ ଦେହର ବର୍ଣ୍ଣ । ଉର୍ଦ୍ଧ୍ୱାଙ୍ଗରେ କଞ୍ଚୁଳି ଓ ଉତ୍ତରୀୟ, ନିମ୍ନାଙ୍ଗରେ ଉଜ୍ଜ୍ୱଳ ପୀତବସନ ; ମଧ୍ୟ ଭାଗରେ ଡମ୍ବରୁ ଭଳି କଟି ଅନୁକ୍ତ । ମୁଖମଣ୍ଡଳ କମନୀୟ, ଟଣାଟଣା ଆଖି, ଅଧର ଈଷତ୍ ସ୍ଫୁରିତ । ମୁହଁର ଭାବ ଶାନ୍ତ ଏବଂ ସଂଯତ, ଯେମିତି ଦର୍ଶକର ଦୃଷ୍ଟିରୁ ନିଜକୁ ଦୂରେଇ ରଖିବାକୁ ଚାହେଁ । ଲାଜକୁଳୀ ନୁହେଁ, କିନ୍ତୁ ମିତଭାଷୀ । ବଳରାମ ତା ପ୍ରତି କେତେଥର ଚକିତ ଦୃଷ୍ଟିପାତ କରି ଶେଷରେ ପ୍ରଶ୍ନ କଲା—"ତୁମ ନାମ କ'ଣ ?"

ଯୁବତୀଟି ମୁହଁ ତଳକୁ କରି ସଂଯତ ସ୍ୱରରେ କହିଲା—"ମଞ୍ଜିରୀ ।"

କିଛି ସମୟ ନୀରବରେ ଭୋଜନ କରି ବଳରାମ କହିଲା—"ତୁମେ ରାଜ-ପ୍ରାସାଦରେ ଥାଅ ?"

ମଞ୍ଜିରୀ ଉତ୍ତର ଦେଲା—"ହଁ ।"

"କେତେଦିନ ହେଲା ?"

"ଆଠ ବର୍ଷ ।"

"ତୁମ ବାପା-ମା ନାହାନ୍ତି ?"

"ଅଛନ୍ତି । ସେମାନେ ନଗରରେ ରହନ୍ତି ।"

ବଲରାମ ଆଉ କିଛି ସମୟ ଖାଇବା ପରେ ମୁଣ୍ଡ ଟେକିଲା ; ତା ଅଧର କୋଣରେ ଟିକିଏ ହସ ଦେଖାଦେଲା । କହିଲା—"ତୁମେ ଆଗରୁ କେବେ ଏ ଗୁମ୍ଫାକୁ ଆସିଛ ? ଅର୍ଥାତ୍ ଆମେ ଆସିବା ପୂର୍ବରୁ କେବେ ଆସିଛ ?"

ମଞ୍ଜିରା ଆଖି ଟେକି ବଲରାମ ମୁହଁକୁ ଚାହିଁଲା । ଆଖିରେ ଛଳ-କପଟ ନାହିଁ, ସରଳ ଦୃଷ୍ଟି । କହିଲା—"ନା ।"

ବଲରାମ କହିଲା—"କିନ୍ତୁ ଅପବାଦ ଶୁଣିଛି, ରାଜପୁରର ଦାସ-କିଙ୍କରମାନେ ମଝିରେ ମଝିରେ ରାତି କାଳରେ ଏହି ଗୁମ୍ଫାକୁ ଆସନ୍ତି ।"

ମଞ୍ଜିରାର ମୁହଁର ଭାବ ଦୃଢ଼ ହେଲା, ସେ ବଲରାମର ଆଖିରେ ଆଖି ମିଳାଇ କହିଲା—"ଯେଉଁମାନେ ଦୁଷ୍ଟ ପ୍ରକୃତିର ସେମାନେ ଆସନ୍ତି । ସମସ୍ତେ ଆସନ୍ତି ନାହିଁ ।"

ତିରସ୍କୃତ ହୋଇ ବଲରାମ ଚୁପ ରହିଲା । ସେ ସମୟର କବିମାନେ ଅଭିସାରିକାମାନଙ୍କୁ ନେଇ ଯେତେ ମାତିଗଲେ ମଧ୍ୟ ସମାଜରେ ଅଭିସାରିକାମାନଙ୍କ ପ୍ରଶଂସା ନ ଥିଲା । ଦୁଃଶୀଳତା ବାସ୍ତ ସବୁ ଯୁଗରେ ସବୁ ସମାଜରେ ନିନ୍ଦିତ । ତେବେ ଏ କଥା ସତ ଯେ ସେ ସମୟରେ ଅଭିସାରିକାର ପ୍ରଚଳନ ଟିକିଏ ବେଶି ଥିଲା ।

ବଲରାମ ଓ ଅର୍ଜୁନ ଭୋଜନ ଶେଷ କରି ହାତ ଧୋଇବାକୁ ଉଠିଲେ । ମଞ୍ଜିରା ଉଚ୍ଛିଷ୍ଟ ପତ୍ରଗୁଡ଼ିକ ନେଇ ଚାଲିଗଲା ।

ସେଦିନ ସନ୍ଧ୍ୟା ପୂର୍ବରୁ ଅର୍ଜୁନ ଓ ବଲରାମ ଭ୍ରମଣରେ ବାହାରିଲେ । ରାଜା ରାଜଧାନୀରେ ନାହାନ୍ତି, ସଭା ବସୁ ନାହିଁ ; ତଥାପି ଅର୍ଜୁନ ଦିନକେ ଥରେ ରାଜସଭା ଆଡ଼େ ଯାଏ, ଶୂନ୍ୟ ସଭାଗୃହରେ କିଛି ସମୟ ଘୂରାଫେରା କରି ଫେରି ଆସେ । ଆଜି ବଲରାମ ମଧ୍ୟ ତା ସଙ୍ଗରେ ଗଲା ।

ଗୁମ୍ଫାରୁ ବାହାରି କିଛି ଦୂର ଅଗ୍ରସର ହେବା ପରେ ବଲରାମ ଦେଖିଲା ଗୋଟିଏ ଉଚ୍ଚ ପଥର ଚଟାଣ ପାଖରେ ଜଣେ ଅଦ୍ଭୁତ ଲୋକ ଛିଡ଼ାହୋଇଛି । ମୁହଁରେ ଘଞ୍ଚ ନିଶଦାଢ଼ି, ମୁଣ୍ଡରେ ପଗଡ଼ି, ହାତରେ ଭଲ୍ଲ ଓ କମରରେ ତରବାରି । ସେମାନଙ୍କୁ ଆସିବାର ଦେଖି ଲୋକଟା ପଥର ଆଢୁଆଳକୁ ଘୁଞ୍ଚିଗଲା ।

ବଲରାମ କହିଲା—"ଆସ ତ, ଦେଖିବା ଲୋକଟା କିଏ ।"

ଅର୍ଜୁନ ହାତରେ ଫୁଲବିଆ ଲଠି ଦୁଇଟା ଥିଲା, ତେଣୁ ଅଜ୍ଞାତ ଅସ୍ତ୍ରଧାରୀ ଲୋକଟିର ସମ୍ମୁଖୀନ ହେବାରେ ଭୟ ନାହିଁ । ଅର୍ଜୁନ ଗୋଟିଏ ଲଠି ବଲରାମକୁ ଦେଲା, ତାପରେ ଦୁଇଜଣ ଦୁଇ ଦିଗରୁ ଚଟାଣ ବୁଲି ଆଢୁଆଳରେ ଥିବା ଲୋକଟିର ନିକଟବର୍ତ୍ତୀ ହେଲେ ।

ସେମାନଙ୍କୁ ଦେଖି ଲୋକଟି ଅପ୍ରସ୍ତୁତ ହୋଇପଡ଼ିଲା ! ବଳରାମ ପଚାରିଲେ— "ବାବୁ, ତୁମେ କିଏ ? ତୁମ ନାମ କ'ଣ ? ଏଠି କ'ଣ ଦରକାର ?"

ଲୋକଟି ଉତ୍ତର ଦେଲା—"ମୁଁ ଏଠି ପହରା ଦେଉଛି । ମୋ ନାଁ ଚତୁର୍ଭୁଜ ନାଏକ ।"

ବଳରାମ ପଚାରିଲେ—"କାହାକୁ ପହରା ଦେଉଛ ?"

ଚତୁର୍ଭୁଜ ନାଏକର କଣ୍ଠ ଓ ତାହାର ବକ୍ଷସ୍ଥଳରେ ଗୋଟିଏ ଶ୍ୱେତଅଶ୍ୱ ଝଲକି ଉଠିଲା—"ତୁମମାନଙ୍କୁ ପହରା ଦେଉଛି ।"

ଆଶ୍ଚର୍ଯ୍ୟ ହୋଇ ବଳରାମ କହିଲେ—"ଆମକୁ ପହରା ଦେଉଛ ! ଆମର ଅପରାଧ ?"

"ତୁମେମାନେ ଗୋପନୀୟ ରାଜକାର୍ଯ୍ୟରେ ନିଯୁକ୍ତ ଅଛ । କାଳେ ତୁମ୍ଭର ଲୋକ କେହି ଆସିବ ସେଥିପାଇଁ ମନ୍ତ୍ରୀ ମହାଶୟଙ୍କ ଆଦେଶରେ ପହରା ଦେଉଛି ।"

"ବୁଝିଲି । ରାତିରେ ବି ପହରା ଦେଉଛ ?"

"ଦେଉଛି ।"

"ତୁମେ ଏକା ପହରା ଦେଉଛ, ନା ତୁମ ଭଳି ଚତୁର୍ଭୁଜ ଆଉ କିଏ ଅଛି ?"

"ଆମେ ତିନିଜଣ ଅଛୁ, ପାଳି କରି ପହରା ଦେଉଛୁ ।"

"ନିଶ୍ଚିନ୍ତ ହେଲି । ଅଭିସାରକ ଓ ଅଭିସାରିକାମାନଙ୍କୁ ଦୂରେଇ ରଖ । ଆମେ ଟିକେ ବୁଲି ଆସୁ ।"

ସୂର୍ଯ୍ୟାସ୍ତର ଅଳ୍ପ ସମୟ ପରେ ବଳରାମ ଓ ଅର୍ଜୁନ ଫେରି ଆସିଲେ, ଦେଖିଲେ ଘୁମ୍ମା ଭିତରେ ଦୀପ ଜଳୁଛି, ମଞ୍ଜିରା ଖାଦ୍ୟ ସଜାଇ ବସିରହିଛି । ଦୁଇ-ଜଣ ଖାଇ ବସିଲେ ।

ରାଜବାଟୀରୁ ପ୍ରତିଦିନ ନୂଆ ନୂଆ ଅନ୍ନ-ବ୍ୟଞ୍ଜନ ଆସେ । ଆଜି ଆସିଛି ଶର୍କରା ମଧୁର ପିଣ୍ଡଖୀର, ଦୁଇ ପ୍ରକାର ମତ୍ସ୍ୟ, ଶୂକର ମାଂସ, ହରିଣ ମାଂସ, ଦୁଗ୍ଧ ଫେନଶୁଭ୍ର ତଣ୍ଡୁଳ, ଘୃତଲିପ୍ତ ରୋଟିକା, ସମ୍ଭାର, ଅବଦଂଶ ଓ ପର୍ପଟ । ଦକ୍ଷିଣ ଦେଶମାନଙ୍କରେ ଆହାରର ନିୟମ ମଧୁରାମ୍ଳ ସମାବେଶ ନୁହେଁ, ମଧୁର ଖାଦ୍ୟରେ ଆହାର ଆରମ୍ଭ । ଅର୍ଜୁନ ଓ ବଳରାମ ପିଣ୍ଡଖୀର ମୁହଁରେ ଦେଇ ପରମ ତୃପ୍ତିରେ ଭୋଜନ ଆରମ୍ଭ କଲେ ।

ପିଣ୍ଡଖିରର ଆସ୍ୱାଦ ଗ୍ରହଣ କରୁ କରୁ ବଲରାମ ଅର୍ଦ୍ଧମୁଦ୍ରିତ ଚକ୍ଷୁରେ ମଞ୍ଜିରୀକୁ ନିରୀକ୍ଷଣ କଲା । ମଞ୍ଜିରୀ ବାମ କରତଳ ଭୂମି ଉପରେ ରଖି ଟିକେ ନଇଁ ପଡ଼ିଛି, ଘୃତଦୀପର ନମ୍ର ଆଲୋକରେ ତାର ମୁଖମଣ୍ଡଳ ଅତ୍ୟନ୍ତ ମଧୁର ଦେଖା-ଯାଉଛି । କିଛି ସମୟ ଦେଖି ବଲରାମ କହିଲା—"ତୁମ ନାମ ମଞ୍ଜିରୀ । ମଞ୍ଜିରୀ ଅର୍ଥ ବଂଶୀ । ତୁମେ ବଂଶୀ ବଜାଇ ଜାଣ ?"

ଅପ୍ରତ୍ୟାଶିତ ପ୍ରଶ୍ନରେ ମଞ୍ଜିରୀ ଅଦ୍ଭୁତ ଚକ୍ଷୁ ଟେକି ଚାହିଁଲା । ଟିକେ ମୁଣ୍ଡ ବଙ୍କେଇ କହିଲା –"ଜାଣେ ।"

ବଲରାମ କହିଲା—"ବାଃ ବେଶ । ମୁଁ ଗାଇ ଜାଣେ, ତୁମକୁ ଗୀତ ଶୁଣାଇବି । ତୁମେ ମୋତେ ବଂଶୀ ବଜାଇ ଶୁଣାଇବ ?"

ମଞ୍ଜିରୀର ଅଧରରେ ସ୍ୱଳ୍ପ କୌତୁକର ହସ ଖେଳିଗଲା, ସେ ଟିକେ ମୁଣ୍ଡ ଟୁଙ୍ଗାଇଲା ।

ବଲରାମ ଉତ୍ସାହିତ ହୋଇ କହିଲା "ଭଲ । କାଲି ତାହାଲେ ତୁମେ ତୁମର ବଂଶୀ ଆଣ । ଆଣିବ ତ ?"

ମଞ୍ଜିରୀ ପୁଣି ମୁଣ୍ଡ ଟୁଙ୍ଗାଇଲା ।

ଅର୍ଜୁନ କଣେଇ କଣେଇ ବଲରାମ ଆଡ଼େ ଚାହିଁଲା । ଗୁମ୍ଫା ଭିତରେ ଦୁଇଟି ନର-ନାରୀ ମଧ୍ୟରେ ପୂର୍ବ ରାଗର ଅନୁବନ୍ଧ ଆରମ୍ଭ ହୋଇଯାଇଛି ଦେଖି ତା ମନ ଉତ୍ସୁକ ଓ ପ୍ରସନ୍ନ ହୋଇଉଠିଲା ।

ପରଦିନ ଦ୍ୱିପ୍ରହରରେ ମଞ୍ଜିରୀ ଖାଦ୍ୟ ନେଇ ଆସିଲା । ଆଜି ବଲରାମ ଓ ଅର୍ଜୁନ ପୂର୍ବାହ୍ନରୁ ସ୍ନାନ ସାରି ପ୍ରସ୍ତୁତ ଥିଲେ । ଆହାରରେ ବସି ବଲରାମ ପଚାରିଲା —"କାହିଁ, ବଂଶୀ ଆଣିନ ?"

ମଞ୍ଜିରୀ କାନରୁ ବଂଶୀ ବାହାର କରି ଦେଖାଇଲା । ବଣବେତର ବଂଶୀ । ବଲରାମ ଖୁସି ହୋଇ କହିଲା—"ଏଇ ସେ ବଂଶୀ ! ତାହାଲେ ତୁମେ ବଜାଅ, ଆମେ ଖାଉ ଖାଉ ଶୁଣିବୁ ।"

ମଞ୍ଜିରୀ ନତମୁଖରେ ମୁଣ୍ଡ ହଲେଇ ହସିଲା । ବଲରାମ କହିଲା—"ଓ -ବୁଝିଛି, ମୁଁ ଗୀତ ନ ଗାଇଲେ ତୁମେ ବଂଶୀ ବଜାଇବ ନାହିଁ । [illegible], ମୁଁ ଗାଇ ପାରିବି ନାହିଁ, ଫାଙ୍କି ଦେଇ ତୁମଠୁ ବଂଶୀ ଶୁଣିବାକୁ ଚାହୁଁଛି ।—ଅଚ୍ଛା ଅପେକ୍ଷା କର ।"

ଭୋଜନ ଶେଷରେ ବଳରାମ କୋଳରେ ମୃଦଙ୍ଗ ରଖି ବସିଲା। କହିଲା— "ଜୟଦେବ ଗୋସ୍ୱାମୀଙ୍କ ପଦ ଗାଉଛି। ଶ୍ରୀରାଧାଙ୍କ ବିରହ ହୋଇଛି, ସେ ଚନ୍ଦ୍ର ଓ ଚନ୍ଦ୍ରକିରଣକୁ ନିନ୍ଦା କରୁଛନ୍ତି। କର୍ଣ୍ଣାଟି ରାଗ, ଯତି ତାଳ। ମୋ ସଙ୍ଗେ ସଙ୍ଗେ ବଜେଇ ପାରିବ ?"

ମଞ୍ଜିରୀ ଉତ୍ତର ଦେଲା ନାହିଁ, ବଂଶୀଟି ହାତରେ ନେଇ ଅପେକ୍ଷା କରି ରହିଲା। ବଳରାମ କେତେ ଥର ମୃଦଙ୍ଗରେ ମୃଦୁ ଆଘାତ କରି ଲଳିତ କଣ୍ଠରେ ସ୍ୱର ଧରିଲା—

"ନିନ୍ଦତି ଚନ୍ଦନମିନ୍ଦୁକିରଣମନୁବିନ୍ଦତି ଖେଦମଧୀରମ୍—"

ମଞ୍ଜିରୀ ବଂଶୀଟି ଅଧରରେ ରଖି ଫୁଙ୍କିଲା। ବଂଶୀର କ୍ଷୀଣ-ମଧୁର ଧ୍ୱନି ବସନ୍ତର ପ୍ରଜାପତି ଭଳି ଜୟଦେବଙ୍କ ସ୍ୱରର ତାଳେ ତାଳେ ନାଚି ଘୂରି ବୁଲିଲା। ବଳରାମ ଗୀତ ଗାଇ ଗାଇ ମଞ୍ଜିରୀ ନକ୍ଷୁଦ୍ର ଚକ୍ଷୁ ରଖି ଚମତ୍କୃତ ହସ ହସିଦେଲା।

"ସା ବିରହେ ତବ ଦୀନା
ମାଧବ ମନସିଜ-ବିଶିଖଭୟାଦିବ
ଭାବନୟା ତ୍ୱୟି ଲୀନା।"

ଦୁହିଁଙ୍କ ଚକ୍ଷୁ ପରସ୍ପରଙ୍କ ଉପରେ ନିବଦ୍ଧ, ଉଭୟ ମନ ବନ୍ଦୀ ସ୍ୱରର ଜାଲରେ। ଆମୋଦମୟ ସ୍ୱର, ସ୍ୱପ୍ନମୟ ଶବ୍ଦ; ସଙ୍ଗୀତର ମୂର୍ଚ୍ଛନାରେ ଆଶ୍ଳିଷ୍ଟ ହୋଇ ଦୁଇଜଣ ଏକ ସ୍ୱର୍ଗରେ ଭାସି ଚାଲିଛନ୍ତି।

ଦୁଇ ଦଣ୍ଡ ପରେ ଗାନ ଶେଷ ହେଲା।

ମୃଦଙ୍ଗ ରଖି ଦେଇ ବଳରାମ ଗଦ୍‌ଗଦ ସ୍ୱରରେ କହିଲା—"ଧନ୍ୟ ! ତୁମେ ଏତେ ସୁନ୍ଦର ବଂଶୀ ବଜାଇପାର ମୁଁ ଜାଣି ପାରି ନାହିଁ।—ମୋ ଗାଇବା କେମିତି ଲାଗିଲା ?"

ମଞ୍ଜିରୀ ମଥା ନୁଆଁଇ କହିଲା—"ଭଲ।"

ବଳରାମ ହଠାତ୍ ପଚାରିଲା—"ଭଲ କଥା, ତୁମେ ଖାଇ ସାରିଛ ?"

ମଞ୍ଜିରୀ ମଥା ନୁଆଁଇ ଉତ୍ତର ଦେଲା—"ନା।"

ବଳରାମ ଚକିତ ହୋଇଉଠିଲା—"ଏଁ-ଏତେବେଳ ଯାଏ ଖାଇ ନାହିଁ। ଗୀତ-ବାଜଣା ପାଇଲେ ବୋଧହୁଏ ଖିଆପିଆ କଥା ମନେ ରହେନା। ଏ କି ଅନ୍ୟାୟ କଥା ? ଯାଅ ଯାଅ, ଯାଇ ଖାଇ ନିଅ। କାଲି ଯେତେବେଳେ ଆସିବ, ଖିଆପିଆ ସାରି ଆସିବ। କ'ଣ କହୁଛ ?"

ମଞ୍ଜିରୀ ଚାଲିଯିବା ପରେ ବଳରାମ ବିଛଣା ପାଖ ଶୋଇଲେ, ଅର୍ଜୁନ ମଧ୍ୟ ତାଙ୍କ ବିଛଣା ପାଖରେ । ବଳରାମ କିଛି ସମୟ ଚୁପ୍ ରହିବାପରେ କହିଲେ—"ମଞ୍ଜିରୀ ଝିଅଟି ଭଲ ଗାଇଲା ।"

ଅର୍ଜୁନ ଧୀର ସମ୍ଭ୍ରମ ଭରା କହିଲେ—"ତା ତ ବୁଝିପାରୁଛି ।"

ବଳରାମ ସନ୍ଦିଗ୍ଧ ହୋଇ ତା ଆଡ଼କୁ ମୁହଁ ଫେରାଇଲେ, ପଚାରିଲେ—"କେମିତି ବୁଝିଲ ?"

ଅର୍ଜୁନ ଉତ୍ତର ଦେଲେ—"ବଂଶୀ ବଜାଇ ପାରେ ।"

ବଳରାମ ଏତେବେଳେ ହସି ଉଠିଲେ—"ସେଥିପାଇଁ ନୁହେଁ । ଝିଅଟିର ମନରେ ରାଗ ନାହିଁ, ଆଉ ଖୁବ୍ ନମ୍ର କଥା କହେ । ଯେଉଁ ଝିଅ ନମ୍ର କଥା କହେ ସେତ ରମଣୀରତ୍ନ ।"

ଅର୍ଜୁନର ମନେପଡ଼ିଗଲା—ବଳରାମର ଆଗ ସ୍ତ୍ରୀ ମୁଖରା ଓ ଚଣ୍ଡୀ ଥିଲେ । ଅର୍ଜୁନ ବିଛଣାରେ ଶୋଇ ରହି କହିଲେ—"ତା ସତ ।"

ଏହାପରେ ମଞ୍ଜିରୀ ଯା' ଆସ କଲେ । ଦ୍ୱିପ୍ରହରରେ ବଳରାମ ସଙ୍ଗରେ ଦଣ୍ଡେ ଅଧଦଣ୍ଡ ବଂଶୀ ବଜାଇ ତୃତୀୟ ପ୍ରହରରେ ଫେରିଯାଏ । ରାତିରେ କିନ୍ତୁ ବେଶି ସମୟ ଅଟକେ ନାହିଁ; ଭୋଜନ ଶେଷ ହେଲା ମାତ୍ରେ ପାତ୍ରଗୁଡ଼ିକୁ ଉଠାଇ ନେଇ ଚାଲିଯାଏ । ବଳରାମ ଏହି ଭାବ ଅନ୍ତରରେ ବେଶ ପସନ୍ଦ କରୁଅଛନ୍ତି । ସଙ୍ଗୀତର ବନ୍ଧନ, ନାରୀପଣର ବନ୍ଧନ ଦୁଇଜଣଙ୍କୁ ପାଖରୁ ପାଖକୁ ଟାଣି ଆଣୁଛି । କିନ୍ତୁ ବଳରାମ ସାବଧାନୀ ଲୋକ, ସେ ଜାଣିପାରୁଛନ୍ତି ଯେ ମଞ୍ଜିରୀ ଅନୂଢ଼ା, ପରକୀୟା ସ୍ତ୍ରୀ; ସେ ଅତି ଗର୍ହିତ କାର୍ଯ୍ୟ ଏହା ତାଙ୍କ ଅବିଦିତ ନୁହେଁ ।

ଏହି ଭାବରେ ଦିନ ଗଡ଼ିଚାଲିଛି । ବଳରାମ ଉପାଣ୍ଟି ସର୍ମୃତି କରିସାରିଛନ୍ତି, କିନ୍ତୁ ରାଜା ପ୍ରତ୍ୟାବର୍ତ୍ତନ ନ କଲା ପର୍ଯ୍ୟନ୍ତ କିଛି କରଣୀୟ ନୁହେଁ । କୃଷ୍ଣପକ୍ଷ କଟି ଶୁକ୍ଳପକ୍ଷ ଆରମ୍ଭ ହୋଇଛି । ସନ୍ଧ୍ୟା ପରେ ଦୁଇ ବନ୍ଧୁ ଘରର ବାହାରେ ଛିଡ଼ା ହୋଇ ଚତୁର୍ଥୀ ଚନ୍ଦ୍ରଲେଖା ଆଡ଼କୁ ଚାହିଁଥାଆନ୍ତି । ଚନ୍ଦ୍ରଲେଖା ଦିନକୁ ଦିନ ପରିବର୍ଦ୍ଧମାନା ।

ତାପରେ ଏହି ଦୁହିଙ୍କ ଜୀବନଯାତ୍ରା ଭିତରେ ଗୋଟିଏ ବିଚିତ୍ର ଅପ୍ରାକୃତ ବ୍ୟାପାର ଘଟିଲା । ଦିନଟି ଥିଲା ଶୁକ୍ଳପକ୍ଷର ଷଷ୍ଠୀ କି ସପ୍ତମୀ ତିଥି । ସନ୍ଧ୍ୟା ପରେ ନୈଶ ଆହାର ସମାପନ କରି ବଳରାମ ଓ ଅର୍ଜୁନ ଶଯ୍ୟାରେ ଶୟନ କରୁଥିଲେ ।

ମଞ୍ଜିସ୍ଥ ଚାଲିଯାଇଛି; ଦୀପଶିଖାଟି ତେଲ ଅଭାବରେ ଧୀରେ ଧୀରେ କ୍ଷୁଦ୍ର ହୋଇ-ଆସୁଛି ।

ବଳରାମ ଆଳସ୍ୟଭରା ଜୃମ୍ଭକା ତ୍ୟାଗ କରି କହିଲା "କମାଣ୍ଡିଟି ପରୀକ୍ଷା କରି ଦେଖିବାକୁ ହେବ ଠିକ୍ ହେଲା କି ନା । କାଲି ପ୍ରତ୍ୟୁଷରେ ଯିବ ।"

ଅର୍ଜ୍ଜୁନ କହିଲା—"ବେଶ ତ ! କେଉଁଠି ଯିବ ?"

"କୌଣସି ନିର୍ଜନ ସ୍ଥାନକୁ । ଯେଉଁଠି ଶବ୍ଦ ଶୁଣାଯିବ ନାହିଁ । ଆଜି ଶୋଇ-ପଡ଼ । ଶୟନେ ପଦ୍ମନାଭଙ୍କ ।"

କିନ୍ତୁ ନିଦ୍ରା କର୍ଷଣ ପୂର୍ବରୁ ହିଁ ବାଧା ଉପୁଜିଲା । ସୁଡ଼ଙ୍ଗ ମୁଖରେ ଧାବମାନ ପାଦ ଶବ୍ଦ ଶୁଣି ଦୁଇଜଣ ଯାକ ତୁରନ୍ତ ଶଯ୍ୟା ତ୍ୟାଗକରି ଉଠି ବସିଲେ ।

ସୁଡ଼ଙ୍ଗର ରନ୍ଧ୍ର ମୁଖରେ ଏକ ଧୂମ୍ରାକାର ଛାୟା ପଡ଼ିଲା, ଗୋଟିଏ କମ୍ପିତ କଣ୍ଠସ୍ୱର ଶୁଣାଗଲା—"ଅର୍ଜ୍ଜୁନ ଭଦ୍ର ! ବଳରାମ ଭଦ୍ର !"

ଅର୍ଜ୍ଜୁନ ଉଚ୍ଚ ସ୍ୱରରେ ଉତ୍ତର ଦେଲା—"କିଏ ତୁମେ ?"

"ମୁଁ ଚତୁର୍ଭୁଜ ନାଏକ ।"

ଦୁଇଜଣ ଉଠି ଠିଆହେଲେ । ବଳରାମ କହିଲା—"ଚତୁର୍ଭୁଜ ! ଭିତରକୁ ଆସ । କି ସମାଚାର ?"

ପ୍ରହରୀ ଚତୁର୍ଭୁଜ ସେତେବେଳେ ସୁଡ଼ଙ୍ଗରେ ପ୍ରବେଶ କରି ଅନ୍ଧକାର ମଧ୍ୟରେ ଠିଆହୋଇ ହାଲୁଥିଲା । ଦେଖାଗଲା ତାହାଙ୍କ ଚକ୍ଷୁ ଭୟରେ ଗୋଲକୃତ ହୋଇଅଛି, ଶଣଦାଢ଼ି ରୋମାଞ୍ଚିତ । ସେ କମ୍ପିତ କଣ୍ଠରେ କହିଲା—"ହୁକ୍କା—ବୁକ୍କା !"

"ହୁକ୍କା-ବୁକ୍କା ! କାହାକୁ କହନ୍ତ ?"

ଚତୁର୍ଭୁଜ ସେତେବେଳେ ଅଟେଇ ଅଟେଇ ଯଥାସାଧ୍ୟ ବୁଝାଇବାକୁ ଚେଷ୍ଟା କଲା । ରାଜବଂଶର ପ୍ରବର୍ତ୍ତକ ହରିହର ଓ ବୁକ୍କାର ପ୍ରେତାତ୍ମା ଦେଖାଦେଉଛନ୍ତି । ସେମାନେ ସୁଡ଼ଙ୍ଗ ବାହାରେ ଅନତି ଦୂରରେ ପଦଚାରଣ କରୁଛନ୍ତି । ଚତୁର୍ଭୁଜ ପ୍ରଥମେ ସେମାନଙ୍କୁ ମଣିଷ ଭାବି ସମ୍ବୋଧନ କରିଥିଲେ । କିନ୍ତୁ ସେମାନେ ମଣିଷ ନୁହନ୍ତି, ପ୍ରେତ; ଚତୁର୍ଭୁଜର ସମ୍ବୋଧନକୁ ଅଗ୍ରାହ୍ୟ କରି ଘୂରି ବୁଲୁଛନ୍ତି ।

ଏହା ଶୁଣି ଅର୍ଜ୍ଜୁନ ଲାଠି ଦୁଇଟି ହାତରେ ଧରିଲା । କହିଲା—"ଚାଲ ଦେଖିବା ।"

ଚତୁର୍ଭୁଜ ଭୂଇଁରେ ବସି ପଡ଼ି କହିଲା – "ମୁଁ ଆଉ ଯିବି ନାହିଁ । ତୁମେ ସବୁ ଯାଅ ।"

ଦୁଇ ବନ୍ଧୁ ଗୁମ୍ଫାରୁ ବାହାରି ଏତଣ ସେତଣ ଚାହିଁଲେ । ଏପର୍ଯ୍ୟନ୍ତ ଚନ୍ଦ୍ର ଅସ୍ତ ହୋଇ ନାହିଁ, ଜ୍ୟୋତ୍ସ୍ନାଲୋକରେ ଚତୁର୍ଦ୍ଦିଗ ସମାଚ୍ଛନ୍ନ । କିନ୍ତୁ କେଉଁଠି ହେଲେ ମଣିଷ ଦେଖାଗଲା ନାହିଁ । ସେମାନେ ସେତେବେଳେ ଆଉ କିଛି ଦୂର ଅଗ୍ରସର ହୋଇ ଗୋଟିଏ ବୃହତ୍ ପ୍ରସ୍ତର ଖଣ୍ଡ ପାଖରେ ଛିଡ଼ାହେଲେ ।

ହଁ, ସତେସତେ ଅଦୂରରୁ ଦୁଇଜଣ ଲୋକ ଆସୁଛନ୍ତି । ବର୍ତ୍ତମାନ ଦର୍ଶକମାନଙ୍କ ନିକଟରୁ ପ୍ରାୟ ଶହେ ଶହେ ହାତ ଦୂର ଅଛି । ଜଣେ ଦୀର୍ଘକାୟ ଓ କୃଶ, ଅନ୍ୟ ଜଣକ ଖର୍ବକାୟ ଓ ଗଜସ୍କନ୍ଧ; ଜ୍ୟୋତ୍ସ୍ନାଲୋକରେ ସେମାନଙ୍କ ମୁଖାବୟବ ଦୃଶ୍ୟ ହେଉ ନାହିଁ । ସେମାନେ ଯେପରି ଅତ୍ୟନ୍ତ ମନୋଯୋଗ ସହକାରେ କୌଣସି ଗୋପନୀୟ କଥା ଆଲୋଚନା କରୁଛନ୍ତି ।

ଅର୍ଜ୍ଜୁନ ଓ ବଳରାମର ମୁଣ୍ଡ ଉପରେ ଗୋଟିଏ ପେଚା ଗମ୍ଭୀର ଶବ୍ଦ କରି ଉଡ଼ି ଚାଲିଗଲା । ବଳରାମ ନିଃଶବ୍ଦରେ ଅର୍ଜ୍ଜୁନର ହାତ ଧରି ପ୍ରସ୍ତର ସ୍ତୂପ ପଛକୁ ଟାଣିନେଲା ।

ମୂର୍ତ୍ତି ଦୁଇଟି ଅଗ୍ରସର ହେଉଅଛି । ଅର୍ଜ୍ଜୁନ ଓ ବଳରାମ ପଥର ଆଡୁଆଳରେ ଥାଇ ଲକ୍ଷ୍ୟ କରି ଦେଖିଲେ, ଯୁଗଳମୂର୍ତ୍ତି ସେମାନଙ୍କଠାରୁ କୋଡ଼ିଏ ହାତ ଦୂରରେ ରାଜପଥ ଆଡ଼କୁ ଚାଲିଛନ୍ତି । ବର୍ତ୍ତମାନ ସେମାନଙ୍କ ଅବୟବ ଅସ୍ପଷ୍ଟ; ମଣିଷ ବୋଲି ଚିହ୍ନହୁଏ କିନ୍ତୁ ଆଖି-ମୁହଁ ଦେଖାଯାଉ ନାହିଁ ।

ଅର୍ଜ୍ଜୁନ ବଳରାମକୁ ଇଙ୍ଗିତ ଦେଲା, ଦୁଇଜଣ ଅନ୍ତରାଳରୁ ବାହାରି ଆସି ସମସ୍ୱରରେ ଗର୍ଜ୍ଜନ କଲେ—"କିଏ ଯାଉଛ ? ଛିଡ଼ା ହୁଅ ।"

ମୂର୍ତ୍ତିଯୁଗଳ ଅଟକି ଗଲେ; ସେମାନଙ୍କ ଦେହ ଭଙ୍ଗୀରେ ବିସ୍ମୟ ଓ ବିରକ୍ତି ପ୍ରକାଶ ପାଇଲା । ତାପରେ ବୁଦ୍‌ବୁଦ୍ ଯେପରି ଫାଟି ଅଦୃଶ୍ୟ ହୋଇଯାଏ, ସେହିପରି ସେମାନେ ଶୂନ୍ୟରେ ଅଦୃଶ୍ୟ ହୋଇଗଲେ ।

ଅର୍ଜ୍ଜୁନ ଓ ବଳରାମ ଦୃଷ୍ଟି ବିନିମୟ କଲେ । ବଳରାମ ଓଠରେ ଜିଭ ବୁଲାଇ କହିଲା—"ଯାହା ଦେଖିବାର ଦେଖିଲେ । ଚାଲ, ଗୁମ୍ଫାକୁ ଫେରିଯିବା ।"

ଗୁମ୍ଫା ଭିତରେ ଚତୁର୍ଭୁଜ ବସିଥିଲା; ଦୀପଟି ଲିଭି ଲିଭି ଆସୁଥିଲା । ବଳରାମ ଦୀପରେ ତେଲ ଦେଲା, ଦୀପଟି ପୁଣି ତେଜିଉଠିଲା ।

ଚତୁର୍ଭୁଜ ବାୟସ ଭଳି କର୍କଶ କଣ୍ଠରେ ପଚାରିଲା—"ଦେଖିଲ ?"

ବଳରାମ ଶଯ୍ୟାରେ ଉପବେଶନ କରି କହିଲା—"ଦେଖିଲୁ । ଆଖି ସାମନାରେ ଅଦୃଶ୍ୟ ହୋଇଗଲେ । କିନ୍ତୁ ସେମାନେ ଯେ ହୁକ୍‌କା-ହୁକ୍‌କାର ପ୍ରେତାତ୍ମା । ତାହା ତୁମେ କେମିତି ଜାଣିଲ ?"

ଚତୁର୍ଭୁଜ ଶଯ୍ୟା ପାଖରେ ଆସି ବସିଲ, କହିଲା—"ଗଳ୍ପ ଶୁଣିଛି । ହୁଶହୁର ଥିଲେ ଲମ୍ବା ଗୋରା, ଆଉ ହୁକ୍‌କା ଥିଲେ ଗେଡ଼ା ମୋଟା । ସେମାନେ ମଝିରେ ମଝିରେ ଦେଖାଦିଅନ୍ତି, ଅନେକ ଦେଖିଛନ୍ତି । ରାଜ୍ୟରେ ଯେତେବେଳେ କୌଣସି ଗୁରୁତର ବିପତ୍ତି ଉପସ୍ଥିତ ହୁଏ, ସେତେବେଳେ ସେମାନେ ଦେଖା-ଦିଅନ୍ତି ।"

ଦୁଇ ବନ୍ଧୁ ଉଦ୍‌ଭ୍ରାନ୍ତ ଚକ୍ଷୁରେ ଚାହିଁରହିଲେ । ଗୁରୁତର ବିପଦ ! କି ବିପଦ ! ତୁଙ୍ଗଭଦ୍ରାର ଅପର ପାର୍ଶ୍ୱରେ ମୂର୍ତ୍ତିମାନ ବିପଦ ଦୁର୍ଦ୍ଧର୍ଷ ଶୃଗାଳ ଭଳି ଘୂରୁବୁଲୁଛି, ସେହି ବିପଦ ! କିମ୍ବା ଅନ୍ୟ କିଛି ?

ଚତୁର୍ଭୁଜର କଥାରେ ସେମାନଙ୍କ ଚିନ୍ତାଜାଲ ଛିନ୍ନ ହୋଇଗଲା—"ଅଜି ରାତିରେ ମୁଁ ଗୁମ୍ଫା ଭିତରେ ଆଉ ପହରା ଦେବ । କ'ଣ କହୁଛ ?"

ବଳରାମ କହିଲା—ତାହା ହିଁ ଭଲ । ତୁମେ ଆମକୁ ପହରା ଦିଅ, ଆମେ ତୁମକୁ ପହରା ଦେବୁ ।

—ଚବିଶ—

ମହାରାଜ ଦେବରାୟଙ୍କ ସୈନ୍ୟ ପରିଦର୍ଶନରେ ଯାତ୍ରା କରିବା ପରେ ହସ୍ତିଗୁମ୍ଫର ଦୋତାଲାର ଗୌରବ ଗରିମା ବହୁତ କମି ଯାଇଥିଲା । ପରିଚାରିକା ପରିବେଷ୍ଟିତ ହୋଇ ଦୁଇ ରାଜକନ୍ୟା ବାସ କରୁଥିଲେ । ପିଙ୍ଗଳା ରାଜାଙ୍କ ସଙ୍ଗରେ ଯାଇଛି । ବିଦ୍ୟୁନ୍ମାଳା ଓ ମଣିକଙ୍କଣାର ଅବସ୍ଥା ଖୁବ୍ କରୁଣ ହୋଇ ପଡ଼ିଥିଲା ।

ଦୁଇ ତରୁଣୀଙ୍କର ମନକଷ୍ଟର କାରଣ ସମ୍ପୂର୍ଣ୍ଣ ଭିନ୍ନ । ମଣିକଙ୍କଣା ରାଜାଙ୍କ ବିରହରେ କାତର; ସକାଳୁ ରାତି ସେ ଆଉ ରାଜାଙ୍କ ଦର୍ଶନ ପାଉନାହିଁ, କି ତାଙ୍କ କଣ୍ଠସ୍ୱର ମଧ୍ୟ ଶୁଣିବାକୁ ମିଳୁନି । ସେ ମନମାରି ଏଠି ସେଠି ବୁଲେ, କେବେ କେବେ ଲୁଚି ଲୁଚି ରାଜାଙ୍କ ବିଶ୍ରାମାଗାରକୁ ଯାଏ, ପଲଙ୍କ ପାଖରେ ବସି ଗମ୍ଭୀର ଦୀର୍ଘଶ୍ୱାସ ମୋଚନ କରେ । ଯେତେବେଳେ ଦୁଃଖ ଅସହ୍ୟ ହୋଇଉଠେ, ସେତେବେଳେ ଦେବୀ ପଦ୍ମାଳୟାଙ୍କ ଭବନକୁ ଯାଏ; ସେଠାରେ ବାଳକ ମଲ୍ଲିକାର୍ଜ୍ଜୁନ ସଙ୍ଗରେ କିଛିକ୍ଷଣ ଖେଳି ଫେରିଆସେ । ସେ ଲକ୍ଷ୍ୟ କରେ ରାଜାଙ୍କ ଅବର୍ତ୍ତମାନରେ ପଦ୍ମାଳୟାଙ୍କ ପ୍ରସନ୍ନତା ତିଳେହେଲେ କ୍ଷୁଣ୍ଣ ହୋଇନାହିଁ । ସେ ମନେ ମନେ ବିସ୍ମିତ ହୁଏ । ଏମାନେ କିଭଳି ମଣିଷ !

ବିଦ୍ୟୁନ୍ମାଳାର ସମସ୍ୟା ଅନ୍ୟ ପ୍ରକାର । ବସ୍ତୁତଃ ତାର ସମସ୍ୟା ଗୋଟିଏ ନୁହେଁ, ଅନେକ ଗୁଡ଼ିଏ ସମସ୍ୟାର ଗଣ୍ଠି ପଡ଼ିଯାଇଛି ।

ବିଦ୍ୟୁନ୍ମାଳା ଯାହାଙ୍କୁ ବିବାହ କରିବା ପାଇଁ ବିଜୟନଗର ଆସିଥିଲେ ସେହି ଦେବରାୟଙ୍କ ପ୍ରତି ସେ ପ୍ରୀତିମତି ନୁହନ୍ତି; ଯାହାଙ୍କ ପ୍ରତି ତାଙ୍କ ମନ ଆସକ୍ତ ହୋଇଛି ସେ ରାଜା ନୁହନ୍ତି, ରାଜପୁତ୍ର ନୁହନ୍ତି, ଅତି ସାମାନ୍ୟ ଯୁବକ । ତା' ସଙ୍ଗରେ ରାଜକନ୍ୟାର ବିବାହ କେହି କଳ୍ପନା କରି ପାରିବେନି ।

ଆଗରୁ ଅର୍ଜ୍ଜୁନ ସହିତ ବିଦ୍ୟୁନ୍ମାଳାର ପ୍ରାୟ ପ୍ରତ୍ୟେକ ଦିନ ଦେଖା ହେଉଥିଲା । ଦଶଦିନ ଆଗରୁ ଦ୍ୱିତଳର ବାତାୟନ ପାଖରେ ଠିଆହୋଇ ଅର୍ଜ୍ଜୁନକୁ ଅଶ୍ୱାରୋହଣ କରି ବୁଲିଯିବାର ସେ ଦେଖିଛନ୍ତି । ତା' ପରେ ସେ ଅର୍ଜ୍ଜୁନକୁ ଆଉ ଦେଖି ନାହାନ୍ତି । ଶୁଣିଛନ୍ତି ଅର୍ଜ୍ଜୁନ ଫେରି ଆସିଛି । ତା' ପରେ ସେ କୁଆଡ଼େ ଗଲା ? ବିଦ୍ୟୁନ୍ମାଳା ପ୍ରତିଦିନ ଅତିଥିଶାଳା ସମ୍ମୁଖ ଦେଇ ପମ୍ପାପତି ମନ୍ଦିରକୁ ଯାଆନ୍ତି; କିନ୍ତୁ ଅର୍ଜ୍ଜୁନର ଦେଖା ପାଆନ୍ତି ନାହିଁ । କ'ଣ ହେଲା ତାର ? ଦାସୀଙ୍କୁ ପଚାରିବାକୁ ଶଙ୍କା ଲାଗେ, କାଳେ ସେମାନେ ସନ୍ଦେହ କରିବେ । ସେ ଅନ୍ତର୍ଦାହରେ ଦଗ୍ଧ ହେଉଥିଲେ ।

ବିବାହ ତିନିମାସ ଗଡ଼ି ଯାଇଛି ସତ, ହେଲେ ତିନିମାସ କେତେ ବା ସମୟ ? ଗୋଟିଏ ଗୋଟିଏ କରି ଦିନ ଯାଉଛି, ମିଆଦର କାଳ ଶେଷ ହୋଇ ଆସୁଛି । ସମୟ ଯେ

ଏଭଳି ଦ୍ରୁତ ଓ ମନ୍ଥର ହୋଇପାରେ ତାହା କିଏ ଜାଣିଥିଲା ? ଧୀର ଧୀର ରାଜକୁମାରୀର ଦେହ କ୍ଷୀଣ ହେଉଛି । ଆଖିରେ ଏକ ଅସ୍ୱାଭାବିକ ପ୍ରଖର ଦୃଷ୍ଟି । ଜାଲବଦ୍ଧା କୁରଙ୍ଗୀ ବାହାରିବାର ପଥ ଖୋଜି ପାଉନାହିଁ ।

ଦିନେ ସୂର୍ଯ୍ୟାସ୍ତ କାଳରେ ବିଦ୍ୟୁନ୍ମାଳା ନିଜ ଶଯ୍ୟାରେ ଅର୍ଦ୍ଧଶୟନ ଅବସ୍ଥାରେ ଦୁର୍ଭାବନାର ଜାଲରେ ଛନ୍ଦିହୋଇ ପଡ଼ିଥିଲେ । ମଣିକଙ୍କଣା କକ୍ଷରେ ନାହିଁ, ବୋଧହୁଏ ରାଜାଙ୍କ ବିଶ୍ରାମ କକ୍ଷରେ ଘୂରି ବୁଲୁଥିଲା । ଜଣେ ଦାସୀ ତଳେ ବସି କୁମାରୀମାନଙ୍କର ପରିଧାନ ବସ୍ତ୍ର ସଜାଡ଼ୁଥିଲା । କୁମାରୀମାନେ ସନ୍ଧ୍ୟା-ସ୍ନାନ ପରେ ପରିଧାନ କରିବେ ।

ସୂର୍ଯ୍ୟାସ୍ତ ହେବାରୁ କକ୍ଷ ଭିତର ଅନ୍ଧାରୁଆ ହେଲା । ବିଦ୍ୟୁନ୍ମାଳାର ଦେହ ଅସହ୍ୟ ଅସ୍ଥିରତାରେ ଛଟପଟ ହୋଇ ଉଠିଲା । ସେ ଶଯ୍ୟାରେ ଉଠି ବସି ଡାକିଲେ—'ଭଦ୍ରା !'

ଦାସୀ ଲୁଗା ସଜାଡ଼ୁ ସଜାଡ଼ୁ କହିଲା—'ଆଜ୍ଞା ରାଜକୁମାରୀ !'

ବିଦ୍ୟୁନ୍ମାଳା କହିଲେ—'ଘରେ ଆଉ ରହି ପାରୁନି । ଚାଲ୍, ତଳେ ଖୋଲା ଜାଗାରେ ବୁଲି ଆସିବା ।'

ଭଦ୍ରା ଠିଆ ହୋଇ କହିଲା—'ତା'ହେଲେ ପ୍ରତିହାରିଣୀମାନଙ୍କୁ କୁହେ । ଆପଣ ସନ୍ଧ୍ୟାସ୍ନାନ ସାରି ବେଶ ପରିବର୍ତ୍ତନ କରନ୍ତୁ ।'

ବିଦ୍ୟୁନ୍ମାଳା କହିଲେ—'ନା ନା ପ୍ରତିହାରିଣୀମାନଙ୍କର ପ୍ରୟୋଜନ ନାହିଁ । କେବଳ ତୁମେ ରହିବ । ଫେରିଆସି ବେଶ ପରିବର୍ତ୍ତନ କରିବ ।'

'ଯେ ଆଜ୍ଞା ରାଜକୁମାରୀ !'

ଭଦ୍ରାକୁ ନେଇ ବିଦ୍ୟୁନ୍ମାଳା ତଳକୁ ଓହ୍ଲାଇଲେ । ସିଡ଼ିର ପ୍ରତିହାରିଣୀମାନେ ସପ୍ରଶ୍ନ ଭ୍ରୂ ଟେକିଲେ । ଭଦ୍ରା ଦକ୍ଷିଣ ହସ୍ତରେ ଈଷତ୍ ଇଙ୍ଗିତ କଲେ । ରାଜକୁମାରୀ-ମାନେ ବାହାରେ ବୁଲନ୍ତୁ, କେହି ବାଧା ଦେଲେ ନାହିଁ ।

ପ୍ରାଙ୍ଗଣକୁ ଆସି ବିଦ୍ୟୁନ୍ମାଳା ଏପଟ ସେପଟ ଦୃଷ୍ଟି ପକାଇଲେ । କେବଳ ଉତ୍ତର ଦିଗରେ ଥିବା ପମ୍ପାପତି ମନ୍ଦିରର ରାସ୍ତା ତାଙ୍କର ପରିଚିତ । ସେ ବିପରୀତ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, 'ସେଆଡ଼େ କ'ଣ ଅଛି ?'

ଭଦ୍ରା କହିଲା—'ସେଆଡ଼େ କମଳା ସରୋବର ।'

'ଚାଲ ।'—ବିଦ୍ୟୁନ୍ମାଳା ସେଇଆଡ଼କୁ ଚାଲିଲେ ।

ଚାଲୁ ଚାଲୁ ଭଦ୍ରା କହିଲା—'କମଳା ସରୋବର ଏଠାରୁ ଅନେକ ଦୂର, ପ୍ରାୟ ଅର୍ଦ୍ଧ-କୋଶ । ଏତେ ବାଟ କ'ଣ ଯାଇପାରିବେ ରାଜକୁମାରୀ !'

ବିଦ୍ୟୁନ୍ମାଳା ଉତ୍ତର ଦେଲେ ନାହିଁ, ଏଣେତେଣେ ଚାହିଁ ଚାହିଁ ଚାଲିଲେ; କିନ୍ତୁ ତାଙ୍କର ମନ ଅନ୍ତର୍ନିହିତ ହୋଇ ରହିଲା । ସନ୍ଧ୍ୟା ସମୟରେ ଲୋକ ବେଶି ନାହାନ୍ତି । ଯେଉଁ ଦୁଇ ଚାରି ଜଣ ଆଗରେ ପଡ଼ିଲେ, ସେମାନେ କଳିଙ୍ଗ-କୁମାରୀଙ୍କୁ ଦେଖି ସସମ୍ଭ୍ରମେ ଦୂରେଇ ଗଲେ ।

କିଛିବାଟ ଯାଇ ରାଜକୁମାରୀ ଅନୁଭବ କଲେ, ରାସ୍ତା ପଥୁରିଆ ହୋଇଛି, ଅଦୂରରେ ଗୋଟିଏ ଛୋଟ ପାହାଡ଼ । ସେ ପଚାରିଲେ, 'ଏଇଟା କ'ଣ ?'

ଭଦ୍ରା କହିଲା—'ତାହା ଗୋଟିଏ ପାହାଡ଼ ରାଜକୁମାରୀ । ତା' ଭିତରେ ଗୁହା ଅଛି । ଲୋକେ କହନ୍ତି 'ସଙ୍କେତ-ଗୁହା ।' ଭଦ୍ରାର ଅଧରରେ ଚାପା ହସ ଦେଖାଦେଲା । ସଙ୍କେତ-ଗୁହାର ପଞ୍ଚତତ୍ତ୍ୱ ପୁରୁଷ-ସ୍ତ୍ରୀ ସମସ୍ତେ ଜାଣନ୍ତି ।

ରାଜକୁମାରୀ ଗୁହା ସମ୍ବନ୍ଧରେ ଆଉ କୌଣସି ଆଗ୍ରହ ଦେଖାଇଲେ ନାହିଁ । ଆଉ କିଛି ବାଟ ଅଗ୍ରସର ହୋଇ ଦେଖିଲେ, କମଳା ସରୋବର ତଥାପି ଦୂର । ସେ ଫେରିଲେ । ଏଇ ଭ୍ରମଣ ଫଳରେ ବିକ୍ଷିପ୍ତ ମନ କିଛିଟା ଶାନ୍ତ ହେଲା ।

ପରଦିନ ସନ୍ଧ୍ୟାରେ ବିଦ୍ୟୁନ୍ମାଳା ଭଦ୍ରାକୁ କହିଲେ—'ମୁଁ ଆଜି ମଧ ଟିକେ ବୁଲି ଆସିବି । ତୁମକୁ ସଙ୍ଗରେ ଯିବାକୁ ହେବନି ।' ଭଦ୍ରା ମୁହଁରେ ଅବ୍ୟକ୍ତ ଆପତ୍ତି ଦେଖି କହିଲେ—'ଭୟ ନାହିଁ, ମୁଁ ହଜିଯିବି ନାହିଁ । ରାସ୍ତା ଚିହ୍ନି ଆସି ପାରିବି ।'

ଭଦ୍ରା ଆଉ କିଛି କହି ପାରିଲା ନାହିଁ । ବିଦ୍ୟୁନ୍ମାଳା ତଳକୁ ଆସି ପୂର୍ବଦିନ ଯେଉଁ ଆଡ଼କୁ ଯାଇଥିଲେ ସେଇ ଆଡ଼କୁ ଚାଲିଲେ । ଚେନ୍ହା ରାସ୍ତାରେ ଯିବା ଭଲ; ଅପରିଚିତ ପଥ କିଭଳି କଣ୍ଟକାକୀର୍ଣ୍ଣ ତାହା ରାଜକନ୍ୟା ବୁଝିବାକୁ ଆରମ୍ଭ କଲେଣି ।

ଆକାଶରେ ସୂର୍ଯ୍ୟାସ୍ତର ବର୍ଣ୍ଣ-ମାଳା ଶେଷ ହୋଇଛି । ଚନ୍ଦ୍ରକିରଣ ପରିସ୍ଫୁଟ ହୋଇନାହିଁ । ବିଦ୍ୟୁନ୍ମାଳା ଛୋଟ ପାହାଡ଼ ପାଖଦେଇ କିଛିବାଟ ଆଗେଇ ଯାଇ ଫେରିବା ଫେରିବା ହେଉଛନ୍ତି, ଏଇ ସମୟରେ ପଛରୁ କେହି କହିଲା—'ରାଜକୁମାରୀ ! ଆପଣ ଏଠି !'

ବିଦ୍ୟୁନ୍ମାଳା ଫେରି ଠିଆହେଲେ । ଦେଖିଲେ ଗୁହାଆଡ଼ୁ ଦ୍ରୁତ ପଦରେ ଆସୁଛି ଅର୍ଜ୍ଜୁନ । ତାର ମୁହଁରେ ବିସ୍ମୟ-ବିମୂଢ଼ ଭାବ ।

ଅର୍ଜ୍ଜୁନ ବିଦ୍ୟୁନ୍ମାଳା ସମ୍ମୁଖରେ ଯୋଡ଼ହସ୍ତ ହୋଇ କହିଲା—'ଆପଣ ଏକା ଏତେ ବାଟ ଆସିଛନ୍ତି ?'

ବୃହନ୍ନଳା କିଛିକ୍ଷଣ ତା' ମୁହଁକୁ ଅନାଇ ରହିଲେ । ତା'ପରେ କୌଣସି କଥା ନ କହି ଝରଝର କାନ୍ଦି ପକାଇଲେ । ଉଦ୍‌ବେଗ-ସଞ୍ଚିତ ବାଷ୍ପ ଅଶ୍ରୁ ଆକାରରେ ବାହାରି ପଡ଼ିଲା ।

ଅର୍ଜୁନ ହତବୁଦ୍ଧି ହୋଇଗଲା । ନିର୍ବାକ ଦର୍ଶକ ଭାବେ ବୃହନ୍ନଳାଙ୍କୁ ଚାହିଁ ରହିଲା ।

ବୃହନ୍ନଳା ଆଖି ପୋଛିଲେ ନାହିଁ । ଗଳଦଶ୍ରୁ ଆଖିରେ ଭଙ୍ଗା ଭଙ୍ଗା ଗଳାରେ କହିଲେ—'ଆଗେ ପ୍ରତିଦିନ ସକାଳେ ଆପଣଙ୍କୁ ଦେଖୁଥିଲି, ଆଜିକାଲି ଦେଖିବାକୁ ପାଉନି କାହିଁକି ?'

ଅର୍ଜୁନ ହୃଦୟରେ ଚମକ ଅନୁଭବ କଲା । ରାଜକୁମାରୀ ଏ କ'ଣ କହୁଛନ୍ତି ! ଏହା କ'ଣ ସାଧାରଣ କୁଶଳ ପ୍ରଶ୍ନ ମାତ୍ର ! ଅଶ୍ରୁପାତର ହୁଏତ କିଛି କାରଣ ଅଛି; ରମଣୀର ଅଶ୍ରୁପାତର କାରଣ କ'ଣ କେବେ କେହି ନିର୍ଣ୍ଣୟ କରି ପାରିଛି ? ଅର୍ଜୁନ ଆତ୍ମସମ୍ବରଣ କରି କହିଲା—'ମୁଁ ଏବେ ଆଉ ଅତିଥି-ଭବନରେ ରହୁନାହିଁ । ରାଜା ମୋତେ କାମ ଦେଇଛନ୍ତି । ମୁଁ ମୋର ବନ୍ଧୁ ବଲରାମ ସହିତ ଏଇ ଗୁହାରେ ରହୁଛି ।'

ବୃହନ୍ନଳା ଏବେ ଆଖି ପୋଛିଲେ । ମୁହଁ ବୁଲାଇ ଗୁହା ଆଡ଼କୁ ଚାହିଁ କହିଲେ—'ଗୁହାରେ ରହୁଛନ୍ତି ! ଗୁହାରେ ରହୁଛନ୍ତି କାହିଁକି ?'

ଅର୍ଜୁନ କହିଲା—'ଜାଣେ ନାହିଁ । ରାଜାଙ୍କ ଆଦେଶ । ଆପଣ ଭଲ ଅଛନ୍ତି ?'

ବୃହନ୍ନଳାଙ୍କ ଅଧରରେ କିଞ୍ଚିଏ ମ୍ଳାନ ହସ ଖେଳିଗଲା—'ଭଲ ! ହିଁ ଭଲ ଅଛି । ଆପଣ ତ ଲଟି ଚଢ଼ି ଦେଶ-ବିଦେଶ ଘୂରି ବୁଲୁଛନ୍ତି ।'

ଅର୍ଜୁନ ବିସ୍ମିତ ହୋଇ କହିଲା—'ଆପଣ କେମିତି ଜାଣିଲେ ? ବୋଧହୁଏ ମୁଁ ଲଟି ଚଢ଼ା କଥା ଆପଣଙ୍କୁ କହିଥିଲି । ହଁ, ରାଜା ମୋତେ ଦୂତକରି ପଠାଇଥିଲେ ।'

କିଛିକ୍ଷଣ ଦୁହେଁ ନୀରବ, କେମିତି ଉଭୟଙ୍କର କଥା ଶେଷ ହୋଇଯାଇଛି । ଶେଷରେ ଅର୍ଜୁନ କହିଲା 'ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଗଲାଣି । ଚାଲନ୍ତୁ, ଆପଣଙ୍କୁ ପହଞ୍ଚାଇ ଦେଇ ଆସେ ।'

ବୃହନ୍ନଳା କହିଲେ—'ନା, ମୁଁ ଏକା ଯାଇ ପାରିବି । କାଲି ଏଇ ସମୟରେ ଆପଣ ଏଠାରେ ଥିବେ, ମୁଁ ଆସିବି ।'

ବୃହନ୍ନଳା ଚାଲିଗଲେ । ଯାଉଁ ଯାଉଁ କେତେଥର ପଛକୁ ଫେରି ଚାହିଁଲେ । ଅର୍ଜୁନ ଠିଆ ହୋଇ ରହିଲା । ଯେତେବେଳେ ରାଜକନ୍ୟା ଦୃଷ୍ଟି ବାହାରକୁ ଚାଲିଗଲେ ଅଶାନ୍ତ ଶଙ୍କିତ ମନରେ ସେ ଗୁହାକୁ ଫେରିଲା ।

ବିଦ୍ୟୁନ୍ମାଳାଙ୍କର ଗୋଟିଏ ରାତି ଓ ଗୋଟିଏ ଦିନ ଦୁଃସହ ଅଧୀରତାରେ କଟିଲା । କିନ୍ତୁ ସେ ମନସ୍ଥିର କରି ନେଇଛନ୍ତି : ବାତ୍ୟାତାଡ଼ିତ ହାଲଭଙ୍ଗା ନୌକାରେ ଇତଃସ୍ତତ ଭାସି ବୁଲିଲେ କୌଣସି ଫଳ ମିଳିବ ନାହିଁ ; ନୌକା ଛାଡ଼ି ପାଣିକୁ ଲମ୍ଫ ଦେଇ କୂଳ-ଆଡ଼କୁ ଯିବାକୁ ହେବ । ଏଣିକି ଅଗାଧ ଜଳରେ ପହଁରିବାକୁ ହେବ ।

ସନ୍ଧ୍ୟା ହେବାର କିଛିକ୍ଷଣ ଆଗରୁ ବିଦ୍ୟୁନ୍ମାଳା ଗୁହା ଅଭିମୁଖେ ଗଲେ । ମଣିବନ୍ଧରେ ଗୋଟିଏ ମଲ୍ଲିଫୁଲର ମାଳା ଗୁଡ଼ାଇଛନ୍ତି । ଆଜି ଆଉ କଦାକଣ୍ଠା ନୁହେଁ, ପ୍ରଗଲ୍‌ଭ ଚଟୁଳତା । ଅର୍ଜ୍ଜୁନର ହୃଦୟ ଏବେ ପ୍ରେମଶୂନ୍ୟ ; ନାରୀର ତୂଣୀରରେ ଯେତେ ବାଣ ଅଛି ସବୁ ପ୍ରୟୋଗ କରି ଅର୍ଜ୍ଜୁନର ହୃଦୟ ଜୟ କରି ନେବାକୁ ହେବ ।

ଅର୍ଜ୍ଜୁନ ଅପେକ୍ଷା କରିଥିଲା । ଯେଉଁ ପାଷାଣ-ସ୍ତୂପ ପାଖରେ ଠିଆହୋଇ ପ୍ରେତାତ୍ମା ଦର୍ଶନ କରିଥିଲା ସେଇ ପାଷାଣ-ସ୍ତୂପକୁ ଆଉଜି ରାସ୍ତାକୁ ଚାହିଁଥିଲା । ବିଦ୍ୟୁନ୍ମାଳା ଆସି ତା' ଆଗରେ ଠିଆ ହେଲେ । ଅର୍ଜ୍ଜୁନ ସିଧା ଠିଆହୋଇ ଦୁଇହସ୍ତ ଯୋଡ଼ିଲା ।

ବିଦ୍ୟୁନ୍ମାଳା ହସିଲେ । ଗୋଧୂଳି-ଆଲୋକରେ ଏଇ ହସର ବିଦ୍ୟୁଦ୍‌ଦୀପ୍ତି ଯେମିତି ଅର୍ଜ୍ଜୁନ ଆଖିରେ ବିସ୍ମୟ ଭରିଦେଲା । ସେ ଦେଖିବାକୁ ପାଇଲା ନାହିଁ ଯେ ଏଇ ହସ ମଧ୍ୟରେ ଅନେକ କାନ୍ଦ ଅନେକ ଭୟ ଭରି ରହିଛି ।

ରାଜକନ୍ୟା କହିଲେ—'ଏଆଡ଼େ ବେଶି ନୀରୋଳା । ତଥାପି ସ୍ତମ୍ଭର ଆଢ଼ୁଆଳକୁ ଯିବା ଭଲ ।'

ସେ ଆଗେ ଆଗେ ଚାଲିଲେ । ଅର୍ଜ୍ଜୁନ ନୀରବରେ ତାଙ୍କର ଅନୁଗାମୀ ହେଲା । ଦୁହେଁ ସ୍ତମ୍ଭ ଆଢ଼ୁଆଳରେ ଠିଆହେଲେ । ଏଠାରୁ କାହାରି ନଜରରେ ପଡ଼ିବାର ଭୟ ନାହିଁ ।

ବିଦ୍ୟୁନ୍ମାଳା ଅର୍ଜ୍ଜୁନ ନିକଟକୁ ଟିକିଏ ଘୁଞ୍ଚି ଆସିଲେ । ମୁହଁରେ ଟିକିଏ ହସ ଫୁଟାଇ କହିଲେ—'ଅର୍ଜ୍ଜୁନ ଭଦ୍ର, ପୁଣି ଆପଣଙ୍କର ବିପଦ ଉପସ୍ଥିତ ହୋଇଛି ।'

ବିଦ୍ୟୁନ୍ମାଳାଙ୍କ ମୁହଁରେ ଏପରି କ'ଣ ଥିଲା ଯାହାକୁ ଦେଖି ଅର୍ଜ୍ଜୁନର ଛାତି କମ୍ପି ଉଠିଲା । ସେ କ୍ଷୀଣ କଣ୍ଠରେ କହିଲା—'ବିପଦ !'

ବିଦ୍ୟୁନ୍ମାଳା କହିଲେ—'ହଁ, ଗୁରୁତର ବିପଦ । ଯାହାକୁ ଥରେ ନଦୀରୁ ଉଦ୍ଧାର କରିଥିଲେ, ତାକୁ ପୁଣି ଉଦ୍ଧାର କରିବାକୁ ହେବ ।'

ଅର୍ଜ୍ଜୁନ ମୂଢ଼ ଭଳି ଦୋହରାଇଲା—'ଉଦ୍ଧାର !'

ଚନ୍ଦ୍ୟାନ୍ମାଳା ଅର୍ଜ୍ଜୁନର ମୁହଁ ପର୍ଯ୍ୟନ୍ତ ଆଖି ଉଠାଇ ପୁଣି ଗ୍ରୀବା ପର୍ଯ୍ୟନ୍ତ ନତ କଲେ । ଅସ୍ପଷ୍ଟ କଣ୍ଠରେ କହିଲେ—'ହଁ, ଉଦ୍ଧାର । ମୋତେ ଉଦ୍ଧାର କରିବାକୁ ହେବ । ଏବେ ବୁଝି ପାରୁନାହାନ୍ତି ?'

ଅସହାୟ ଭାବେ ଅର୍ଜ୍ଜୁନ ମୁଣ୍ଡ ହଲାଇ କହିଲା—'ନା ।'

'ତେବେ ବୁଝାଇ ଦେଉଛି ।'

ଚନ୍ଦ୍ୟାନ୍ମାଳା ମଣିବନ୍ଧରୁ ମଲ୍ଲୀମାଳାଟିକୁ ଖୋଲି ଦୁଇ ହାତରେ ଧରିଲେ । ତା'ପରେ ଅର୍ଜ୍ଜୁନ କିଛି ବୁଝିବା ଆଗରୁ ମାଳାଟିକୁ ତା' ଗଳାରେ ପିନ୍ଧାଇ ଦେଲେ ।

ଅର୍ଜ୍ଜୁନ କ୍ଷଣକାଳ ସ୍ତମ୍ଭିତ ହୋଇ ରହିଲା । ତା'ପରେ ପ୍ରାୟ ଚିତ୍କାର କରି ଉଠିଲା—'ରାଜକୁମାରୀ ! ଏ କ'ଣ କଲେ ?'

ଥର ଥର କମ୍ପିତ ଅଧରରେ ହସ ଫୁଟାଇ ଚନ୍ଦ୍ୟାନ୍ମାଳା କହିଲେ—'ସ୍ୱୟମ୍ବର ହେଲା ।'

ସେ ଖଣ୍ଡେ ପଥର ଉପରେ ବସି ପଡ଼ିଲେ । ପ୍ରଗଲ୍‌ଭତା ତାଙ୍କର ପ୍ରକୃତିସିଦ୍ଧ ନୁହେଁ । ତେଣୁ ଏଇ ଟିକକ ଅଭିନୟ କରି ତାଙ୍କର ଦେହ-ମନର ସମସ୍ତ ଶକ୍ତି ନିଃଶେଷ ହୋଇ ଯାଇଥିଲା ।

ଅର୍ଜ୍ଜୁନ ଆସି ତାଙ୍କ ପାଦ ପାଖରେ ବସିଲା । ବ୍ୟାକୁଳ ଭାବରେ ତାଙ୍କ ମୁହଁକୁ ଚାହିଁ ରହିଲା । ସନ୍ଧ୍ୟା-ଆକାଶରେ ଆଲୋକ କମି କମି ଆସୁଛି ।

ଅର୍ଜ୍ଜୁନ ମିନତିଭରା କଣ୍ଠରେ କହିଲା—'ରାଜକୁମାରୀ, ଆପଣ କ୍ଷଣିକ ବିଭ୍ରମରେ ଭୁଲ କରି ପକାଇଛନ୍ତି । ଆପଣଙ୍କ ମାଳା ଫେରାଇ ନିଅନ୍ତୁ । ମୁଁ ପ୍ରାଣଗଲେ ମଧ୍ୟ କାହାକୁ କିଛି କହିବି ନାହିଁ ।'

ଚନ୍ଦ୍ୟାନ୍ମାଳା ଆକାଶକୁ ଚାହିଁଲେ । ମୁଣ୍ଡ ହଲାଇ କହିଲେ—'ଆଉ ତାହା ହେବ ନାହିଁ । କିନ୍ତୁ ମୁଁ ଆଜି ଯାଏ, ଅନ୍ଧକାର ହୋଇଗଲାଣି । କାଲି ପୁଣି ଆସିବି । କାଲି ଠାରୁ ତୁମକୁ ଆଉ 'ଆପଣ' କହି ପାରିବି ନାହିଁ । ତୁମେ ମଧ୍ୟ ମୋତେ 'ତୁମେ' କହିବ ।'

ଛାୟାଭଳି ଚନ୍ଦ୍ୟାନ୍ମାଳା ଅନ୍ତର୍ହିତା ହେଲେ ।

ଅର୍ଜ୍ଜୁନ ଗୁହାକୁ ଫେରିଲା । ମନ୍ତ୍ରୀ ଏବେ ସୁଦ୍ଧା ଖାଦ୍ୟ ନେଇ ଆସି ନାହିଁ । ବଳରାମ ପାପକାଲି ମୃଦଙ୍ଗ ନେଇ ବସିଛି । ନିଜକୁ ନିଜେ ସ୍ୱର ଧରିଛି—

ନ କୁରୁ ନିତମ୍ବିନି ଗମନବିଲମ୍ବନମନୁସର ତଂ ହୃଦୟେଶମ୍ ।

ଅର୍ଜ୍ଜୁନ ଗଳାରୁ ମାଳା ଖୋଲି ହାତରେ ଝୁଲାଇଥିଲା । ବଳରାମ ମାଳା ଦେଖି ଗୀତ ବନ୍ଦ କଲା । କହିଲା—'ମାଳା କେଉଁଠୁ ପାଇଲ ? ପାନ-ଗୁଆ ବଜାରକୁ ଯାଇଥିଲ କି ?'

ଅର୍ଜ୍ଜୁନ ଟିକେ ସ୍ଥିର ରହି କହିଲା—'ନା, ଜଣେ ଝିଅ ଦେଇଛି ।'

ବଳରାମ ଜୋର୍‌ରେ ହସି ଉଠିଲା—'ଆରେ ବାଃ ! ତୁମେ ମଧ୍ୟ ଜଣେ ଝିଅ ଯୋଗାଡ଼ କରି ନେଇଛ ! ବେଶ୍ ବେଶ୍ । ସେ ଝିଅଟି କିଏ ? ରାଜପୁରର ପୁରନ୍ଧ୍ରୀ ନିଶ୍ଚୟ ।'

ଅର୍ଜ୍ଜୁନ କହିଲା—'ହଁ, ରାଜପୁରର ପୁରନ୍ଧ୍ରୀ । କିନ୍ତୁ ନାମ କହିବାକୁ ବାରଣ ଅଛି ।'

ଏହି ସମୟରେ ନୈଶାହାରର ଥାଳ ମୁଣ୍ଡେଇ ମଞ୍ଜିରୀ ଉପସ୍ଥିତ ହେଲା । ମାଳା ପ୍ରସଙ୍ଗ ସ୍ଥଗିତ ରହିଲା ।

ସେହି ରାତିରେ ଅର୍ଜ୍ଜୁନ ଶଯ୍ୟାରେ ଶୟନ କରି ଅନେକ ସମୟ ପର୍ଯ୍ୟନ୍ତ ଚେଇଁ ରହିଲା । ଗଭୀର ଦୁଃଖ ଓ ବିଜୟୋଲ୍ଲାସ ଏକ ସଙ୍ଗରେ ଅନୁଭବ କରିବା ସମସ୍ତଙ୍କ ଭାଗ୍ୟରେ ଘଟେ ନାହିଁ । ଏଭଳି ଅସମ୍ଭବନୀୟ ବ୍ୟାପାର ତା' ଜୀବନରେ କାହିଁକି ଘଟିଲା ! ବିଦ୍ୟୁନ୍ମାଳାକୁ ସେ ଦେଖିଛି ଶ୍ରଦ୍ଧାର ସହିତ, ସମ୍ଭ୍ରମର ସହିତ । କିନ୍ତୁ ସେ ମନେ ମନେ ତାକୁ କାମନା କରିଛନ୍ତି । ସେ ରାଜକନ୍ୟା, ରାଜାଙ୍କ ବାଗ୍‌ଦତ୍ତା ବଧୂ; ଆଉ ଅର୍ଜ୍ଜୁନ ଅତି ସାମାନ୍ୟ ମଣିଷ । କିଭଳି ଏହା ସମ୍ଭବ ହେଲା ! ତା'ପରେ ଏବେ କ'ଣ ହେବ ? ଏହାର ପରିଣାମ କେଉଁଠି ? ଯେଉଁଭଳି ବଳରାମ ମଞ୍ଜିରୀକୁ ଭଲପାଏ, ସେହିଭଳି ଅର୍ଜ୍ଜୁନ ବିଦ୍ୟୁନ୍ମାଳାକୁ ଭଲପାଏ ନାହିଁ । ସମ୍ଭ୍ରମ ଓ ପଦମର୍ଯ୍ୟାଦାର ବିପୁଳ ବ୍ୟବଧାନ ସେମାନଙ୍କ ମଝିରେ । ସେମାନଙ୍କ ମଧ୍ୟରେ ଯେ କୌଣସି ପ୍ରକାର ଘନିଷ୍ଠ ସମ୍ବନ୍ଧ ଘଟିପାରେ, ଏହା ତା'ର କଳ୍ପନାର ଅତୀତ । ଉପରନ୍ତୁ ସେ ରାଜାଙ୍କର ଭୃତ୍ୟ, ରାଜାଙ୍କ ବାଗ୍‌ଦତ୍ତା ବଧୂ ପ୍ରତି ଦୃଷ୍ଟିପାତ କରିବ କେଉଁ ସ୍ପର୍ଦ୍ଧାରେ !

ଉତ୍ତପ୍ତ ମସ୍ତିଷ୍କର ଅସଂଯତ ଦିଗ୍‌ଭ୍ରାନ୍ତ ଚିନ୍ତା ନିଷ୍ପନ୍ନ ହେବା ପୂର୍ବରୁ ଅର୍ଜ୍ଜୁନ ଶୋଇ ପଡ଼ିଥିଲା । ନିଦ ଭାଙ୍ଗିଲା ଶେଷ ରାତିରେ । ମଲ୍ଲୀମାଳାର ମ୍ରିୟମାଣ ଗନ୍ଧ ତାର ନିଦ ଭାଙ୍ଗି ଦେଲା ।

ମାଳାଟି ତା'ର ମୁଣ୍ଡ ପାଖରେ ଥିଲା । ସେ ତାକୁ ହାତରେ ନେଇ ଜୋର୍‌ରେ ଦଳିଦେଲା, ତା'ପରେ ଦୂରେଇ ରଖିଦେଲା; ଯେପରି ସେଇ ଗନ୍ଧ ତା' ନାକ ପାଖକୁ ନ ଆସେ ।

କିନ୍ତୁ ନଦ ଆଉ ହେଲା ନାହିଁ । ମସ୍ତିଷ୍କ ମଧ୍ୟରେ ଚନ୍ଦ୍ରା-ଉର୍ଣ୍ଣନାଭ ଜାଲ ବୁଣିବା ଆରମ୍ଭ କଲା ।

ସେଦିନ ଦନ୍ୟାରେ ପଥର ଅନ୍ତୁଆଳରେ ଅର୍ଜ୍ଜୁନ ଓ ବିଦ୍ୟୁନ୍ମାଳାର ନିମ୍ନରୂପ କଥୋପକଥନ ହେଲା :

ଅର୍ଜ୍ଜୁନ କହିଲା—'ତୁମେ ରାଜକନ୍ୟା, ମୁଁ ଜଣେ ସାମାନ୍ୟ ଲୋକ ।'

ବିଦ୍ୟୁନ୍ମାଳା କହିଲେ—'ତୁମେ ସାମାନ୍ୟ ଲୋକ ନୁହଁ । ତୁମେ ଯଦୁକୁଳୋ ଦ୍ଭବ, ଭଗବାନ ଶ୍ରୀକୃଷ୍ଣ ତୁମ ପୂର୍ବପୁରୁଷ ।'

ବିଦ୍ୟୁନ୍ମାଳା ଦେଖାଉଥିଲା ଖଣ୍ଡେ ପଥର ଉପରେ ରାଜେନ୍ଦ୍ରାଣୀ ଭଳି ବସିଥିଲେ । ଅର୍ଜ୍ଜୁନ ତାଙ୍କ ଆଗରେ ସମତଳ ଭୂମି ଉପରେ ପାଦଜାକି ବସିଥିଲା । ବିଦ୍ୟୁନ୍ମାଳାଙ୍କ ଚକ୍ଷୁ ଅର୍ଜ୍ଜୁନର ମୁଖ ଉପରେ ନିଶ୍ଚଳ ଭାବରେ ନିବଦ୍ଧ । ସେ ଯେପରି ଜୀବନକୁ ବାଜିରଖି ପଣା ଖେଳୁଛନ୍ତି । ଅର୍ଜ୍ଜୁନର ଦୃଷ୍ଟି ପିଞ୍ଜରାବଦ୍ଧ ପକ୍ଷୀଭଳି ଏପଟ ସେପଟ ଛଟପଟ ହୋଇ ବୁଲୁଛି ।

ଅର୍ଜ୍ଜୁନ କହିଲା—'ତୁମେ ମହାରାଜ ଦେବରାୟଙ୍କର ବାଗ୍‌ଦତ୍ତା ।'

ବିଦ୍ୟୁନ୍ମାଳା କହିଲେ—'ମୁଁ କାହାକୁ ବାଗ୍‌ଦାନ କରିନାହିଁ । ରାଜା ରାଜାଙ୍କ ମଧ୍ୟରେ ରାଜନୈତିକ ଚୁକ୍ତି ହୋଇଛି । ମୁଁ କାହିଁକି ସେଥିରେ ଆବଦ୍ଧ ହେବି ?'

'ତୁମର ପିତା ତୁମକୁ ଦାନ କରିଛନ୍ତି ।'

'ମୋର କ'ଣ ସ୍ୱତନ୍ତ୍ର ସତ୍ତା ନାହିଁ ?'

'ଶାସ୍ତ୍ର କହେ ସ୍ତ୍ରୀ ଜାତି କେବେ ସ୍ୱାତନ୍ତ୍ର୍ୟ ପାଆନ୍ତିନ ।'

'ସେ ଶାସ୍ତ୍ର ମୁଁ ମାନେ ନାହିଁ । ମୋର ହୃଦୟକୁ ମୋର ଇଚ୍ଛାନୁସାରେ ଯାହାକୁ ଦାନ କରିପାରିବ ।'

'ତୁମେ ଅପାତ୍ରରେ ହୃଦୟ ଦାନ କରିଛ ।'

'ସେ କଥା ଆଗରୁ ସରିଛି । ତୁମେ ଅପାତ୍ର ନୁହଁ ।'

ଅର୍ଜ୍ଜୁନ କିଛି ସମୟ ନତମୁଖ ହୋଇ ରହିଲା । ତା'ପରେ ମୁହଁ ଉଠାଇ କହିଲା—'ମୋ ତରଫରୁ କଥାଟା ଚିନ୍ତାକରି ଦେଖିଛ ?'

ବିଦ୍ୟୁନ୍ମାଳାର ମୁଖମଣ୍ଡଳରେ ଆଷାଢ଼ର ମେଘ ଘୋଟି ଆସିଲା । ଚକ୍ଷୁ ବିଷଣ୍ଣ-ଶଙ୍କିତ ହେଲା । ସେ ବିଷାଣ୍ଣ କଣ୍ଠରେ କହିଲେ—'ତୁମେ କ'ଣ ମୋତେ ଘୃଣିବନା ?'

ଅର୍ଜୁନ ତା'ର କ୍ଳାନ୍ତ ମୁଣ୍ଡଟିକୁ ବିଦ୍ୟୁନ୍ମାଳାଙ୍କ କାନ୍ଧ ଉପରେ ରଖି କହିଲା—'ଘୃଣିବା ନ ଘୃଣିବା ଅବସ୍ଥା ଆଉ ନାହିଁ । ଦିନଦିନ ଆଗରୁ ମୁଁ ସଜ୍ଜନ ଥିଲି, ଆଜି ମୁଁ କୃତଘ୍ନ, ବିଶ୍ୱାସଘାତକ । ରାଜା ମୋତେ ଭଲପାଆନ୍ତି । ମୋତେ ପରମ ବିଶ୍ୱାସର କାମ ଦେଇଛନ୍ତି । ଆଉ ମୁଁ ପ୍ରତି ମୁହୂର୍ତ୍ତରେ ବିଶ୍ୱାସଘାତକତା କରୁଛି । ତୁମେ ମୋର ଏ କି ସର୍ବନାଶ କଲ ?'

ବିଦ୍ୟୁନ୍ମାଳା ମୁଖରେ ମେଘ ଅପସରି ଯାଇ ଭାସ୍ୱର ଆନନ୍ଦ ଫୁଟିଉଠିଲା । ବିଜୟିନୀର ଆନନ୍ଦ । ସେ ଅର୍ଜୁନ ମୁଣ୍ଡରେ ହାତରଖି କୋମଳ ସ୍ୱରରେ କହିଲେ—'କାହିଁକି ତୁମେ ମିଛରେ କଷ୍ଟ ପାଉଛ ! ରାଜା ହୃଦୟବାନ ଲୋକ, ସେ ତୁମକୁ ସ୍ନେହ କରନ୍ତି, ସବୁ ସତ୍ୟ । କିନ୍ତୁ ତାଙ୍କର ଅନେକ ଭୃତ୍ୟ ଅଛନ୍ତି, ତୁମେ ନ ରହିଲେ ତାଙ୍କର ଅସୁବିଧା ହେବନାହିଁ ଏବଂ ସେ ନ ରହିଲେ ମଧ୍ୟ ତୁମର ଚଳିଯିବ । ତୁମେ ଏ ଦେଶର ଅଧିବାସୀ ନୁହଁ । ତୁମେ ରାଜାଙ୍କ କାମ ଛାଡ଼ିଦିଅ । ଚାଲ, ଆମେ ଲୁଚି ଲୁଚି ଏ ଦେଶ ଛାଡ଼ି ଚାଲିଯିବା ।'

ଅର୍ଜୁନ ଚମକିପଡ଼ି ମୁହଁ ଉଠାଇଲା । ବିଭ୍ରାନ୍ତ ଭାବେ ଚାହିଁ କହିଲା—'ଏ ଦେଶ ଛାଡ଼ି ଚାଲିଯିବି ! ଏଇ ଅମରାବତୀ ଛାଡ଼ି ପଳାଇଯିବି ! କେଉଁଠିକୁ ଯିବି ? ମ୍ଳେଚ୍ଛମାନଙ୍କ ଦେଶକୁ ? ନା, ମୁଁ ପାରିବି ନାହିଁ ।'

ସେ ଉଠି ଛିଡ଼ାହେଲା । ବିଦ୍ୟୁନ୍ମାଳା ମଧ୍ୟ ସଙ୍ଗେ ସଙ୍ଗେ ତାର ହାତ ଧରିଲେ । ସେ କିଛି କହିବାକୁ ଯାଉଛନ୍ତି, ଏପରି ସମୟରେ ପଥରସ୍ତମ୍ଭର ଅନ୍ତରାଳରୁ ଶବ୍ଦ ଶୁଣି ଚୁପ୍ ହୋଇଗଲେ । ଅର୍ଜୁନ ଶକ୍ତ ହୋଇ ଠିଆ ହୋଇ ରହିଲା ।

ଶବ୍ଦଟା ଆଉ କିଛି ନୁହେଁ, ମଞ୍ଜିରା ମନକୁମନ ଗୀତ ବୋଲି ଖାଦ୍ୟ ନେଇ ଗୁମ୍ଫା ଆଡ଼କୁ ଯାଉଛି । ଦୁହେଁ ନିଃଶ୍ୱାସ ବନ୍ଦ କରି ଠିଆ ହୋଇ ରହିଲେ । ମଞ୍ଜିରା ତାଙ୍କୁ ଦେଖି ପାରିଲା ନାହିଁ । ତା'ର ଗୀତର ଗୁଞ୍ଜନ ଦୂରରେ ମିଳାଇଗଲା ।

ବିଦ୍ୟୁନ୍ମାଳା ଅର୍ଜୁନ କାନରେ ମୁହଁ ଲଗାଇ ଧୀରେ ଧୀରେ କହିଲେ—'ଆଜି ଯାଉଛି । କାଲି ପୁଣି ଆସିବି ।'

ସେ ଜ୍ୟୋତ୍ସ୍ନା-କୁହେଳି ମଧ୍ୟରେ ଅଦୃଶ୍ୟ ହୋଇଗଲେ । ଅର୍ଜୁନ ହର୍ଷ-ବିଷାଦ-ଭରା ମନ ନେଇ ଗୁମ୍ଫାକୁ ଫେରୁ ଫେରୁ ମନେ ମନେ ପ୍ରତିଜ୍ଞା କଲା, କାଲି ଆଉ ସେ ବିଦ୍ୟୁନ୍ମାଳା ସହିତ ଦେଖା କରିବାକୁ ଆସିବ ନାହିଁ ।

କିନ୍ତୁ ପ୍ରତିଜ୍ଞା ରହିଲା ନାହିଁ । ପରଦିନ ସେ ଯଥା ସମୟରେ ଯଥା ସ୍ଥାନରେ ଉପସ୍ଥିତ ହେଲା । ଯୌବନ ଓ ବିବେକ-ବୁଦ୍ଧିର ଦଉଡ଼ି ଟଣାଟଣି ଲାଗି ରହିଲା ।

ଏଇଭଳି କେତେଦିନ କଟିଲା । କିନ୍ତୁ ସମସ୍ୟାର ନିଷ୍ପତ୍ତି ହେଲା ନାହିଁ ।

## —ପାଞ୍ଚ—

ମହାରାଜ ଦେବରାୟ ସୈନ୍ୟ ପରିଦର୍ଶନ କରିବାକୁ କୃଷ୍ଣପକ୍ଷ ଦଶମୀ ତିଥିରେ ଯାତ୍ରା କରିଥିଲେ । ଶୁକ୍ଳପକ୍ଷ ନବମୀ ତିଥିରେ ଅଗ୍ରଦୂତ ଆସି ଖବର ଦେଲା, ଆଗାମୀ କାଲି ପୂର୍ବାହ୍ନରେ ମହାରାଜ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରିବେ । ରାଜପୁରୀ ଏଇ ଏକ ପକ୍ଷ କାଳ ଯେମିତି ନିସ୍ତେଜ ହୋଇ ପଡ଼ିଥିଲା; ପୁଣି ଚଳଚଞ୍ଚଳ ହୋଇ ଉଠିଲା ।

ମଣିକଙ୍କଣାର ହୃଦୟ ଆନନ୍ଦରେ ଦୋଳି ଖେଳୁଛି । କାଲି ମହାରାଜ ଆସିବେ । କେତେଦିନେ ତାଙ୍କର ଦର୍ଶନ ପାଇବ । ପ୍ରତୀକ୍ଷାର ଉତ୍ତେଜନାରେ ସେ ଆତ୍ମହରା । ଦିନ କଟେ ତ ରାତି କଟେ ନାହିଁ ।

ବିଦ୍ୟୁନ୍ମାଳାର ମାନସିକ ଅବସ୍ଥା ସହଜେ ଅନୁମେୟ । ରାଜାଙ୍କ ଅନୁପସ୍ଥିତିରେ ସେ ପ୍ରବଳ ହୃଦୟବୃତ୍ତିର ସ୍ରୋତରେ ଅବାଧରେ ଭାସି ଚାଲିଥିଲେ, ବାଧା ବିଘ୍ନ ସବୁ ଗୌଣ ହୋଇ ଯାଇଥିଲା; ଏବେ ବାଧାବିଘ୍ନ ସବୁ ପର୍ବତ ପ୍ରମାଣ ହୋଇ ଠିଆ ହେଲେ । ଭୟରେ ପ୍ରୀତି ତାଙ୍କର ଶୁଖିଗଲା । ତାଙ୍କର ସଂକଳ୍ପ ତିଳେମାତ୍ର ବିଚଳିତ ହେଲା ନାହିଁ; କିନ୍ତୁ ସଂକଳ୍ପ ସିଦ୍ଧିର ସମ୍ଭାବନା କଠିନ ନୈରାଶ୍ୟର ଆଘାତରେ ଭୂମିସାତ୍ ହେଲା । କ'ଣ ହେବ ? ଅର୍ଜ୍ଜୁନ ପଳାୟନ କରିବାକୁ ଅସମ୍ମତ । ତେବେ କ'ଣ ମୃତ୍ୟୁ ବିନା ଏ ସଙ୍କଟ ମୋଚନର ଅନ୍ୟ ବାଟ ନାହିଁ ? ବିଦ୍ୟୁନ୍ମାଳା ଲୁଗାକାନି ମୁହଁରେ ଦେଇ ନୀରବରେ କାନ୍ଦିଲେ । ଲୁହରେ ଲୁଗାକାନି ଭିଜିଗଲା । କିନ୍ତୁ ଅନ୍ଧକାର ମଧ୍ୟରେ ରାସ୍ତା ଦେଖାଗଲା ନାହିଁ ।

ଅର୍ଜ୍ଜୁନର ଅବସ୍ଥା ବିଦ୍ୟୁନ୍ମାଳା ଭଳି ହେଲେ ମଧ୍ୟ ତା' ମନରେ ଅନେକଟା ଆତ୍ମଗ୍ଲାନି ମିଶିଛି । ବିଦ୍ୟୁନ୍ମାଳାକୁ ସେ ଅନିଚ୍ଛା ସତ୍ତ୍ୱେ ଭଲପାଇଛି । ସମସ୍ତ ପ୍ରାଣ ଉତ୍ସର୍ଗ କରି ବର୍ତ୍ତମାନ ଭଲପାଉଛି । ଏଭଳି ନିବିଡ଼ ପ୍ରେମର ଅନୁଭୂତି ତା'ର ଅଜ୍ଞାତ ଥିଲା । କିନ୍ତୁ ପ୍ରେମ ଯେତେ ଗଭୀର ହେଲେ ମଧ୍ୟ ତା' ଦ୍ୱାରା ଅପରାଧବୋଧ ତ ଦୂର ହେଉନାହିଁ ! ପ୍ରେମ ଯେତେବେଳେ ସମସ୍ତ ହୃଦୟକୁ ଅଧିକାର କରୁଛି ସେତେବେଳେ ମୁଣ୍ଡରେ ଚିନ୍ତା— 'ମୁଁ ରାଜାଙ୍କ ସହିତ କୃତଘ୍ନତା କରୁଛି । ସିଏ ମୋର ଅନ୍ନଦାତା, ସିଏ ମୋର ପ୍ରଭୁ, ତାଙ୍କ ସହିତ ବିଶ୍ୱାସଘାତକତା କରୁଛି । କାହିଁକି ବିଦ୍ୟୁନ୍ମାଳାଙ୍କ ପ୍ରେମ ପ୍ରଥମରୁ ପ୍ରତ୍ୟାଖ୍ୟାନ କଲିନାହିଁ, କାହିଁକି ବାରମ୍ବାର ତାଙ୍କ ସହିତ ଦେଖା କରୁଛି ? ଏବେ କ'ଣ ହେବ ? ରାଜାଙ୍କ ଆଗରେ ଠିଆ ହେବି କିପରି ! ତାଙ୍କ ଆଖିରେ ଆଖି ରଖି ଚାହିଁବି କେଉଁ ସାହସରେ ? ସେ ଯଦି ମୁହଁ ଦେଖି ମନର କଥା ବୁଝିପାରନ୍ତି !' ··ଏକଥା କାହାକୁ କହିବାର ନୁହେଁ । ଏପରିକି ବଳରାମକୁ ମଧ୍ୟ ମୁହଁ ଖୋଲି କିଛି କହିପାରି ନାହିଁ । ବଳରାମ ତା'ର ଚିତ୍ତ-ବିକ୍ଷୋଭ ଲକ୍ଷ୍ୟ କରୁଛି । ମଝିରେ ମଝିରେ ପ୍ରଶ୍ନ କରୁଛି,

କିନ୍ତୁ ସତ୍ୟ ଉତ୍ତର ପାଉନାହିଁ । ସେ ଭାବୁଛି ଅର୍ଜ୍ଜୁନର ହୃଦୟ ଏବେ ପିତୃଶୋକରେ ମୁହ୍ୟମାନ ।

ଏପଟରେ ଏଇ ଅବସ୍ଥା । ସେପଟରେ କୁମାର କମ୍ପନ ରାଜାଙ୍କ ଆଶୁ ପ୍ରତ୍ୟାବର୍ତ୍ତନ ସମ୍ବାଦ ପାଇ ସର୍ବାଙ୍ଗରେ ଉତ୍ତେଜନାର ଶିହରଣ ଅନୁଭବ କଲେ । ସମସ୍ତ ଉପସ୍ଥିତ; ଆଉ ବିଳମ୍ବ ନାହିଁ । ଏଥର ଗୃହପ୍ରବେଶ ନିମନ୍ତ୍ରଣ ପଠାଇବାକୁ ହେବ । ଯେଉଁମାନେ ରାଜାଙ୍କର ପ୍ରିୟପାତ୍ର ବିଶ୍ୱାସୀ, କେବଳ ସେଇସବୁ ମନ୍ତ୍ରୀ ସଭାସଦ୍‌ମାନଙ୍କୁ ନିମନ୍ତ୍ରଣ ପଠାଇବାକୁ ହେବ । ତାପରେ ସମସ୍ତେ ଏକତ୍ରିତ ହେଲେ ରାଜାଙ୍କ ସହିତ ସମସ୍ତଙ୍କୁ ନିର୍ମୂଳ କରିବାକୁ ହେବ । କେବେ ନିମନ୍ତ୍ରଣ କଲେ ଭଲ ହେବ ? କାଲି ରାଜା ଫେରିବେ । ହୁଏତ କ୍ଲାନ୍ତ ଥିବାରୁ ନିମନ୍ତ୍ରଣ ରକ୍ଷା କରି ନ ପାରନ୍ତି । ସୁତରାଂ ପରଦିନ ଶୁଭଦିନ ।

କୁମାର କମ୍ପନ ବଛା ବଛା ରାଜପୁରୁଷମାନଙ୍କୁ ନିମନ୍ତ୍ରଣ ପଠାଇଲେ ଏବଂ ନବନିର୍ମିତ ଗୃହରେ ଅତିଥି ସତ୍କାରର ଆୟୋଜନ କରିବାକୁ ଲାଗିଲେ ।

ପିତା ବୀରବିଜୟଙ୍କ କଥା ମଧ୍ୟ କମ୍ପନ ଭୁଲି ନାହାନ୍ତି । ବୁଢ଼ା ତାଙ୍କୁ ଦି' ଆଖିରେ ଦେଖିପାରନ୍ତି ନାହିଁ । ତାଙ୍କର ସଦ୍‌ଗତି କରିବାକୁ ହେବ ।

ପରଦିନ ମଧ୍ୟାହ୍ନର ଦୁଇଦଣ୍ଡ ପୂର୍ବରୁ ମହାରାଜ ଦେବରାୟ ବାଜା ବଜାଇ ସଦଳ-ବଳେ ଫେରିଆସିଲେ । ରାଜଗୃହର ବହିଃ ପ୍ରାଙ୍ଗଣରେ ବୃହତ୍ ଜନତା ଅପେକ୍ଷା କରିଥିଲା । ସେମାନଙ୍କ ମଧ୍ୟରେ ଦୁଇଜଣ ପ୍ରଧାନ । କୁମାର କମ୍ପନ ଏବଂ ଧନ୍ନାୟକ ଲକ୍ଷ୍ମଣ । ସାତ ଶହ ପୁରପ୍ରହରୀ ଶଙ୍ଖ ବଜାଇ ରାଜାଙ୍କୁ ସମ୍ବର୍ଦ୍ଧନା କଲେ ।

ରାଜା ଅଶ୍ୱରୁ ଅବତରଣ କରିବା ସଙ୍ଗେ ସଙ୍ଗେ କୁମାର କମ୍ପନ ଛୁଟିଆସି ତାଙ୍କୁ ଜାନୁ ସ୍ପର୍ଶକରି ପ୍ରଣାମ କଲେ ଓ କହିଲେ—'ଆର୍ଯ୍ୟ, ଆପଣ ନଥିଲେ, ରାଜପୁରୀ ଅନ୍ଧକାର ଥିଲା । ଆଜି ଏକ ପକ୍ଷ ପରେ ପୁଣି ସୂର୍ଯ୍ୟୋଦୟ ହେଲା ।'

କୁମାର କମ୍ପନ ଅତିଶୟ ମିଷ୍ଟଭାଷୀ; କିନ୍ତୁ ତାଙ୍କ ମୁହଁର କଥାଗୁଡ଼ିକ ସ୍ତୁତିବାକ୍ୟ ଭଳି ଶୁଭିଲା । ରାଜା ଟିକିଏ ହସିଲେ । ଭ୍ରାତାଙ୍କ କାନ୍ଧରେ ହାତରଖି କହିଲେ—'ତୁମ ସମ୍ବାଦ ଶୁଭ ତ ? ଗୃହପ୍ରବେଶର ଆଉ ବିଳମ୍ବ କେତେ ?'

କମ୍ପନ କହିଲେ—'ଗୃହ ପ୍ରସ୍ତୁତ । କେବଳ ଆପଣଙ୍କ ପାଇଁ ଗୃହପ୍ରବେଶ ସ୍ଥଗିତ ରଖିଛି । କାଲି ସନ୍ଧ୍ୟାରେ ଆପଣଙ୍କୁ ଆମର ନୂତନ ଗୃହରେ ପଦାର୍ପଣ କରିବାକୁ ହେବ ଆର୍ଯ୍ୟ । କାଲି ଆମର ଗୃହପ୍ରବେଶର ଶୁଭମୁହୂର୍ତ୍ତ ସ୍ଥିର ହୋଇଛି ।'

ରାଜା କହିଲେ—'ତୁମ ନୂତନ ଗୃହରେ ଅବଶ୍ୟ ପଦାର୍ପଣ କରିବି ।'

'ଧନ୍ୟ ।' କମ୍ପନ ଆଉ ଠିଆ ହେଲା ନାହିଁ । ବେଶି କଥା କହିଲେ କାଳେ ମନ-ମଧ୍ୟରେ ଥିବା ଅଭିପ୍ରାୟ ପ୍ରକାଶ ପାଇଯିବ, ତେଣୁ ଶୀଘ୍ର ସେ ପ୍ରସ୍ଥାନ କଲେ ।

ରାଜା ସେତେବେଳେ ମନ୍ତ୍ରୀ ଉପମନ୍ତ୍ରୀ ସଭାସଦ ବିଦେଶୀ ରାଷ୍ଟ୍ରଦୂତ ପ୍ରଭୃତି ସମବେତ ପ୍ରଧାନମାନଙ୍କ ଆଡ଼କୁ ଫେରିଲେ । ପ୍ରତ୍ୟେକଙ୍କ ମିଷ୍ଟ ସମ୍ଭାଷଣ ସହ କିଛି ସମ୍ବାଦର ଆଦାନ-ପ୍ରଦାନ କରି ବିଶ୍ରାମକକ୍ଷକୁ ପ୍ରବେଶ କଲେ ।

ଏହା ମଧ୍ୟରେ ପିଙ୍ଗଳା ଆସି ଦ୍ୱିତଳର ବିଶ୍ରାମକକ୍ଷ ତତ୍ତ୍ୱାବଧାନ କରିଥିଲା । ପାଚକମାନେ ରାନ୍ଧିବା ଆରମ୍ଭ କରିଥିଲେ । ରାଜା ସ୍ନାନ ସାରି ଧୀରେ ସୁସ୍ଥେ ଖାଇବାକୁ ବସିଲେ । ଖାଇବା ଶେଷ ହେଲାବେଳକୁ ଦ୍ୱିପ୍ରହର ଅତୀତ ହୋଇଗଲାଣି ।

ରାଜା ପଲଙ୍କରେ ଅଙ୍ଗ ପ୍ରସାରିତ କଲେ । ପିଙ୍ଗଳା ତଳେ ବସି ପାନ ଭାଙ୍ଗିଲା । ରାଜା ଅଳସକଣ୍ଠରେ ପ୍ରଶ୍ନ କଲେ—'କଳିଙ୍ଗ-ରାଜକୁମାରୀମାନଙ୍କର ଖବର କ'ଣ ?'

ପିଙ୍ଗଳା କହିଲା—'ସେମାନେ କୁଶଳରେ ଅଛନ୍ତି ଆର୍ଯ୍ୟ ।'

ଏହି ସମୟରେ ନୂଆ ମେଘରେ ବିଜୁଳି ଚମକିଲା ଭଳି ମଣିକଙ୍କଣା କକ୍ଷରେ ପ୍ରବେଶ କଲା । ଛାୟାଚ୍ଛନ୍ନ କକ୍ଷଟି ତା' ରୂପର ପ୍ରଭାରେ ପ୍ରଭାମୟ ହୋଇଉଠିଲା ।

ତାକୁ ଦେଖି ମହାରାଜ ଶଯ୍ୟାରେ ଉଠି ବସିବାକୁ ଉପକ୍ରମ କରନ୍ତେ ମଣିକଙ୍କଣା ତାଙ୍କୁ ପ୍ରଣାମ କରି କହିଲା—'ଉଠନ୍ତୁ ନାହିଁ ମହାରାଜ, ଆପଣ ବିଶ୍ରାମ କରନ୍ତୁ । ପିଙ୍ଗଳା, ତୁମେ ଉଠ, ମୁଁ ଆଜି ମହାରାଜଙ୍କ ପାନ ଭାଙ୍ଗିଦେବି ।'

ପିଙ୍ଗଳା ହସି ଘୁଞ୍ଚିଗଲା । ମଣିକଙ୍କଣା ତା' ଜାଗାରେ ବସି ପାନ ଭାଙ୍ଗିବାକୁ ଲାଗିଲା । ରାଜା କଡ଼ ଲେଉଟାଇ ଅର୍ଦ୍ଧଶୟନ ଅବସ୍ଥାରେ ତା'ର ପାନଭଙ୍ଗା ଦେଖିବାକୁ ଲାଗିଲେ । ପିଙ୍ଗଳା ସ୍ମିତମୁଖରେ କହିଲା—'ଧନ୍ୟ ରାଜକୁମାରୀ ! ପାନଭାଙ୍ଗି ମଧ୍ୟ ଜାଣନ୍ତି !'

ମଣିକଙ୍କଣା ପାନପତ୍ରରେ ଚୂନ ଲଗାଉ ଲଗାଉ କହିଲା—'କାହିଁକି ଜାଣିବି ନାହିଁ । କେତେଥର ମା' ମାନଙ୍କୁ ପାନଭାଙ୍ଗି ଦେଇଛି । କଳିଙ୍ଗ ଦେଶରେ ପାନର ଖୁବ୍ ପ୍ରଚଳନ । ତେବେ ଉପକରଣ ଦରକାର । ପାନ ସାଙ୍ଗରେ ଗୁଆ, କର୍ପୂର, ଦାରୁଚିନ୍ତ ରହିବ, ଚୂଆ, କଆଫୁଲ ଅର୍କ ପ୍ରଭୃତି ଦିଆଯାଏ । ଏଇ ନିଅନ୍ତୁ ମହାରାଜ !'

ମଣିକଙ୍କଣା ଉଠି ପାନଖିଲ ରାଜାଙ୍କ ସମ୍ମୁଖରେ ଧରିଲେ । ସେ ତାହା ନେଇ ଚୋବାଇଲେ । ତା'ପରେ କହିଲେ—'ଚମତ୍କାର ପାନ ! ତୁମେ ଏତେ ସୁନ୍ଦର ପାନ ଭାଙ୍ଗି

କାଣ ଜାଣିଥିଲେ ଅଗସ୍ତ୍ୟ ତୁମର ଶରଣ ନେଇଥାନ୍ତି । କାଲିଠାରୁ ଦ୍ୱିତୀୟ ପ୍ରହରରେ ଆସି ମୋର ପାନ ଭର୍ତ୍ତି ଦେବ ।'

ମଣିକଙ୍କଣା କୃତାର୍ଥ ହୋଇ କହିଲା—'ଦେବ ମହାରାଜ ! ଆମ ପାଖରେ କଳିଙ୍ଗ ଦେଶର ପାନ ଉପକରଣ ଅଛି, ତାହା ଦେଇ ପାନଭର୍ତ୍ତି ଦେବ ।'

ସେ ପୁଣି ପାନଡ଼ାଲା ନେଇ ବସିବାକୁ ଯାଉଥିଲେ, ଏହି ସମୟରେ ନାଂଶଦରେ ଧନ୍ୱାସ୍ତ୍ୱକ ଲକ୍ଷ୍ମଣ ମଣ୍ଡପ ପ୍ରବେଶ କଲେ । ମଣିକଙ୍କଣା କହିଲା—'ମନ୍ତ୍ରୀ ମହାଶୟ ଆସିଲେଣି ! ଏବେ ବୋଧହୁଏ ରାଜକାର୍ଯ୍ୟ ହେବ । ମୁଁ ତା'ହେଲେ ଯାଏ ।' ରାଜାଙ୍କ ପ୍ରତି ଦୀର୍ଘ ବିଳମ୍ବିତ ଦୃଷ୍ଟି ନିକ୍ଷେପ କରି ସେ ଚାଲିଗଲା ।

ମନ୍ତ୍ରୀ ପଲଙ୍କ ଧାରରେ ଭୂମି ଉପରେ ବସିଲେ । ପିଙ୍ଗଳା ପାନଡ଼ାଲା ତାଙ୍କ ଆଡ଼କୁ ଆଗେଇ ଦେଇ ଘରୁ ବାହାରିଗଲା । ରାଜାଙ୍କ ସଙ୍ଗରେ ଭ୍ରମଣରୁ ଫେରି ସେ ସାମାନ୍ୟ ବିଶ୍ରାମ ମଧ୍ୟ ପାଇନାହିଁ ।

ରାଜା ଏବଂ ମନ୍ତ୍ରୀଙ୍କ ମଧ୍ୟରେ ବାକ୍ୟାଳାପ ଆରମ୍ଭ ହେଲା । ମନ୍ତ୍ରୀମହାଶୟଙ୍କର ନିବେଦନ କରିବାର ବିଶେଷ କିଛି ନ ଥିଲା । ସେ ସଂକ୍ଷେପରେ ରାଜ୍ୟ ସମ୍ବନ୍ଧୀୟ ବକ୍ତବ୍ୟ ଶେଷ କରି କହିଲେ—'ଗୋଟିଏ କଥା ଅଛି; ହୁକ୍କ-ବୁକ୍କର ପ୍ରେତାତ୍ମା ଦେଖାଦେଇଛି ।'

ରାଜା ଶଯ୍ୟା ଉପରେ ଉଠି ବସିଲେ । 'ହୁକ୍କ-ବୁକ୍କ ଦେଖା ଦେଇଛନ୍ତି ? କିଏ ଦେଖିଛି ?'

ମନ୍ତ୍ରୀ କହିଲେ—'ଅର୍ଜ୍ଜୁନ ଓ ବଳରାମର ଗୁହା ପହରା ଦେବାପାଇଁ ଯାହାଙ୍କୁ ନିୟୋଗ କରାଯାଇଥିଲା, ସେମାନଙ୍କ ମଧ୍ୟରୁ ଜଣେ ଦେଖିଛି । ଅର୍ଜ୍ଜୁନ ଓ ବଳରାମ ମଧ୍ୟ ଦେଖିଛନ୍ତି ।'

'ହୁଁ ।' ମହାରାଜ କାନର ମଣିକୁଣ୍ଡଳକୁ ଧରି ଟିକିଏ ହଲାଇ କହିଲେ—'ଅନେକ ଦିନ ପରେ ହୁକ୍କ-ବୁକ୍କ ଦେଖାଦେଲେ ! ସେହି ଅହମଦ ଶା ସୁଲତାନ ହୋଇ ଯେତେବେଳେ ବିଜୟନଗର ଆକ୍ରମଣ କରିଥିଲେ, ତା' ଆଗରୁ ଦେଖା ଦେଇଥିଲେ । ଆଶଙ୍କା ହୁଏ, ସାଂଘାତିକ ବିପଦ ଆସନ୍ନ । କିନ୍ତୁ କେଉଁଆଡ଼ୁ ଆସିବ ବୁଝି ପାରୁନାହିଁ ।'

ମନ୍ତ୍ରୀ ପଚାରିଲେ – 'ସୀମାନ୍ତର ଅବସ୍ଥା କିପରି ଦେଖିଲେ ?'

ରାଜା କହିଲେ—'ଶତ୍ରୁଙ୍କ ତତ୍ପରତାର କୌଣସି ଚିହ୍ନ ନାହିଁ । ଆମର ସୀମାନ୍ତରକ୍ଷୀ ସୈନ୍ୟ ଟିକେ ଢିମେଇ ପଡ଼ିଥିଲେ । ମୋତେ ଦେଖି ପୁଣି ତତ୍ପର ହୋଇଉଠିଛନ୍ତି ।'

ମନ୍ତ୍ରୀ କିଛି ସମୟ କଚ୍‌କଚ୍‌ କରି ଗୁଆ କାଟିଲେ । ତା'ପରେ ନିଜ ପାଇଁ ପାନ ଖାଙ୍ଗ୍‌ ଖାଙ୍ଗ୍‌ କହିଲେ—

'କୁମାର କମ୍ପନ ଗୃହପ୍ରବେଶ ଉପଲକ୍ଷେ ବନ୍ଧୁ ବର୍ଗ କେତେଜଣ ସଦସ୍ୟଙ୍କୁ ନିମନ୍ତ୍ରଣ କରିଛନ୍ତି । ମୁଁ ମଧ୍ୟ ନିମନ୍ତ୍ରିତ ହୋଇଛି । ମୋତେ କିନ୍ତୁ ଭଲ ଲାଗୁନି ।'

'କ'ଣ ଭଲ ଲାଗୁନି ?'

'ଏଇ ନିମନ୍ତ୍ରଣର ଭାବଭଙ୍ଗୀ । ସନ୍ଦେହ ହେଉଛି କୁମାର କମ୍ପନର କୌଣସି ପ୍ରଚ୍ଛନ୍ନ ଅଭିସନ୍ଧି ଅଛି । ଯେଉଁ ବାରଜଣଙ୍କୁ ନିମନ୍ତ୍ରଣ କରିଛନ୍ତି ସେମାନଙ୍କ ସହିତ କାହାରି ତାଙ୍କର ଘନିଷ୍ଠତା ନାହିଁ ।'

'କିନ୍ତୁ ପ୍ରଚ୍ଛନ୍ନ ଅଭିସନ୍ଧି କ'ଣ ଥାଇପାରେ ?'

'ତା ଜାଣିନି । ମହାରାଜ, ଆପଣ ମଧ୍ୟ ନିମନ୍ତ୍ରିତ । ମୋର ମନେ ହୁଏ ଆପଣଙ୍କର ନ ଯିବା ହିଁ ଭଲ ।'

ରାଜାଙ୍କ ଲଲାଟ ମେଘାଚ୍ଛନ୍ନ ହେଲା । ସେ କିଛିକ୍ଷଣ ନୀରବ ରହି କହିଲେ—'କମ୍ପନ ମୋତେ ଭଲପାଏ । ସେ ମୋର ଅନିଷ୍ଟ କରିବାର ଚିନ୍ତା କରିବ—ତାହା ମୁଁ ଭାବି ପାରୁନି । ତା'ଛଡ଼ା ମୋର ଅନିଷ୍ଟ କରିବାର କ୍ଷମତା ତା'ର ନାହିଁ । ଆପଣ ତ ନିମନ୍ତ୍ରିତ ହୋଇଛନ୍ତି, ଆପଣ କ'ଣ ଯିବେ ନାହିଁ ?'

ମନ୍ତ୍ରୀ ପାନଖାଇ କହିଲେ—'ନା ମହାରାଜ, ମୁଁ ଯିବିନାହିଁ । ହୁକ୍‌କ-ଚୁକ୍‌କ ଦେଖା ଦେଇଛନ୍ତି । ଏ ସମୟରେ ଆମ ସମସ୍ତଙ୍କୁ ସତର୍କ ରହିବାକୁ ହେବ ।'

ଏ ପ୍ରସଙ୍ଗ ସମାପ୍ତ ହେବା ପୂର୍ବରୁ ଦ୍ୱାର-ରକ୍ଷିଣୀ ଆସି ଜଣାଇଲା, ଅର୍ଜୁନ ବର୍ମା ଓ ବଲରାମ ରାଜାଙ୍କର ଦର୍ଶନପ୍ରାର୍ଥୀ ।

ରାଜାଙ୍କର ଅନୁମତି ପାଇ ଦୁଇଜଣ ପଲଙ୍କର ଶେଷକୁ ବସିଲେ । ଅର୍ଜୁନ ରାଜାଙ୍କ ଆଖିକୁ ଟିକେ ଅନାଇ ପୁଣି ଆଖି ତଳକୁ କଲା । ବଲରାମ ହାତଯୋଡ଼ି କହିଲା—'ଆର୍ଯ୍ୟ, କମାଣ ତିଆରି ହୋଇଛି । ସଙ୍ଗରେ ଆଣିଥିଲି । ପ୍ରହରଣୀଙ୍କ ପାଖରେ ଅଛି ।'

ରାଜା ପ୍ରହରଣୀକୁ ଡାକି କମାଣ ଆଣିବାକୁ କହିଲେ । କମାଣ ଆସିବା ପରେ ପ୍ରହରଣୀକୁ କହିଲେ—'ବଲରାମ କିମ୍ବା ଅର୍ଜୁନ ଯଦି ଅସ୍ତ୍ରଶସ୍ତ୍ର ନେଇ ମୋ ନିକଟ ଆସିବାକୁ ଚାହାନ୍ତି, ସେମାନଙ୍କୁ ବାଧା ଦେବ ନାହିଁ ।'

ପ୍ରହରଣୀ ଚାଲିଯିବା ପରେ ବଲରାମ ଉଠି କମାଣ ରାଜାଙ୍କ ହାତରେ ଦେଲା । ହାତେ ଲମ୍ବର ଯନ୍ତ୍ରଟିଏ, ଦେଖିବାକୁ ଅନେକଟା ବଗ-ଯନ୍ତ୍ରା ଭଳି । ରାଜା ତାହାକୁ

ଉତ୍ତମ ରୂପେ ପରୀକ୍ଷା କରି ମନ୍ତ୍ରୀଙ୍କ ହାତରେ ଦେଲେ । କହିଲେ—'ଯନ୍ତ୍ରର ପ୍ରକ୍ରିୟା ବୁଝିଲି । ଯନ୍ତ୍ର ଚଳେଇ ଦେଖିଛ ?'

ବଳରାମ କହିଲା—'ଆଜ୍ଞା ଦେଖିଛୁ । ଠିକ୍ ଚାଲୁଛି । ଅର୍ଜୁନ ଓ ମୁଁ ଦିନେ ବଣକୁ ଯାଇ ପରୀକ୍ଷା କରି ଦେଖିଛୁ । ପଚାଶ ହାତ ପର୍ଯ୍ୟନ୍ତ ସାଙ୍ଘାତିକ ଲକ୍ଷ୍ୟଭେଦ କରିପାରେ ।'

ରାଜା କହିଲେ—'ଭଲ । ମୁଁ ମଧ୍ୟ ପରୀକ୍ଷା କରି ଦେଖିବାକୁ ଚାହେଁ । କାଲି ପ୍ରତ୍ୟୁଷରୁ ତୁମେମାନେ ଆସିବ । ଦକ୍ଷିଣ ଜଙ୍ଗଲରେ ପରୀକ୍ଷା ହେବ । ପରୀକ୍ଷା ପାଇଁ କ'ଣ କ'ଣ ଜିନିଷ ଦରକାର ?'

ବଳରାମ କହିଲା—'ବେଶି କିଛି ନୁହେଁ ଆର୍ଯ୍ୟ, ତିନିଟା ଖଣ୍ଡ ମାଟିକଳସୀ ହେଲେ ଚଳିବ । ବାକି ଯାହା ଗୋଳା ବାରୁଦ କାର୍ପାସବସ୍ତ୍ର ନଡ଼ିଆକତା ଦଉଡ଼ି—ମୁଁ ନେଇ ଆସିବି ।'

ରାଜା ପ୍ରଶ୍ନ କଲେ—'ଲୌହ-ନାଳିକା ପ୍ରସ୍ତୁତ କୌଶଳ ପ୍ରକାଶ କରିବାକୁ ଚାହଁ ନାହିଁ ?'

ବଳରାମ ପୁଣି ହାତଯୋଡ଼ି କହିଲା—'ମହାରାଜ, ଏହା ମୋର ନିଜସ୍ୱ ଗୁପ୍ତବିଦ୍ୟା । ଯଦି ଉପଯୁକ୍ତ ଶିଷ୍ୟ ପାଏ ତାକୁ ଶିଖାଇବି ।'

'ଭଲ । ତୁମେ ଏକା ଏହି ଲଘୁ କମାଣ କେତେ ତିଆରି କରିପାରିବ ?'

'ମାସକୁ ତିନିଟା ତିଆରି କରି ପାରିବି ।'

ରାଜା ସାମାନ୍ୟ ଚିନ୍ତା କରି କହିଲେ—'ତେବେ ତୁମର ଗୁପ୍ତବିଦ୍ୟା ଗୁପ୍ତ ହିଁ ରହୁ । ଅନ୍ତତଃ ଶତ୍ରୁପକ୍ଷ ଜାଣି ପାରିବେ ନାହିଁ ।'

ପରଦିନ ଉଷାକାଳରେ ରାଜା ବଳରାମ ଓ ଅର୍ଜୁନକୁ ସଙ୍ଗରେ ନେଇ ଦକ୍ଷିଣ ଜଙ୍ଗଲରେ ଉପସ୍ଥିତ ହେଲେ । ନାମମାତ୍ର ଜଙ୍ଗଲ, ରୌଦ୍ରଦଗ୍ଧ ଶୁଷ୍କ ଗଛପତ୍ର ପରେ ଶିଳାକୀର୍ଣ୍ଣ ଅସମ ଭୂମି । ତିନିଟି ମାଟିକଳସୀ ପାଖାପାଖି ଥୋଇ ବଳରାମ କଳସଠାରୁ ପଚାଶ ହାତ ଦୂରକୁ ଆସି ଲକ୍ଷ୍ୟଭେଦ ପାଇଁ ପ୍ରସ୍ତୁତ ହେଲା ।

ପ୍ରଥମେ ସେ କମାଣର ନଳ ମୁହଁ ଦେଇ ଅଧମୁଠା ବାରୁଦ ଭର୍ତ୍ତି କରି କ୍ଷୁଦ୍ର ଏକ-ଖଣ୍ଡ କାର୍ପାସ ନଳମୁହଁରେ ଠେଶିଦେଲା । କମାଣ ପଛପଟରେ ସୂକ୍ଷ୍ମ ଛିଦ୍ର ପଥରେ କିଛିଏ ବାରୁଦଗୁଣ୍ଡ ଦେଖାଗଲା । ତା'ପରେ ସେ ନଳ ମୁହଁରେ ମଟର ଭଳି କେତୋଟି ଲୁହାଗୁଳା ଭର୍ତ୍ତି କରି ପୁଣି କାର୍ପାସଖଣ୍ଡ ଦେଇ ମୁହଁ ବନ୍ଦ କଲା । କହିଲା—'ମହାରାଜ, କମାଣ ପ୍ରସ୍ତୁତ । ଏବେ ନିଆଁ ଦେଲେ ହିଁ ଗୁଳି ବାହାରିବ ।'

ରାଜା କହିଲେ—'ନିଆଁ ଦିଅ ।'

ବଳରାମ ଖଣ୍ଡେ ନଡ଼ିଆକତା ଦଉଡ଼ିରେ ନିଆଁ ଲଗାଇ ଆଣିଥିଲା । ସେ କଳସୀ ଆଡ଼କୁ ଲକ୍ଷ୍ୟ ସ୍ଥିର କରି କମାଣର ପଛରେ ଅଗ୍ନିସ୍ପର୍ଶ କଲା । ସଙ୍ଗେ ସଙ୍ଗେ ସଶଢେ କମାଣରୁ ଗୁଳି ବାହାରି ପଚାଶ ହାତ ଦୂରରେ ଥିବା ଛଅଟି କଳସୀକୁ ଚୂର୍ଣ୍ଣ କରିଦେଲା ।

ରାଜା ସହର୍ଷେ ବଳରାମ କାନ୍ଧରେ ହାତ ରଖି କହିଲେ—'ଧନ୍ୟ ! ଆଜିଠାରୁ ଅର୍ଜ୍ଜୁନ ଭଳି ତୁମେ ମଧ୍ୟ ମୋର ଭୃତ୍ୟ ହେଲ । ଏଇ ଲଘୁ କମାଣ ମୁଁ ନେଲି ।

## —ଛଅ—

ସନ୍ଧ୍ୟା ପରେ କୁମାର କର୍ମନଙ୍କର ନୂତନ ପ୍ରାସାଦ ଦୀପମାଳାରେ ସଜ୍ଜିତ ହୋଇଥିଲା । ପ୍ରାସାଦର ତୋରଣ ଶୀର୍ଷରେ ଦଳେ ବାଦ୍ୟକାର ମଧୁର ବାଦ୍ୟଧ୍ୱନି କରୁଥିଲେ । ଗୃହ ପ୍ରବେଶର ଶୁଭ ମୁହୂର୍ତ୍ତ ସମାଗତ ।

ପ୍ରାସାଦକୁ ଏବେ ପୁରସ୍ତ୍ରୀମାନଙ୍କର ଶୁଭାଗମନ ହୋଇ ନାହିଁ । କେବଳ କେତେଜଣ ପରିଚାରକ ଭୃତ୍ୟ ଅଛନ୍ତି; ଆଉ ଅଛନ୍ତି ସ୍ୱୟଂ କୁମାର କର୍ମନ ।

ଅତିଥିମାନେ ଜଣ ଜଣ କରି ଆସିବାକୁ ଲାଗିଲେ । ସେମାନେ ସଂଖ୍ୟାରେ ବେଶୀ ନୁହଁନ୍ତି ମାତ୍ର ବାରଜଣ ।

କୁମାର କର୍ମନ ପରମ ସମାଦରର ସହ ସମସ୍ତଙ୍କୁ ଗୋଷ୍ଠାଗାରରେ ବସାଇଲେ । ତାଙ୍କ ମୁହଁର ଅମ୍ଳାନ ହସ ଉପରେ ମନର ଆରକ୍ତ ଛାୟା ପଡ଼ିଲା ନାହିଁ ।

ବାରଜଣ ସମବେତ ହେବା ପରେ କୁମାର କର୍ମନ କହିଲେ—'ମୁଁ ମାନସିକ କରିଛି ମୋ ଘରର ପ୍ରତ୍ୟେକ କକ୍ଷରେ ଜଣେ କରି ଅତିଥିଙ୍କୁ ଖୁଆଇବି । ତା'ହେଲେ ମୋର ସମସ୍ତ ଗୃହ ପବିତ୍ର ହେବ ।'

ଅତିଥିମାନେ ହସି ସମ୍ମତି ଜଣାଇଲେ । କୁମାର କର୍ମନ ଜଣଙ୍କୁ ଲକ୍ଷ୍ୟ କରି କହିଲେ—'ଜୀମୂତବାହନ ଭଦ୍ର, ଆପଣ ବୟୋଜ୍ୟେଷ୍ଠ, ଆପଣ ପ୍ରଥମେ ଆସନ୍ତୁ ।'

ବୟୋଜ୍ୟେଷ୍ଠ ଜୀମୂତବାହନ ଭଦ୍ର ଉଠି କୁମାର କର୍ମନଙ୍କର ଅନୁଗମନ କଲେ । ବାକି ଅନ୍ୟମାନେ ବସି ନିଜ ନିଜ ବୟସର ତୁଳନାତ୍ମକ ଆଲୋଚନା କରିବାକୁ ଲାଗିଲେ ।

କୁମାର କର୍ମନ ଅତିଥିଙ୍କୁ ଗୋଟିଏ କକ୍ଷକୁ ନେଇଗଲେ । ବସ୍ତ୍ର ଦୀପର ଆଲୋକରେ କକ୍ଷଟି ପ୍ରଭାନ୍ୱିତ, ଶଙ୍ଖଶୁଭ୍ର କୁଟ୍ଟିକମ ଉପରେ ଶ୍ୱେତପ୍ରସ୍ତରର ପୀଢ଼ା, ପୀଢ଼ା ସମ୍ମୁଖରେ ଅନ୍ନବ୍ୟଞ୍ଜନ ପରିପୂର୍ଣ୍ଣ ଥାଳ । ଦୁଇଜଣ ଭୃତ୍ୟ ଅଦୂରରେ ଦଣ୍ଡାୟମାନ । ଜଣକ ହାତରେ ପାନୀୟ ଓ ପାନପାତ୍ର, ଅନ୍ୟ ଜଣକ ଚାମର ଧରି ଅପେକ୍ଷା କରିଛି ।

କୁମାର ଅତିଥିଙ୍କୁ କହିଲେ—'ଆସନ ଗ୍ରହଣ କରନ୍ତୁ ଭଦ୍ର ।'

ଭଦ୍ର ପୀଢ଼ାରେ ଉପବିଷ୍ଟ ହେଲେ । କୁମାର କର୍ମନ କହିଲେ—'ପ୍ରଥମେ ଫଳାମ୍ଳ-ରସ ପାନକରନ୍ତୁ ଭଦ୍ର ।'

ଭୃତ୍ୟ ପାନପାତ୍ରରେ ପାନୀୟ ଢାଳି ଭଦ୍ରଙ୍କ ହାତକୁ ଦେଲା ; ଭଦ୍ର ପାନପାତ୍ର ମୁହଁରେ ଲଗାଇ ଏକା ନିଃଶ୍ୱାସକେ ପାନ କଲେ । ପାତ୍ର ଭୃତ୍ୟ ହାତରେ ପ୍ରତ୍ୟର୍ପଣ କରି ସେ କ୍ଷଣକାଳ ସ୍ଥିର ହୋଇ ରହିଲେ । ତା'ପରେ ଧୀରେ ଧୀରେ ଢଳି ପଡ଼ିଲେ ।

କୁମାର କମ୍ପନ ଅପଲକ ନେତ୍ରରେ ଅତିଥିଙ୍କୁ ନିରୀକ୍ଷଣ କରୁଥିଲେ; ତାଙ୍କ ମୁହଁରେ ହସ ଫୁଟିଲା । ଅବ୍ୟର୍ଥ ବିଷ, ବିଷବୈଦ୍ୟ ଯାହା କହିଥିଲେ ତାହା ମିଥ୍ୟା ନୁହେଁ । ସେ ଭୃତ୍ୟମାନଙ୍କୁ ଇଙ୍ଗିତ କଲେ । ଭୃତ୍ୟମାନେ ଅତିଥିଙ୍କ ମୃତଦେହ ଧରାଧରି କରି ପଛପଟ ଦ୍ୱାର ଦେଇ ପ୍ରସ୍ଥାନ କଲେ ।

କୁମାର କମ୍ପନଙ୍କ ମୁଣ୍ଡରେ ଧୀରେ ଧୀରେ ହତ୍ୟାର ମାଦକତା ବଢ଼ୁଛି, ଆଖିର ଦୃଷ୍ଟି ଈଷତ୍ ଅରୁଣାଭ ହୋଇଛି । ସେ ଅନ୍ୟ ଅତିଥିମାନଙ୍କ ନିକଟକୁ ଫେରିଗଲେ । ମଧୁର ହସ ହସି କହିଲେ -- 'ଭଦ୍ର କୁମାରପ୍ପା, ଏଥର ଆପଣ ଆସନ୍ତୁ ।'

କୁମାରପ୍ପା ମହାଶୟ ଗାତ୍ରୋତ୍ଥାନ କଲେ ।

ଏହିଭଳି ଭାବରେ କୁମାର କମ୍ପନ ଜଣକ ପରେ ଜଣେ ଅତିଥିଙ୍କର ସତ୍କାର କଲେ । ଏଇ କାମ ଶେଷ କରିବାକୁ ବେଶି ସମୟ ଲାଗିଲା ନାହିଁ ।

କୁମାର କମ୍ପନଙ୍କର ମୁଣ୍ଡରେ ରକ୍ତର ନିଶା ବଢ଼ୁଛି । ସେ ଚାରିଆଡ଼େ ରକ୍ତବର୍ଣ୍ଣ ଦେଖୁଛନ୍ତି । ସମସ୍ତ ଦେହ ରହି ରହି ଅସହ୍ୟ ଅଧୀରଭାବରେ ଛଟପଟ କରି ଉଠୁଛି । ରାଜା ଏପର୍ଯ୍ୟନ୍ତ କାହିଁକି ଆସୁନାହାନ୍ତି । ତେବେ କ'ଣ ଆସିବେ ନାହିଁ ! ଯଦି ନ ଆସନ୍ତି ? ଗୃହରେ ଭୃତ୍ୟମାନଙ୍କ ଛଡ଼ା ଆଉ କେହି ନାହାନ୍ତି । ଅନ୍ୟ କେହି ଆସିବେ ନାହିଁ । ଯେଉଁମାନେ ଆସିଥିଲେ ସେମାନେ ନିଃଶେଷ ହୋଇଛନ୍ତି । ବାକି କେବଳ ରାଜା । ରାଜା ଯଦି କିଛି ସନ୍ଦେହ କରିଥାନ୍ତି ସେ ଆସିବେ ନାହିଁ । ଲକ୍ଷ୍ମଣ ମଲ୍ଲପ ଆସି ନାହିଁ, ହୁଏତ ଲକ୍ଷ୍ମଣ ମଲ୍ଲପ ରାଜାଙ୍କୁ ସତର୍କ କରି ଦେଇଛି— !

କୁମାର କମ୍ପନଙ୍କ ମୁଣ୍ଡରେ ରକ୍ତସ୍ରୋତ ବହୁଥିଲା । ଅଧିକ ସୂକ୍ଷ୍ମ ଚିନ୍ତା କରିବାର ଶକ୍ତି ତାଙ୍କର ନଥିଲା । ରାଜା ଯଦି ନ ଆସେ ତେବେ ମୁଁ ତା' ନିକଟକୁ ଯିବି । ସେ ଏଇ ସମୟରେ ବିରାମ କକ୍ଷରେ ଥାଏ । ଯଦିବା ଲକ୍ଷ୍ମଣ ମଲ୍ଲପ ସାଙ୍ଗରେ ଥାଏ, ତେବେ ଏକ ସଙ୍ଗେ ଦୁଇଜଣଙ୍କୁ ହତ୍ୟା କରିବି ।

ଭୃତ୍ୟମାନଙ୍କୁ ସାବଧାନ କରିଦେଇ କୁମାର କମ୍ପନ ଗୋଟିଏ ଶ୍ରେଷ୍ଠ ଛୁରି କଟିବସ୍ତ୍ରରେ ବାନ୍ଧିଲେ; ତା'ପରେ ଗୃହରୁ ବାହାରିଲେ, ତୋରଣ ଶୀର୍ଷରେ ମଧୁର ବାଦ୍ୟଧ୍ୱନି ଚାଲିଥିଲା ।

ତୋରଣ ବାହାରକୁ ଆସି ଗୋଟିଏ କଥା କୁମାରଙ୍କ ମନେପଡ଼ିଲା, ସେ ଠିଆ ହୋଇପଡ଼ିଲେ । ବୃଦ୍ଧ ପିତା ବିଜୟ ରାୟ । ସେ କନିଷ୍ଠ ପୁତ୍ରକୁ ଦେଖିପାରନ୍ତି ନାହିଁ । ସେ ଯଦି ବଞ୍ଚି ରହନ୍ତି, ତେବେ ନାନା ଅନର୍ଥ ଘଟାଇବେ । ତେଣୁ ତାଙ୍କୁ ହିଁ ସର୍ବାଗ୍ରେ ବିନାଶ କରିବା ପ୍ରୟୋଜନ ।

ରାଜ-ପିତା ବିଜୟ ରାୟଙ୍କ ଭବନ ବେଶି ଦୂର ନୁହେ । କୁମାର କମ୍ପନ ସେଇ-ଆଡ଼କୁ ଚାଲିଲେ ।

ବିଜୟ ରାୟଙ୍କ ଭବନରେ ପହରା ବ୍ୟବସ୍ଥା ନାମମାତ୍ର । ଭବନ-ଦାସୀଙ୍କ ସଂଖ୍ୟା ମଧ୍ୟ ବେଶି ନୁହେଁ । ବୃଦ୍ଧ ଭିଡ଼ ଭଲପାଆନ୍ତି ନାହିଁ । ତୋରଣ-ଦ୍ୱାର ନିକଟରେ ଦୁଇଜଣ ପ୍ରହରୀ ଦୁଇଜଣ ଭବନ-ଦାସୀଙ୍କ ସହିତ ରସାଳାପରେ ମଗ୍ନ । କୁମାର କମ୍ପନଙ୍କୁ ଦେଖି ସେମାନେ ସସମ୍ଭ୍ରମରେ ଉଠି ଠିଆହେଲେ । କୁମାର କମ୍ପନ ପିତୃଭବନକୁ ପ୍ରାୟ ଆସନ୍ତି ନାହିଁ ।

ସେ କୁଆଡ଼କୁ ଭ୍ରୂକ୍ଷେପ ନ କରି ଭବନରେ ପ୍ରବେଶ କଲେ । ଭୃତ୍ୟମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଠିଆ ହୋଇ ରହିଲେ । ପୁତ୍ର ପିତାଙ୍କ ସହିତ ସାକ୍ଷାତ କରିବାକୁ ଆସିଛନ୍ତି, ଏଥିରେ ଆଶଙ୍କାର କଥା କିଛି ନାହିଁ । ସେମାନେ ଭାବିବାକୁ ଲାଗିଲେ ଶିଷ୍ଟାଚାରର କୌଣସି ତ୍ରୁଟି ରହିଲା କି ନାହିଁ ।

ଭବନର ଦ୍ୱିତଳରେ ବସି ବିଜୟ ରାୟ ସେତେବେଳେ ଏକ ନୂଆ ମିଷ୍ଟାନ୍ନ ପ୍ରସ୍ତୁତ କରୁଥିଲେ । ସଅଚୂନା ତାଳରସରେ ଟିକଟି ପିଣ୍ଡଖୀର ସହ ସିଝାଇ ଉତ୍ତମ କଡ଼ୁ ହୁଏ କି ନା ପରୀକ୍ଷା କରୁଥିଲେ । ଏହିଭଳି ସମୟରେ କମ୍ପନ ଯାଇ ଠିଆ ହେଲେ ।

ବିଜୟ ରାୟ ମୁଣ୍ଡ ଉଠାଇ ଭ୍ରୂକୁଟି କଲେ ଏବଂ କହିଲେ—'କମ୍ପନ ! କ'ଣ ଚାହ ?'

କୁମାର କମ୍ପନ ଉତ୍ତର ଦେଲେ ନାହିଁ । କ୍ଷିପ୍ର ହସ୍ତରେ କଟୀରୁ ଛୁରି ବାହାରକରି ପିତାଙ୍କ ବକ୍ଷରେ ଆଘାତ କଲେ । ଛୁରି ପିଞ୍ଜରାହାଡ଼ ମଧ୍ୟ ଦେଇ ହୃତ୍ପିଣ୍ଡରେ ପ୍ରବେଶ କଲା । ବିଜୟ ରାୟ ଚିତ୍ ହୋଇ ପଡ଼ିଗଲେ । ତାଙ୍କ ମୁହଁରୁ କେବଳ ଏକ ଯନ୍ତ୍ର-ବିସ୍ମିତ ଶବ୍ଦ ବାହାରିଲା—'ଅଧମ !' ତା' ପରେ ତାଙ୍କ ଡୋଳା ଓଲଟି ପଡ଼ିଲା ।

କମ୍ପନ ତାଙ୍କ ବକ୍ଷରୁ ଛୁରି ବାହାର କରି ପୁଣି କଟୀରେ ରଖିଲେ । ପିତାଙ୍କ ମୁଖ ଆଡ଼ ନ ଅନାଇ ଦ୍ରୁତ ଓହ୍ଲାଇ ଚାଲିଲେ ।

ସୂର୍ଯ୍ୟାସ୍ତକାଳରେ ଅଭ୍ୟାସବଶତଃ ଅର୍ଜ୍ଜୁନ ସଭାଗୃହର ପ୍ରାଙ୍ଗଣକୁ ଆସିଥିଲା । ଅଭ୍ୟାସାନୁସାରେ ଲଉଡି ଦୁଇଟି ମଧ୍ୟ ତା' ସଙ୍ଗରେ ଥିଲା । କ୍ରମେ ସନ୍ଧ୍ୟା ହେଲା । ମହାରାଜ ସଭାଭଙ୍ଗ କରି ଦୋତାଲାକୁ ପ୍ରସ୍ଥାନ କଲେ । ତେବେ ମଧ୍ୟ ଅର୍ଜ୍ଜୁନ ପ୍ରାଙ୍ଗଣରେ ବୁଲାବୁଲି କରିବାକୁ ଲାଗିଲା । ରାଜାଙ୍କ ସହିତ ସାକ୍ଷାତ କରିବାର କୌଣସି କାରଣ ନଥିଲା, ରାଜା ତାକୁ ଡାକି ନାହାନ୍ତି; କିନ୍ତୁ ତା'ର ମନ ତଥାପି ଗୃହାକୁ ଫେରିଯିବାକୁ ଚାହୁଁଲା ନାହିଁ । ଏଇ ଗୃହରେ ବିଦ୍ୟୁନ୍ମାଳା ଅଛନ୍ତି—ସେଥିପାଇଁ କ'ଣ ନିଜ ଅଜ୍ଞାତସାରରେ ଏଇ ଗୃହର ଛାୟା ତ୍ୟାଗ କରିପାରୁ ନାହିଁ ? ଅକାରଣରେ ଘୂରି ବୁଲୁଛି । ମଣିଷର ମନ ଦୁର୍ଜ୍ଜେୟ । ମଣିଷକୁ ମନ କେତେବେଳେ କେଉଁଆଡ଼େ ଟାଣୁଛି, କୁଆଡ଼କୁ ଠେଲୁଛି, କିଛି ବୁଝାଯାଏ ନାହିଁ ।

ଜହ୍ନ ଉଇଁଲଣି । ପ୍ରାଙ୍ଗଣ ଜନଶୂନ୍ୟ ହୋଇଗଲାଣି । ସହସା ଅର୍ଜ୍ଜୁନ ଦେଖିଲା କୁମାର କମ୍ପନ ଆସୁଛନ୍ତି । ତା'ର ଗତିବିଧିରେ ଅସ୍ୱାଭାବିକ ବ୍ୟଗ୍ରତା ପ୍ରକାଶ ପାଉଛି । ସେ ଅର୍ଜ୍ଜୁନକୁ ଅନାଇଲେ ନାହିଁ । ସଭାଗୃହର ଦ୍ୱାର ଆଡ଼କୁ ଅଗ୍ରସର ହେଲେ । ଅର୍ଜ୍ଜୁନ ଆଶ୍ଚର୍ଯ୍ୟ ହୋଇ ଦେଖିଲା ତାଙ୍କ କଟିଦେଶରେ ଗୋଟିଏ ଛୁରି ଆବଦ୍ଧ ହୋଇ ରହିଛି । କମ୍ପନ ଅବଶ୍ୟ ରାଜାଙ୍କ ସହିତ ଦେଖା କରିବାକୁ ଯାଉଛନ୍ତି, କିନ୍ତୁ ସାଙ୍ଗରେ ଛୁରି କାହିଁକି ? ଅସ୍ତ୍ର ନେଇ ରାଜାଙ୍କ ଆଗକୁ ଯିବା ମନା । ବିଦ୍ୟୁତ୍ ବେଗରେ କେତେକ ଚିନ୍ତା ତା' ମୁଣ୍ଡରେ ଖେଳିଗଲା ।

କୁମାର କମ୍ପନ ଦ୍ରୁତପାଦରେ ସିଡ଼ି ଉଠିବାକୁ ଲାଗିଲେ । ସିଡ଼ିର ପ୍ରତିହାରିଣୀମାନେ ବାଧା ଦେଲେ ନାହିଁ । କାରଣ ରାଜାଙ୍କ ନିକଟ କମ୍ପନଙ୍କର ଅବାଧ ଗତି ।

କମ୍ପନ ରାଜାଙ୍କ ବିଶ୍ରାମକକ୍ଷରେ ପ୍ରବେଶ କରି ଦେଖିଲେ ଦୀପାଲୋକରେ ଆଲୋକିତ କକ୍ଷରେ ଅନ୍ୟ କେହି ନାହାନ୍ତି । ରାଜା ପଲଙ୍କରେ ଶୋଇ ଆଖି ବୁଜିଛନ୍ତି । ବୋଧହୁଏ ନିଦ୍ରିତ । କମ୍ପନ କ୍ଷିପ୍ର ପାଦରେ ସେଇଆଡ଼କୁ ଗଲେ ।

ରାଜା କିନ୍ତୁ ନିଦ୍ରା ଯାଇ ନ ଥିଲେ । ଆଖିବୁଜି ରାଜ୍ୟର ଚିନ୍ତା କରୁଥିଲେ । ପାଦଶବ୍ଦ ଶୁଣି ଆଖିଖୋଲି ଉଠି ବସିଲେ । କମ୍ପନର ହାବଭାବ ସ୍ୱାଭାବିକ ନୁହେଁ । ରାଜା ସାମାନ୍ୟ ବିସ୍ମିତ ସ୍ୱରରେ କହିଲେ—'କମ୍ପନ ! କ'ଣ ଚାହୁଁ ? ସେ ଗୃହ ପ୍ରବେଶର କଥାକୁ ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ ।

କମ୍ପନର ହିଂସ୍ର ମୁହଁରେ ହସ ଫୁଟିଲା । ସେ ଛୁରି ହାତରେ ନେଇ କହିଲେ—'ରାଜ୍ୟ ଚାହେଁ ।'

ତା'ପରେ ଯାହା ଘଟିଲା ତାହା ପ୍ରାୟ ନିଃଶବ୍ଦରେ ଘଟିଲା । ରାଜା ନିରସ୍ତ୍ର ବସିଅଛନ୍ତି । କୁମାର କମ୍ପନ ତାଙ୍କ ଗଳା ଲକ୍ଷ୍ୟ କରି ଛୁରି ଚଳାଇଲେ । ରାଜା ଆତ୍ମରକ୍ଷା

ପାଇଁ ବାମବାହୁ ଉଠାଇଲେ । ତୁରନ୍ତ ବାହୁରେ ଶବ୍ଦ ହେଲା । ପ୍ରଥମବାର ବ୍ୟର୍ଥ ହୋଇ ପୁଣି ଛୁରି ଉଠାଇଲେ । କିନ୍ତୁ ଏଥର ଆଉ ତାଙ୍କୁ ଛୁରି ଚଳାଇବାକୁ ହେଲାନାହିଁ । ଅକସ୍ମାତ୍ ପଛରୁ ତୀକ୍ଷ୍ଣ ଭଲ୍ଲ ଆସି ତାଙ୍କର ଗ୍ରୀବା ମୂଳରେ ବିଦ୍ଧ ହେଲା । କର୍ମନ କୌଣସି ଶବ୍ଦ ନ କରି ପଲଙ୍କ ପାଖରେ ପଡ଼ିଗଲେ ।

ରାଜା ମଧ୍ୟ କୌଣସି ଉଚ୍ଚାରଣ ନ କରି ଏକ ଦୃଷ୍ଟିରେ ମୃତ ଭ୍ରାତା ଆଡ଼କୁ ଚାହିଁ ରହିଲେ । ତାଙ୍କ ବାହୁରୁ ଗଳ ଗଳ ହୋଇ ରକ୍ତ ଝରି ପଡ଼ୁଥିଲା ।

'ମହାରାଜ ! ଆପଣ ଆହତ !'

ରାଜା ଅର୍ଜ୍ଜୁନ ଆଡ଼କୁ ଆଖି ତୋଳିଲେ । ଅର୍ଜ୍ଜୁନ ଦେଖିଲା ରାଜାଙ୍କ ଆଖି ଅଶ୍ରୁସିକ୍ତ ।

ରାଜା କଣ୍ଠସ୍ୱର ସଂଯତ କରୁ କରୁ କହିଲେ—'ଅର୍ଜ୍ଜୁନ, ତୁମେ ମୋର ଜୀବନ ରକ୍ଷା କରିଛ ।'

ଅର୍ଜ୍ଜୁନ ନୀରବ ରହିଲା ।

ଏଇ ସମୟରେ ପିଙ୍ଗଳା କକ୍ଷରେ ପ୍ରବେଶ କଲା । ରାଜାଙ୍କ ରକ୍ତାକ୍ତ ଦେହ ଦେଖି ଚିତ୍କାର କରି ଉଠିଲା – 'ଏ କ'ଣ, ମହାରାଜ ଆହତ ! କିଏ ଏ କାମ କଲା ? ଆରେ ତୁମେ କିଏ କେଉଁଠି ଅଛ ଦୌଡ଼ି ଆସ—'

ବିଭିନ୍ନ ଦ୍ୱାର ଦେଇ କଞ୍ଚୁକୀ ପାଚକ ପ୍ରହରଣୀ ଅନେକ ଲୋକ କକ୍ଷକୁ ଆସିଲେ ଏବଂ ରାଜାଙ୍କ ରକ୍ତମଖା ଦେହ ଦେଖି ସ୍ତମ୍ଭିତ ପାଲଟି ଗଲେ ।

ରାଜା ସମସ୍ତଙ୍କୁ ସମ୍ବୋଧନ କରି କହିଲେ—'କର୍ମନ ମୋତେ ହତ୍ୟା କରିବାକୁ ଆସିଥିଲା, ଅର୍ଜ୍ଜୁନ ମୋର ପ୍ରାଣ ବଞ୍ଚାଇଛି । ମୋର ଆଘାତ ମାରାତ୍ମକ ନୁହେଁ । ତେବେ ତୁରନ୍ତରେ ଯଦି କିଛି ଆଏ—'

ମଣିକଙ୍କଣା ପିଙ୍ଗଳାର ଚିତ୍କାର ଶୁଣି କକ୍ଷରେ ପ୍ରବେଶ କରିଥିଲା, ଏବେ ଛୁଟି ଆସି ରାଜାଙ୍କୁ ଦୁଇ ହାତରେ କୁଣ୍ଢାଇ ଧରିଲା । ତା'ପରେ ଶୀଘ୍ର ତା'ର ନିଜର ଲୁଗାକୁ ଛିଡ଼ାଇ ରାଜାଙ୍କ ବାହୁର ଉପର ପଟରେ ଶକ୍ତ କରି ବାନ୍ଧିଦେଲା । ଗଳାଦଶ୍ରୁ ନେତ୍ରରେ ବ୍ୟାକୁଳ କଣ୍ଠରେ କହିବାକୁ ଲାଗିଲା—'ଆର୍ଯ୍ୟପୁତ୍ର ! ଏ କ'ଣ ହେଲା···ଏ କ'ଣ ହେଲା—'

ଧନ୍ନାୟକ ଲକ୍ଷ୍ମଣ ମଲ୍ଲପ ରାଜାଙ୍କ ସହିତ ଦେଖା କରିବାକୁ ଆସୁଥିଲେ । କକ୍ଷର ଭିଡ଼ ଠେଲି ଆଗକୁ ଆସିଲେ । ରାଜାଙ୍କ ଅବସ୍ଥା ଓ କୁମାର କର୍ମନଙ୍କର ମୃତଦେହ ଦେଖି

ସଙ୍ଗେ ସଙ୍ଗେ ଘଣ୍ଟଣି ବୁଝିଗଲେ । ରାଜାଙ୍କ ତାଙ୍କର ଦୃଷ୍ଟି ବିନିମୟ ହେଲା । ରାଜା କରୁଣ ହସ ହସି ଯେପରି ତାଙ୍କୁ ଜଣାଇଲେ—ତୁମର ସନ୍ଦେହ ହିଁ ସତ୍ୟ ।

ମୁହୂର୍ତ୍ତକ ମଧ୍ୟରେ ଲକ୍ଷ୍ମଣ ମଲ୍ଲପ ତାଙ୍କ କର୍ତ୍ତବ୍ୟ ସ୍ଥିର କରିନେଲେ । ତାଙ୍କର ଆକୃତି ଭିନ୍ନମୂର୍ତ୍ତି ଧାରଣ କଲା । ସେ ସମସ୍ତଙ୍କ ପ୍ରତି ଆଦେଶ ଦେଲେ —'ତୁମେମାନେ ଏଠାରେ କ'ଣ କରୁଛ ? ଯାଅ, ନିଜ ନିଜ ସ୍ଥାନକୁ ଫେରିଯାଅ । ପିଙ୍ଗଳା, ତୁମେ ଶୀଘ୍ର ଯାଇ ବୈଦ୍ୟରାଜଙ୍କୁ ଡାକିଆଣ । ଅର୍ଜୁନ, ତୁମେ ଯାଅନାହିଁ, ତୁମର ପ୍ରୟୋଜନ ଅଛି ।'

କକ୍ଷ ଶୂନ୍ୟ ହୋଇଗଲା । କେବଳ ମଣିକଙ୍କଣା ଓ ଅର୍ଜୁନ ରହିଲେ । ବଦ୍ୟୁନ୍ମାଳା ମଧ୍ୟ କକ୍ଷକୁ ଆସିଥିଲେ । ଏଇ ଦୃଶ୍ୟ ଦେଖି ନିଜ କକ୍ଷକୁ ଫେରିଯାଇ ଦୁଇ ହାତରେ ମୁହଁ ଢାଙ୍କି ଶଯ୍ୟା ନିକଟରେ ବସିଥିଲେ ।

ଲକ୍ଷ୍ମଣ ମଲ୍ଲପ ମଣିକଙ୍କଣାକୁ କହିଲେ—'ଦେବୀ, ଆପଣ ଏବେ ନିଜ କକ୍ଷକୁ ଫେରିଯାଆନ୍ତୁ । ଆଉ କୌଣସି ଭୟ ନାହିଁ ।'

ମଣିକଙ୍କଣା ଉଠିଲା ନାହିଁ । ରାଜାଙ୍କ ପିଠିରେ ହାତ ପକାଇ ଦୃଢ଼ସ୍ୱରରେ କହିଲା—'ମୁଁ ଯିବି ନାହିଁ ।'

ଭୟଙ୍କର ବାର୍ତ୍ତା ମୁହେଁ ମୁହେଁ ରାଜଧାନୀର ସର୍ବତ୍ର ପରିବ୍ୟାପ୍ତ ହୋଇଗଲା । ରାଣୀମାନଙ୍କ କାନରେ ସମ୍ବାଦ ପହଞ୍ଚିଲା । ସେମାନେ ରାଜାଙ୍କୁ ଦେଖିବାକୁ ବ୍ୟାକୁଳ ହୋଇଥିଲେ; କିନ୍ତୁ ରାଜାଙ୍କ ଅନୁମତି ବ୍ୟତୀତ ସେମାନଙ୍କର ବାହାରକୁ ଆସିବାର ଅଧିକାର ନାହିଁ । ସମସ୍ତେ ନିଜ ନିଜ ପ୍ରାସାଦରେ ଆବଦ୍ଧ ହୋଇ ରହିଲେ । ଦେବୀ ପଦ୍ମାଳୟ ପ୍ରାପସ୍ଥାନ କକ୍ଷରେ ପୁତ୍ର ମଲ୍ଲିକାର୍ଜୁନଙ୍କୁ କୋଳରେ ଧରି ପାଷାଣ ମୂର୍ତ୍ତି ଭଳି ବସି ରହିଲେ ।

ବୈଦ୍ୟରାଜ ଦାମୋଦର ସ୍ୱାମୀଙ୍କ ଗୃହ ରାଜପୁରୀ ମଧ୍ୟରେ । ସେଦିନ ସନ୍ଧ୍ୟା ପରେ ରସରାଜ ମହାଶୟ ତାଙ୍କ ଗୃହରେ ଉପସ୍ଥିତ ହୋଇଥିଲେ । ଦୁଇ ବୃଦ୍ଧଙ୍କ ମଧ୍ୟରେ ବନ୍ଧୁତ୍ୱ ଗାଢ଼ ହୋଇଥିଲା । ଦୁଇଜଣ ସାମନାସାମନି ବସି ଦ୍ରାକ୍ଷାରସ ପାନ କରୁଥିଲେ । ମୃଦୁମନ୍ଦ ବାର୍ତ୍ତାଳାପ ଚାଲିଥିଲା । ଏପରି ସମୟରେ ପିଙ୍ଗଳା ବିଦ୍ୟୁତ୍ ଭଳି ଆସି ଦୁଃସମ୍ବାଦ ଦେଲା । ଦୁଇ ବୃଦ୍ଧ ପରସ୍ପର ହାତଧରି ଉଠିପଡ଼ି ରାଜଭବନ ଆଡ଼କୁ ଛୁଟିଲେ । ପିଙ୍ଗଳା ଔଷଧ-ପେଟରା ଧରି ସଙ୍ଗରେ ଆସିଲା ।

ସେତେବେଳକୁ ରାଜାଙ୍କ ବିଶ୍ରାମକକ୍ଷରୁ କମ୍ପନର ମୃତଦେହ ଅପସାରିତ ହୋଇଛି । ଏହା ମଧ୍ୟରେ ପିତା ଓ ବାରଜଣ ସହୋଦରମାନଙ୍କର ମୃତ୍ୟୁ ସମ୍ବାଦ ରାଜା ପାଇଛନ୍ତି । ସେ ଅବସନ୍ନ ଦେହର ଭର ମଣିବନ୍ଧ ଉପରେ ନ୍ୟସ୍ତ କରି ମୁହ୍ୟମାଣ ଭାବରେ ବସି ଅଛନ୍ତି । କ୍ଷତରୁ ଅଳ୍ପ ଅଳ୍ପ ରକ୍ତ ବାହାରୁଛି ।

ଦାମୋଦର ଓ ହସ୍ତହସ୍ତି ରହରାଜ ଦ୍ରୁତ ସ୍ଖଳିତ ପଦରେ ପ୍ରବେଶ କଲେ । ଦାମୋଦର ହାତ ଟେକି କହିଲେ—'ଜୟ ଧନ୍ୱନ୍ତରି ! କୌଣସି ଭୟ ନାହିଁ । ସ୍ୱସ୍ତି ସ୍ୱସ୍ତି ।'

ସେ ପଲଙ୍କରେ ରାଜାଙ୍କ ନିକଟରେ ବସି କ୍ଷତ ସ୍ଥାନ ପରୀକ୍ଷା କଲେ । ତା'ପରେ ରାଜାଙ୍କ ଦକ୍ଷିଣ ମଣିବନ୍ଧରେ ଅଙ୍ଗୁଳି ଦେଇ ନାଡ଼ୀ ପରୀକ୍ଷାରେ ଧ୍ୟାନସ୍ଥ ହେଲେ ।

କିଛିକ୍ଷଣ ପରେ ସେ ମୁଣ୍ଡହଲାଇ ଆଖି ଖୋଲିଲେ । 'ନା, ଆଶଙ୍କାର କୌଣସି କାରଣ ନାହିଁ । ନାଡ଼ୀ ସାମାନ୍ୟ ଦମିତ, କିନ୍ତୁ ବିପଜ୍ଜିହ୍ୱାର କୌଣସି ଲକ୍ଷଣ ନାହିଁ । ରହରାଜ ମହାଶୟ, ଆପଣ ଦେଖନ୍ତୁ ।'

ରହରାଜ ରାଜାଙ୍କ ନାଡ଼ୀ ଦେଖିଲେ । ତା'ପରେ ଆନନ୍ଦରେ କହିଲେ— 'ବୈଦ୍ୟରାଜ ଯଥାର୍ଥ କହିଛନ୍ତି । ରାଜାଙ୍କ ଦେହରେ ସାମାନ୍ୟତମ ବିଷର ପ୍ରକୋପ ନାହିଁ । ସ୍ୱସ୍ତି ସ୍ୱସ୍ତି । ଏବେ କ୍ଷତ ସ୍ଥାନରେ ପ୍ରଲେପର ବନ୍ଦୋବସ୍ତ କଲେ ରାଜା ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରିବେ ।'

ତା'ପରେ କ୍ଷତ ଚିକିତ୍ସାର ଉଦ୍ୟମ ହେଲା । ବନ୍ଧାହୋଇଥିବା ଲୁଗା ଖୋଲି-ଦେଇ କ୍ଷତସ୍ଥାନ ପରିଷ୍କାର ହେଲା । ଦାମୋଦର ସ୍ୱାମୀ ସେଥିରେ ଶତଧୌତ ଘୃତର ପ୍ରଲେପ ଲଗାଇଲେ । କ୍ଷତସ୍ଥାନ ବାନ୍ଧିଲେ ନାହିଁ । ତା'ପରେ ରାଜାଙ୍କୁ ଔଷଧ ପିଆଇ ପୁଣି ନାଡ଼ୀ ପରୀକ୍ଷାପୂର୍ବକ ନାଡ଼ୀର ଉନ୍ନତି ଲକ୍ଷ୍ୟକରି ଆନନ୍ଦରେ ବହୁ ଆଶୀର୍ବାଦ ଆବୃତ୍ତି କରୁ କରୁ ରାତି ପାଇଁ ପ୍ରସ୍ଥାନ କଲେ ।

ଲକ୍ଷ୍ମଣ ମଲ୍ଲପ ଅର୍ଜ୍ଜୁନ ସହିତ କକ୍ଷର ଗୋଟିଏ କଣରେ ଠିଆ ହୋଇଥିଲେ । ଏବେ ରାଜାଙ୍କ ପଲଙ୍କ ନିକଟକୁ ଆସି ଠିଆ ହୋଇ କହିଲେ—'ଅର୍ଜ୍ଜୁନକୁ ମଧ୍ୟମ କୁମାରଙ୍କ ଶିବିରକୁ ପଠାଉଛି । ସେ ଦୂରରେ ଅଛନ୍ତି । ହୁଏତ ଅନ୍ୟମାନଙ୍କ ମୁହଁରୁ ବିକୃତ ଖବର ଶୁଣି ବିଚଳିତ ହେବେ ।'

ରାଜା ଦୀର୍ଘଶ୍ୱାସ ପକାଇ କହିଲେ – ତାହାହିଁ କରନ୍ତୁ । କ'ଣ ହୋଇଗଲା ! କମ୍ପନ ପିତାଙ୍କ ପର୍ଯ୍ୟନ୍ତ— । ଅର୍ଜ୍ଜୁନ, ତୁମେ କେଉଁଠି ଥିଲ ? କିଭଳି ଠିକ୍ ସମୟରେ ଉପସ୍ଥିତ ହେଲ ?'

ଅର୍ଜ୍ଜୁନ କହିଲା—'ଆର୍ଯ୍ୟ, ମୁଁ ପ୍ରାଙ୍ଗଣରେ ଥିଲି । କୁମାର କମ୍ପନଙ୍କୁ ଆସିବାର ଦେଖିଲି । ତାଙ୍କ ଭାବଭଙ୍ଗୀ ଭଲ ଲାଗିଲା ନାହିଁ । ତାଙ୍କ କଟୀରେ ଛୁରି ଦେଖି ସନ୍ଦେହ ହେଲା । ତେଣୁ ତାଙ୍କର ଅନୁସରଣ କଲି । ତାଙ୍କର ଅଭିସନ୍ଧି ସଠିକ ବୁଝିପାରି ନଥିଲି । ବୁଝିପାରିଥିଲେ ମହାରାଜ ଅକ୍ଷତ ଥାଆନ୍ତେ ।'

ରାଜା କିଛି ସମୟ ନୀରବ ରହି କହିଲେ—'ହୁକ୍କ-ବୁକ୍କଙ୍କ ଆବିର୍ଭାବ ମିଥ୍ୟା ନୁହେଁ । ହୁଏତ ଏଇଥିପାଇଁ ଆସିଥିଲେ ! ଅର୍ଜ୍ଜୁନ, ଆଜି ତୁମେ ଯୁଆଡ଼େ ଯାଉଛ ଯାଅ । ଏଇ ମୁଦି ନିଅ । ବିଜୟଙ୍କୁ ଦେଖାଇବ । ତା'ପରେ ତାଙ୍କୁ ସବୁ କଥା ମୁହଁରେ କୁହ । ଆଜି ଫେରିଆସି ତୁମେ ମୋର ଦେହରକ୍ଷୀ କାମ କରିବ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମୋର ପ୍ରାଣରକ୍ଷାର ଭାର ତୁମର ।'

ଅର୍ଜ୍ଜୁନ ନତ ହୋଇ ହାତଯୋଡ଼ି ରାଜାଙ୍କୁ ପ୍ରଣାମ କଲା । ଅଳ୍ପ ସମୟ ମଧ୍ୟରେ ମନ୍ତ୍ରୀ ତାକୁ ନେଇ ପ୍ରସ୍ଥାନ କଲେ ।

ମଣିକଙ୍କଣା ରାଜାଙ୍କୁ ଛାଡ଼ି ଯିବାକୁ ରାଜିହେଲେ ନାହିଁ । ରାତିରେ ସେ ଓ ପିଙ୍ଗଳା ରାଜାଙ୍କ ପାଖରେ ରହିଲେ ।

# ଚତୁର୍ଥ ପର୍ବ

## —ଏକ—

ରାଜାଙ୍କ ପ୍ରତି ଆକ୍ରମଣରେ ସମ୍ବାଦ ପ୍ରଚାରିତ ହେବାରୁ କିଛିଦିନ ଖୁବ୍ ଉତ୍ତେଜିତ ଆଲୋଡ଼ନ ଚାଲିଲା । ତା'ପରେ ଧୀରେ ଧୀରେ ଥଣ୍ଡା ପଡ଼ିଲା । ରାଜାଙ୍କ କ୍ଷତ ଦୁଇ ଚାରି ଦିନ ମଧ୍ୟରେ ଶୁଖିଗଲା । ସେ ନିୟମିତ ସଭାକୁ ଆସିବାରେ ଲାଗିଲେ । ରାଜ୍ୟର ଲୋକେ ନିଶ୍ଚିନ୍ତ ହେଲେ ।

କୁମାର କମ୍ପନଙ୍କ ମୃତଦେହ କୋଳରେ ରଖି ତାଙ୍କ ଦୁଇ ପତ୍ନୀ କୃଷ୍ଣା ଦେବୀ ଓ ଗିରିଜା ଦେବୀ ସହମୃତା ହେଲେ । ବିନା ଦୋଷରେ ଦୁଇ ଅଭାଗିନୀଙ୍କର ଅକାଳ ବିନାଶ ଘଟିଲା ।

ବିଜୟନଗରର ଜୀବନଯାତ୍ରା ପୁଣି ପୁରାତନ ପ୍ରଣାଳୀରେ ପ୍ରବାହିତ ହେବାକୁ ଲାଗିଲା । ଏଣେ ଆକାଶରେ ନୂଆ ବର୍ଷାର ସମ୍ଭାବନା ଦେଖାଦେଲଣି । କୁମାରୀ ବିଦ୍ୟୁନ୍ମାଳା ଯଥାରୀତି ପମ୍ପାପତି ମନ୍ଦିରକୁ ଯାଉଛନ୍ତି । ତାଙ୍କ ଅନ୍ତରରେ ହର୍ଷ ଓ ବିଷାଦ । ଶ୍ରାବଣମାସ ଦୁର୍ବାର ଗତିରେ ଅଗ୍ରସର ହେଉଛି । ସେ ଅର୍ଜ୍ଜୁନକୁ ନିକଟରେ ପାଇଛନ୍ତି । ଅର୍ଜ୍ଜୁନ ସାରା ଦିନ ରାଜାଙ୍କ ନିକଟରେ ଥାଏ, ରାଜା ସଭାକୁ ଗଲେ ତାଙ୍କ ପଛରେ ଯାଏ, ସିଂହାସନ ପଛରେ ଠିଆ ହୋଇ ରହେ । ସେ ବିଶ୍ରାମକକ୍ଷକୁ ଆସିଲେ, କେତେବେଳେ ସେ କକ୍ଷ ମଧ୍ୟରେ ଥାଏ, କେତେବେଳେ କକ୍ଷର ଆଖପାଖରେ ଅଳିନ୍ଦରେ, ଚତ୍ୱରରେ ଘୂରିବୁଲେ । ବିଦ୍ୟୁନ୍ମାଳାର ମନ ସର୍ବଦା ସେଇଆଡ଼େ ଥାଏ । ସେ ସୁଯୋଗ ଖୋଜି ବୁଲନ୍ତି । ଯେତେବେଳେ ଦେଖନ୍ତି ଅର୍ଜ୍ଜୁନ ଏକାକୀ ଅଳିନ୍ଦରେ ଅଛି, ସେତେବେଳେ ସେ ଧୀର ପଦରେ ଆସି ତାକୁ ସ୍ପର୍ଶ କରି ଯାଆନ୍ତି । ଧୀର କଣ୍ଠରେ ପଦେ ଦୁଇପଦ କଥା କହନ୍ତି । କିନ୍ତୁ ଏଇ ସୁଖ କ୍ଷଣିକ ପାଇଁ, ଏଥିରେ ଭବିଷ୍ୟତର ଆଶ୍ୱାସନା ନାହିଁ । ବିଦ୍ୟୁନ୍ମାଳାଙ୍କ ମନ ହର୍ଷ-ବିଷାଦରେ ଦୋଳାୟମାନ ରହେ ।

ମଣିକଙ୍କଣାଙ୍କ ଜୀବନରେ ନୂଆ ଏକ ଅଧ୍ୟାୟର ସୃଷ୍ଟି ହୋଇଛି । ପୂର୍ବେ ସେ ଲୁଚି ଲୁଚି ରାଜାଙ୍କୁ ଦେଖି ଯାଉଥିଲା । ଏବେ କିନ୍ତୁ ରାଜା ଯେତେବେଳେ ବିଶ୍ରାମ-କକ୍ଷକୁ ଆସନ୍ତି, ସେ ତାଙ୍କ ପାଖରେ ଆସି ବସେ । ରାଜାଙ୍କ ମନରେ ଆଘାତ ଲାଗିଛି । ପ୍ରାୟ ସେ ବିମନା ହୋଇ ବିଶ୍ୱାସଘାତକ ଭାଇ କଥା ଚିନ୍ତା କରନ୍ତି । ଲୋକଟା କୃତଘ୍ନ ଭାଇ ପାଇଁ ପ୍ରାଣ କାନ୍ଦେ । ମଣିକଙ୍କଣା ପଲଙ୍କ ପାଖରେ ବସି ନାନା ପ୍ରକାର ଗଳ୍ପ ଯୋଡ଼ିଦିଏ— କଳିଙ୍ଗ ଦେଶ କଥା, ପିତାମାତାଙ୍କ କଥା, ଆହୁରି ବିଭିନ୍ନ କଥା । ତା'ପରେ ପାନଡାଲା

ନେଇ ପାନଖିଲି ବସେ । ନିଜ ଦେଶର ବିଭିନ୍ନ ଉପକରଣ ଦେଇ ପାନଖିଲି ରାଜାଙ୍କୁ ଖୁଆଏ । ପିଙ୍ଗଳା କେତେବେଳେ ଘରକୁ ଆସିଲେ କୁହେ—'ତୁ ଯା, ମୁଁ ରାଜାଙ୍କ ପାଖରେ ଅଛି ।'

ମଣିକଙ୍କଣାର ସାନ୍ନିଧ୍ୟ ପାଇ ରାଜାଙ୍କ ମନ ଉତ୍ଫୁଲ୍ଲ ହୁଏ, ସେ କର୍ମନ କଥା ଭୁଲିଯାଆନ୍ତି ।

ପ୍ରତ୍ୟେକ ମଣିଷର ଅନ୍ତରରେ ଗୋଟିଏ ନିଭୃତ ରସ-ସତ୍ତା ଥାଏ । ରାଜାଙ୍କର ସେଇ ରସ-ସତ୍ତା ମଣିକଙ୍କଣାର ସାନ୍ନିଧ୍ୟରେ ଉନ୍ମୋଚିତ ହୁଏ । ମଣିକଙ୍କଣା ସହିତ ରାଜା ନିବିଡ଼ ଅନ୍ତରଙ୍ଗତା ଅନୁଭବ କରନ୍ତି । ଏହା ପତି-ପତ୍ନୀର ସ୍ୱାଭାବିକ ପ୍ରୀତିର ସମ୍ବନ୍ଧ ନୁହେଁ, ସେପରି ତାହା ଅପେକ୍ଷା ନିଗୂଢ଼-ଘନିଷ୍ଠ ଏକ ରସୋଲ୍ଲାସ ।

ଦିନେ ରାଜା ରହସ୍ୟ କରି କହିଲେ—'କଙ୍କଣା, ତୁମ ଭଉଣୀ ସଙ୍ଗେ ସଙ୍ଗେ ତୁମର ବିବାହ ମଧ୍ୟ ଦେବି ବୋଲି ସ୍ଥିର କରିଛି; କିନ୍ତୁ କାହା ସଙ୍ଗରେ ବିବାହ ଦେବି ସ୍ଥିର କରି ପାରୁନାହିଁ ।'

ମଣିକଙ୍କଣା କିଛିକ୍ଷଣ ଅବାକ ହୋଇ ରହିଲା । ତା' ପରେ କହିଲା—'ମୁଁ କାହାକୁ ଚାହେଁ, ମୁଁ ଜାଣେ ।'

ରାଜା ବୁଝିଲେ । ଥଟ୍ଟା କରି କହିଲେ—'କିନ୍ତୁ ତୁମେ ଯାହାକୁ ଚାହଁ, ସେ ଯଦି ତୁମକୁ ନ ଚାହେଁ ।'

ମଣିକଙ୍କଣା କହିଲା—'ତା' ହେଲେ ଚିରଜୀବନ କୁମାରୀ ରହିବି । ଦିନକୁ ଥରେ ଦେଖିବାକୁ ପାଇଲେ ହିଁ ଯଥେଷ୍ଟ ।'

ରାଜାଙ୍କ ହୃଦୟ ପ୍ରଗାଢ଼ ରସମାଧୁର୍ଯ୍ୟରେ ପୂର୍ଣ୍ଣହୋଇ ଉଠିଲା । ସେ ମଣିକଙ୍କଣାର ବେଣୀକୁ ଟିକିଏ ଟାଣି ଦେଇ କହିଲେ—'ଆଚ୍ଛା ଦେଖାଯିବ ।'

ଆଷାଢ଼ର ନୀଳଘନ ମେଘ ଦିନେ ଅପରାହ୍ଣରେ ଝଡ଼ ନେଇ ଆସି ପ୍ରବଳବେଗରେ କରକାପାତ କରି ଚାଲିଗଲା । ଚାରିଆଡ଼ ଶୀତଳ ହେଲା ।

ଦାମୋଦର ସ୍ୱାମୀ ନିଜ ଘରର ଅଗଣାରୁ କିଛି କରକା ଖଣ୍ଡ ଗୋଟାଇ ଖଣ୍ଡେ ଲୁଗାରେ ବାନ୍ଧି ରଖିଥିଲେ । ସନ୍ଧ୍ୟାକୁ ବାଡ଼ି ଧରି ଉଦୟରାଜ ଆସିଲେ । ଦାମୋଦର ସ୍ୱାମୀ କହିଲେ—'ଆସ ବନ୍ଧୁ, ଆଜି କରକା ଦେଇ ମାଧ୍ୱୀ ପାନ କରିଯାଅ ।'

ଦାମୋଦରଙ୍କର ସ୍ତ୍ରୀ-ପରିବାର ନାହାନ୍ତି । ଜଣେ ଯୁବତୀ ଦାସୀ ତାଙ୍କର ସେବା କରେ । ଦାସୀ ଆସି ଘରେ ଦୀପଜାଳି ମସିଣା ପକାଇଦେଇ ଗଲା । ଦୁଇବନ୍ଧୁ ମାଧ୍ୱୀର ଠେକି ନେଇ ବସିଲେ । ଦାମୋଦର କରକା ଖଣ୍ଡର ପୁଟୁଳି ଖୋଲିଲେ । କରକାଖଣ୍ଡ

ଗୁଡ଼ିକ ଜମାଟ ବାନ୍ଧିଯାଇ ଶୁଭ୍ର ବମ୍ବଫଳ ଆକାର ଧାରଣ କରିଛି । ସେ ସାବଧାନରେ ତାକୁ ନେଇ ମାଧ୍ୱୀ ଖଣ୍ଡରେ ପକାଇଦେଲେ । ମାଧ୍ୱୀ ଥଣ୍ଡା ହୋଇଗଲେ ଦୁହେଁ ପାନ କରିବାକୁ ଲାଗିଲେ ।

ଦାସୀ ଥାଳରେ ଆଣି ତେଲଛଣା ବରା ରଖିଦେଇ ଗଲା ।

ପାନାହାର ସଙ୍ଗେ ସଙ୍ଗେ କଥାବାର୍ତ୍ତା ଚାଲିଲା । କେବଳ ନିଦାନ ଶାସ୍ତ୍ରର ଆଲୋଚନା ନୁହେଁ, ମାଧ୍ୱୀର ମାଦକ ପ୍ରଭାବ ଯେତିକି ଯେତିକି ବଢ଼ିବାକୁ ଲାଗିଲା, ଦୁଇ ବନ୍ଧୁଙ୍କର ଜିହ୍ୱା ସେତିକି ସେତିକି ଚଞ୍ଚଳ ହୋଇ ଉଠିଲା । ରସ ପ୍ରସଙ୍ଗ ଆରମ୍ଭ ହେଲା । ରସରାଜ ଉତ୍କଳ-ତରୁଣୀମାନଙ୍କର ରତି-ଚାତୁର୍ଯ୍ୟ ବର୍ଣ୍ଣନା କଲେ, ପ୍ରତ୍ୟୁତ୍ତରରେ ଦାମୋଦର ସ୍ୱାମୀ କର୍ଣ୍ଣାଟକ କାମିନୀମାନଙ୍କର ବିଳାସ ବିଭ୍ରମ ଓ ରସନୈପୁଣ୍ୟର ଆଲୋଚନାରେ ପଞ୍ଚମୁଖ ହେଲେ ।

ରାତି ବଢ଼ିବାକୁ ଲାଗିଲା । ସୁଧାଖଣ୍ଡ ଶେଷ ହୋଇ ଆସିଲା । ଦୁଇଜଣଙ୍କ କାନରେ ଅପ୍‌ସରୀ ନୂପୁରର ରୁଣୁଝୁଣୁ ଶବ୍ଦ ବାଜିଯାଉଛି, କଣ୍ଠସ୍ୱର ଗଦ୍‌ଗଦ୍ । ରାଜା ରାଣୀମାନଙ୍କ ସମ୍ପର୍କରେ ଗୁପ୍ତକଥାର ଆଦାନ-ପ୍ରଦାନ ଆରମ୍ଭ ହୋଇଗଲା ।

ଦାମୋଦର ସ୍ୱାମୀ ଚୁପା ହସ ହସି କହିଲେ—'ବନ୍ଧୁ, ଗୋଟିଏ ଗୁପ୍ତ କଥା ଅଛି, ଯାହା ରାଜା ଆଉ ମୁଁ ଜାଣୁ, ଆଉ କେହି ଜାଣନ୍ତି ନାହିଁ ।'

ରସରାଜ ମଧୁଖଣ୍ଡଟିକୁ ଦୁଇ ହାତରେ ଧରି ନିଗାଡ଼ି ଶେଷ କରି କହିଲେ— 'ସତେ !'

ଦାମୋଦର କହିଲେ—'ହଁ । ରାଜାଙ୍କର ମଧ୍ୟମା ରାଣୀ ଅସୂର୍ଯ୍ୟମ୍ପଶ୍ୟା, ଶୁଣିଛ କି ?'

ରସରାଜ ପୁଣି କହିଲେ—'ସତେ ନା କ'ଣ ! କିନ୍ତୁ ଅସୂର୍ଯ୍ୟମ୍ପଶ୍ୟା କାହିଁକି ? ଏ ଦେଶରେ ତ ଏଭଳି ରୀତି ନାହିଁ !'

ଦାମୋଦର କହିଲେ—'ନା, ପ୍ରକୃତ ରହସ୍ୟ କେହି ଜାଣନ୍ତି ନାହିଁ । ଥରେ ମଧ୍ୟମାଙ୍କର ରୋଗ ହୋଇଥିଲା, ମୁଁ ଚିକିତ୍ସା କରିଥିଲି । ତେଣୁ ମୁଁ ଜାଣେ ।'

'ସତେ ନା କ'ଣ ! ରହସ୍ୟଟା କ'ଣ ?'

'ମଧ୍ୟମା ଅପୂର୍ବ ସୁନ୍ଦରୀ; କିନ୍ତୁ ଦାନ୍ତ ନାହିଁ । ଜନ୍ମରୁ ଗୋଟିଏ ହେଲେ ଦାନ୍ତ ଉଠିନାହିଁ । ପୂରାପୂରି ପାକୁଆ ।'

'ସତେ ! ଏଭଳି ତ ଦେଖାଯାଏ ନାହିଁ ।' ରସରାଜ ଝୁଲି ଝୁଲି ହସିବାକୁ ଲାଗିଲେ । 'ହୁଁ ହୁଁ, ରାଣୀ ପାକୁଆ ।'

ଦାମୋଦର କହିଲେ—'ରାଜା କିନ୍ତୁ ସେଥିପାଇଁ ମଧ୍ୟମାଙ୍କୁ ଅନେକ ସ୍ନେହ କରନ୍ତି । ରାଜାମାନଙ୍କର ସବୁ ରକମର ଦରକାର, ବୁଝିଲ ।'

ରସରାଜ କହିଲେ—'ତା' ସତ୍ୟ । ସମସ୍ତେ ଯଦି ଗୋଟିଏ ପ୍ରକାରର ହେବେ, ତେବେ ଏଟା ବିଶ୍ୱକରି ଲାଭ କ'ଣ ?'

କିଛିକ୍ଷଣ ପରେ ସ୍ୱର ବନ୍ଦ ହେବାରୁ ଦାମୋଦର ରାସ୍ତା ପରୀକ୍ଷା କଲେ । ରାସ୍ତା ଶୂନ୍ୟ ଦେଖି କହିଲେ—'ରାତି ହେଲାଣି, ଚାଲ ତମକୁ ପହଞ୍ଚାଇ ଦେଇ ଆସେ । ତୁମେ କଣା ମଣିଷ, କେଉଁଠିକୁ ଯାଉ ଯାଉ କେଉଁଠିକୁ ଯିବ ।'

ଦୁଇବନ୍ଧୁ ବାହାରିଲେ । ଅତିଥି-ଭବନ ବେଶୀ ବାଟ ନୁହେଁ । ସେଠାରେ ଉପସ୍ଥିତ ହୋଇ ରସରାଜ କହିଲେ—'ତୁମେ ଏକଲା ଫେରିବ, ଚାଲ ତୁମକୁ ପହଞ୍ଚାଇ ଦେଇ ଆସେ ।'

ଦୁଇଜଣଯାକ ଫେରିଲେ । ଦାମୋଦର ନିଜ ଘରର ଦ୍ୱାର ନିକଟରେ ପହଞ୍ଚି କହିଲେ—'ସତେ ତ, ତୁମେ ଏବେ ଫେରିବ କେମିତି ? ଚାଲ୍ ତୁମକୁ ପହଞ୍ଚାଇ ଦେଇଆସେ ।'

ଏଇଭଳି ଭାବରେ ପରସ୍ପରକୁ ପହଞ୍ଚାଇ ଦେବା କେତେ ସମୟ ଧରି ଚାଲିଲା, ତାହା କହି ହେବ ନାହିଁ । ପରଦିନ ସକାଳୁ ଦେଖାଗଲା ଦୁଇବନ୍ଧୁ ଦାମୋଦର ସ୍ୱାମୀଙ୍କର ବାହାର ଘରେ ସପ ଉପରେ ପରମ ଆନନ୍ଦରେ ନିଦ୍ରା ଯାଇଛନ୍ତି ।

ଗୁମ୍ଫା ମଧ୍ୟରେ ବଳରାମ ଓ ମଞ୍ଜିରୀର ପ୍ରଣୟ ଘନୀଭୂତ ହେଉଛି । ଅର୍ଜୁନ ଆଜିକାଲି ଦିନରେ ଗୁମ୍ଫା ମଧ୍ୟରେ ରହେନାହିଁ; ରାଜାଙ୍କ ସାଙ୍ଗରେ ଥାଏ । ତେଣୁ ଏମାନେ ଅବାଧରେ ମିଶନ୍ତି । ମଞ୍ଜିରୀ ଖରାବେଳେ କେବଳ ବଳରାମର ଖାଦ୍ୟ ନେଇ ଆସେ । ବଳରାମର ଖାଇବା ଶେଷ ହେଲେ ଦୁଇଜଣ ଘନିଷ୍ଠଭାବରେ ବସି ଗଳ୍ପ କରନ୍ତି । କେତେବେଳେ ବଳରାମ ଚୁଲି ଜାଳି କାମ ଆରମ୍ଭ କରେ, ମଞ୍ଜିରୀ ଦଉଡ଼ି ଟାଣି ପବନ ଦିଏ । ପବନରେ ନିଆଁ ଅଧିକ ହେଲେ ସେଥିରେ ଥିବା ଲୁହାପାତ ରକ୍ତବର୍ଣ୍ଣ ଧାରଣ କରେ । ବଳରାମ ନିଆଁରୁ ଲୁହାପାତ ବାହାର କରି ଆଣି ଖଣ୍ଡେ ଦଣ୍ଡ ଲୁହାର ଗୋଲପଟରେ ବାଡ଼େଇ ବାଡ଼େଇ ବଙ୍କା କରେ । ଏଇଭଳି ଭାବରେ ଲୁହାର ନଳ ପ୍ରସ୍ତୁତ ହୁଏ । କ୍ଷୁଦ୍ର କମାଣ ଅର୍ଥାତ୍ ବନ୍ଧୁକର ନଳ ତିଆରି କରିବାର ଏହାହିଁ ତା'ର ଗୁପ୍ତ କୌଶଳ ।

କେତେବେଳେ ମୃଦଙ୍ଗ ଓ ବଂଶୀ ନେଇ ବସେ । ବଳରାମ ମଞ୍ଜିରୀର ଆଖିରେ ଆଖି ରଖି ଗୀତ ଗାଏ ।

ମଞ୍ଜିରୀ ଶାନ୍ତ ଧୀର ପ୍ରକୃତିର ଝିଅ । ବଳରାମର ଟିକିଏ ପ୍ରଗଲ୍ଭତା ବେଶୀ । କିନ୍ତୁ ତାଙ୍କର ଆଦର୍ଶ ଶାଳୀନତାର ଗଣ୍ଡି ପାର ହୁଏ ନାହିଁ ।

ଏଇଭଳି ଚାଲିଛି । ହଠାତ୍ ଦିନେ ଖିଆବେଳେ ମଞ୍ଜିରା ଆସିଲା ନାହିଁ । ତା' ବଦଳରେ ଅନ୍ୟ ଜଣେ ଝିଅ ଖାଇବା ନେଇ ଆସିଲା ।

ବଲରାମ ଆଖି ତରାଟି ପଚାରିଲା—'ତୁମେ କିଏ ? ମଞ୍ଜିରା କାହିଁ ?'

ଝିଅଟି କହିଲା—'ମୁଁ ସୁଭଦ୍ରା । ମଞ୍ଜିରା ତା' ବାପାଙ୍କ ଘରକୁ ଯାଇଛି । ତେଣୁ ମୁଁ ଖାଇବା ନେଇ ଆସିଛି ।'

'ବାପାଙ୍କ ଘରକୁ ଯାଇଛି !' ମଞ୍ଜିରାର ବାପାଙ୍କ ଘର ଥାଇପାରେ ଏକଥା ଆଗରୁ କେବେ ବଲରାମର ମନକୁ ଆସିନାହିଁ । 'ବାପାଘରକୁ ଯାଇଛି କାହିଁକି ?'

'ତା' ଆନ୍ନା ଦେହ ଅସୁସ୍ଥ । ଖବର ପାଇ ସେ କାଲି ରାତିରେ ଚାଲିଯାଇଛି ।'

'ଆନ୍ନା ମାନେ ତ ଭାଇ ! ଭାଇ ଅସୁସ୍ଥ ତେବେ କେବେ ଫେରିବ ?'

'ମୁଁ ଜାଣି ନାହିଁ ।'

'ହଁ, ମଞ୍ଜିରାର ବାପାଙ୍କ ନାମ କ'ଣ ?'

'ବୀରଭଦ୍ର । ସେ ରାଜାଙ୍କ ହାତୀଶାଳାରେ କାମ କରନ୍ତି ।'

'ଘର କେଉଁଠି ?'

'ତଳ ସହରରେ । ପାନ-ଗୁଆ ରାସ୍ତାର ପୂର୍ବକୁ ତୁଙ୍ଗଭଦ୍ରାର ତୀରରେ ତାଙ୍କ ଘର ।'

'ହେଉ ।' ବଲରାମ ଖାଇବାକୁ ବସିଲା । ନବାଗତା ସୁଭଦ୍ରା ମଞ୍ଜିରାର ସଖୀ । ବଲରାମର ଭାବଭଙ୍ଗୀ ଦେଖି ମୁରୁକି ମୁରୁକି ହସିବାକୁ ଲାଗିଲା ।

ଖାଇବାପରେ ସୁଭଦ୍ରା ବାସନକୁସନ ନେଇ ଚାଲିଯିବା ପରେ ବଲରାମ ଚିନ୍ତା କରିବାକୁ ଲାଗିଲା—କ'ଣ କରାଯିବ ! ମଞ୍ଜିରା କେବେ ଆସିବ କିଛି ଠିକ୍ ନାହିଁ । ତାର ବାପାଙ୍କୁ ହାତୀଶାଳରୁ ଖୋଜି ବାହାର କରାଯାଇ ପାରେ । କିନ୍ତୁ ସେଥିରେ ଲାଭ କ'ଣ ! ବରଂ ତାଙ୍କ ଘର ଖୋଜି ବାହାର କଲେ କାମ ହେବ ।

ତୃତୀୟ ପ୍ରହରରେ ବଲରାମ ପରିଷ୍କାର ଲୁଗା ଓ ସୁଦର ପିନ୍ଧି ବାହାରିଲା । ତଳ ସହର ଅର୍ଥାତ ମଧ୍ୟବିତ୍ତ ପଲ୍ଲୀରେ ତୁଙ୍ଗଭଦ୍ରା ତୀରରେ ଖୋଜାଖୋଜି କରିବା ପରେ ବୀରଭଦ୍ରଙ୍କ ଘର ମିଳିଲା ।

ପଥରରେ ତିଆରି ଛୋଟ ଘର । ବଲରାମ କବାଟରେ ଆଘାତ କରିବାରୁ ମଞ୍ଜିରା ଦ୍ୱାର ଖୋଲି ଦେଲା । ବଲରାମକୁ ଦେଖି ତା' ମୁହଁରେ ବିସ୍ମୟାନନ୍ଦ ଫୁଟି ଉଠିଲା ।

ବଲରାମ ମୁହଁ ଗମ୍ଭୀର କରି କହିଲା—'ଖବର ନଦେଇ ପଳାଇ ଆସିଲ ଯେ !'

ମଞ୍ଜିରୀ ଇତଃସ୍ତତ ହୋଇ କହିଲା—'ସମୟ ପାଇଲି ନାହିଁ । କାଲି ରାତିରେ ବାପା ଡାକିବାକୁ ଯାଇଥିଲେ । ତାଙ୍କ ସାଙ୍ଗରେ ଚାଲି ଆସିଲି ।'

'ଆମ୍ମା କେମିତି ଅଛନ୍ତି ?'

ମଞ୍ଜିରୀର ମୁହଁ ମଳିନ ହେଲା । ସେ ଛଳଛଳ ଆଖିରେ କହିଲା—'ଭଲ ନୁହେଁ, କାଲି ରାତିରେ କଷ୍ଟ ବଢ଼ି ଯାଇଥିଲା । ବୈଦ୍ୟ ମହାଶୟ କହୁଛନ୍ତି—ତ୍ରିଦୋଷ ।'

ଦ୍ୱାର ନିକଟରେ ଠିଆ ହୋଇ ଆଉ କିଛି କ୍ଷଣ କଥା ହେଲା । ତା'ପରେ ବଳରାମ 'କାଲି ପୁଣି ଆସିବ' କହି ଚାଲିଗଲା ।

ଏହାପରେ ବଳରାମ ପ୍ରତ୍ୟେକ ଦିନ ଆସେ । ଦ୍ୱାର ନିକଟରେ ଦୁଇଦଣ୍ଡ ଠିଆ ହୋଇ କଥାବାର୍ତ୍ତା ହୋଇ ଯାଏ । ମଞ୍ଜିରୀର ଆମ୍ମା କ୍ରମଶଃ ଆରୋଗ୍ୟ ଲାଭ କରୁଛି । ପ୍ରାଣର ଆଶଙ୍କା ଆଉ ନାହିଁ ।

ଦିନେ ମଞ୍ଜିରୀର ବାପା ବୀରଭଦ୍ର ସହିତ ବଳରାମର ଦେଖା ହୋଇଗଲା । ଦୀର୍ଘ ଗୌରବର୍ଣ୍ଣ ମଣିଷ । ବୟସ ଅନୁମାନ ପଚାଶ । ପ୍ରକୃତି ଶାନ୍ତ ଓ ଗମ୍ଭୀର । ମଞ୍ଜିରୀକୁ ଅପରିଚିତ ଯୁବକ ସହିତ କଥା ହେଉଥିବାର ଦେଖି ସପ୍ରଶ୍ନ ଆଖିରେ ଚାହିଁଲେ । ବଳରାମ କହିଲା—'ଆପଣ ମଞ୍ଜିରୀର ପିତା ? ନମସ୍କାର । ମଞ୍ଜିରୀ ସହିତ ମୋର ପରିଚୟ ଅଛି । ତେଣୁ—'

ବୀରଭଦ୍ର ଶିଷ୍ଟତା ସହକାରେ ବଳରାମକୁ ଭିତରେ ଆସି ବସିବାକୁ କହିଲେ । ଦୁହେଁ ଆସନରେ ଉପବିଷ୍ଟ ହେବାପରେ ବୀରଭଦ୍ର ବଳରାମ ପରିଚୟ ଜାଣିବାକୁ ଚାହିଁଲେ । ମଞ୍ଜିରୀ ଆଢ଼ୁଆଳରେ ରହି ତାଙ୍କ କଥା ଶୁଣିବାକୁ ଲାଗିଲା ।

ବଳରାମ ନିଜର ପରିଚୟ ଦେଲା । ମଞ୍ଜିରୀ ସହିତ କିପରି ଭାବରେ ପରିଚୟ ହୋଇଛି ତାହା ଜଣାଇଲା । ଶୁଣି ବୀରଭଦ୍ର କହିଲେ—'ତୁମେ ଦେଖୁଛି ଜଣେ ଗୁଣୀ ବ୍ୟକ୍ତି । ଭାଗ୍ୟବାନ ମଧ୍ୟ, କାରଣ ରାଜାଙ୍କ ନଜରରେ ପଡ଼ିଛ ।'

ବୀରଭଦ୍ରଙ୍କୁ ପ୍ରସନ୍ନ ଦେଖି ବଳରାମ ଭାବିଲା, ଏଇ ହେଉଛି ସୁଯୋଗ । ଏଭଳି ସୁଯୋଗ ହୁଏତ ଆଉ ଆସିବ ନାହିଁ । ଯାହା କପାଳରେ ଥିବ ! ସେ ହାତଯୋଡ଼ି ସବିନୟେ କହିଲା—'ମହାଶୟ, ଆପଣଙ୍କ ଚରଣରେ ମୋର ଗୋଟିଏ ନିବେଦନ ଅଛି ।'

ବୀରଭଦ୍ର ଟିକିଏ ଆଶ୍ଚର୍ଯ୍ୟ ହେଲେ ଏବଂ କହିଲେ—'କି ନିବେଦନ ?'

ବଳରାମ କହିଲା—'ଆପଣଙ୍କ କନ୍ୟା ମଞ୍ଜିରୀକୁ ମୁଁ ବିବାହ କରିବାକୁ ଚାହେଁ । ଆପଣ ଅନୁମତି ଦିଅନ୍ତୁ ।'

ବୀରଭଦ୍ର ନୂଆକରି ବଳରାମକୁ ନିରୀକ୍ଷଣ କଲେ । ତା'ପରେ ଧୀରେ ଧୀରେ କହିଲେ—'ବାବୁ, ତୁମେ ଯୋଗ୍ୟପାତ୍ର, ସନ୍ଦେହ ନାହିଁ । କିନ୍ତୁ ତୁମେ ବିଦେଶୀ, ତୁମକୁ କନ୍ୟାଦାନ କରିବାକୁ ଭୟ ହୁଏ ।'

ବଳରାମ କହିଲା—'ମହାଶୟ, ମୁଁ ବିଦେଶରୁ ଆସିଛି, ଏହା ସତ୍ୟ; କିନ୍ତୁ କୌଣସି ଦିନ ଫେରିଯିବି ଏଭଳି ସମ୍ଭାବନା ନାହିଁ । ବିଜୟନଗର ହିଁ ମୋର ଘର । ବିଜୟନଗର ହିଁ ମୋର ଦେଶ ।'

ବୀରଭଦ୍ର କହିଲେ—'ଭଲ । କିନ୍ତୁ ଏ ବିଷୟରେ ମଞ୍ଜିରୀର ମନ ଜାଣିବା ପ୍ରୟୋଜନ । ଦ୍ୱିତୀୟ କଥା ମଞ୍ଜିରୀ ରାଜପୁରୀରେ କାମ କରେ । ତେଣୁ ରାଜାହିଁ ତା'ର ପ୍ରକୃତ ଅଭିଭାବକ । ସେ ଯଦି ଅନୁମତି ଦିଅନ୍ତି ମୋର ଆପତ୍ତି ରହିବ ନାହିଁ ।'

'ଯଥା ଆଜ୍ଞା'—ବଳରାମ ଆଶାନ୍ୱିତ ହୋଇ ଉଠିଲା । ରାଜାଙ୍କ ଅନୁମତି ସଂଗ୍ରହ କରିବା ତା'ପକ୍ଷରେ କଷ୍ଟକର ବ୍ୟାପାର ହେବନାହିଁ ।

ମଞ୍ଜିରୀ ଆଡ଼ୁଆଳରେ ଥାଇ ସବୁ ଶୁଣିଥିଲା । ତା'ର ଦେହ କ୍ଷଣକୁ କ୍ଷଣ ପୁଲକିତ ହେଲା, ମନ ଅପାର ଆନନ୍ଦରେ ଉଚ୍ଛୁଳି ହେବାକୁ ଲାଗିଲା ।

ବିଜୟନଗରଠାରୁ ବହୁତ ଦୂରରେ ତୁଙ୍ଗଭଦ୍ରାର ଗିରିବେଷ୍ଟିତ ଉପକୂଳର ଏକ କ୍ଷୁଦ୍ର ଗ୍ରାମରେ ଚପିଟକ ଓ ମନ୍ଦୋଦରୀର ଦାମ୍ପତ୍ୟଜୀବନ ଆରମ୍ଭ ହୋଇଯାଇଛି । ଗୋଟିଏ ଗୁହା ମଧ୍ୟରେ ବାସ କରି ଛଦ୍ମ ଦାମ୍ପତ୍ୟ-ଜୀବନ ବେଶୀଦିନ ବଜାୟ ରଖିବା କଠିନ । ଅଗ୍ନି ଏବଂ ଘୃତ ଯେତେ ପୁରୁଣା ହେଲେ ମଧ୍ୟ ସେମାନଙ୍କର ସାନ୍ନିଧ୍ୟର ଫଳ ଅନିବାର୍ଯ୍ୟ । ଚପିଟକ ଓ ମନ୍ଦୋଦରୀର ଦାମ୍ପତ୍ୟ ବ୍ୟବହାରରେ ବିନ୍ଦୁମାତ୍ର କପଟତା ନ ଥିଲା ।

ଚପିଟକ ମନକୁ ବୁଝାଇଥିଲେ, ଏହା ସାମୟିକ ବ୍ୟବସ୍ଥା ମାତ୍ର । ସେ ବିଜୟ-ନଗରକୁ ଫେରି ଯିବାର ସଂକଳ୍ପ ତ୍ୟାଗ କରିନାହାନ୍ତି । ମନ୍ଦୋଦରୀ କିନ୍ତୁ ପରମ ଆନନ୍ଦରେ ଥିଲା । ଏଠାକୁ ଆସିବା ପରେ ଦାରୁବ୍ରହ୍ମ ତା' ପ୍ରତି ପ୍ରସନ୍ନ ହୋଇଛନ୍ତି । ସେ ଜଣେ ପୁରୁଷ ପାଇଛି । ଆଉ ତାର କ'ଣ ଦରକାର !

କିନ୍ତୁ ଜନପଦମାନରେ ବାସ କରିବାକୁ ହେଲେ କିଛି କାମ କରିବାକୁ ହୁଏ, କେହି ବସି ଖୁଆଏ ନାହିଁ । ମନ୍ଦୋଦରୀ ନିଜ ପାଇଁ କାମ ଯୋଗାଡ଼ି କରି ନେଇଥିଲା । ସେ ଅଳ୍ପଦିନ ମଧ୍ୟରେ ଗ୍ରାମର ଭାଷା ଆୟତ୍ତ କରି ନେଇଥିଲା । ଦିନର ତୃତୀୟ ପ୍ରହରରେ ଗ୍ରାମର ଯୁବତୀମାନେ ଗାଧୋଇବା ପାଇଁ ନଦୀକୁ ଯାଆନ୍ତି, ମନ୍ଦୋଦରୀ ସେମାନଙ୍କ ସଙ୍ଗରେ ଯାଏ । ସମସ୍ତେ ମିଶି ଗାଧାନ୍ତି ଓ ତା'ପରେ ଗ୍ରାମର ଆମ୍ବବଗିଚାର ଛାୟାରେ ଯାଇ ବସନ୍ତି । ମନ୍ଦୋଦରୀ ନାନା ପ୍ରକାରର ଚୂଳ ବାନ୍ଧି ଜାଣେ । ସେ ଜଣ ଜଣ କରି

ସମସ୍ତଙ୍କ ଚୂଳ ବାନ୍ଧିଦିଏ ଓ ତା' ସଙ୍ଗେ ସଙ୍ଗେ ଗଳ୍ପ କୁହେ । ଝିଅମାନେ ଚୂଳ ବାନ୍ଧୁ ବାନ୍ଧୁ ରାମାୟଣ ମହାଭାରତର କାହାଣୀ ଶୁଣନ୍ତି । ତା'ପରେ ସୂର୍ଯ୍ୟ ପାହାଡ଼ ଆରପଟରେ ଅଦୃଶ୍ୟ ହୋଇଗଲେ ନିଜ ନିଜ କୁଟୀରକୁ ଫେରିଯାଆନ୍ତି । ମନ୍ଦୋଦରୀଙ୍କୁ ରାନ୍ଧିବାକୁ ହୁଏ ନାହିଁ, ଗ୍ରାମର ବଧୂମାନେ ପାଳି କରି ଅନ୍ନବ୍ୟଞ୍ଜନ ତା' ଗୁହାରେ ଦେଇଯାଆନ୍ତି ।

ଚପିଟକ ମୂର୍ତ୍ତି କନ୍ତୁ ରାଜାଙ୍କ ଶଳା । ତେଣୁ କୌଣସି କାମକୁ ନୁହେଁ । ଗ୍ରାମରେ ଯଦି କୌଣସି ବିତରଣର କାମ ଥାଆନ୍ତା, ହୁଏତ ଚପିଟକ କରି ପାରି ଥାଆନ୍ତେ । କିନ୍ତୁ ଅନ୍ୟ କୌଣସି ଶ୍ରମ-ସାଧ୍ୟ କାମରେ ତାଙ୍କର ରୁଚି ନାହିଁ । ଦେଖି ଶୁଣି ମୋଡ଼ଲ କହିଲା—'କଣ୍ଠା, ତୁମକୁ ଦେଇ ଅନ୍ୟ କାମ ହେବ ନାହିଁ, ତୁମେ ଛେଳି ଚରାଅ ।'

ଚପିଟକ ଦେଖିଲେ ଛେଳି ଚରାଇବାରେ କୌଣସି ପରିଶ୍ରମ ନାହିଁ । ଛେଳିମାନେ ନିଜେ ନିଜେ ଚରି ଖାଆନ୍ତି । ସେମାନଙ୍କୁ ପଡ଼ିଆରେ ଛାଡ଼ି ଦେଇ ଗଛତଳେ ବସିଲେ ହେଲା । ସେ ରାଜିହେଲେ ।

ଏହା ପରଠାରୁ ଚପିଟକ ଛେଳି ଚରାଉଥାଆନ୍ତି । କିନ୍ତୁ ତାଙ୍କ ମନରେ ସୁଖ ନାହିଁ, ମନ ପଡ଼ିରହିଛି ବିଜୟନଗରରେ । ପଛକୁ ଆଉଜି ବସି ସେ ଆକାଶ ପାତାଳ ଭାବନ୍ତି ।

ଏ ଦେଶର ଛେଳିଗୁଡ଼ିକ ବେଶ୍ ବଡ଼, କାବୁଲି ଗାଈ ଭଳି । ଗାଁର ପିଲାମାନେ ତାଙ୍କ ପିଠିରେ ବସି ବୁଲନ୍ତି । ଏହା ଦେଖି ଦେଖି ତାଙ୍କ ମଣ୍ଡରେ ଦିନେ ଗୋଟାଏ ବୁଦ୍ଧି ଜୁଟିଲା । ଛେଳି ପିଠିରେ ବସି ଯଦି ନଦୀ ଧାରେ ଧାରେ ପଶ୍ଚିମ ଦିଗକୁ ଯାଆନ୍ତି, ତେବେ ଅଚିରାତ୍ ବିଜୟନଗରରେ ପହଞ୍ଚି ପାରିବେ ।

ଯେମିତି ଚିନ୍ତା ସେମିତି କାମ । ଚପିଟକ ଗୋଟିଏ ବଳିଷ୍ଠ ବୋଦା ଧରି ତା' ପିଠିରେ ଚଢ଼ି ବସିଲେ ଏବଂ ନଦୀ କୂଳ ଦେଇ ତାକୁ ହକାଣି ଚଲାଇଲେ । ଚପିଟକଙ୍କ ଦେହ ସରୁ ଏବଂ ହାଲୁକା, ତାଙ୍କୁ ପିଠିରେ ନେଇ ଅଢକାଇବାକୁ ବୋଦାଟିର କୌଣସି ଅସୁବିଧା ହେଲା ନାହିଁ ।

କିନ୍ତୁ ନଦୀତୀର ସବୁଆଡ଼େ ସମତଳ ନୁହେଁ । ତୀରର ପାହାଡ଼ ମଝିରେ ମଝିରେ ନଦୀ ପର୍ଯ୍ୟନ୍ତ ଆସି ଦୁର୍ଲଙ୍ଘ୍ୟ ବାଧା ସୃଷ୍ଟି କରିଅଛି । ଏଇଭଳି ଏକ କ୍ରମେ ଉଚ୍ଚ ହୋଇଥିବା ପାହାଡ଼ର ସମ୍ମୁଖୀନ ହୋଇ ଛେଳିଟି ଠିଆ ହୋଇ ରହିଲା । ସେ ଗ୍ରାମଠାରୁ ଅଧକୋଶ ବାଟ ଆସିଛି । ଏବେ ଆଉ ପାହାଡ଼ ପାରିହୋଇ ଆଗକୁ ଯିବାକୁ ରାଜି ନୁହେଁ । ଚପିଟକ ତାକୁ ତଡ଼ିଲେ, ମୁହଁରେ ନାନା ପ୍ରକାର ଶବ୍ଦ କଲେ; କିନ୍ତୁ ଛେଳିଟି ହୁଙ୍କିଲା ନାହିଁ । ସେତେବେଳେ ଚପିଟକ ଜୋରରେ ତା' ପେଟରେ ଗୋଇଠା ମାରିଲେ । ଛେଳିଟି ଗୁରଗୋଡ଼ ଉଠାଇ ଡେଇଁଲା । ଚପିଟକ ତା' ପିଠିରୁ ଗଡ଼ି ମାଟିରେ ପଡ଼ିଲେ । ଛେଳିଟି ଡେଇଁ ଡେଇଁ ଗ୍ରାମକୁ ଫେରିଗଲା ।

ପଡ଼ିଯିବାରୁ ଚମ୍ପିଂକର ହାଡ଼ ମକଚ ଯାଇଥିଲା । ସେ ଟ୍ରେଟେଇ ଟ୍ରେଟେଇ ଘରକୁ ଫେରିଲେ ।

ଏହାପରେ କିଛିଦିନ ଯିବାପରେ ତାଙ୍କ ମୁଣ୍ଡକୁ ଗୋଟିଏ ବୁଦ୍ଧି ଜୁଟିଲା । ଏହା ଯେଭଳି ମାରାତ୍ମକ ନୁହେଁ, ଏପରିକି ସୁବୁଦ୍ଧି ବୋଲି କୁହାଯାଇପାରେ । ସେ ମନ୍ଦୋଦରୀକୁ ଆଦେଶ ଦେଲେ—'ତୁ ପ୍ରତିଦିନ ଦ୍ୱି'ପହରକୁ ନଦୀକୂଳକୁ ଯାଇ ବସି ରହିବୁ । ଆମ ନୌକା ଉନଟିର ଫେରିବା ସମୟ ହୋଇଛି । ଦିନେ ନା ଦିନେ ଏଇ ବାଟେ ଯିବ । ତୁ ଅନେଇ ଥିବୁ, ତାଙ୍କୁ ଦେଖିଲେ ଡାକିବୁ ।'

ମନ୍ଦୋଦରୀ କହିଲା—'ଆଜ୍ଞା ।'

ଚମ୍ପିଂକ ଦ୍ୱି'ପହରକୁ ଛେଳି ଚରାଉ ଚରାଉ ଗଛ ତଳେ ଶୋଇପଡ଼ନ୍ତି । ମନ୍ଦୋଦରୀ ଗଜେନ୍ଦ୍ର ଗମନରେ ନଦୀକୂଳକୁ ଯାଏ । ତଟା ପଥରର ଛାୟାରେ ଶୁଏ । ନୌକା ସମ୍ବନ୍ଧରେ ତା'ର ମୋଟେ ଆଗ୍ରହ ନାହିଁ । ସେ ପରମ ସୁଖରେ ଅଛି । ଅପରାହ୍ଣରେ ଗାଁର ଝିଅମାନେ ଗାଧୋଇବାକୁ ଆସିଲେ ସେ ସେମାନଙ୍କ ସଙ୍ଗରେ ଗାଧୋଇ ଫେରିଯାଏ । ଚମ୍ପିଂକ କୁହନ୍ତି—'ନୌକା କେଉଁଠି ?'

ଏଇଭାବେ ଦିନ କଟୁଛି ।

## —ଦୁଇ—

ଗ୍ରୀଷ୍ମକାଳୀନ ଝଡ଼ ଯାଇ ବିଜୟନଗରରେ ବର୍ଷା ଆସିଗଲାଣି । ରାଜ-ପୌରଭୂମିର ସବୁଆଡ଼େ ମୟୂରମାନଙ୍କର କେକାଧ୍ୱନି ଶୁଣା ଯାଉଛି । ମୟୂରମାନେ କେଉଁଠୁ ଆସି ଉଚ୍ଚଭୂମିରେ କମ୍ପା ପାହାଡ଼ର ଶୀର୍ଷରେ ପହଞ୍ଚିଛନ୍ତି ଏବଂ ପକ୍ଷୀମେଲି ମେଘଆଡ଼କୁ ଉତ୍କଣ୍ଠିତ ହୋଇ ଚାହିଁଛନ୍ତି ।

ଏ ଦେଶରେ ବେଶୀ ବୃଷ୍ଟି ହୁଏ ନାହିଁ । କେତେବେଳେ ଜୋରରେ ତ କେତେବେଳେ ଗୁଣ୍ଡି ଗୁଣ୍ଡି । କିନ୍ତୁ ଆକାଶ ସଦାବେଳେ ମେଘପୂର୍ଣ୍ଣ ଥାଏ । ଗ୍ରୀଷ୍ମର କଠୋର ତାପ ଅପସରି ଯାଇ ମଧୁର ସ୍ନିଗ୍ଧ ମଣିଷର ଦେହରେ ସୁଧା ବର୍ଷଣ କରୁଛି । ଦିନବେଳେ ଯେପରି ସୂର୍ଯ୍ୟଦେବ ଧୂସର ବସ୍ତ୍ର ପରିଧାନ କରି ଶୋଇ ପଡ଼ିଛନ୍ତି; ରାତିଗୁଡ଼ିକ ଯେପରି ଦେବଭୋଗ୍ୟ ସ୍ୱର୍ଗର ରାତି ହୋଇଯାଇଛି । ପୀତବର୍ଣ୍ଣ ଗଛପତ୍ର ଧୀରେ ଧୀରେ ସବୁଜ ବର୍ଣ୍ଣ ଧାରଣ କରୁଛି; ପାହାଡ଼ର ଖାଲମାନଙ୍କରେ ଗାଢ଼ ସବୁଜ ରେଖା । ତୁଙ୍ଗଭଦ୍ରାର ଶୀର୍ଣ୍ଣଧାରା ପୂର୍ଣ୍ଣ ହୋଇ ଉଠୁଛି ।

ବର୍ଷା ଆସିଯିବାରୁ ବଳରାମ ଓ ଅର୍ଜ୍ଜୁନଙ୍କୁ ଗୁମ୍ଫା ଛାଡ଼ିବାକୁ ହୋଇଥିଲା । ଗୁମ୍ଫା ଭିତରକୁ ପାଣି ଝରେ । ମନ୍ତ୍ରୀ ମହାଶୟ ସେମାନଙ୍କର ରହିବାର ଅନ୍ୟ ବ୍ୟବସ୍ଥା କରିଥିଲେ । କୁମାର କମ୍ପନଙ୍କର ନୂଆ ପ୍ରାସାଦ ଖାଲି ପଡ଼ିଥିଲା । ସେମାନେ ପ୍ରାସାଦର ତଳତାଲାରେ ଆଶ୍ରୟ ପାଇଥିଲେ । ବଳରାମ ଗୃହର ରନ୍ଧନଶାଳାକୁ କମାରଶାଳା କରିଥିଲା ।

ଟିପି ଟିପି ବର୍ଷାରେ ଚାତୁର୍ମାସ୍ୟା ବ୍ରତର ଆରମ୍ଭ ହୋଇଥିଲା । ଅର୍ଜ୍ଜୁନ ଭୋରୁ ଉଠି ରାଜାଙ୍କ ନିକଟକୁ ଗଲା । ଚାରିଆଡ଼ ଅନ୍ଧକାର । ମେଘ ଘୋଟିଥିବାରୁ ରାତି ଶେଷ ହୋଇଛି କି ନା ଜଣା ପଡ଼ୁ ନଥିଲା । ହେମକୂଟ ପର୍ବତ ଶୃଙ୍ଗରେ ସେତେବେଳକୁ ଧିକି ଧିକି ନିଆଁ ଜଳୁଛି ।

ହସ୍ତି-ଭବନ ନିକଟକୁ ଆସି ଅର୍ଜ୍ଜୁନ ଦୋତାଲାର ଏକ ବିଶେଷ ଝରକା ଆଡ଼କୁ ଦୃଷ୍ଟି ନିକ୍ଷେପ କଲା । ଝରକାରେ ଗ୍ରଇଡ଼ଙ୍କା ଗୋଟିଏ ମୁହଁ ଦୃଷ୍ଟିଗୋଚର ହେଲା । ବିଦ୍ୟୁନ୍ମାଳା ଠିଆ ହୋଇଛନ୍ତି । ସେ ପ୍ରତ୍ୟେକ ଦିନ ଏଇ ସମୟରେ ଅର୍ଜ୍ଜୁନର ଦର୍ଶନ ଆଶାରେ ଝରକାରେ ଆସି ଠିଆ ହୋଇଥାଆନ୍ତି ।

ଅର୍ଜ୍ଜୁନର ହୃଦୟରୁ ମନ୍ଥନକରି ଗୋଟିଏ ଦୀର୍ଘଶ୍ୱାସ ପଡ଼ିଲା । ଏହାର ଶେଷ କେଉଁଠି ?

ରାଜାଙ୍କ ବିଶ୍ରାମ-ଭବନରେ ସମସ୍ତେ ଉଠିଲେଣି । ଗତ ରାତିରେ ରାଜା ବିଶ୍ରାମ-ଭବନରେ ଥିଲେ । ସେ ସ୍ନାନ ସାରି ପୂଜାରେ ବସିଛନ୍ତି । ଅର୍ଜ୍ଜୁନ ସିଡ଼ି ଦେଇ ଉପରକୁ ଆସି ରାଜାଙ୍କ କକ୍ଷରେ ଠିଆହେଲା । କକ୍ଷରେ କେହି ନାହିଁ, ଅର୍ଜ୍ଜୁନ ରାଜାଙ୍କ ଅପେକ୍ଷାରେ ଠିଆ ହୋଇ ରହିଲା । କକ୍ଷଟି ଅନ୍ଧାରୁଆ ଥାଏ ।

ସହସା ପର୍ଦ୍ଦା ଟଙ୍ଗା ହୋଇଥିବା ଗୋଟିଏ ଦ୍ୱାର ଦେଇ ବିଦ୍ୟୁନ୍ମାଳା ପ୍ରବେଶ କଲେ । ତାଙ୍କ ଚକ୍ଷୁରେ ବିଭ୍ରାନ୍ତ ବ୍ୟାକୁଳତା । ସେ ଲଘୁପାଦରେ ଅର୍ଜ୍ଜୁନ ପାଖକୁ ଆସି ତାହାର ହାତରେ ହାତ ରଖିଲେ । ସଂଯତ ସ୍ୱରରେ କହିଲେ—'ଆଜି କେଉଁଦିନ ଜାଣ ? ଚାତୁର୍ମାସ୍ୟା ଆରମ୍ଭର ଦିନ । କାଲି ଶ୍ରାବଣ ମାସ ପଡ଼ିବ ।'

ଅର୍ଜ୍ଜୁନ ନିର୍ବାକ ଠିଆ ହୋଇ ରହିଲା । ବିଦ୍ୟୁନ୍ମାଳା ଆହୁରି ପାଖକୁ ଆସି ଅର୍ଜ୍ଜୁନର କାନ୍ଧରେ ହାତରଖି କହିଲେ—'ତୁମେ କ'ଣ ମୋତେ ସତରେ ବୁଝ ନାହିଁ ? ମୁଁ କ'ଣ ତେବେ ଆତ୍ମହତ୍ୟା କରିବି ? କ'ଣ କରିବି ତୁମେ କହି ଦିଅ ।'

ଏଇ ସମୟରେ ଗୋଟିଏ ଦୁଆରର ପର୍ଦ୍ଦା ଟିକେ ହଲିଲା । ପିଙ୍ଗଳା କକ୍ଷ ଭିତରକୁ ପ୍ରବେଶ କରିବାକୁ ଯାଇ ଅଟକି ଠିଆ ହୋଇଗଲା । ଦେଖିଲା, ବିଦ୍ୟୁନ୍ମାଳା ଅର୍ଜ୍ଜୁନ କାନ୍ଧରେ ହାତରଖି ନିମ୍ନସ୍ୱରରେ କଥା କହୁଛନ୍ତି । ଅର୍ଜ୍ଜୁନ କିମ୍ବା ବିଦ୍ୟୁନ୍ମାଳା କେହି ପିଙ୍ଗଳାକୁ ଦେଖି ପାରିଲେ ନାହିଁ ।

ଅର୍ଜ୍ଜୁନ ଅତି କଷ୍ଟରେ କହିଲା—'ମୁଁ କ'ଣ କହିବି ? ତୁମେ ଯାଅ, ଏବେ ରାଜା ଆସିବେ ।'

ବିଦ୍ୟୁନ୍ମାଳା କହିଲେ—'ମୁଁ ଯାଉଛି । କିନ୍ତୁ ଆଜି ସନ୍ଧ୍ୟା ପରେ ମୁଁ ତୁମ ନିକଟକୁ ଯିବି ।'

ବିଦ୍ୟୁନ୍ମାଳା କ୍ଷଣକରେ ଅନ୍ତର୍ହିତା ହେଲେ ।

ଅଳ୍ପ ସମୟପରେ ପିଙ୍ଗଳା ଅନ୍ୟଦ୍ୱାର ଦେଇ କକ୍ଷରେ ପ୍ରବେଶ କଲା । ଅର୍ଜ୍ଜୁନ ଆଡ଼କୁ ଏକ ସୁତୀକ୍ଷ୍ଣ କଟାକ୍ଷପାତ କରି କହିଲା—'ଏଇ ତ ଅର୍ଜ୍ଜୁନ ଭଦ୍ର ! ଆପଣ ଏକୁଟିଆ ଅଛନ୍ତି । ମହାରାଜାଙ୍କର ପୂଜା ଶେଷ ହୋଇଛି । ସେ ଏବେ ଆସିବେ ।'

ଅର୍ଜ୍ଜୁନ ଗଳାରୁ ଖାଲି ଶବ୍ଦ ହେଲା । ସେ କଥାକହି ପାରିଲା ନାହିଁ । ତା' ଛାତି ଭିତରଟା ପାଣ୍ଡି ଚକଟି ହେଉଥିଲା ।

ଦୁଇଦଣ୍ଡ ପରେ ମଣିକଙ୍କଣା ଓ ବିଦ୍ୟୁନ୍ମାଳା ପମ୍ପାପତି ମନ୍ଦିରକୁ ଚାଲିଗଲେ ।

ନିଜ କକ୍ଷରେ ଦେବରାୟ ସଭାକୁ ଯିବାପାଇଁ ପ୍ରସ୍ତୁତ ହେଉଥିଲେ । ପଲଙ୍କ ପାଖରେ ଠିଆହୋଇ ପିଙ୍ଗଳା ତାଙ୍କ ବାହୁରେ ଅଙ୍ଗଦ ପିନ୍ଧାଇ ଦେଉଥିଲା । ଅର୍ଜ୍ଜୁନ ଦୂରରେ ଦ୍ୱାର ନିକଟରେ ରାଜାଙ୍କୁ ପ୍ରତୀକ୍ଷା କରୁଥିଲା ।

ରାଜାଙ୍କ କପାଳରେ ସିନ୍ଦୂର ଚନ୍ଦନ ପିନ୍ଧାଇ ପିନ୍ଧାଇ ପିଙ୍ଗଳା ମୃଦୁସ୍ୱରରେ ରାଜାଙ୍କୁ କିଛି କହିଲା । ରାଜା ପୂର୍ଣ୍ଣଦୃଷ୍ଟିରେ ତାକୁ ଚାହିଁଲେ । ପିଙ୍ଗଳା ପୁଣି କିଛି କହିଲା । ରାଜା ଆଉ କିଛିକ୍ଷଣ ତା' ଆଡ଼କୁ ଚାହିଁ ଅର୍ଜ୍ଜୁନ ଆଡ଼କୁ ମୁହଁ ଫେରାଇଲେ । ଈଷତ୍ ଚଡ଼ା ଗଳାରେ କହିଲେ—'ଅର୍ଜ୍ଜୁନବର୍ମା, ତୁମେ ସଭାରେ ଯାଇ କୁହ, ମୁଁ ଆଜି ସଭାକୁ ଯିବି ନାହିଁ । ତୁମେ ସଭାରୁ ଘରକୁ ଫେରିଯାଅ । ଆଜି ଆଉ ତୁମକୁ ପ୍ରୟୋଜନ ହେବନାହିଁ ।'

ରାଜାଙ୍କୁ ପ୍ରଣାମ କରି ଅର୍ଜ୍ଜୁନ ଚାଲିଗଲା । ସିଡ଼ି ଦେଇ ଓହ୍ଲାଉ ଓହ୍ଲାଉ ତାହାର ହୃତ୍‌ପିଣ୍ଡ ଆଶଙ୍କାରେ ଧକ୍ ଧକ୍ କରିବାକୁ ଲାଗିଲା । ରାଜାଙ୍କର ଏପରି କଠିନ କଣ୍ଠସ୍ୱର ସହିତ ସେ ଅଭ୍ୟସ୍ତ ନଥିଲା । ସେ କ'ଣ କିଛି ଜାଣିପାରିଲେ ? ପିଙ୍ଗଳା କ'ଣ— ?

ଅପରାଧ ନକରି ଯେଉଁମାନେ ଅପରାଧୀଠାରୁ ଅଧିକ ମାନସିକ ଯନ୍ତ୍ରଣା ଭୋଗକରନ୍ତି, ଅର୍ଜ୍ଜୁନର ଅବସ୍ଥା ସେଇମାନଙ୍କ ଭଳି ।

ବିଶ୍ରାମକକ୍ଷରେ ଦେବରାୟ ପଲଙ୍କରେ ବସିଥିଲେ । ସେ ପିଙ୍ଗଳା ଆଡ଼କୁ ଗମ୍ଭୀର ଭାବେ ଅନାଇ କହିଲେ—'ଅର୍ଜ୍ଜୁନ ସମ୍ବନ୍ଧରେ ଗୋପନ କଥା କ'ଣ ଅଛି ?'

ପିଙ୍ଗଳା ରାଜାଙ୍କ ପାଦତଳକୁ ମାଟି ଉପରେ ବସି କରଯୋଡ଼ି କହିଲା—'ଆର୍ଯ୍ୟ, ଅଭୟ ଦିଅନ୍ତୁ ।'

ରାଜା କହିଲେ—'ନିର୍ଭୟରେ କୁହ ।'

ପିଙ୍ଗଳା ତା'ପରେ ଧୀରେ ଧୀରେ କହିବାକୁ ଆରମ୍ଭ କଲା—'କିଛିଦିନ ହେଲା ଦାସୀମାନେ ଫୁସ୍‌ଫାସ୍ ହେଉଥିଲେ; ଦେବୀ ବିଦ୍ୟୁନ୍ମାଳା କୁଆଡ଼େ ଅନ୍ତରାଳରେ ଅର୍ଜୁନବର୍ମା ସଙ୍ଗରେ କଥାବାର୍ତ୍ତା କରନ୍ତି । ମୁଁ ଶୁଣି ମଧ୍ୟ ଗୁରୁତ୍ୱ ଦେଇ ନାହିଁ । ଅର୍ଜୁନବର୍ମା ଦେବୀ ବିଦ୍ୟୁନ୍ମାଳାଙ୍କ ସହିତ ନୌକାରେ ଆସିଛନ୍ତି, ତାଙ୍କୁ ନଦୀରୁ ଉଦ୍ଧାର କରିଥିଲେ । ସୁତରାଂ ତାଙ୍କ ମଧ୍ୟରେ କଥାବାର୍ତ୍ତା ଅସ୍ୱାଭାବିକ ନୁହେଁ । କିନ୍ତୁ ଆଜି ମୁଁ ନିଜ ଆଖିରେ ଦେଖିଛି ମହାରାଜ ।'

'କ'ଣ ଦେଖିଛୁ ?'

ସେତେବେଳେ ପିଙ୍ଗଳା ଯାହା ଦେଖିଥିଲା, ଶୁଣିଥିଲା, ରାଜାଙ୍କୁ ଶୁଣାଇଲା । ବିଦ୍ୟୁନ୍ମାଳା ଅର୍ଜୁନ କାନରେ ହାତରଖି ଅତ୍ୟନ୍ତ ଘନିଷ୍ଠ ଭାବରେ ଯାହା ଯାହା କହୁଥିଲେ ତାହାର ପୁନରାବୃତ୍ତି କଲା । କିଛି ବଢେଇ କହିଲା ନାହିଁ, କିଛି କମେଇ ମଧ୍ୟ କହିଲା ନାହିଁ । ରାଜା ଶୁଣି ବଜ୍ରଗର୍ଭ ମେଘ ଭଳି ମୁହଁ ଅନ୍ଧକାର କରି ବସି ରହିଲେ ।

ବଲରାମ ଗୋଟିଏ ନୂଆ କମାଣ ତିଆରି କରିଥିଲା । ସେ ସନ୍ଧ୍ୟାରେ ତାକୁ ଥଳରେ ପୂରାଇ ବାହାରିଲା । ଅର୍ଜୁନକୁ କହିଗଲା—'ରାଜାଙ୍କୁ କମାଣ ଦେବାକୁ ଯାଉଛି । ତା' ସଙ୍ଗେ ସଙ୍ଗେ ବିବାହ କଥାଟା ମଧ୍ୟ ପକ୍‌କା କରି ଆସିବି । ଗୋଟିଏ ଘରଣୀ ନହେଲେ ଘରଦ୍ୱାର ଆଉ ମାନୁନାହିଁ ।'

ଅର୍ଜୁନ ନିଜ ବିଛଣାରେ ଶୋଇ ଛାତକୁ ଅନାଇ ଥିଲା । ଉଠି ବତି ଲଗାଇଲା । ତା'ପରେ ଘରସାରା ପଦଚାରଣ କରିବାକୁ ଲାଗିଲା । ଭଲପାଇବା ପାଇଁ ମଧ୍ୟ ସୁଖ ନାହିଁ । ଗୋଟାଏ ଅନିର୍ଦ୍ଦିଷ୍ଟ ଆଶଙ୍କା ତା'ର ହୃଦୟକୁ ଗ୍ରାସ କରିଛି । ଯେପରି ମରଣଠାରୁ ଆହୁରି ବଡ଼ ବିପଦ ତାକୁ ଆପେକ୍ଷା କରି ବସିଛି । କେତେବେଳେ ସେ ତାକୁ ଗ୍ରାସ କରିବ ଠିକଣା ନାହିଁ । ଏଇ ଶଙ୍କାରୁ ମୁହୂର୍ତ୍ତେ ତା'ର ନିସ୍ତାର ନାହିଁ । ମଝିରେ ମଝିରେ ତାର ଇଚ୍ଛା ହେଉଛି, ଚୁପ୍‌ଚାପ୍ କାହାକୁ କିଛି ନକହି ବିଜୟନଗର ଛାଡ଼ି ପଳାଇଯିବ । କିନ୍ତୁ କେଉଁଠିକୁ ଯିବ ? ବିଜୟନଗର ତା'ର ହୃଦୟକୁ ଲୁହାଜଞ୍ଜିରରେ ଗୁଡ଼େଇ ବାନ୍ଧି-ରଖିଛି । ବିଜୟନଗର ଛାଡ଼ି ସେ ଆଉ ମୁସଲମାନ ରାଜ୍ୟକୁ ଫେରିଯାଇ ପାରିବ ନାହିଁ । ପ୍ରାଣ ଗଲେ ମଧ୍ୟ ଭଲ ।

କଙ୍କଣ-କିଙ୍କିଣୀର ମୃଦୁ ଶବ୍ଦ ଶୁଣି ଅର୍ଜୁନ ଠିଆ ହୋଇ ପଡ଼ିଲା । ମୁଣ୍ଡ ବୁଲେଇ ଦେଖିଲା ବିଦ୍ୟୁନ୍ମାଳା ଦୁଆର ନିକଟକୁ ଆସି ଘରର ଏପଟ ସେପଟ ଦୃଷ୍ଟିପାତ କରୁଥିଲେ । ବଲରାମ ନାହିଁ ଦେଖି ସେ ଅର୍ଜୁନ ସମ୍ମୁଖରେ ଆସି ଠିଆ ହେଲେ । ଦୀପର ସ୍ନିଗ୍ଧ ଆଲୋକ ସ୍ପର୍ଶରେ ତାଙ୍କର ଅଙ୍ଗର ରତ୍ନ ଅଳଙ୍କାର ଝଲମଲ କରି ଉଠିଲା ।

ବୃହନ୍ନଳା ସାମାନ୍ୟ ହସି ଗଦ୍‌ଗଦ୍ କଣ୍ଠରେ କହିଲେ—'ମୁଁ ମରିବାକୁ ଚାହେଁନା, ମୁଁ ତୁମକୁ ଚାହେଁ । ମୋର ଲଜ୍ଜା ନାହିଁ, ଅଭିମାନ ନାହିଁ, ମୁଁ କେବଳ ତୁମକୁ ଚାହେଁ ।' ଦୁଇବାହୁ ବଢ଼ାଇ ସେ ଅର୍ଜ୍ଜୁନର ଗଳା ବେଷ୍ଟନ କଲେ । ଗ୍ଭୋଟ ନିଶ୍ୱାସ ପକାଇ ତା'ର ଗ୍ରୀବରେ ମୁଣ୍ଡ ରଖିଲେ ।

ଅର୍ଜ୍ଜୁନ ଜଗତ ଭୁଲିଗଲା । ତାହାର ବାହୁ ବୃହନ୍ନଳାଙ୍କ ଦେହକୁ ଦୃଢ଼ ବନ୍ଧନରେ ବାନ୍ଧି ଦେଲା ।

ହୃଦୟ ସହିତ ହୃଦୟ ମିଶିଗଲା । କେତେ ସମୟ ଏପରି ଚାଲିଗଲା ତାଙ୍କର ଧାରଣା ନାହିଁ । ସେମାନେ ଅଜଣା ଅମୃତ ସାଗରରେ ବୁଡ଼ିଯାଇଛନ୍ତି । ପ୍ରତି ଅଙ୍ଗ ତାଙ୍କର ଆନନ୍ଦରେ ବିଭୋର ।

ତା'ପରେ ସେମାନେ ଏଇ ଆତ୍ମବିସ୍ମୃତ ରସୋଲ୍ଲାସ ମଧ୍ୟରୁ ଉଠିଲେ । ଆଖି ଖୋଲି ଦେଖିଲେ, କିଏ ଜଣେ ଆସି ତାଙ୍କ ପାଖରେ ଠିଆ ହୋଇଛନ୍ତି ।

ତେବେ ସୁଦ୍ଧା ସହଜରେ ମୋହତନ୍ଦ୍ରା କଟିବାକୁ ଚାହେଁନା । ଧୀରେ ଧୀରେ ସେମାନେ ଚେତନା ଫେରି ପାଇଲେ । ଯିଏ ଠିଆ ହୋଇଛନ୍ତି ସେ ହେଉଛନ୍ତି ମହାରାଜ ଦେବରାୟ ।

ଏଇ ଉଭୟଙ୍କର ସତ୍ୟ ସମ୍ପୂର୍ଣ୍ଣରୂପେ ଅନ୍ତର ଭିତରେ ପ୍ରବେଶ ହେବାପରେ ଦୁଇ-ଜଣ ବିଦ୍ୟୁତ୍‌ବେଗରେ ପରସ୍ପର ଠାରୁ ଅନ୍ତର ହୋଇ ଠିଆ ହେଲେ । ରାଜା ବୃହନ୍ନଳା ଆଡ଼କୁ ଚାହିଁଲେ ନାହିଁ । ଅର୍ଜ୍ଜୁନ ଉପରେ ଦୃଷ୍ଟି ନିବଦ୍ଧ କରି ଭଗ୍ନୋତ୍ଥ କଣ୍ଠରେ କହିଲେ, 'ଅର୍ଜ୍ଜୁନବର୍ମା !'

ଅର୍ଜ୍ଜୁନ ନତମୁଖ ହୋଇ ରହିଲା । କଣ୍ଠରେ କଥା ଜୁଟିଲା ନାହିଁ । ରାଜା ଯେଉଁ ଦୃଶ୍ୟ ଦେଖିଛନ୍ତି ତା'ର ଏକମାତ୍ର ଅର୍ଥ ହୁଏ, ଦ୍ୱିତୀୟ ଅର୍ଥ ନାହିଁ । ତେଣୁ ବାକ୍ୟବ୍ୟୟ କରିବା ନିଷ୍ପ୍ରୟୋଜନ ।

ରାଜାଙ୍କ କଟିରେ ତରବାରି ଝୁଲୁଥିଲା । ରାଜା ତରବାରି ମୂଠାରେ ହାତ ରଖିଲେ । ବୃହନ୍ନଳା ତ୍ରାସବିସ୍ଫାରିତ ନେତ୍ରରେ ରାଜାଙ୍କ ଆଡ଼କୁ ଚାହିଁ ବ୍ୟାକୁଳ କଣ୍ଠରେ କହି ଉଠିଲେ—'ରାଜାଧିରାଜ ! ଅର୍ଜ୍ଜୁନ ବର୍ମାଙ୍କୁ କ୍ଷମା କରନ୍ତୁ । ତା'ର କୌଣସି ଦୋଷ ନାହିଁ । ମୁଁ ଅପରାଧିନୀ । ହତ୍ୟା କରିବାକୁ ହେଲେ ମୋତେ ହତ୍ୟା କରନ୍ତୁ ।'

ରାଜା ବିବର୍ଣ୍ଣପୂର୍ଣ୍ଣ ଆଖିରେ ବୃହନ୍ନଳାଙ୍କୁ ଚାହିଁଲେ । ବୃହନ୍ନଳା ଊର୍ଦ୍ଧ୍ୱମୁଖୀ ହୋଇ କହିବାକୁ ଲାଗିଲେ—'ରାଜାଧିରାଜ ! ମୁଁ ଅର୍ଜ୍ଜୁନ ବର୍ମାଙ୍କୁ ପ୍ରଲୁବ୍ଧ କରିଥିଲି । କିନ୍ତୁ ସେ ମୋତେ ନେଇ ପଳାଇ ଯିବାକୁ ରାଜି ହୋଇନାହାନ୍ତି । ତାଙ୍କର ଅପରାଧ ନାହିଁ, ମୁଁ ଅପରାଧିନୀ, ମୋତେ ଦଣ୍ଡ ଦିଅନ୍ତୁ ।'

ରାଜାଙ୍କ ମୁହଁରେ କୌଣସି ପରିବର୍ତ୍ତନ ହେଲାନାହିଁ । ସେ ଆନ୍ତୁର କଷ୍ଟକୁ ଘୃଣାପୂର୍ଣ୍ଣ ଆଖିରେ ଚାହିଁ ଦୁଇ ହାତରେ ତାଳି ବଜାଇଲେ । ଛଅଜଣ ଅସିଧାରିଣୀ ପ୍ରତିହାରିଣୀ କକ୍ଷ ମଧ୍ୟରେ ପ୍ରବେଶ କଲେ । ସେମାନଙ୍କ ଆଗରେ ପିଙ୍ଗଳା ।

ରାଜା କହିଲେ—'ରାଜକୁମାରୀଙ୍କୁ ମହଲକୁ ନେଇଯାଅ ।'

ପିଙ୍ଗଳା ରାଜକୁମାରୀଙ୍କ ହାତଧରି ସହଜ ସ୍ୱରରେ କହିଲା—'ଆସନ୍ତୁ ଦେବି !'

ବିଦ୍ୟୁନ୍ମାଳା ଥରେ ରାଜାଙ୍କ ଆଡ଼କୁ ଏବଂ ଥରେ ଅର୍ଜ୍ଜୁନ ଆଡ଼କୁ ଚାହିଁଲେ । ତା'ପରେ ଅଧର ଦଂଶନ କରି ଗର୍ବିତ ପଦକ୍ଷେପରେ ଦାସୀମାନଙ୍କ ସହିତ ପ୍ରସ୍ଥାନ କଲେ । ସେ ରାଜକନ୍ୟା, ଦାସୀମାନଙ୍କ ସମ୍ମୁଖରେ ଦୀନତା ପ୍ରକାଶ କରି ଚଳିବ ନାହିଁ ।

କକ୍ଷରେ ରହିଲେ ରାଜା ଆଉ ଅର୍ଜ୍ଜୁନ । ରାଜା ବର୍ତ୍ତମାନ ଶୈଳଶୃଙ୍ଗ ଭଳି ଜଳୁଥିଲେ, ଅର୍ଜ୍ଜୁନ ତାଙ୍କ ସମ୍ମୁଖରେ ମୁହ୍ୟମାନ । ରାଜାଙ୍କ ହାତ ପୁଣି ତରବାରିର ମୁଠା ଉପରେ ପଡ଼ିଲା । ସେ କହିଲେ—'ରାଜକନ୍ୟା ଯାହା କହିଗଲେ, ତାହା କ'ଣ ସତ୍ୟ ?'

ଅର୍ଜ୍ଜୁନ ଜାଣେ ରାଜକନ୍ୟାଙ୍କ କଥା ସତ୍ୟ, କିନ୍ତୁ ନିଜର ପ୍ରାଣରକ୍ଷା ପାଇଁ ତାଙ୍କ କାନ୍ଧରେ ସମସ୍ତ ଦୋଷ ଲଦି ପାରିବନାହିଁ । ସେ ଥରେ ମୁହଁ ଉଠାଇ ପୁଣି ମୁହଁ ନତ କଲା । ଧୀରେ ଧୀରେ କହିଲା—'ମୁଁ ମଧ୍ୟ ସମାନ ଅପରାଧୀ ମହାରାଜ !'

ରାଜା ଗର୍ଜ୍ଜି ଉଠିଲେ—'କୃତଘ୍ନ ! ବିଶ୍ୱାସଘାତକ ! ଏଇ ଅପରାଧର ଦଣ୍ଡ କ'ଣ ଜାଣ ?'

ଅର୍ଜ୍ଜୁନ ମୁହଁ ନ ଉଠାଇ କହିଲା—'ଜାଣେ ମହାରାଜ !'

ରାଜା କହିଲେ—'ମୃତ୍ୟୁଦଣ୍ଡ ହିଁ ତୁମର ଏକମାତ୍ର ଦଣ୍ଡ । କିନ୍ତୁ ତୁମେ ଥରେ ମୋର ପ୍ରାଣରକ୍ଷା କରିଥିଲ । ମୁଁ ମଧ୍ୟ ତୁମର ପ୍ରାଣଦାନ କଲି । ଯାଅ, ଏଇ ମୁହୂର୍ତ୍ତରେ ମୋର ରାଜ୍ୟ ତ୍ୟାଗ କର । ଅହୋରାତ୍ର ପରେ ଯଦି ତୁମେ ବିଜୟନଗର ରାଜ୍ୟରେ ମିଳ, ତୁମର ପ୍ରାଣଦଣ୍ଡ ହେବ । ବିଜୟନଗରରେ ତୁମର ସ୍ଥାନ ନାହିଁ ।'

ଅର୍ଜ୍ଜୁନ ନିକଟରେ ଏହା ପ୍ରାଣଦଣ୍ଡଠାରୁ ଅଧିକ କଠିନ ଦଣ୍ଡ । କିନ୍ତୁ ସେ ନତଜାନୁ ହୋଇ ହାତଯୋଡ଼ି କହିଲା—'ଯଥା ଆଜ୍ଞା ମହାରାଜ !'

ଦୁଇଦଣ୍ଡ ପରେ ବଳରାମ ଘର ଭିତରକୁ ପ୍ରବେଶ କରୁ କରୁ କହିଲା—'ରାଜାଙ୍କ ସାକ୍ଷାତ ପାଇଲିନାହିଁ । ସେ ବିଶ୍ରାମ-ଭବନରେ ନାହାନ୍ତି । ଏ କ'ଣ ! ଅର୍ଜ୍ଜୁନ—?'

ଅର୍ଜ୍ଜୁନ ମାଟି ଉପରେ ଗୋଡ଼ରେ ମୁଣ୍ଡ ଦେଇ ବସିଅଛି । ବଳରାମର କଥା ଶୁଣି ମଳିନ ମୁଖ ଉଠାଇଲା । ବଳରାମ କମାଣର ଥଳି ପକାଇ ଦେଇ ତା' ନିକଟ ଆସି ବସିଲା, ବ୍ୟଗ୍ରକଣ୍ଠରେ ପଚାରିଲା—'କ'ଣ ହୋଇଛି ଅର୍ଜ୍ଜୁନ ?'

ଅର୍ଜ୍ଜୁନ ଭଗ୍ନକଣ୍ଠରେ କହିଲା—'ରାଜା ମୋତେ ବିଜୟନଗରରୁ ନିର୍ବାସନ ଦେଇଛନ୍ତି ।'

'ଏଁ ! ସେ କ'ଣ ! କାହିଁକି ? କେଉଁଥି ପାଇଁ ?'

ଅର୍ଜ୍ଜୁନ ଅନେକ ସମୟ ନୀରବ ହୋଇ ବସିଲା । ତାପରେ ନତମୁଖରେ ବଳରାମକୁ ସମସ୍ତ କଥା କହିଲା, କିଛି ଗୋପନ କଲା ନାହିଁ । ବଳରାମ ଶୁଣି କିଛି ସମୟ ଚଟାଣ ଉପରେ ଆଙ୍ଗୁଳିରେ ଗାର କାଟିଲା । ଶେଷରେ ଉଠି ଯାଇ ନିଜ ଶଯ୍ୟାରେ ଶୋଇଲା ।

ଦାସୀ ରାତ୍ରର ଖାଦ୍ୟ ନେଇ ଆସିଲା । ମଞ୍ଜିରା ନୁହେଁ, ଅନ୍ୟ ଦାସୀ । ମଞ୍ଜିରା ଏବେସୁଦ୍ଧା ବାପାଙ୍କ ଘରୁ ଆସିନାହିଁ । ଦାସୀକୁ କେହି ନ ଅନାଇବାରୁ ସେ ଖାଦ୍ୟ ରଖିଦେଇ ଚାଲିଗଲା । ଅବଶେଷରେ ଗମ୍ଭୀର ନିଃଶ୍ୱାସ ତ୍ୟାଗକରି ଅର୍ଜ୍ଜୁନ ଉଠିଲା । ବାଣ୍ଡି ଦୁଇଟି ହାତରେ ନେଇ ବଳରାମର ଶଯ୍ୟା ନିକଟକୁ ଯାଇ ଠିଆ ହେଲା, । ଧୀରେ ଧୀରେ କହିଲା—'ବଳରାମ ଭାଇ, ଏବେ ମୁଁ ଯାଏ ।'

ବଳରାମ ଧଡ଼ପଡ଼ି ହୋଇ ଉଠି ବସିଲା । କହିଲା—'ଯିବ ! ଅପେକ୍ଷାକର—ଟିକିଏ ଅପେକ୍ଷାକର ।'

ସେ ଉଠି ଦ୍ରୁତହସ୍ତରେ ନିଜର ଜିନିଷପତ୍ର ସଜାଡ଼ିଲା, ନବନିର୍ମିତ କମାଣ ଇତ୍ୟାଦି ଥଳିରେ ପୁରାଇଲା । ଅର୍ଜ୍ଜୁନ ଅବାକ ହୋଇ ଦେଖୁଥିଲା । କହିଲା—'ଏ କ'ଣ, ତୁମେ ଯିବ ନା କ'ଣ ?'

ବଳରାମ କହିଲା—'ହିଁ, ତୁମେ ଯୁଆଡ଼େ, ମୁଁ ସିଆଡ଼େ ।'

ଅର୍ଜ୍ଜୁନ କୁଣ୍ଠିତ ହୋଇ କହିଲା—'କିନ୍ତୁ ରାଜାଙ୍କ କମାଣ ତିଆରି—!'

ବଳରାମ କହିଲା—'କମାଣ ତିଆରି ରହିଲା ।'

କ୍ଷଣକାଳ ସ୍ତବ୍ଧ ହୋଇ ଅର୍ଜ୍ଜୁନ କହିଲା—'ଆଉ ମଞ୍ଜିରା ?'

ବଳରାମ କହିଲା—'ମଞ୍ଜିରା ରହିଲା । ଯେଉଁଠି ସ୍ତ୍ରୀଲୋକ ସେଇଠି ବିପଦ । ଚାଲ, ବାହାରି ପଡ଼ିବା । ଆରେ, ଖାଇବାକୁ ଦେଇଯାଇଛି ଦେଖୁଛି । ଆସ, ଖାଇନେବା । ଆଉ ପୁଣି କେବେ ରାଜଭୋଗ ଜୁଟିବ କିଏ ଜାଣେ ।'

ଅର୍ଜ୍ଜୁନର କ୍ଷୁଧା-ତୃଷ୍ଣା ନଥିଲା । ତଥାପି ସେ ବଳରାମ ସହିତ ଖାଇବାକୁ ବସିଲା । ଆହାର ପରେ ଦୁଇବନ୍ଧୁ ବାହାରକୁ ଆସିଲେ । ବଳରାମ କହିଲା—'ଚାଲ ଆଗେ ବଜାରକୁ ଯିବା ।'

ଅର୍ଜ୍ଜୁନ ଶାସ୍ତି ପାଉଛି । ଏବେ ପ୍ରଶ୍ନ ହେଉଛି ବିଦ୍ୟୁନ୍ମାଳାକୁ ନେଇ କ'ଣ କରାଯିବ ? ଜାଣିଶୁଣି ତାକୁ ବିବାହ କରିବା ଅସମ୍ଭବ । ଅଥଚ ବିବାହ ନକରି ତାକୁ ପିତୃରାଜ୍ୟକୁ ଫେରାଇ ଦେବା ସମ୍ଭବ ନୁହେଁ । ଗଜପତି ଭାନୁଦେବ ସାମାନ୍ୟ ବ୍ୟକ୍ତି ନୁହନ୍ତି । ସେ ଏଇ ଅପମାନ ସହ୍ୟ କରିପାରିବେ ନାହିଁ । ପୁଣି ଯୁଦ୍ଧ ଲାଗିବ, ଯିଏ ମିତ୍ର ହୋଇଛନ୍ତି, ସିଏ ଶତ୍ରୁ ହେବେ । ବିଷ ଖୋଇ କିମ୍ବା ଅନ୍ୟ କୌଣସି ଉପାୟରେ ବିଦ୍ୟୁନ୍ମାଳାର ପ୍ରାଣନାଶ କରାଇ ଅପଘାତ ବୋଲି ରଟନା କରିଦେଲେ ସମସ୍ୟାର ସମାଧାନ ହେବ । କିନ୍ତୁ—

ମଣିକଙ୍କଣା ପ୍ରବେଶ କଲା । ତା'ର ମୁହଁ ଶୁଖିଲା । ଚକ୍ଷୁ ଦୁଇଟି ଆତଙ୍କରେ ବିସ୍ଫାରିତ । ଦ୍ୱିଧାଜଡ଼ିତ ପାଦରେ ସେ ପଲଙ୍କ ପାଖକୁ ଆସି ଠିଆ ହେଲା । ଶଙ୍କାକୁଳ କଣ୍ଠରେ କହିଲା—'ମହାରାଜ, କ'ଣ ହୋଇଛି ? ମାଳା କ'ଣ କରିଛି ?'

ବିଦ୍ୟୁନ୍ମାଳା ଭିତରେ ଭିତରେ କ'ଣ କରୁଛି ମଣିକଙ୍କଣା କିଛି ଜାଣିପାରି ନାହିଁ । ଏବେ ବିଦ୍ୟୁନ୍ମାଳାକୁ ସହସା ବନ୍ଦିନୀ ଅବସ୍ଥାରେ ପୃଥକ କକ୍ଷରେ ରଖାହେବାର ଦେଖି ମଣିକଙ୍କଣା ଆଶଙ୍କାରେ ଥରହର ହୋଇଯାଇଛି ।

ଦେବରାୟ ଅପଲକ ନେତ୍ରରେ କିଛିକ୍ଷଣ ତା' ମୁହଁକୁ ଚାହିଁ କହିଲେ—'ତୁମେ ଜାଣ ନାହିଁ ?'

ମଣିକଙ୍କଣା ପଲଙ୍କ ପାଟରେ ବସିପଡ଼ିଲା । ରାଜାଙ୍କ ପାଦରେ ହାତରଖି କହିଲା—'ନା ମହାରାଜ ! ମୁଁ କିଛି ଜାଣେ ନାହିଁ । କିନ୍ତୁ ମୋର ବଡ଼ ଭୟ ହେଉଛି ।'

ସହସା ମହାରାଜ ଦେବରାୟଙ୍କ ମନର ରାଗ ସମ୍ପୂର୍ଣ୍ଣ ଉଦ୍ବେଳିତ ହେଲା । ପୃଥିବୀରେ ବିଦ୍ୟୁନ୍ମାଳା ମଧ୍ୟ ଅଛି, ମଣିକଙ୍କଣା ମଧ୍ୟ ଅଛି; ସରଳତା ଓ କପଟତା ପାଖାପାଖି ବାସ କରୁଛନ୍ତି । ସେ ମଣିକଙ୍କଣାକୁ ପାଖକୁ ଟାଣିଆଣି ଈଷତ୍ ଗାଢ଼ ସ୍ୱରରେ କହିଲେ - 'ତା' ହେଲେ ତୁମର ଜାଣିବା ଦରକାର ନାହିଁ । ଆଜିଠାରୁ ତୁମେ ଓ ବିଦ୍ୟୁନ୍ମାଳା ଅଲଗା ରହିବ ।'

ଅର୍ଜ୍ଜୁନ ଓ ବଳରାମ ଚାଲିଥିଲେ । ମେଘାଚ୍ଛନ୍ନ ଆକାଶ ତଳେ ଅସ୍ପଷ୍ଟ ପଥରେଖା ଧରି ଚାଲିଥିଲେ । କେହି କଥା କହୁ ନଥିଲେ, କହିବାର ବା କ'ଣ ଅଛି ?

ଗୋଟି ଗୋଟି କରି ନଗରର ସପ୍ତତୋରଣ ପାର ହୋଇ ମଧ୍ୟରାତ୍ରି ବେଳକୁ ନଗର ସୀମା ବାହାରେ ଉପସ୍ଥିତ ହେଲେ । ଏହାପରେ ରାଜପଥର ସ୍ପଷ୍ଟ ନିର୍ଦ୍ଦେଶ ଆଉ ମିଳେ ନାହିଁ । ନଦୀ ଯେଉଁଭଳି ସମୁଦ୍ରରେ ପ୍ରବେଶ କରି ନିଜର ଅସ୍ତିତ୍ୱ ହରାଇ ବସେ,

ରାଜପଥ ମଧ୍ୟ ଯେଇଭଳି ଉନ୍ମୁକ୍ତ ପ୍ରାନ୍ତରରେ ଆସି ନିଜକୁ ହଜାଇ ଦେଇଛି । ପଥ-ବିପଥ ନିର୍ଣ୍ଣୟ କରି ଅଗ୍ରସର ହେବା ଦୁଷ୍କର ।

ଝିଲ୍ ଝିଲ୍ ଟିପିଟିପି ବର୍ଷା ଆରମ୍ଭ ହେଲା । ବଳରାମ ଏପର୍ଯ୍ୟନ୍ତ ନୀରବରେ ଚାଲୁଥିଲେ, ଏବେ ଅଟ୍ଟହାସ୍ୟ କରି ଉଠିଲେ । କହିଲେ—'ଆକାଶର ଦେବରାଜ ଆଉ ବିଜୟନଗରର ଦେବରାୟ ଦୁଇଜଣ ଆମ ଉପରେ ଅସନ୍ତୁଷ୍ଟ ।'

କେତେ ପାଦ ଚାଲିବା ପରେ ଅର୍ଜ୍ଜୁନ କହିଲେ—'ବିଜୟନଗରର ଦେବରାୟଙ୍କର ଦୋଷ ନାହିଁ । ଦୋଷ ମୋର ।'

ବଳରାମ କହିଲେ—'କାହାରି ଦୋଷ ନାହିଁ । ଦୋଷ ଭାଗ୍ୟର । ଦୈବଜ୍ଞ ବ୍ରାହ୍ମଣ ଠିକ୍ କହିଥିଲେ ।'

'ହୁଁ, ମୋର ସଙ୍ଗଦୋଷରୁ ତୁମର ସର୍ବନାଶ ହେଲା ।'

'ସେ ମୋର ଭାଗ୍ୟ ।'

ଟିପି ଟିପି ବର୍ଷା ପଡ଼ୁଛି । ମଝିରେ ମଝିରେ ବିଦ୍ୟୁତ୍ ଝଲକ ଅଦୃଶ୍ୟ ପ୍ରକୃତିକୁ ଦୃଶ୍ୟମାନ କରି ଲିଭିଯାଉଛି । ରହି ରହି ପବନ ବହିବାକୁ ଲାଗିଲା । ପଥିକ ଦୁଇଜଣ ଏପର୍ଯ୍ୟନ୍ତ କୌଣସି ଅସ୍ୱାଚ୍ଛନ୍ଦ୍ୟ ବୋଧ କରି ନଥିଲେ । ଏବେ ରୋମାଞ୍ଚକର ଶୀତ ଅନୁଭବ କଲେ ।

ରାତି ତୃତୀୟ ପ୍ରହର ଅତୀତ ହେବାପରେ ବିଦ୍ୟୁତ୍ ଆଲୋକରେ ଗୋଟିଏ ଦେଉଳ ଆଖିରେ ପଡ଼ିଲା । ଦେଉଳଟି ଭଗ୍ନପ୍ରାୟ, କିନ୍ତୁ ଛାତଥିବା ବହିରାଙ୍ଗନ ଏବେ ସୁଦ୍ଧା ଠିଆ ହୋଇ ରହିଛି । ପରିତ୍ୟକ୍ତ ଦେବାଳୟ । ଏଠାରେ ମଣିଷ ରହନ୍ତି ବୋଲି ମନେହୁଏ ନାହିଁ । ବଳରାମ କହିଲେ --'ଆସ, କିଛିକ୍ଷଣ ବିଶ୍ରାମ କରିଯାଉ । ଦିନ ଆଲୋକରେ ପୁଣି ବାହାରି ପଡ଼ିବା ।'

ଦୁଇଜଣ ଛାତ ତଳେ ବସିଲେ । ଏଠାରେ ବରଷାକର ବୃଷ୍ଟି ଓ ପବନ ନାହିଁ । ଭୂମିତଳ ମଧ୍ୟ ଶୁଖିଲା । କିଛି ସମୟ ବସିବା ପରେ ବଳରାମ ପାଦ ଦୁଇଟିକୁ ପ୍ରସାରିତ କରି ଶୟନ କଲେ । ଅର୍ଜ୍ଜୁନର ଦେହ ଅପେକ୍ଷା ମନ ଅଧିକ କ୍ଳାନ୍ତ । ସେ ଆଣ୍ଠୁ ଉପରେ ମୁଣ୍ଡରଖି ଭାବିବାକୁ ଲାଗିଲା—ବିଦ୍ୟୁନ୍ମାଳାଙ୍କ ଭାଗ୍ୟରେ କ'ଣ ଅଛି···

ଦୁଇଜଣଯାକ ଶୋଇ ପଡ଼ିଥିଲେ । ନିଦ ଭାଙ୍ଗିଲା ପକ୍ଷୀମାନଙ୍କ ଡାକରେ । ଆକାଶର ମେଘ ଭେଦକରି ଦିନର ଆଲୋକ ଫୁଟିଛି । କେତେକ ଛୋଟ ଚଢ଼େଇ ମଣ୍ଡପ ଉପରେ କଚର୍ ମିଚର୍ କରୁଥିଲେ । ଆଖପାଖରେ କୌଣସି ମଣିଷର ଚିହ୍ନବର୍ଣ୍ଣ ନାହିଁ । ଦେଉଳରେ ଦେବତାଙ୍କ ବିଗ୍ରହ ନାହିଁ ।

ଅର୍ଜ୍ଜୁନ ଓ ବଳରାମ ପୁଣି ବାହାରି ଚାଲିଲେ । ବୃଷ୍ଟି ନାହିଁ । ମେଘ ଭାଙ୍ଗି-ଗଲାଣି । ତା' ମଧ୍ୟ ଦେଇ ନୀଳ ଆକାଶ ଦେଖାଯାଉଛି । ବଳରାମ ଝୁଲାରୁ ମୁଠାଏ ଚୂଡ଼ା ବାହାର କରି ଅର୍ଜ୍ଜୁନଙ୍କୁ ଦେଲା । ନିଜେ ମୁଠାଏ ନେଲା । କହିଲା—'ଖାଇ ଖାଇ ଚାଲ ।'

ବଳରାମ ଚୂଡ଼ା ଚୋବାଉ ଚୋବାଉ ଚାରିଆଡ଼କୁ ଦେଖି ଦେଖି ଚାଲିଲା । କହିଲା—'ଏଠାରେ ମଣିଷ ନାହାନ୍ତି, ହେଲେ ଆଗରୁ ଜନବସତି ଥିଲା । ହୁଏତ ଗ୍ରାମ ଥିଲା । ବର୍ତ୍ତମାନ ତା'ର ଚିହ୍ନ ପଡ଼ିରହିଛି ଚାରିଆଡ଼େ । କେତେଦିନ ଆଗରୁ ଗ୍ରାମ ଥିଲା କିଏ ଜାଣେ ।'

ଅର୍ଜ୍ଜୁନ ଆଖି ଉଠାଇ ଇତଃସ୍ତତ ବିକ୍ଷିପ୍ତ ଗୃହଗୁଡ଼ିକର ଭଗ୍ନାବଶେଷ ଦେଖିଲା । କହିଲା—'ପଚାଶ ଷାଠିଏ ବର୍ଷରୁ ଅଧିକ ନୁହେଁ । ହୁଏତ ମୁସଲମାନମାନେ ଏଇଆଡ଼ୁ ବିଜୟନଗର ଆକ୍ରମଣ କରିଥିଲେ । ତା'ପରେ ଗ୍ରାମ ଛାରଖାର କରିଦେଇ ଚାଲିଯାଇଛନ୍ତି ।'

'ତାହା ହେବ ।'

କ୍ରମେ ସୂର୍ଯ୍ୟୋଦୟ ହେଲା । ଭାଙ୍ଗି ଯାଇଥିବା ମେଘ ମଧ୍ୟ ଦେଇ ସକାଳର ସୂର୍ଯ୍ୟ-କିରଣ ଚାରିଆଡ଼େ ବିସ୍ତୃତ ହୋଇପଡ଼ିଲା । ପାଖରେ ତୁଙ୍ଗଭଦ୍ରାର ଜଳ ସୂର୍ଯ୍ୟକିରଣରେ ଝଲମଲ କରିଉଠିଲା ।

ସେମାନେ ପଶ୍ଚିମ ଦିଗକୁ ଯାଉଛନ୍ତି । ଡାହାଣକୁ ତୁଙ୍ଗଭଦ୍ରା । କିନ୍ତୁ ସେମାନେ ତୁଙ୍ଗଭଦ୍ରାର ବିଶେଷ ନିକଟକୁ ଯାଉନାହାନ୍ତି । ସାତ ଆଠ ଦଉଡ଼ି ଦୂରରେ ଯାଉଛନ୍ତି । ତୁଙ୍ଗଭଦ୍ରାର ତୀରରେ କଣ୍ଟାଗଛ ଅଛି । ତାଛଡ଼ା ସୈନିକମାନଙ୍କ ହାତରେ ପଡ଼ିଲେ ଗଣ୍ଡଗୋଳ ହେବ ।

ରାସ୍ତାରେ ଗୋଟିଏ ଛୋଟ ନଦୀ ପଡ଼ିଲା । ବର୍ଷାଜଳରେ ଖରସ୍ରୋତା କିନ୍ତୁ ଅଗଭୀର । ଦକ୍ଷିଣ ଦିଗରୁ ଆସି ତୁଙ୍ଗଭଦ୍ରାରେ ମିଶିଛି । ଅର୍ଜ୍ଜୁନ ଓ ବଳରାମ ଜଳରେ ପଶି ଅଞ୍ଜୁଳା ଅଞ୍ଜୁଳା କରି ପାଣି ପିଇଲେ । ତା'ପରେ ଅଣ୍ଟୁଏ ପାଣି ପାରହୋଇ ଚାଲିବାକୁ ଲାଗିଲେ ।

ତରଙ୍ଗାୟିତ ଭୂମି । ଶିଳାଖଣ୍ଡର ଫାଙ୍କେ ଫାଙ୍କେ ଘାସ ଉଠିଛି, ରାସ୍ତାର ଚିହ୍ନ ନାହିଁ । ଆକାଶରେ କେତେବେଳେ ଖରା କେତେବେଳେ ଛାଇ । ଦୁଇ ପାନ୍ଥ ଚାଲିଛନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ବିଜୟନଗର ରାଜ୍ୟର ସୀମାନ୍ତ ପାର ହୋଇଯିବାକୁ ହେବ ।

ଦି'ପହରକୁ ସେମାନେ ଗୋଟିଏ ଶାଖାନାଳର ତୀରରେ ବସି ଗୁଡ଼ ଦେଇ ଚୂଡ଼ା ଖାଇଲେ । ତାପରେ ନାଳରୁ ପାଣି ପିଇ ପୁଣି ଚାଲିବାକୁ ଲାଗିଲେ ।

ଅପରାହ୍ଣରେ ସେମାନେ ଗୋଟିଏ ବିସ୍ତୀର୍ଣ୍ଣ ଉପତ୍ୟକାରେ ପହଞ୍ଚିଲେ । ଉପତ୍ୟକାର ପଶ୍ଚିମପଟକୁ ଅପେକ୍ଷାକୃତ ଉଚ୍ଚ ପର୍ବତ ଥିଲା । ବୋଧହୁଏ ଏଇ ପର୍ବତ ହିଁ ବିଜୟନଗର ରାଜ୍ୟର ଅପରାନ୍ତ ।

ଉପତ୍ୟକାର ଉପର ଦେଇ ଯାଉ ଯାଉ ଦୁଇ ପାନ୍ଥ ଲକ୍ଷ୍ୟ କଲେ, ଆଖପାଖରେ ନିକଟରେ ଦୂରରେ ବହୁ ସ୍ତୂପ ରହିଛି । ସ୍ତୂପଗୁଡ଼ିକର ଅଭ୍ୟନ୍ତରସ୍ଥ ପଥର ଦେଖାଯାଏ ନାହିଁ, ବହୁ ଯୁଗରୁ ଧୂଳିବାଲିରେ ଢଙ୍କା ପଡ଼ିଛି । ମନେ ହୁଏ, ସୁଦୂର ଅତୀତରେ ଏଇ ଉପତ୍ୟକାରେ ଗୋଟିଏ ସମୃଦ୍ଧ ଜନପଦ ଥିଲା । ତାପରେ କାଳର ଅତଳ ଗର୍ଭରେ ଭଗ୍ନସ୍ତୂପରେ ପରିଣତ ହୋଇଛି । ମଣିଷହାତର ଚିହ୍ନ ପୋଛିହୋଇ ଯାଇଛି ।

ଅର୍ଜୁନ ଓ ବଳରାମ ପ୍ରାଚୀର ସଦୃଶ ପର୍ବତର ପାଦତଳେ ଯେତେବେଳେ ପହଞ୍ଚିଲେ ସେତେବେଳକୁ ସୂର୍ଯ୍ୟାସ୍ତ ହୋଇନାହିଁ ସତ, କିନ୍ତୁ ସୂର୍ଯ୍ୟ ପର୍ବତ ଆଢ଼ୁଆଳରେ ଢଙ୍କା ପଡ଼ିଲେଣି । ପର୍ବତ ଉପରେ ଧାଡ଼ିଏ ପଥରସ୍ତମ୍ଭ ଦେଖି ବୁଝାଯାଏ ଏହାହିଁ ବିଜୟନଗର ରାଜ୍ୟର ପଶ୍ଚିମ ସୀମାନ୍ତ ।

ବଳରାମ ଉପରକୁ ଚାହିଁ କହିଲା—'ଏଇ ପାହାଡ଼ ପାରହେଲେ ହିଁ ଆମେ ମୁକ୍ତ । ଚାଲ, ବେଳ ଥାଉ ଥାଉ ପାର ହୋଇଯିବା ।'

ପର୍ବତ ବେଶ ଖସଡ଼ା । ସାବଧାନରେ ଉପରକୁ ଉଠୁ ଉଠୁ ବଳରାମ ମନ୍ତବ୍ୟ ଦେଲା—'ସେପଟେ କାହା ରାଜ୍ୟ କିଏ ଜାଣେ ?'

ଅର୍ଜୁନ କହିଲା—'ଯଦି ମୁସଲମାନ ରାଜ୍ୟ ହୁଏ—'

ବଳରାମ କହିଲା—'ଯଦି ମୁସଲମାନ ରାଜ୍ୟ ହୁଏ, ଅନ୍ୟ ରାଜ୍ୟକୁ ଚାଲିଯିବା । ଦକ୍ଷିଣରେ ସମୁଦ୍ରକୂଳରେ ଗୋଟିଏ ଦୁଇଟି ସ୍ୱାଧୀନ ହିନ୍ଦୁ ରାଜ୍ୟ ଅଛି ।'

ପାହାଡ଼ରେ ବେଶୀ ଦୂର ଉଠିବାକୁ ହେଲନାହିଁ । ଅଳ୍ପ ଦୂର ଉଠି ସେମାନେ ଦେଖିଲେ ସମ୍ମୁଖରେ ଗୋଟିଏ ଗୁହାର ମୁହଁ । ବହୁକାଳ ପୂର୍ବରୁ ଏହା ମଣିଷ ଦ୍ୱାରା ବ୍ୟବହୃତ ହେଉଥିଲା । ଗୁହାର ମୁହଁ ଉଚ୍ଚ ଶିଳାଖଣ୍ଡ ଦ୍ୱାରା ବନ୍ଦ ହୋଇଥିଲା । ଏବେ ଶିଳାଖଣ୍ଡ ଭାଙ୍ଗି ଯାଇ ଗୁହାମୁହଁ ଲୁଚୁଡ଼ି ପଡ଼ିଛି । କିନ୍ତୁ ଗୁହାମୁହଁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇ ନାହିଁ ।

ବଳରାମ ଗୁହାମୁହଁକୁ ଉଙ୍କି ମାରି କହିଲା—'ଆମର ଦେଖୁଛି ଗୁହା-ଭାଗ୍ୟ ପ୍ରବଳ, ଯେଉଁଠିକୁ ଯାଉଛନ୍ତି ସେଠାରେ ଗୁହା ।'

ବଳରାମ ଖଣ୍ଡେ ପଥର ଉପରେ ବସିଲା । ଆକାଶ ଆଡ଼କୁ ଦୃଷ୍ଟି ନିକ୍ଷେପ କରି କହିଲା—'ରାତିରେ ବୋଧହୁଏ ପୁଣି ବର୍ଷା ହେବ । ପାହାଡ଼ ସେପଟରେ ଆଶ୍ରୟ ମିଳିବ କି ନାହିଁ ଠିକ୍‌ନାହିଁ । କ'ଣ କହୁଛ—ଆଜି ରାତିରେ ଗୁହାରେ କଟାଇବା ତ ?'

ଅର୍ଜ୍ଜୁନ ନିର୍ଲିପ୍ତ ସ୍ୱରରେ କହିଲା —'ତୁମର ଯାହା ଇଚ୍ଛା ।'

'ତେବେ ଆସ, ଏଇ ବେଳା ଗୁହାରେ ପଶିଯିବା ।' ବଲରାମ ଉଠି ଗୁହାରେ ପ୍ରବେଶର ଉପକ୍ରମ କଲା ।

ଏଇ ସମୟରେ ଅର୍ଜ୍ଜୁନର ନଜର ପଡ଼ିଲା ଗୁହା ମୁହଁରେ ଥିବା ଖଣ୍ଡେ ପଥର ଫଳକ ଉପରେ । ଅସମତଳ ପଥର ଫଳକ ଦେହରେ କର୍ଣ୍ଣାଟୀ ଲିପିରେ କେତେ-ଗୁଡ଼ିଏ ଅଙ୍କାବଙ୍କା ଅକ୍ଷର ଖୋଦିତ ହୋଇଅଛି ।

ଅପଟୁ ହାତରେ ପଥର କାଟି କେହି ଏଇ ଶବ୍ଦଗୁଡ଼ିକ ଖୋଦିତ କରିଥିଲେ । ବହୁଦିନରୁ ଖରାବର୍ଷା ପ୍ରକୋପରୁ ଅସ୍ପଷ୍ଟ ହୋଇଯାଇଛି । ତେବେ ଯତ୍ନକଲେ ପାଠୋଦ୍ଧାର କରାଯାଏ—'ଦେବଦାସୀ ତନୁଶ୍ରୀ ଗୌଡ଼ନିବାସୀ ମୀନକେତୁଙ୍କୁ କାମନା କରିଥିଲା ।'

ଅର୍ଜ୍ଜୁନ କିଛିକ୍ଷଣ ଏଇ ଶିଳାଲେଖକୁ ଚାହିଁ ରହିଲା । ତାପରେ ଦାହାରେ ଖଣ୍ଡେ ପଥର ଉପରେ ଯାଇ ବସିଲା । ବଲରାମ କହିଲା—'କ'ଣ ହେଲା ?'

ଅର୍ଜ୍ଜୁନ ଉତ୍ତର ଦେଲା ନାହିଁ । ବହୁ ଦୂରଅତୀତର ଏକ ପରିତ୍ୟକ୍ତା ନାରୀର କଥା ଭାବିବାକୁ ଲାଗିଲା । କେବେ କିଏ ଜାଣେ, ତନୁଶ୍ରୀ ନାମକ ଏକ ଦେବଦାସୀ ଥିଲା, ସାମନା ଉପତ୍ୟକାରେ ନଗରଟି ଥିଲା, ନଗରୀର ଦେବ ମନ୍ଦିରରେ ତନୁଶ୍ରୀ ଥିଲା ଦେବଦାସୀ···ସେକାଳରେ ଦେବଦାସୀର ବିବାହ ହେଉନଥିଲା · ସେମାନେ ଦେବଭୋଗ୍ୟା···ତା'ପରେ କେଉଁଠାରୁ ଆସିଲା ମୀନକେତୁ ନାମକ ଏକ ଶିଳ୍ପୀ ·· ହୁଏତ ସେ ପାଷାଣ-ଶିଳ୍ପରେ ଦକ୍ଷ ଥିଲା । ଯେଉଁ ମନ୍ଦିରରେ ତନୁଶ୍ରୀ ଥିଲା ଦେବଦାସୀମାନଙ୍କ ମଧ୍ୟରୁ ଅନ୍ୟତମା, ସେଇ ମନ୍ଦିରର ଶିଳ୍ପଶୋଭା ରଚନା କରିବାପାଇଁ ଶିଳ୍ପୀ ମୀନକେତୁ ଆସିଥିଲେ·· ତା'ପରେ ତନୁଶ୍ରୀ କାମନା କଲା ଶିଳ୍ପୀ ମୀନକେତୁଙ୍କୁ···ନିଗୂଢ଼ ତୀବ୍ର କାମନା···ଦିନ ଗଲା ମାସ ଗଲା; କିନ୍ତୁ ତନୁଶ୍ରୀର କାମନା ପୂର୍ଣ୍ଣ ହେଲନାହିଁ · ଶିଳ୍ପୀ ମୀନକେତୁ ଦିନେ କାମସାରି ଚାଲିଗଲା, ହୁଏତ ତନୁଶ୍ରୀକୁ ନିଜର ପଥରକଟା ନିହାଣ ଉପହାର ଦେଇଗଲା···ତା'ପରେ ଦିନେ ଅନ୍ତରର ଗୋପନ ଦାହ ଆଉ ସହ୍ୟ କରି ନପାରି ତନୁଶ୍ରୀ ଚୁପ୍‌ଚାପ ଗୁହାମୁହଁକୁ ଆସି ପାଷାଣ ଗାତରେ ନିଜର ମର୍ମଜ୍ୱାଳା ଖୋଦିତ କରି ରଖିଲା, ଅନିପୁଣ ହାତରେ ତା'ର ହୃଦୟର କ୍ରନ୍ଦନ ପ୍ରକାଶ ପାଇଲା—ଦେବଦାସୀ ତନୁଶ୍ରୀ ଗୌଡ଼ନିବାସୀ ଶିଳ୍ପୀ ମୀନକେତୁଙ୍କୁ କାମନା କରିଥିଲା—କାମନା ପୂର୍ଣ୍ଣ ହୋଇ-ନାହିଁ । ପୂର୍ଣ୍ଣ ହୋଇଥିଲେ ନିଜ ମନର ଗୋପନ କଥା ପାଷାଣରେ ଖୋଲା ହୋଇନଥାନ୍ତା ।

ସାମାନ୍ୟ ଦେବଦାସୀ ତନୁଶ୍ରୀକୁ କେହି ମନେ ରଖିନାହିଁ । କିନ୍ତୁ ତା'ର ବ୍ୟର୍ଥ କାମନା ପାଷାଣ-ଫଳକରେ କାଳଜୟୀ ହୋଇ ରହିଛି । ଏହା କ'ଣ ସମସ୍ତ ବ୍ୟର୍ଥ କାମନାର ଅନ୍ତିମ ପରିଣତି !

ଅର୍ଜ୍ଜୁନ ତନ୍ମୟ ହୋଇ ଭାବୁଥିଲା । କେତେବୁନ୍ଦା ବୃଷ୍ଟି ଜଳ ତା' ମୁଣ୍ଡରେ ପଡ଼ିଲା । ସେ ଉପରକୁ ଥରେ ଅନାଇ ଦେଖିଲା, ସନ୍ଧ୍ୟାର ଆକାଶରେ ମେଘ ଘନୀଭୂତ ହୋଇଛି । ଝରିପଡ଼ୁଥିବା ଜଳକଣା ଯେମିତି ତରୁଣୀର ଅଶ୍ରୁଜଳ ।

ଅର୍ଜ୍ଜୁନ ଉଠି ବଳରାମକୁ କହିଲା—'ଚାଲ, ଗୁହା ଭିତରକୁ ଯିବା ।'

## —ଚାରି—

ଗୁହାର ପ୍ରବେଶ-ମୁଖ ବେଶ ପ୍ରଶସ୍ତ, କିନ୍ତୁ କ୍ରମଶ ସଙ୍କୀର୍ଣ୍ଣ ହୋଇ ଭିତରର ଅନ୍ଧକାର ମଧ୍ୟରେ ଅଦୃଶ୍ୟ ହୋଇଯାଇଛି । ତଳେ ଶୁଖିଲା ପଥର ଚଟାଣ । ଏଠାରେ ଶୋଇଲେ ଆଉ କୌଣସି ସୁଖ ନଥାଉ ପଛେ, ବର୍ଷାରେ ଭିଜିବାର ଭୟ ନାହିଁ ।

ଦୁଇଜଣ ପଥର ଚଟାଣର କିଛି ଅଂଶ ଝାଡ଼ିଝୁଡ଼ି ବସିଲେ । ବଳରାମ କହିଲା—'ମନ୍ଦ ହେଲନାହିଁ । ଯଦି ବାଘ ଭାଲୁ ନଆସନ୍ତି ଆରାମରେ ରାତି କଟିବ । ଆସ, ଏଥର ରାଜଭୋଗ ସେବନ କରି ଶୋଇପଡ଼ିବା । ବହୁତ ଚାଲିବା ହେଲାଣି ।'

ଗୁହାର ବାହାରେ ଧୂସର ଆକାଶରୁ ବିନ୍ଦୁ ବିନ୍ଦୁ ବୃଷ୍ଟିପାତ ହେଉଛି । ଗୁହା ଭିତରେ ଅନ୍ଧକାର ଘନ ହେଉଅଛି । ଦୁଇଜଣଯାକ ଶୁଖିଲା ଚୂଡ଼ା ଓ ଗୁଡ଼ ଖାଇ ପାଖାପାଖି ଶୋଇଲେ ।

ଦୁଇଜଣଯାକ ପରିଶ୍ରାନ୍ତ । ବଳରାମ ସଙ୍ଗେ ସଙ୍ଗେ ଶୋଇପଡ଼ିଲା । ଅର୍ଜ୍ଜୁନର କିନ୍ତୁ ସଙ୍ଗେ ସଙ୍ଗେ ନିଦ ଆସିଲାନାହିଁ । ଗୁହାର ଭିତର ଓ ବାହାର ଅନ୍ଧକାରରେ ବୁଡ଼ିଗଲା; ରାତି ଗଭୀର ହେବାକୁ ଲାଗିଲା ।

କ୍ଳାନ୍ତ ଚକ୍ଷୁ ଅନ୍ଧକାରରେ ମେଲାଇ ଅର୍ଜ୍ଜୁନ ଚିନ୍ତାକରିବାକୁ ଲାଗିଲା ଦୁଇଜଣ ନାରୀଙ୍କ କଥା : ପ୍ରଥମଟି ହେଲା ବହୁକାଳରୁ ପରପାରରୁ ଆସିଥିବା ତରୁଣୀ, ଦ୍ୱିତୀୟ ହେଲା ବିଦ୍ୟୁନ୍ମାଳା । ଜଣେ ସାମାନ୍ୟା ଦେବଦାସୀ, ଅନ୍ୟଜଣେ ରାଜକୁମାରୀ; କିନ୍ତୁ ସେମାନଙ୍କ ଜୀବନର ଗୋଟିଏ ସ୍ଥାନରେ ଐକ୍ୟ ଅଛି, ସେମାନେ ଯାହା କାମନା କରିଥିଲେ ପାଇନାହାନ୍ତି ! ନିୟତିର ପକ୍ଷପାତ ନାହିଁ, ନିୟତି ନିକଟରେ ରାଜକନ୍ୟା ଓ ଦେବଦାସୀ ସମାନ । ଅର୍ଜ୍ଜୁନ ମନଭିତରେ ରାଜକନ୍ୟା ଓ ଦେବଦାସୀ ଏକାକାର ହୋଇଗଲେ ।

ଗୁହା ମଧ୍ୟରେ ଶୀତଳ ଜଳସିକ୍ତ ବାୟୁ ଧୀରେ ଧୀରେ ବହୁଛି । ବାୟୁପ୍ରବାହ ଗୁହା-ମୁଖ ଆଡ଼ୁ ଆସୁ ନାହିଁ, ଭିତର ଆଡ଼ୁ ଆସୁଛି । ଅର୍ଜ୍ଜୁନ କିଛିକ୍ଷଣ ଅନୁଭବ କରି ଭାବିଲା—ଗୁହା ମଧ୍ୟରେ ତ ବାୟୁ-ଚଳାଚଳ ନଥାଏ; ତେବେ କ'ଣ ଏହା ଗୁହା ନୁହେଁ

ସୁଡ଼ଙ୍ଗ ? ପାହାଡ଼ର ପେଟଫୁଟାଇ ଅପର ପଟରେ ବାହାରିଛି ? ତାହା ଯଦି ହୁଏ ପର୍ବତ ଲଙ୍ଘିବାର କ୍ଲେଶ କମିଯିବ ।

କ୍ରମେ ତା'ର ଚକ୍ଷୁ ବନ୍ଦହୋଇ ଆସିଲା । ଅଳ୍ପ ସମୟ ମଧ୍ୟରେ ସେ ଶୋଇ ପଡ଼ିଥାନ୍ତା; କିନ୍ତୁ ଏଇ ସମୟରେ ଗୋଟିଏ ଅତି କ୍ଷୀଣ ଶବ୍ଦ ତା'ର କାନରେ ପ୍ରବେଶ କରି ପୁଣି ତାକୁ ସଜାଗ କରି ତୋଳିଲା । ଶବ୍ଦ ନୁହେଁ ଯେପରି ପବନର ମୃଦୁ ଅଥଚ ଦ୍ରୁତ ସ୍ପନ୍ଦନ; ବହୁଦୂରରୁ ଆସୁଛି ବାଦ୍ୟଯନ୍ତ୍ରର ଶବ୍ଦ । କିଛି ସମୟ ଶୁଣିବା ପରେ ଅର୍ଜ୍ଜୁନ ଉଠି ବସିଲା ।

ହଁ, ବହୁଦୂରରେ କଡ଼୍ କଡ଼୍ ନାକାଡ଼ା ବାଜୁଛି । କିଛି ସମୟପାଇଁ ବନ୍ଦ ହୋଇଯାଉଛି, ପୁଣି ବାଜୁଛି । କିନ୍ତୁ ଏଇ ଜନପ୍ରାଣୀହୀନ ମରୁପ୍ରାନ୍ତରରେ ଏତେ ରାତିରେ ନାକାଡ଼ା ବଜାଉଛି କିଏ ? ଶବ୍ଦଟା ଏତେ କ୍ଷୀଣ ଯେ କେଉଁ ଦିଗରୁ ଆସୁଛି ଅନୁମାନ କରିହେଉ ନାହିଁ ।

ଅର୍ଜ୍ଜୁନ ବଲରାମର ଦେହରେ ହାତଦେବାକ୍ଷଣି ସେ ଉଠି ବସିଲା । ଅନ୍ଧକାରରେ କେହି କାହାରିକୁ ଦେଖି ପାରିଲେ ନାହିଁ । ବଲରାମ କହିଲା—'କଣ ?'

ଅର୍ଜ୍ଜୁନ କହିଲା—'କାନପାରି ଶୁଣ । କିଛି ଶୁଣି ପାରୁଛ ?'

ବଲରାମ କିଛିକ୍ଷଣ ସ୍ଥିର ହୋଇ ବସି ଶୁଣିଲା । ଶେଷରେ କହିଲା—'ଅନେକ ଦୂରରେ ନାକାଡ଼ା ବାଜୁଛି । ଏହା କ'ଣ ଭୌତିକ କାଣ୍ଡ ? କେଉଁମାନେ ନାକାଡ଼ା ବଜାଉଛନ୍ତି ? ହୁକ୍କ-ଡୁକ୍କ ?'

ଅର୍ଜ୍ଜୁନ କହିଲା—'ନା, ମୁସଲମାନ ନାକାଡ଼ା ବଜାଉଛନ୍ତି । ମୁଁ ତାଙ୍କର ବାଜା ଚିହ୍ନେ ।'

'ମୁଁ ମଧ୍ୟ ଚିହ୍ନେ ।' ବଲରାମ ଆଉ କିଛି ସମୟ ଶୁଣି କହିଲା—'ତାହା ହେବ । ଖିଟିମିଟି ଖିଟିମିଟି ଖିଚ୍ ଖିଚ୍ । କିନ୍ତୁ ମୁସଲମାନ ଏଠାରେ ଆସିଲେ କୁଆଡ଼ୁ ?'

'ପାହାଡ଼ ସେପଟ ବୋଧହୁଏ ବାହମନୀ ରାଜ୍ୟ ।'

'ତା' ହୋଇପାରେ, କିନ୍ତୁ ପାହାଡ଼ ପାରିହୋଇ ଏତେ ଦୂର ନାକାଡ଼ାର ଶବ୍ଦ କେମିତି ଆସିବ ?

'କାହିଁକି ଆସିବ ନାହିଁ । ଏଇ ଗୁହା ଯଦି ସୁଡ଼ଙ୍ଗ ହୁଏ, ତାହେଲେ ଆସିପାରେ ।'

'ସୁଡ଼ଙ୍ଗ !'

ଅର୍ଜ୍ଜୁନ ବାୟୁ-ଚଳାଚଳର କଥା କହିଲା । ଶୁଣି ବଲରାମ କହିଲା—'ସମ୍ଭବ । ଉପତ୍ୟକାରେ ଯେତେବେଳେ ମଣିଷ ବସତି ଥିଲା ସେତେବେଳେ ସେମାନେ ଏଇ

ସୁଡ଼ଙ୍ଗ ଦେଇ ପାହାଡ଼ ପାରହେଉଥିଲେ । ଏବେ ମଣିଷ ନାହାନ୍ତି, ଗୁହାଟା ଖାଲି ପଡ଼ିଛି । କିନ୍ତୁ ମୁସଲମାନ ଗୁହା ସେପଟରେ କ'ଣ କରୁଛନ୍ତି ? ସେପଟରେ କ'ଣ ନଗର ଅଛି ?'

'ଜାଣେ ନାହିଁ । ସମ୍ଭବ ମନେହୁଏ ନାହିଁ ।'

ବଳରାମ ଟିକଏ ନୀରବ ରହି କହିଲା—'ଆଜି ରାତିରେ ଆଉ ଖୋଜି ଲାଭ ନାହିଁ । ଶୋଇପଡ଼ । କାଲି ସକାଳୁ ଉଠି ଦେଖିବା ।'

ବଳରାମ ଶୋଇଲା । ଅର୍ଜୁନ ଉତ୍କଣ୍ଠ ଭାବରେ ବସି ରହିଲା । କିନ୍ତୁ ଦୂରର ନାକାଡ଼ା ଧ୍ୱନି ଆଉ ଶୁଣାଗଲା ନାହିଁ । ସେତେବେଳେ ସେ ମଧ୍ୟ ଶୋଇଲା ।

ପରଦିନ ସକାଳେ ଯେତେବେଳେ ତାଙ୍କ ନିଦ ଭାଙ୍ଗିଲା ସେତେବେଳକୁ ସୂର୍ଯ୍ୟୋଦୟ ହୋଇଛି । ମେଘ ମଧ୍ୟଦେଇ ସକାଳର ସୂର୍ଯ୍ୟକିରଣ ଗୁହା ମଧ୍ୟରେ ପଡ଼ିଛି । ବଳରାମ କହିଲା—'ଆସ ଦେଖିବା, ଏହା ଗୁହା ନା ସୁଡ଼ଙ୍ଗ ।'

ଦୁଇଜଣ ଗୁହା ଭିତରକୁ ଚାଲିଲେ । ସୂର୍ଯ୍ୟଙ୍କ ଆଲୁଅ ଅନେକ ଦୂର ଯାଇଛି । ସେଇ ଆଲୁଅରେ ରାସ୍ତା ଦେଖି ଚାଲିଲେ । ଗୁହା କ୍ରମଶଃ ସଂକୀର୍ଣ୍ଣ ହୋଇଆସିଛି । ଦୁଇଜଣ ଏକ ସଙ୍ଗେ ଯିବା ସମ୍ଭବ ନୁହେଁ । ଅର୍ଜୁନ ଆଗେ ଆଗେ ଚାଲିଲା ।

କିଛିବାଟ ଗଲାପରେ ଗଳି ତେର୍ଛା ଭାବରେ ମୋଡ଼ ବୁଲିଛି । ଏଠାରେ ଆଉ ସୂର୍ଯ୍ୟଙ୍କ ଆଲୁଅ ନାହିଁ । ପ୍ରଥମରୁ ଝାପ୍ସା-ଝାପ୍ସା, ତା'ପରେ ସୂଚୀଭେଦ୍ୟ ଅନ୍ଧକାର ।

ଅର୍ଜୁନ ତା'ର ବାହୁ ଦୁଇଟିକୁ ବାଢ଼େଇ ବାଢ଼େଇ ସନ୍ତର୍ପଣରେ ଆଗେଇଲା । କିଛିବାଟ ଯିବାପରେ ବାହୁ କାନ୍ଥରେ ବାଜିଲା । ପୁଣି ଗୋଟାଏ ମୋଡ଼ । ଏଥର ବାଁ ପଟକୁ ।

ମୋଡ଼ ବୁଲି କେତେ ପାଦ ଆଗକୁ ଯାଇ ଅର୍ଜୁନ ଠିଆ ହୋଇଗଲା । ହଠାତ୍ ଅନ୍ଧକାର ସ୍ୱଚ୍ଛ ହୋଇଛି । ବେଶ୍ କିଛି ଦୂରରେ ଚାରକୋଣିଆ ଗାତ ମୁହଁରେ ସବୁଜ ଆଲୋକର ଝିଲିମିଲି ।

ଅର୍ଜୁନ କହିଲା—'ଏହା ସୁଡ଼ଙ୍ଗ ।'

ସଂକୀର୍ଣ୍ଣ ସୁଡ଼ଙ୍ଗ କ୍ରମଶଃ ପ୍ରଶସ୍ତ ହୋଇଛି । କିନ୍ତୁ ସୁଡ଼ଙ୍ଗ ଶେଷରେ ବାହାରିବାର ପଥଟି ପ୍ରଶସ୍ତ ନୁହେଁ । ପ୍ରସ୍ଥ ଅନୁମାନ ଦୁଇହାତ, ଉଚ୍ଚତା ତିନିହାତ । ଜଣେ ମଣିଷ ଛଡ଼ା ଏକ ସଙ୍ଗରେ ବେଶୀ ପ୍ରବେଶ କରି ପାରିବେ ନାହିଁ ।

ଅର୍ଜୁନ ଓ ବଳରାମ ଗାତମୁହଁକୁ ଉଙ୍କି ମାରିଲେ । ଯାହା ଦେଖିଲେ ସେଥିରେ ତାଙ୍କ ଦେହ ଶକ୍ତ ହୋଇ ଉଠିଲା ।

ଗାତମୁହଁର ଚତୁଃପଟରେ ଓ ତଳେ ଯେଉଁସବୁ ଲତାଗୁଳ୍ମ ବଢ଼ାଇଥିଲା, ତାକୁ କାଟି ସଫା କରାହୋଇଛି । ଗାତମୁହଁରୁ ଜମି କ୍ରମଶଃ ଢାଲୁ ହୋଇ ପ୍ରାୟ କୋଡ଼ିଏ ହାତ ତଳକୁ ସମତଳ ହୋଇଛି । ସମତଳ ଭୂମିରେ ବଡ଼ ବଡ଼ ଗଛର ଜଙ୍ଗଲ । ଗଛଗୁଡ଼ିକ କିନ୍ତୁ ଘନ ନୁହେଁ । ଗଛର ଫାଙ୍କେ ଫାଙ୍କେ ବହୁଦୂର ପର୍ଯ୍ୟନ୍ତ ନିଷ୍ପାଦପ ଭୂମି ଦୃଷ୍ଟି-ଗୋଚର ହୁଏ । ଖୋଲା ଜମିରେ ଧାଡ଼ିଧାଡ଼ି ଅସଂଖ୍ୟ ତାଲପତ୍ରର କୁଡ଼ିଆ । କୁଡ଼ିଆରେ ଅଗଣିତ ମଣିଷ । ତାଙ୍କର ବେଶଭୂଷା ଓ ଅସ୍ତ୍ରଶସ୍ତ୍ର ଦେଖି ମନେହୁଏ ମଣିଷଗୁଡ଼ିକ ମୁସଲମାନ ସୈନିକ । ତାଛଡ଼ା ମାଟି ଉପରେ ରହିଛି ତାଳଗଛ ପରି ଲମ୍ବ ଲମ୍ବ କମାଣ । ସୈନିକମାନେ କମାଣ ଦେହରେ ଦଉଡ଼ିବାନ୍ଧି ତାକୁ ପାହାଡ଼ ଆଡ଼କୁ ଟାଣି ଆଣୁଛନ୍ତି । ବେଶୀ ପାଟିତୁଣ୍ଡ ନାହିଁ । ପ୍ରାୟ ନିଶବ୍ଦରେ କାମ ଚାଲିଛି ।

ବଲରାମ କିଛି ସମୟ ନିରୀକ୍ଷଣ କରି ଅର୍ଜ୍ଜୁନର ହାତଧରି ଭିତରକୁ ଟାଣି ନେଇଗଲା । ଗାତମୁହଁରୁ ବେଶ୍ କିଛି ଦୂରରେ ବସି ଦୁହେଁ ପରସ୍ପରର ମୁହଁକୁ ଅନାଇ ରହିଲେ । ଶେଷରେ ବଲରାମ ଧୀର କଣ୍ଠରେ କହିଲା—'ଗୁହା ଭିତରେ ପ୍ରତିଧ୍ୱନି ହୁଏ, ଆସ୍ତେ କୁହ । କ'ଣ ବୁଝିଲ ?'

ଟିକିଏ ଚୁପ୍ ରହି ଅର୍ଜ୍ଜୁନ କହିଲା—'ଏମାନେ ବହମନି ରାଜ୍ୟର ସୈନ୍ୟ ।'

ବଲରାମ କହିଲା—'ହଁ, କେତେ ସୈନ୍ୟ ?'

'ଛାଉଣୀ ଦେଖି ମନେହୁଏ ଦଶହଜାରରୁ କମ୍ ନୁହେଁ । ପଛରେ ଆଉ ଥାଇ ପାରନ୍ତି ।'

'ହୁଁ, ତାଙ୍କର ମତଲବ କ'ଣ ?'

'ଅତର୍କିତ ଭାବରେ ବିଜୟନଗର ଆକ୍ରମଣ କରିବାଛଡ଼ା ଆଉ କ'ଣ ମତଲବ ଥାଇପାରେ ? ସେମାନେ ଏଇ ସୁଡ଼ଙ୍ଗର ସନ୍ଧାନ ଜାଣନ୍ତି । ସେଥିପାଇଁ ସୁଡ଼ଙ୍ଗ ମୁହଁରୁ ଲତାଗୁଳ୍ମ କାଟି ସଫା କରିଛନ୍ତି । ଏଇବାଟ ଦେଇ ସୈନ୍ୟମାନେ ବିଜୟନଗରକୁ ପ୍ରବେଶ କରିବେ ।'

'ଆଉ କମାଣଗୁଡ଼ିକ ? ସେଗୁଡ଼ିକ ତ ସୁଡ଼ଙ୍ଗ ଦେଇ ଅଣାଯାଇ ପାରିବନାହିଁ !'

'ସେଥିପାଇଁ ବୋଧହୁଏ ତାଙ୍କର ଡେରି ହେଉଛି । କମାଣଗୁଡ଼ିକ ଆଗେ ପାହାଡ଼ ଡିଆଁଇ ଆଣିବେ, ତା'ପରେ ସେମାନେ ସୁଡ଼ଙ୍ଗ ଦେଇ ଆସିବେ ।'

'ମୋର ମଧ୍ୟ ତାହା ମନେହୁଏ ।' ବଲରାମ ଥଳିରୁ ଚୂଡ଼ା ଗୁଡ଼ ବାହାର କରି ଅର୍ଜ୍ଜୁନକୁ ଦେଲା, ନିଜେ ମଧ୍ୟ ନେଲା । କହିଲା—'ଏବେ ଆମର କର୍ତ୍ତବ୍ୟ କ'ଣ ?'

ଅର୍ଜ୍ଜୁନ କହିଲା—'ଏମାନଙ୍କ କାର୍ଯ୍ୟକଳାପ ଆଉ କିଛି ସମୟ ଲକ୍ଷ୍ୟ କରିବା ଦରକାର । ଆମେ ଯାହା ଅନୁମାନ କରୁଛେ ତାହା ଭୁଲ୍ ମଧ୍ୟ ହୋଇପାରେ ।'

ଦୁଇଜଣଯାକ ପ୍ରାତଃଭୋଜନ ଶେଷ କଲେ । ବଲରାମ କହିଲା—'ଇତିମଧ୍ୟରେ ମୋର ତ୍ରିଂଶ କମାଣରେ ବାରୁଦ ଦେଇ ପ୍ରସ୍ତୁତ ହୋଇ ରହେ । ଯଦି କେହି ସୁଡ଼ଙ୍ଗରେ ମୁଣ୍ଡ ପୁରାଏ ତାକୁ ବଧ କରିବ ।'

ଅର୍ଜ୍ଜୁନ କହିଲା—'ପ୍ରସ୍ତୁତ ଥିବା ଭଲ । ମୋର ମଧ୍ୟ ଇଚ୍ଛା ଅଛି ।'

ବଲରାମ ଅଳଗୁ କମାଣ ବାହାରକଲା । କମାଣରେ ବାରୁଦ ଓ ଗୁଳି ଭର୍ତ୍ତିକରି ନଡ଼ିଆକତା ଦଉଡ଼ିରେ ଝକମକ ଦ୍ୱାରା ନିଆଁ ଧରାଇଲା । ତା'ପରେ ଦୁହେଁ ଗାତମୁହଁର ଅନ୍ଧକାରରେ ଲୁଚି ସୈନ୍ୟମାନଙ୍କ କାର୍ଯ୍ୟବିଧି ଦେଖିବାକୁ ଲାଗିଲେ ।

ଯେତେ ବେଳା ବଢ଼ୁଛି, ସୈନିକମାନଙ୍କର କର୍ମତତ୍ପରତା ମଧ୍ୟ ବଢ଼ୁଛି । କେତେଜଣ ପଦସ୍ଥ ସେନାନୀ ସୈନିକମାନଙ୍କର କାମ ପରିଦର୍ଶନ କରୁଥାନ୍ତି । ସ୍ପଷ୍ଟଭାବରେ ବୁଝାଯାଏ, କମାଣଗୁଡ଼ିକ ଟାଣି ପାହାଡ଼ ପାର କରାଇବାର ଚେଷ୍ଟା ଚାଲିଛି । କିନ୍ତୁ କମାଣଗୁଡ଼ିକ ଏତେ ଭାରି ଯେ କାମ ଅତି ଧୀରେ ଧୀରେ ଆଗଉଛି ।

ଦ୍ୱିପହରକୁ କଟି କଟି ନାକାଡ଼ା ବାଜିଲା । ଏଇ ନାକାଡ଼ାର କ୍ଷୀଣ ଶବ୍ଦ ଗତ ରାତିରେ ସେମାନେ ଶୁଣିଥିଲେ । ସୈନିକମାନେ କାମବନ୍ଦ କରି ମଧ୍ୟାହ୍ନ ଭୋଜନ କଲେ । ବଲରାମ ଓ ଅର୍ଜ୍ଜୁନ ସେତେବେଳେ ଗାତମୁହଁକୁ ଚାଲିଆସିଲେ । ବଲରାମ କହିଲା—'ଆଉ ସନ୍ଦେହ ନାହିଁ । ଏବେ କର୍ତ୍ତବ୍ୟ କ'ଣ କୁହ ।'

ଅର୍ଜ୍ଜୁନ କହିଲା—'କର୍ତ୍ତବ୍ୟ ଅବିଳମ୍ବେ ରାଜାଙ୍କୁ ଖବର ଦେବା ।'

ବଲରାମ କିଛିକ୍ଷଣ ମୁଣ୍ଡ କୁଣ୍ଡାଇଲା । ରାଜା ଅର୍ଜ୍ଜୁନକୁ ନିର୍ବାସନ ଦେଇଛନ୍ତି; କିନ୍ତୁ ଅର୍ଜ୍ଜୁନ ବିଜୟନଗରକୁ ମାତୃଭୂମି ଜ୍ଞାନ କରେ, ବିଜୟନଗରକୁ ଅନିଷ୍ଟରୁ ରକ୍ଷା କରିବ । ବଲରାମର ରକ୍ତ ମଧ୍ୟ ଗରମ ହୋଇ ଉଠିଲା । ସେ କହିଲା—'ଠିକ୍ କଥା । କିନ୍ତୁ ରାଜାଙ୍କୁ ଅବିଳମ୍ବେ କିପରି ଖବର ଦିଆଯିବ ! ମୁଁ ଯାଇପାରେ; କିନ୍ତୁ ପାଦରେ ଚାଲିଚାଲି ଗଲେ ସମୟ ଲାଗିବ । ସେତେବେଳକୁ—' ବଲରାମ ଗାତମୁହଁ ଆଡ଼କୁ ହାତ ଦେଖାଇଲା ।

ଅର୍ଜ୍ଜୁନ କହିଲା—'ତୁମେ ଯିବ, ନା ମୁଁ ଯିବି ।'

ବଲରାମ ଚମକି କହିଲା—'ତୁମେ ଯିବ ! କିନ୍ତୁ ରାଜ୍ୟ ମଧ୍ୟରେ ଧରାପଡ଼ିଲେ ତ ତୁମର ମୁଣ୍ଡ ଯିବ !'

ଅର୍ଜ୍ଜୁନ କହିଲା—'ଗଲେ ଯାଉ । ମୋ ଜୀବନର କୌଣସି ମୂଲ୍ୟ ନାହିଁ । ଯଦି ବିଜୟନଗରକୁ ରକ୍ଷା କରିପାରେ—'

'ଅର୍ଜ୍ଜୁନ, ମୋ କଥା ଶୁଣ । ତୁମେ ଥାଅ, ମୁଁ ଯାଉଛି । କାଲି ଏଇ ସମୟରେ ପହଞ୍ଚି ପାରିବି ।'

'ନା । ହେତେବେଳକୁ ଶତ୍ରୁ କମାଣ ନେଇ ପାହାଡ଼ ପାର ହୋଇଥିବେ । ମୁଁ ଘୋଡ଼ାରେ ଚଢ଼ି ଶୀଘ୍ର ଯିବି । ଆଜ ରାତିରେ ହିଁ ରାଜାଙ୍କୁ ସମ୍ବାଦ ଦେଇ ପାରିବି ।'

'କିନ୍ତୁ—ତୁମେ ବିଜୟନଗରକୁ ଏତେ ଭଲପାଅ ?'

'ବିଜୟନଗରକୁ ବେଶୀ ଭଲପାଏ କି ରାଜାଙ୍କୁ ବେଶୀ ଭଲପାଏ, କି ବିଦ୍ୟୁନ୍ମାଳାକୁ ବେଶୀ ଭଲପାଏ, ତା ଜାଣେନା । କିନ୍ତୁ ମୁଁ ଯିବି ।'

ଏଇ ସମୟରେ ବାଧା ପଡ଼ିଲା । ଗାତମୁହଁର ବାହାରେ ମଣିଷର କଣ୍ଠସ୍ୱର । ବଲରାମ ଓ ଅର୍ଜ୍ଜୁନ ଶୀଘ୍ର ଉଠି ଗୁହା-ମୁହଁ ପାଖକୁ ଘୁଞ୍ଚିଗଲେ । ବଲରାମ ଥରେ ଗଲା ବଢ଼ାଇ ଦେଖିଲା ।

ଅର୍ଜ୍ଜୁନ କାନରେ ଫିସ୍ ଫିସ୍ କରି କହିଲା—'ତନଚାରିଜଣ ସେନାନୀ ଏଇଆଡ଼କୁ ଆସୁଛନ୍ତି । ପ୍ରସ୍ତୁତ ଥାଅ । ସେମାନେ ଗୁହା ମଧ୍ୟରେ ପାଦ ଦେଲେ କମାଣ ଚଳାଇବି ।' ବଲରାମ କ୍ଷିପ୍ର ହାତରେ କମାଣ ଓ ନିଆଁ ସଳିତା ନେଇ ଠିଆହେଲା ।

ସେନାନୀମାନେ ଡାଳୁ ଜମି ଦେଇ ଉପରକୁ ଉଠୁଛନ୍ତି । ତାଙ୍କ କଥାବାର୍ତ୍ତା ବିଚ୍ଛିନ୍ନ ଭାବରେ ଶୁଣାଯାଉଛି ।

'କମାଣଗୁଡ଼ିକ ଆଗେ ପାହାଡ଼ ସେପଟକୁ ନେବାକୁ ହେବ, ତାପରେ···'

'ସୈନ୍ୟମାନେ ଯେତେବେଳେ ଇଚ୍ଛା ସୁଡ଼ଙ୍ଗ ପାରହୋଇ ପାରିବେ···'

'ତୁମେ ସୁଡ଼ଙ୍ଗରେ ପଶି ଦେଖିଛ ?'

'ଦେଖିଛୁ । ମଝିରେ ଅନ୍ଧକାର । କିନ୍ତୁ ମଶାଲ ଜଳାଇଲେ···'

'ଆସ ତ ଦେଖି !'

ଗାତର ମୁହଁ ସଙ୍କୀର୍ଣ୍ଣ । ଏକ ଢଙ୍ଗରେ ଏକାଧିକ ବ୍ୟକ୍ତି ପ୍ରବେଶ କରିପାରିବେ ନାହିଁ । ବଲରାମ ଗାତମୁହଁ ଆଡ଼କୁ କମାଣ ଲକ୍ଷ୍ୟକରି ଠିଆହେଲା ।

ଜଣେ ମଣିଷ ଗାତ ମୁହଁରେ ଦେଖାଗଲା । ସେ ଗାତରେ ପ୍ରବେଶ କରିବା ପାଇଁ ପାଦ ବଢ଼ାଇଛି, ଏଇ ସମୟରେ ବଲରାମର କମାଣ ଛୁଟିଲା । ଗୁହା ମଧ୍ୟରେ ବିକଟ ପ୍ରତିଧ୍ୱନି ଉଠିଲା ।

ପ୍ରବେଶୋଦ୍ୟତ ଲୋକଟିର ଛାତିରେ ଗୁଳି ଲାଗିଲା । ସେ ଗାତ ବାହାରେ ପଡ଼ିଗଲା । ତାପରେ ଡାଳୁ ଜମିରେ ଗଡ଼ିଗଡ଼ି ତଳକୁ ଚାଲିଗଲା । ଅନ୍ୟ ଯେଉଁମାନେ ସାଙ୍ଗରେ ଥିଲେ ସେମାନେ ଏଇ ଅପ୍ରତ୍ୟାଶିତ ଉପଦ୍ରବରେ ଭୟପାଇ ଚିତ୍କାର କରି କରି ପଳାଇଲେ ।

ବଳରାମ ଉତ୍ତେଜିତ ଭାବରେ ଅର୍ଜ୍ଜୁନର କାନରେ କହିଲା—'ତୁମେ ଯାଅ । ରାଜାଙ୍କୁ ଖବର ଦିଅ । ମୁଁ ଏଠାରେ ଅଛି । ଯେତେ ସମସ୍ତ ବାରୁଦ ଅଛି, ସେତେ ସମସ୍ତ ଗୁହାରେ ତାହାଙ୍କୁ ପଶିବାକୁ ଦେବନାହିଁ ।' ସେ ପୁଣି କମାଣରେ ଗୁଳି ବାରୁଦ ଭର୍ତ୍ତି କରିବାକୁ ଲାଗିଲା ।

'ଚାଲିଲି ।' ଅର୍ଜ୍ଜୁନ ଥରେ ବଳରାମକୁ ଭଲକରି ଦେଖିନେଇ ସୁଡ଼ଙ୍ଗ ଭିତରେ ପ୍ରବେଶ କଲା । ହୁଏତ ଆଉ ଦେଖା ହୋଇ ନପାରେ ।

## —ପାଞ୍ଚ—

ସୁଡ଼ଙ୍ଗର ପୂର୍ବପଟରେ ବାହାରି ଅର୍ଜ୍ଜୁନ ଆକାଶକୁ ଚାହିଁଲା । ମେଘ-ଢଙ୍କା ଆକାଶରେ ସୂର୍ଯ୍ୟ ଟିକିଏ ପଶ୍ଚିମକୁ ଢଳିଛନ୍ତି । ବର୍ତ୍ତମାନ ଦେଢ଼ପ୍ରହର ବେଳ ଅଛି । ଏବେଠୁ ବାହାରି ପଡ଼ିଲେ ସନ୍ଧ୍ୟାପରେ ବିଜୟନଗରରେ ପହଞ୍ଚି ହେବ । ଅର୍ଜ୍ଜୁନ ଉପତ୍ୟକାକୁ ଆସିଲା ଓ ତାପରେ ବାଡ଼ରେ ଚଢ଼ି ପୂର୍ବମୁହାଁ ଘାଘ ପାଦଦୁଇଟିକୁ ଚଲାଇ ଦେଲା ।

ତେଜସ୍ୱୀ ଅଶ୍ୱ ଯେମିତି ଶୀଘ୍ର ଯାଏ, ଅର୍ଜ୍ଜୁନ ସେଇଭଳି ଶୀଘ୍ର ଚାଲୁଛି । ତେବେ ତାର ମନଃପୂତ ହେଉନାହିଁ, ଆଉ ଶୀଘ୍ର ଚାଲିପାରିଲେ ଭଲହୁଅନ୍ତା । ତା'ର ଆଶଙ୍କା, ଯଦି ଝଡ଼ବୃଷ୍ଟି ଆରମ୍ଭ ହୁଏ, ଯଦି ଘନମେଘର ଅନ୍ତରାଳରେ ସୂର୍ଯ୍ୟ ଅସ୍ତମିତ ହୁଅନ୍ତି, ତାହାହେଲେ ରାସ୍ତା ଚିହ୍ନି ବିଜୟନଗରକୁ ଫେରିଯିବା ସମ୍ଭବ ନୁହେଁ । ପଥର ଏକମାତ୍ର ନିର୍ଦ୍ଦେଶ ଦୂରରେ ବାଁପଟକୁ ତୁଙ୍ଗଭଦ୍ରାର ଉଦ୍‌ବେଳ ଧାରା । ତୁଙ୍ଗଭଦ୍ରାର ସମାନ୍ତରାଳରେ ଚାଲିଲେ, ରାସ୍ତା ଭୁଲିଯିବାର ସମ୍ଭାବନା ନାହିଁ । କିନ୍ତୁ ଯଦି ପ୍ରବଳ ବର୍ଷା ଫଳରେ ଚାରିଦିଗ ଆଚ୍ଛନ୍ନ ହୋଇଯାଏ, ତୁଙ୍ଗଭଦ୍ରା ଦେଖାଯିବ ନାହିଁ ।

ଅର୍ଜ୍ଜୁନ ଦୁଇ ଦଣ୍ଡରେ ଉପତ୍ୟକା ପାରହେଲା । ତାପରେ ଉଦ୍‌ଘାତପୂର୍ଣ୍ଣ ଶିଳା-ବିକୀର୍ଣ୍ଣ ଭୂମି । ସାବଧାନରେ ନ ଚାଲିଲେ, ଅପଘାତର ସମ୍ଭାବନା । ଅର୍ଜ୍ଜୁନ ସତର୍କ ଭାବରେ ଚାଲିବାକୁ ଲାଗିଲା । ତା'ର ଗତି ଅପେକ୍ଷାକୃତ ମନ୍ଥର ହେଲା । ତେବେ ବି ଏଇଭାବରେ ଚାଲିଲେ ସନ୍ଧ୍ୟାର ଅବ୍ୟବହିତ ପୂର୍ବରୁ ପହଞ୍ଚି ପାରିବ । ଏବେସୁଦ୍ଧା କୋଡ଼ିଏ କୋଶ ବାଟ ବାକି ।

ସୂର୍ଯ୍ୟ ଅହୁରି ତଳକୁ ଖସିଗଲେଣି । ଆକାଶରେ ଗାଢ଼ ମେଘ ଘନୀଭୂତ ହୋଇଛି । ସେଥିପାଇଁ ସୂର୍ଯ୍ୟାସ୍ତ ପୂର୍ବରୁ ଚାରିଆଡ଼ ଅନ୍ଧାରୁଆ, ଦୂରର ଦୃଶ୍ୟ ଅସ୍ପଷ୍ଟ ହୋଇଉଠିଛି ।

ତା'ପରେ ହଠାତ୍ ଗୋଟିଏ ଦୁର୍ଘଟଣା ଘଟିଲା । ଅର୍ଜୁନର ଗୋଟିଏ ବାଡ଼ ପଥର ସନ୍ଧିରେ ଅଟକେ ଯାଇ ଦୁଇଖଣ୍ଡ ହୋଇ ଭାଙ୍ଗିଗଲା । ଅର୍ଜୁନ ପ୍ରସ୍ତୁତ ନଥିଲା । ମାଟି ଉପରେ ଘାମୁଡ଼େଇ ପଡ଼ିଲା ।

ସଙ୍ଗେ ସଙ୍ଗେ ଉଠି ଭଙ୍ଗ ବାଡ଼କୁ ସେ ପରୀକ୍ଷା କଲା । ବାଡ଼ଟି ଠିକ୍ ମଝିରୁ ଭାଙ୍ଗିଛି । ବ୍ୟବହାରର ଉପାୟ ନାହିଁ । ଅର୍ଜୁନ କିଛି ସମୟ ମୁଣ୍ଡରେ ହାତଦେଇ ଠିଆ ହୋଇ ରହିଲା । ତା'ପରେ ଭଙ୍ଗାବାଡ଼ ଫୋପାଡ଼ି ଦେଇ ଛୁଟି ଚାଲିଲା ।

ସୂର୍ଯ୍ୟ ଅସ୍ତ ହେଲେ । ଯାହାକିଛିକେ ଆଲୁଅ ଥିଲା ତାହା ଲିଭିଗଲା । ଆକାଶର ସବୁ ଦିଗରୁ ଯେପରି ଦଳଦଳ ବାଦୁଡ଼ି ଆସି ଆକାଶକୁ ଛାଇ ଦେଲେ । ଆଉ କିଛି ଦେଖାଗଲା ନାହିଁ ।

ଅର୍ଜୁନ ତେବେ ସୁଦ୍ଧା ଛୁଟି ଚାଲିଛି । ପଥର ବାଜି ପାଦ କ୍ଷତବିକ୍ଷତ । କେଉଁଆଡ଼କୁ ଯାଉଛି ତା'ର ଜ୍ଞାନ ନାହିଁ । ତେବେ ସୁଦ୍ଧା ଅନ୍ତରର ଦୁରନ୍ତ ପ୍ରେରଣାରେ ଛୁଟିଚାଲିଛି ।

ରାତି କେତେ ? ପ୍ରଥମ ପ୍ରହର କ'ଣ ଚାଲିଗଲାଣି ! ତେବେ କ'ଣ ଆଜି ରାତିରେ ରାଜାଙ୍କ ନିକଟରେ ପହଞ୍ଚି ହେବ ନାହିଁ ? ଅର୍ଜୁନ ଥମକି ଠିଆହୋଇ ଚାରି-ଆଡ଼କୁ ଚାହିଁଲା । ନିଶ୍ଛିଦ୍ର ଅନ୍ଧକାରରେ ସହସା ଆଖିରେ ପଡ଼ିଲା ବାଁପଟର ଦିଗନ୍ତରେଖା ପାଖରେ କ୍ଷୁଦ୍ର ରକ୍ତାଭ ଗୋଟିଏ ଆଲୋକପିଣ୍ଡ । ପ୍ରଥମେ ସେ କିଛି ବୁଝିପାରିଲା ନାହିଁ । ତା'ପରେ ମନେ ପଡ଼ିଲା—ହେମକୂଟ ପର୍ବତ ଉପରର ଅଗ୍ନିସ୍ତମ୍ଭ । ସେ ଦିଗ୍‌ଭ୍ରାନ୍ତ ଭାବରେ ଦକ୍ଷିଣକୁ ଚାଲୁଥିଲା ।

ଗୋଟାଏ ନିଶାଣ ଯେତେବେଳେ ମିଳିଛି, ତେବେ ଆଉ ଭାବନା କ'ଣ । ବିଜୟନଗର ଏବେ ବହୁତ ଦୂର; କିନ୍ତୁ ସେଠାରୁ ଆଲୋକର କ୍ଷୀଣରେଖା ଦେଖାଯାଉଛି । ଅର୍ଜୁନ ଅଗ୍ନିବିନ୍ଦୁକୁ ଆଖିଆଗରେ ରଖି ପୁଣି ଦୌଡ଼ିବାକୁ ଲାଗିଲା ।

ମନେ ହେଉଛି ଯେପରି ଅଗ୍ନିପିଣ୍ଡଟି ଆକାରରେ ବଡ଼ ହେଉଛି । ଶିଖା ଦେଖାଗଲାଣି । ବିଜୟନଗର ଆଉ ବେଶୀ ଦୂର ନୁହେଁ ।

ତା'ପରେ ହଠାତ୍ ସବୁ ଲଣ୍ଡଭଣ୍ଡ ହୋଇଗଲା । ଅନ୍ଧକାରରେ ଛୁଟୁ ଛୁଟୁ ସହସା ତା'ର ପାଦତଳୁ ମାଟି ଖସିଗଲା ଓ ସେ ଜଳରେ ପଡ଼ିଗଲା । ପଡ଼ିବା ବେଗରେ ପାଣିରେ ବୁଡ଼ିଗଲା । ତା'ପରେ ସେ ଯେତେବେଳେ ମୁଣ୍ଡ ଉଠାଇଲା ସେତେବେଳକୁ ଭରା ନଦୀର ଖରସ୍ରୋତ ତାକୁ ଭସାଇନେଇ ଚାଲିଛି ।

ପୁଣି ତୁଙ୍ଗଭଦ୍ରା ନଦୀରେ ଆବଗାହନ । ଏଥର କିନ୍ତୁ ଭୟ ନାହିଁ । ତୁଙ୍ଗଭଦ୍ରା ତାକୁ ବିଜୟନଗରରେ ପହଞ୍ଚାଇ ଦେବ ।

ଅର୍ଜ୍ଜୁନ ଚାଲିଯିବା ପରେ ବଳରାମ କମାଣରେ ଗୁଳି-ବାରୁଦ ଭର୍ତ୍ତିକରି ସୁଡ଼ଙ୍ଗ ମଧ୍ୟରେ ବସିରହିଲା । ଗାତମୁହଁର ବାହାରେ ବହୁ କଣ୍ଠର ଉତ୍ତେଜିତ କଳରବ ଶୁଣାଯାଉଛି । କିନ୍ତୁ ଗାତମୁହଁ ପାଖକୁ କେହି ଆସୁ ନାହାନ୍ତି । ବଳରାମ ଦାନ୍ତ ଦେଖାଇ ହିଂସ୍ର ହସ ହସିଲା । ମନେ ମନେ କହିଲା—'ଯିଏ ଏଆଡ଼େ ଆସିବ ତାକୁ ଶହୀଦର ସରବତ୍ ପିଆଇବି । ସେ ସମୟରେ ମୁସଲମାନଙ୍କ ମଧ୍ୟରେ ପ୍ରବାଦ-ବାକ୍ୟ ପ୍ରଚଳିତ ଥିଲା, ହିନ୍ଦୁକୁ ମାରିବାକୁ ଯାଇ ଯଦି କେହି ମୁସଲମାନ ମରେ ତେବେ ସେ 'ଶହୀଦର ସରବତ୍' ପାନକରେ । ଅର୍ଥାତ ସ୍ୱର୍ଗକୁ ଯାଏ ।

ଦୁଇଦଣ୍ଡ ଅପେକ୍ଷା କରିବା ପରେ କେହି ଆସୁନାହାନ୍ତି ଦେଖି ବଳରାମ ଗୁହାମୁହଁକୁ ଆସିଲା । ବାହାରକୁ ଚାହିଁ ଦେଖିଲା, ପଚିଶ ହାତ ଦୂରରେ ହୈଚୈକାଣ୍ଡ ଚାଲିଛି । ବଲୁଉବସାକୁ ଟେକା ପକାଇଲେ ଯେପରି ହୁଏ ପରିସ୍ଥିତି ପ୍ରାୟ ସେଇଭଳି; ବିକ୍ଷିପ୍ତ ଚଞ୍ଚଳ ପତଙ୍ଗଭଳି ଅଗଣିତ ମୁସଲମାନ ସୈନିକ ବିଭ୍ରାନ୍ତ ଭାବରେ ଦୌଡ଼ା-ଦୌଡ଼ି କରୁଛନ୍ତି । ଅଧିକାଂଶ ସୈନିକ କଟିଦେଶରୁ ତରବାରି ବାହାରକରି ଆସ୍ଫାଳନ କରୁଥାନ୍ତି । କିନ୍ତୁ ମୃତ ଦେହଟି ଯେଉଁଠାରେ ଗଡ଼ିପଡ଼ିଥିଲା, କେହି ତା' ନିକଟ ଆସିବାକୁ ସାହାସ କରୁନାହାନ୍ତି । ଦଳେ ସୈନିକ ଅର୍ଦ୍ଧଚନ୍ଦ୍ରାକାରରେ ସଜ୍ଜିତ ହୋଇ ପଞ୍ଚାଶ ହାତ ଦୂରରେ ଠିଆହୋଇ ରହିଛନ୍ତି ଏବଂ ଏକଦୃଷ୍ଟିରେ ମୃତଦେହକୁ ଅନେଇ ରହିଛନ୍ତି ।

ସେମାନଙ୍କର ଭୟ ଓ ବିଭ୍ରାନ୍ତିର କାରଣ ଅନେକ ଥିଲା । ସେମାନେ ଭାବିଥିଲେ ନିକଟରେ ଶତ୍ରୁ ନାହାନ୍ତି । ସେମାନେ ଏହା ପୂର୍ବରୁ ଗାତରେ ପ୍ରବେଶ କରି ସୁଡ଼ଙ୍ଗର ଏପଟସେପଟ ଦେଖିଯାଇଛନ୍ତି । ଜନମାନବର ଦର୍ଶନ ପାଇନାହାନ୍ତି । ହଠାତ୍ ଏ କ'ଣ ହେଲା ? ଗୁହା ଭିତରୁ କେଉଁମାନେ ଅସ୍ତ୍ର ନିକ୍ଷେପ କଲେ ! କିଭଳି ଅସ୍ତ୍ର ! ତୀର ନୁହେଁ । ତୀର ହୋଇଥିଲେ ଦେହରେ ଫୁଟି ରହିଥାନ୍ତା । ତେବେ କିଭଳି ଅସ୍ତ୍ର ? ଆତତାୟୀ ମଣିଷ ନା ଜିନ୍ ! ଗ୍ରେଟ କମାଣ ଯେ ଥାଇପାରେ ଏହା ତାଙ୍କର ବୁଦ୍ଧିର ଅଜ୍ଞାତ ।

ସେନାନୀମାନେ ନିଜ ମଧ୍ୟରେ ଏଇ ଅଭାବନୀୟ ଘଟଣାର ଆଲୋଚନା କରିବାକୁ ଲାଗିଲେ; କିନ୍ତୁ କୌଣସି ସ୍ଥିର ସିଦ୍ଧାନ୍ତରେ ଉପନୀତ ହୋଇପାରିଲେ ନାହିଁ । ସମସ୍ତଙ୍କର କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା । ପାହାଡ଼ ପାର କରି କମାଣଗୁଡ଼ିକ ନେବା କାମ ସ୍ଥଗିତ ରହିଲା । ମୃତ ଦେହଟା ସାରାଦିନ ପଡ଼ିରହିଲା ।

ସୂର୍ଯ୍ୟାସ୍ତ ପରେ ଅନ୍ଧକାର ଗାଢ଼ ହେବାରୁ ଦଳେ ସୈନିକ ଚୁପ୍‌ଚାପ୍ ଆସି ଭୀତ-ଚକିତ ନୟନରେ ଗାତ ଆଡ଼କୁ ଚାହିଁ ଚାହିଁ ମୃତ ଦେହ ଟେକି ନେଇଗଲେ । ତା'ପରେ ଦୀର୍ଘକାଳ ଧରି କୌଣସି ପକ୍ଷରୁ ସାଡ଼ା ଶବ୍ଦ ନାହିଁ ।

ମଧ୍ୟରାତକୁ ବଲରାମ କମାଣ କୋଳରେ ରଖି ଟିକିଏ ଘୁମେଇ ପଡ଼ିଥିଲା, ହଠାତ୍ ଗୋଟାଏ ଜଳନ୍ତା ମଶାଲ ଗୁହା ମଧ୍ୟରେ ଆସି ପଡ଼ିଲା । ବଲରାମ ଚମକିପଡ଼ି ଆହୁରି କୋଣଆଡ଼କୁ ଘୁଞ୍ଚିଗଲା, ଯାହାଫଳରେ ମଶାଲର ଆଲୋକରେ ସେ ଦେଖା ନଯାଏ । କମାଣ ଉଦ୍ୟତ କରି ବସି ରହିଲା ।

କିନ୍ତୁ କେହି ଗୁହା ଭିତରକୁ ପ୍ରବେଶ କଲେ ନାହିଁ । ମଶାଲଟା ପ୍ରଚୁର ଧୂଆଁ ଛାଡ଼ି ଲିଭିଗଲା ।

କିଛିଦଣ୍ଡ ପରେ ଆହୁରି ଗୋଟିଏ ଜଳନ୍ତା ମଶାଲ ଆସି ପଡ଼ିଲା । ବଲରାମ ଶତ୍ରୁପକ୍ଷର ମତଲବ ବୁଝିଲା । ସେମାନେ ନିଆଁ ଓ ଧୂଆଁ ସାହାଯ୍ୟରେ ଲୁକ୍କାୟିତ ଆତତାୟୀକୁ ବାହାରକୁ ଆଣିବାକୁ ଚାହାନ୍ତି । ସେ ଚୁପ୍ କରି ରହିଲା ।

ସେପଟେ ବହମନୀ ସେନାନୀମାନଙ୍କ ମଧ୍ୟରେ କଳ୍ପନା-ଜଳ୍ପନାର ଅନ୍ତ ନଥିଲା । ଯଦି ଗୁହାରେ ଲୁଚିଥିବା ଜୀବ ବା ଜୀବଗଣ ମଣିଷ ହୋଇଥାନ୍ତି ତେବେ ସେମାନେ ନିଶ୍ଚୟ ବିଜୟନଗରର ଲୋକ । ଯଦି ବିଜୟନଗରର ଲୋକେ ଆକ୍ରମଣର କଥା ଜାଣି ପାରିଥିବେ ତାହାହେଲେ ଅତର୍କିତ ଆକ୍ରମଣ ବ୍ୟର୍ଥ ହୋଇଛି । ଏବେ କ'ଣ କର୍ତ୍ତବ୍ୟ ? ଗୁହା ଭିତରେ ଥିବା ଜୀବଗୁଡ଼ିକ ସମ୍ବନ୍ଧରେ ନିଃସଂଶୟ ନ ହେବା ପର୍ଯ୍ୟନ୍ତ କିଛି କରିହେବ ନାହିଁ ।

ରାତି ତୃତୀୟ ପ୍ରହରକୁ ପୁଣି ଗାତ ମୁହଁ ପାଖରେ ଆଲୁଅ ଦେଖାଗଲା । ଏଥର ମଶାଲ ଗୁହା ମଧ୍ୟକୁ ଫୋପଡ଼ା ଗଲାନାହିଁ, ଜଣେ କେହି ଗୁହା ବାହାରେ ଅଦୃଶ୍ୟ ଥାଇ ମଶାଲଟିକୁ ଭିତରେ ପ୍ରବିଷ୍ଟ କରାଇ ବୁଲାଇବାକୁ ଲାଗିଲା ।

ବଲରାମ ଚୁପ୍‌କରି ରହିଲା ।

ଲୋକଟି ତା'ପରେ ସାହାସ କରି ଗୁହା ଭିତରକୁ ପାଦ ବଢ଼ାଇଲା । ସେ ଗୁହା ଭିତରେ ପଦାର୍ପଣ କରିବା ସଙ୍ଗେ ସଙ୍ଗେ ଭୟଙ୍କର ପ୍ରତିଧ୍ୱନି କରି ବଲରାମର କମାଣ ଗର୍ଜନ କରି ଉଠିଲା । ଲୋକଟା ଆର୍ତ୍ତନାଦ କରି ପଡ଼ିଗଲା ଓ ମଶାଲ ମାଟିରେ ପଡ଼ି ଦପ୍‌ଦପ୍ କରିବାକୁ ଲାଗିଲା ।

ଲୋକଟା ଆଉ ଶବ୍ଦ କଲାନାହିଁ । ଗାତମୁହଁ ପାଖରେ ନିସ୍ତବ୍ଧ ହୋଇ ପଡ଼ି ରହିଲା । ମଶାଲର ଲିଭି ଲିଭି ଆସୁଥିବା ଆଲୋକ ସାହାଯ୍ୟରେ ବଲରାମ ପୁଣି କମାଣରେ ଗୁଳି-ବାରୁଦ ଭର୍ତ୍ତି କଲା । ତାର ଇଚ୍ଛା ହେଲା ଉଚ୍ଚସ୍ୱରରେ ଗୀତ ଗାଇବ— ହରେ ମୁରାରେ ମଧୁକୈଟଭାରେ ! କିନ୍ତୁ ସେ ଇଚ୍ଛାକୁ ଦମନ କଲା ।

ଏହାପରେ ଆଉ କେହି ଆସିଲେ ନାହିଁ । ମଶାଲ ମଧ୍ୟ ଲିଭିଲା ।

ମହାରାଜ ଦେବରାୟଙ୍କ ସନ୍ଧ୍ୟା ଆହାର ଶେଷ କରି ବିଶ୍ରାମକକ୍ଷରେ ଆସି ବସିଛନ୍ତି । ମନ୍ତ୍ରୀ ଲକ୍ଷ୍ମଣ ମଣ୍ଡପ ପଲଙ୍କ ନିକଟସ୍ଥ ହର୍ମ୍ୟତଳେ ବସି କୋଳ ନିକଟକୁ ପାନଡ଼ାଲା ନେଇ ଗୁଆ କାଟୁଥିଲେ । ମନ୍ତ୍ରୀ ଓ ରାଜା ନିମ୍ନସ୍ୱରରେ କିଛି ମନ୍ତ୍ରଣା କରୁଥିଲେ ।

ମଣିକଙ୍କଣା ମଝିରେ ମଝିରେ ଆସି ଦ୍ୱାର ଫାଙ୍କରୁ ଉଙ୍କି ମାରୁଥିଲା । ମନ୍ତ୍ରୀଟା ଏତେବେଳଯାଏ ବସି ଫିସ୍ ଫିସ୍ କରୁଛି । ସେ ନିରାଶ ହୋଇ ଫେରି ଯାଉଥିଲା ।

ରାଜା ଶେଷପର୍ଯ୍ୟନ୍ତ ବିଦ୍ୟୁନ୍ମାଳା ସମ୍ବନ୍ଧରେ ସବୁ କଥା ମନ୍ତ୍ରୀଙ୍କୁ କହିଥିଲେ । ସମସ୍ୟା ଥିଲା ବିଦ୍ୟୁନ୍ମାଳାକୁ ନେଇ କ'ଣ କରାଯିବ ! ଅନେକ ଆଲୋଚନା କରି ମଧ୍ୟ ସମସ୍ୟାର ନିଷ୍ପତ୍ତି ହୋଇନାହିଁ ।

ସହସା ବାହାର ଦୁଆର ସୋପାନରେ ଉଚ୍ଚସ୍ୱରରେ ବାକ୍ୟାଳାପର ଶବ୍ଦ ଶୁଣାଗଲା । ମନ୍ତ୍ରୀ ଭ୍ରୂ ଟେକି ଦ୍ୱାର ଆଡ଼କୁ ଚାହିଁଲେ, ରାଜା ଭ୍ରୂ-କୁଞ୍ଚିତ କଲେ । ତା'ପରେ ଜଣେ ପ୍ରତିହାରିଣୀ ଦ୍ୱାର ନିକଟକୁ ଆସି ଉତ୍କଣ୍ଠିତ କଣ୍ଠରେ କହିଲା— 'ଅର୍ଜ୍ଜୁନବର୍ମା ମହାରାଜାଙ୍କର ସାକ୍ଷାତ ଚାହାନ୍ତି ।'

ରାଜା ଓ ମନ୍ତ୍ରୀ ପରସ୍ପରରେ ଦୃଷ୍ଟି ବିନିମୟ କଲେ । ତା'ପରେ ମନ୍ତ୍ରୀ ପାନ-ଡ଼ାଲା ଘୁଞ୍ଚାଇ ରଖି ଠିଆ ହେଲେ । କହିଲେ—'ମୁଁ ଦେଖୁଛି ।'

ମନ୍ତ୍ରୀ ଦ୍ରୁତଗତିରେ ଦ୍ୱାର ବାହାରକୁ ଚାଲିଗଲେ । ରାଜା କଠିନ ଆଖିରେ ସେହିଆଡ଼କୁ ଚାହିଁ ରହିଲେ ।

ବେଶ୍ କିଛିସମୟ ପରେ ମନ୍ତ୍ରୀ ଅର୍ଜ୍ଜୁନକୁ ନେଇ ଫେରି ଆସିଲେ । ଅର୍ଜ୍ଜୁନର ସର୍ବାଙ୍ଗରୁ ପାଣି ଝରୁଛି । ଲୁଗା ଓ ପାଦଦ୍ୱୟ କର୍ଦ୍ଦମାକ୍ତ । ସେ ଟଳି ଟଳି ଆସି ରାଜାଙ୍କ ସମ୍ମୁଖରେ ଯୋଡ଼ହସ୍ତ ଉପରକୁ ଉଠାଇ ଅଭିବାଦନ କଲା, ତା'ପରେ ମୂଳକଟା ଗଛଭଳି ସଶବ୍ଦେ ମାଟିରେ ପଡ଼ିଗଲା ।

ମନ୍ତ୍ରୀ ଶୀଘ୍ର ତା' ଗ୍ରୀବାରେ ହାତରଖି ଦେଖିଲେ । କହିଲେ—'ଅବସନ୍ନ ଅବସ୍ଥାରେ ମୂର୍ଚ୍ଛା ଯାଇଛି । ବର୍ତ୍ତମାନ ଜ୍ଞାନ ଫେରିଆସିବ ।' ସେ ଅର୍ଜ୍ଜୁନ ମୁହଁରୁ ଯେଉଁ ଦୁଇପଦଟି କଥା ଶୁଣିଥିଲେ ତାହା ରାଜାଙ୍କୁ ନିବେଦନ କଲେ । ରାଜାଙ୍କ ମେରୁଦଣ୍ଡ ସିଧା ହେଲା ।

'ସତ କଥା ?'

'ସତ ବୋଲି ମନେହୁଏ । ମିଥ୍ୟାସମ୍ବାଦ ଦେବାପାଇଁ ଫେରିଆସିବ କାହିଁକି ?'

କିଛିସମୟ ପରେ ଅର୍ଜ୍ଜୁନର ଜ୍ଞାନ ହେଲା । ସେ ଧୀରେ ଧୀରେ ଉଠି ବସିଲା । ତା'ପରେ ଠିଆ ହେଲା । ସ୍ଖଳିତ ସ୍ୱରରେ କହିଲା—'ମହାରାଜ ! ଶତ୍ରୁସୈନ୍ୟ ପଶ୍ଚିମ ସୀମାନ୍ତରେ ରାଜ୍ୟ ଆକ୍ରମଣର ଚେଷ୍ଟା କରୁଛି ।'

ରାଜା କହିଲେ—'ବିଶଦ ଭାବରେ କୁହ ।'

ଅର୍ଜ୍ଜୁନ ବିସ୍ତାରିତ ଭାବରେ ସବୁକଥା କହିଲା । ରାଜା ଶୁଣି ମନ୍ତ୍ରୀଙ୍କ ଆଡ଼କୁ ଚାହିଁଲେ—'ଆର୍ଯ୍ୟ ଲକ୍ଷ୍ମଣ !'

କିନ୍ତୁ ମନ୍ତ୍ରୀଙ୍କୁ ଦେଖିବାକୁ ପାଇଲେ ନାହିଁ । ମନ୍ତ୍ରୀ କେତେବେଳେ ଅଲକ୍ଷିତରେ ଅନ୍ତର୍ହିତ ହୋଇଥିଲେ ।

ସହସା ବାହାରେ ଉଚ୍ଚସ୍ୱରରେ ରଣ-ଦୁନ୍ଦୁଭି ବାଜି ଉଠିଲା । ଆକାଶ-ବତାସ ଆଲୋଡ଼ିତ କରି ବାଜି ଚାଲିଲା, ଦୂର ଦୂରାନ୍ତରରେ ନିନାଦିତ ହେଲା । ବହୁ ଦୂରରୁ ଅନ୍ୟ ଦୁନ୍ଦୁଭି ରାଜପୁରର ଦୁନ୍ଦୁଭି ଧ୍ୱନି ସହିତ ବାଜିବାକୁ ଲାଗିଲା ।

ସାରା ରାଜ୍ୟରେ ବାର୍ତ୍ତା ଘୋଷିତ ହେଲା—'ଶତ୍ରୁ ରାଜ୍ୟ ଆକ୍ରମଣ କରୁଛି । ସତର୍କ ହୁଅ । ସକଳେ ସତର୍କ ହୁଅ—ସୈନ୍ୟଗଣ ପ୍ରସ୍ତୁତ ହୁଅ ।'

ଧନ୍ନାସ୍ଥକ ଲକ୍ଷ୍ମଣ ମଲ୍ଲପ କଟିରେ ତରବାରି ବାନ୍ଧୁ ବାନ୍ଧୁ ଫେରିଆସିଲେ । ରାଜା ଓ ମନ୍ତ୍ରୀ ମଧ୍ୟରେ ଦ୍ରୁତ ବାକ୍ୟାଳାପ ହେଲା—

'ସବୁ ପ୍ରସ୍ତୁତ ।'

'ରାଜଧାନୀରେ କେତେ ସୈନ୍ୟ ଅଛନ୍ତି ?'

'ତିରିଶ ହଜାର ।'

ରାଜା କହିଲେ—'ବହ୍ମମନୀ ଯେତେବେଳେ ପଶ୍ଚିମ ଦିଗରୁ ଆକ୍ରମଣ କରୁଛି ସେତେବେଳେ ପୂର୍ବ ଦିଗରୁ ମଧ୍ୟ ଆକ୍ରମଣ କରିବ ।'

ଲକ୍ଷ୍ମଣ ମଲ୍ଲପ କହିଲେ—'ମୋର ମଧ୍ୟ ସେଇଆ ମନେହୁଏ । ଏବେ ଆଦେଶ ?'

'ରାଜଧାନୀ ରକ୍ଷାପାଇଁ ନଗରପାଳ ନରସିଂହ ମଲ୍ଲି ଅଧୀନରେ ଦଶହଜାର ସୈନ୍ୟ ରହୁଛନ୍ତି । ମୁଁ ୧୦ ହଜାର ସୈନ୍ୟ ନେଇ ପଶ୍ଚିମ ସୀମାନ୍ତକୁ ଯାଉଛି । ଆପଣ ୧୦ ହଜାର ସୈନ୍ୟ ନେଇ ପୂର୍ବ ସୀମାନ୍ତକୁ ଯାଆନ୍ତୁ ।'

'ଭଲ । କେତେବେଳେ ଯାତ୍ରା କରାଯିବ ?'

'ମଧ୍ୟରାତ୍ରି ପୂର୍ବରୁ ।'

'ତେବେ ମଣ ଲର ବ୍ୟବସ୍ଥା କରେଁ ।' ମନ୍ତ୍ରୀ ଚାଲିଗଲେ । ଅର୍ଜ୍ଜୁନ ଆଡ଼କୁ କେହି ଚାହିଁଲେ ନାହିଁ । ଦୁନ୍ଦୁଭି ବାଜି ଚାଲିଲା ।

ମଣିକଙ୍କଣା ଏତେ ରାତିରେ ଦୁନ୍ଦୁଭିର ଶବ୍ଦ ଶୁଣି ହତଚକିତ ହୋଇଯାଇଥିଲା । ସେ ରାଜାଙ୍କ ନିକଟକୁ ଛୁଟି ଆସିଲା । ଅର୍ଜ୍ଜୁନକୁ ଦେଖି ଅଟକି ଠିଆ ହୋଇପଡ଼ିଲା—'ଏ କ'ଣ !'

ରାଜା କହିଲେ—'ମଣିକଙ୍କଣା ! ମୁଁ ଯୁଦ୍ଧକୁ ଯାଉଛି । ପିଙ୍ଗଳାକୁ ଡାକ, ମୋର ରଣସଜ୍ଜା ନେଇ ଆସୁ ।'

ମଣିକଙ୍କଣା କମ୍ପାନ୍ୱିତ ଦେହରେ ଶୁଣି ପଛକୁ ହଟି ହଟି ଚାଲିଗଲା ।

'ମହାରାଜ—'

ରାଜା ଅର୍ଜ୍ଜୁନ ଆଡ଼କୁ ଚାହିଁଲେ । ଅର୍ଜ୍ଜୁନର ଅସ୍ତିତ୍ୱ ସେ ଭୁଲି ଯାଇଥିଲେ ।

ଅର୍ଜ୍ଜୁନ କହିଲା—'ମହାରାଜ, ମୁଁ ଆପଣଙ୍କ ଆଜ୍ଞା ଲଙ୍ଘନ କରିଛି । ବିଜୟ-ନଗରକୁ ଫେରି ଆସିଛି । ସେଥିପାଇଁ ଦଣ୍ଡନୀୟ ।'

ରାଜା କହିଲେ—'ତୁମର ଦଣ୍ଡ ଆପାତତଃ ସ୍ଥଗିତ ରହିଲା । ତୁମେ କାରାଗାରରେ ବନ୍ଦୀ ହୋଇ ରହିବ । ମୁଁ ଯୁଦ୍ଧରୁ ଫେରିଆସିଲା ପରେ ତୁମର ବିଚାର ହେବ । ଯଦି ତୁମର ସମ୍ବାଦ ମିଥ୍ୟା ହୁଏ—'

ଅର୍ଜ୍ଜୁନ ଯୋଡ଼ହସ୍ତରେ କହିଲା—'ଗୋଟିଏ ଭିକ୍ଷା ଅଛି । ମୋତେ ଆପଣଙ୍କ ସଙ୍ଗରେ ନେଇ ଚାଲନ୍ତୁ । ଯଦି ମୋର ସମ୍ବାଦ ମିଥ୍ୟା ହୁଏ, ତତ୍‌କ୍ଷଣାତ୍ ମୋର ମୁଣ୍ଡଚ୍ଛେଦ କରିବେ ।'

ରାଜା କ୍ଷଣକ ବିବେଚନା କଲେ । 'ଉତ୍ତମ । ତୁମେ ଆମକୁ ବାଟ ଦେଖାଇ ନେଇଯାଇ ପାରିବ ।'

'ଧନ୍ୟ ମହାରାଜ ।'

ପିଙ୍ଗଳା ରାଜାଙ୍କର ବର୍ମଚର୍ମ ଶିରସ୍ତ୍ରାଣ ଓ ତରବାରି ନେଇ ପ୍ରବେଶ କଲା ।

## —ଛଅ—

ସେଦିନ ରାତିରେ ବିଜୟନଗର ରାଜ୍ୟରେ କାହାରିକୁ ନିଦ ହେଲାନାହିଁ । ରାତିର ଆକାଶ କମ୍ପାଇ ରଣଦୁନ୍ଦୁଭିର ନିନାଦ ସ୍ପନ୍ଦିତ ହେବାକୁ ଲାଗିଲା ।

ଦୁନ୍ଦୁଭିଧ୍ୱନିର ତାତ୍ପର୍ଯ୍ୟ ବୁଝିବାକୁ କାହାରି ବିଳମ୍ବ ହେଲାନାହିଁ । ଯୁଦ୍ଧ ! ଶତ୍ରୁ ଆକ୍ରମଣ କରିଛି । ଦୂର ଗ୍ରାମେ ଗ୍ରାମେ ଗୃହସ୍ଥମାନେ ଦୁନ୍ଦୁଭି ଶୁଣି ଶଯ୍ୟାରେ ଉଠି ବସିଲେ । ଘରେ ଅସ୍ତ୍ରଶସ୍ତ୍ର ଯାହା ଥିଲା ସେଥିରେ ଶାଣ ଦେବାକୁ ଲାଗିଲେ । ନଗରର ସାଧାରଣ ଜନଗଣ ପରସ୍ପର ଗୃହରେ ଯାଇ ଉତ୍ତେଜିତ କଳ୍ପନା-ଜଳ୍ପନା ଆରମ୍ଭ କରି

ଘୁଲିଲା । ମୁସଲମାନମାନେ ଯଦି ଏହା ନିଷ୍ଠରେ ପାହାଡ଼ ପାରହୋଇ ସୁଲ୍ତାନଙ୍କର ପୃଷ୍ଠପଟରେ ପହଞ୍ଚିଥାନ୍ତି, ତାହା ହେଲେ—!

ଅର୍ଜ୍ଜୁନ ରାଜାଙ୍କୁ ନେଇ ଫେରିବ କି ନା, କେତେବେଳେ ଫେରିବ, କିଏ ଜାଣେ ?

କିଛିଦୂର ଅଗ୍ରସର ହେବା ପରେ ଗୋଟିଏ ଧ୍ୱନିର ପ୍ରତିଧ୍ୱନି ବଲରାମର କାନରେ ପଡ଼ିଲା । ମଣିଷର କଣ୍ଠସ୍ୱର, ଦୂରରୁ ଆସୁଛି । କିନ୍ତୁ ପଥର ଦେହରେ ପ୍ରତିହତ ହୋଇ ବିକୃତ ହେଉଛି । ଶବ୍ଦର ଅର୍ଥବୋଧ ହେଉନାହିଁ ।

ବଲରାମ ସ୍ଥିର ହୋଇ ଶୁଣିବାକୁ ଲାଗିଲା । ଧ୍ୱନି କ୍ରମଶଃ ନିକଟେଇ ଆସୁଛି, ସ୍ପଷ୍ଟ ହେଉଛି । ତା'ପରେ କଣ୍ଠସ୍ୱର ପରିଷ୍କାର ହେଲା—'ବଲରାମ ଭାଇ !'

ମହାବିସ୍ମୟରେ ବଲରାମ ଚିତ୍କାରକରି ଉଠିଲା—'ଅର୍ଜ୍ଜୁନ ଭାଇ !'

ଅନ୍ଧକାରରେ ହାତରେ ହାତ ବାଜିଲା, ଦୁଇବନ୍ଧୁ ଆଲିଙ୍ଗନାବଦ୍ଧ ହେଲେ ।

'ବଲରାମ ଭାଇ, ତୁମେ ବଞ୍ଚି ଅଛ ?'

'ଅଛି, ତୁମେ ରାଜାଙ୍କ ଦର୍ଶନ ପାଇଛ ?'

'ପାଇଛି । ରାଜା ଦଶହଜାର ସୈନ୍ୟ ନେଇ ଉପସ୍ଥିତ ହୋଇଛନ୍ତି । କମାଣର ଶବ୍ଦ ଶୁଣିଲ । ସେମାନେ କ'ଣ କମାଣ ଚଲାଉଛନ୍ତି ?'

'ହଁ । କମାଣ ଚଲାଇ ଗୁହାର ମୁହଁ ଉଡ଼ାଇ ଦେଇଛନ୍ତି ।'

'ଛାଡ଼, ଆଉ ଭୟ ନାହିଁ । ଆସ ।'

ବିଜୟନଗରର ଦଶହଜାର ସୈନ୍ୟ ପର୍ବତର ପାଦଦେଶରେ ସମବେତ ହୋଇଥିଲେ । ରାଜାଙ୍କ ଆଦେଶରେ ସେମାନେ ଘୋଡ଼ା ଛାଡ଼ି ଦେଇ ପର୍ବତକୁ ଆରୋହଣ କଲେ ।

ପର୍ବତର ଅପରପ୍ରାନ୍ତରେ ବାହମନୀ ସୈନ୍ୟଦଳ ଯେତେବେଳେ ଦେଖିଲେ ବିଜୟନଗରବାହିନୀ ସେମାନଙ୍କୁ ସତ ଉପସ୍ଥିତ ଅଛନ୍ତି, ସେତେବେଳେ ସେମାନେ ଯୁଦ୍ଧପାଇଁ ପ୍ରସ୍ତୁତ ହେଲେ ନାହିଁ । କମାଣ ଓ ଛଣାବାସ ପକାଇଦେଇ ପଳାଇଗଲେ ।

ସେକାଳର ମୁସଲମାନମାନେ ଦୁର୍ଦ୍ଧର୍ଷ ଯୋଦ୍ଧା ଥିଲେ । ସମ୍ମୁଖ-ଯୁଦ୍ଧରେ କେତେବେଳେ ପଶ୍ଚାତ୍ପଦ ହୁଅନ୍ତି ନାହିଁ । କିନ୍ତୁ ଗୁଲ୍‌ବର୍ଗାର ବାହମନୀ ସୁଲ୍‌ତାନ ଆହମଦ ଶା'ଙ୍କ ନିକଟରେ ଖବର ପହଞ୍ଚିଥିଲା ଯେ ସେମାନଙ୍କର ଅତର୍କିତ ଆକ୍ରମଣ ବ୍ୟର୍ଥ ହୋଇଛି ।

ବର୍ଷାକାଳ ବିଜୟ ଅଭିଯାନର ଉପଯୁକ୍ତ ସମୟ ନୁହେଁ । ଅବଶ୍ୟ ଅତର୍କିତ ଆକ୍ରମଣ କରି ପରରାଜ୍ୟ କିଛିଟା ଦଖଲ କରି ବସିପାରିଲେ ଲାଭ ଅଛି । କିନ୍ତୁ ସମ୍ମୁଖ ଯୁଦ୍ଧ ଅସମୀଚୀନ । ସେ ତେଣୁ ସୈନ୍ୟଦଳକୁ ଫେରିଯିବା ପାଇଁ ଆଦେଶ ପଠାଇଥିଲେ ।

ବହ୍ମଣୀ ସୈନ୍ୟଦଳ ଯୁଦ୍ଧ-ସ୍ପୃହା ଦମନ କରି ଫେରି ଚାଲିଗଲେ । ବିଜୟନଗରର ସୈନ୍ୟମାନେ ମଧ୍ୟ ନିଜ ରାଜ୍ୟର ସୀମାନା ଅତିକ୍ରମ କଲେ ନାହିଁ । ଅବଶ୍ୟମ୍ଭାବୀ ଯୁଦ୍ଧ ସ୍ଥଗିତ ରହିଲା ।

ମହାରାଜ ଦେବରାୟ ଦୁଇହଜାର ସୈନ୍ୟ ପଶ୍ଚିମ ସୀମାନ୍ତରେ ରଖି ରାଜଧାନୀକୁ ଫେରି ଆସିଲେ । ଅର୍ଜ୍ଜୁନ ଓ ବଳରାମ ତାଙ୍କ ସଙ୍ଗରେ ଆସିଲେ ।

ସେପଟରେ ପୂର୍ବ ସୀମାନ୍ତରୁ ଧନ୍ନାୟକ ଲକ୍ଷ୍ମଣ ମଧ୍ୟ ଫେରି ଆସିଲେ । ସେଠାରେ ଶତ୍ରୁ ସୈନ୍ୟ ନଦୀ ପାରହେବାର ଉଦ୍‌ଯୋଗ କରୁଥିଲେ । ନଦୀର ପରପାରରେ ବିଜୟନଗରବାହିନୀ ଉପସ୍ଥିତ ଅଛନ୍ତି ଦେଖି ସେମାନେ ବିମର୍ଷ ଭାବରେ ପ୍ରସ୍ଥାନ କଲେ ।

ଅତଃପର ରାଜା ଓ ମନ୍ତ୍ରୀ ବହିଃଶତ୍ରୁ ସମ୍ବନ୍ଧରେ ଅନେକଟା ନିଶ୍ଚିନ୍ତ ହୋଇ ଆଭ୍ୟନ୍ତରୀଣ ଚକ୍ରାନ୍ତରେ ମନୋନିବେଶ କଲେ ।

ଶ୍ରାବଣ ମାସ ସମାଗତ । ରାଜଗୁରୁ ବିବାହର ଦିନ ସ୍ଥିର କରିଛନ୍ତି, ଶ୍ରାବଣ ଶୁକ୍ଳ ତ୍ରୟୋଦଶୀରେ ବିବାହ । ସୁତରାଂ ବିବାହର କଥା ସବାରେ ଚର୍ଚ୍ଚମାନ ।

ରାଜା ଓ ମନ୍ତ୍ରୀ ମିଶି ମନ ସ୍ଥିର କରିଛନ୍ତି ଯାହାଦ୍ୱାରା ସବୁ ଦିଗ ରକ୍ଷା ହେବ । ମନସ୍ଥିର କରି ସେମାନେ ରାଜଗୁରୁ ସଙ୍ଗରେ ପରାମର୍ଶ କରିଛନ୍ତି । ରାଜଗୁରୁ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଏଇ ସାମାନ୍ୟ ବ୍ୟତିକ୍ରମରେ ସମ୍ମତି ଦେଇଛନ୍ତି ।

ଦିନେ ଦ୍ୱିପହରବେଳେ ମଧ୍ୟାହ୍ନଭୋଜନ ସମାପନ କରି ମହାରାଜା ବିଶ୍ରାମ-କକ୍ଷରେ ଆସି ବସିଲେ । ପିଙ୍ଗଳା ହାତରୁ ପାନନେଇ କହିଲେ—'ବିଦ୍ୟୁନ୍ମାଳାକୁ ପଠାଇଦିଅ । ଆଉ ମଣିକଙ୍କଣାକୁ ଅଟକାଇ ରଖ । ସେ ଯେପରି ଏବେ ଏଠାକୁ ନ ଆସେ ।'

କିଛିକ୍ଷଣ ପରେ ବିଦ୍ୟୁନ୍ମାଳା ଧୀରେ ଧୀରେ କକ୍ଷରେ ପ୍ରବେଶ କଲେ । ଏଇ କେତେଦିନ ମଧ୍ୟରେ ତାଙ୍କର ଶରୀର କ୍ଷୀଣ ହୋଇଅଛି, ମୁହଁରେ ରକ୍ତହୀନ ପାଣ୍ଡୁରତା । ଭାବଭଙ୍ଗୀ ଈଷତ୍ ଆଡ଼ଷ୍ଟ । ସେ ରାଜାଙ୍କ ଆଗକୁ ଆସି ନତମୁଖରେ ଠିଆ ହେଲେ ।

ରାଜା କ୍ଷଣକାଳ ତାଙ୍କର ମୁହଁକୁ ଚାହିଁ ଗମ୍ଭୀର କଣ୍ଠରେ କହିଲେ—'ଶେଷଥର ପାଇଁ ପଚାରୁଛି । ତୁମେ ମୋତେ ବିବାହ କରିବାକୁ ଚାହଁନାହିଁ ?'

ବିଦ୍ୟୁନ୍ମାଳା ଆଖି ନୁଆଇଁ ମୌନ ରହିଲେ ।

ରାଜା କହିଲେ—'ଅର୍ଜ୍ଜୁନଙ୍କୁ ତୁମେ ମୋ'ଠାରୁ ଅଧିକ ଯୋଗ୍ୟତାର ପାତ୍ର ମନେ କର ?'

ଏଥର ମଧ୍ୟ ବିଦ୍ୟୁନ୍ମାଳା ନୀରବ । କେବଳ ତାଙ୍କର ଅଧର ଉପାନ୍ତ ଥରି-ଉଠିଲା ।

ରାଜା ଏକ ଦୀର୍ଘଶ୍ୱାସ ମୋଚନ କରି କହିଲେ—'ସ୍ତ୍ରୀଜାତିର ଚରିତ୍ର ସତରେ ଦୁର୍ଜ୍ଞେୟ । ଯାହାହେଉ ତୁମେ ଯେତେବେଳେ ପଣ କରିଛ ଅର୍ଜ୍ଜୁନ ଛଡ଼ା ଆଉ କାହାରିକୁ ବିବାହ କରିବ ନାହିଁ, ତେବେ ତାହାହିଁ ହେବ । ଅର୍ଜ୍ଜୁନ ସଙ୍ଗରେ ତୁମର ବିବାହ ଦେବି ।'

ବିଦ୍ୟୁନ୍ମାଳାର ମୁହଁ ଅତର୍କିତ ପ୍ରଶ୍ନଘାତରେ ଅନଙ୍ଗତମସ୍ୟ ହୋଇ ଉଠିଲା । ଅଧରୋଷ୍ଠ ଅଲଗା ହୋଇ ଥରି ଥରି କମ୍ପିବାକୁ ଲାଗିଲା । ସେ ଥରେ ଭୟସଙ୍କୁଳ ଚକ୍ଷୁ ରାଜାଙ୍କ ଆଡ଼କୁ ଉଠାଇ ପୁଣି ନତ କରି ପକାଇଲେ । ତା'ପରେ କମ୍ପିତ ଦେହରେ ତଳେ ରାଜାଙ୍କ ପାଦତଳକୁ ବସି ପଡ଼ିଲେ ।

ରାଜା ଆଙ୍ଗୁଳି ଦେଖାଇ କହିଲେ—'କିନ୍ତୁ ଗୋଟିଏ ସର୍ତ୍ତ ଅଛି ।'

ବିଦ୍ୟୁନ୍ମାଳା ଭୟରେ ପୁଣି ଆଖି ଉଠାଇଲେ । ସର୍ତ୍ତ ! କିଭଳି ସର୍ତ୍ତ !

ରାଜା କହିଲେ—'ତୁମର ବିଦ୍ୟୁନ୍ମାଳା ନାମ ଆଉ ଚଳିବ ନାହିଁ । ଆଜିଠାରୁ ତୁମର ନାମ ମଣିକଙ୍କଣା ! ବୁଝିଲ ?'

ବିଦ୍ୟୁନ୍ମାଳା କିଛି ବୁଝିପାରିଲେ ନାହିଁ । କିନ୍ତୁ ଏହା ଯଦି ସର୍ତ୍ତ ହୁଏ ତେବେ ଭୟର କ'ଣ ଅଛି ? ସେ କ୍ଷୀଣ ବାଷ୍ପରୁଦ୍ଧ କଣ୍ଠରେ କହିଲେ—'ଯଥା ଆଜ୍ଞା ଆର୍ଯ୍ୟ !'

ରାଜା ସେତେବେଳକୁ ବ୍ୟାଖ୍ୟା କରି କହିଲେ—'ମୁଁ ଗଜପତି ଭାନୁଦେବଙ୍କ କନ୍ୟା ବିଦ୍ୟୁନ୍ମାଳାକୁ ବିବାହ କରିବି ବୋଲି ତାକୁ ଏଠାକୁ ଆଣିଛି । କିନ୍ତୁ ତୁମେ ଯଦି ଅର୍ଜ୍ଜୁନଙ୍କୁ ବିବାହ କର ତା'ହେଲେ ମୋର ପ୍ରତିଶ୍ରୁତି ଭଙ୍ଗ ହୁଏ । ସୁତରାଂ ଆଜିଠାରୁ ତୁମର ନାମ ମଣିକଙ୍କଣା । ଯାଅ, ଅସଲ ମଣିକଙ୍କଣାକୁ ପଠାଇଦିଅ ।'

ବିଦ୍ୟୁନ୍ମାଳା ନତ ହୋଇ ରାଜାଙ୍କ ପାଦରେ ମଥା ରଖିଲେ; ଉଦ୍‌ବେଳିତ ଅଶ୍ରୁଧାରାରେ ରାଜାଙ୍କ ଚରଣ ଅଶ୍ରୁସିକ୍ତ ହେଲା ।

ବିଦ୍ୟୁନ୍ମାଳା ଚାଲିଯିବା ପରେ ମଣିକଙ୍କଣା ଆସିଲା । ତା'ର ଗତିଭଙ୍ଗୀ ମଧ୍ୟ ଶଙ୍କା ଜଡ଼ିତ, ଚକ୍ଷୁ ସଂଶୟରେ ବିସ୍ଫାରିତ । ସେ ଅସ୍ଫୁଟ ବାକ୍ୟ ଉଚ୍ଚାରଣ କଲା—'ମହାରାଜ, ମୋତେ ଡାକିଛନ୍ତି ?'

ରାଜା କହିଲେ—'ହଁ । ଆସ, ମୋ ନିକଟରେ ବସ ।'

ମଣିକଙ୍କଣା ଆସି ପଲଙ୍କ ଧାରରେ ବସିଲା । କହିଲା—'ମାଲା କାନ୍ଦୁଛି କାହିଁକି ?'

ରାଜା କହିଲେ—'ମୁଁ ଗାଳି ଦେଇଛୁ । ମୋତେ ବିବାହ କରିବାକୁ ଚାହେଁନା, ସେଥିପାଇଁ ଗାଳିଦେଇଛୁ ।'

ମଣିକଙ୍କଣାର ମୁହଁ ଧୀରେ ଧୀରେ ଉତ୍‌ଫୁଲ୍ଲ ହୋଇ ଉଠିଲା । ସେ ଏକ ଦୃଷ୍ଟିରେ ରାଜାଙ୍କ ମୁହଁକୁ ଚାହିଁ ରହିଲା ।

ରାଜା କହିଲା—'ସେ ଯେତେବେଳେ ମୋତେ ବିବାହ କରିବାକୁ ଚାହେଁନା ସେତେବେଳେ ତୁମକୁ ହିଁ ମୁଁ ବିବାହ କରିବି । କ'ଣ ରାଜି ?'

ମଣିକଙ୍କଣାର ମୁହଁ ଆନନ୍ଦରେ ଉତ୍ତେଜନାରେ ଲାଲ୍ ହୋଇ ଉଠିଲା । ରାଜା ପୁଣି ଆଙ୍ଗୁଳି ଉଠାଇ କହିଲେ—'କିନ୍ତୁ ଗୋଟାଏ ସର୍ତ୍ତ ଅଛି । ଆଜିଠାରୁ ତୁମର ନାମ—ବିଦ୍ୟୁନ୍ମାଳା । ମଣିକଙ୍କଣା ନାମଟା ମୋର ମୋଟେ ପସନ୍ଦ ନୁହେଁ ।'

ଏଇ ସର୍ତ୍ତ ! ବିଗଳିତ ହାସ୍ୟରେ ମଣିକଙ୍କଣା ମହାରାଜାଙ୍କ କୋଳ ଉପରେ ଲୋଟି ପଡ଼ିଲା ।

ସନ୍ଧ୍ୟାପରେ ରାଜାଙ୍କ ବିଶ୍ରାମକକ୍ଷରେ ଦୀପ ଜଳୁଛି । ରାଜା ଗୋଟିଏ କୋଷବଦ୍ଧ ତରବାରି କୋଳ ଉପରେ ରଖି ପଲଙ୍କରେ ବସିଛନ୍ତି । ପଲଙ୍କ ପାଖରେ ତଳେ ବସି ମନ୍ତ୍ରୀ ନିର୍ଲିପ୍ତଭାବରେ କୁଚ୍ କୁଚ୍ କରି ଗୁଆ କାଟୁଛନ୍ତି ।

ଅର୍ଜ୍ଜୁନ ବର୍ମା ଆସି ପ୍ରଣାମକରି ଠିଆହେଲା । ନାଗରିକମାନଙ୍କ ଭଳି ପରିଚ୍ଛନ୍ନ ବେଶବାସ, ହାତରେ ଅସ୍ତ୍ର ନାହିଁ । ରାଜା ତାହାକୁ ଆପଦମସ୍ତକ ଦେଖିଲେ । ତା'ପରେ ଧୀର ଗମ୍ଭୀର ସ୍ୱରରେ କହିଲେ—'ଅର୍ଜ୍ଜୁନ ବର୍ମା, ମୋ ଆଦେଶରେ ତୁମେ ବିଜୟ-ନଗରରୁ ନିର୍ବାସିତ ହୋଇଥିଲ । ସେ ଆଦେଶ ମୁଁ ପ୍ରତ୍ୟାହାର କଲି । ତୁମେ ଦେଶଭକ୍ତିର ଚୂଡ଼ାନ୍ତ ପରିଚୟ ଦେଇଛ । ନିଜର ପ୍ରାଣ ତୁଚ୍ଛକରି ମାତୃଭୂମିକୁ ବିପଦରୁ ଉଦ୍ଧାର କରିଛ । ତୁମକୁ ମୋର ତୁରଙ୍ଗ ବାହିନୀର ସେନାପତି ନିଯୁକ୍ତ କଲି । ଏଇ ନିଅ ତରବାରି ।'

ଅର୍ଜ୍ଜୁନ ନତଜାନୁ ହୋଇ ଦୁଇ ହାତରେ ତରବାରି ଗ୍ରହଣ କଲା । ତାପରେ ରାଜା ହାତ ହଲାଇ ତାକୁ ବିଦାୟ ଦେବାର ଉପକ୍ରମ କରନ୍ତେ ମନ୍ତ୍ରୀ ରାଜାଙ୍କ ମୁହଁକୁ ଚାହିଁ ହସିଲେ । ରାଜା ସେତେବେଳେ କହିଲେ—'ହଁ, ଭଲ କଥା । ଆଗାମୀ ଶୁକ୍ଳ ତ୍ରୟୋଦଶୀ ତିଥିରେ କଳିଙ୍ଗ ରାଜକନ୍ୟା ସଙ୍ଗରେ ତୁମର ବିବାହ । ପ୍ରସ୍ତୁତ ଥାଅ ।'

ଅର୍ଜ୍ଜୁନ ହତବୁଦ୍ଧି ଭାବରେ କିଛିକ୍ଷଣ ଠିଆ ହୋଇ ରହିଲା, ତା'ପରେ ଆଭୂମି ପ୍ରଣାମକରି ଚାଲିଗଲା ।

ଅର୍ଜୁନ ପରେ ବଳରାମ ଆସିଲା । ପ୍ରଣାମ କରି ରାଜାଙ୍କ ପାଦ ପାଖରେ ମାଟିରେ ବସିଲା । ରାଜା କିଛିକ୍ଷଣ ତାକୁ କଠୋର ଆଖିରେ ନିରୀକ୍ଷଣ କରି କହିଲେ—'ତୁମେ ମୋର ଅଜ୍ଞାତସାରରେ ଅର୍ଜୁନ ସଙ୍ଗରେ ପଳାଇଥିଲ, ସେଥିପାଇଁ ଦଣ୍ଡନୀୟ ।'

ବଳରାମ ହାତଯୋଡ଼ି କହିଲା—'ମହାରାଜ, ପିଲାଟା ବହୁତ କାତର ହୋଇପଡ଼ିଥିଲା, ତେଣୁ ସାଙ୍ଗରେ ଯାଇଥିଲି ।'

ମହାରାଜ କହିଲେ—'ହୁଁ, ତୁମେ କେଇଟା ମ୍ଲେଚ୍ଛ ମାରିଛ ?'

ବଳରାମ ବିରସ କଣ୍ଠରେ କହିଲା—'ଆଜ୍ଞା, ମାତ୍ର ଦୁଇଟି ।'

'ସବିସ୍ତାରେ କୁହ ।'

ବଳରାମ ସେଦିନ ବିଜୟନଗର ତ୍ୟାଗ ପରଠାରୁ ସମସ୍ତ ଘଟଣା ବିବୃତ କଲା । ରାଜା ଶୁଣି କିଛିକ୍ଷଣ ଚୁପ୍‌କରି ରହିଲେ । ଶେଷରେ ଦୀର୍ଘନିଶ୍ୱାସ ଛାଡ଼ି କହିଲେ—'ସମସ୍ତ ଭଗବାନଙ୍କ ଲୀଳା । ହୁଏତ ଏଇଥିପାଇଁ ହୁକ୍‌କ-ବୁକ୍‌କ ଆସିଥିଲେ । ଯାହାହେଉ, ଉପସ୍ଥିତ ତୁମମାନଙ୍କର ତୀକ୍ଷ୍ଣ ବୁଦ୍ଧି ପାଇଁ ବିପଦ ନିବାରିତ ହୋଇଛି । ତୁମେ ଯଦିଓ ଦଣ୍ଡନୀୟ ତଥାପି ପୁରସ୍କୃତ କରିବି ।' ଉପାଧାନ ତଳୁ ଗୋଟିଏ ସୁନାର ଅଙ୍ଗଦ ବାହାର କରି ରାଜା ବଳରାମକୁ ଦେଲେ—'ଏଇ ନିଅ ଅଙ୍ଗଦ, ପରିଧାନ କର । ବର୍ତ୍ତମାନଠାରୁ ତୁମେ ପ୍ରଧାନ ରାଜକର୍ମଚାରୀ, ଅସ୍ତ୍ରାଗାରର ସମସ୍ତ କର୍ମଚାରୀ ତୁମ ଅଧୀନରେ କାମ କରିବେ ।'

ବଳରାମ ବାହୁରେ ଅଙ୍ଗଦ ପିନ୍ଧିଲା । ମାଟିରେ ମୁଣ୍ଡ ଲଗାଇ ପ୍ରଣାମ କଲା । ତାପରେ ପୁଣି ହାତଯୋଡ଼ି କହିଲା—'ମହାରାଜ, ମୋର ଗୋଟିଏ ନିବେଦନ ଅଛି ।'

ରାଜା କହିଲେ—'ଭୟ ନାହିଁ, ତୁମର ଗୁପ୍ତବିଦ୍ୟା ପ୍ରକାଶ କରିବାକୁ ହେବନାହିଁ ।'

ବଳରାମ କହିଲା—'ଧନ୍ୟ ମହାରାଜ । ଆଉ ଗୋଟିଏ ନିବେଦନ ଅଛି ।'

'ପୁଣି ନିବେଦନ । କି ନିବେଦନ ?'

'ମହାରାଜ, ମୁଁ ବିବାହ କରିବାକୁ ଚାହେଁ ।'

ମହାରାଜାଙ୍କ ମୁଖରେ ଧୀରେ ଧୀରେ କୌତୁକ-ହାସ୍ୟ ଫୁଟି ଉଠିଲା—'ତୁମେ ମଧ୍ୟ ବିବାହ କରିବାକୁ ଚାହଁ । କାହାକୁ ?'

'ମହାରାଜ ! ତା'ର ନାମ ମଞ୍ଜିରୀ । ଆପଣଙ୍କ ଅନ୍ତଃପୁର ରନ୍ଧନଶାଳାର ଦାସୀ ।'

'ତାର ପିତୃ-ପରିଚୟ ଅଛି ?'

'ଅଛୁ ମହାରାଜ । ମନ୍ତ୍ରିଶ୍ୱର ପିତାଙ୍କ ନାମ ବୀରଭଦ୍ର, ସେ ମହାରାଜାଙ୍କ ହାତୀଶାଳାର ଜଣେ ହସ୍ତିପକ । ତାଙ୍କର ଅନୁମତି ମାଗିବାକୁ ଯାଇଥିଲି । ସେ କହିଲେ, ମହାରାଜ ଯଦି ଅନୁମତି ଦିଅନ୍ତି ତାଙ୍କର ଆପତ୍ତି ନାହିଁ ।'

ରାଜା କୁତୂହଳ-ଭରା ଆଖିରେ କିଛିକ୍ଷଣ ବଳରାମଙ୍କୁ ନିରୀକ୍ଷଣ କରି କହିଲେ— 'ବୀରଭଦ୍ରର ଯଦି ଆପତ୍ତି ନ ଥାଏ, ମୋର ମଧ୍ୟ ଆପତ୍ତି ନାହିଁ । ତୁମକୁ ବାନ୍ଧିରଖିବା ପାଇଁ କଠିନ ଶୃଙ୍ଖଳ ଦରକାର । ଏବେ ଯାଅ, ଆଗାମୀ ଶୁକ୍ଳ ତ୍ରୟୋଦଶୀ ଦିନ ତୁମର ବିବାହ ହେବ ।'

ବଳରାମ ମହା ଆନନ୍ଦରେ ପ୍ରଣାମ କରୁ କରୁ ପଛକୁ ହଟି ହଟି କକ୍ଷରୁ ନିଷ୍କ୍ରାନ୍ତ ହେଲା ।

ରାଜା ମନ୍ତ୍ରୀଙ୍କୁ ଚାହିଁ ହସିଲେ । କହିଲେ—'ମନ୍ଦ ହେଲାନାହିଁ । ଏକଦିନରେ ତିନୋଟି ବିବାହ । ଯେତେ ବେଶୀ ହୁଏ ସେତେ ଭଲ । ବିଦ୍ରୋହୀମାନଙ୍କ ଆଖିରେ ଧୂଳି ଦେବା ସହଜ ହେବ ।'

## —ସାତ—

ରାଜା ଏବଂ ରାଜକୁଳୋଦ୍ଭବ ପାର୍ଶ୍ୱପାର୍ଶ୍ୱୀମାନଙ୍କର ବିବାହ ହେବ ପମ୍ପାପତି ମନ୍ଦିରରେ—ଏହାହିଁ ଚିରାଚରିତ ବିଧି । ରାଜାଙ୍କ ଅନୁମତି ଥିଲେ ଅନ୍ୟ ବିବାହ ମଧ୍ୟ ପମ୍ପାପତି ମନ୍ଦିରରେ ସମ୍ପାଦିତ ହୋଇପାରେ ।

ରାଜାଙ୍କ ବିବାହ-ତଥ୍ୟ ଜନସାଧାରଣଙ୍କ ମଧ୍ୟରେ ପ୍ରଚାରିତ ହେବା ପରେ ରାଜ୍ୟସାରା ଉତ୍ସବ-ମୁଖର ହୋଇଉଠିଛି । ରାଜା ଏଥିପୂର୍ବରୁ ତିନଥର ବିବାହ କରିଛନ୍ତି । ଚତୁର୍ଥଥର ବେଶୀ ଧୂମଧାମ ହେବାର କଥା ନୁହେଁ । କିନ୍ତୁ ସଦ୍ୟ ବିପଦମୁକ୍ତି ପରେ ରାଜାଙ୍କ ବିବାହ —ସେଥିପାଇଁ ଉତ୍ସବ ଟିକିଏ ଜମକ ହୋଇଉଠିଛି । ଘରେ ଘରେ ଫୁଲମାଳ ଝୁଲିଲା । ନାନା ବର୍ଣ୍ଣର ପତାକା ଉଡ଼ିଲା । ନାଗରିକମାନେ ଦଳବଦ୍ଧଭାବରେ ଗୀତ ଗାଇ ଗାଇ ନଗର ପ୍ରଦକ୍ଷିଣ କରିବାକୁ ଲାଗିଲେ । ଛକ ଯାଗାମାନଙ୍କରେ ଯାଦୁକରଙ୍କ ଖେଳ, ପଡ଼ିଆରେ ମଲ୍ଲଯୋଦ୍ଧାମାନଙ୍କର ବାହାସ୍ଫୋଟ, ହାତୀ ଲଢ଼େଇ, ତୁଙ୍ଗଭଦ୍ରା ପାଣିରେ ନୌକାବିହାର । ବିଜୟନଗରର ପ୍ରଜାଗଣ ରାଜାଙ୍କୁ ଭଲ ପାଆନ୍ତି । ସ୍ୱତଃପ୍ରବୃତ୍ତ ହୋଇ ଉତ୍ସବରେ ଯୋଗଦାନ କରିଛନ୍ତି ।

ରାଜସଭା ପ୍ରାଙ୍ଗଣରେ ବିବାହ ମଣ୍ଡପ ରଚିତ ହୋଇଅଛି । ସେଠାରେ ଅହୋରାତ୍ର ପାନଭୋଜନ, ରଙ୍ଗରସ, ନୃତ୍ୟଗୀତ ଚାଲିଛି ।

ତା'ପରେ ବିବାହର ଦିନ ଆସି ଉପସ୍ଥିତ ହେଲା ।

ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ନଗରରେ ହୈ ଚୈ ପଡ଼ିଗଲା । ହାତୀ-ଘୋଡ଼ାର ଶୋଭାଯାତ୍ରା, ସେନାବାହିନୀ ବାଜଣା ବଜାଇ ସଦର୍ପେ ନଗର ପରିକ୍ରମା କଲେ । ଦଳ ଦଳ ନାଗରିକ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ମୂଲ୍ୟବାନ ବସ୍ତ୍ରାଳଙ୍କାରରେ ଭୂଷିତ ହୋଇ ପମ୍ପାପତି ମନ୍ଦିର ଆଡ଼କୁ ଧାବିତ ହେଲେ, ସେମାନେ ରାଜାଙ୍କ ବିବାହ ଦେଖିବେ ।

ରାଜ ବୈଦ୍ୟ ଦାମୋଦର ସ୍ୱାମୀ କୋହଲ ପାତ୍ର ଧରି ଅତିଥି-ଭବନରେ ଉପସ୍ଥିତ ହେଲେ । ରସରାଜ ଏଇମାତ୍ର ପ୍ରାତଃକୃତ୍ୟ ସମାପନ କରି ଜଳଯୋଗରେ ବସିଥିଲେ; ଦାମୋଦର ସ୍ୱାମୀ ଦ୍ୱାର ନିକଟରୁ ଡାକିଲେ — 'ବନ୍ଧୁ, ମୁଁ ଆସିଛି ।'

କ୍ଷୀଣଦୃଷ୍ଟି ରସରାଜ ଗଳା ଶୁଣି ଚିହ୍ନି ପାରିଲେ । କହିଲେ—'ଆରେ ବନ୍ଧୁ, ଆସ ଆସ ।'

ଦାମୋଦର ଆସି ବସିଲେ । କୋହଲ ପାତ୍ରଟି ଆଗରେ ରଖି କହିଲେ—'ଆଜି ମହା ଆନନ୍ଦର ଦିନ, ସେଥିପାଇଁ ତୁମ ପାଇଁ ଟିକିଏ କୋହଲ ଆଣିଛି । ସଦ୍ୟ ପ୍ରସ୍ତୁତ ତାଜା କୋହଲ, ତୁମେ ଟିକିଏ ଚାଖି ଦେଖ ।'

'ଏହା ବଡ଼ ଉତ୍ତମ କଥା । ମୋର କୋହଲ ପ୍ରାୟ ଶେଷ ହୋଇ ଆସିଛି । ସୁତରାଂ ଆସ, ତୁମର କୋହଲ ହିଁ ପାନ କରାଯାଉ ।'

ଦୁଇବନ୍ଧୁଙ୍କର ଉତ୍ସବ ଆରମ୍ଭ ହୋଇଗଲା ।

ସେପଟେ ଅନ୍ୟାନ୍ୟ କନ୍ୟାଯାତ୍ରୀମାନେ ମଧ୍ୟ ଉପସ୍ଥିତ ହୋଇ ନାହାନ୍ତି । ଏତେଦିନ ସେମାନେ ରାଜାଙ୍କ ଅତିଥି ଭାବରେ ପାନାହାର ବ୍ୟାପାରରେ ପରମ ଆନନ୍ଦରେ ଥିଲେ; କିନ୍ତୁ ଆଜି ସେମାନଙ୍କର ସମାଦର ଦଶଗୁଣ ବଢ଼ିଯାଇଛି । ରାଜପୁରୀରୁ ଭାରି ଭାରି ମିଷ୍ଟାନ୍ନ ପାକାନ୍ନ ପରମାନ୍ନ ଆସିଲା । ସେଇ ସଙ୍ଗରେ କଳସ କଳସ ସୁରା । ଦଳେ ରାଜପୁରୁଷ ଆସି ମିଷ୍ଟଭାଷାରେ ସମସ୍ତଙ୍କୁ ଅନୁରୋଧ ଉପରୋଧ କରିକରି ଆରମ୍ଭ କରି-ଦେଲେ । ଅରେ ରାଜା ସ୍ୱୟଂ ଆସି ସମସ୍ତଙ୍କୁ ଦର୍ଶନ ଦେଇଗଲେ । କନ୍ୟାଯାତ୍ରୀମାନେ ମାତି ଉଠିଲେ । ଅପର୍ଯ୍ୟାପ୍ତ ପାନାହାର ସଙ୍ଗେ ସଙ୍ଗେ ଅଙ୍ଗଭଙ୍ଗୀ ସହକାରେ ନୃତ୍ୟଗୀତ ଲମ୍ଫଝମ୍ପ କ୍ରୀଡ଼ାକୌତୁକ ଆରମ୍ଭ କରିଦେଲେ ।

ଫଳରେ ବିବାହର ଲଗ୍ନକାଳ ଯେତେବେଳେ ଉପସ୍ଥିତ ହେଲା, ସେତେବେଳେ ଦେଖାଗଲା ଅଧିକାଂଶ କନ୍ୟାଯାତ୍ରୀ ଧରାଶାୟୀ । ଯେଉଁମାନଙ୍କର ଟିକିଏ ସଂଜ୍ଞା ଅଛି,

ସେମାନେ ବିଗଳିତ କଣ୍ଠରେ ଅଶ୍ଳୀଳ ଗୀତ ଗାଉଛନ୍ତି ଏବଂ ନିଜ ଜଙ୍ଘରେ ମୃଦଙ୍ଗ ବଜାଉଛନ୍ତି ।

ରସରାଜଙ୍କ ଅବସ୍ଥା ମଧ୍ୟ ସେଇଭଳି । ବସ୍ତୁତଃ ଗୀତ ନ ଗାଇଲେ ମଧ୍ୟ ସେ ମୃଦୁସ୍ୱରରେ କାବ୍ୟଶାସ୍ତ୍ରର ରସାଳ ପଦଗୁଡ଼ିକ ଆବୃତ୍ତି କରୁଥିଲେ ଓ ମଦସିକ୍ତ ମସୃଣ ହସ ହସୁଥିଲେ । କତେଜଣ ରାଜପୁରୁଷ ଆସି ତାଙ୍କୁ ଗୋରୁଗାଡ଼ିରେ ବସାଇ ବିବାହ ମଣ୍ଡପକୁ ନେଇଗଲେ । କାରଣ, ସେ କନ୍ୟାକର୍ତ୍ତା, ବିବାହ-ମଣ୍ଡପରେ ତାଙ୍କର ଉପସ୍ଥିତି ଏକାନ୍ତ ପ୍ରୟୋଜନ ।

ରାଜପୁରୁଷମାନେ ରସରାଜଙ୍କୁ ନେଇ ବିବାହସଭାର ସୁବେଷ୍ଟଗରେ ବସାଇ ଦେଲେ । ପାଖାପାଖି ତିନିଯୋଡ଼ା ବର-କନ୍ୟା ବସିଛନ୍ତି । ରସରାଜ ଦେଖିଲେ, ଛଅ ଯୋଡ଼ା ବର-କନ୍ୟା । ସେ ପାତ୍ର-ପାତ୍ରୀଙ୍କର ମୁହଁ ଭଲକରି ଦେଖି ପାରିଲେ ନାହିଁ । କିନ୍ତୁ ଭଲକରି ଦେଖିବାର କ'ଣ ଅଛି ? ତାଙ୍କ ମନରେ ବଡ଼ ଆନନ୍ଦ ହେଲା । ସେ ଆନନ୍ଦାଶ୍ରୁ ମୋଚନ କଲେ, ହାତ ଉଠାଇ ସମସ୍ତଙ୍କୁ ଆଶୀର୍ବାଦ କଲେ ଏବଂ ଅଚିରାତ୍ ବସୁ ବସୁ ଶୋଇପଡ଼ିଲେ ।

ଯଥାସମୟରେ ବିବାହ-କର୍ମ ଶେଷ ହେଲା । ସମସ୍ତେ ଜାଣିଲେ, କଳିଙ୍ଗ ରାଜକନ୍ୟା ବିଦ୍ୟୁନ୍ମାଳା ସଙ୍ଗରେ ରାଜାଙ୍କର ବିବାହ ହୋଇଛି । ସନ୍ଦେହର କୌଣସି କାରଣ ନାହିଁ । ତେଣୁ କେହି କିଛି ସନ୍ଦେହ କଲେ ନାହିଁ । ଦର୍ଶକମାନେ ଆନନ୍ଦଧ୍ୱନି କରୁ କରୁ ସନ୍ତୁଷ୍ଟ ଚିତ୍ତରେ ଘରକୁ ଫେରିଗଲେ ।

## —ଆଠ—

ତୃତୀୟ ଦିନ ପ୍ରତ୍ୟୁଷରୁ କନ୍ୟାଯାତ୍ରୀ ଦଳ କୋଳାହଳ କରି ବୋଇତରେ ଉଠିଲେ । ଶ୍ରାବଣ ମାସରେ ତୁଙ୍ଗଭଦ୍ରା ଦୁଇକୂଳ ପ୍ଲାବିତ କରି ଛୁଟିଛି । ବୋଇତ ତିନୋଟି ସ୍ରୋତର ଅନୁକୂଳରେ ଖସି ଚାଲିଲା । ଯାତ୍ରୀମାନେ ଏଇ କେତେ ମାସ ରାଜାଙ୍କ ଅତିଥି ଭାବରେ ଖୁବ୍ ସୁଖରେ ଥିଲେ । କିନ୍ତୁ ତଥାପି ଭିତରେ ଭିତରେ ଘରଆଡ଼କୁ ମନ ଟାଣିବାକୁ ଆରମ୍ଭ କରିଥିଲା । ସକଳେ ବୋଇତର ପଟାଉପରେ ବସି କଳ୍ପନା କରିବାକୁ ଲାଗିଲେ, ବୋଇତଗୁଡ଼ିକ ଦେଢ଼ମାସରେ କଳିଙ୍ଗପତ୍ତନକୁ ଫେରିବ କିମ୍ବା ଦୁଇମାସ ମଧ୍ୟ ଲାଗିଯାଇପାରେ । ସ୍ରୋତ ଅନୁକୂଳରେ ନୌକା ଶୀଘ୍ର ଚାଲେ । ମନ ଆହୁରି ଶୀଘ୍ର ଚାଲୁଛି ।

ଚମ୍ପିଟଙ୍କର ମନର ଅବସ୍ଥା କିନ୍ତୁ ମନ୍ଦୋଦରୀ ଭଳି ନୁହେଁ । ଏଇ ତିନିମାସ ମଧ୍ୟରେ ଗ୍ରାମର ପରିବେଶ ତାଙ୍କର ଦେହସୁହା ହୋଇଗଲାଣି; କିନ୍ତୁ ସ୍ୱଦେଶକୁ ଫେରିବାର ଆଶା ସେ ଛାଡ଼ି ନାହାନ୍ତି । ଏଠାରେ ଛେଳି ଚରାଇବା ବିଶେଷ କଷ୍ଟକର କାମ ନୁହେଁ; କିନ୍ତୁ ଆତ୍ମମର୍ଯ୍ୟାଦାହାନୀକର । ସେ ରାଜାଙ୍କ ଶଳା—ଏ କଥା କୌଣସିମତେ ଭୁଲି ପାରୁ ନ ଥିଲେ ।

ସେଦିନ ଦି'ପହରକୁ ଆକାଶ ଲଘୁମେଘରେ ଢାଙ୍କି ହୋଇଥିଲା । ସୂର୍ଯ୍ୟ ରହି ରହି ଓଢ଼ଣା କାଢ଼ି ନବବଧୂ ଭଳି ସଲ୍ଲଜ ଦୃଷ୍ଟିପାତ କରୁଥିଲେ । ଚମ୍ପିଟଙ୍କ ଭୋଜନ ପରେ ଛେଳି ପଲ ନେଇ ବଣ ଆଡ଼କୁ ଯିବା ପୂର୍ବରୁ ମନ୍ଦୋଦରୀକୁ କହିଗଲେ—'ନଦୀକୂଳକୁ ଯିବୁ । ଯଦି ବୋଇତ ଆସେ—'

ମନ୍ଦୋଦରୀ କହିଲା—'ଆଚ୍ଛା ଗୋ ଆଚ୍ଛା । ତିନିମାସ ଧରି ନଦୀକୂଳକୁ ଯାଉଛି, ଆଜି ମଧ୍ୟ ଯିବି । କିନ୍ତୁ ବୋଇତ କାହିଁ ? ସେମାନେ କ'ଣ ଏବେ ମଧ୍ୟ ବସି ଅଛନ୍ତି, କେଉଁକାଳରୁ ଦେଶକୁ ଫେରିଗଲେଣି ।'

'ତେବେ ମଧ୍ୟ ଯାଅ ।' ଚମ୍ପିଟଙ୍କ ଗଭୀର ନିଶ୍ୱାସ ପକାଇ ଛେଳି ଚରାଇବାକୁ ଚାଲିଗଲେ । ତାଙ୍କର ଆଶାର ପ୍ରଦୀପ କ୍ରମଶଃ ଲିଭି ଲିଭି ଆସୁଛି ।

ତା'ପରେ ଘରର ସ୍ତ୍ରୀମାନେ ଘରର କାମଦାମ ସାରି ନଦୀକୁ ପାଣି ଆଣିବାକୁ ଗଲେ । ସେତେବେଳକୁ ମନ୍ଦୋଦରୀ କଳସୀ କାଖେଇ ତାଙ୍କ ସଙ୍ଗରେ ଗପ କରି କରି ଚାଲିଲା । ସ୍ତ୍ରୀଲୋକମାନେ ନଦୀଘାଟରେ ବେଶୀ ସମୟ ରହିଲେ ନାହିଁ । ଗାଧୋଇସାରି ନିଜ ନିଜ କଳସରେ ପାଣି ଭର୍ତ୍ତିକରି ଗ୍ରାମକୁ ଫେରିଗଲେ । ମନ୍ଦୋଦରୀ ବାଲି ଉପରେ ଗୋଡ଼ ଲମ୍ବାଇ ବସି ରହିଲା ।

ସ୍ନିଗ୍ଧ ପରିବେଶ । ଆକାଶରେ ମେଘ ଓ ସୂର୍ଯ୍ୟଙ୍କର ଲୁଚକାଳି ଖେଳ । ସମ୍ମୁଖରେ ଖରସ୍ରୋତା ନଦୀର କଳଧ୍ୱନି । ଏକାକିନୀ ବସି ବସି ମନ୍ଦୋଦରୀକୁ ନିଦ ଲାଗିଲା । ଦୁଇ ତିନି ଥର ହାଇମାରି ସେ ବାଲି ଉପରେ ନିଦରେ ଶୋଇପଡ଼ିଲା । ଦିବାନିଦ୍ରାର ଅଭ୍ୟାସ ବର୍ତ୍ତମାନ ସୁଦ୍ଧା ତାର ଯାଇନାହିଁ ।

ବେଳ ତୃତୀୟ ପ୍ରହର ଅତୀତ ହେବା ପରେ ମୁହଁରେ ସାମାନ୍ୟ ବୃଷ୍ଟିର ଛିଟା ଲାଗିବାରୁ ତାର ନିଦ ଭାଙ୍ଗିଗଲା । ସେ ଆଖି ମଳି ମଳି ଉଠି ବସିଲା । ତା'ପରେ ସାମନା ଆଡ଼କୁ ଦୃଷ୍ଟିପାତ କରି ପୁରାପୁରି ନିଷ୍ପଲକ ହୋଇଗଲା ।

ବୃଷ୍ଟିର ସୂକ୍ଷ୍ମ ପର୍ଦ୍ଦା ଭିତର ଦେଇ ଦେଖାଗଲା, ଆଗପଛ କରି ତିନୋଟି ବୋଇତ ନଦୀ ମଝିରେ ପୂର୍ବମୁହାଁ ହୋଇ ଚାଲିଛନ୍ତି । ପାଲତୋଳା ବୋଇତ ତିନୋଟି ମନେହୁଏ କୌଣସି ଅଚହ୍ଣା ଦେଶର ପକ୍ଷୀ ।

କିନ୍ତୁ ମନ୍ଦୋଦରୀ ପ୍ରାଣରେ ବିନ୍ଦୁମାତ୍ର ବିଶ୍ୱାସ ନାହିଁ । ସେ ଦେଖିଲା, ଅଚିହ୍ନା ଦେଶର ପକ୍ଷୀ ନୁହେଁ, ଛକୋଟି ଅଠ ପରିଚିତ ବୋଇତ କଳିଙ୍ଗ ଦେଶକୁ ଫେରି ଯାଉଛନ୍ତି ।

ମନ୍ଦୋଦରୀ ଛାତିରେ ଦୁମ୍ ଦୁମ୍ ଶବ୍ଦ ହେବାକୁ ଲାଗିଲା । ସେ କିଛିକ୍ଷଣ ଫାଙ୍କା ଆଖିରେ ଚାହିଁ ମୁହଁରେ କାନି ଢାଙ୍କି ପୁଣି ଶୋଇପଡ଼ିଲା । କି ବିପଦ ! ନୌକାଗୁଡ଼ିକ ଏତେଦିନ ଧରି ବିଜୟନଗରରେ ଥିଲା ! ଏତେ ଦିନ ଧରି କ'ଣ କରୁଥିଲେ ? ସ୍ୱାମୀଙ୍କୁ ଗ୍ରାମର ଅନ୍ୟ କେହି ଦେଖିନାହାନ୍ତି । ଜୟ ଦାରୁବ୍ରହ୍ମ ।

ତିନି ଚାରି ଦଣ୍ଡ ଶୋଇରହିବା ପରେ ସେ ମୁହଁରୁ ଲୁଗାକାନି କାଢ଼ି ଦନ୍ତର୍ପଣରେ ଉଙ୍କି ମାରିଲା । ତା'ପରେ ଝାଡ଼ିଝୁଡ଼ି ହୋଇ ଉଠି ବସିଲା ।

ନୌକା ଛକୋଟି ଚାଲିଯାଉଛି । ତୁଙ୍ଗଭଦ୍ରାର ଛାତି ଶୂନ୍ୟ ।

ସୂର୍ଯ୍ୟ ରଡ଼ ରଡ଼ ହେଲେଣି । ମନ୍ଦୋଦରୀ କଳସ କାଖେଇ ଗଜେନ୍ଦ୍ରଗମନରେ ଫେରି ଚାଲିଲା ।

ତପିଣ୍ଟିକ ସ୍ଥାନରେ ଗୁହା ସମ୍ମୁଖରେ ବସି ଅପେକ୍ଷା କରୁଥିଲେ । ମନ୍ଦୋଦରୀକୁ ଆସିବାର ଦେଖି ତା' ମୁହଁକୁ ସପ୍ରଶ୍ନ ଦୃଷ୍ଟିରେ ଚାହିଁଲେ । ମନ୍ଦୋଦରୀ କଳସକୁ ଗୁହାମୁହଁ ପାଖରେ ଥୋଇ ହାତ ହଲାଇ କହିଲା—'କେଉଁଠି ନୌକା ! ମିଛରେ ଭୁତ ଖୋଜା । କାଲିଠାରୁ ମୁଁ ଆଉ ଯାଇପାରିବ ନାହିଁ । ଯିବାକୁ ହେଲେ ତୁମେ ଯାଅ ।' ଏହା କହି ମନ୍ଦୋଦରୀ ଗୁହା ମଧ୍ୟରେ ପ୍ରବେଶ କଲା ।

ତପିଣ୍ଟିକ ଆକାଶ ଆଡ଼କୁ ଆଖି ତୋଳି ଦୀର୍ଘଶ୍ୱାସ ପକାଇଲେ ।

●